Digitized by srujanika@gmail.com

ଦ୍ୱିତୀୟ ବିଶ୍ୱ ମହାସମର ପୂର୍ବର ଏକ ଆଭିଜାତ୍ୟସଂପନ୍ନ ପରିବାରର କାହାଣୀକୁ ଭିତ୍ତି କରି ଗଢ଼ି ଉଠିଛି 'ସୀମାହୀନ'।

ପରିବାରଟିର ସୁଖସ୍ୱାଚ୍ଛନ୍ଦ୍ୟ, ସାବଳୀଳତା ମଧ୍ୟରେ ଜୀବନ ମନେ ହୋଇଥିଲା ସୁସ୍ଥ, ସୁନ୍ଦର। ଜମିଦାର ସୁଧୀରଂଜନଙ୍କର ଏକମାତ୍ର ପୁତ୍ର ବିଭୂରଂଜନ। ସ୍ତ୍ରୀ, ପୁଅ, ବୋହୂ, ନାତି, ନାତୁଣୀଙ୍କୁ ନେଇ ତାଙ୍କ ସଂସାର।

ହସକାନ୍ଦର ଜୁଆର ଭଟାରେ ଚିତ୍ରିତ ହୋଇଛି ପରିବାର ତଥା ସମାଜର ସେ ସମୟର ରୀତି, ନୀତି। ସ୍ୱାଧୀନତା ପୂର୍ବ ଏବଂ ପରବର୍ତ୍ତୀ ସମୟରେ ଜୀବନ ଝଡର ଧ୍ୱଂସସ୍ତୁପ ମଧ୍ୟରୁ ମୁଣ୍ଡ ଟେକିଛି ରେବତୀ।

'ସୀମାହୀନ' ଏ ସମାଜର ଏକ ନିଛକ ପ୍ରତିଛବି।

Digitized by srujanika@gmail.com

ସୀମାହୀନ

ଶକୁନ୍ତଳା ପଣ୍ଡା

Digitized by srujanika@gmail.com

ସୀମାହୀନ
ଲେଖିକା :
ଶକୁନ୍ତଳା ପଣ୍ଡା
ପ୍ରକାଶକ :
ସୁଚରିତା ପବ୍ଲିକେଶନ୍ସ
ପ୍ରା. ଲି.
୪୩୧ ଶହୀଦ ନଗର
ଭୁବନେଶ୍ୱର-୭୫୧୦୦୭
ମୁଦ୍ରଣ :
ସୁଚରିତା ପ୍ରେସ୍
ପ୍ରଥମ ପ୍ରକାଶ :
ନଭେମ୍ବର, ୧୯୯୩
ମୂଲ୍ୟ :
ଷାଠିଏ ଟଙ୍କା ମାତ୍ର

SIMAHINA
Written by :
Sakuntala Panda
Published by :
Sucharita Publications
(P) Ltd.
First Edition, 1993
Printers :
Sucharita Press
Price :
Rupees Sixty only

Digitized by srujanika@gmail.com

ନାନୀଙ୍କୁ

ଯାହାଙ୍କ ହସ ଲୁହର
କଥା ମୋତେ ଲେଖିବାର
ପ୍ରେରଣା ଦେଇଛି ।

Digitized by srujanika@gmail.com

ସଞ୍ଜ ଅନ୍ଧାରରେ ନଈ ସେପାରି ଗଛଗହଳି ଭିତରେ ବହୁ ଦୂରକୁ ଆଖି ପକେଇଲେ ବି ସେଇ ଗୁଳଘର ସବୁ ବାରି ହେଇ ଯାଉଥିଲା । ଠିକ୍ ଗୁଳଘର ଭଳି ଦେଖା ନଗଲେ ମଧ୍ୟ ମନେହେଉଥିଲା ସତେ ଯେମିତି କେତୋଟି କଳା କଳା ବିନ୍ଦୁ । ସେଇ ରାସ୍ତା ଲମ୍ବିଯାଇଛି ଆଉ କେତେ ଦୂରକୁ । କେଜାଣି କେତେ ଦୂର ହେବ । ତା'ପରେ ତାଙ୍କ ଘର । ସାମନାକୁ ଫୁଲବଗିଚା, ଚଉରା । ପାହାଚରେ ଉପରକୁ ଉଠିଲେ ଚଉପାଢ଼ୀ । ରାତି ପାହି ସକାଳ ହେଲେ ଗାଁର କିଏ କେତେ ମାମଲତକାର ଆସି ସେଇଠି ଜମନ୍ତି ।

ସୁଧୀରଞ୍ଜନ ବିଛଣା ଛାଡ଼ି ନିତ୍ୟକର୍ମ, ଠାକୁର ପୂଜା, ପ୍ରାର୍ଥନା ସାରି ଚଉ-ପାଢ଼ୀରେ ପହଞ୍ଚିବା ବେଳକୁ ସକାଳର ପ୍ରଥମ ଖରା ବଗିଚାର ଗଛପତ୍ର ଛୁଇଁ ସାରି-ଥାଏ । ତାଙ୍କ କଣ୍ଠରୁ ଶବ୍ଦ ଆଉ ତା' ସଙ୍ଗେ ସଙ୍ଗେ ଉଚ୍ଚସ୍ୱରର ଶୁଦ୍ଧ ମନ୍ତ୍ର ଉଚ୍ଚାରଣ ଶୁଣି ପିଲମାନଙ୍କ ଆଖିରୁ ନିଦ ଛାଡ଼ିଆସେ । ତା'ପରେ ଇଷ୍ଟଦେବତା ଗୋପାଳଙ୍କ ପାଖରେ ପୂଜାଘଣ୍ଟି ବାଜିବା ଶବ୍ଦରେ ଆଉ ବିଛଣାରେ ଶୋଇ ହୁଏନି ।

ରୋଷେଇଘରୁ ବଡ଼ବୋଉମା'ଙ୍କ ଡାକ ଶୁଭେ, "ଆଲୋ ସୁରି, ଏବେ ଯାଏ କେତେ ଶୋଇଛ ! ଉଠିପଡ଼ ।"

Digitized by srujanika@gmail.com

ରେବ କହେ, "ଦେଖୁଛୁ ନାନୀ, ଏ ଆମକୁ ଶୋଇଦେବନି !" ଟୁନା, କୃଷ୍ଣ ତେଣେ ଗୋଡ଼ଠୁଁ ମୁଣ୍ଡ ପର୍ଯ୍ୟନ୍ତ ରେଜେଇ ଢାଙ୍କି ଶୋଇ ରହିଛନ୍ତି । ତାଙ୍କୁ କେହି କେବେ ଡାକନ୍ତି ନାହିଁ । ସବୁତକ ଶାସନ ଏଇ ଝିଅଙ୍କ ଉପରେ । ଜେଜେମା' ପୁଣି ଥରେ ଆସି ରେଜେଇଟଣା ଆରମ୍ଭ କରିଦିଏ, "ଆଲୋ ହେ ସୁରି, ଆଉ କେତେଟା ଦିନରେ ଶାଶୁଘର ଯିବୁ । ସକାଳ ପହରେ ଏମିତି ଶୋଇବୁ !"

"ତୁ ଯାଆ ଗଲୁ ଏଠୁ । ମୁଁ ଉଠିବିନି ଏବେ !"

"ମା'ଟା ପର ଉଠିପଡ଼" ମୁଣ୍ଡ ଉପର ଝରକା ଖୋଲି 'ଥୁ' କରି ପାନଛେପ ବାହାରକୁ ପକେଇଲେ ରଙ୍ଗଲତା ।

"ଓହୋ, ଏ ବୁଢ଼ୀ ଆଉ ଶୋଇ ଦେବନି !" ରେଜେଇ ଫୋପାଡ଼ି ରେବ, ସୁରି ଉଠି ପଡ଼ନ୍ତି । ଠିକ୍ ସେତିକି ବେଳକୁ ଠାକୁର ଘରେ ସକାଳ ଆଳତୀର ଘଣ୍ଟା ବାଜେ । ତେଣେ କୃଷ୍ଣ, ଟୁନା ଜେଜେଙ୍କ ଡରରେ ବିଛଣାରୁ ଉଠିପଡ଼ି ଦାନ୍ତକାଠି ଧରି କୂଅ ମୂଳକୁ ଦୌଡ଼ି ପଳାନ୍ତି । କେତେ ଜଲଦି ଦାନ୍ତଘଷା ସରିଯାଏ କେଜାଣି, ତେଣେ ରଙ୍ଗଲତା ଜଳଖିଆ ସଜାଡ଼ି ବୋହୂ ହାତରେ ସୁଧୀରଞ୍ଜନଙ୍କ ପାଇଁ ପଠେଇ ନ ସାରୁଣୁ ଏମାନେ ପାଟି କରନ୍ତି, "ଜେଜେମା, ଆଜି କ'ଣ ଭୋଗ ହେଇଛି ?"

"ଯାଲ ଯାଲ, ନଉଚି ତୁମ ପାଇଁ !" ବଡ଼ ନାତି ଦୁହେଁ ରଙ୍ଗଲତାଙ୍କର ନୟନର ମଣି, ତାଙ୍କୁ ଭୋକ ଲଗିଲେ ରଙ୍ଗଲତାଙ୍କ ମୁହଁ ଶୁଖିଯାଏ । ଆଉ ରେବ, ସୁରି ? ସେ ତ ପରଘରି । ସ୍ନେହ ମମତା ଲଗାଇଲେ ଝୁରି ହେବା ସାର ହେବ ଯାହା । ସୁରିଟା କେତେଟା ମାସ ପରେ ବୈଶାଖରେ ଶାଶୁଘର ଯିବ, ବାକି ରେବ !"

ଯାହୁଁ ଯାହୁଁ ଦିନ ଯାଲିଗଲା । ସକାଳେ ସଞ୍ଜେ ସାଙ୍ଗ ସାଥିଙ୍କ ମେଳରେ ଫୁଲ ବଗିଚାରେ ଦୌଡ଼ାଦୌଡ଼ି କରି ମଲ୍ଲୀ, ଗୋଲାପ, ଜୁଇ, ସେବତୀ ଫୁଲର ବାସ୍ନାରେ ଭିଜି ଭିଜି ଖେଳିବା ବେଳେ ହଠାତ୍ ଦିନେ ରେବତୀ ଶୁଣିଲା, ତା' କାନରେ କିଏ ଥିରି ଥିରି କହୁଛି, "ବଉଳ ଲୋ ଜାଣିଛୁ, ଆଜି ତୋର ବରଘର ଦେଖିବାକୁ ଆସିବେ !" ମାଳକୁ କହୁଣିରେ ଠେଲି ଦେଇ 'ବୋହୂ'କୁ ଘେରିକରି ନେଇ ଦୌଡ଼ି ପଳାଇଲା ରେବତୀ ।

ମାଳ ଆଖିରେ ପାଣି ଯାଲି ଆସିଥିଲା । 'ବୋହୂ'କୁ ଜଗିବାବେଳେ ସେ ସିନା ଥିରି ଥିରି ଏକଥା କହିଦେଲା, ହେଲେ ଉଦଣ୍ଡୀ ରେବତୀ ଦଳ ଯେ ଜିତିଗଲେ । ସେଇଠୁ ଦୌଡ଼ି ଦୌଡ଼ି ସମସ୍ତେ ଯାଲିଲେ ନଈ କୂଳକୁ ।

Digitized by srujanika@gmail.com

ଆଉ ପାଇ ମିଶ୍ରଙ୍କ ପୁଅ ସୂର୍ଯ୍ୟ ତା' ସାଙ୍ଗସାଥିଙ୍କୁ ଧରି ବାଲିରେ ଗାତ ଖୋଳୁଥିଲା । ଏମାନେ ସେଇଠି ପହଞ୍ଚି କହିଲେ, "ଆମେ ତୁମ ସଙ୍ଗେ ଖେଳିବୁ ।" ସମସ୍ତେ ଘଗ ଘଗ ହେଇ ଘର ତିଆରି କଲେ । ରେବ ସୂର୍ଯ୍ୟଙ୍କୁ ଥିର୍ କରି ଡାକି ଦେଲା । ସେ ଜାଣିଛି, ସୂର୍ଯ୍ୟ ଭଳି କେହି ଘର କରି ଜାଣନ୍ତି ନାହିଁ ।

କେତେ ସୁନ୍ଦର ସେମାନଙ୍କ ବାଲିଘର । ଫ୍ରକ୍ ପକେଟରୁ ପତ୍ରଲଗା ଫୁଲ ସବୁ କାଢ଼ି ସୂର୍ଯ୍ୟ ହାତରେ ଧରେଇ ଦେଇ ରେବତୀ କହିଲା, "ଆମର ଘର ଆଗରେ ଫୁଲ ବଗିଚ୍ କରିବା ।" ସମସ୍ତଙ୍କୁ ଲୁଚେଇ ଲୁଚେଇ ସେମାନେ ବାଲିରେ ଫୁଲ ସବୁ ପୋତି ଦେଲେ । ଚଉଘର କରି ତୁଳସୀଡାଳ ପୋତିଲେ ।

ସବୁଠୁ ଆଗ ଘର ତିଆରି ସାରି ଠିଆ ହେଇ ପଡ଼ି ସୂର୍ଯ୍ୟ, ରେବ ତାଳି ମାରି ହସିଲେ, "ଆମେ ଫାଷ୍ଟ... ଦେଖ, ଆମ ଘର କେଡ଼େ ସୁନ୍ଦର ।"

ସମସ୍ତେ ସେଇ ଆଡ଼େ ଚାହିଁ ରହିଲେ ।

"ରେବ ନାନୀ, ସେଇ ବଗିଚାରେ ଖେଳୁଥିଲ, କେତେବେଳେ ଆସି ତମେ ଏଠି ? ଚାଲ ଚାଲ ବୁଢ଼ାବାବୁ ଚେଣେ ରାଗୁଛନ୍ତି ।" ଘର ଚାକିରିଆ ସୁଦର୍ଶନ ଡାକିବାକୁ ଆସିଛି । "ଯା' ପଳା, ଖେଳ ସାଇନି, ଏବେ କ'ଣ ଘରକୁ ଯିବି ।" ରେବତୀ ଖେଳ ଛାଡ଼ି ଯିବାକୁ ରାଜି ନୁହେଁ ।

"ନାଇଁ ନାଇଁ ତମେ ଚାଲ, ସମସ୍ତେ ମୋ ଉପରେ ରାଗିବେ । କିଏ ସବୁ କୁଣିଆ ଆସି ଯିବେଣି ତେଣେ ।"

ମାଳ ସାଙ୍ଗମାନଙ୍କ କାନରେ କହିଲା, "ବଉଳର ବା'ଘର..."

ସମସ୍ତେ ହସି ଉଠିଲେ ।

ରେବତୀ ମାଳକୁ ରାଗିଲା ଆଖିରେ ଚାହିଁ ରହିଥାଏ । ଶେଷକୁ ମାଳର ବାଲିଘରକୁ ଗୋଡ଼ରେ ଠେଲି ଦେଇ ଦୌଡ଼ି ଦୌଡ଼ି ପଳେଇଲା ସେ ।

ଚଉପାଢ଼ୀରେ ସୁଧୀରଂଜନ ବସିଛନ୍ତି । ଦଶଖଣ୍ଡ ମୌଜାର ଜମିଦାର ସେ । ତାଙ୍କ କଥାରେ ନଥା କହିବ କିଏ ? ସେ ଯାହା କହୁଛନ୍ତି ସେଇ କଥା ହିଁ ଠିକ୍, ସମର୍ଥନକାରୀମାନେ ମୁଣ୍ଡ ହଲାଇ ଶୁଣୁଛନ୍ତି । ପାଖରେ ପଡ଼ିଛି ଆଳ ଚାରିଖଣ୍ଡ ଗଦିଚଉକି, ମଝିରେ ଛୋଟ ଟେବୁଲ୍‌ରେ ଫୁଲଦାନୀରେ ଫୁଲ ସଜା ହୋଇଛି । କାଚ-ଥାଳିଆରେ ପାନମସଲା ଆଣି ଥୋଇଦେଲା କିଏ ।

ଗୋଡ଼ ଚିପି ଚିପି ସେଇଆଡ଼େ ଚାହିଁ କୁଅମୂଳେ ଗୋଡ଼ ଧୋଇବାକୁ ଚାଲିଗଲା ରେବତୀ ।

Digitized by srujanika@gmail.com

ପାନିଆ ଧରି ଜେଜେମା ମୁଣ୍ଡ କୁଣ୍ଡେଇ ଦେଲେ । ବାଳକୁ ଦୁଇଭାଗ କରି କୁଣ୍ଡେଇ ସାରି ବେଣୀ କଲେ, ପୁଣି ତାକୁ ଓଲଟେଇ ଦେଇ ନାଲି ରିବନରେ ଧୁଇ ପାଖରେ ଫୁଲ ତିଆରି କରି ହଠାତ୍ ଚୁପ କରି ବସିଗଲେ ସେ । ଦର୍ପଣରେ ମୁହଁକୁ ଭଲ ଭାବେ ଦେଖିସାରି ରେବତୀ କହିଲା, "ସରିଲା ତ, ମୁଁ ଯାଉଛି ।"

ସୁରି କଜଳ, କୁଙ୍କୁମ ନେଇଆସି କହିଲା, "ହେଇ ଜେଜେମା, ପୁଣି ଖେଳି ବାହାରିଲା ।"

ରଙ୍ଗଲତା ଲୁଗାକାନିରେ ଆଖି ପୋଛିଦେଇ ରେବତୀକୁ ଗୃହିଁ ରହିଲେ । ସଫା ଗୋରା ସୁନ୍ଦର ମୁହଁରେ କଳା କଳା ଆଖି ଦୁଇଟି କେଡେ ସୁନ୍ଦର ! ଏ ଆଖି ପାଇଁ କଜଳ ଦରକାର ନାହିଁ । କେଡ଼େ ସୁନ୍ଦର ଲମ୍ବା ଡେଙ୍ଗା ନାକ । ସତେଜ ଗୋଲାପଫୁଲର ପାଖୁଡ଼ା ଭଳି ଓଷ୍ଠାଧାର । ଛୋଟ ଲକ୍ଷ୍ମୀପାଦରେ ସୁନ୍ଦର ମାନିଛି ସରୁ ଅଳତାର ଧାର । କପାଳରେ ଛୋଟ କୁଙ୍କୁମ ବିନ୍ଦୁଟିଏ ଲଗାଇ ଦେଇ ସେ କହିଲେ, "ସୁରି ଲୋ, ମୋ ମା'କୁ ତା ଜନ୍ମଦିନର ନୂଆ ଶାଢୀଟା କାଢି ପିନ୍ଧେଇ ଦବୁ ।"

ଦର୍ପଣ ଧରି ନିଜ ମୁହଁକୁ ଭଲଭାବେ ଦେଖୁ ଦେଖୁ ରେବ ମନେ ମନେ ଭାରୀ ଖୁସି ହୋଇଗଲା । ସେଇ ଜରିଧଡ଼ିଆ ନାଲି ପାଟ ତାକୁ ଭାରୀ ମାନେ । କୃଷ୍ଣ କହେ, "ହେଇରେ, ରେବନାନୀ କୁନିବୋହୂ ଭଳି ଦିଶୁଛି ।" ସେଥର ବାପା କଲିକତାରୁ ତା' ପାଇଁ ସେଇଟି କିଣି ଆଣିଥିଲେ । ନାନୀ ତା' ଶାଢ଼ୀଟା ନେଇ ଯିବାକୁ ବସିଲା, ବୋଉ କେମିତି ଲୋକ କେଜାଣି ଶାଢ଼ୀଟା ବି ତାକୁ ଦେଇ ଦେଉ-ଥିଲା । ଜେଜେମା' କହିଲା, "ନାଇଁ ନାଇଁ ସୁରିର ତ କେତେ ଶାଢ଼ୀ ଅଛି, ରେବର ଏଇ ଖଣ୍ଡକ ରଖ ।"

ରେବତୀ ନାଲି ପାଟଶାଢ଼ୀ ପିନ୍ଧି, ହାତରେ ପାନଥାଳିଆ ଧରି ଚଉପାଢ଼ୀ ଯିବାକୁ ବାହାରିଲା । ସେମାନେ କେତେବେଳଠୁ ଆସି ସରବତ ପିଇସାରି ଥଣ୍ଡା ମିଜାସ୍‌ରେ ଗପ ଆରମ୍ଭ କରିଛନ୍ତି । ଦୂରରୁ ରେବତୀକୁ ଦେଖାଯାଉଛି । ସେମାନଙ୍କର କଳା କଳା ଚକ୍‌ଚକ୍ ଜୋତା । ଆଉଟିକେ ଗୃହିଁ ଦେଖିଲା ଧୋତି, ମଖମଲ ପଞ୍ଜାବୀ, କାନ୍ଧରେ ଗରମ ଶାଲ୍ । ସେଥର ବାପା ଜେଜେବାପାଙ୍କ ପାଇଁ, ବନାରସରୁ ଯୋଉ ବାଡ଼ି ଖଣ୍ଡକ ଆଣିଥିଲେ, ଠିକ୍ ସେମିତି ବାଡ଼ିଖଣ୍ଡେ ଧରିଛନ୍ତି ସେ ବୋଧହୁଏ । ଓହୋ, ଏ ତ ଜେଜେବାପାଙ୍କ ହାତ । ନିଜର ଏ ଭୁଲ୍ ପାଇଁ ଭାରୀ ହସ ଲାଗିଲା ରେବତୀକୁ ।

Digitized by srujanika@gmail.com

ଡିକିଏ ଠିଆହେଇ ଓଠ ପାଖରେ ହାତ ଦେଇ ସେ ହସ ଘୁପିନେଲା । ତା'ପରେ ପରଦା ଆଢ଼େଇ ଚଉପାଢ଼ୀରେ ଯୋଉ ପାଖରେ ସେମାନେ ବସିଛନ୍ତି, ସେଇଆଡ଼କୁ ଘୁଲିବାକୁ ଲଗିଲା । ଏପାଖରୁ ଜେଜେମା' ଆସ୍ତେ କହୁଥିଲେ, "ତଳେ ମୁଣ୍ଡ ଲଗେଇ ପ୍ରଣାମ କରିବୁ, ସେମାନେ ଗୁରୁଜନ ।" ରେବତୀ ଭବିଲା, ସେମିତି ଯଦି ଗୋଡ଼ ତଳେ ମୁଣ୍ଡ ଲଗାଇବା କଥା, ତେବେ ଧଡ୍‌କରି ମୁଣ୍ଡିଆ ମାରି ସେ ଦୌଡ଼ି ପଳେଇ ଆସିବ ।

"ନା, ଦୌଡ଼ାଦୌଡ଼ି କରି ଆସିବୁନି । ଦେଖୁନୁ ତୋ ଗୋଡ଼ରେ ଅଳତାଧାର ଉପରକୁ ସରୁ ପାଉଜି କେଡ଼େ ସୁନ୍ଦର ଦିଶୁଛି ! ଦୌଡ଼ିଲେ ପାଦ ସୁନ୍ଦର ଦିଶେନି, ଥିରି ଥିରି ଘୁଲିଲେ ସୁନ୍ଦର ଦେଖାଯାଏ ।"

ଧେତ୍, ମୁଁ ଦୌଡ଼ି ପଳେଇ ଆସିବି, କିନ୍ତୁ ଶାଢ଼ୀ ଯଦି ଚିରିଯିବ ?

ସବୁ କଥାଗୁଡ଼ା ମନ ଭିତରେ କୁଆଡ଼େ କ'ଣ ଗୋଳମାଳ ହେଇଗଲା ସେମାନଙ୍କର ହସ ଶୁଣି ।

ସୁଧୀରଂଜନ ଡାକିଲେ, "ଆଲୋ ମା', ଏଠିକି ଆଣ୍ ।"

ରେବତୀ ପାନ ଥାଳିଆ ନେଇ ଟେବୁଲ ଉପରେ ରଖିଲା । କିନ୍ତୁ ତଳେ ମୁଣ୍ଡ ଲଗାଇବା କଥା ଭୁଲି ଯାଇଥିଲା । ଜେଜେବାପା ମନେ ପକାଇ ଦେବାରୁ ଧଡ଼ କରି ସମସ୍ତଙ୍କୁ ମୁଣ୍ଡିଆ ମାରି ତାଙ୍କ ଚଉକିକୁ ଲଗି ଠିଆ ହେଲା । ସୁଧୀରଂଜନ ଚଉକି ଖଣ୍ଡେ ପାଖକୁ ଟାଣି ତାକୁ ବସେଇ ଦେଲେ ।

"କ'ଣ ପଢୁଛୁ ମା' ?" ଯାହାଙ୍କ ଜୋତା ସବୁଠୁ ବେଶୀ ଚକ୍‌ଚକ୍, ପଞ୍ଜାବୀଟା ବାପାଙ୍କ ପଞ୍ଜାବୀ ଭଳି ଖୁବ୍ ଧଳା, ସେଇ ତାକୁ ପଚାରୁଛନ୍ତି ।

"ପଞ୍ଚମ କ୍ଲାସ ।"

ସୁଧୀରଞ୍ଜନ କହିଲେ, "ଦଶବର୍ଷର ପିଲଟା, ତା' ବୟସକୁ ଗୁହିଁ ଢେର ପଢି ଗଲଣି । ଏଥର ବୃତ୍ତିକୁ ଯିବ ଲଗେଇଛି ।"

"ପଢୁଥାଉ, ସାନ ପିଲଟା, ପାଠ କାହିଁକି ବନ୍ଦ କରିବେ ?"

କିଏ ଜଣେ ଉତ୍ତର ଦେଲେ ।

"ବାଳିକ ସ୍କୁଲରେ ଆଉ କେତେ ଦିନ ପଢିବ ?"

ଚକ୍ ଚକିଆ ଜୋତା ପିନ୍ଧିଥିବା ଲୋକଙ୍କ କଥା ଶୁଣି ରଗ ଓ ବିରକ୍ତିରେ ରେବତୀର ଗୋରା ମୁହଁଟା ଲଲ ଦେଖାଗଲା । ସେ ସୁଧୀରଂଜନଙ୍କ ମୁହଁକୁ ଗୁହିଁ

Digitized by srujanika@gmail.com

ନୀରବ ଗୁହାଁଣୀରେ ଉତ୍ତର ଦେଲା, "ମୁଁ ପଢ଼ିବି ଜେଜେ ।" ସୁଧୀରଂଜନ ତା' ପିଠିରେ ସ୍ନେହରେ ହାତ ରଖି କହିଲେ, "ଆଜିକାଲି ଦେଶକାଳପାତ୍ରକୁ ଚାହିଁ ସତର୍କରେ ଚଳିବା କଥା । ପ୍ରଥ ଲଗେଇଛି ଏ ଗାଁରେ ବାଳିକା ମାଇନର ସ୍କୁଲଟିଏ ଖୋଲିବା ପାଇଁ । ତେଣେ କଲିକତାରେ ଦେଖନ୍ତୁ ବଡ଼ ବଡ଼ ଖାନ୍‌ଦାନୀ ଘରର ଝିଅମାନେ ପୁଅମାନଙ୍କ ସଙ୍ଗେ ଏକା ଇସ୍କୁଲରେ ପାଠ ଆରମ୍ଭ କରି ଦେଲେଣି ।"

"ଦେଶରେ ସ୍ତ୍ରୀ ଶିକ୍ଷା ପାଇଁ ପଞ୍ଝାଟାଏ ଘରୀ ଅଣ୍ଟା ଭିଡ଼ି ଲାଗି ପଡ଼ିଛନ୍ତି । ଦେଖାଯାଉ କ'ଣ ହେଉଛି ।"

"ସେଇ କଥା ଆଜ୍ଞା, କୋଉ ପାଣି କୁଆଡ଼େ ଯାଉଛି ଦେଖିବା କଥା ।"

ଜେଜେଙ୍କ ପଛରେ ଖୁବ୍ ଦୂରକୁ ବସିଥିବା ବଳି ଗୁମାସ୍ତାଙ୍କ ଖୋଷାମତି କଥା ଶୁଣି ରେବତୀର ଆହୁରି ରାଗ ହେଲା । କିନ୍ତୁ ସେ ଆଡ଼େ ଚାହିଁଲେ ତାକୁ ହସ ଲାଗିବ ବୋଲି ସେ ଆଦୌ ଚାହିଁଲା ନାହିଁ ।

ବଳି ଗୁମାସ୍ତା ବସିଛନ୍ତି ସପ ଉପରେ । ଛୋଟ ଡେସ୍କ ଖଣ୍ଡିକ ଉପରେ କାଗଜପତ୍ର ଥୋଇ କେତେ କ'ଣ ହିସାବ ଲେଖା ଚାଲିଛି ତାଙ୍କର, କିନ୍ତୁ କାନଟା ଏଆଡ଼େ । ନାକ ତଳକୁ ସରୁଫ୍ରେମର ସୂତାଲଗା ଚଷମା । ଦୁଇ ପାଖରେ ଦୁଇ କାନରେ ଚଷମାର ସୂତା ବନ୍ଧା ହୋଇଛି । ପୋଷାକ ଧଳା ଫତେଇ ଆଉ ଆଣ୍ଠୁଲୁଗା ଧୋତି ଖଣ୍ଡେ । ମୁଣ୍ଡବାଳର ପଛପଟକୁ ଚୁଟିରେ ଦୁଇଟି ରଙ୍ଗଣୀ ଫୁଲ । କଥା କହିବା ବେଳେ ଚୁଟିଟି ଖୁବ୍ ହଲିଲେ ବି ଫୁଲ ପଡ଼ିଯାଏନା । କେତେବେଳେ ପାନଖିଆ ଦାନ୍ତ ଦେଖାଯାଏ ତ କେତେବେଳେ ପୁଣି ଓଠ କଡରୁ ଗଡ଼ିଆସୁଥିବା ପାନପିକକୁ ପାଚିଲା ନାଲି ଗାମୁଛାରେ ପୋଛିଦେଇ, ଚଷମାଟା ଆଉ ଟିକିଏ ତଳକୁ କରି କଥା ଆରମ୍ଭ କରନ୍ତି ସେ । ନାକ ତଳର ବହଳିଆ କଳାନିଶକୁ କେବଳ କୁଣିଆ ଆସିବା ଦନରେ ସାଇଜ୍ କରି ବାଗେଇ କାଟି ଧୋତି କୁଞ୍ଚକୁ ଆଉ ଟିକିଏ ତଳକୁ ଖସେଇ ପିନ୍ଧି ସେ ଆସନ୍ତି ।

ରେବତୀକୁ ଖାଲି ହସ ମାଡୁଛି ବଳି ଗୁମାସ୍ତାଙ୍କ ଚୁଟି ହଲିବା କଥା ମନେପଡ଼ି । ସେପାଖରୁ ଖାଣ୍ଟି ଘିଅରେ ମାଲପୁଆ ଛଣା ବାସ୍ନା ତା' ନାକରେ ବାଜୁଛି । ଦୁଇ ଖଞ୍ଜା ଦେଇ ଏ ଚଉପାଢ଼ୀ ଖଞ୍ଜାକୁ ବାସ୍ନା କିମିତି ଆସିଲା କେଜାଣି ! ଉତ୍ତରପବନ ଉଡ଼େଇ ଆଣିଥିବ ।

Digitized by srujanika@gmail.com

"ମୁଁ ଯାଉଛି ଜେଜେ ।"

"ହଁ, ତୁ ଯା' ମା' । ବଙ୍କଗମ, ତୁମେ ଟିକେ ଘରଆଡ଼େ ଯାଇ ଦେଖତ କେତେଦୂର ଗଲା ।"

ବଳି ଗୁମାସ୍ତା "ଆଜ୍ଞା" କହି ତାଙ୍କ ଆସ୍ଥାନରୁ ଉଠି ଅଧା ନଇଁ ନଇଁ ଘର ଆଡେ ଗ୍ଲିଲେ । ରେବତୀ ବି ଗ୍ଲଲା ରୋଷେଇଘର ଖଞ୍ଜାଆଡ଼େ ।

ପୂଝାରୀ ମାଲପୂଆ ଛାଣି ରଖିଛି, କ୍ଷିରୀ ବସିଛି ଚୂଲୀରେ । କରେଇରେ ଫୁଲକୋବି ଭଜା ଦେଖି ରେବତୀର ଭୋକ ଦୁଇଗୁଣ ବଢିଗଲା ।

"ବୋଉ, ମୋତେ ଖାଇବାକୁ ଦେ ।"

"ରହ, ଏବେ ଟିକେ ।"

"ନାଇଁ, ନାଇଁ । ଆଗ ଦେ, ଙ୍କରୀ ଭୋକ ।" ବଡ଼ ବଡ଼ ଥାଳିରେ କେତେ ପ୍ରକାର ଜଳଖିଆ ସଜା ଗ୍ଲିଛି । ପରଦିନ ସନ୍ଧ୍ୟାରେ ବଳି ଗୁମାସ୍ତାଙ୍କ ହାତରେ ବାପା ଯୋଉ ସନ୍ଦେଶ ପଠେଇଥିଲେ, ତାକୁ ବି ବୋଉ ସଜେଇ ଥୋଇଛି ସେ ଖାଇବା ଥାଳୀରେ । ଜେଜେମା' ଜାମ ତଦାରଖ କରୁଛି । ସୁଦର୍ଶନ ନୂଆ ଗାଲିଗ୍ଲ ଆସନ ପକେଇ ରୂପା ଗ୍ଲାସରେ ଥଣ୍ଡା ପିଇବା ପାଣି ରଖୁଛି ।

ରେବତୀ କାହାକୁ କିଛି ନ କହି ଆରଘରୁ କଂସାଥାଳିଆ ଆଉ ବାଟିଟାଏ ନେଇ ପୂଝାରୀ ପାଖରେ ପହଞ୍ଚି କହିଲା, "ମତେ ଆଗ ବାଢିଦେଇ ।"

"ରୁହ ନାନୀ, ବୁଢ଼ୀମା' ତେଣେ ତରତର କରୁଛନ୍ତି ।"

"ଭୋକ କଲେ ବି କେହି ଶୁଣିବେନି ।"

"ଥାଉ, ରେବକୁ ଆଗ ବାଢିଦେବୁଟି ବୋହୂ ।"

ରଙ୍ଗଲତା ଜାଣନ୍ତି, ରେବତୀ ଆଦୌ ଭୋକ ସହି ପାରେନା । ଖାଇବା ଜିନିଷ ହାତରେ ଧରି ଶୋଇବା ଘର ଖଞ୍ଜା ଆଡ଼େ ଗ୍ଲିଲା ରେବତୀ ।

ସୁରି, କୃଷ୍ଣ, ଟୁନା ବସି ଖାଉଥିଲେ । "ତୁମକୁ କିଏ ବାଢିଦେଲା କି ?" ରେବତୀ ପ୍ରଶ୍ନିଳ ଦୃଷ୍ଟିରେ ସେଆଡେ ଗ୍ଲହିଁ ପଗ୍ଲରିଲା ।

"ବାଢିବ କିଏ ? ନାନୀ ତ ନିଜେ ସବୁ ବାଢିନେଇ ଆସିଲା ।"

"ସେମାନେ ତତେ କ'ଣ ପଗ୍ଲରିଲେ ?" ସୁରି କୌତୂହଳରେ ପଗ୍ଲରିଲା । "କହୁଛି ରହ..." ଫୁଲକୋବି ଭଜାଟା ପାଟିରେ ଥିବାରୁ କଥା କହି ପାରିଲାନି

Digitized by srujanika@gmail.com

ରେବତୀ । ଖାଇସାରି କହିଲ, "କ'ଣ ପଢୁଛ ? ତୁମ ଶ୍ରେଣୀରେ ବାଳିକା କେତେ ଜଣ ?" ରେବତୀର କଥା କହିବା ଭଙ୍ଗୀରେ ପିଲମାନେ ହସି ଉଠିଲେ ।

ରଙ୍ଗଲତା ସେପାଖୁ ଆସି ଆକଟ କରି କହିଲେ, "ଏ କି ହସ ଗୁଲିଛି, କ'ଣ ଭାବିବେ ସେ ମିଶ୍ର ଘର ? ଏମିତି ଅଶିକ୍ଷିତ ପିଲ ଯାଙ୍କର... ।"

ପିଲାଏ ଚୂପ୍ କରିଗଲେ । ରଙ୍ଗଲତା ରାଗନ୍ତି ନାହିଁ, କେବେ ବି ଆକଟ କରନ୍ତି ନାହିଁ ପିଲଙ୍କୁ । ସ୍ନେହ କରି ଧୀର ସ୍ୱରରେ ସବୁ କଥା ବୁଝେଇ ଦିଅନ୍ତି । କିନ୍ତୁ କେବେ କିମିତି ତାଙ୍କର ଇମିତି କଥା ଶୁଣିଲେ ପିଲାଏ ଭାବନ୍ତି, ସତରେ ବୋଧହୁଏ ସେମାନେ କିଛି ବଡ଼ ଭୁଲ କରି ପକାଇଛନ୍ତି ।

ଦଶ ପନ୍ଦର ଦିନରେ ରେବତୀର ବାହାଘର କଥା ପକା ହୋଇଗଲ । ଟୋକାଁ ଅଖିଳ ବିହାରୀର ବୟସ ପନ୍ଦର । ଏ ବର୍ଷ ଦଶମ ଶ୍ରେଣୀ । ବାହାଘର ଏବେ ନ ହେଲେ ପୁଣି ଏକାଦଶ ଶ୍ରେଣୀରେ ପାଠ ନଷ୍ଟ ହେବ । ବୟସ ବି ଯୋଡ଼ା ପଡ଼ିବ । ସୁଧୀରରଞ୍ଜନ ପିଲଟିକୁ ଦେଖିଛନ୍ତି, ଘର ବି ଦେଖି ଆସିଛନ୍ତି । ବୀରଚନ୍ଦ୍ର-ପୁରରେ ଚକଚକମି, ପକ୍କା ଘର । ଫଳ, ଫୁଲ ବଗିଚ୍ଛ କୋଉଥିରେ କମ୍ ନାହିଁ । ଏକମାତ୍ର କୁଳପ୍ରଦୀପ ଅଖିଳ ବିହାରୀ । କେତେ ତପସ୍ୟାର ଫଳ ସେ । ଘରର ଇଷ୍ଟ ଦେବତାଙ୍କ ନାମ ଅନୁଯାୟୀ ମିଶ୍ରେ ପୁଅ ନାଁ ରଖିଛନ୍ତି ଅଖିଳବିହାରୀ । ଶିକ୍ଷା, ବ୍ୟବହାର କୋଉଥିରେ ବାଗିବାକୁ ନାହିଁ ।

"ରେବତୀ ମୋର ଲକ୍ଷ୍ମୀଟିଏ ।"

"ସତ କହିଛ ରଙ୍ଗ, ରେବ ଆଉ ଅଖିଳ । ଲକ୍ଷ୍ମୀ ନୃସିଂହ ଯୋଡ଼ି ।" ତୃପ୍ତିରେ ହସିଲେ ସୁଧୀରଞ୍ଜନ ।

ବିଭୁରଞ୍ଜନ ଘରଖବର କିଛି ବୁଝନ୍ତି ନାହିଁ । ବୟସ ଗ୍ଭଳିଶ ହେଲେ ବି ବାପାଙ୍କ ପାଖରେ ତାଙ୍କର ପାଟି ଖୋଲେନା । ବାପା ଯାହା କହିବେ ସେଇଆ । ନର୍ମଦାଙ୍କୁ ସେ ବୁଝାଇ ଦେଇଛନ୍ତି ।

"ବାପା, ବୋଉ ସବୁ ବୁଝନ୍ତୁ । ଆମର ସେ ଜଞ୍ଜାଳରେ ପଶିବା ଦରକାର ନାହିଁ ।"

ନର୍ମଦା ହସନ୍ତି । ଆଖିରେ ଆସେ ପାଣି । ମନେ ମନେ କହନ୍ତି, "ପ୍ରଭୁ, ମୋ ଶାଶୁ ଶ୍ୱଶୁରଙ୍କୁ ଇମିତି ନିରୋଗ ଶରୀରରେ ବସେଇଥାଅ ।"

Digitized by srujanika@gmail.com

ବାଷଠି ବର୍ଷର ବୃଦ୍ଧ ସୁଧୀରଞ୍ଜନଙ୍କୁ ଦେଖିଲେ ମନେହୁଏ ବିଭୁରଞ୍ଜନଙ୍କର ବଡ଼ଭାଇ । ସେ ଏଘରର ମୁରବୀ, ଘରର ଶକ୍ତି ସାମର୍ଥ୍ୟ ସବୁ । ତାଙ୍କ ନିଷ୍ପତ୍ତି କେବେ ଖରାପ ହୋଇପାରେ, ଏ କଥା କେହି ଚିନ୍ତା ବି କରି ପାରନ୍ତି ନାହିଁ ।

ରେବତୀର ବାହାଘର । ଘରେ ବନ୍ଧୁବାନ୍ଧବ ଭର୍ତ୍ତି ହୋଇଛନ୍ତି । କାଲି ଛାଡ଼ି ପଅର ଦିନ ବାହାଘର । ସମସ୍ତେ ଆସିଲେ, ସବୁ ଆୟୋଜନ ହେଲା । ମାତ୍ର ବିଭୁ-ରଞ୍ଜନ ? ନର୍ମଦାଙ୍କ ମନରେ ସେଇ ଗୋଟିଏ ଚିନ୍ତା । ସେ କଲିକତା ଯାଇଛନ୍ତି ମହା-ଜନୀ ଟଙ୍କା ଆଦାୟ କରିବାକୁ । ବିଦେଶ କଥା । ଦିହପା' ଅଛି । ପୁଣି ସବୁବେଳେ ଗାଡ଼ି ମଟର ଚଢ଼ୁଛନ୍ତି । କେତେବେଳେ କୋଉ କଥା । ନର୍ମଦାଙ୍କ ମନ ପାପ ଛୁଉଁଛି । ପୁଣି ଇଷ୍ଟ ଦେବତା ଗୋପାଳଙ୍କୁ ସ୍ମରଣ କରୁଛନ୍ତି । କେତେ କ'ଣ ଜିନିଷର ତାଲିକା ନେଇ ଯାଇଛନ୍ତି । କେଜାଣି, କିଣା ସରିଛି କି ନାହିଁ ?

ସେଇଦିନ ରାତି ତିନିଟା ବେଳକୁ ନର୍ମଦାଙ୍କ ଶୋଇବାଘର କବାଟ ପାଖରେ ବିଭୁରଞ୍ଜନ ଆସ୍ତେ ଡାକିଲେ ।

"ଶୁଣୁଛ, କବାଟ ଖୋଲ ।"

ରାତି ସାରା ଅନିଦ୍ରାରେ ଛଟପଟ ହୋଇ ଶେଷ ପ୍ରହର ଆଡ଼କୁ ଟିକିଏ ଆଖି ମାଡ଼ି ହୋଇ ଆସିଥିଲା ନର୍ମଦାଙ୍କର । ସେଇ ପରିଚିତ ସ୍ୱର ଶୁଣି ଖଟରୁ ଓହ୍ଲାଇ ଆସି କବାଟ ଖୋଲି ଦେଖନ୍ତି ତ ସ୍ୱାମୀ ବିଭୁରଞ୍ଜନ । ଘରସାରା ସମସ୍ତେ ଶୋଇଛନ୍ତି । ସୁଦର୍ଶନ ବଉପାଢ଼ୀ କବାଟ ଖୋଲିଥିବ । କାନ୍ଧ ପାଖରେ ଲୁଗାକାନିଟା ଗୁଡ଼େଇଆଣି ସ୍ୱାମୀଙ୍କ ପାଦ ତଳେ ମୁଣ୍ଡ ଲଗାଇ ପ୍ରଣାମ କରି ଆଉଥରେ ପାଦ ଛୁଇଁଲେ ସେ । ତରତର ହୋଇ ପାଣିଡ଼ାଳଟି ଆଣି ଥୋଇଦେଇ କହିଲେ, "ଧୁଆଧୁଇ ହୁଅ, ମୁଁ ଟିକେ କିଛି ଖାଇବାକୁ ଆଣେ ।"

"ଏତେ ରାତିରେ ଖାଇବି କ'ଣ ? ମୁଁ ଖାଇଥିଲି ସନ୍ଧ୍ୟାରେ । ଥାଉ, ସକାଳେ ଗାଧୋଇ ଯାହା ଖାଇବି ।"

ଗୋଡ଼ ଧୋଇସାରି ଗାମୁଛାରେ ପୋଛି ହେଉ ହେଉ ସେ କହିଲେ, "ଗାଡ଼ି ଯାଇ ଷ୍ଟେସନରୁ ଫେରି ଆସିଥିବ ସେଦିନ । ମୁଁ ଆଉ କ'ଣ କରିବି ? କାମ ତ ସରିଲା ନାହିଁ ।"

"କେମିତି ଆସିଲ ? ଗାଡ଼ି ପାଇଲ ଏତେ ରାତିରେ ?"

Digitized by srujanika@gmail.com

"ତୁମେ ଜାଣିନ ବୋଧହୁଏ, ବାପା ତିନିଦିନ ହେଲା ଗାଡ଼ି ପଠଉଛନ୍ତି । ଘଡିଯାକ ଅନିଦ୍ରା ହେଇ ବଳଦଙ୍କୁ ବାନ୍ଧି ସେ ମୋତେ ଜଗିରହୁଛି କହିଲା ।"

"ଆଉ କ'ଣ ଖବର କୁହତ ?" ଖଟ ଉପରେ ଶୋଇପଡ଼ି ପଗ୍ଭରିଲେ ବିଭୁ-ରଞ୍ଜନ ।

ନର୍ମଦା ଶୋଇବା ଘର କବାଟ ଆଉଜେଇ ଦେଇ ସ୍ୱାମୀଙ୍କ ଖଟ ପାଖରେ ବସି ଆସ୍ତେ ପାଦ ଚିପିବାକୁ ଆରମ୍ଭ କଲେ । ତା'ପରେ କହିଲେ ରେବତୀର ଶ୍ୱଶୁର-ଘର କଥା । ସବୁକଥା ଶୁଣି ଉତ୍ତର ଦେଉ ଦେଉ ବିଭୁରଞ୍ଜନ କ୍ଳାନ୍ତିରେ ଶୋଇ-ପଡ଼ିଲେ ।

×　　　　×　　　　×　　　　×

ବାହାଘରର ଜାକଜମକ, ବାଜା, ରୋଷଣୀ ଏସବୁ ଦେଖି ରେବତୀର ମନ ଯେତିକି ଖୁସି, ଏବେ ଶାଶୁଘରକୁ ଯିବାକୁ ପଡ଼ିବନି ଭବି ସେ ଆହୁରି ଖୁସି ହେଇଥିଲା ।

ବାହାଘର ସରିଲା । କେତେଦିନ ପରେ ଦିନେ ସେ ପଗ୍ଭରିଲା, "ଜେଜେମା, ମୁଁ ଫ୍ରକ୍ ପିନ୍ଧି ଖେଳିବି ।"

ରଙ୍ଗଲତା ହସି ହସି ଗଡ଼ିଗଲେ ।

"ହସୁଛୁ କ'ଣ ମ ? ଦୌଡ଼ିବା ବେଳେ ଛନ୍ଦି ହଉଛି ପରା ।" ରେବତୀ ରାଗି-ଯାଇ ବଗିଗ୍ଭ ଆଡ଼େ ପଳାଇଲା । ରଙ୍ଗଲତା ସେଠାରେ ଡାକିଲେ, "ଶୁଣିଯା ରେବ, ଏ ଖରବେଳଟାରେ ବଗିଗ୍ଭ ଆଡ଼େ ଯିବୁନାହିଁ ।"

ରେବତୀ କିଛି ଶୁଣିଲାନି । ବାଡ଼ି କବାଟଟା ପଦାରୁ ଲଗେଇ ଦେଇ ସେ ପାଖ ବଗିଗ୍ଭ ଭିତରକୁ ପଳେଇଲା । ଗଛ ଗହଳରେ ଖରା ବାଧେନି । ନାଲି ଛିଟ-ଶାଢ଼ୀର କାନିଟା ଅଣ୍ଟାରେ ଗୁଡ଼େଇ ନେଇ ପିଜୁଳି ଗଛରେ ଅଧା ପର୍ଯ୍ୟନ୍ତ ଚଢ଼ି ଡାଳ ନୁଆଇଁ ଆଣି ପିଜୁଳି ତୋଳି ବସିଲା ସେ ।

ଦୁଇଟା ପିଜୁଳି ଅଣ୍ଟିରେ ରଖି ଗୋଟିଏ ହାତରେ ଧରି ଠିକ୍ ଓହ୍ଲେଇବାକୁ ବସୁଛି ଏତିକିବେଳେ ବାଡ଼ ପାଖରୁ କିଏ ଡାକିଲା, "ରେବ, ଟିକିଏ ଶୁଣିବୁ ?"

ଏପାଖ ସେପାଖ ଗ୍ଭହିଁ ରେବ ଦେଖିଲା, ସୂର୍ଯ୍ୟ ଠିଆହୋଇଛି ।

"କିଏ ସୂର୍ଯ୍ୟ, ପିଜୁଳି ନେବୁ କି ? ସେପାଖେ ବୁଲି ଆସୁନୁ ।"

"ନାଇଁ, ତୁ ବାଡ଼ ପାଖକୁ ଆଗ ଆ ।"

Digitized by srujanika@gmail.com

"ଠିକ୍ ତୋର ବାଁହାତ ପାଖରେ, ହଁ ଆଉ ଟିକିଏ ଆଗକୁ ଚାଲିଲେ ଦେଖିବୁ ବାଡ଼ ପାଖରେ ଗଞ୍ଜା ଅଛି ।"

"ଧେତ୍, ମୁଁ ଯିବିନି ସେ ଘଞ୍ଜାରେ ।" ଘଞ୍ଜାଟା ଦେଖିନେଇ ସୂର୍ଯ୍ୟ କହିଲା ।

ସେଇ ଗଛଡାଳରେ ବସି ହସି ହସି ଗଡ଼ିଲା ରେବତୀ ।

"ଓହୋ, ତୁ ଏତେ ଜୋର୍‌ରେ ହସୁଛୁ କାହିଁକି ? ମୋ ସାଙ୍ଗରେ କିଏ ଆସିଛି ଦେଖୁଛୁ ।"

"ହଁ, ତୋର ସେ ସାଙ୍ଗକୁ ବି ସେଇ ଗଞ୍ଜାରେ ନେଇଆ ।"

ଅଗତ୍ୟା ରେବତୀର ଆଦେଶରେ ସେଇ ଭଙ୍ଗା ବାଡ଼ ଭିତରେ ନଇଁ ପଡ଼ି ଆସ୍ତେଇ ଆସ୍ତେଇ ପିଲା ଦୁଇଜଣ ବଗିଚା ଭିତରକୁ ପଶି ଆସିଲେ ।

ରେବତୀ ପିଜୁଳି ଗଛ ଡାଳରେ ସେମିତି ବସି ହସୁଥାଏ ।

"ନେ ଖା... ।" ଗଛଉପରୁ ଦୁଇଟା ପାଚିଲା ପିଜୁଳି ଦୁଇଜଣଙ୍କ ଉପରକୁ ପକାଇଲା ସେ । ଦୁଇ ହାତ ଆଞ୍ଜୁଳା କରି ସେମାନେ ପିଜୁଳି ଦୁଇଟି ନେଇଗଲେ ।

"ଓଃ ଟିକିଏ ତଳକୁ ଆ । ନୋହିଲେ ଆମେ ଯାଉଛୁ । କିଏ ଯଦି ଆସିବ ଯାହେ... ।"

"କ'ଣ ହେଇଗଲା ? ତୁମେ କ'ଣ ଚୋର କି ? ମୁଁ ତ ତୁମକୁ ନିଜେ ତୋଳି ପିଜୁଳି ଦେଇଛି ।"

ସୂର୍ଯ୍ୟ ମୁହଁଟା ରଗିଲାଭଳି କରି କହିଲା, "ଆମେ ଯାଉଚୁ ।"

"ହଉ ରୁହ, ମୁଁ ଓହ୍ଲେଇ ପଡୁଛି ।"

ସେଇଠି ଡାଳରୁ ତଳକୁ ଖପ୍ କରି ଡେଇଁ ପଡ଼ିଲା ରେବତୀ ।

ଝାଡ଼ିଝୁଡ଼ି ହେଇ ଠିଆ ହୋଇପଡ଼ି ସୂର୍ଯ୍ୟକୁ ପଚାରିଲା,

"ଏ କିଏ ସୂର୍ଯ୍ୟ, ବଡ଼କ୍ଲାସ୍‌ର ପିଲା, ତୋ ସାଙ୍ଗ ନା ?"

"ତୁ ଏଡ଼ିକି ବୋକୀ, ଅଖିଳକୁ ଚିହ୍ନି ପାରୁନୁ ?"

ରେବ ହାତରୁ ଅଧାଖିଆ ପିଜୁଳିଟା ତଳେ ଗଡି ପଡ଼ିଲା ।

ସେଦିନ ଝରକା ପାଖରେ ବେଦୀ ଆଡ଼େ ଚାହିଁ ସେ ଦେଖିଥିଲା ଅଖିଳକୁ । ଗୋରା ମୁହଁଟା ଓପାସରେ ଝାଉଁଳି ପଡ଼ିଥିଲେ ବି କେତେ ସୁନ୍ଦର ଦିଶୁଥିଲା ସେ ।

Digitized by srujanika@gmail.com

ମୁଣ୍ଡରେ ଜରିମୁକୁଟ, କପାଳରେ ଟୋପି ଟୋପି ଚନ୍ଦନ ବିନ୍ଦୁ, ବେକରେ ଫୁଲମାଳ, କର୍ପୂରମାଳ, ସୁନାହାର, କେତେ ସୁନାମୁଦି, ଘଣ୍ଟା ।

ମାଳ ତାକୁ ଟାଣିନେଇ ଦେଖାଇଲା, "ଦେଖ ତୋ ବରକୁ ।"

ହଁ, ଏ ସେଇତ, ଖାଲି ମୁକୁଟ ନାହିଁ । ଅଖିଳ ଆଡ଼େ ଚାହିଁ ନୀରବରେ ଭାବୁ-ଥିଲା ରେବତୀ ।

ଅଖିଳ ହସୁଛି । ସେ ବି ଚାହୁଁଛି ରେବତୀକୁ । ସୂର୍ଯ୍ୟ ପ୍ରଥମେ କଥା ଆରମ୍ଭ କଲା, "ରେବ; ଅଖିଳର ମାମୁଁଘର ଏଇ ପାଖ ଗାଁରେ, ସେ ଆସିଥିଲା ମାମୁଁଘରକୁ । କଥା କ'ଣ କି ସେ ତୋ ପାଇଁ ବହି କିଣି ଆଣିଛି ।"

"କି ବହି ? ଗପବହି ?" ସେ ପଚାରିଲା ।

"ନା, ପାଠ ବହି ।" ହସି ହସି କହିଲା ଅଖିଳ । ରେବର ମୁହଁ ଶୁଖିଗଲା ।

ସୂର୍ଯ୍ୟ କହିଲା, "ପାଠ ପଢିବୁନି କି ? ଆମର ପର ବୃତ୍ତି ପରୀକ୍ଷା, ଭୁଲିଗଲୁ ?"

ଅଖିଳ ବହିସବୁ ରେବତୀ ହାତରେ ଦେଇଦେଲା । ଖଣ୍ଡିଏ ଥିଲା, ସହଜରେ ଇଂରାଜୀ ଶିକ୍ଷା ପାଇଁ ଅନ୍ୟ ଦୁଇଟି ବୃତ୍ତି ପରୀକ୍ଷାର୍ଥୀଙ୍କ ପାଇଁ ନୂଆ ପ୍ରକାଶ ପାଇଥିବା ବହି ଦୁଇଖଣ୍ଡ । ସ୍କୁଲରେ ରାମମାଷ୍ଟ୍ରେ କେତେଥର କହିଛନ୍ତି ଏ ବହି କିଣିଲେ ପରୀକ୍ଷା ପାଇଁ ଖୁବ୍ ସୁବିଧା ହେବ । ବୋଉକୁ ଅନେକଥର କହିଛି ସେ, ବଡ଼ ଗୁମାସ୍ତାଙ୍କ ହାତରେ କଟକରୁ ମଗେଇ ଦେବାକୁ । କିନ୍ତୁ ସବୁଥର ସେ ଭୁଲିଯାଏ ।

"ତୁ ବହି ରଖିଥା, ଆମେ ଯାଉଛୁ ।" ସୂର୍ଯ୍ୟ ଯିବାକୁ ବାହାରିଲା । ରେବ ଆଡ଼େ ଚାହିଁ ଚାହିଁ ଅଖିଳ ବି ଚାଲିଯିବାକୁ ବାହାରିଲା । ରେବ କହିଲା, "ଆମ ସ୍କୁଲରେ ମାଷ୍ଟ୍ରେ କେତେଦିନରୁ କହିଲେଣି ଏ ବହି କିଣିବାକୁ; କିନ୍ତୁ କେହି ଏପର୍ଯ୍ୟନ୍ତ କିଣି ନାହାନ୍ତି ।"

"ଆମ ସ୍କୁଲରେ ପିଲାମାନେ କିଣିସାରିଲେଣି । ପରୀକ୍ଷା ତ ବେଶୀଦିନ ନାହିଁ । ଏବେଠୁଁ ନପଢିଲେ ବୃତ୍ତି ମିଳିବନି ।" ଏକାନିଃଶ୍ୱାସରେ ଅନେକ କଥା କହି-ଗଲା ଅଖିଳ । କିଛି ଉତ୍ତର ନଦେଇ ରେବ କେବଳ ନୀରବରେ ସବୁକଥା ଶୁଣୁଥିଲା । ମନେ ମନେ ଭାବୁଥିଲା– ସବୁବେଳେ ବସି ପାଠ କିଏ ପଢିବ ? ଯାଙ୍କର କି ସ୍କୁଲ କେଜାଣି ?

Digitized by srujanika@gmail.com

"ଏ ବହି ମୋର କାଲି କିଣାହବ ଯେ !" ସୂର୍ଯ୍ୟ କଥା ଶୁଣି ରେବ, ଅଖିଳ ଦୁହେଁ ତା' ଆଡେ ଗ୍ୱହିଁଲେ । ଅଖିଳ ପୁଣି କହିଲ, "ଆଉ ଦୁଇଟା ଭଲ ଗପବହି ଅଛି ଯେ ପରୀକ୍ଷା ସରିଲେ ଦେବି ।" ରେବ କିଛି ନକହି ମୁଣ୍ଡ ହଲେଇ କେବଳ ସମ୍ମତି ଜଣାଇଲ ।

ଅଖିଳର ମାମୁଁ କଚେରିରୁ ଫେରି ଆସିବା ପୂର୍ବରୁ ସେ ମାମୁଁ ଘରକୁ ଫେରି-ଯିବ । ଏହି କଥା ସୂର୍ଯ୍ୟ ମନେ ପକାଇ ଦେବାରୁ, ଅଖିଳ ଯିବାକୁ ବାହାରିଲ ।

ପିଲ ଦୁଇଜଣ ଭଙ୍ଗାବାଡ଼ ଦେଇ ଦୌଡ଼ି ଦୌଡ଼ି ଗ୍ୱଲି ଯାଇଥିଲେ । ରାସ୍ତାରେ ଯିବାବେଳେ ଆଖି ସାମନାରୁ ଲୁଚିବା ପର୍ଯ୍ୟନ୍ତ ଅନେକ ସମୟ ଧରି ସେଇଆଡ଼େ ଗ୍ୱହିଁ ରହିଥିଲ ରେବ । ତା'ପରେ ଗଛତଳେ ବସି ପ୍ରଥମେ ଖଣ୍ଡିଏ ବହି ଖୋଲି ଦେଖେ ତ ଗୋଲ ଗୋଲ ସୁନ୍ଦର ଅକ୍ଷରରେ ଲେଖା ହୋଇଛି 'ରେବତୀ' । ଓଠରେ ହାତଦେଇ ଟିକେ ହସି ପକାଇଲ ସେ । ବାଡ଼ି କବାଟ ପାଖରେ ଠିଆ ହୋଇଛନ୍ତି ରଙ୍ଗଲତା । ରେବତୀ ଥରେ ସେ ଆଡ଼େ ଗ୍ୱହିଁଦେଇ ବହି ଖୋଲି ପଢିବାକୁ ଆରମ୍ଭ କଲ ।

"ଆଲେ ରେବ, ଗଛତଳେ ବସି ପାଠ କ'ଣ ପଢୁଛୁ ? ଘର ଆଡ଼େ ଆ । ଦେଖ ତ, ଖରବେଳଟା ସାରା ପିଲଟା ଏଇ ଗଛ ତଳେ କଟେଇ ଦେଲ ।"

ବହି ସବୁ ଧରି ଦୌଡ଼ି ଦୌଡ଼ି ଆସିଲ ରେବ । ମନହେଲ ଜେଜେମା'ଙ୍କୁ ଦେଖାଇ ଦବ । କିନ୍ତୁ ପର ମୁହୂର୍ତ୍ତରେ ପୁଣି କ'ଣ ଭାବି ଘର ଭିତରକୁ ଗ୍ୱଲିଯାଇ ବହି ସବୁ ତା' ବହି ବସ୍ତାନୀରେ ବାନ୍ଧି ରଖିଦେଲ ।

ରୋଷେଇଘର ବାରଣ୍ଡାରେ ପିଢ଼ା ପକାଉଛି ପୂଝାରୀ । ସୁରି, କୃଷ୍ଣ, ଟୁନା ପଖାଳ ଖାଇବା ପାଇଁ ବସିଛନ୍ତି । ରେବ ଯାଇଁ ବସିଲ ସେଇଠି । ନର୍ମଦା ଭଜା ଭଜୁଛନ୍ତି । ପୂଝାରୀ କଂସାରେ ପଖାଳ, ଛୋଟ ଛୋଟ ଥାଳିଆରେ ଭଜା ଆଣି ଥୋଉଛି । ରଙ୍ଗଲତା ବଡ଼ା ଧରି ବସାଦହି ପକେଇ ଦଉଛନ୍ତି ପିଲଙ୍କ ଭାତରେ, ଆମ୍ବ କାଟି ଦଉଛନ୍ତି ସମସ୍ତଙ୍କୁ । "ଜେଜେମା, ମତେ ଟିକେ ଅଦାଛେଚା ଆଉ କଞ୍ଚାଲଙ୍କା ।"

"ମୁଁ ଦହି ଖାଇବିନି, ଲେମ୍ବୁ ।"

ବାଡ଼ିରୁ ଲେମ୍ବୁ, ଲଙ୍କା ତୋଳି ଆଣିଲ ପୂଝାରୀ । ପିଲଏ ଖାଇ ବସିଲେ । ରଙ୍ଗଲତା ସେଇଠି ଆଉ ଖଣ୍ଡିଏ ପିଢ଼ା ଟାଣି ବସି ରହିଲେ । କାହାର କ'ଣ ଦରକାର କହୁଥାଆନ୍ତି । ନର୍ମଦା ଘ୍ୱ' ଧରି ଆସିଲେ । ଆସ୍ତେ ଘ୍ୱ' କଂସାଟା ଶାଶୁଙ୍କ ପାଖରେ

Digitized by srujanika@gmail.com

ଯୋଗଇଦେଇ ଆଉ ଦୁଇଟା କାଚଗ୍ଲାସରେ ଗ୍ଵ' ଢାଳି ପୂଜାରୀ ହାତରେ ଚଉପାଢ଼ୀକୁ ପଠେଇଦେଲେ ସେ । ସେଇଠି ବସି କଥାବାର୍ତ୍ତା କରୁଥିଲେ ସୁଧୀରଞ୍ଜନ । ବାପ ପୁଅଙ୍କ ମଧ୍ୟରେ ଜମିବାଡ଼ି, କଲିକତାର ବ୍ୟବସାୟ ସମ୍ପର୍କରେ ବହୁ ଆଲୋଚନା ଚାଲି-ଥିଲା । ସୁଧୀରଞ୍ଜନ କହିଲେ, "ପାଞ୍ଚଖଣ୍ଡ ଗାଁରେ ପ୍ରଜାମାନେ ଖଜଣା ବାକୀ ରଖିଛନ୍ତି । ବର୍ଲି କିଛି କରି ପାରିଲାନି ।"

"ପିଆଦା ପଠେଇ ଡକେଇ ଆଣିଲେ ସେମାନେ ଆସିବେ । ଏଠିକୁ ଆସି ସେମାନେ କହନ୍ତୁ କ'ଣ ଅସୁବିଧା ଅଛି । ଯେ ନ ଦେବ ତ ' ଘର କୋରକି ହବ ।"

"ଥାଉ, ସେସବୁ କିଛି ଦରକାର ନାହିଁ ।"

"ବାସ୍ତୁ ଚୌଧୁରୀଙ୍କୁ ଦେଖନ୍ତୁ । କେହି ତାଙ୍କର କିଛି ବାକି ରଖୁ ନାହାନ୍ତି । ପ୍ରଜାମାନେ ଘର ଜିନିଷ ବନ୍ଧା ପକେଇ କର୍ମଦାରଙ୍କ ପଇସା ଆଗ ଆଣି ଦେଇ ଯାଉଛନ୍ତି ।"

ସୁଧୀରଞ୍ଜନ ଖାଲି ହସିଲେ ।

"ଆପଣ କିଛି ବୁଝୁ ନାହାନ୍ତି, ବାପା ।"

"କ'ଣ ବୁଝିବି ରେ ? ଦୀନବନ୍ଧୁ ସେଠ କେତେଦିନ ବିଛଣାଲାଗା ହେଇ ପଡ଼ିଛି ! ସେ ଦିନ ତାକୁ ଯୋଉ ମାଡ଼, ଅନ୍ୟମାନେ ଖଜଣା ବାକି ରଖବେ କେଉଁ ସାହସରେ ?"

"ସେମାନଙ୍କୁ ଆପଣ ଦୟା ଦେଖେଇ ମୁଣ୍ଡ ବଢ଼େଇ ଦେଲେଣି ।"

"ମୋ ଖଜଣା କେହି ବାକି ରଖିବେନି ।"

ସୁଧୀରଞ୍ଜନ ବଗିଚା ଆଡେ ଓହ୍ଲେଇଗଲେ । ସକାଳେ ସନ୍ଧ୍ୟାରେ ଦୁଇଥର ବଗିଚାରେ ନ ବୁଲିଲେ ତାଙ୍କୁ ଭଲ ଲାଗେନି । ଭେଣ୍ଡି, ଜହ୍ନି, କାକୁଡ଼ି, ଶାଗ, ବାଇଗଣ, କଞ୍ଚାଲଙ୍କା ଲାଗିଛି । ଟେଣ୍ଡାରେ ପାଣି ବୋହୁଛନ୍ତି ହଳିଆ ଦୁଇଜଣ । ସୁଧୀରଞ୍ଜନ ସେଇଠି ଠିଆ ହୋଇ ରହିଲେ କେତେ ସମୟ । ଖରଦିନିଆ ପରିବା ବେଶ୍ ଭଲ ହେଇଛି । ପୁରି ଶାଶୁଘର ଯିବାବେଳେ ପରିବା ଭରରେ ଏଇ ବାଡ଼ି ପରିବା ସବୁ ଦବା ପାଇଁ ସେ ମନେ ମନେ ସ୍ଥିର କରିଛନ୍ତି । ନଡ଼ିଆ ତୋଳା ହବ । ବିଲରୁ ଆସିବ ଆଳୁ । ପରିବା କେତେ ଭର, ନଡ଼ିଆ କେତେ ଭର ସେ କଥା ବୁଝିବେ ରଙ୍ଗଲତା । ପୋଖରୀରେ ମାଛ ଯାଆଁଳ ଛଡା ହୋଇଥିଲା । ଭକୁଡ, ରୋହି ବଡ଼ ବଡ ହୋଇ ଗଲେଣି । ଆଉ ଦଶ ପନ୍ଦର ଦିନ କଥା । ଏବେଠୁ ସବୁ ଠିକ୍ ନ କଲେ

Digitized by srujanika@gmail.com

କିମିତି ହବ ? ସେ ଭବିଥିଲେ ଡାକଘରୁ ଜମା ଟଙ୍କା ବାହାର ନ କରି ଏଇ ବାକି ଥିବା ଖଜଣା ଟଙ୍କା ମିଳିଗଲେ ସୁରି ଶାଶୁଘର ଯିବାଟା ଚଳିଯିବ । ତା' ତ ହଉନି । ବିଭୁରଞ୍ଜନ ଜବରଦସ୍ତ ଟଙ୍କା ଆଦାୟ କରି ନେବାକୁ ଚାହେଁ । ତା' କିମିତି ହବ, ହଉ ଗୋପାଳଙ୍କ ଇଚ୍ଛା ସେ ସବୁ କରେଇ ନେବେ ।

ଚଉରା ପାଖରେ ସଞ୍ଜବତୀ ଥୋଇଲେ ରଙ୍ଗଲତା । ସଞ୍ଜ ଅନ୍ଧାର ସୁଧୀରଞ୍ଜନଙ୍କ ମନକୁ ସ୍ପର୍ଶ କଲା । ହଠାତ୍ ସେ କାହିଁକି ବିମର୍ଷ ହୋଇ ପଡ଼ିଲେ । ପରେ ପରେ ଛୁଆ ପିଲାଙ୍କ ମଙ୍ଗଳ ମନାସି ଗୋପାଳଙ୍କୁ ହାତ ଯୋଡ଼ିଲେ, ତା'ପରେ ଚାଲିଲେ ଘରଆଡେ । ଠାକୁରଙ୍କ ପାଖରେ ସନ୍ଧ୍ୟା ଆଳତୀ ଚାଲିଛି । ପିଲାଏ ହାତ ଯୋଡ଼ି ବସିଛନ୍ତି । ସନ୍ଧ୍ୟା ଦୀପ ପାଖରେ ପ୍ରଣତି ଜଣାଉଛନ୍ତି ରଙ୍ଗଲତା । ବାହାର କବାଟ ପାଖରେ ମୁଣ୍ଡ ଲଗାଇଲେ ନର୍ମଦା । ସୁରି ହାରମୋନିୟମ ଧରି ବସିଛି । ଆଳତୀ ସରିଲା ପରେ ସେ ଭଜନ ଗାଇବା ଆରମ୍ଭ କଲା... ପ୍ରଭୁ ତୁମକୁ ଡାକୁଛି ମୁଁ ଆରତ ସ୍ୱରେ... ପିଲାଏ ପାଳିଧରି ଗାଇଲେ ।

ସୁଧୀରଞ୍ଜନ ସେଇଠି ବସି ଭଜନ ଶୁଣୁଥିଲେ । ଆଖିରେ ତାଙ୍କର ପାଣି ଚାଲି ଆସିଲା । ଆହା ପ୍ରଭୁ ହେ, ସତେ କ'ଣ ମୋ ଅନ୍ତରର ଡାକ ଶୁଣୁଛ ତୁମେ ? ତାଙ୍କ ହୃଦୟ ଥରି ଉଠିଲା । ସତେ କି ସେ ସବୁ ପାଇ ଯାଇଛନ୍ତି । ଏ ଜୀବନରେ ତାଙ୍କର କିଛି ଲୋଡ଼ା ନାହିଁ ।

ଭଜନ ସରିଲା । ପିଲାମାନେ ପଢିବାକୁ ଚାଲିଗଲେ । ଅଗଣାରେ ସପ ଖଣ୍ଡେ ପକେଇ ରଙ୍ଗଲତା ଡାକିଲେ, "ନମି, ତୁ ଏଇଠିକି ଆ । ସେ ଗରମରେ ସାଡେ ବସି ପାରିବୁନି ।"

ନର୍ମଦାକୁ ଏବେ ଭାରୀ ଗରମ ହଉଛି । ବୈଶାଖ ମାସର ଗରମ, ଦିନକୁ ଦିନ ଦେହ ଭାରୀ ଲାଗୁଛି । ସବୁଥରଠୁଁ ଏଥର କାହିଁକି ବେଶୀ ଅଳସୁଆ ଲାଗୁଛି । ରଙ୍ଗଲତା କହିଲେ, "ହଁ, ଏଥର ଝିଅ ହବକି କ'ଣ । ଜଣା ତ ପଡୁଛି ସେମିତି ।"

ଯାହା ହବ ହଉ, ଏ କଷ୍ଟରୁ ବୋହୂଟା କିମିତି ଖଲାସ ପାଇଯାଉ । ସେଇ ତାଙ୍କର ଚିନ୍ତା ।

"ତୁମେ ଗହଣା ଦେଖିଲଣି ବୋଉ ? ଏବେ ତୁମକୁ ଦେଖେଇବି ବୋଲି କାଢି ଥାଆନ୍ତି ଯେ ।"

"ହଉ ଦେଖିବି ତ ରହ । ରୁପାଥାଳୀ ଦୁଇଟା ସଫା ହେଇଛି ନା ?"

Digitized by srujanika@gmail.com

"ହଁ, ସବୁ ଆସିଛି । ଯାହା ରଙ୍ଗ ହବାର ଥିଲା ଆଉ ତିଆରି ଗହଣା ସବୁର କାମ ସରିଛି । ତୁମେ ବାପାଙ୍କୁ ଦେଖାଇ ସାରି ଲୁହା ସିନ୍ଦୁକରେ ରଖିଦେବ ଆଜି । ମତେ ଭଲ ଲାଗୁନି ।"

"ତୁ ବ୍ୟସ୍ତ ହ'ନା, ପୂଜାରୀ ବାଢ଼ି ଦବ ସମସ୍ତଙ୍କୁ । ସେଥିଲାଇ ଘର ଆଡ଼େ ତୋର ଆଦୌ ଯିବା ଦରକାର ନାହିଁ ।"

ପିଲାଏ ପାଟି କରୁଛନ୍ତି ପଢ଼ିବା ପାଖରେ, ମାଷ୍ଟେ ଆଜି ଆସି ନାହାନ୍ତି କି କ'ଣ, ରଙ୍ଗଲତା ପାଟିକଲେ । ସେଇଠି ଥାଇ କହିଲେ, "ତୁମର ପଢ଼ିବାକୁ ଇଛା ନାହିଁ କିରେ ଆଜି ।"

"ଜେଜେମା, ଦେଖିଲୁ କୃଷ୍ଣ ମୋ ବହି ଛଡ଼େଇ ନେଉଛି । ଆରେ ଚିରିଯିବ, ମୋ ନୂଆ ବହି ।"

"ଓହୋ, ଭାରୀ ନୂଆ ବହି ଦେଖେଇ ହଉଛି ?"

"କି ବହି କିଲେ ସୁରି ?"

"ଏଠିକି ଆ ଦେଖିବୁ । ରେବ କୋଉଠୁ ବହି ଆଣିଛି ଯେ କାହାକୁ ଦଉନି ।"

କଳି ଭାଙ୍ଗିବାର କିଛି ଉପାୟ ନ ଦେଖି ବାଧ୍ୟରେ ଉଠିଲେ ରଙ୍ଗଲତା ।

"ଆଲୋ ମା' ଦେ ସେ ବହି ତାଙ୍କୁ ।"

"ରେବ ଘରରେ ଚୁପ୍ କରି ବସିଛି । ବହି ଦୁଇଟା ଲୁଗାଢାଙ୍କି ତଳେ ଲୁଚେଇ ଧରିଛି ।"

"ଜେଜେମା, ତା'ପାଇଁ ନୂଆ ବହି ଆସିବ, ଆମପାଇଁ କିଛି ନାହିଁ । ମୁଁ ଆଜି ବାପାଙ୍କୁ କହୁଛି ।"

"କ'ଣ ଯେ ସେ ବହି... ସନ୍ଧ୍ୟାବେଳଠୁଁ ଖାଲି ବହି ବହି କାହିଁକି ହଉଚ ? ପାଠ ପଢ଼ିବାରେ ମନ ନାହିଁ ତ ଚୁପ୍‌ଚାପ୍ ଯାଇ ଶୋଇପଡ଼ ।"

ରେବ ବହିଧରି ଦୌଡ଼ିଯାଇ ତା' ଖେଳନା ପେଡ଼ି ତଳେ ଲୁଚେଇ ଦେଲା ।

ରଙ୍ଗଲତା ପିଲାଙ୍କ ପାଖରୁ ଉଠି ଚାବିନେଇ ଟ୍ରଙ୍କ୍ ଖୋଲି ବସିଲେ । ନର୍ମଦା ଗୋଟି ଗୋଟି କରି ଖୋଲି କାଢ଼ି ଦେଖାଇଲେ ଝିଅ ଜୋଇଁଙ୍କର ରୂପାଥାଳୀ, ଗିନା, ଥାଳିଆ, ଗ୍ଲାସ, ଠାକୁରଙ୍କ ସୁନା ମୁକୁଟ, ହାର, ରୂପାଖଟୁଲୀ । ବାହାଘର ବେଳେ ଜୋଇଁ ଉମାକାନ୍ତଙ୍କୁ ସୁନାହାର, ସୁନାବୋତାମ, ଚାରିଭରିର ଘୋରିବା ସୁନାମୁଦି ଦିଆ-

Digitized by srujanika@gmail.com

ହୋଇଥିଲା । ଏବେ ଝିଅର ସବୁ ବାକି ରହିଛି । ମୁଣ୍ଡର ମଥାମଣିଟି ବାକ୍ସରୁ କାଢ଼ି ପ୍ରଥମେ ଦେଖିଲେ ରଙ୍ଗଲତା, "ଭାରୀ ସୁନ୍ଦର ହୋଇଛି ଲୋ ନମି । ସୁରିକୁ ଏଇଟି ଭଲ ମାନିବ ।" ତା'ପରେ ନର୍ମଦା ବାହାର କଲେ ଦଶଭରିର ଗ୍ରିସରିଆ ସୁନାଚେନ, ପୁଣି କୁଲକଚି, ମୋହରମାଳ, କାନ ଝୁମୁକା, ନାକଫୁଲ, ଚୁଡ଼ି, ସୁନାଖଡ଼ୁ, ଆର୍ମଲେଟ, ରୁପାର ବାଲା, ବଟଫଳ, ପାଉଁଜି ।

"ଏସବୁ ରୁପା ଗହଣା କିଏ ପିନ୍ଧୁଛି ? ଖାଲି ଶାଶୁ ଗୋସେଇଁଶାଶୁଙ୍କର ଗୁଡ଼ାଏ ବୋହି ନେବାର ଯାହା ମତଲବ ।"

ନର୍ମଦା ନୀରବରେ ଗହଣା ଜିନିଷପତ୍ର ବନ୍ଦ କରି ରଖିଲେ । ପିଲାଏ ଆସି ଆମକୁ ଦେଖା, ଆମକୁ ଦେଖା ବୋଲି ଯିଦ୍ କରୁଛନ୍ତି । ଏକା ସୁରିଟି ସବୁ ପିଲାଙ୍କ ପଛକୁ ଠିଆ ହୋଇଛି ।

"ତୋ ଗହଣା ଦେଖ, ନାନୀ । କେତେ ଜିନିଷ ତୋତେ ଦିଆହବ ଆସିଛି ।" କୃଷ୍ଣ ଚିଡ଼ଉଛି ସୁରିକି । ସେ କିନ୍ତୁ ସେମିତି ଚୁପ୍‌ଚାପ୍ ।

"ଓହୋ, ଏଠିକୁ ଆସିଲ କାହିଁକି ? ହଉ ହେଲା, ସୁରି ଏକା ଥାଉ ଏଠି, ତୁମେ ସବୁ ଗଲ ।"

ରଙ୍ଗଲତା ପିଲାଙ୍କୁ ଚଢ଼ିଲେ । ସତକୁ ସତ କୃଷ୍ଣ, ଟୁନା ଅଗଣାକୁ ଚାଲିଗଲେ । ରେବ ଭାରୀ ଆଗ୍ରହରେ ଗହଣାସବୁ ଦେଖୁଥାଏ । ତା'ର ସେଇ ଗୋଲାପୀ ଜରିଶାଢ଼ୀ ସଙ୍ଗେ ଏସବୁ ଗହଣା ତାକୁ କିମିତି ମାନିବ ସେ କଳ୍ପନା କରୁଥାଏ । ମନ ହଉଥାଏ ଜେଜେମା'ଙ୍କୁ ଗହଣା ମାଗିନେଇ ସଜେଇ ହେଇ ହଠାତ୍ ସେ ସବୁ ପିଲାଙ୍କୁ ଆଶ୍ଚର୍ଯ୍ୟ କରିଦିଅନ୍ତା ।

"ତୋ ପାଇଁ ଏମିତି କେତେ ଗହଣା ଆସିବ ଲୋ ରେବ, ତତେ ତ ଆହୁରି ବେଶୀ ଦିଆହବ ।" ତା' ମନକଥା ବୁଝିଲା ଭଳି କହିଲେ ରଙ୍ଗଲତା ।

ସୁରି, ରେବ ସେଘରୁ ପଳେଇଲେ ଅଗଣାକୁ । ସେଇଠି ପଡ଼ିଥିବା ସପରେ ଶୋଇ କୃଷ୍ଣ କହୁଥିବା ଗପ ଶୁଣିଲେ ସମସ୍ତେ । ରେବ ମନ ଦେଇ ଗପ ଶୁଣୁଥାଏ । ସୁରି ଭାବୁଥାଏ, ଏତକ ଗହଣା ପିନ୍ଧିଲେ ତାକୁ କିମିତି ମାନିବ ।

ଆକାଶରେ ଖଣ୍ଡେ ଭସାବାଦଲ ଚନ୍ଦ୍ରକୁ ଲୁଚେଇ ଦେଉଥାଏ, ଟିକିଏ ସମୟ ପରେ ଚନ୍ଦ୍ର ପୁଣି ମୁହଁ ଦେଖଉଛି ।

Digitized by srujanika@gmail.com

"କହିଲୁ ନାନୀ, ଆକାଶରେ ଚନ୍ଦ୍ର ଗ୍ଲିଛି ନା ବାଦଲ ?" ଜହ୍ନର ଲୁଚକାଳି ଖେଳ ଦେଖୁଛି ରେବ ।

"ସେଦିନ ଢେଢେବାପା କହୁ ନଥିଲେକି ।"

"କହିଲୁ, ଟ୍ରେନ୍‌ରେ କଟକ ଯିବାବେଳେ ଗଛସବୁ ଆମ ପଛରେ ଦୌଡ଼ିବା ଭଳି କାହିଁକି ଜଣାପଡ଼ନ୍ତି ?"

ହସି ହସି ପିଲଙ୍କ କଥାର ଉତ୍ତର ଦେଲେ ସୁଧୀରଞ୍ଜନ । ଠିକ୍ ସେତିକି-ବେଳେ ରତିବୈଠକ ସାରି ସେ ଆସୁଥିଲେ ଅଗଣାକୁ ।

ରଙ୍ଗଲତା ଡାକୁଛନ୍ତି, "ହଇହେ, ତୁମେ ଆଡ଼େ ଟିକେ ଆସ ।"

"ହଁ ହଁ, ଯାଉଛି ରହ ।"

"ଢେଢେ, ଚଞ୍ଚଳ ଆସିବ ।"

"କ'ଣ କରିବି କହ ? ତୁମ ସାଙ୍ଗରେ ଖେଳିଲେ ତୁମ ଢେଢେମା' ପର ହିଂସା କରୁଛି ମତେ ।"

"ସେଇ ଖୋସାମତିଆ ପଂଝ୍ୱାକ ଧରି ରତିଅଧ ଯାଏ ଚଉପାଢ଼ୀରେ ବସି-ଥାଅ । ଆଉ କେତେଟା ଦିନ ଅଛି, ତୁମେ କିଛି ଭବୁଛ ? ସୁରିକୁ ପଠେଇ ପୁଣି ରେବ ପାଇଁ ଜିନିଷ ସଜାଡ଼ିବାକୁ ହବ ଯେ ।"

"ଯେ ଦେଇଛି ସେ ବୁଝିବ, ସବୁ କାମ ସେ ହିଁ ଚଳେଇ ନେବ, ଆମେ କ'ଣ କରିବା ?"

ଗହଣା ଦେଖୁଛନ୍ତି ସୁଧୀରଞ୍ଜନ । ଓଠର ହସ ଦୀର୍ଘଶ୍ୱାସରେ ପରିଣତ ହଉଛି । କେଡ଼େ ସାନ ସାନ ହେଇଛନ୍ତି ଏମାନେ । ତାଙ୍କୁ ସେ ପରଘରକୁ ପଠେଇ ଦେଇ ଦାୟିତ୍ୱ ଛିଣ୍ଡେଇ ଦେବାକୁ ବସିଛନ୍ତି ! କାଲି ପରି ଲଗୁଛି । ବିଭୁରଞ୍ଜନର ବିବାହ । ଘରକୁ ଆସନ୍ତି ଲକ୍ଷ୍ମୀ ପରି ବୋହୂ ନର୍ମଦା । ଦୁଇ ଝିଅରେ ଗୋଟିଏ ପୁଅ । ଝିଅ ଦୁହେଁ ବାହାହୋଇ ଗ୍ଲିଗଲେଣି । ଏ ଘର ସାଙ୍ଗରେ ତାଙ୍କର କି ବା ସମ୍ପର୍କ ?

ସୁଧୀରଞ୍ଜନ ଭରୀ-ହୃଦୟରେ ପାଖ ବାରଣ୍ଡାକୁ ଉଠି ଆସିଲେ । ପିଲମାନେ କଥା ଗପି ଗପି ପାଖ ବାରଣ୍ଡାରେ ଶୋଇ ଯାଇଛନ୍ତି । ତାଙ୍କୁ ଗ୍ହିଁ ଗ୍ହିଁ ସେ ଭବୁ-ଥିଲେ– ଏ ସମୟ ଏମିତି ଗ୍ଲିଯିବ । ଏ ରତି ପାହି ସକାଳ, ପୁଣି ସକାଳୁ ପରେ ଆସିବ ରତି ।

Digitized by srujanika@gmail.com

ସତକୁ ସତ ଏ ଦିନ କେତେଟା କେତେ ଚଞ୍ଚଳ ଗ୍ଲଲିଗଲ ! ସୁରିକୁ ଶାଶୁଘର ପଠାଇ ଦେବାର କେତେଦିନ ଗ୍ଲଲି ଗଲଣି । ପୁଣିଥରେ ଶଙ୍ଖୁଳା ଘର ସଜାଡ଼ି ପଠାଇ ଦେଲେଣି ରଙ୍ଗଲତା । ନାତୁଣୀଟିକୁ ଚଞ୍ଚଳ ଆଣିବାକୁ ଖବର ପଠାଇଛନ୍ତି ସୁଧୀରଞ୍ଜନ । ପିଲାଏ ନାନୀ ଆସିବ ବୋଲି ଦିନ ଗଣୁଛନ୍ତି ।

ବାରିକ ହାତରୁ ଚିଠିଟା ଟାଣିନେଇ ପଢୁଛି ରେବତୀ । ମୁହଁଟା ତା'ର ବଡ଼ ମଣିଷଙ୍କ ପରି ଗମ୍ଭୀର ହୋଇ ଯାଇଛି । ପିଲମାନେ ସମସ୍ତେ ତାକୁ ଘେରିଛନ୍ତି । ସମସ୍ତଙ୍କୁ ଠେଲି ଦେଇ ସେ ପହଞ୍ଚିଲ ରଙ୍ଗଲତାଙ୍କ ପାଖରେ ।

"ଦେଖିଲୁ ଜେଜେମା', ସୁରିନାନୀ କ'ଣ ଲେଖିଛି ।" ଗୋଟାଏ ଗଡ୍ଡ୍ୟର ଜିନିଷ ସଜାଡ଼ି ଘରର ବଡ଼ ଝିଅକୁ ସେ ପରଘରକୁ ପଠାଇ ଦେଲେ । ଗୋବିନ୍ଦ ତ୍ରିପାଠୀ ଘର ଏଇ ପୁରୁଷରେ ଖାନଦାନୀ ଦେଖେଉଛନ୍ତି । ଆଗରୁ ତ କିଛି ନାହିଁ । ଯେତେ ନେଲେ ବି ନେବାର ଶୋଷ ବଢୁଛି । ବୋହୂକୁ ଏବେ ଛାଡ଼ିବେନି ବୋଲି ବୁଲେଇ ଲେଖିଛନ୍ତି ତ୍ରିପାଠୀ ।

"ମୋତେ ଦିନକ ପାଇଁ ହେଲେ ନେଇଯିବାକୁ ଜେଜେବାପାଙ୍କୁ କହିବୁ ।"

ସେଇ ଧାଡ଼ିଟି ପଢି ରେବର ସୁରିନାନୀ କଥା ବହୁତ ମନେ ପଡ଼ିଲ । ମନେହେଲ ବିଲ ଭିତରେ ଦୌଡ଼ି ଦୌଡ଼ି ଦୁଇକୋଶ ରସ୍ତା ଅତିକ୍ରମ କରି ସେ ପହଞ୍ଚିଯିବ ତା' ପାଖରେ । ଦେଖିଆସିବ ସେଦିନ ଗହଣା, ନାଲିପାଟ ପିନ୍ଧି କାନ୍ଦି କାନ୍ଦି ସବାରୀରେ ଯାଉଥିବା ସେଇ ତା'ର ସୁରିନାନୀକୁ । ଏବେ କ'ଣ କରୁଥିବ କେଜାଣି !

ନା, ସୁରି ଆସିଲନି । ସେମାନେ ତାକୁ ପଠେଇଲେନି । ଗ୍ଲଲୁଁ ଗ୍ଲଲୁଁ ତିନିବର୍ଷ କଟିଗଲ । ନର୍ମଦାଙ୍କ କୋଳପୋଛା ଝିଅ ଆହୁତି ଠୁକୁ ଠୁକୁ ହୋଇ ଗ୍ଲଲି କେତେ କଥା କହିଲଣି । ତା' ଜନ୍ମ ବେଳକୁ ସୂତିକା ରୋଗରେ ପଡ଼ି ମରିବାରୁ ବଞ୍ଚିଲେ ନର୍ମଦା । ଶାଶୁଘରେ କାନ୍ଦି କାନ୍ଦି ସୁରିର ଆଖି ଫୁଲିଲ । ସୁଧୀରଞ୍ଜନ ନିଜେ ଯାଇ ଫେରି ଆସିଲେ । ତ୍ରିପାଠୀଏ ଦମ୍ଭ ଧରି ବସିଛନ୍ତି । ତାଙ୍କର ସେଇ ନା ତ ନା । ବୋହୂ ପଠେଇବେନି ଏବେ ।

ସେଦିନ ଇସ୍କୁଲ ପଛ ଖେଳପଡ଼ିଆରୁ ଖେଳି ଫେରିବା ବେଳେ କିଏ ପାଚେରୀ ପାଖରୁ ଡାକିଲ, "କୃଷ୍ଣ ଶୁଣିଯା ଟିକେ ।"

Digitized by srujanika@gmail.com

ଛୋଟ କାଗଜଟିଏ ଧରି କୃଷ୍ଣ ହାତରେ ଗୁଞ୍ଜିଦେଲେ ଉମାକାନ୍ତ । "ତୋ ନାନୀ ଦେଇଛି, ରେବକୁ ଦେଇଦେବୁ ।" ଶ୍ରେରଙ୍କ ଭଳି ତରତରରେ ସାଇକେଲରେ ଶୀଘ୍ର ଗ୍ଭଲିଗଲେ ସେ ।

"ମାଇଚିଆ କୋଉଠିକାର, ଘରକୁ ଆସି ଚିଠିଟା ଦେଇ ଯାଇଥିଲେ କିଏ ବାନ୍ଧି ପକାଇଥାନ୍ତା ।" ଚିଠିଟା ପଢୁ ପଢୁ କହିଦେଲା ରେବତୀ ।

ସୁରି ଲେଖିଛି, "ଜେଜେମା'କୁ ନେଇ ବୁଢ଼ାବରଗଛ ପାଖ ମେଳାକୁ ତୁ ଆସିବୁ । ଶାଶୁ କ'ଣ ଭୋଗ ଯାଚିଛନ୍ତି । ମତେ ନେଇ ଯିବେ କହିଛନ୍ତି । ସମସ୍ତଙ୍କୁ ଦେଖିବାକୁ ମୋର ଭରି ମନ ।"

ରେଷେଇ ଘରେ ଚୁଲି ପାଖରେ ବସି ପିଠା ଛାଣୁଥିଲେ ନର୍ମଦା । ଆଖି ଲୁହରେ ତାଙ୍କୁ କିଛି ଦେଖାଗଲା ନାହିଁ । ଏ ମାସରେ କେତେ ପରବ । ପିଲାମାନେ ପିଠା ଖାଇ ହସଖୁସି କେତେ ଆନନ୍ଦ ହେଉଛନ୍ତି । ଝିଅଜ୍ୱାଇଁଙ୍କୁ ଘରକୁ ଆଣିବାକୁ କେତେ ମନ ସେ କରିଥିଲେ । ଦିନକ ପାଇଁ ବି ଗୋଟିଏ ପର୍ବରେ ସୁରି ଆସି ପାରିଲା ନାହିଁ । ସେ ଆଖି ପୋଛିଲେ ।

"ତୁ ବୋଉ କାନ୍ଦୁଛୁ କାହିଁକି ? ଜେଜେବାପା କହୁଥିଲେ ଏଇଥର ନାନୀକୁ ନେଇ ଆସିବେ ଯେ ।"

ରେବତୀ ହସୁଛି । ଆଗ ଅପେକ୍ଷା କେତେ ବୁଦ୍ଧିଶୁଦ୍ଧି । ପୂର୍ବାପେକ୍ଷା ରଙ୍ଗ ଦିଶୁଛି ଆହୁରି ଉଜ୍ଜ୍ୱଳ । ତେର ବର୍ଷର ଝିଅ ରେବତୀ ମାଇନର ପରୀକ୍ଷା ଦେଇ ଶାଶୁ ଘରକୁ ବାହାରିଲଣି । କିଏ ଜାଣେ ମିଶ୍ରଘର ପୁଣି କୋଉ ଜିଦ୍ କରି ନ ବସିବେ । ରେବତି ତାଙ୍କର କେତେ ଗୁଣର ଝିଅ । ସୁରି ଭଳି ଚୁପ୍‌ଗ୍ଭପ୍ କଥା ସହି କବାଟ କଣରେ ବସି ଆଖି ପୋଛିବା ଝିଅ ସେ ନୁହଁ । ଅନ୍ୟାୟ ତା' ଦେହରେ ଯାଏନା । ନ୍ୟାୟର ସପକ୍ଷରେ ସେ ସାହସର ସହିତ ଯୁକ୍ତି କରେ । ବାପା, ଜେଜେ-ବାପାଙ୍କର ଭଲ ଗୁଣତକ ସେ ଆଣିଛି । ସୁଧୀରଞ୍ଜନଙ୍କ ଭଳି ଯେତିକି ସେ ଧୀର-ସ୍ଥିର, ବିଭୁରଞ୍ଜନଙ୍କ ଭଳି ସେମିତି ଦୃଢ଼ ।

ରେବତୀର ମେଳାକୁ ଯିବା ବନ୍ଦ ହେଲା । ରଙ୍ଗଲତା ନାହିଁ କରିଦେଲେ । ପାଖ ଗାଁରେ ତା'ର ଶାଶୁଘର । କିଏ ଜାଣେ, ମିଶ୍ରଘର ଲୋକ ଆସିଥିବେ । ଆଉ ଦୁଇଟା ଦିନରେ ସେ ଯିବ ତାଙ୍କ ଘରକୁ । ବରଂ କୃଷ୍ଣ, ଟୁନା, ଆହୁତିକୁ ନେଇ ସେ ନିଜେ ଯିବେ ମେଳା ଦେଖି ।

Digitized by srujanika@gmail.com

ନର୍ମଦାଙ୍କ ଆଖିରୁ ଲୁହ ଶୁଖିନି । ଗୋଟିଏ ଝିଅକୁ ଘରଘରକୁ ଠେଲିଦେବା ପରେ ସେ ଘର ସଜାଉଛନ୍ତି ରେବର । ଗୁଡ଼ିଆ ଲଗି କେତେ ପ୍ରକାରର ଶୁଖିଲ ମିଠା ଛାଣୁଛନ୍ତି ।

ବଡ ବଡ଼ ହାଣ୍ଡିରେ ନର୍ମଦା ସଜାଉଛନ୍ତି ଗଜା, ଫେଣି, ଜଇବି, ଆରିସା ପିଠା ଇତ୍ୟାଦି । ସେଇ ପରିବା, ମାଛ, ନଡ଼ିଆ ଘର । କୋଉ ଦିନରୁ ଗଢ଼ା ହୋଇ ରହିଛି ଗହଣା । ବିଭୁରଞ୍ଜନ କିଣି ଆଣିଛନ୍ତି କେତେ ପାଟ, ସିଲ୍କ ଶାଢ଼ୀ ! ସତକୁ ସତ ସ୍ବରିଠୁ ରେବ ପାଇଁ ଅଧିକା କେତେ ରକମର ଜିନିଷ ସଜଡ଼ା ହେଲଣି । ସେ ପାଖ କଣ ଘରଟାରେ ପଲଙ୍କ, ଆଲମାରୀ, ଆଲଣା, ଚଉକି, ଟେବୁଲ, ଗ୍ରାମ୍‌ଫୋନ୍ । କେହି କୁଆଡ଼େ ଦେଖିବାକୁ ନାହିଁ । ବିଭୁରଞ୍ଜନ ଏଥର ଖଜଣା ଆଦାୟ ବେଳେ ଦିନଟିଏ ବି ଛାଡ଼ି ନାହାନ୍ତି କାହାକୁ । ଦୁଇଦିନ ପାଇଁ ପୁରୀ ଯାଇଛନ୍ତି ସୁଧୀରଞ୍ଜନ । ବାପା ଯିବା ପରେ ପରେ ବଳି ଗୁମାସ୍ତାଙ୍କୁ କହି ପିଆଦା ପଠେଇ ପ୍ରଜାଙ୍କୁ ଧରି ଆଣିଲେ ସେ । ବାପ୍ପୁ ଚୌଧୁରୀଙ୍କ ପରି ସେ ବି ସେ ଦିନ ନିର୍ମମ ହୋଇ ଉଠିଥିଲେ । ଘୃଷି ଗଉଡ ହାତ ଯୋଡ଼ି ଯୁକ୍ତି ବାଢ଼ିଲ

"ଆପଣ ପ୍ରଜାର ମା' ବାପ । ଆମ ପେଟ ନ ଚିହ୍ନିଲେ ଆମକୁ ଭେକ ଉପାସରେ ମାରି ଦିଅନ୍ତୁ ।"

ବଳି ଗୁମାସ୍ତାଙ୍କ ଗଗ ପଞ୍ଚମକୁ ଉଠିଗଲା । ସାନବାବୁଙ୍କ ଜୋର୍‌ରେ ସେ ବି କହି ପକାଇଲେ, "ବାନ୍ଧ ଶଳାକୁ ସେ ଗଛରେ ।" ତା'ପରେ ଗ୍ଲୁଲିଲ ଜମାଇ ମିଆଁର ଗୁଚ୍ଛକ । ଖଗତାତି ସଙ୍ଗେ ଗୁବୁକମାଡ଼ ଖାଇ ଚେତା ହରେଇଲା ଘୃଷି । ତା'ପରେ କିନ୍ତୁ କାହାରି ପାଳି ଆଉ ପଡ଼ିଲା ନାହିଁ । ଜଣଙ୍କ ପରେ ଜଣେ ଆସି ଦେଇଗଲେ ବାକିଆ ଖଜଣା । ପରଦିନ ନିଜେ ଘୃଷି ସୁନାପିଳ ଭଳି ଆସି ଦେଇ ଯାଇଥିଲା ଟଙ୍କା ସବୁ ।

ବିଭୁରଞ୍ଜନ ହାତ ଖୋଲି ଖର୍ଚ୍ଚ କରୁଛନ୍ତି । କେତେ ଆଡୁ ଆସିଛି ବାକିଯା ଟଙ୍କା । ମିଶ୍ର ଘର ଖାନଦାନିକୁ ଗ୍ରହିଁ ଜିନିଷ ସଜଡ଼ା ହୋଇଛି । ତ୍ରିପାଠୀଙ୍କ ଭଳି ସେ ତ ଆଉ ଜମି ମାଗି ନାହାନ୍ତି ।

କାନ୍ଦି କାନ୍ଦି ରଙ୍ଗଲତାଙ୍କ କୋଳରେ ଲେଟି ଯାଉଛି ରେବ । ନର୍ମଦା କାନ୍ଦୁ-ଛନ୍ତି ବିକଳ ହୋଇ । ସୁଧୀରଞ୍ଜନ କୋହ ସମ୍ଭରଣ କରି ପାରୁ ନାହାନ୍ତି । ରେବକୁ ବିଦାୟ ଦେଇ ଗଛପତ୍ର ବି କାନ୍ଦୁଛନ୍ତି । ରଙ୍ଗଲତା ନାତୁଣୀକୁ ସବାରୀରେ ବସାଇ

Digitized by srujanika@gmail.com

ଦେଇ "ମୋ ମା, ରେବ ଲୋ—" କହି ବିକଳ କାନ୍ଦଣା ଆରମ୍ଭ କରିଦେଲେ । ସୁଧୀ-ରଞ୍ଜନ ବେହେରଙ୍କୁ ସବାରୀ କାନ୍ଧେଇବାକୁ ବରଦ କରି ଆଖି ପୋଛି କହିଲେ, "ଥାଉ, ମା ! ମୁଁ ଯିବି ଅଳ୍ପ ଦିନ ଭିତରେ ତୋତେ ନେଇ ଆସିବି ।" ନାତୁଣୀର ଲୁହ ପୋଛି ମୁଣ୍ଡରେ ହାତ ରଖିଲେ ସେ । ରେବ ପାଖରେ ଭଲ ଜାମା ପେଣ୍ଟ ପିନ୍ଧି ବସିଛି କୃଷ୍ଣ । ତା' ଆଖିରେ ଲୁହ ନାହିଁ । ସେ ତ ସାଙ୍ଗରେ ଯାଉଛି କାନ୍ଦିବ କାହିଁକି ?

ମିଶ୍ର ଘର ପୂରି ଉଠୁଛି ଭର ଥୋରରେ । ସାଇ ପଡ଼ିଶା, କୁଣିଆ ଭିଡ଼ ହୋଇଛନ୍ତି । ଏତିକି ଜିନିଷପତ୍ର ବୋହୂ ସାଙ୍ଗରେ ଆସିବା କେହି କେବେ କେତେଖଣ୍ଡ ଗାଁରେ ବି ଦେଖି ନଥିଲେ ବୋଲି କଥାବାର୍ତ୍ତା କରୁଛନ୍ତି । ବୋହୂର ଉଜ୍ଜ୍ୱଳ ରୂପ, ଗହଣାଗାଣ୍ଠି, ପାଟଶାଢ଼ୀ– ଆହା, କେଡ଼େ ସୁନ୍ଦର ମାନୁଛନ୍ତି ପୁଅ ବୋହୂ । ସମସ୍ତେ ପ୍ରଶଂସା କରୁଛନ୍ତି ।

ରେବକୁ କୋଳ କରି ଘରକୁ ଆଣିଲେ ଶାଶୂ । ତାଙ୍କ ମନର ସୁଖ ଘର ଧରୁନାହିଁ । ଚତୁର୍ଥୀ ଭୋଜିର ଖବର ବୁଝିବାକୁ କେତେ ଲୋକ, ଅଥଚ ଗୋଟି ଗୋଟି କରି ସେ ବୁଝୁଛନ୍ତି ସମସ୍ତଙ୍କର କଥା । ଶେଷରେ ଗତି ବାରଟାରେ ଅଗଣା ଭିତରେ ଡୁଳଉଥିବା ରେବତୀ ଗଲା ଶୋଇବାକୁ । ଅଖିଳ ଆଖିରେ ନିଦ ନାହିଁ । ରେବତୀକୁ ବାସର ଘରେ ଛାଡ଼ି କବାଟ କିଳିଲେ ଅଖିଳର ଜଣେ ସମ୍ପର୍କୀୟା ଭଉଜ । ପଲଙ୍କ କଣରେ ବସି ରହିଲା ରେବତୀ । ଆଖିରେ ଆଖିଏ ନିଦ । ଦିନ ସାରା ସେ କ୍ଳାନ୍ତ । ଅଖିଳ ଚୁପ୍‌ଚାପ୍ । ରେବ ବି ।

"ତମ ପାଇଁ ବହି ରଖିଛି ।"

ରେବତୀ ଉତ୍ତର ନ ଦେଇ ବସି ରହିଲା । "ନିଅ, କେତେ ଗପ ବହି ଦେଖିଲ ।" ଓଢ଼ଣା ଟିକିଏ ହଲିଗଲା । କିନ୍ତୁ ସେଦିନ ଗଛରେ ଚଢ଼ି ପିଜୁଳି ତୋଳୁଥିବା ରେବତୀ ଏବେ ବହି ଦେଖିବାକୁ ଆଦୌ ବ୍ୟସ୍ତ ହେଲାନି । ଅଖିଳ ଓଢ଼ଣା ଆସ୍ତେ ଖସାଇ ଦେଲା । ମୁହଁ ପୋତି ବସିଛି ସେ । ଦୀପ ଆଲୁଅରେ ଉଜ୍ଜ୍ୱଳ ଦେଖାଯାଉଛି କପାଳର ସିନ୍ଦୁର ଟିପା । ମଥାମଣିର ପଥର ହୀରା ଭଳି ଝଟକୁଛି । ଓଠରେ ଧୀରେ ସ୍ନିଗ୍ଧ ହସ ।

ରେବତୀ ହାତରେ ବହି ଦୁଇ ଖଣ୍ଡ ଧରାଇ ଦେଇ ନୀରବରେ ତାକୁ ଇ ଗ୍ରହି ରହିଲା ଅଖିଳ । ରେବତୀ ବହିକୁ ହାତରେ ଦୁଇଥର ଓଲଟାଇ ଦେଇ ପଲଙ୍କ ଉପରେ ରଖିଦେଲା ।

Digitized by srujanika@gmail.com

"ତୁମେ ଆମ ବଗିଚ୍ଚ ଦେଖିଛ ?" ହସି ହସି ପଚ୍ଚରିଲା ଅଖିଳ ।

'ନା' । ମୁଣ୍ଡ ହଲାଇ ନାହିଁ କଲା ରେବତୀ ।

"ଆସ ଦେଖିବ," ରେବତୀର ହାତ ଧରି ପଲଙ୍କରୁ ଓହ୍ଲାଇ ଆଣିଲା ଅଖିଳ । ମୁଣ୍ଡ ପାଖ ଝରକା ଦେଇ ଦକ୍ଷିଣା ପବନରେ ମଲ୍ଲି, ହେନାର ବାସ୍ନା ଆସୁଛି । ଝରକା ପାଖରେ ଠିଆ ହୋଇଥିଲେ ଦୁଇଜଣ ।

"ଦେଖୁଛ କେତେ ଫୁଲ । ବହୁତ ଫୁଲଗଛ ଅଛି । ଏ ଖାଲି ଫୁଲ ବଗିଚ୍ଚ । ଆଉ କୁଅ ସେ ପାଖ ବଗିଚ୍ଚରେ କେତେ ଫଳ । ପିଜୁଳି, ଜାମୁରୋଳ, କମଳା, ନାସପାତୀ, ଅଙ୍ଗୁର । କାଲି ଦେଖିବ ।"

"ମୁଁ କେମିତି ଦେଖିବି ?" ରେବ ଆସ୍ତେ ପଚ୍ଚରିଲା । "କାହିଁକି ସେ ତ ଆମ ବଗିଚ୍ଚ । ସେ ପାଖଟା ଘରି ଫାଙ୍କା ଯେ । ଆମ ଘରେ ଆଉ କିଏ ଅଛି କି ? ମୁଁ ତୁମକୁ ପିଜୁଳି ତୋଳିଦେବି ।"

ଅଖିଳ ହସୁଛି । ରେବ ତା' ମୁହଁକୁ ଚ୍ଚହିଁ ହସି ପକାଇଲା । ସେ ପାଖରୁ ମୁହଁ ଫେରାଇ ଫୁଲ ଗଛ ଦେଖୁ ଦେଖୁ ପୁଣି ଚଲା ବଉଦ ସାଥୀରେ ଲୁଚକାଳି ଖେଳୁଥିବା ଜହ୍ନକୁ ସେ ଚ୍ଚହିଁ ରହିଲା । ତା'ର ମନ ହେଲା ଅଖିଳକୁ ପଚ୍ଚରିବ, "କହିଲ ଆକାଶରେ ଚନ୍ଦ୍ର ଚ୍ଚଲୁଛି ନା ବାଦଲ ?" ଉହୁଁ ମୋଟେ ଆସିବନି । ପଚ୍ଚରିବ କି ? ପୁଣି ଥରେ ଜହ୍ନକୁ ଚ୍ଚହିଁ ଦେଇ ରେବ ଉଦାସ ହୋଇଗଲା । ତା'ର ମନେ ପଡ଼ିଲା ସେ ଦିନ ସେଇ ରତି । ଅଗଣାରେ ଭାଇ ଭଉଣୀମାନେ ଏକାଠି ଶୋଇ ଆକାଶରେ ଚ୍ଚନ୍ଦ ବାଦଲର ଲୁଚକାଳି ଖେଳ ଦେଖୁଥିଲେ ।

"କ'ଣ ଦେଖୁଛ, ଜହ୍ନ ? ତୁମକୁ ଭରି ଭଲ ଲାଗେ ନା ? ମତେ ବି ।"

ରତି ପ୍ରାୟ କେତେ ହେବ କେଜାଣି, କୁଆଡୁ ଝଡ଼ିବର୍ଷା ମାଡ଼ି ଆସିଛି ଯେ ସନ୍ଧ୍ୟାବେଳଠୁଁ ରତି ବହୁତ ହେଲା ପରି ଜଣା ପଡୁଛି । ସକାଳୁ ବିଛଣାରୁ ଉଠିବା ପରଠୁଁ ସୁରିକୁ ଆଦୌ କିଛି ଭଲ ଲାଗୁନି । ପାହାନ୍ତି ପହରୁ ବିଛଣା ଛାଡ଼ି ରତି ଦୁଇ ତିନି ଘଡ଼ି ପର୍ଯ୍ୟନ୍ତ ଶାଶୁଙ୍କ ସଙ୍ଗେ ରୋଷେଇଘରେ ପଡ଼ି ରହିବା ତା'ର ବଡ଼ କାମ । ତା' କିନ୍ତୁ ଆଜି ଖରାପ ଲାଗୁଛି । ଅବେଳାଟାରେ ମୁଣ୍ଡ ବିନ୍ଧୁଛି କହି ବିଛଣାରେ ପଡ଼ିଛି ସୁରି । ଦିନଯାକ ତା'ର ଏ ଭାବ ଦେଖି ଶାଶୁ କେତେ ବିରକ୍ତ ହେଲେଣି ।

Digitized by srujanika@gmail.com

କିଛି ଭଲ ଲାଗୁନି ! ଓଃ, ଇମିତି ମୁଣ୍ଡବିନ୍ଧା କେବେ ବି ହୋଇ ନ ଥିଲା । "ବୋଉଗୋ......" ସୁରି ପାଟିରୁ ବିକଳରେ ବାହାରି ଆସିଲା । ଲୁହ ଛଳଛଳ ଆଖିରେ ଢଳଢଳ ହେଇ ଦେଖାଗଲେ ବୋଉ, ଜେଜେମା', ସାନ ସାନ ଭାଇଭଉଣୀମାନେ । ନା... ସମସ୍ତଙ୍କୁ ଦେଖିବା ସ୍ୱପ୍ନ ହୋଇଗଲା । ସେଦିନ ଜେଜେବାପା ଆସିଥିଲେ ଯେ ଶ୍ୱଶୁର ନାହିଁ କରିଦେଲେ ତାକୁ ଛାଡ଼ିବାକୁ । ସୁଧୀରଞ୍ଜନ ଯିବା ପୂର୍ବରୁ କହିଗଲେ, "ହଉ, କିଛିଦିନ ଯାଉ ବଳେ ଏମାନଙ୍କ ରାଗ ଶାନ୍ତ ହେବନି, ତୁ ବ୍ୟସ୍ତ ହବୁନି ମା' ।"

ସୁରି ତକିଆରେ ମୁହଁ ମାଡ଼ି ପଡ଼ି ରହିଛି, ଶାଶୁ ଡାକିଲେ ଖାଇବାକୁ । ନାହିଁ, ନାହିଁ କହି ସେ ଉଠି ବସିଲା ବିଛଣାରେ । କପାଳ, ଗାଲରେ ହାତ ମାରି ସେ କହିଲେ, "ସତେ ତ ଥଣ୍ଡା ଟିକେ ଧରିଛି କି କ'ଣ ? ହଉ ରହ ରସୁଣ, ମାଲପା ଟିକେ ଗରମ କରି ଦଉଛି, ଗଧାବୋଉ ତୋ ତଳିପାରେ ଘସିଦେବ ।" ସ୍ୱର ଆଉ ଟିକେ ନରମ କରି ସେ କହିଲେ, "ଆଲୋ ମା', ନ ଖାଇଲେ ତୋ ପେଟ ଗରମ ହେଇ ଥଣ୍ଡା ବଢିଯିବ । କିଛି ନ ହେଲେ ବି ଅଦା ପକେଇ ଚୁଡ଼ାଭଜା ଟିକେ କରି ଦଉଛି, ପାଟିକୁ ଭଲ ଲାଗିବ ।"

ଉତ୍ତର ନ ଦେଇ ଶାଶୁଙ୍କ ସଙ୍ଗେ ଖାଇବାକୁ ଉଠଗଲା ସେ । କିନ୍ତୁ ଅଳ୍ପ ସମୟ ପରେ ଥାଳୀ ପାଖରୁ ପ୍ରାୟ କିଛି ନ ଖାଇ ଉଠି ଆସିଲା ଶୋଇବା ଘରକୁ । ଶାଶୁଘର ନୁହେଁ ତ ଜେଲଖାନା । ସେଇ ରୋଷେଇ ଘର, ନହିଲେ କାମ ସରିଲେ ରାତି ଅଧରେ ଶୋଇବାଘରକୁ ଆସିବା ଛଡ଼ା ଦାଣ୍ଡ କବାଟ ଖୋଲି ସେ ବାହାରକୁ କେବେ ବି ଯାଇନି ।

ବିଛଣାରେ ସେମିତି ପଡ଼ି ରହିଛି ସୁରି, ଆଖିରେ ଟିକେ ବି ନିଦ ନାହିଁ । ଶୋଇବାଘର କବାଟଟା ଭିତରୁ ବନ୍ଦ କରି ଉମାକାନ୍ତ ଆସି ବସିଲେ ସୁରିର ବିଛଣା ପାଖରେ ।

"ଆଜି ତୁମର କ'ଣ ହେଇଚି, ସୁରଭି ?"

"କିଛି ନାହିଁ । ତୁମେ ଯାଅ ଶୋଇବ ।" ଆସ୍ତେ କପାଳ ଆଉଁସି ଦେଲେ ସେ । ସୁରିର ବନ୍ଦ ଆଖି ଅତିକ୍ରମ କରି ଗଡ଼ି ଆସିଲା ଦୁଇଧାର ଅଶ୍ରୁ ।

"କାନ୍ଦୁଛ, ମତେ କିଛି କହିବନି । ହଁ କିଛି ନ କହିଲେ ବି ମୁଁ ସବୁ ବୁଝୁଛି ।"

ସୁରି ଆଖି ଖୋଲି ଚାହିଁଲା । ଶୋଇବା ଘର କାନ୍ଥର ଛୋଟ ଝରକା ପାଖରେ କିଏ ଯେମିତି ତାରଛିଟର କଳା ପରଦାଟିଏ ଟାଙ୍ଗି ଦେଇଛି । ଝରକା ପାଖରେ

Digitized by srujanika@gmail.com

ଦେଖାଯାଉଥିବା ଆକାଶର କିଛି ଅଂଶ ତାକୁ ଭାରୀ ସୁନ୍ଦର ଦେଖାଯାଉଥିଲା । ବର୍ଷା କେତେବେଳଠୁ ଛାଡ଼ି ଆକାଶ ସଫା ହେଇ ତାରା ପଡ଼ିଲଣି । ରାତିର ନିସ୍ତବ୍ଧତା ମଧ୍ୟରେ ଶୁଣାଯାଉଛି ଝିଙ୍କାରୀର ସ୍ୱର । କିଛି ସମୟ ବର୍ଷା ହେବାରୁ ବେଶ୍ ଥଣ୍ଡା ଲାଗୁଛି ।

ଚଦରଟା ଆଉ ଟିକିଏ ବେକ ପର୍ଯ୍ୟନ୍ତ ଟାଣିନେଇ ସେଇ ଝରକା ଆଡ଼େ ସେମିତି ଚାହିଁ ରହିଥିଲା ସୁରି । ଉମାକାନ୍ତ ଧୀରେ ଧୀରେ ତା' କପାଳରେ ଅମୃତାଞ୍ଜନ ଘଷି ଦେଉଥିଲେ । କିଛି ସମୟ ପରେ ସେ କହିଲେ, "ତୁମେ ଯେ ଥରେ ହେଲେ ଏପର୍ଯ୍ୟନ୍ତ ତୁମ ଘରକୁ ଯାଇ ପାରିଲନି, ଏସବୁ ଭାବିଲେ ମତେ ଭାରୀ ଖରାପ ଲାଗୁଛି । କିନ୍ତୁ ମୁଁ କ'ଣ କରି ପାରିବି ? ମାଁକୁ ମୁଁ ଘରର ବଡ଼ପୁଅ । ବାପା, ଜେଜେଙ୍କୁ ମୁଁ ବା ଏକଥା କହି ପାରିବି କିମିତି ?"

ସୁରି ସେମିତି ନିରୁତ୍ତର । ଉମାକାନ୍ତଙ୍କର ଦୋଷ ଦେଇ ଲାଭ ନାହିଁ । ଜମି-ବାଡ଼ି ଦେଖି ତା'ର ବାହାଘର କରିଦେଲେ, ମଣିଷର ପ୍ରକୃତି ବା ଜାଣନ୍ତେ କିମିତି ? ସବୁ ତା'ର ଭାଗ୍ୟ । ଏତେ ଟଙ୍କା, ସୁନା ଯୌତୁକ ପାଇ ବି ମନରେ ସେଇ ତିନିଶହ ଅଠର ଡଉଳିର ଜମିଦାରୀ ଖଣ୍ଡକ ପାଇବାକୁ କି ପ୍ରବଳ ଆକାଙ୍କ୍ଷା ! ଲୋଭ କିଛି କମ୍ ନୁହେଁ ।

କିଛିଦିନ ତଳେ ସୁଧୀରଞ୍ଜନ ଆସିବାବେଳେ ସୁରିର ଶ୍ୱଶୁର ବଡ଼ ଜୋର୍‌ରେ ଏଇ କଥାଟା କହୁଥିବାର ସେ ଶୁଣିଛି । ଶାଶୁଙ୍କର ଇଚ୍ଛା ସେ ନିଜେ ଏ ବିଷୟରେ ଜେଜେବାପାଙ୍କୁ ଚିଠି ଲେଖୁ ।

ଛିଃ... ଛିଃ... ସେ ପୁଣି 'ଯା ଦିଅ, ତା' ଦିଅ' କହି ଜେଜେବାପା, ବାପାଙ୍କର ମାନ ତଳକୁ କରିବ ! ନହେଲା, କୁହନ୍ତୁ କେତେ କ'ଣ କହିବେ । କିନ୍ତୁ ଯଦି କେବେ ବି ତାକୁ ତାଙ୍କ ଘରକୁ ନ ଛାଡ଼ନ୍ତି !

ସବୁକଥାଗୁଡ଼ା ସୁରି ମୁଣ୍ଡରେ କିମିତି ଗଣ୍ଡଗୋଳ ହୋଇଗଲା । ଆହୁରି ଜୋର୍‌ରେ ମୁଣ୍ଡ ବିନ୍ଧିବାକୁ ଆରମ୍ଭ କଲା ତା'ର । ଉମାକାନ୍ତ ନୀରବତା ଭଙ୍ଗ କରି କହିଲେ, "ଶୋଇଲଣି ସୁରଭି ?"

"ନା, ନିଦ ହଉନି ।"

"ଏଥର ମୁଁ ନିଶ୍ଚୟ ବୋଉକୁ କହିବି, ତୁମକୁ ସେ କିଛିଦିନ ପାଇଁ ପଠେଇବ । ନା, ମୁଁ ଆଉ ନୀରବ ରହିପାରିବିନି ।"

Digitized by srujanika@gmail.com

"କିଛି ଲାଭ ନାହିଁ । ମିଛରେ କାହିଁକି ଅଶାନ୍ତି ହେବେ ସମସ୍ତେ ।"

"ତୁମ ଘର ଯୌତୁକ ତାଙ୍କର ପସନ୍ଦ ହଉନି । କୃଷ୍ଣପୁର ଜମିଦାରଙ୍କ ଏକମାତ୍ର କାଳୀ, ମୋଟୀ ଝିଅଟିକୁ ମୋ ବେକରେ ବାନ୍ଧି ଦେଇଥିଲେ ଏମାନଙ୍କ ମନ ଖୁସି ହୋଇଥାଆନ୍ତା ।"

"ସେଇଠି ହେଲାନି, ଆଉ କେହି ଅଶାନ୍ତି ହେଇ ନଥାନ୍ତେ ।"

"ମୁଁ ମନା କରିନି । ଆଉ ସାଇ ଆଇ ବୋଉକୁ କ'ଣ କହିଲା କେଜାଣି, ବୋଉ ତ ଆଦୌ ରାଜି ହେଲାନି । ସେ କହିଲା— ଉମା ମୋର ବଡ଼ପୁଅ, ଘରର ବଡ଼ବୋହୂ ହବ କାଳୀ, ମୋଟୀ । ମୋର ସେ ସମ୍ପତ୍ତି ଦରକାର ନାହିଁ । ଠାକୁରଙ୍କ ଦୟାରୁ ମୋ ପିଲାଙ୍କ ପାଇଁ ଢେର୍ ସମ୍ପତ୍ତି ଅଛି । ତା'ପରେ ଜେଜେବାପା ଆଉ ବାପା ଖୁବ୍ ରାଗିଥିଲେ ଏ କଥାରେ । ମାତ୍ର ବୋଉର ସେଇ ଏକ୍ ଯିଦ୍ ।"

ଉମାକାନ୍ତ ସେହ୍ନାରେ ସୁରିକୁ ପାଖକୁ ଆଉଜେଇ ଆଣି କହିଲେ, "କେବଳ ବୋଉ ପାଇଁ ତୁମକୁ ପାଇଲି ।"

ସୁରି ଲାଜରେ ଉମାକାନ୍ତଙ୍କ ମୁହଁକୁ ଚାହିଁ ପାରିଲାନି ।

କିଛି ସମୟ ନୀରବତାରେ କଟିଯିବା ପରେ ଉମାକାନ୍ତ କହିଲେ, "ଆରେ ହଁ, ମୁଁ ଭୁଲିଯାଇଥିଲି, ତୁମର ଗୋଟାଏ ଚିଠି ଆସିଛି । ଡାକପିଅନ ମତେ ଦେଇଯାଇଛି ସକାଳୁ ।"

"ରେବ ଦେଇଛି କି ?"

"ହଁ; ରେବ ଲେଖିଛି । ମତେ କ'ଣ ଦବ କୁହ, ତା'ପରେ ତୁମ ଚିଠି ମିଳିବ ।"

"ଯାଅ ମ, ସକାଳୁ ମୋ ଚିଠି ଆସିଲାଣି ଯେ ଗତିଅଧରେ ଦଉଛ । ଓଃ, ଦିଅନା... ବେଶ୍ ନଦିଅ !"

ସୁରି ଅଭିମାନରେ ମୁହଁ ବୁଲେଇ ଶୋଇଲା । ଉମାକାନ୍ତ ସାର୍ଟ ପକେଟ୍‌ରୁ ଚିଠିଖଣ୍ଡ କାଢି ସୁରି ହାତକୁ ବଢ଼େଇ ଦେଇ କହିଲେ, "ନିଅ ତୁମ ଚିଠି ।"

ଲଣ୍ଠନଟା ଆଉ ଟିକିଏ ତେଜିଦେଇ ସୁରି ମୁହଁକୁ ଚାହିଁଥିଲେ ଉମାକାନ୍ତ । ଚିଠିଖଣ୍ଡ ପାଇବା ଆଶାରେ ତା' ମୁହଁ ଖୁବ୍ ଉଜ୍ଜ୍ୱଳ ଦେଖାଯାଉଥିଲା । ତରତରରେ ଆଲୁଅ ପାଖକୁ ଉଠିଯାଇ ଚିଠିଖଣ୍ଡକ ଖୋଲି ଧରିଲା ସେ ।

Digitized by srujanika@gmail.com

ରେବତୀର ଚିଠିରେ ଖାଲି ତା' ଶାଶୁଘର କଥା– "ସବୁବେଳେ ମୁଣ୍ଡରେ ଲୁଗା ଦେଇ ଘରକଣରେ ଲୁଚି ବସିବାକୁ ମୋତେ ମୋଟେ ଭଲ ଲାଗୁନି । ଶାଶୁ କିଛି କହନ୍ତିନି, କିନ୍ତୁ ପାଖଆଖରେ କେତେ ଲୋକଙ୍କ ଘର । କିଏ କେତେବେଳେ ପଶି ଆସିବ । ମୋତେ ପ୍ରାୟ ରୋଷେଇ କରିବାକୁ ପଡ଼ୁନି, କିନ୍ତୁ ସକାଳୁ ଗାଧୋଇ ରୋଷେଇ ଘରେ ଖାଲି ଖାଲି କେତେ ବସିବି ?"

ଉମାକାନ୍ତଙ୍କୁ ନିଦ ହେଇ ଗଲଣି । ଚିଠିଟା ମୂଳରୁ ଶେଷ ପର୍ଯ୍ୟନ୍ତ ଦୁଇ ତିନି-ଥର ପଢିସାରି ବିଛଣାକୁ ଆସିଲା ସୁରି । ମନେପଡୁଛି ରେବ... କେତେ ଭଲପାଏ ସେ ତା' ସୁରିନାନୀକୁ । ଗାଁରେ ଯେତେ ସାଙ୍ଗସାଥୀ, କିନ୍ତୁ ପ୍ରଥମେ ସେ ମନେପକାଇଲା ତା' ନାନୀକୁ ।

ଗୋଟି ଗୋଟି ହେଇ ମନେ ପଡୁଛି ବାପଘର କଥା । ଭାଇ ଭଉଣୀ ଏକାଠି ହେଇ କେତେ ମଜା କରୁଥିଲେ । ମନଇଚ୍ଛା ଖେଳୁଥିଲେ, ବୁଲୁଥିଲେ, ପର୍ବପର୍ବାଣୀରେ ଏକାଠି ବସି ପିଠା ଖାଉଥିଲେ । କିନ୍ତୁ ଏବେ ସେ ସବୁ ଭାବିଲେ ସ୍ୱପ୍ନ ଭଳି ଲାଗୁଛି ।

ସୁରିର ଆଖିପତା ନିଦରେ ଭାରୀ ହେଇ ଆସିଲା । ନିଦରେ ଶୋଇ ଶୋଇ ସ୍ୱପ୍ନରେ ରେବତୀ ସଙ୍ଗେ କଥାବାର୍ତ୍ତା କରୁଥିଲା ସେ ।

ରେବତୀ ଚିଠି ଲେଖୁଛି । ସୁରିନାନୀକୁ ଲେଖିସାରି ସେ ଲେଖିଲା ବୋଉ-ମା'ଙ୍କୁ । ତା'ପରେ ସାନ ସାନ ଭାଇ ଭଉଣୀଙ୍କୁ, ପୁଣି ବନ୍ଧୁ, ସାଙ୍ଗସାଥୀଙ୍କୁ । ଘରୁ ଆଣିଥିବା ଧଳା ଖାମ୍‌ରେ ଚିଠି ସବୁ ରଖି ପାଣି ମାରି ବନ୍ଦ କଲା ସେ । ପ୍ରତି ଚିଠିରେ ଠିକଣା ଲେଖି ପୋଷ୍ଟ ଅଫିସକୁ ପକାଇବାକୁ ନେବା ଅଖିଳର କାମ ।

"ମୁଁ କ'ଣ ତୁମ ଡାକ ପିଅନ ?" ହସି ହସି ପଚାରିଲା ଅଖିଳ ।

ଉତ୍ତରରେ ରେବତୀ କେବଳ ସଲଜ ହସ ହସିଲା ।

ସେ ଗାଁରେ ଆଉ କେତେ ଲୋକଙ୍କ ଅପେକ୍ଷା ରେବର ଶାଶୁଘର ଚାଲିଚଳଣ ଅଲଗା ପ୍ରକାରର । ସେଦିନ ଶାଶୁଙ୍କ ପାଖରେ ବସି ରେବ ଖାଉଥିଲା । ଅଖିଳ ଖାଇ ସାରି ଅନେକ ବେଳୁ ଉଠି ଯାଇଥିଲା । ପରଦିନ ରାତିରେ ରେବକୁ ସେ ବାରମ୍ବାର କହିଥିଲା, "କାଲି ଦ୍ୱିପହରେ ଟୋଟା ଆଡ଼େ ବୁଲିଯିବା ।"

ରେବ କିଛି ଉତ୍ତର ନ ଦେଲେ ବି ମନେ ମନେ ଖୁବ, ଡରି ଯାଇଥିଲା । ବାଃରେ, ଏଇଟା ଶାଶୁଘର ନା ଆଉ କ'ଣ ! ଶାଶୁଙ୍କ ପାଖରେ ବସି ଖାଇବା ସମ-

Digitized by srujanika@gmail.com

ଘରେ ତା'ର ସେଇ କଥା ବହୁତ ମନେ ପଡ଼ିଲା । ସେ ପାଖରୁ ଅଖିଳ ଆସିବା ଦେଖି ତାକୁ ଆଉ ଟିକିଏ ଅଡୁଆ ଲାଗିଲା । ତଳକୁ ମୁହଁପୋତି ସେ ଆସ୍ତେ ଖାଉଥିଲା ।

"ବୋଉ, ଆମେ ଟିକେ ସେ ତୋଟାଆଡ଼େ ବୁଲିଯିବୁ ।"

ହଠାତ୍ ଅଖିଳର ତୋଟାଆଡେ ବୁଲିଯିବା କଥ ଶୁଣି ଅଖିଳ ବୋଉ ଆଦୌ ବିଚଳିତ ନ ହୋଇ ଟିକିଏ ହସିଲେ । ସେମିତି ହସି ହସି ପଚାରିଲେ, "ଏଇ କଥା କ'ଣ ପଚାରୁଛୁ ? ସବୁବେଳେ ତ ବୁଲୁଛୁ ।"

"ନାଇଁ– ନାଇଁ, ତୁ କହ । ନଚେତ୍ ପଛରେ ପୁଣି ପାଟି କରିବୁ ।" ରେବତୀ ଖାଇବା ପାଖରୁ ଉଠି ହାତ ଧୋଇବାକୁ ଅଗଣାକୁ ଚାଲିଗଲା ।

"ଆଉ କିଏ ଯିବ କହୁଛୁ ?"

ଅଖିଳର ଲାଜୁଆ ଘବରୁ ଅଖିଳ ବୋଉ ବୋଧହୁଏ ତା'ର ମନକଥା ଠିକ୍ ଧରି ପାରିଲେ । ସେ ପଚାରିଲେ, "ବୋହୂ ଯିବ ତୋ ସାଙ୍ଗରେ ?।"

"ସେ ତ ଆମର ତୋଟା ବାଡ଼ି କିଛି ଦେଖିନି ।"

"ସେ ଯାଉ, ମୁଁ ମନା କରୁନି ଯେ, ଏ ଦି'ପହର ଖରଟାରେ କୁଆଡ଼େ ବୁଲିବ ?"

"ତୋଟାରେ କ'ଣ ଖର କାଟିବ ?"

"ତାକୁ ପଚାର, ସେ କ'ଣ କହୁଛି ।"

"ସେ ତ ନିଶ୍ଚୟ ଯିବ, ପଚାରିବା କଥା ହେଇ ପାରିବନି ।"

"ବୋହୂ, ଶୁଣିଯା ମା' । ଅଖି କହୁଛି ତୋଟା ଆଡ଼େ ଯିବାକୁ । ବାଇଯାଟା, ଯାହା ବୁଝିଥିବ ସେଇକଥା । ବେଶୀ ଦୂର ଯିବନି, ସେଇ ଭିତରେ ବୁଲାବୁଲି କରି ଶୀଘ୍ର ଚାଲି ଆସିବ, ବୁଝିଲୁ, ମା' ।"

ରେବ ନୀରବରେ କେବଳ ମୁଣ୍ଡ ହଲେଇଲା । ଲୁଗା କାନିରେ ମୁହଁ ପୋଛି ଦେଇ ଶୋଇବାଘରେ ଦର୍ପଣ ପାଖରେ ପାନିଆରେ ମୁଣ୍ଡ କୁଣ୍ଡାଇ ସିନ୍ଦୂର ଟୋପାଟା ଭଲ ଘବେ ଗୋଲ କରି ଲଗାଇ ଦେଲା । ତା'ପରେ ଆଖିରେ ପିନ୍ଧିଲା କଜଳ । ପିନ୍ଧିଥିବା ଶାଢ଼ୀର ଧଡ଼ି ପାଖରେ କାଦୁଅ ଟିକେ ଲଗି ଓଦା ଓଦା ଲାଗିବାରୁ ସେଇଟା ବଦଳାଇ ଟ୍ରଙ୍କ ଭିତରୁ ଆଉ ଖଣ୍ଡିଏ ଫୁଲପକା ଧଡ଼ି ସବୁଜ ରଙ୍ଗର ଝରଣାଶାଢ଼ୀ କାଢ଼ି ପିନ୍ଧିଲା ସେ । ପଛରୁ ଅଖିଳ ଆସି ଖୁବ୍ ଜୋର୍‌ରେ ହସି ପକେଇଲା, "ହେ

Digitized by srujanika@gmail.com

ତୁମେ ଇମିତି ଏତ ରଙ୍ଗର ଶାଢ଼ୀ ପିନ୍ଧିଲ କାହିଁକି ? ବୋଟା ଭିତରେ ତୁମେ ଯଦି ହଜିଯାଅ ପତ୍ର ଗହଳରେ, ମୁଁ ତୁମକୁ ଖୋଜିବି କୋଉଠି ?” ରେବ ବି ହସି-ପକାଉଛି ।

“ସତ କହୁଛି ରେବ, ତୁମର ଗୋରା ଉଜ୍ଜଳ ମୁହଁରେ ଏ ନାଲି ସିନ୍ଦୁର ଟୋପାଟି ଭରୀ ସୁନ୍ଦର ଦିଶୁଛି ।”

“ଉଁ-ହୁଁ, ତୁମେ ଗଲ ଏ ଘରୁ !” ଅଖିଳଙ୍କୁ ଠେଲିଲ ରେବ ।

“ହେଲ, ମୁଁ ଯାଉଛି । ତୁମେ କିନ୍ତୁ ଏକା ଏକା ଯିବ ତ ?”

ଅଖିଳ ଆଡ଼େ ଗ୍ହିଁ ହସି ହସି ରେବ କହିଲ, “ମୁଁ କ’ଣ ବାଟ ଦେଖିନି କି ?”

“ଠିକ୍ ଅଛି, ମୁଁ ତେବେ ଯାଉଛି ।”

“ଆରେ ରୁହ, ତୁମେ ସେ ବାଡ଼ି କବାଟ ପାଖରେ ଅପେକ୍ଷା କରିଥାଅ । ମୁଁ ଦେଖେ, ବୋଉ ଶୋଇଲେଣି କି ନା ।”

“ବୋଉ କ’ଣ କେବେ ଦ୍ୱିପହରେ ଶୁଏ ? ରତି ମାଉସୀ ବୁଲି ଆସିଛି ତା’ ନାତିକୁ ଧରି । ସେଇ ପାଖ ବାରଣ୍ଡାରେ ବସି ଗପୁଛନ୍ତି ସେମାନେ ।”

ଅଖିଳ ବୋଉ ଗୁଆକାତିରେ ଗୁଆ କାଟୁଥିଲେ । ରତି କହିଲେ, “ହଇଓ ନାନୀ, ବୋହୂ କ’ଣ ଶୋଇଛି କି ?” ଅଖିଳ ବୋଉ ହସି ପକେଇଲେ । “ସେ ଶୋଇ ପାରିବ କୁଆଡ଼ୁ ? ଦୁହିଁଙ୍କର ଦୁନିଆଯାକର ଖେଳ, ବହିପଢ଼ା, ଗପସପ ଏମିତି ଗ୍ଲୁଲିଥିବ ।”

“ଯାହା କହ, ତୁମ ବୋହୂଟିକୁ ଭରୀ ଗେହ୍ଲା କରିଚ ତୁମେ । ଆଉ ବେଶ ସୁନ୍ଦର ମାନିଲ ଭଳି ଯୋଡ଼ି ହେଇଛନ୍ତି ସେ ଦୁହେଁ । ଦେଖିଲେ ପେଟ ପୂରିଯାଉଛି ।” ରତିଙ୍କ କଥାରେ ଅଖିଳ ବୋଉ ହଠାତ୍ ଚୁପ୍ କରିଗଲେ । ମନେ ମନେ ଭବିଲେ ଖଣ୍ଡେ ବୋଲି ତ ଧନ ତାଙ୍କର । ମନଲଖି ବୋହୂଟିଏ ବାଛି ବାଛି ଘରକୁ ଆଣିଲେ ସେ । ସବୁବେଳେ ଏ ସାଇଲୋକଙ୍କର ଏମିତି କଥା ! ସବୁ ଶୁଣି ସେ ଖୁସି ହେଲେ ବି କିମିତି ଆତଙ୍କିତ ହୋଇ ପଡ଼ନ୍ତି । ସେ ମନେ ମନେ ଭବୁଛନ୍ତି, ଆଉ କ’ଣ କାହାର ସୁନ୍ଦର ପିଲ ନାହାନ୍ତି ? ମୋ ପିଲଙ୍କ ଉପରେ ଯାଙ୍କର ସବୁ ଆଖି ପଡ଼ୁଛି କାହିଁକି ? ଇଷ୍ଟଦେବ ଅଖିଳ ବିହାରୀଙ୍କୁ ସ୍ମରଣ କଲେ ସେ ।

Digitized by srujanika@gmail.com

ରତି ପାନ ଖିଲ ମୋଡ଼ି ପାଟିରେ ପୁରେଇ କହିଲେ, "ଆମ ବୋହୂ ବେଳେ କବାଟ କଣରେ ଦିନ ଯାଉଥିଲା । ଯା' ହଉ ତୁମ ବୋହୂକୁ ତୁମେ ସହରୀ କରି ଦେଲଣି ।"

ଅଖିଳ ବୋଉଙ୍କୁ ଏମିତି କଥା ଭଲ ଲଗେନି । କିନ୍ତୁ କାହା ପାଟିକୁ କିଏ ବନ୍ଦ କରିବ ? ଦୂରରୁ ଦେଖିଲେ ସେ, ଅଖିଳ ବାଡ଼ି କବାଟ ଖୋଲି ପଦାକୁ ଗଲା । ଅଳ୍ପ ସମୟ ପରେ ଥିରି ଥିରି ପାଦ ପକେଇ ରେବତୀ ସେଇ ବାଡ଼ି କବାଟ ଦେଇ ବାହାରି ଗଲା । ନା– ରତି ସେ ଆଡ଼େ ଗ୍ଣହିଁନି । ନହେଲେ ପୁଣି କେତେ କଥା ପଗ୍ଭରି ଥାଆନ୍ତା ।

ଅଖିଳ ବୋଉ ଆଶ୍ୱସ୍ତ ହେଲେ ।

ରେବତୀର ହାତ ଟାଣି ଅଖିଳ କହିଲା, "ଦୌଡ଼ିବା ଗ୍ଭଲ ।" ଦୁହେଁ ଆସ୍ତେ ଆସ୍ତେ ଦୌଡ଼ିଲେ । ପକେଟରୁ ଖଣ୍ଡେ ମସଲଦିଆ ପାନ କାଢ଼ି ତା' ପାଟିରେ ଖୋଇ ଦେଲା ଅଖିଳ । ତା'ପରେ ନିଜେ ଖଣ୍ଡେ ଖାଇଲା । ଦୁହେଁ ଗଛଗହଳି ଭିତରେ ଆଉ ଟିକିଏ ଆଗକୁ ଗଲେ ।

"ପୋଖରୀ ପାଖରେ ବସିବା ।"

"କିଏ ଆସିବ ଯଦି... ।"

"ଆସୁ ଯେ ଆସିନ । ଆମକୁ ଦେଖି ସେ ଗ୍ଭଲିଯିବ, ନହେଲେ ମୁଁ ତାକୁ ଏଠୁ ବିଦା କରିଦେବି ।"

"ଆଚ୍ଛା ରେବ, ତୁମେ ଏମିତି ଗ୍ଭେରୀ କଲା ପରି କାହିଁକି ହଉଚ ?"

ରେବ ଉତ୍ତର ଦେଲାନି ।

"ରେବ, ଚୁପ୍‌କରି ବସିଲ କାହିଁକି ?"

"ତୁମେ ତ କିଛି କହୁନ ।"

"ତୁମେ କଟକ ଯିବ ?"

ରେବତୀ ମୁଣ୍ଡ ହଲେଇ ନାହିଁ କଲା ।

"ଏଡ଼ିକି ବୋକୀ ଝିଅ ତୁମେ । କଟକ ଯିବାକୁ କିଏ ମନା କରେ ? ବାଇସ୍କୋପ୍ ଦେଖିବ, କଟକଚଣ୍ଡୀ ଦର୍ଶନ କରି, ମହାନଦୀ କୂଳରେ ବୁଲି ଆଉ ବଜାରରେ ଜିନିଷ କିଣିଲାବେଳେ ବଜାର ଦେଖା ବି ହୋଇଯିବ । ଆମ ଗାଁରେ ଦେଖିବାକୁ କ'ଣ ଅଛି ଯେ !"

Digitized by srujanika@gmail.com

ରେବ ନୀରବରେ ସବୁ ଶୁଣୁଥାଏ ଖାଲି ।

ଅଖିଳ ପୁଣି କହିଲା, "ମୁଁ ତ ବହୁତ ଦିନ ଛୁଟିରେ ରହିଲିଣି, ସିଆଡ଼େ ଆମ କଲେଜରେ ଯାଇ କେତେ ପାଠ ପଢ଼ା ହେଲଣି କେଜାଣି ?"

ସେ ତ ମାଇନର ପାସ୍ କରିଛି, କଲେଜ ବହିରୁ କ'ଣ ବୁଝିବ ! "ତୁମେ ବହିସବୁ ଆଣିଛ ?"

"ଭାରୀ ମୋଟା ମୋଟା ବହି । ମୋ ପାଖରେ କେତେଟା ଅଛି, ତୁମକୁ ଦେଖେଇବି ଆଜି ରାତିରେ ।"

"ଝିଅ ସବୁ ପଢ଼ନ୍ତିନି ତୁମ ସାଙ୍ଗରେ ?"

"ଖୁବ୍ ଅଳ୍ପ, ପ୍ରାୟ ଛ' ସାତ ଜଣ ହେବେ । ସେମାନେ ସବୁ ଖ୍ରୀଷ୍ଟିୟାନ, ବଙ୍ଗାଳୀ, ଆଉ ଜଣେ ଓଡ଼ିଆ । ଆରେ ହଁ, କଟକ ଯିବା କଥା କ'ଣ ହେଲା ? କହୁନ କିଛି ?"

"ତୁମେ, ବୋଉ ଦୁଇଜଣ ଯିବ । 'ରାମ ବନବାସ' ଖେଳ ଚାଲିଛି କ୍ୟାପିଟାଲ ସିନେମାରେ । ରାତିରେ ବାଇସ୍କୋପ ଦେଖିଆସି ବସାରେ ରହିବା । ସକାଳେ ଚଣ୍ଡୀମନ୍ଦିର ଯାଇ ଦର୍ଶନ ସାରି ଗାଁକୁ ଚାଲି ଆସିବା । ମୁଁ ଗାଁରେ ରବିବାରଟା ରହି ସୋମବାର ଦିନ ଭାତ ଖାଇସାରି ସିଧା ସାଢ଼େଦଶଟା ପୂର୍ବରୁ କଲେଜରେ ପହଞ୍ଚିବି । ତେବେ ଆମେ ନିଶ୍ଚୟ ଯିବା । କ'ଣ କହୁଛ ?"

"କିନ୍ତୁ ବାପା କଟକ ଯାଇଛନ୍ତି ଯେ ?"

"କଟକରୁ ପୁରୀ ଯାଇ ସେ ଡେରିରେ ଫେରିବେ, ଆମେ କିନ୍ତୁ ତା' ପୂର୍ବରୁ ଫେରି ଆସିଥିବା ।"

ରେବତୀର ହାତ ଧରି ଉଠାଇଲା ଅଖିଳ, "ଚାଲ ତୋଟା ଭିତରକୁ ଯିବା ।"

ପାଖରେ ନାଲି ପେଣ୍ଡା ଫୁଲ ଉପରେ ଛୋଟ ନୀଳ ଓ ନାଲି ହଳଦୀ ମିଶା ଛୋଟ ଚଢ଼େଇଟିଏ ଥଣ୍ଟରେ ଖୁମ୍ପି ଖୁମ୍ପି କ'ଣ ଖାଉଥିଲା । ସେଇ ଚଢ଼େଇଟିକୁ ଚାହିଁ ଦେଖୁଥିଲା ରେବତୀ । ମୁଣ୍ଡର ଓଢ଼ଣା ଖସି ଯାଇଥିଲା । ଅଖିଳ ଆତ ଗଛରୁ ପାଚିଲା ଆତ ଖୋଜି ହେଉଥିଲା । ଗଛରେ ଚଢ଼ି ଦୁଇଟା ପାଚିଲା ଆତ ତୋଳି ଦେଖେ ତ, ରେବତୀ ଗୋଲାପଗଛର ନାଲି ଗୋଲାପ କଢ଼ିଟିକୁ ମୁଗ୍ଧ ଭାବରେ ଚାହିଁ ଦେଖୁଛି ।

ସେଇ କଢ଼ିଟି ଅଖିଳ ତୋଳିବାକୁ ଗଲାରୁ ସେ ନାହିଁ କଲା । ଅଖିଳ ଆଦୌ ରେବତୀ କଥା ନ ଶୁଣି କଢ଼ିଟି ଆଣି ତା' ଗଭରେ ଖୋସିଦେଲା ।

Digitized by srujanika@gmail.com

"ଇସ୍, କେତେ ସୁନ୍ଦର ଫୁଲଟା କାହିଁକି ଛିଣ୍ଡାଇଲ ?"

"ମୁଁ ଶୁଣିଛି ବୋଉ ସବୁଦିନେ ସୀତାକୁ କହେ, ତୁମ ମୁଣ୍ଡ କୁଣ୍ଡାଇ ସାରି ନାଲି ଗୋଲପ ନଚେତ୍ ମଲ୍ଲୀ ଫୁଲ ପିନ୍ଧାଇ ଦେବାକୁ ।"

ହାତରେ ଧରିଥିବା ଦୁଇ ଗୁଚ୍ଛିଟା ହରଗୌରୀ ଫୁଲ ଅଖିଳ ଉପରକୁ ଫୋପାଡ଼ିଲ ରେବତୀ ।

"ଥାଉ ଥାଉ ମୋତେ କାଟିବ ।" ଅଖିଳ ହସୁଛି । ରେବ ସେମିତି ହସି ହସି ଆଗକୁ ଗ୍ଳଲିଲ ।

ଆଶ୍ୱିନ ମାସର ଖରଟା ସେଦିନ ବେଶୀ ଟାଣ ଜଣା ପଡୁ ନ ଥାଏ । ତୋଟା ଭିତରେ ଭରୀ ଥଣ୍ଡା ଲଗୁଥାଏ । ନବବଧୂର ଶୃଙ୍ଖଳ ନ ଥିଲେ ରେବତୀ ହୁଏତ ତୋଟାରେ ଡେଇଁ ଡେଇଁ, ଗୀତ ଗାଇ, ଗଛ ଚଢି ଆନନ୍ଦରେ ବୁଲନ୍ତା । ସେ ମଣ୍ତ୍ରଘରର ବୋହୂ । ଏ ବିଷୟରେ କେହି ତାକୁ ମନେ ନ ପକାଇଲେ ମଧ୍ୟ ସେ ବେଶ୍ ସଚେତନ ।

ହଠାତ୍ ଅଖିଳ କହିଲ, "ରେବ, ଏଥର ଦ୍ୱିପହରେ ଏଇଠି ଆସି ବସିବା ।"

"ବାଃରେ, ସବୁଦିନ ମୁଁ ଆସିବିନି ।" ରେବ ଡରିଲ ଡରିଲ ଆଖିରେ ଅଖିଳକୁ ଗ୍ଳହିଁଥାଏ ।

"ତା'ହେଲେ ମୁଁ କଟକ ଗ୍ଳଲିଯିବି । କ'ଣ କହୁଚ ?" ରେବତୀର ଗୋଟ ହାତଟିକୁ ନିଜ ହାତ ପାପୁଲିରେ ରଖି ନାଲିଶଙ୍ଖାଗୁଡ଼ିକୁ ସୁନା ଚୂଡ଼ୀ ସଙ୍ଗେ ଝଣଝାଣ କରି ମଝିରେ ମଝିରେ ତାକୁ ଚୁପ୍‌ଗ୍ଳପ୍ ଗ୍ଳହିଁ ଏମିତି ପ୍ରଶ୍ନ ପଗ୍ଳରୁଥାଏ ଅଖିଳ ।

"ଯାଉନ, ତୁମକୁ କିଏ ଅଟକେଇ ରଖିଛି କି ?" କାଠି ଖଣ୍ଡେ ଧରି ତଳକୁ ଗ୍ଳହିଁ ମାଟିରେ ଗାର ଟାଣୁଥିଲ ରେବତୀ ।

"ଠିକ୍ ଅଛି,, ଆଜିଠୁଁ ତାସ୍, ଲୁଡୁ ଖେଳ ବନ୍ଦ, ବଗିଗ୍ଳବୁଲ ବନ୍ଦ, ତୁମ ସଙ୍ଗେ କଟି । ମୋର ବହୁତ ପାଠ ଅଛି । ଦଶହରା ଛୁଟିପରେ ପରୀକ୍ଷା ସବୁ ଆରମ୍ଭ ହେଇଯିବ ।"

"ଭଲ କଥା, ପାଠ ପଢୁନ । ପିଲଙ୍କ ଭଳି କଟି କାହିଁକି କରୁଛ, ମୁଁ କୋଉ ଆଉ ରହିବି କି ? ଶଙ୍କୁଳା ସେଦିନ ଆସି ନ ଥିଲ ? ଜେଜେବାପା ଆସିବେ ମୋତେ ନେବାକୁ ।"

Digitized by srujanika@gmail.com

"ଯାଉନ ଯାଅ । ଆଉଥରେ କଟି ପଡ଼ିଲ ।" ଏଥର ରେବ, ଅଶିକ ଦୁଇଜଣ ଖୁବ୍ ହସିଲେ ।

"ଆଚ୍ଛା ହେଲ, ତୁମ ସଙ୍ଗେ କଟି ଫଟି କିଛି ନାହିଁ । ଚାଲିଲ ଖେଳିବା ।"

"କି ଖେଳ ?" ଆଶ୍ଚର୍ଯ୍ୟରେ ପଚାରିଲା ରେବତୀ ।

"ଲୁଚକାଳି ? ଲୁଗାକାନିକୁ ଅଣ୍ଟାରେ ଖୋସିଦେଇ ମୋତେ ଦୌଡ଼ି ଦୌଡ଼ି ଖୋଜିବ । କ'ଣ ପାରିବନି ?"

ରେବତୀ କୃତ୍ରିମ ରାଗ ଦେଖାଇ ଚୁପ୍‌ଚାପ୍ ଠିଆହେଲା । ଅଶିକ ହସି ହସି ଆଉଥରେ କହିଲା, "ମୁଁ ଜାଣେ ପରା ତୁମେ ମୋତେ ଆଦୌ ଖୋଜି ପାରିବନି ।"

"ମୁଁ ଏ ତୋଟାରେ ତୁମ ପଛରେ ଦୌଡ଼ି ପାରିବିନି । ମୁଁ ଘରକୁ ଯାଉଛି ।" ରେବ ଧୀରେ ଘରଆଡ଼େ ଚାଲିଲା ।

"ହଉ ହେଲା, ଆଉ ଲୁଚକାଳି ଖେଳିବାନି । ରେବ, ଏ ରେବ ।"

ରେବତୀ ଚୁପ୍‌ଚାପ୍ ପାଖ ଆମ୍ବଗଛଟାକୁ ଆଉଜି ଠିଆହୋଇ ଅଶିକ ଆଡ଼େ ଚାହିଁଲା । ସେପାଖରୁ ସୀତାର ପାଟି ଶୁଣାଯାଉଛି, "ବୋହୂମା, ଯାଡ଼େ ଘରକୁ ଆସ, ମା' ଡାକୁଛନ୍ତି । ତୁମ ଜେଜେବାପା ଆସିଛନ୍ତି । ମୁଁ ଯାଉଚି, ତୁମେ ଚଞ୍ଚଳ ଆସିବ ।"

ରେବ ଆଉ ଅଶିକ ପରସ୍ପର ମୁହଁକୁ ଚାହିଁ ରହିଲେ । ଅଶିକ ପାଖକୁ ଆସି ରେବ ହାତଧରି କହିଲା, "ତୁମେ କ'ଣ ସତରେ ଜେଜେବାପାଙ୍କ ସାଙ୍ଗରେ ଆଜି ଚାଲିଯିବ ।"

ରେବତୀ ମୁଣ୍ଡ ହଲେଇ ନାହିଁ କଲା । କିନ୍ତୁ ସୁଧୀରଞ୍ଜନଙ୍କ ଆସିବା ଖୁସିରେ ଶୀଘ୍ର ପଳେଇ ଯିବାକୁ ସେ ଚାହୁଁଥାଏ । ଅଶିକ ତା'ର ହାତ ନ ଛାଡ଼ିବା ଦେଖି ସେ ଆଉଥରେ କହିଲା, "ଏମିତି କ'ଣ କେହି ଚାଲିଯାଆନ୍ତି ? କେବେ ଯିବି, ସେଇ କଥା ଆଜି ସ୍ଥିର କରିବେ ଜେଜେବାପା, ମୁଁ ଆସୁଛି ।" ଓଢ଼ଣାଟା ଭଲ ଭାବେ ଟାଣି ରେବତୀ ଘରଆଡ଼େ ଚାଲିଗଲା । ଅନେକ ସମୟ ଧରି ଅଶିକ ତା'ର ଯିବା ରାସ୍ତାକୁ ଚାହିଁ ରହିବା ପରେ ଧୀରେ ଦାଣ୍ଡପଟ ଦେଇ ଘର ଭିତରେ ପଶିବା ପାଇଁ ଦାଣ୍ଡ ଆଡ଼େ ଚାଲିଲା ।

ସୁଧୀରଞ୍ଜନ ରେବତୀକୁ ଦେଖି ପାଟିକରି କହିପକାଇଲେ, "ହେଇ ମୋ ମା' ଆସିଗଲଣି, ତୋ ଜେଜେମା' କ'ଣ ମତେ ଉଖେଇ ଦଉଚି ।"

Digitized by srujanika@gmail.com

ରେବତୀ ଢେଙ୍କେବାପାଙ୍କୁ ଓ ପାଖରେ ବସିଥିବା ତା'ର ଶାଶୁଙ୍କୁ ତଳେ ମୁଣ୍ଡ ଲଗାଇ ପ୍ରଣାମ କଲା । ସୁଧୀରଞ୍ଜନ ତାକୁ ପାଖରେ ବସାଇଲେ । ଅଖିଳବୋଉ ତାଙ୍କୁ ସରବତ ଗ୍ଲାସଟି ଧରେଇ ଦେଇ କହିଲେ, "ମଉସା, ଆପଣଙ୍କ ନାତୁଣୀକୁ ଆମେ ଶୀଘ୍ର ପଠେଇଦବୁ; କିନ୍ତୁ ସେ ବେଶୀଦିନ ରହିବ ନାହିଁ । ଅଖିଳ ଆଉ ରେବ ମୋର ଦୁଇ ଆଖି । ସେ ଦୁଇଜଣ ପାଖରେ ନ ରହିଲେ ମୁଁ ଅନ୍ଧ ହେଇଯିବି । ଏଇ କଥା ମାଉସୀ ଓ ସମୁଦି ସମୁଦୁଣୀଙ୍କୁ କହିବେ ।" ଛଳଛଳ ଆଖିରେ ରେବକୁ ନିଜ ପାଖକୁ ଟାଣି ବସାଇଲେ ସେ ।

ସୁଧୀରଞ୍ଜନ କହିଲେ, "ହେଲା ମା', ସେ ତ ତୁମର, ଆମ ପାଖରେ ଆଉ କେତେଦିନ ରହିପାରିବ ? ଆସନ୍ତା ଶୁକ୍ଳପକ୍ଷ ତୃତୀୟା ତିଥିରେ ଭଲ ଦିନ ଅଛି । କୃଷ୍ଣ ଆସିବ, ସାଙ୍ଗରେ ସବାରି, ଗଉଡ଼ ଆସିବେ, ଆଉଜଣେ ଲୋକ ବି ପଠେଇବି । ସେହି-ଦିନ ରେବ ମା'କୁ ପଠେଇବେ ।"

"କିନ୍ତୁ ଦଶହରା ପୂର୍ବରୁ ମୋ ବୋହୂକୁ ପଠେଇଦେବେ ଏଠିକି ।"

ଅଖିଳ ବୋଉ ଉଠିଗଲେ ଗେଷ୍ଟେଇ ଘର ଆଡ଼େ । ସୁଧୀରଞ୍ଜନଙ୍କ ପାଇଁ ଜଳଖିଆ ସଜାଡ଼ିବାକୁ ହବ । ରେବତୀ ବହୁଦିନ ପରେ ଢେଙ୍କେବାପାଙ୍କୁ ଦେଖି ଗୋଟି ଗୋଟି କରି ସମସ୍ତଙ୍କ କଥା ପଚାରି ବସିଲା । ଅଳ୍ପ ଦୂରରେ ଅଖିଳ କବାଟ ପାଖରେ ଠିଆହୋଇ ସବୁକଥା ଶୁଣୁଥିଲା । ରେବତୀ ସେପାଖକୁ ଚାହିଁଦେବାରୁ ସୁଧୀରଞ୍ଜନଙ୍କ ଦୃଷ୍ଟି ପଡ଼ିଲା । ସେ ପଚାରିଲେ, "ସେଠି କିଏ କି ମା' ?"

ରେବତୀ ଉତ୍ତର ଦେଲାନି । କିନ୍ତୁ ତା'ର ସଲଜ୍ଜ ଭାବରୁ କ'ଣ ବୁଝିପାରି ସେ କହିଲେ, "ଅଖିଳ ଘରେ ନାହିଁ କି ?"

କବାଟ ପାଖରୁ ଅଖିଳ ବାହାରି ଆସି ସୁଧୀରଞ୍ଜନଙ୍କ ପାଦ ସ୍ପର୍ଶ କଲା ।

"ବସ ବାପା, କେତେଦିନ ହେଲା ତୁମ ଦୁହିଁଙ୍କୁ ଦେଖିନଥିଲି ।"

ସୁଧୀରଞ୍ଜନ ଅଖିଳକୁ କଲେଜ ଖବର, ପାଠପଢ଼ା ଇତ୍ୟାଦି ବିଷୟରେ ପଚାରି ବସିଲେ । ଅଖିଳର ଶାନ୍ତ ଉଜ୍ଜ୍ୱଳ ଚେହେରା, ଅମାୟିକ ବ୍ୟବହାର ଦେଖି ସେ ଆତ୍ମ-ସନ୍ତୋଷ ଅନୁଭବ କରୁଥିଲେ । ମନେ ମନେ ଗୋପାଳଙ୍କୁ ପ୍ରାର୍ଥନା କରି କହୁଥିଲେ, "ପ୍ରଭୁ, ସବୁ ତୋରି ଇଚ୍ଛା, ମୋର ପିଲାମାନଙ୍କୁ ଘଣ୍ଡ ଘୋଡ଼େଇ ରଖିଥିବୁ ।"

ରେବତୀ ସେଠୁ ଉଠି ଗେଷ୍ଟେଇ ଘର ଆଡେ ଚାଲିଗଲା ।

Digitized by srujanika@gmail.com

ସେଦିନ ଖୁସି ମନରେ ଘରକୁ ଫେରିଲେ ସୁଧୀରଞ୍ଜନ । ରଙ୍ଗଲତା, ପିଲ-ମାନେ, ଖୁଣ୍ଟ ଉହାଡ଼ରେ ନର୍ମଦା ବସି ଗୋଟି ଗୋଟି କରି ରେବ ଶାଶୁଘର ଖବର ବୁଝୁଥିଲେ । ସୁଧୀରଞ୍ଜନ ଧୀରେ ଧୀରେ କେତେ କଥା କହିବାକୁ ଆରମ୍ଭ କଲେ ।

ନର୍ମଦାଙ୍କ ଆଖିରୁ ନୀରବଅଶ୍ରୁ ଝରୁଥିଲା । ସେ ଅଶ୍ରୁ ଆନନ୍ଦର ପୁଣି ଦୁଃଖର ।

ରେବ ଆସିବ ଆଉ ମାତ୍ର ଅଳ୍ପଦିନ ପରେ । ଶ୍ୱଶୁର କହୁଥିଲେ, ରେବଟି ତାଙ୍କର କେଡ଼େ ସୁନ୍ଦର ଦିଶୁଛି । ତା' ମନ ଭରୀ ଖୁସି ଅଛି । ତା' ଶାଶୁଙ୍କର ସେ ନୟନର ମଣି । ଅଖିଳ, ରେବ ଦୁହେଁ ଆସିବେ । ଏ ଘର ପୁରି ଉଠିବ । ଆହା ସେତିକି ବେଳେ ସୁରିଟି ତାଙ୍କର ଆସନ୍ତା ନାହିଁ ! ଉମାକାନ୍ତ ବଡ଼ ଜ୍ୱାଇଁ । ନିମନ୍ତ୍ରଣ ଯାଇଥିଲା; ସେ ବି ଆସିଲେନି । କେତେ ବର୍ଷ ହେଲା ଝିଅଟି ଜନ୍ମକଲା ସ୍ଥାନ ଦେଖିଲା ନାହିଁ । ସବୁ ଭାଗ୍ୟ ଦୋଷ, କ'ଣ ହବ ଏ ଜମିବାଡ଼ି ପିଲାଏ ଯଦି ସୁଖ ନ ପାଇଲେ ?

ସେମାନଙ୍କ ଦାବୀ ପୂରଣ ପାଇଁ ସୁଧୀରଞ୍ଜନ ରାଜି ହେଲେ । ଅଥଚ ସ୍ୱାମୀ ବିଭୁରଞ୍ଜନଙ୍କର ସେଇ ଏକା ଜିଦ୍, "ନା, ଝିଅକୁ ପଛକେ ସେ ନ ପଠାନ୍ତୁ । ତିନିଶହ ଅଠର ଡଉଳିର ଜମିଦାରୀ କଥା ତ ଛାଡ, ଗୁଣ୍ଠେ, ବିଶ୍ୱାଏ ଜମି ବି ଆମେ ଦେବା ନାହିଁ ।"

କୃଷ୍ଣ, ଟୁନା ଆନନ୍ଦରେ କେତେ କଳ୍ପନା କରୁଛନ୍ତି, ରେବନାନୀ ଆସିଲେ କେତେ ଖେଳ ହେବ । ଦିନ କଟି ଯାଉଛି କେତେ ଚଞ୍ଚଳ ! ରଙ୍ଗଲତା ବୋହୂ ନର୍ମଦାକୁ ଡାକି ପଚାରୁଥିଲେ, ଝିଅ ଜ୍ୱାଇଁ ଆସିବେ । କେତେ ରକମର ପିଠାପଣା ହେବ । ଚାଉଳ କୁଟା ସରିଲାନି ଏଯାଏ । ବିରି, ଗୁଡ଼, ଚିନି, ଘିଅ, ମସଲାମସଲି ଏବେଠୁଁ ନ ସଜାଡ଼ି ରଖିଲେ କିମିତି ହବ ? ଜ୍ୱାଇଁକୁ ଗହଣା, ଧୋତି, ଚଦର ପୁଣି ଯିବାବେଳେ ଆଉ ସାରେ ଜିନିଷ !

ସୁଧୀରଞ୍ଜନ ଫେରିବା ଦିନରୁ ଘରେ ସେଇ ଆଲୋଚନା ଏବଂ ଆୟୋଜନ ହିଁ ଚାଲିଥିଲା । ମାତ୍ର ଦିନଟିଏ ହିଁ ବାକି । ପରଦିନ ସକାଳୁ ଗାଧୋଇ ଜଳଖିଆ ଖାଇ ସବାରି ଗାଡ଼ି ନେଇ କୃଷ୍ଣ ଯିବ ରେବ ନାନୀକୁ ଆଣିବାକୁ । ନିଜର ସବୁଠୁ ଭଲ ଜାମା, ପ୍ୟାଣ୍ଟକୁ ବାରମ୍ବାର ସେ ସଜାଡ଼ି ରଖୁଛି । ରାତିରେ ଶୋଇ ପଡ଼ିଲେ ନିଦ ଭାଙ୍ଗିବା ବେଳକୁ ସକାଳ । ତା'ପରେ କି ମଜା......! ଏଇ କଥା ଟୁନାକୁ ସେ ବାରମ୍ବାର କହି ହଉଛି । ଟୁନା ମୁହଁ ଶୁଖାଉଛି । ଇସ୍, ଥରେ ହେଲେ କେହି କହନ୍ତେ—ଟୁନା ବି ଯାଉ କୃଷ୍ଣ ସାଙ୍ଗରେ । ନା କେହି କିଛି କହୁ ନାହାନ୍ତି । ବରଂ ଜେଜେମା'

Digitized by srujanika@gmail.com

ଖାଲି କୃଷ୍ଣକୁ ବୁଝାଉଛନ୍ତି ସେଠି ପହଞ୍ଚି କିମିତି କାହାକୁ ପ୍ରଣାମ କରିବ । ଧୀରଙ୍କ ଘରେ ବସିବ । ନହିଲେ ବନ୍ଧୁଘରେ କ'ଣ କହିବେ ? ଟୁନା କହିଲା, "ହେଇଟି ଭଗାନା, ଲୋଭ କରି ମାଛ ତରକାରୀ ଖୁବ୍ ବେଶୀ ଖାଇ ଦବୁନିଟି ।"

ଅନ୍ୟଦିନ ହେଇଥିଲେ ଏଇ କଥା ଶୁଣି କୃଷ୍ଣ ରାଗିଯାଇ ଥାଆନ୍ତା । ମାତ୍ର ଦିନକ ପରେ ସେ ରେବନାନୀକୁ ଆଣିବାକୁ ଯିବ, ଏଇ ଆନନ୍ଦରେ ସେ ଖାଲି ହସିଲା । ଆଉ କିଛି ବି କହିଲାନି ।

ଠାକୁରଘର ପରଦା ବନ୍ଦ କରି ଆସୁଥିଲେ ରଙ୍ଗଲତା । ସେପାଖରୁ ଡାକବାଲା ଡାକୁଛି, "ବଡ଼ବାବୁ ନାହାନ୍ତି କି ? ଏ ଚିଠିଟା ତାଙ୍କ ନାଁରେ, ସେ ଦସ୍ତଖତ କରି ରଖିବେ ।"

ସୁଧୀରଞ୍ଜନ ବାଡ଼ିପାଖରୁ ଗୋଡ ଧୋଇ ଆସି ପାଖ ବାରଣ୍ଡାରେ ପାଦ ପୋଛୁଥିଲେ । ସେ କହିଲେ, "ଅପେକ୍ଷା କର ରଘୁ, ମୁଁ ଯାଉଛି ।"

ଆଖିରେ ଚଷମାଟା ଦେଇ ତାଙ୍କ ନାଁ ପାଖରେ ଦସ୍ତଖତ କଲେ ସୁଧୀରଞ୍ଜନ । ତା'ପରେ ଚିଠିଟା ଚିରି ପଢ଼ିବାକୁ ଆରମ୍ଭ କରି ବିସ୍ମୟରେ ହତବାକ୍ ହୋଇଗଲେ ସେ । ଏ ପୁଣି କ'ଣ ହେଲା ! ସେମିତି ଅଧା ପଢ଼ି ଶୂନ୍ୟକୁ ଚାହିଁ ରହିଲେ ସେ ।

ରଙ୍ଗଲତା ପଚାରୁଛନ୍ତି, "କ'ଣ କିଓ, କିଏ ଦେଇଛି ସେ ଚିଠି ? କହୁନ କାହିଁକି ? ଦେଲ ସେ ଚିଠିଟା ମୋଆଡେ ।"

ସୁଧୀରଞ୍ଜନ ବୋକାଙ୍କ ଭଳି ତାଙ୍କ ଆଡ଼େ ଚାହିଁ ହୁଁ ହୁଁ କହୁଛନ୍ତି, କିନ୍ତୁ କିଛି ସ୍ପଷ୍ଟ ଉତ୍ତର ଦେଉ ନାହାନ୍ତି । ପିଲାମାନେ ଚୁପ୍‌ଚାପ୍ ଚାହିଁଛନ୍ତି ଖାଲି । କାଳେ କିଛି ପଚାରିଲେ ଚେଙ୍ଗେବାପା ରାଗିବେ ।

ସୁଧୀରଞ୍ଜନ ଦୀର୍ଘଶ୍ୱାସ ନେଇ କହିଲେ, "ରେବ ଆସିପାରିବନି କାଲି ।"

"କାହିଁକି କ'ଣ ହେଇଛି କହୁନ, ଚିଠିଟା ପଢ଼ିଛଟି ?"

"ହଁ, ପଢ଼ିଛି ।" ସୁଧୀରଞ୍ଜନଙ୍କ ମୁହଁ ଶୁଖିଲା ଦେଖା ଯାଉଥିଲା । ତାଙ୍କଆଡ଼େ ଚାହିଁ ଆତଙ୍କିତ ହେଲେ ରଙ୍ଗଲତା । କ୍ଷଣକ ପାଇଁ ସେ ଘରେ ଅସହ୍ୟ ନୀରବତାର ରାଜତ୍ୱ । ସମସ୍ତେ ଠିକ୍ ସେମିତି ଚାହିଁଥିଲେ ସୁଧୀରଞ୍ଜନଙ୍କ ଆଡ଼େ ।

ଏ ଘରର ସମସ୍ତେ କ'ଣ କାଠ ପାଷାଣ ହୋଇଗଲେ । ସୁଧୀରଞ୍ଜନ ଚୌକି ଛାଡ଼ି ଉଠି ପାରୁ ନାହାନ୍ତି । ନୀରବରେ ଶୂନ୍ୟଦୃଷ୍ଟିରେ ଝୋଲା କବାଟ ଦେଇ ବହୁ

Digitized by srujanika@gmail.com

ଦୂରକୁ ଚାହିଁ ରହିଛନ୍ତି ସେ । ନର୍ମଦା ଏତେକି ଖୁଣ୍ଟକୁ ଆଉଜି ବସି ଯାଣୁ ପାଇଟିଛନ୍ତି । ଜିଜ୍ଞାସୁ ଦୃଷ୍ଟିରେ ପିଲାଏ ଚାହିଁ ରହିଛନ୍ତି ରଙ୍ଗଲତାଙ୍କୁ । ନୀରବରେ ସମସ୍ତେ ହୁଏତ ପଚାରୁଛନ୍ତି, "କ'ଣ ହେଲା ରେବ ନାନୀର ? ଚିଠି ପଢ଼ି କିଛି କହୁନ କାହିଁକି ?"

ରଙ୍ଗଲତା ଠାକୁର ଘରେ ଘଡ଼ିଏ ହେଲାଣି ମନକୁ ମନ କ'ଣ ଭୁଟଭୁଟୁ ହେଇ କହିବାରେ ଲାଗିଛନ୍ତି । ପୁଣି ବାରମ୍ବାର ମୁଣ୍ଡ ଲଗଉଛନ୍ତି ତଳେ । ଦରଆଉଜା କବାଟ ଫାଙ୍କରେ ତାଙ୍କୁ ଚାହିଁଦେଇ ପିଲାଏ ଫେରି ଆସୁଛନ୍ତି । ପରସ୍ପର ମୁହଁକୁ ଚାହିଁ ରହିଲେ ବି କଥା କହିବାକୁ ସାହସ ନାହିଁ କାହାର । ପିଲାଙ୍କୁ ଭୋକ ଲାଗିବଣି । ଦୁଇ ଚାରିଥର ଗେଷେଇଘର ପାଖରୁ ବୁଲି ଆସିଲେଣି ସେମାନେ; ଭରସା କରି ପୂଝାରୀକୁ କିଛି କହିପାରୁ ନାହାନ୍ତି । ରୋଷେଇଘର ଆଉଜେଇ ଦେଇ ବାଡ଼ିପାଖ ବାରଣ୍ଡାରେ ବସିଛି ପୂଝାରୀ । ଚାଉଳ ବଛା ବନ୍ଦ କରି ରାମ ଧୀର ସ୍ୱରରେ ତା' ସଙ୍ଗେ କ'ଣ କଥାବାର୍ତ୍ତା କରୁଛି । ଟୁନା ସେଇଠି ପହଞ୍ଚି କହିଲା, "ରୋଷେଇ ସରିଲାଣି ପୂଝାରୀ ?"

"ହଁ, ବୁଢ଼ୀମା'ଙ୍କୁ ଡାକ, ମୁଁ ବାଢ଼ିଦେବି ସମସ୍ତଙ୍କ ପାଇଁ ।"

"ତୁମେ ଯା, ଡାକିବ ।" ଟୁନା ଠିକ୍ ଚାଲିଯିବାକୁ ବସିଛି ରାମ ପଚାରିଲା, "ହେ ସାନବାବୁ, ରେବନାନୀ ଆସିବେ ନାହିଁ କି ?"

ଟୁନା ମୁଣ୍ଡ ହଲାଇ ନାହିଁ କଲା ।

"କାହିଁକି କ'ଣ ହେଲା ?"

"ମୁଁ କିମିତି ଜାଣିବି ? ତୁ ଜେଜେଙ୍କୁ ପଚାର ।" ଭୋକ-ବିରକ୍ତିରେ ଏତିକି କହି ଟୁନା ପୁଣି ଚାଲିଗଲା ଜେଜେମା' ପାଖକୁ । ଠାକୁରଘର କବାଟ ଆଉଜେଇ ଆସୁଥିଲେ ରଙ୍ଗଲତା । ପୂର୍ବ ଅପେକ୍ଷା ମୁହଁ ତାଙ୍କର ବେଶ୍ ପ୍ରଫୁଲ୍ଲ ଦେଖା ଯାଉଥିଲା । ବସିବା ପାଖରୁ ଉଠି ନର୍ମଦା ବିଛଣାରେ ଚୁପ୍‌ଚାପ୍ ଶୋଇ ରହିଥିଲେ । ଆଖିରୁ ଝରୁଥିଲା ଅଶ୍ରୁ ।

ରଙ୍ଗଲତା ନର୍ମଦାଙ୍କ ଶୋଇବାଘର ପାଖରେ ପହଞ୍ଚି ଡାକିଲେ, "ବୋହୂ, ଯାଡ଼େ ଆ । ବିଭୁ ଆସିଲାଣି । କେହି କୁଆଡ଼େ ଖାଇ ନାହାନ୍ତି । ଅଗଣାରୁ ଖରା ଗଲାଣି ।" ନର୍ମଦା ଆଖିପୋଛି ବିଛଣାରୁ ଉଠି ଆସିଲେ । ରୋଷେଇ ଘର ପାଖ ବାରଣ୍ଡାରେ ସମସ୍ତଙ୍କ ପାଇଁ ପିଢ଼ା ପକେଇ ପାଣି ରଖିଛି ପୂଝାରୀ ।

ସେ ପାଖରୁ ବିଭୁରଞ୍ଜନଙ୍କ ପାଟି ଶୁଣା ଯାଉଛି । "ଓହୋ, ଏଇ କଥା ପାଇଁ ଏମିତି ବ୍ୟସ୍ତ ! ମୁଁ ଯାଉଛି ଏବେ ବୁଝି ଆସିବି କ'ଣ ହେଇଛି ।"

Digitized by srujanika@gmail.com

"ତୁ ସତରେ ମାଆ ବାବୁ । ଆମ ମନ ଆଉ କୋଉଥିରେ ଲଗୁନି ।"

"ଦେହମୁଣ୍ଡ କାହାର ଖରାପ ହେବନି ? ଏଥିରେ ଏମିତି ବ୍ୟସ୍ତ ହେଲେ ଚଳିବ ?"

"ହଁ ଋତୁ ପରିବର୍ତ୍ତନ ବେଳେ ଢୋକିଆତୁ କ'ଣ ଧରି ପକେଇଥିବ ।" ରଙ୍ଗ-ଲତା ନିଜ ମନକୁ ସାନ୍ତ୍ୱନା ଦେଲେ ।

ସମସ୍ତେ ଖାଇ ସାରିଲେଣି । ଖାଇଦେଇ ବଟାରେ ପାନ ନେଇ ରେବ ଶାଶୁଘର ଗାଁ ଆଡ଼େ ବାହାରି ଗଲେ ବିଭୁରଞ୍ଜନ । ତାଙ୍କୁ ପାନ ଭର୍ତ୍ତି ଦେଇ ନର୍ମଦା ଖାଇବାକୁ ଆସିଲେ । ପୂଜାରୀ ଦୁଇଟି ଥାଳିରେ ଭାତ ବାଢ଼ି ଆଣିଲା । ରଙ୍ଗଲତା ବି ଏ ଯାଏ ଖାଇ ନ ଥିଲେ ।

ଶାଶୁ ବୋହୂ ନୀରବରେ ଖାଇ ବସିଲେ । ରଙ୍ଗଲତା ପୂର୍ବ ଅପେକ୍ଷା ବେଶ୍ ନିଶ୍ଚିନ୍ତ ମନେ ହେଉଥିଲେ । ହଠାତ୍ ତାଙ୍କର ମନେହେଲା, ବିଭୁରଞ୍ଜନ ସତେକି ଭଲ ଖବର ନେଇ ଫେରିବେ । ଫେରି କହିବେ, "ମୁଁ ଜାଣେ ପରା ବୋଉ, ତୁମେ ସବୁ ମିଛରେ ବ୍ୟସ୍ତ ହୁଅ । ଦୁଇ ଦିନ ହେଲା କ'ଣ ଟିକିଏ ଜର ଧରିଥିଲା ଅଖିଳକୁ, ଆଜି ଉଠି ପଥି କଲୁଛି ।"

ରଙ୍ଗଲତା ହସି ହସି କହିଲେ, "ନମି, ସେଇ ଭାତକୁ ଧରି ବସିଛୁ କ'ଣ ? ଦେ ଖାଇଦେ ସଅଳ । ଆଉ ଟିକିଏ ଗଲେ ବିଭୁ ଫେରି ଆସିବ । ମୋ ମନ କହୁଛି ସବୁ ଭଲ ଖବର ନେଇ ଫେରିବ ସେ ।"

"ହଁ ବୋଉ ଜର ଟିକିଏ ହେଇଛି ତ, ମୁଁ ମନ ଊଣା କରିବି କାହିଁକି ? ଠାକୁରେ ଅଛନ୍ତି ।" ନର୍ମଦା ଲୁହ ଛଳ ଛଳ ଆଖି ଦୁଇଟି ଶାଶୁଙ୍କୁ ଦେଖିବାକୁ ନ ଦେଇ ଶୀଘ୍ର ଖାଇବା ଥାଳୀ ପାଖରୁ ଉଠି ଆସି ମୁହଁ ଧୋଇ ବସିଲେ ।

ଏଇ ଗୋଟିଏ କଥାରେ ବିଭୁରଞ୍ଜନ କେତେଥର ଛିଦ୍ ମାରିବା ଭଳି କହି-ଛନ୍ତି । ଚଉପାଢ଼ୀରେ ପହଞ୍ଚି ସେ ପାଟି କରୁଛନ୍ତି—

"ବୋଉ କୁଆଡ଼େ ଗଲୁକି ?"

ରଙ୍ଗଲତା ଆଉ ଖଞ୍ଜାରେ କ'ଣ କରୁଥିଲେ କେଜାଣି, ତରତର ହେଇ ଗୃହୀ ଆସି କହିଲେ,

"କ'ଣ ଖବର ବାପା କହିଲୁ ? ସବୁ ଭଲ ତ ।"

Digitized by srujanika@gmail.com

"ମୁଁ ତତେ କହୁ ନଥିଲି, ସାମାନ୍ୟ ଟିକିଏ ଥଣ୍ଡାଜର । ଦୁଇ, ତିନିଦିନ ହେଲା ଗତିକୁ ଜର ବଢୁଥିଲା । ଆଜି ସନ୍ଧ୍ୟାରେ ଜର ମାପିଲେ, ମୁଁ ଦେଖିଲି । ତା'ପରେ ବାହାରି ଆସିଲି, ଅଖିଳ ମତେ ବସେଇ ଦେଲାନି— ମୁଁ ତ ଭଲ ହେଲିଣି, ବାପା । ଆପଣ ଗତିରେ ରହିବେ କାହିଁକି ? ତେଣେ ଜେଜେବାପା, ଜେଜେମା, ବୋଉ ବ୍ୟସ୍ତ ହଉଥିବେ । ଆପଣ କହିବେ ସେମାନେ ଆଦୌ ବ୍ୟସ୍ତ ହେବେନି । ମୋ ଦେହ ଭଲ ହେଲେ ରେବକୁ ନେଇ ମୁଁ ଛାଡ଼ି ଦେଇ ଆସିବି ।"

"ହେ ପ୍ରଭୁ ଗୋପାଳ, ମୋ ପିଲାର ତୁଷ୍ଟ ସୁତୁଷ୍ଟ ହେଉ ।" ରଙ୍ଗଲତା ଠାକୁର ଘର କବାଟ ପାଖରେ ମୁଣ୍ଡ ଲଗାଇ ପ୍ରଣାମ କଲେ ।

ସନ୍ଧ୍ୟା ଦିଆ ସରିଛି । ଠାକୁର ଭୋଗ ଲାଗିନି, ପହଡ଼ ପଡ଼ିନି । ସୁଧୀରଞ୍ଜନ ଖବର ଦେଇଥିଲେ, କୀର୍ତ୍ତନିଆ ପଂଝାଏ ଆସି ପହଞ୍ଚିଗଲେଣି । ବିଭୁଠାରୁ ସବୁ ଖବର ଶୁଣି ଗମ୍ଭୀର ଭାବରେ କୁଅମୂଳକୁ ଉଠିଗଲେ ସେ, ଗୋଡ଼ ହାତ ଧୋଇ ଅଣ୍ଡାପାଣି କରି ମଠାଟା ବଦଳାଇ ଠାକୁର ଘରେ ପଶି ଆଳତୀ ଆରମ୍ଭ କଲେ ।

ନର୍ମଦା ମନଚଞ୍ଚଳରେ ବଡ଼ ପିତ୍ତଳ ପରାତରେ କେତେପ୍ରକାର ଭୋଗ ସରଞ୍ଜାମ ସଜାଡ଼ି ପୂଝାରୀ ହାତରେ ଠାକୁର ଘରକୁ ପଠାଇଦେଲେ । ଦାଣ୍ଡପଟେ ସାଇପିଲାଏ ଗହଳି କରୁଛନ୍ତି । କୀର୍ତ୍ତନ ଶୁଣିବେ, ଭୋଗ ଖାଇବେ । ବୁଢ଼ାମାନେ ବିରକ୍ତ ହେଉଛନ୍ତି "ଧୀର ହେଇ ବସିବ ଯଦି ବସ, ନହିଲେ ଘରକୁ ଯାଇ ଶୋଇପଡ଼ ।"

ପିଲାଙ୍କ ଆଖି ଭୋଗଥାଳିରେ । କୀର୍ତ୍ତନ ଚାଲିଲା କେତେ ସମୟ ଧରି । ତା' ପରେ ଠାକୁରଙ୍କ ପାଖରେ ଭୋଗ ହେଲା । ପିଲା, ବୁଢ଼ା ସମସ୍ତଙ୍କୁ ଭୋଗ ବଣ୍ଟା ସରିଲା ବେଳକୁ ରାତି କେତେ ହେଲାଣି । ବିଭୁରଞ୍ଜନଙ୍କର ପଦେ କଥାରେ ସମସ୍ତେ ନିଶ୍ଚିନ୍ତ ହୋଇପାରି ନାହାନ୍ତି ।

ଘରର ସମସ୍ତେ ଖାଇସାରିଲେ କେତେ ରାତିକୁ ନର୍ମଦା ଆସନ୍ତି ତାଙ୍କ ଶୋଇବା ଘରକୁ । ସାନଝିଅଟିକୁ କୋଳରେ ପୁରେଇ ସଙ୍ଗେ ସଙ୍ଗେ ନିଦରେ ଶୋଇପଡ଼ନ୍ତି ସେ । ଆଜି କିନ୍ତୁ ଆଖିରେ ନିଦ ନାହିଁ । ଆଖି ଆଗରେ ନାଚୁଛି ରେବ-ଅଖିଳଙ୍କର ମୁହଁ । ଆହା, ମା' ମନ କେତେ ଆଶଙ୍କାରେ ଛଟପଟ ହେଉଛି ! କିଏ ଜାଣେ ଦୁଇଟା ଦିନରେ ରେବ-ଅଖିଳ ଦୁହେଁ ଆସି ପହଞ୍ଚିବେ । ପୁଣି ଏ ଘର ଆନନ୍ଦମୁଖରିତ ହେବ ।

Digitized by srujanika@gmail.com

କ୍ଷଣକ ପାଇଁ ନର୍ମଦାଙ୍କ ମନ ଖୁବ୍ ହାଲୁକା ହୋଇଗଲା । ବିଭୁରଞ୍ଜନ ଗାଢ଼ ନିଦରେ ଶୋଇଥିଲେ । ତାଙ୍କୁ ଉଠେଇ ଗପ କରିବାକୁ ଭରୀ ଇଚ୍ଛା ହେଲା ତାଙ୍କର । ଆସ୍ତେ ହଲେଇ ସେ ଡାକିଲେ, "ହଇହୋ, ଶୁଣୁଛ ?"

ବିଭୁରଞ୍ଜନ ନିଦୁଆ ସ୍ୱରରେ କହିଲେ, "କାହିଁକି ନିଦ ଭାଙ୍ଗୁଚ କହିଲ, ଶୋଇପଡ଼ ।"

ଏ ଲୋକଙ୍କୁ କେତେ ନିଶ୍ଚିନ୍ତ ନିଦ ହୋଇଯାଉଚି ମ ! କୋଉ ଚିନ୍ତା ଭଲା ଅଛି ? ରାଗିଲେ ତ ଶଙ୍କର, କ୍ଷଣକେ ଘରେ ନିଆଁ ଲଗେଇ ଦେବେ । ଚମ୍ପା ଖୁଡ଼ୀ ଘର ତାଙ୍କ ବାଡ଼ିକୁ ମଡ଼େଇ ବାଡ଼ ବସେଇଲେ । ଏକଥା ଶୁଣିଲେ ରାଗରେ ଅଗ୍ନିଶର୍ମା ହେଇଯିବେ । ଏଇ କଥା ପୂଝାରୀ ରଙ୍ଗଲତାଙ୍କୁ କହୁଥିଲା ବେଳେ ସେ ଶୁଣିଲେ । ଗୁମାସ୍ତାଏ ନଥିଲେ । ସେ ଥିଲେ ବିଭୁରଞ୍ଜନଙ୍କ କାନକୁ ଯାଇ କେଡ଼େ କାଣ୍ଡଟାଏ ଘଟି-ସାରନ୍ତାଣି । ଶ୍ୱଶୁର ସୁଧୀରଞ୍ଜନଙ୍କୁ କହିବାର ଅବସର ନାହିଁ । ସମସ୍ତେ ତ ରେବ ଚିନ୍ତାରେ ଅଧୀର ହେଲେ । କିନ୍ତୁ ଏଣେ ବାଡ଼ ପକେଇ ସେମାନେ ଆନନ୍ଦ ।

ନର୍ମଦା ଭବିଥିଲେ ଶୋଇବା ବେଳେ ସ୍ୱାମୀଙ୍କୁ ବୁଝାଇ ସବୁ କହିବେ । ରାଗ, ହିଂସା, ବାଦରୁ କ'ଣ ମିଳିବ ? ଦେବୁ କକେଇଙ୍କୁ ଡାକି ଭଲରେ ଭଲରେ କଥାଟା ମୀମାଂସା କରିଦେଲେ ହେବ । ଭଇଆ ତ ରୁହିଁ ବସିଛନ୍ତି, ଝୁଣ୍ଟି ପଡ଼ିଲେ ଖୁନ୍ଦାଏ ଦେବେ । ଆମର ବେଳ ପଡ଼ିଛି । ହଉ ଗୋପାଳ ସାହା । କାହିଁକି ଏତେ ଲୋଭ ? କାହା ପାଇଁ ? ପିଲଛୁଆଟିଏ ତ ଦେଲେନି ଠାକୁରେ । ସାନଭଇ ଶୁଭ କକେଇଙ୍କ ପୁଅରୁ ପୁଅ କରିଛନ୍ତି ବୋଲି କହି ହଉଛନ୍ତି । ସ୍ନେହ ଶରଧା ତ କାଣିଚାଏ ନାହିଁ । ଖାଲି ଉପର ଦେଖାଣିଆ, ପିଲଟା କୃଷ୍ଣ ସଙ୍ଗେ ପଢୁଛି । ଭେକ ଓପାସରେ ଇସ୍କୁଲ ଆସିବ । ପଖାଳ ଗଣ୍ଡେ ବାଢ଼ି ଦେବାକୁ ମା' ମନ ହୁଏନି । କେଜାଣି କି ମା' ସେ ! କୃଷ୍ଣ କହିବ, "ବୋଉଲୋ, ଚମ୍ପା ଆଇ କୁନାକୁ ଆଜି ଖାଇବାକୁ ଦେଇନି । ତାକୁ ଡାକି ଆଣିଚି ଆମ ଘରେ ଖାଇବ ।"

ନର୍ମଦା ଲୁଚେଇ କବାଟ କଣରେ ଖାଇବାକୁ ଡାକନ୍ତି କୁନାକୁ, ପିଲଟା କେଡ଼େ ଭୋକିଲା ଦିଶୁଥାଏ । ସାଙ୍ଗେ ସାଙ୍ଗେ ଥାଳୀରୁ ପୋଛି ସବୁ ଖାଇ ଦେଇ ତାଙ୍କ ଘର ଆଡ଼େ ଭୟାଳୁ ଦୃଷ୍ଟି ଡୋଳି ଟିକିଏ ରୁହିଁ ଦୌଡ଼ି ଦୌଡ଼ି ପଳାଏ । ରଙ୍ଗଲତା କହନ୍ତି, "ପିଲାଟା କେଡ଼େ ଶାନ୍ତ ସୁଧାର । କ'ଣ ଏମିତି ଭୁଲଟାଏ କରି ପକେଇଲା

Digitized by srujanika@gmail.com

ଯେ ରକ୍ଷାପୁଣୀଟା ପିଲଟାକୁ ଦିନଟା ସାର ଉପାସରେ ରଖୁଛି । କିମିତି ତା’ ପାଟିକୁ ଭାତଗୁଣ୍ଡା ଯାଇଥିବ କେଜାଣି ?”

ନହେଲ ନାହିଁ । ବିଭୁରଞ୍ଜନ ନ ଶୁଣିଲେ ନାହିଁ, ନର୍ମଦା ମନେ ମନେ ଚିନ୍ତା କଲେ, ଖୁବ୍ ସକାଳେ ସୁଧୀରଞ୍ଜନ ଚା’ ଖାଇବା ବେଳେ ଏଇ କଥାଟା ସେ ନିଜେ କହିବେ । ବିଭୁରଞ୍ଜନ ରାଗଟାଣରେ ଯାହା ନ କରି ପାରନ୍ତି, ସୁଧୀରଞ୍ଜନ ଲୋକକୁ ବୁଝେଇ ସେ କାମ କରି ପାରନ୍ତି ବୋଲି ନର୍ମଦାଙ୍କର ବିଶ୍ୱାସ ।

ରାତି ବଢୁଛି । ନର୍ମଦାଙ୍କର ଆଖି ଭାରୀ ହୋଇ ଆସୁଛି ନିଦରେ । ବିଛଣାରେ ଉଠି ବସି ପ୍ରଭୁ ଗୋପାଳଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରି ପିଲାଛୁଆଙ୍କ ଶୁଭ ମନାସିଲେ ସେ । ତା’ପରେ ସାନ ଝିଅଟିକୁ କୋଳରେ ପୂରେଇ ନିଶ୍ଚିନ୍ତ ନିଦରେ ଶୋଇଗଲେ ।

ସକାଳର ପ୍ରଥମ ସୂର୍ଯ୍ୟ କିରଣ ନ ପଡୁଣୁ ସୁଧୀରଞ୍ଜନ ସବୁଦିନେ ବିଛଣା ଛାଡ଼ି ସାରିଥାଆନ୍ତି । ତା’ର ବହୁ ପୂର୍ବରୁ ରଙ୍ଗଲତା, ନର୍ମଦା ଉଠି ପଡ଼ନ୍ତି । ଆଜି କିନ୍ତୁ ନର୍ମଦାଙ୍କର କେତେ ଡେରି ହେଇଗଲା ! ପୂର୍ବରାତି କଥା ସବୁ ମନେ ପଡ଼ିଯିବାରୁ ଧଡ଼୍‌ କରି ମୁହଁ ଧୋଇ ପକେଇ ଗୋଷେଇ ଘର ପାଖକୁ ଯାଇ ପୂଝାରୀକୁ ପଚାରିଲେ, “ବାପାଙ୍କୁ ଚାହା ଦେଇଛ ?”

“ହଁ, ବୁଢ଼ୀମା’ ଦେଇ ସାରିଛନ୍ତି ।”

ନର୍ମଦା ଦାନ୍ତକାଠି ଖଣ୍ଡକ ଧରି କୂଅମୂଳ ଆଡ଼େ ଯାଉ ଯାଉ ହଠାତ୍ ଆଶ୍ଚର୍ଯ୍ୟ ହେଲେ । ସେ ଯାହା କହିବାକୁ ଚାହୁଁଥିଲେ ଆଉ ବୋଧହୁଏ କହିବାକୁ ପଡ଼ିବ ନାହିଁ । ସୁଧୀରଞ୍ଜନ ଦୂରରେ ପିଜୁଳି ଗଛଟା ପାଖରେ ଠିଆ ହେଇ କ’ଣ ଦେଖୁଛନ୍ତି । କୂଅ ମୂଳେ ଚରଚର କରି ଦାନ୍ତ ଘଷୁ ଘଷୁ ଆଉଥରେ ସେଇଆଡ଼େ ଚାହିଁଲେ ସେ । ନୂଆ ପଡ଼ିଥିବା ବାଡ଼ ଆଉ ବାଡ଼କୁ ଲାଗିଥିବା ପିଜୁଳି ଗଛ ଏ ଦୁଇଟି ତେବେ ତାଙ୍କ ଦୃଷ୍ଟିକୁ ଯାଇନି । ସେଇଥିରୁ ତ ସେ ସବୁ ବୁଝିବେ, ଯାହା କରିବା କଥା ସେ ବଳେ କରିବେ ନାହିଁ କି ! ମନେ ମନେ ଆଶ୍ୱସ୍ତ ହେଲେ ନର୍ମଦା ।

ସଂସାରରେ ଶତ୍ରୁର ସୃଷ୍ଟି ଅମଙ୍ଗଳ ଚାହାନ୍ତିନି ସେ, କିମ୍ବା ନିଜର ହକ୍ ଧନ କିଏ ଠକେଇ ନେଇଯିବ, ଏ କଥା ଭାବିଲେ ମଧ୍ୟ ତାଙ୍କର ଭାରୀ ମନ ଦୁଃଖ ହୁଏ । ସେ ଆଡ଼େ ଚାହିଁ ଚାହିଁ ପୋଖରୀ ଆଡ଼େ ଆଗେଇଲେ ସେ, ଆଜି ଗାଧୁଆ ଡେରି ହେଇ ଗଲାଣି । ରଙ୍ଗଲତା କେତେବେଳୁ ଗାଧୋଇ ପଡ଼ି ଫୁଲ ତୋଳୁଛନ୍ତି । ନର୍ମଦା ତରଂ

Digitized by srujanika@gmail.com

ତରରେ ପୋଖରୀରେ ବୁଡାଟାଏ ମାରି ଆସିଲା ବେଳକୁ ଦେଖିଲେ, ପିଲାଏ ଦାନ୍ତ ଘଷୁଛନ୍ତି । ସମସ୍ତଙ୍କର ଉଠିବା ଡେରି ।

ମୁଣ୍ଡରେ ଓଢ଼ଣାଟା ଭଲ କରି ଟାଣିଦେଇ ଓଦା ଲୁଗାଟା ଆଉଟିକେ ଗୋଡ଼ ଗୋଇଠି ଉପରକୁ ଟେକି ଦେଇ ଗୋଡ଼ ଧୋଇଲେ ସେ କୂଅ ମୂଳର ପକ୍କା ଚଉ- ତରରେ । ପାଖ ଡାଳିମ୍ବ ଗଛରେ ବୁଢ଼ା ଡାମରାକାଉଟା ରଉ ରଉ କରି ବୋବାଉଛି । ବ୍ୟସ୍ତ ହେଇ ପଡ଼ିଲେ ନର୍ମଦା । ଆଖି ପଡ଼ିଲା ଟୁନା ଉପରେ, ସେ ବୋଧହୁଏ ମୁହଁ ଧୋଇ ଆସୁଥିଲା । ତାକୁ ହିଁ ଗ୍ରହିଁ ସେ କହିଲେ, "କ'ଣ କରୁଛ ତୁମେ ସବୁ, କାଉଟାକୁ ତଡ଼ି ପାରୁନ ?" ଟେକାଟିଏ ଫୋପାଡ଼ିଲା ଟୁନା । କାଉ ଉଡ଼ି ନେଉଆ ଗଛରେ ବସିଲା । ପୁଣି ସେଇ କା'କା । ପିଲାଙ୍କ ଖେଳ ଲାଗିଗଲା । କୃଷ୍ଣ, ଟୁନା ତାଙ୍କ ପଛରେ ଦୌଡ଼ିଛି ସାନଟି । କାଉ କାହିଁକି ଶୁଣିବ । "ଥାଉ ଥାଉ, ଦାନ୍ତ ଘଷି ଚଞ୍ଚଳ ଆସ । ତେଣେ ଇସ୍କୁଲବେଳ ହେଇଯିବ ।" ନର୍ମଦା ବାଡ଼ି କବାଟ ଦେଇ ଲୁଗା ବଦଳାଇବାକୁ ଗ୍ଲଲିଗଲେ । ସବୁଦିନ ଭଳି ସାବଲୀଳ ଗତିରେ ଗ୍ଲଲିଛି ଘରକାମ । ଠାକୁର ଘରେ ଘଡ଼ିଏ ବସି ଗୀତା ପଢିସାରି ସେଷେଇ ଘରଆଡ଼େ ଗ୍ଲଲିଲେ ନର୍ମଦା ।

ଶାଶୁ ରଙ୍ଗଲତା ସବୁ କାମ ସାରିଲେଣି । କେଜାଣି କ'ଣ ହେଉଛି, ସକାଳୁ ଯେତେ ଚଞ୍ଚଳ କାମ ଶେଷ କଲେ ବି କିଛି ସରୁନି । ସବୁ କିମିତି ମଠେଇ ଯାଉଛି । ଏରିବା ଡାଲଟା ପାଖକୁ ଟାଣି କାଟି ବସିଲେ ସେ ।

ଏ ବର୍ଷ ଶୀତ କେବେ ପଡ଼ିବ କେଜାଣି ? ଦଶହରା ଯାଇ କୁମାରପୂର୍ଣ୍ଣିମା ସରିଲାଣି । ଗୋଟାଏ ବର୍ଷ କୁମାରପୂର୍ଣ୍ଣିମା ପରେ ଖୁବ୍ ଶୀତ ପଡ଼ି ଯାଇଥିଲା । ଏ ବର୍ଷ କିନ୍ତୁ କାର୍ତ୍ତିକ ଆସି ହେଲାଣି, ଶୀତ ଦେଖା ନାହିଁ । ଦ୍ୱିପହରେ ପଙ୍ଖା ଧରି ବିଞ୍ଚି ନ ହେଲେ ଗରମରେ ଦେହରୁ ଝାଳ ବୋହୁଛି । ଗାମୁଛା ଖଣ୍ଡେ ଧରି ଦେହ ପୋଛି ହେଉଛନ୍ତି ସୁଧୀରଞ୍ଜନ, ପାଖରେ ଠିଆ ହୋଇ ରମ ବିଞ୍ଚୁଛି । ଖବରକାଗଜ ଧରି ଖୋଲି ପଢୁଛନ୍ତି ସେ । ଡାକଘରୁ ଚିଠି, ଖବରକାଗଜ ଦେଇଗଲା ଡାକବାଲା ।

ସବୁଦିନେ ଠିକ୍ ଦ୍ୱିପହର ଖାଇ ସାରିବା ବେଳକୁ ଚଉପାଢ଼ୀରେ ସେଇ ବଡ଼ ଆରାମ ଚୌକିରେ ଆସି ଆଉଜି ବସିବା ତାଙ୍କର ଅଭ୍ୟାସ । ତା'ପରେ ଖବର- କାଗଜ, ଚିଠି ପଢିସାରି ଶୋଇବାଘରକୁ ଯାଇ ଘଣ୍ଟାଟିଏ ବିଛଣାରେ ଗଡ଼ନ୍ତି ସେ ।

ଖରାଟା କମିଯାଇ ମେଘ ଘୋଡ଼େଇଛି । କାର୍ତ୍ତିକ ମାସରେ ବେଳେ ବେଳେ ପାଗ ଏମିତି ବଦଳି ଯାଏ । ମେଘ ହୁଏ, ଝଡ଼ିବର୍ଷାରେ ଫସଲ ନଷ୍ଟ ହୁଏ । ଝଡ଼-

Digitized by srujanika@gmail.com

ପବନରେ ପୁଣି କେତେ ଘରର ଘୁଙ୍ଗିଆ ଉଡ଼ିଯାଏ । ବର୍ଷେ ଯେଉଁ ବାତ୍ୟା ହୋଇଥିଲା, ସେଥିରେ ବଗିଚାର ବହୁ ଆମ୍ବ, ତାଳ, ନଡ଼ିଆଗଛ ନଷ୍ଟ ହୋଇଗଲା । ଆମ୍ବ, ନଡ଼ିଆରୁ ଟଙ୍କା ଆସୁଥିଲା ଅକଳନ୍ତ । ହଁ, ଯୁଗ ବଦଳୁଛି । ଆଉ ଥରେ ଗାମୁଛାରେ ମୁହଁଟା ପୋଛିଲେ ସୁଧୀରଞ୍ଜନ । ରାମ ପାଣି ଗ୍ଲାସଟା ଆଣି କହିଲା, "ବାବୁ, ପାଣି !" ସୁଧୀ-ରଞ୍ଜନ ତା' ହାତରୁ ପାଣିଗ୍ଲାସଟା ନେଇ ପିଇଲେ । ଡବା ଖୋଲି ପାନ ଖଣ୍ଡେ ଖାଇ ଚଉକିରୁ ଉଠି ଠିଆହେଲେ । ଏଥର ଶୋଇବାକୁ ଯିବେ ସେ । ବହୁ ଦୂରରୁ ଦିଶୁଛି, କିଏ ଜଣେ ଆସୁଛି ଏଇଆଡ଼େ । କିଏ ରାସ୍ତାରେ ଆସୁଥିବ ଭାବି ସେ ମୁହଁ ଫେରାଇ ନେଉଥିଲେ । ମୁହଁଟା କିନ୍ତୁ ଚିହ୍ନା ଚିହ୍ନା ମନେହେଲା ।

"ଆମର ପାଖେ କିଏ ଆସୁଛି କି ? ରାମ ଦେଖିଲୁ !" ବାଣ୍ଡ କବାଟଟା ଭଲ-କରି ଖୋଲିଦେଇ ଚାହିଁଲା ରାମ । "ବାବୁ, ଏ ତ ରେବନାନୀ ଘର ହଳିଆ ।"

ସୁଧୀରଞ୍ଜନ "ଏଁ" କହି ଚମକି ପଡ଼ିଲେ । ପୁଣି ଆଶ୍ୱସ୍ତ ହେଇ ଚଉକିରେ ସିଧାହେଇ ବସିଲେ ।

ଲୋକଟି ବୁଢ଼ାଙ୍କୁ ତଳେ ମୁଣ୍ଡ ଲଗାଇ ଓଳଗି ହେଲା । ତା'ପରେ ତଳକୁ ମୁହଁ କରି ଫତେଇ ପକେଟରୁ କ'ଣ କାଗଜ କାଢ଼ିବାରେ ବ୍ୟସ୍ତ ରହିଲା । କାହାରି ପାଟିରେ କଥା ନାହିଁ । ନୀରବତା ଭଙ୍ଗକରି ସୁଧୀରଞ୍ଜନ ପଚାରିଲେ, "ଆଉ ସବୁ ଭଲଟି ? ଅଖି କେମିତି ଅଛି ?" ଲୋକଟିର କଳାଗମ୍ଭୀର ମୁହଁରେ ଶୁଖିଲା ଓଠ ଦୁଇଟି କ'ଣ କହିବ ବୋଲି ଥରିଉଠି ଘଡ଼ିଏ ବନ୍ଦ ହୋଇଗଲା । ଚିଠିକାଗଜ କାଢ଼ୁ କାଢ଼ୁ ଥରିଲା ଗଳାରେ ସେ କହିଲା, "ଚିଠି ଦେଇଛନ୍ତି ଗୁମାସ୍ତାଏ ।" ସୁଧୀରଞ୍ଜନ ହାତ ବଢ଼ାଇଲେ କାଗଜଟା ନେବାକୁ । ଲୋକଟି ଚିଠି ବଢ଼ାଇ ଦେଇ ଆଉଥରେ କଣ୍ଠ ଥରାଇ କହିଲା, "ସାନବାବୁ ଚାଲିଗଲେ, ଆଜ୍ଞା !" କୋହ ସମ୍ବରଣ କରି ନପାରି ତଳକୁ ମୁଣ୍ଡ ପୋତି ସକସକ ହେଇ କାନ୍ଦି ବସିଲା ସେ ।

"ରାତିକୁ ତାତି ବଢ଼ିଲା, ସେଇଦିନ ରାତିକୁ... ବାବୁ ଯୋଉଦିନ ଯାଇଥିଲେ । ତା'ପରେ......"

ସୁଧୀରଞ୍ଜନ ନିର୍ବିକାର ଭାବରେ ଚିଠି ଖୋଲୁଛନ୍ତି, ହାତ ଥରୁଛି । "ଏ କ'ଣ କହୁଛି, ଏଗୁଡ଼ା କ'ଣ ସତ ?"

ସେପାଖରୁ ଆସୁଛନ୍ତି ନର୍ମଦା, ରଙ୍ଗଲତା । ରେବଘରୁ ହଳିଆ ଚିଠି ନେଇ ଆସିଛି, ଏଇ ଖବର ଦେଇଛି ରାମ । ସୁଧୀରଞ୍ଜନ ପାଖକୁ ଧାଇଁ ଆସିଲେ ରଙ୍ଗଲତା, ପଛରେ ନର୍ମଦା ।

Digitized by srujanika@gmail.com

ସୁଧୀରଞ୍ଜନ ବିକଳ ଦୃଷ୍ଟିରେ ରଙ୍ଗଲତାଙ୍କୁ ଚାହିଁଲେ, ତା'ପରେ ନର୍ମଦାଙ୍କୁ । ଆଖି ଦିଶୁଛି ଲାଲ । ତଣ୍ଟି ଅଠା ଅଠା ଲାଗୁଛି । ପିଲାଙ୍କ ଭଳି ଅଧୀର ସ୍ୱରରେ କହିଲେ, "ମୋ ଅର୍ଣ୍ଣି ଆଉ ନାହିଁ ।" ତା'ପରେ ସକସକ କାନ୍ଦ, ମୁହଁ କିମିତି ଅଲଗା ଦେଖା-ଗଲା । ଆଖିରୁ ଝରିଯାଉ ଅଶ୍ରୁର ଧା'ର । ପୁଣି ସେଇ ବିକଳ ସ୍ୱର– "ଅର୍ଣ୍ଣି ଆଉ ନାହିଁ ।"

ନର୍ମଦା କଚାଡ଼ି ହୋଇ ପଡ଼ିଲେ । ଶାଶୁବୋହୂ ଦୁହେଁ ବିକଳରେ କାନ୍ଦି କାନ୍ଦି ଗଡ଼ିଲେ । ପିଲାଏ ଆସି ସେଇଠି କାନ୍ଦିଲେ । ଗୋଟାଏ ମୁହୂର୍ତ୍ତରେ ପରିବାରରେ ଦୁଃଖର ବାଦଲ ଘୋଟିଗଲା ।

ରଙ୍ଗଲତା ବାହୁନି ବାହୁନି କାନ୍ଦିଲେ, "ମୋ ରେବଲୋ, ମୋ ଲକ୍ଷ୍ମୀ-ଠାକୁରାଣୀକୁ ଏ ଦଶା କିଏ ଦେଲାରେ... ହା ମୋ ଧନମାଳୀ... ତୋ ଖେଳଘର କିଏ ଭାଙ୍ଗିଦେଲାରେ... ହା ମୋ ସୁନାପାତିଆ... ତୋତେ ନ ଦେଖି ମୁଁ ଆଉ ସବୁ ବର୍ଷ ବିକି ମୋ ସୁନାରତନ... କିଏ ଅଛ ମୋ ରତନକୁ ମୋ କୋଳକୁ ଆଣିଦିଅରେ... ତାକୁ କୋଳେଇ ମୁଁ ଜୀବନ ହାରିବି...... ।"

ନର୍ମଦା ଆହୁରି ବିକଳରେ କାନ୍ଦି ଗଡୁଛନ୍ତି । ସାଇରୁ ମାଇପେ, ପିଲାଏ ଆସି ଗଦା ହେଉଛନ୍ତି । ବୁଢ଼ା କେତେଜଣ ସୁଧୀରଞ୍ଜନଙ୍କୁ ଘେରି ବୁଝାଉଛନ୍ତି । ରଙ୍ଗଲତାଙ୍କୁ ଦୁଇଜଣ ମାଡ଼ି ବସିଛନ୍ତି, ସେ ବାୟାଣୀଙ୍କ ଭଳି ରଡ଼ି ଛାଡୁଛନ୍ତି । ନର୍ମଦାଙ୍କ ପାଖରେ ପାଂଚଟା ମାଇପେ । ସେ ଅସହାୟ ଶିଶୁଟି ଭଳି ସେମିତି କାନ୍ଦି କାନ୍ଦି ଗଡୁଛନ୍ତି ।

ଏ ମର୍ମନ୍ତୁଦ ଦୁଃଖକୁ କିଏ ବା ସାନ୍ତ୍ୱନା ଦେବ ? କାହା କଥା ଶୁଣିଲେ ବା ରେବତୀ କପାଳରେ ସିନ୍ଦୁରବିନ୍ଦୁ ଜଳି ଉଠିବ ? ଗାଁ ସାରା ଏ ସମ୍ବାଦ ରଷ୍ଟ ହୋଇ-ଗଲାଣି, ଜମିଦାରଙ୍କ ସାନନାତୁଣୀଜୋଇଁଙ୍କର କାଳ ହୋଇଗଲା । ଲୋକେ ଛୁଟିଛନ୍ତି ତାଙ୍କ ଘରକୁ । ମାତ୍ର ବିଭୁରଞ୍ଜନ ଏ ଖବର ପାଇନାହାନ୍ତି ଏପର୍ଯ୍ୟନ୍ତ । ସେ ଯେ ସକାଳ ନଅଟାରୁ ଗଣ୍ଡାଏ ଖାଇ କଚେରୀ ଯାଇଥିଲେ, ଏଯାଏ ଫେରିନାହାନ୍ତି ।

ସମୟ କାହାକୁ ଅପେକ୍ଷା କରେନା । ମନୁଷ୍ୟର ରୋଗ, ଶୋକ, ଦୁଃଖ, ସୁଖକୁ ଅତିକ୍ରମ କରି ସେ ଆଗେଇ ଚାଲେ । ଅର୍ଣ୍ଣିଙ୍କର ମୃତ୍ୟୁ ପରେ ଚାହୁଁ ଚାହୁଁ ଦଶ-ଦିନ କଟି ଗଲାଣି । ଏ ପରିବାରରେ କାହାରି ମନର କ୍ଷତ ଚିହ୍ନ ଲିଭିନି । ନର୍ମଦା

Digitized by srujanika@gmail.com

ସେମିତି ମନମାରି ବସୁଛନ୍ତି । ରଙ୍ଗଲତାଙ୍କର ଉଜ୍ଜ୍ୱଳ ରୂପ ମଳିନ ପଡ଼ି ଗଲଣି । ସେ ଦିଶୁଛନ୍ତି ଅଶୀବର୍ଷର ବୁଢ଼ୀ ଭଳି । ଆଉ ସୁଧୀରଞ୍ଜନ, ସେ ବିଛଣାରେ ପଡ଼ିଛନ୍ତି ସେଦିନୁ । ସେଇ ଯେ ଅର୍ଣ୍ଣିକର ହସହସ ଉଜ୍ଜ୍ୱଳ ମୁହଁ ସେ ଦେଖି ଆସିଥିଲେ, ସେଦିନ ଫେରି ଭଗ୍ୟବତୀ ରେବତୀର ସୁଖ ଆନନ୍ଦର ଯେଉଁ କାହାଣୀ ସେ ଶୁଣାଇଥିଲେ, ସେ କାହାଣୀର ମୋଡ଼ ଏତେ ଶୀଘ୍ର ଘୁରିଯିବ ବୋଲି ସେ କ'ଣ ଭବିଥିଲେ !

"ଠାକୁରେ ଏ କ'ଣ ? କାହିଁକି ଏ ଦଣ୍ଡ ? କ'ଣ ମୁଁ ଅନ୍ୟାୟ କଲି ?" ଛାତିରେ ତାଙ୍କର ଅସହ୍ୟ ଯନ୍ତ୍ରଣା, ବହୁଦିନର ପୁରୁଣା ରୋଗ ବାହାରିଛି । ମଝିରେ ମଝିରେ ବିଭୁରଞ୍ଜନ ସାନ୍ତ୍ୱନା ଦେଉଛନ୍ତି । "ଏବେ ଏ ସବୁ ଚଳିଲଣି, ଯାହାତ ହୋଇଗଲ; ବାପା ମୁଁ ଭବିଛି, ରେବକୁ ଆଣି ଭଲ ଜାଗା ଦେଖି ଆଉଠାଏ ବାହା କରିଦେବା । ଏବେ ବହୁସ୍ଥାନରେ ବିଧବାବିବାହ ହେଉଛି । ଝିଅ ତ ମୋର ପିଲ· ଟାଏ—" ସୁଧୀରଞ୍ଜନ ପୁଅର କଥାରେ କାନ ଦିଅନ୍ତି ନାହିଁ । ଛାତିକୁ ଧରି ସେ ଅସହ୍ୟ ଯନ୍ତ୍ରଣାରେ ଆସ୍ତେ ପାଟି କରନ୍ତି, "ଓଃ—ଓଃ ।"

ଖରା ତେଜ କମିଛି । ସେଦିନର ଅପରାହ୍ନ । ଠିକ୍ ସେତିକିବେଳେ କୃଷ୍ଣ ବାହାରିଛି ରେବନାନୀ ଘରକୁ । ଆଜି ତାକୁ ଯା—ଯା ବୋଲି କେହି କହୁ ନାହାନ୍ତି । ଟୁନା ବି ଆଉ ଯିବା ପାଇଁ ଅଳି କରୁନାହିଁ । ସବାରି, ଗଉଡ଼ ଅନେକ ବେଳୁ ଆସି ଗଲେଣି । ଶୀଘ୍ର ନ ଗଲେ ପହଞ୍ଚିବା ବେଳକୁ ରାତି ହୋଇଯିବ । ବାପା କହିଛନ୍ତି ସଞ୍ଜବେଳକୁ ଯେମିତି ହେଲେ ସେ ପହଞ୍ଚିବ । ତରତର ହୋଇ ସେ ସବାରିରେ ବସିଲ । ବେହେରାମାନେ କାନ୍ଧେଇ ଚାଲିବାକୁ ଆରମ୍ଭ କଲେ ।

ନଇକୂଳରେ ସବାରି ଚାଲିଛି । ଏଇଠି ଖେଳୁଥିଲ ରେବନାନୀ, ଆଉ କେତେ ଝିଅ, ପୁଅ । ଆଜି କାହିଁ କେହି ଖେଳି ଆସି ନାହାନ୍ତି ।

ଆକାଶକୁ ଚାହିଁଲ କୃଷ୍ଣ । ସୂର୍ଯ୍ୟ ଅସ୍ତ ହେବାକୁ ଯାଉଛି । ନୀଳ ଆକାଶରେ ଶୁଖିଲ ମେଘ ଖଣ୍ଡେ କିମିତି ନାଲି ଦେଖା ଯାଉଛି । ନୀଳ ଓ ନାଲି, ଇସ୍ କି ସୁନ୍ଦର । ଦୂର ପାହାଡ଼ ଫାଙ୍କରେ ନାଲି ସୂର୍ଯ୍ୟଟି ଠିକ୍ ଦେଖା ଯାଉଛି ରେବନାନୀ କପାଳର ନାଲିଟୋପା ଭଳି ଉଜ୍ଜ୍ୱଳ । ମାତ୍ର ଆଉ ଅଳ୍ପକ୍ଷଣ ପରେ ସୂର୍ଯ୍ୟ ଲିଭିଯିବ, ଚାରିଆଡ଼ ଅନ୍ଧାର । କୃଷ୍ଣ ଆଖିରେ ଲୁହ ଟଳମଳ ହେଲ । ସୂର୍ଯ୍ୟ ବୁଡ଼ିବା ଦେଖି ବେହେରାମାନେ ଜୋର୍‌ରେ ପାଦ ପକାଇ ଆଗଉଛନ୍ତି । ଧୀରେ ଧୀରେ ସେମାନେ ପାଇଟିଲେ ଘରେଟି କଳାଛାଇ ଆଉ ସେମାନଙ୍କ କାନ୍ଧରେ ସବାରିଟି ଦେଖା ଯାଉଥିଲ ଏକ ଖେଳନା

Digitized by srujanika@gmail.com

କଲା ସବାରି ଭଳି । ଖୁବ୍ ଦୂରରୁ ବାଟଚଲା ଲୋକଟିଏ ଦେଖୁଥିଲା ସେଇ ଚିତ୍ରକୁ । ଧୀରେ ଧୀରେ ସେଇ ଚିତ୍ର ଅନ୍ଧାରରେ ମିଶିଗଲା ।

×   ×   ×   ×

ରେବତୀ ହସିଲା ଆଖିରେ ଗ୍ରହିଁଛି କୃଷ୍ଣକୁ । ସେ ସେମିତି ଉଦାସଭରା ଆଖିରେ ଗ୍ରହିଁଥିଲା ତା' ରେବନାନୀକୁ । ତା' ପାଟିରେ ବି କଥା ନାହିଁ । ରେବତୀ କଥା ପ୍ରଥମେ ଆରମ୍ଭ କଲା ।

"କେତେ ଡେରିରେ ଘରୁ ବାହାରିଥିଲୁ ? ବୋଉ, ଜେଜେମା' କ'ଣ କହୁଥିଲେ ତୁ ଆସିବାବେଳେ ? ବାପା ଘରେ ଅଛନ୍ତି ତ ? ଟୁନା ଜିଦ କଲା ନାହିଁ ତୋ ସାଙ୍ଗରେ ଆସିବାକୁ ? ବଗଗ୍ରରେ ବହୁତ ଝରଗଉର ଫୁଲ ଫୁଟୁଥିବ, ନାଇଁରେ ?" କୃଷ୍ଣ ତଥାପି ନୀରବ, ସବୁ କଥାର ଉତ୍ତର କେବଳ ମୁଣ୍ଡ ହଲେଇ ଦେଉଥିଲା । ସେପାଖରୁ ଆସୁଥିଲେ ରେବତୀର ଶାଶୁ । ତାଙ୍କୁ ପ୍ରଣାମ କଲା କୃଷ୍ଣ । ଆଖିରେ ଲୁଗାକାନି ଦେଇ ସକ୍ ସକ୍ ହୋଇ କାନ୍ଦି ଉଠିଲେ ସେ ।

କୃଷ୍ଣ ଆଖିରେ ବି ଲୁହ ।

ଆହୁରି ଜୋର୍‌ରେ ସେ କାନ୍ଦି ଉଠିଲେ ତାକୁ କୁଣ୍ଢାଇ ଧରି । ରେବତୀ ଧୀରେ ଧୀରେ ସେଠାରୁ ନିଷ୍କ୍ରାନ୍ତ ହୋଇଗଲା । ଠାକୁର ଘର ପାଖରେ ଟିକିଏ ଠିଆ ହୋଇ ଟଳି ଟଳି ଶୋଇବା ଘର ଭିତରକୁ ଗ୍ରଲିଗଲା ସେ । ଉଜ୍ଜ୍ୱଳ ଦୀପ ଆଲୋକରେ 'ଅଖିଳବିହାରୀ'ଙ୍କର ସେହି ହସିଲା ମୁହଁ ଗ୍ରହିଁବାକୁ ତାକୁ ଡର ଲାଗୁଥିଲା । ଅବୋଜଟାରେ ତକିଆରେ ମୁହଁ ମାଡ଼ି ଅନେକ ସମୟ ପର୍ଯ୍ୟନ୍ତ ନୀରବରେ ଲୁହ ଝରେଇଲା ସେ । ହଠାତ୍ ବିଛଣାରୁ ଉଠି ବାଡ଼ି ପାଖରେ ମୁହଁ ଧୋଇ ଆସି ଲଣ୍ଠନଟା ତେଜି ଦେଲା । କାନ୍ଥରେ ଅଖିଳର ନିର୍ଜୀବ ଫଟଟି ପାଖରେ ଠିଆ ହୋଇ କିଛି ସମୟ ଗ୍ରହିଁ ରହି ସେ କହିଲା "ମୁଁ କାଲି ଯିବି, କୃଷ୍ଣ ଆସିଛି ନବାକୁ, ଆଉ କାହିଁକି ରହିବି ଯେ ? ତୁମେ ତ ମତେ ପଦେ ବି କଥା କହୁନ । ଇସ୍, କେତେ କଥା କହୁଥିଲ ମତେ ! ମୋଠୁ ପଦେ ଉତ୍ତର ଶୁଣିବା ପାଇଁ କେତେ ବ୍ୟସ୍ତ ହେଇ ପଡୁଥିଲ ତୁମେ । କିନ୍ତୁ ହେଇ ଦେଖ ମୁଁ ଖାଲି କହୁଥିବି, ଆଉ ତୁମେ ସେମିତି ଚୁପ୍— ।" ଏକା ଲୟରେ ଅଖିଳର ଫଟକୁ ଗ୍ରହୁଁଛି ରେବତୀ, ସକାଳର ସଜ ଫୁଲହାର ମଉଳି ଗଲଣି । "କାଲି ସକାଳେ ତୁମ ପାଇଁ ଫୁଲହାର ଗୁନ୍ଥି ଦେବି । କ'ଣ ଗଲି ତ ? ହସୁଛ ? ଆମକୁ କନ୍ଦାଇ ତୁମକୁ ହସିବାକୁ ଭରି ଭଲ ଲାଗେ ନା ?" ରେବତୀର ଦୁଇ ଆଖିରୁ ଲୁହ

Digitized by srujanika@gmail.com

ଦୁଇଧାର ଗଡ଼ି ପଡ଼ିଲା । କବାଟ ପାଖରେ କିଏ ଠିଆ ହୋଇଛି । ଆଖି ପୋଛି ସେଆଡ଼େ ଚାହିଁଲା ସେ । କୃଷ୍ଣ ଚୁପ୍‌ଚାପ ଠିଆ ହୋଇଛି ।

"ଭିତରକୁ ଆ, ଏଇଠି ବସ ।"

କୃଷ୍ଣ ଭିତରକୁ ଯାଇ ଖଟରେ ବସିଲା । "ଆମେ କାଲି କେତେବେଳେ ଯିବା, ନାନୀ ?"

"ତୁ ପଚାରୁନୁ ବାପାଙ୍କୁ ? ମୁଁ କ'ଣ କହିବି ?"

ରେବତୀ ହସୁଛି । ମଉଳା ରଜନୀଗନ୍ଧା ଭଳି ଦେଖା ଯାଉଛି ସେ । ଧଳା! ଶାଢ଼ୀ, ଧଳା ବ୍ଲାଉଜ, ହାତ ଦୁଇଟାରେ ଚୁଡ଼ି ନାହିଁ ।

ବାହାଘର ପରେ ନାଲି ପାଟ, ସୁନା, ରୁପା ଗହଣାରେ ଛାଇ ହୋଇଥିବା ଛୋଟ ବୋହୂଟିର ମାତ୍ର କେତେଟା ଦିନରେ ଏ ପରିବର୍ତ୍ତନ ଦେଖି ତାକୁ ଆଶ୍ଚର୍ଯ୍ୟ ଲାଗୁଥିଲା । ତା'ର ପିଲା ମୁଣ୍ଡରେ ଏ ସବୁ କିମିତି ଗୋଳମାଳ ସୃଷ୍ଟି କରୁଥିଲା । ଭାଇଭଉଣୀ ପରସ୍ପରକୁ ନୀରବରେ ଚାହିଁ ଦେଖୁଛନ୍ତି । ଭାଇର ଶୁଖିଲା ମୁହଁ ଦେଖି ତା'ର ମନେପଡ଼ିଲା ଆସିଲାବେଳୁ ସେ ମୁହଁ ହାତ ଧୋଇନି କିମ୍ବା ଏଯାଏ କିଛି ଖାଇନି । ତାକୁ ଗାମୁଛା ଖଣ୍ଡେ ଧରେଇ ଦେଇ ରେବ କହିଲା– "ସେପାଖରେ ମୁହଁହାତ ଧୋଇ ଆ । ତୋତେ ଶୁଖିଲାଟା ଦିଶୁଛୁ ।" ଗାମୁଛାଟା ନେଇ କୂଅମୂଳ ଆଡ଼େ ଚାଲିଗଲା କୃଷ୍ଣ । ଚାକିରୀଆ ପାଣି କାଢ଼ି ଦେଲା । ଗୋଡ଼ହାତ ଧୋଇ ପୋଛି ସାରି ନାନୀ ପାଖକୁ ଫେରି ଆସିଲା ସେ । ସେଇ ଘରେ ସୀତା ଆସନ ପକେଇ ଥାଳିଆରେ ଜଳଖିଆ ବାଢ଼ି ଥୋଇଲା । ଖାଇବାକୁ ହାତ ନେଇ ଖାଇ ପାରୁନି କୃଷ୍ଣ । ନୀରବରେ ବସିଛନ୍ତି ସେ ଦୁହେଁ । ଅଥଚ କେହି କାହାରିକୁ କିଛି କହିପାରୁ ନାହାନ୍ତି । ସେପାଖରୁ ଆସି ରେବର ଶାଶୁ କହିଲେ– ଖାଇଦେ ବାପା, କେତେବେଳୁ ଆସିଲୁଣି । କୃଷ୍ଣକୁ ସତରେ ଭରି ଭୋକ ହେଉଥିଲା । ସେ ଖାଇବାକୁ ଆରମ୍ଭ କଲା । ବାଡ଼ିପାଖ ବାରଣ୍ଡାରେ କାହା କଥା ଶୁଣାଗଲା, "କ'ଣ କରୁଛ କି ନାନୀ ।"

"କିଛି ନାଇଁ, ଏଇଠି ବସିଛି । ଆ, ଏଇଠିକି ।"

"ଓହୋ, ବୋହୂର ଭାଇ ଆସିଛି କି ? ହଁ ସେ ତ ଚାଲିଗଲା, ଆଉ କି ସରଗ କାହାଠାରେ ? କେଜାଣି କି ଯୋଗରେ ବାହାଘର କରିଥିଲା ।"

"ତୁନି ହ, ମାଉସୀ । କ'ଣ ଇମିତି କହିଯାଉଚୁ ମ ।" ସୀତାର ପାଟି ଶୁଣି ସତକୁ ସତ ନିଆଁରେ ପାଣି ପଡ଼ିଲା ଭଳି ଚୁପ୍ କରିଗଲେ ରତି ।

Digitized by srujanika@gmail.com

କାନିରେ ଆଖି ପୋଛି ଉଠି ଆସିଲେ ଅଖିଳ ବୋଉ । ଠାକୁର ଘରପାଖ ବାରଣ୍ଡାରେ ସପ ଖଣ୍ଡିଏ ପକାଇ ଚୁପ୍ କରି ବସି ରହିଲେ ସେ । ପାଖରେ ବସି ରତି ଅଣ୍ଟାରୁ ପାନ ଦୁଇଖଣ୍ଡି କାଢି ଖଣ୍ଡିଏ ତାଙ୍କୁ ଦେଇ ଆଉ ଖଣ୍ଡିକ ନିଜେ ଖାଇଲେ, ସୀତା ଡରରେ କି କ'ଣ ପାଖକୁ ଘୁଞ୍ଚିଆସି ଧୀର ସ୍ୱରରେ କହିଲେ, "ନା, ତା'ର ଲକ୍ଷଣ ଭଲ ନୁହେଁ ଗୋ ନାନୀ ! ଏତେ ସୁନ୍ଦର ବରକୁ ଖାଇଲା । ଆଉ ତା' ପାଖରେ କି ଦରକାର ଆମର ? ଯାଉ ତା' ବାପଘର ।"

"ହଁ, ତା'ର କି ଦୋଷ, ସବୁ ଆମର ଭାଗ୍ୟ ।" ଆଉ କେତେ ସମୟ ବସି ରତିଦେବୀ ଅଖିଳ ବୋଉ ସଙ୍ଗେ ଚୁପ୍‌ଚାପ୍ କେତେ ଗପ ମେଲି ଥାଆନ୍ତେ କେଜାଣି ? ଯୋଗକୁ ସୀତାଟା ସେଇଠି ଆସି ଅଖିଳ ବୋଉଙ୍କୁ ମୋଡ଼ି ବସିଲା, ସେ ଛାଟିପିଟି ହୋଇ ଯିବାକୁ ଉଠି ପଡ଼ିଲେ । "ଆସୁଛି ଲୋ ନାନୀ, ଏମିତି ଭାବରେ ତତେ ଛାଡ଼ି ଘରେ ମୋର ଦଣ୍ଡେ ବି ମନ ଲାଗୁନି । ଆହା, ଠାକୁରେ କାହାକୁ କି ଦଣ୍ଡ ଦିଅନ୍ତି ।"

ସେ ଯିବା ପରେ ବି ଅଖିଳ ବୋଉ ସେଇଠି ସେମିତି ବସି ରହିଲେ, ତାଙ୍କ ପାଟିରେ ଆଉ କଥା ନ ଥିଲା । ପୁଅ ଗଲଦିନୁ ଅଖିଳ ବାପା ଚଉପାଢ଼ୀରୁ ଆଉ ଭିତର ଖଞ୍ଜାଆଡ଼େ ଆସନ୍ତି ନାହିଁ । ସେଇଠି ବସି ଗୀତା, ଭାଗବତ ଶୁଣନ୍ତି । ଇଚ୍ଛା ଥାଉ, ନ ଥାଉ, ଯାହିତାହି ଭାତ ଦି'ଗୁଣ୍ଡା କେତେବେଳେ ପାଟିରେ ଦିଅନ୍ତି, ନଚେତ୍ ଇଚ୍ଛା ନାହିଁ କହି ଖାଇବା ଜିନିଷ ଫେରାଇ ଦିଅନ୍ତି ।

ଏ ଘରୁ କ୍ଷଣକେ ଲକ୍ଷ୍ମୀ ଛାଡ଼ି ପଳେଇଲେ । ସବୁଆଡ଼ ଖାଁ ଖାଁ ଲାଗୁଛି । ଏତେବଡ଼ ପୁଅ ! ସବୁବେଳେ ବୋଉ ପାଖରେ ଖାଇବାର ବରଦ । ନାଇଁ ତ ଆଉ କିଛି ଯିଦ୍ । ତେଣେ ସହର ପାଠପଢ଼ାରେ କ'ଣ ମନ ଲାଗେ ? ବୋଉ ହାତ ପରଶା ଖାଇବା ପାଇଁ ଭାରି ଲୋଭ ଅଖିଳର, ମା' ମନ କିମିତି ଭୁଲିବ ଏସବୁ ? ସବୁବେଳେ ପାଖରେ ରହିଛି ସୀତା, ଏ ଘର ପ୍ରତି କୋଡ଼ିଏ ବର୍ଷର ମାୟାମମତା ତା'ର । ଗଞ୍ଜୋଡ଼ ବାପା, ସାବତ ମା' ଶିକ୍ଷାରେ ପଡ଼ି ଗେଗିଣା ବୁଢ଼ାଟା ସାଙ୍ଗରେ ତାକୁ ଛନ୍ଦି ଦେଇଥିଲା । ଚତୁର୍ଥୀ ରାତିରେ ପ୍ରଥମ କରି ତାକୁ ଭେଟି ଚମକି ପଡ଼ିଲା ସୀତା । ଏ ଯେ ତା'ର କଳ୍ପନାର ରାମଚନ୍ଦ୍ର ନୁହେଁ ! ବାପଠାରୁ ପାଞ୍ଚ, ସାତବର୍ଷ ବଡ ରୁଗ୍ଣ ବୁଢ଼ାକୁ ନିଜ ଦେହରେ ଟିପ ମରେଇ ଦେଇନି ସେ । ସେଇ ରାତି ନ ପାହୁଣୁ ପଳେଇଆସିଲା ସେ ଏ ଘରକୁ । ଅଖିଳ ବୋଉଙ୍କର ଅଭୟ ଆଶ୍ରୟରେ ସେହି ଦିନଠୁଁ ରହିଛି ସେ ଏଠି । ଆସିବାର ବର୍ଷକ ପରେ ହଳିଆ ରମା ସଙ୍ଗେ ତା'ର ବାହାଘର କରିଦେଲେ

Digitized by srujanika@gmail.com

ସାଆନ୍ତାଣୀ । ରମାର ବଳିଷ୍ଠ ବଳିଷ୍ଠ ବାହୁ, ଗୋର ତକତକ ଚେହେରା ଦେଖି ସୀତା ମନ ଦୋହଲି ଯାଇଥିଲା । ମାତୃପ୍ରତିମ ସାଆନ୍ତାଣୀ ତା'ର ଏ ମନୋଭାବ ବୁଝିପାରିଥିଲେ କି କ'ଣ ?

ରମାର ବି କେହି ନୁଆନ୍ତେ ନାହିଁ । କେତେ ବର୍ଷ ତଳର ପ୍ରବଳ ବନ୍ୟାରେ ବାପା, ମା', ଭାଇ, ଭଉଣୀ ଦୁଇଟି ନୁଆନ୍ତେ ଯେ ଭାସିଗଲେ, ତା'ର ପତ୍ତା ପାଇ ପାରିଲନି ସେ । କଲିକତାରୁ ଆସି ଦେଖେ ଯେ ଘର ଡିହ ଖଣ୍ଡକରେ ବାଲି ଚରି ଯାଇଛି । ସେଇ ଦୁଃଖରେ ନିଜ ଗାଁ ଛାଡ଼ି ଚାଲିଆସି ସାଆନ୍ତଙ୍କ ପାଖରେ ହଳିଆ ହେଇଛି ସେ । ମରଦଟାର କେଡ଼େ ଗରବ ! ସୀତାକୁ ଦେଖି ମଧ୍ୟ ଭଲଭାବରେ ଚାହୁଁ ନ ଥିଲା ଥରେ । ଶେଷରେ ସୀତା ହେଲା ତା' ଘରଣୀ । ଜମିଦାରଙ୍କ ବାଡ଼ି ପାଖରେ ଗୋଟାଏ କଣରେ ସାଆନ୍ତାଣୀଙ୍କ ବରାଦରେ ଛୋଟ ଡିହ ଖଣ୍ଡକରେ କୁଡ଼ିଆ ଦୁଇବଖରା ତୋଳିଲା ରମା । ସେଇ ଘରେ ରହନ୍ତି ବୁଆ, ପିଲା ଆଉ ନିଜେ ରମା । ହେଲେ ସୀତାର ସମୟ କଟେ ମା'ଙ୍କ ପାଖରେ ।

"ମୋତେ ଥିବୁ କି ଗତି ସାରା ବସି, ଯା' ଆଜି ତୋ ଘରକୁ । ପିଲାଗୁଡ଼ା ତୋର କ'ଣ କରୁଥିବେ କେଜାଣି ?"

ସୀତା ପଛକଥା ସବୁ ଭାବୁଥିଲା । ହଠାତ୍ ତା'ର କ'ଣ ମନେହେଲା ସେ କହିଲା, "ମା' ଗୋଟାଏ କଥା କହିବି ଭାବୁଥିଲି ଯେ— କ'ଣ କି କାଲି ମାମୁଁ ସାଆନ୍ତେ ଯେଉଁକଥା କହୁଥିଲେ ?"

"ନାଇଁ ଲୋ ସୀତା, ମୁଁ ଆଉ ବର୍ତ୍ତି ପାରିବିନି । ସତେ କ'ଣ ମଥୁରା, ବୃନ୍ଦାବନ ଗଲେ ଏ ଦୁଃଖ ଘୁଞ୍ଚିବ ?"

"ସେମିତି କୁହନି ମା' । କାଲି ବୋହୂମା'ଙ୍କୁ ପଠାଇ ଦେଇ ବାବୁ, ତୁମେ କିଛିଦିନ ତୀର୍ଥକରି ଚାଲିଯାଅ । ସେଇକଥା ମୁଁ ଯାଉଛି ବାବୁଙ୍କୁ କହିବି ।" ସୀତା ଉଠିଗଲା ଚଉପାଢ଼ୀ ଖଞ୍ଜାକୁ । ଅଖିଳବୋଉ ସେଇ ସପ ଖଣ୍ଡକରେ ଢୁଳେଇ ପଡ଼ିଲେ ।

ରତି ପ୍ରାୟ କେତେ ହେବ କେଜାଣି ? ରେବତୀର ନିଦ ଭାଙ୍ଗିଗଲା । ପାଖରେ ଶୋଇଛି କୃଷ୍ଣ । କାନ୍ଥରେ ଝୁଲୁଥିବା ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କର ଫଟୋକୁ ଚାହିଁ ହାତ ଯୋଡ଼ିଲା ରେବତୀ । ତା'ପରେ ଏକ ଲୟରେ ଚାହିଁଲା ଅଖିଳର ବଡ଼ ଫଟୋଟି ଆଡ଼େ ।

Digitized by srujanika@gmail.com

ଲଣ୍ଠନଟି ଟିକିଏ ତେଜିଦେଇ ଟ୍ରଙ୍କ୍‌ଟି ଖୋଲି ଲୁଗାପଟା ସାଇତି ବସିଲା ସେ । ଈସ୍, କେତେ ପାଟଶାଢ଼ୀ ! ନାଲି, ଶାଗୁଆ, ହଳଦୀ ରଙ୍ଗର ସବୁ ବାଛି ବାଛି କଲିକତାରୁ କିଣି ଆଣିଥିଲେ ବାପା । ଗହଣା ବାକ୍‌ସ ଖୋଲି ଗୋଟି ଗୋଟି କରି ସବୁ ଦେଖିଲା ସେ । ନା– ମୋର ଆଉ କ'ଣ ହେବ ? ମୁଁ ତ ବିଧବାଟାଏ । ସବୁକୁ ସଜାଡ଼ି ରଖିଦେଲା ସେ । ଲୁଗା ତଳେ ରଖିଲା ସେଇ ଚିଠି କେତେଖଣ୍ଡି ଯାହାକୁ ସବୁ କଟକରୁ ଲେଖିଥିଲା ଅଖିଳ । ବଡ଼ ଲଫାପାରେ ଥିଲା କେତେଗୁଡ଼ିଏ ଫଟୋ ଆଉ କେତେକ ବହି । ସେହି ଅମୂଲ୍ୟ ସମ୍ପତ୍ତିକୁ ଯତ୍ନରେ ସାଇତି ରଖି ଟ୍ରଙ୍କ୍‌ରେ ଚାବି ପକାଇଲା ରେବତୀ । ବ.କୀ ସାଙ୍ଗରେ ଯିବ ଏ ପେଡ଼ିଟା । ଆଉ ଯିବା ପୂର୍ବରୁ ଏଇ ପିନ୍ଧାଲୁଗା କେତେଖଣ୍ଡି ଓ ତା'ର ଦରକାରୀ ଜିନିଷ ରଖି ସେ ନେଇଯିବ ।

ବାହାର ଝରକାଟା ଭଲଭବରେ ଖୋଲିଦେଲା ସେ । ପୂର୍ବପାଖ ଆକାଶ ଫରଚ୍ଛ ହୋଇ ଆସିଲାଣି । ଅଳ୍ପ ଅଳ୍ପ ଥଣ୍ଡା ପଡ଼ୁଛି । ଶୀତ ଆସିବାକୁ ତଥାପି ଡେରି ଅଛି । କବାଟ ଖୋଲି ଦାନ୍ତକାଠି ଖଣ୍ଡିଏ ଧରି ବାରିଆଡ଼କୁ ଚାଲିଗଲା ସେ । କୂଅ-ମୂଳେ ବସି ଦାନ୍ତ ଘଷିସାରି ମୁହଁଟ: ଧୋଇନେଇ ପୋଛି ହୋଇ ପଡ଼ିଲା । ତା'ପରେ ଫୁଲଡ଼ାଲା ଧରି ବାହାରିଗଲା ଫୁଲ ତୋଳିବା ପାଇଁ ।

"ରେବ... ଏ ରେବ, ଫୁଲ ତୋଳୁଛ ?" ପଛକୁ ମୁହଁ ଫେରାଇ ଚାହିଁଲା ରେବତୀ, କେହି କୁଆଡ଼େ ନାହାନ୍ତି । ଛାତିଟା ତା'ର ଥରି ଉଠିଲା । ଏ ତ ତାଙ୍କର ସ୍ୱର । ଗଛପତ୍ର ଗହଳରେ କେଉଁଠି ଆଉ ଲୁଚି ବସିଛନ୍ତି କି ସେ ? ମୁଣ୍ଡରୁ ଓଢ଼ଣା ଖସି ଯାଇଛି । ତଳେ ଖସିପଡୁଥିବା ଲୁଗାକାନିଟା ବାରମ୍ବାର ସାଉଁଟି ଆଣି ବଗିଚାରେ ଏପାଖ ସେପାଖ ଖୋ ଜିବାରେ ଲାଗିଲା ସେ ।

"ମୁଁ ଜାଣେ ପରା ତୁମେ ମତେ ଆଦୌ ଖୋଜି ପାଇବନି !"

ରେବ ବଡ଼ ବଡ ଆଖିରେ ଗହଳିଆ ଗଛ ଆଡ଼େ ଚାହିଁ ଘଡ଼ିଏ ସ୍ତବ୍ଧ ହୋଇ ଠିଆ ହେଲା । "ନା, ସତକୁ ସତ ମୁଁ ତୁମକୁ ଆଉ ଖୋଜି ପାଇ ପାରିବି ନାହିଁ । ତୁମେ ଏମିତି ହଜିଯିବ ବୋଲି ମୁଁ କ'ଣ ଜାଣିଥିଲି ।" ଆଖିରୁ ଝରିଲା ଲୁହ । ସେଇ ମାଟି ଉପରେ ଚମ୍ପା ଗଛକୁ ଆଉଜି ବସି ଶୂନ୍ୟ ଦୃଷ୍ଟିରେ ଚାହିଁ ରହିଥିଲା ସେ । ସେ ଦିନର ରେବ, ଅଖିଳ ହାତ ଧରାଧରି ହୋଇ ହସି ହସି ବଗିଚା ସାରା ଦୌଡ଼ାଦୌଡ଼ି କରୁଥିଲେ । କଟକରେ ଦେଖିଥିବା ଚଳଚ୍ଚିତ୍ରର ଛବି ଭଳି ସେ ଦିନର ପ୍ରତ୍ୟେକଟି

Digitized by srujanika@gmail.com

ଘଟଣା ତା’ ଆଖିରେ ସ୍ପଷ୍ଟ ହୋଇ ଉଠିଲା । ଦୁଇ ଆଣ୍ଠୁରେ ମୁହଁ ପୋତି ସକ୍ ସକ୍ ହୋଇ ଖୁବ୍ ଗୁଡାଏ କାନ୍ଦିଲା ରେବତୀ । କିଏ କାଳେ ଦେଖି ଦେବ ଭାବି ଲୁଗା-କାନିରେ ମୁହଁଟା ପୋଛି ପକାଇ ସେଠାରୁ ଉଠିଯାଇ ଫୁଲତୋଳାରେ ମନଦେଲା ସେ । ଦୂରରେ ବୁଲୁଛନ୍ତି ଶ୍ୱଶୁର । ଶାଶୁ ଉଠି ଦାନ୍ତ ଘଷିଲେଣି । କୃଷ୍ଣ ଦଉଡ଼ି, ଦଉଡ଼ି ଆସୁଛି ଏଇଆଡ଼େ । “ରହ ରହ, ନାନୀ ମୁଁ ଚମ୍ପା ଡାଳରେ ଚଢି ଫୁଲ ତୋଳିବି ।” “ଜଲ୍‌ଦି ଗାଧୋଇପଡ଼ କୃଷ୍ଣ, ଦିନ ହୋଇ ଆସିଲାଣି । ମୁଁ ଆଉ ଠିଆ ହୋଇ ପାରିବିନି ଏଠି, ଯାଉଚି ଗାଧୋଇବି ।”

ଆଜି ଏକାଦଶୀ । ପନ୍ଦର ଷୋଳ ବର୍ଷର ଝିଅ ରେବତୀ ଆଜି ଏକାଦଶୀ ପାଳିଛି । କୃଷ୍ଣ ଖାଇ ସାରିଲାଣି କେତେବେଳୁଁ । ବେହେରାମାନେ ଭାତ ଖାଇସାରି ପାନବଟୁଆ ଖୋଲି ପାନ ଖାଉଛନ୍ତି । ରେବତୀ ଚୁପ୍‌ଚାପ୍ ଠିଆ ହୋଇଛି ଶାଶୁଙ୍କ ପାଖରେ । ଅଖିଳବୋଉ ତାକୁ କେତେଥର ଚାହିଁ ସାରିଲେଣି । ଆଜି ଯଦି ତାଙ୍କର ଅଖିଳ ବଞ୍ଚିଥାନ୍ତା, ଗୋଡ଼ ତାଙ୍କର ତଳେ ଲାଗନ୍ତା ନାହିଁ । ବୋହୂପର ପାଇଁ କେତେ ଭରଥୋଉ, ବୋହୂ ପାଇଁ ନୂଆ ଶାଢ଼ୀ, ସୀତା ଉପରେ କେତେ ଡାଗିବା !

“ଏ ଯାଏ ବୋହୂଟା ମୁଣ୍ଡ ବାନ୍ଧିନି, ଗୋଡ଼ରେ ଅଳତା ପିନ୍ଧିନି, ତୁ କି କାମ କରୁଛୁ ତେଣେ ?”

ନା— ଆଉ ଦରକାର ନାହିଁ । ସେ ଦୀର୍ଘଶ୍ୱାସ ପକାଇଲେ । ବଡ଼ ପେଟରାରେ ଥାନ ଲୁଗା କେତେଖଣ୍ଡି, ଧଳା ବ୍ଲାଉଜ୍; ଶାୟା ସଜାଡ଼ି ରଖୁଛି ସୀତା । ଉପରେ ଖଣ୍ଡିଏ ଗାମୁଛା । ଆଉ ବା କି ଜିନିଷ ଦେବ ! ସତକୁ ସତ ପାଟିକଲେ ଅଖିଳ ବୋଉ ।

“ଆଲେ ସୀତା, ବୋହୂର ଆଜି ନିର୍ଜଳା ଉପବାସ । ଉପବାସ ଦିନଟାରେ କେମିତି ଯିବ ?”

“ନାଇଁ ବୋଉ, ମୋତେ ଭୋକ ନାହିଁ ।”

“ସେ କଥା କେମତି ହେବ ବୋହୂମା’ ? ନିର୍ମାଲ୍ୟ ପକାଇ ସରବତ୍ ଗିଲାସେ କରି ଆଣିଛି, ପିଇ ଦିଅ । ଚାହିଁଛ କ’ଣ ମ, ମୁଁ ଗାଧୋଇ ଉଳ ଲୁଗା ପିନ୍ଧିଛି ଯେ ।”

ରେବତୀ ଚାହିଁଲା ଶାଶୁଙ୍କୁ ।

“ଦେ ମା’ ପିଇ ଦେ, ମନା କରନି । ଖରାଟାରେ ଏତେବାଟ ଯିବୁ ।”

Digitized by srujanika@gmail.com

ସୀତା ହାତରୁ ସରବତ ଗିଲସଟା ନେଇ ପିଇଦେଲା ରେବତୀ । ମୁହଁ ଧୋଇ ଠା'କୁରଘର ପାଖରେ ମୁଣ୍ଡ ନୋଇଲା ସେ । ତା'ପରେ ଶାଶୂ, ଶ୍ୱଶୁର ଦୁହିଁଙ୍କୁ ପ୍ରଣାମ କରି ସବାରିରେ ଯାଇ ବସିଲା । କୃଷ୍ଣ ବସି ସାରିଥିଲା ଆଗରୁ ।

ବେହେରମାନେ ସବାରି କାନ୍ଧେଇ ଚାଲିବାକୁ ଆରମ୍ଭ କଲେ । ସବୁ ଖେଳ ନିମିଷକେ ସରିଗଲା । ଅଖିଳବୋଉଙ୍କ ଆଖି ସଜଳ ହୋଇ ଉଠିଲା । ଆଖି ଆଗରୁ ସବାରି ଲୁଚିଯିବା ଯାଏ ସେ ଯେମିତି ଚାହିଁ ଥାଆନ୍ତି । ଆହା ବିଚାରୀ ରେବଟି, ଗଲାବେଳେ ପଦଟିଏ ସେ କହି ପାରିଲେନି ।

"ମା'ଲୋ ଶୀଘ୍ର ଚାଲି ଆସିବୁ । ତତେ ଛାଡ଼ି ଦଣ୍ଡେ ମୁଁ ରହି ପାରିବିନି ।" ଏ ସବୁ କଥା ମନରେ ରହିଲା ।

ସବାରି ଚାଲିଛି । ଆଗରେ କ'ଣ ମନ୍ଦିର ଦେଖା ଯାଉଛି । ମନ୍ଦିର ପାଖରେ ପୋଖରୀ । ପରିଷ୍କାର ପାଣି । ପଥର ବନ୍ଧା ହୋଇଛି ଚାରିପାଖେ । ପାହାଚ ଦିଶୁଛି ଧଳା ଚକ୍‌ଚକ୍ । ଠାକୁରଙ୍କ ପୋଖରୀ । ଲୁଗା କାଚିବା, ପାଣି ସାରିବା ମନା । ଲୋକେ ଗାଧୋଉଛନ୍ତି, ଠାକୁର ଦର୍ଶନ କରୁଛନ୍ତି । ଶିବ ମନ୍ଦିର ହେବ ବୋଧହୁଏ ।

"ରେବନାନୀ, ଆମେ ଯିବା । ଆଜି ସୋମବାର ଦର୍ଶନ କରିବା ।" କୃଷ୍ଣ ଅଳି କରୁଛି । ବେହେରମାନେ ଗଛମୂଳେ ସବାରି ଥୋଇ ପୋଖରୀ ପାଖକୁ ଯାଉ-ଛନ୍ତି ଧୁଆଧୋଇ ହେବାକୁ । କୃଷ୍ଣ ଜଣକୁ ଡାକି ସବାରି ପାଖରେ ଜଗିବାକୁ କହି ରେବନାନୀ ହାତଧରି ଓହ୍ଲାଇ ଆଣିଲା । ଟିକିଏ ଦୂରରେ ଆମ୍ବଗଛ ତଳେ ବଳଦ ଗାଡ଼ିଟିଏ ରହିଲା । ସେଥିରୁ ଓହ୍ଲାଇ ଆସିଲେ କିଏ ଦୁଇ, ତିନିଜଣ ସ୍ତ୍ରୀଲୋକ । ସେମାନେ ରେବ ଆଡ଼େ ଚିହ୍ନିଲା ଆଖିରେ ଚାହିଁ ରହିଥିଲେ । ରେବତୀ କାହାକୁ ନ ଚାହିଁ ମନ୍ଦିର ଆଡ଼େ ଏକମୁହାଁ ହୋଇ ଚାଲିଛି । ତା' ଆଗରେ ଚାଲୁଛି କୃଷ୍ଣ । ବାରମ୍ବାର ସେ ସେମାନଙ୍କ ଆଡ଼େ ଚାହୁଁଛି ।

"କୃଷ୍ଣ, ଯାଡ଼େ କୁଆଡ଼େ ଆସିଥିଲ ?"

କିଏ ଜଣେ କୃଷ୍ଣକୁ ନାଁ ଧରି ଡାକିବାର ଦେଖି କୃଷ୍ଣ, ରେବତୀ ଦୁହେଁ ସେଇ ଆଡ଼କୁ ଚାହିଁଲେ । କୃଷ୍ଣ ହଠାତ୍ ପାଟିକରି ଉଠିଲା, "ଭଉନା, ବଡନାନୀ ଆସିଛି ?"

"ହେଇପରା । ଚିହ୍ନି ପାରୁନୁ ?" ସେ ହସୁଛନ୍ତି । ଓଢ଼ଣୀ ଟେକି ଯେଉଁ ଗୋରୀ, ସୁନ୍ଦରୀ ବୋହୂଟି କୃଷ୍ଣଆଡ଼େ ଚାହିଁଲା, ସେ କ'ଣ ସୁରି ନାନୀ ? ରେବ ଚାହିଁଛି ଏକ ଦୃଷ୍ଟିରେ । ସୁରି ଥରେ ତାକୁ ଦେଖୁଛି, ଆଉ ଥରେ କୃଷ୍ଣକୁ ।

Digitized by srujanika@gmail.com

"ରେବଲେ, ଏଇଆ ଥିଲା ମତେ ଦେଖିବାକୁ !" ରେବତୀକୁ କୁଣ୍ଢାଇ କାନ୍ଦି ଉଠିଲା ସୁରି । ପୁଣି ସେଇ କାନ୍ଦୁରା ସ୍ୱରରେ କହିଲା, "କେତେ ବର୍ଷ ହେଲା ମୁଁ ଘରକୁ ଯାଇନି, କାହାକୁ ଦେଖିନି । କେଡ଼େ ଛୋଟ ହୋଇଥିଲା କୃଷ୍ଣ, ଏବେ ସେ ମତେ ଚିହ୍ନି ପାରୁନି ।"

ଉମାକାନ୍ତ, କୃଷ୍ଣ କାଠହୋଇ ଏ ଦୃଶ୍ୟ ଦେଖୁଛନ୍ତି । ଅନ୍ୟ ସ୍ତ୍ରୀଲୋକ ଦୁଇ-ଜଣ ଲୁଗାକାନିରେ ଆଖି ପୋଛୁଛନ୍ତି । ଏକା କାନ୍ଦି ପାରୁନି ରେବ । ସବୁ ଲୁହ ସେ ସାରିଦେଇ ଆସିଛି ତା' ଶାଶୁଘରେ । ସୁରିନାନୀର ପିଠିପଟେ ମୁହଁ ରଖି ସେ ଭାବୁଛି ତା'ର ପିଲାଦିନ କଥା । ...ସେଇ ସକାଳ, ରେଜେଇ ଭିତରେ ଶୋଇଥିଲେ ସେ ଓ ସୁରିନାନୀ । କେତେ ହସଖୁସିର ଦିନ ସେସବୁ । ଜେଜେମା'କୁ ଫାର୍କିବାରେ ଥିଲା କେତେ ମଜା ! ଆଉ ଆଜି... ?

ସୁରିର କ୍ରନ୍ଦନ ଉଚ୍ଛ୍ୱାସ ବନ୍ଦ ହେଉନାହିଁ । ରେବତୀର କୋହ ଦୁଇଗୁଣ ହେଲା । ଆଖିରୁ ଝରିଲା ପାଣି, ଛାତି ଉଶ୍ୱାସ ଲାଗିଲା ।

କୃଷ୍ଣ ହାତ ଟାଣିଲାଣି । "ନାନୀ, ରେବନାନୀକୁ ତୁ ଛାଡ଼ି ଦେ । ଆମେ ଠାକୁର ଦର୍ଶନ କରି ଶୀଘ୍ର ଘରକୁ ଯିବୁ ।" ସୁରି କାନ୍ଦ ବନ୍ଦ କରି କୃଷ୍ଣକୁ ପାଖକୁ ଡାକି କହିଲା, "ବୋଉକୁ କହିବୁ ମୋ କଥା ।" ପାଖରେ ଅନ୍ୟ ସ୍ତ୍ରୀଲୋକ ଥିବାରୁ ସେ ଆଉ ବେଶୀ କିଛି କହି ପାରିଲା ନାହିଁ । ସବୁକଥା ବୁଝିଲା ପରେ ରେବ କହିଲା, "ତୁ ବ୍ୟସ୍ତ ହୋ'ନା ସୁରିନାନୀ, ମୁଁ କହିବି ବୋଉକୁ ।" ଧୀରେ ଧୀରେ ରେବ ପାଖରୁ ଦୂରେଇ ଯାଇ ପଛକୁ ଚାହିଁଲା ସୁରି । ତାକୁ ବିଦାୟ ଦେଇ ରେବ ହସୁଛି । ସେ ହସରେ ଥିଲା ତା' ପାଇଁ ଆଶା ଓ ପ୍ରତ୍ୟୟ ।

ଦିନ ଥାଉ ଥାଉ ରେବତୀର ସବାରି ଗାଁ ଗସ୍ତା ଛୁଇଁ ସାରିଥିଲା । ସବାରି ସାଥେ ସାଥେ ଚାଲିଥିଲେ ସେଇ ଗାଁର କେତେ ସାନ ସାନ ପୁଅଝିଅ । ଠିକ୍ ସେଇ ପିଲମାନଙ୍କର ଦୌଡ଼ିବା ଭଳି ବାପଘରର ପ୍ରତିଟି ସ୍ମୃତି ରେବତୀର ମନକୁ ଚଞ୍ଚଳ କରୁଥିଲା । ଘର ପାଖ ହେବାରୁ ସମସ୍ତଙ୍କୁ ଥରେ ଥରେ ଦେଖିବାକୁ ସେ ଆଗ୍ରହୀ ହେଇ ଉଠିଲା ।

ଘର ପୋଡ଼ିଯିବା ପରେ ପାଣି ପକେଇ ନିଆଁ ଲିଭେଇ ଦେଲେ ଅବଶିଷ୍ଟ ଯାହା ବଞ୍ଚିରହେ ତାକୁ ହିଁ ଦେଖି ମିଳେ ସାନ୍ତ୍ୱନା । ଠିକ୍ ସେମିତି ରେବତୀ ହେଇଛି

Digitized by srujanika@gmail.com

ଏ ଘରର ସାନ୍ତ୍ୱନାର ଭଷ । କାନ୍ଦି କାନ୍ଦି ରଙ୍ଗଲତାଙ୍କ ଆଖିରୁ ଲୁହ ଶୁଖିଗଲଣି । ରେବତୀ ଆସି ପହଞ୍ଚିବା ପୂର୍ବରୁ ସୁଧୀରଞ୍ଜନ ପରିବାରର ସମସ୍ତଙ୍କୁ ଡାକି ସତର୍କ କରି ଦେଇଛନ୍ତି, ଏ ଘରେ କାହା ଆଖିରେ ଲୁହ ଦେଖିଲେ ସେ ବର୍ଦ୍ଧ ପାରିବେନି । ତାଙ୍କ ଦେହ ଭଲ ଅଛି । ସେ ଉଠି ବୁଲବୁଲି କରୁଛନ୍ତି । ତାଙ୍କ ଆଦେଶ ଆଗରେ ମନର ଆବେଗକୁ ସଂଯତ କରି ପାରିଲେନି ରଙ୍ଗଲତା । ନର୍ମଦା ମଧ୍ୟ ଅନ୍ୟ ଘରରେ କିଛି ସମୟ କାନ୍ଦି ପକାଇଲେ । ନିଜେ ସୁଧୀରଞ୍ଜନ ଆଖିରୁ ଲୁହ ପୋଛି ପାଟିକଲେ, "ଏ କ'ଣ ଗ୍ଲାନିଛି ବୋହୂ, ପିଲଟା ସେଇ ବେଳରୁ ଆସିଛି ଯେ ତା' ତଣ୍ଟି ଶୁଖିଯିବଣି ।" ରଙ୍ଗଲତା ନିଜେ ଉଠିଗଲେ ସରବତ ଟିକିଏ କରିବାକୁ । ନର୍ମଦା କହିଲେ, "ଯା ମା', ଗୋଡ଼ ହାତ ଧୋଇ ଆସିବୁ !" ପିଲମାନେ ସମସ୍ତେ ରେବକୁ ଘେରିଛନ୍ତି । ହସ ହସ ମୁହଁରେ ସେ ଗେହ୍ଲା କରୁଛି ସାନ ଭଉଣୀକୁ । ତାକୁ ଆଶ୍ଚର୍ଯ୍ୟରେ ଗ୍ରହିଁଛି ଟୁନା, ଏ ଯାଏ ରେବନାନୀ ତାକୁ କିଛି କଥା କହିନି । ସେଇ ସୁଯୋଗକୁ ସେ ଅପେକ୍ଷା କରି ରହିଛି । ରେବତୀକୁ ନେଇ ଆସିଛି ବୋଲି କୃଷ୍ଣର ମନ ଭରୀ ଖୁସି । ଜଣେ ବଡ଼ ମଣିଷ ଭଳି ସେ ବଗଦ କରୁଛି, ଜେଜେମା, ମତେ ଭରୀ ଭେକ । ରଙ୍ଗଲତା କହିଲେ, "ରହ ରେବ ଆସୁ, ଏକାଠି ଖାଇବ ।"

"ଓହୋ, ସେ ଖାଇବନି, ତା'ର ଆଜି ଏକାଦଶୀ ।"

ଆଶ୍ଚର୍ଯ୍ୟରେ ରଙ୍ଗଲତା ନର୍ମଦାଙ୍କୁ ଗ୍ରହିଁଛନ୍ତି । ନର୍ମଦାଙ୍କ ଆଖି ସଜଳ ଦେଖା-ଯାଉଛି । ଏକାଦଶୀ ! ରଙ୍ଗଲତାଙ୍କ ପାଟିରେ ଯାର ଉତ୍ତର ନାହିଁ । ବ୍ରାହ୍ମଣଘର ବିଧବା ନିର୍ଜଳା ଏକାଦଶୀ ପାଳିବା ନିୟମ । ଶାସ୍ତ୍ରର ଏ ବିଧିକୁ କ'ଣ ସେ ଲଙ୍ଘନ କରିବେ ? ଏ ଘରେ ସେମାନେ ସମସ୍ତେ ମାଛ ତରକାରୀ ଖାଉଛନ୍ତି । ସେ ଦିନ ମାଛ ତରକାରୀ ବାଢିବାବେଳେ ରେବ କଥା ମନେ ପଡ଼ିଯିବାରୁ ଖ'ଇବାବେଳେ ନର୍ମଦା ନାହିଁ, ନାହିଁ କରୁଥିଲେ । ରଙ୍ଗଲତା ରଗିବାରୁ ସେ ବାଧ୍ୟରେ ଟିକିଏ ପାଟିରେ ଦେଲେ । ଅଥଚ ଏଡ଼ିକି ଛୋଟ ଝିଅ ରେବ ଜଳଖିଆ ଟିକିଏ ବି ଖାଇପାରିବନି, ସେ ପାଳିବ ନିର୍ଜଳ ଉପବାସ !

ପିଲଙ୍କୁ ମହାଦେବଙ୍କ ଭେଗ ବାଣ୍ଟୁଥିଲ ରେବତୀ । ଗାଁର କେତେକ ଛୋଟ ଛୋଟ ପିଲ ହାତରେ ମୁଠାଏ ମୁଠାଏ କୋରା ଉଖୁଡ଼ା ଧରି ଖାଉଛନ୍ତି ।

ଚଉପାଢ଼ୀ ପାଖରୁ ଏ ପାଖକୁ ଆସୁଥିଲେ ସୁଧୀରଞ୍ଜନ । ରଙ୍ଗଲତାଙ୍କ ଗମ୍ଭୀର ମୁହଁ, ନର୍ମଦାଙ୍କ ଦୀର୍ଘଶ୍ୱାସର ଅର୍ଥ ବୁଝି ସେ ପାଟି କଲେ । "ଆଲେ ମା' ରେବ, ଜେଜେମା ଡ଼ାକୁଛି, କ'ଣ ଟିକେ ଖାଇଦେ ।"

Digitized by srujanika@gmail.com

ପିଲଙ୍କ ଭଳି ତରତର ହୋଇ ଆସି ସୁଧୀରଞ୍ଜନଙ୍କ ପାଖରେ ଠିଆ ହେଲା ରେବ । ହସ ହସ ମୁହଁରେ କହିଲା, "ଜେଜେ, ମୁଁ ତ ଖାଇ ସାରିଛି । ଆଜି ପରା ମୋର ଉପବାସ ।" ସୁଧୀରଞ୍ଜନ କିଛିକ୍ଷଣ ଚୁପ୍ କରିଗଲେ । ତା'ପରେ ହଠାତ୍ ପ୍ରକୃତିସ୍ଥ ହୋଇ କହିଲେ, "ପାଗଳୀ କିଏ, ମୋର ପରା ଆଜି ଏକାଦଶୀ । ପୂଜାରୀ ଭଲରେ ଜଳଖିଆ ତିଆରି କରିବ । ଆମେ ଦୁହେଁ ଖାଇବା ।" ସୁଧୀରଞ୍ଜନ ତାଙ୍କ ନିଷ୍ପତ୍ତି ଶୁଣେଇ ଚାଲିଗଲେ । ଏ କଥାରେ ଆଉ କେହି କଥା କହି ପାରିବ ନାହିଁ ।

ରାତିରେ ସାନ ଭାଇ ଭଉଣୀଙ୍କର ଜିଦ୍ ଲାଗିଛି ରେବ ପାଖରେ ଶୋଇବା ପାଇଁ । ଟୁନା କହିଲା, "ନାନୀ ତୁ, ଗପ କହିବୁ କି ନାହିଁ ?" "ହଁ ନିଶ୍ଚୟ କହିବି । ସମସ୍ତଙ୍କୁ କହିବି ।" ମଝିଘରେ ବଡ଼ ଖଟ ଟାରେ ଦୁଇ ଭାଇ ଓ ସାନ ଭଉଣୀଟିକୁ କୋଳରେ ଜାକି ଶୋଇଛି ରେବତୀ । କେଉଁ ଏକ ଅଛିଣ୍ଡା ଗଳ୍ପ ଶୁଣୁ ଶୁଣୁ ପିଲାଏ ଶୋଇ ଗଲେଣି ।

ଷୋଳବର୍ଷର ଝିଅ ରେବତୀ ପିଲଙ୍କ ସଙ୍ଗେ ପିଲା ହୋଇ କଥା କହୁଛି, କଣେଇ ଖେଳୁଛି, ପୁଣି ସାନ ଭଉଣୀ ଆହୁତିକୁ ସିଲଟରେ ଅକ୍ଷର ଲେଖି ଦଉଛି, ଟୁନା, କୃଷ୍ଣଙ୍କ ଅଛିଣ୍ଡା ଅଙ୍କ କଷି ଦେଉଛି । ସେତିକିବେଳେ ତା'ର ମନେପଡ଼େ, ସେ ବୃତ୍ତି ପାଉଥିଲା । ପଢ଼ିଥିଲେ ଆଉ କେତେ ପଢ଼ି ଥାଆନ୍ତା । ଏବେ ଝିଅମାନେ କ'ଣ ପଢୁ-ନାହାନ୍ତି । ଟୁନାର କଷ୍ଟ ଅଙ୍କଟା କଷି ଦେଇ ଥିବାରୁ ରେବତୀ ମନଟା ଆଉ ବେଶୀ ପାଠ ନ ପଢ଼ିବା ଦୁଃଖରେ ବ୍ୟଥିତ ହୋଇ ଉଠିଲା । ମନେପଡ଼ିଲା ଅଖିଳ କଥା । ମୋ ପାଇଁ କଟକରୁ କେତେ ବହି ସେ କିଣି ଆଣିଥିଲେ । ସେ ସବୁ ସେମିତି ସାଇତା ହୋଇ ରହିଛି । କ'ଣ ହବ ଯେ ? ସେ କହନ୍ତି କଲେଜରେ ଝିଅ ବି ପଢୁ-ଛନ୍ତି । ଆଉ ମୁଁ ?

"ନାନୀ ପଢ଼ିଲୁ, ଯାକୁ ମୁଁ କିଛି ବୁଝି ପାରୁନି ।"

ଚିନ୍ତାରୁ ଫେରି ଆସିଲା ରେବତୀ । ଦୂରେଇ ଗଲା ସ୍ମୃତିର ତରଙ୍ଗ । ବହି ଖୋଲି ବିଷୟଟି ମନ ଦେଇ ପଢ଼ିବାକୁ ଚେଷ୍ଟା କଲା ସେ ।

ଚଉପାଢ଼ୀରେ କିଏ ସବୁ ବସି ଗପୁଛନ୍ତି । ବିଭୁରଞ୍ଜନଙ୍କ ସାଙ୍ଗରେ କିଏ ସବୁ ଆସିଛନ୍ତି । ପିଲଙ୍କ ପାଖରୁ ଉଠି ପାନ ଭର୍ତ୍ତି ପଠାଇଲା ରେବତୀ । ସେଇଠି ଥାଇ ବିଭୁରଞ୍ଜନ ଡାକୁଛନ୍ତି, "ରେବ କାହିଁ ?" ପୂଜାରୀ ଆସି ଡାକିଦେଇ ଗଲା । କବାଟ ପାଖରେ ଆଡ଼ ଆଡ଼ ହୋଇ ଠିଆହେଲା ରେବତୀ ।

Digitized by srujanika@gmail.com

"ମତେ ଡାକୁଛ ବାପା ?"

"ଆଲେ ମା' ଯାଡ଼କୁ ଆସୁନୁ । ଲୁଚୁଛୁ କାହାକୁ ? ଯେ ପର ସୁର, ତୋ ଗୌର ମଉସାଙ୍କ ପୁଅ ।"

ନ ଚିହ୍ନିଲା ଭଳି ଚାହିଁ ରହିଥିଲା ରେବତୀ । ଗୌର ମଉସା ? ସେ ତ କଟକରେ ଓକିଲ । କେବେ ଥରେ ତାଙ୍କ ଗାଁକୁ ଆସିଥିଲେ । କିନ୍ତୁ ସେମାନେ ଯେବେ କଟକ ଯାଆନ୍ତି ତାଙ୍କ ବସାରେ ରହୁଥିଲେ । ସେ ତ ପିଲାଦିନ କଥା । ସୁର କିଏ ? ହଁ ଦେଖିଲା ଭଳି ଲାଗୁଛି । ଓହୋ ମନେପଡ଼ିଲା, ଯାଙ୍କ ସଙ୍ଗେ ପଢୁଥିଲେ କି କ'ଣ ? ସେଇ ଫଟରେ ଦେଖିଛି ।

"ଚିହ୍ନିଲୁ ତ ।"

ସୁରେଶ ଚାହିଁଥିଲେ ତା' ଆଡ଼େ । ଶୁଭ୍ର ବସ୍ତ୍ର ପରିହିତା ରେବତୀର ସୌନ୍ଦର୍ଯ୍ୟ ତାଙ୍କ ମନକୁ କରୁଣାଦ୍ର ଧରୁଥିଲା । ତାଙ୍କର ହସିଲା ଗୋରା ମୁହଁଟି ଅକସ୍ମାତ୍ ଗମ୍ଭୀର ହୋଇ ଉଠୁଥିଲା ।

ବିଭୁରଞ୍ଜନ କହିଲେ, "ବୁଝିଲୁ ମା', ସୁର କଲେଜରେ ପଢ଼େ, ଆଦର୍ଶବାଦୀ ଯୁବକ । ସ୍ୱାଧୀନତା ସଂଗ୍ରାମୀ । ଆମର ଏ କୁସଂସ୍କାରଗ୍ରସ୍ତ ସମାଜକୁ ବଦଳେଇ ଦେବା ପାଇଁ ତା' ମନରେ ସବୁବେଳେ ଆନ୍ଦୋଳନର ସୂତ୍ରପାତ ଚାଲିଥାଏ ।"

ରେବତୀ ଏତେ ଗୁଡ଼ାଏ କଥା ବିଶେଷ କିଛି ବୁଝିଲାନି । ସେ ଖାଲି କହିଲା, "ବାପା, ମୁଁ ଦେଖେ ପୂଜାରୀ ଗ୍ଲ' କଲା କି ନାହିଁ ।" ସେ ଧୀରେ ଯାଉ ଯାଉ ତା' କାନରେ ପଡ଼ିଲା, "ରେବତୀ ଏମିତି ସହଜ ଝିଅ ନୁହେଁ । କିଏ ତାକୁ କହିବ ?"

ରେବତୀର ଦୁଇଟା ପାଦ ସ୍ଥିର ହେଲା । ତା' କଥା କ'ଣ କହୁଛନ୍ତି ବାପା । ଯୁବକ ଜଣଙ୍କ ଅତି ଆସ୍ତେ କ'ଣ କହୁଥିବା ଭଳି ତା'ର ମନେ ହେଲା । ଉତ୍ତରରେ ବିଭୁରଞ୍ଜନ କହିଲେ– "ତୁମେ ତ ଜାଣ ବାବୁ, ଆଜିକାଲି ଏଭଳି ବିବାହ ଚଳିଲାଣି । ମୁଁ ଏ ସବୁର ବେଶ୍ ସମର୍ଥକ । ତୁମ ଭଳି ଜଣେ ଯୁବକ ଯଦି ପ୍ରସ୍ତାବ ଦେବ, ମୋର ଏଥିରେ ଆପତ୍ତି ରହିବ କାହିଁକି ?"

ରେବତୀର ମନେହେଲା ହୁଏତ ଆଉ ଟିକକରେ ସେ ବାରଣ୍ଡା ତଳକୁ ଚେତା ହରାଇ ପଡ଼ିଯିବ । ଇଚ୍ଛାହେଲା ଚିତ୍କାର କରି ବାପାଙ୍କ କଥା କହିବା ବନ୍ଦ କରିଦେବ । ଦୌଡ଼ିଲା ଭଳି ଗେଷେଇ ଘରଆଡ଼େ ଯାଇ ସେ କହିଲା, "ବୋଉ, ଜଲଦି ଚଉପାଢ଼ୀକୁ

Digitized by srujanika@gmail.com

ଯାଅ ଜଳଖିଆ ପଠାଇ ଦେ ।" ଏତିକି କହି ସେ ସେମିତି ଦ୍ରୁତ ପଦକ୍ଷେପରେ ଠାକୁର ଘର ପାଖ ବାରଣ୍ଡାକୁ ଯାଇ ସୁଧୀରଞ୍ଜନଙ୍କ ପାଖରେ ଠିଆ ହେଲା । ସେ ସେଇଠି ବସି ପୁରାଣ ଶୁଣୁଥିଲେ । ଟିକିଏ ଦୂରରେ ବସିଥିଲେ ରଙ୍ଗଲତା । ସୁଧୀରଞ୍ଜନ କହିଲେ, "ଆ ମା' ଏଇଠି ବସ୍ ।" ସେଇ ପାଖରେ ଆସନ ଖଣ୍ଡିଏ ପକେଇ ବସିଲା ରେବତୀ । ବିଷ୍ଣୁପୁରାଣ ପଢ଼ା ହେଉଛି । ମଠା ପିନ୍ଧି ବସିଛନ୍ତି ମନ୍ଦିର ପୂଜକ, କେତେ ସୁନ୍ଦର ଭବାର୍ଥ ବୁଝେଇ ପଢ଼ୁଛନ୍ତି ସେ ।

ରେବତୀ ଖୁବ୍ ମନଦେଇ ଶୁଣିଲା । ହଠାତ୍ ତା'ର ମନେହେଲା, ତା'ର ଅନ୍ତର ଭିତରେ ସେ ମହା ପ୍ରଶାନ୍ତି ଅନୁଭବ କରୁଛି । ପିଲଟି ଦିନରୁ ପୁରାଣ ପୋଥି ପଢିବାକୁ, ଶୁଣିବାକୁ ତାକୁ ଖୁବ୍ ଭଲ ଲାଗେ । ମାତ୍ର ଏପରି ଶୁଦ୍ଧ ପବିତ୍ର ଭାବ ସେ ହୁଏତ ଆସ୍ୱାଦନ କରି ପାରି ନ ଥିଲା ।

ପୁରାଣ ବୋଲା ସରିଲା, ପୂଜକ ବିଦା ହୋଇଗଲେ । ସୁଧୀରଞ୍ଜନ ଉଠି ଡାକିଲେ, "ଗ୍ଲ ମା', ଖାଇବାକୁ ଯିବା ।"

ରେବତୀ ସ୍ୱପ୍ନରୁ ଚମକି ଉଠିପଡ଼ିବା ଭଳି କହିଲା, "ଗ୍ଲ, କେଜେ ।"

ସେଦିନ ଖୁବ୍ ସକାଳୁ ଉଠି ବଗିଚାରେ ଫୁଲ ତୋଳୁଥିଲା ରେବତୀ । ପଛରୁ କାହାର ପାଦଶବ୍ଦ ଶୁଣି ଚାହିଁ ଦେଖେ ତ ସୁରେଶ ଠିଆହୋଇ ତା'ଆଡ଼େ ଚାହିଁ ହସୁଛି । ଦୁଇଦିନ ହେଲା ସେ ଯେ ଏ ଘରର ଅତିଥି, ଏକଥା ଭୁଲିଯାଇଥିଲା ରେବତୀ । ସେ ବି ଯାଇପାରୁନି କି ସୁରେଶକୁ କିଛି କଥା କହିପାରୁନି । ଆଗ ସୁରେଶ କଥା ଆରମ୍ଭ କଲା, "ଖୁବ୍ ସକାଳୁ ନିଦ ଭାଙ୍ଗିଯାଇଛି ?"

"ସବୁ ଦିନେ ଏଇ ଅଭ୍ୟାସ," ହସି ହସି ଉତ୍ତର ଦେଲା ରେବତୀ ।

"ମତେ ବି ସୂର୍ଯ୍ୟୋଦୟ ପୂର୍ବରୁ ଉଠି ବଗିଚାରେ ବୁଲିବାକୁ ଭାରୀ ଭଲ ଲାଗେ, କିନ୍ତୁ ସହରରେ ଏମିତି ବଗିଚା ମିଳିବା ଦୁର୍ଲଭ ।"

ସୁରେଶକୁ କହିବା ପାଇଁ ରେବତୀ ପାଖରେ କଥା ନଥିଲା । ସେ ଆଉ କିଛି ପଚାରିଲେ ସିନା ରେବତୀ ଉତ୍ତର ଦେବ । ମନହେଲା ସୁରେଶକୁ କଟକ କଥା ପଚାରିବ । ତା'ପରେ କଲେଜ କଥା । ପୁଣି ମଉସା ମାଉସୀଙ୍କ ଖବର... ଆରେ ଏ କ'ଣ ? କେତେ ସମୟ ହେଲାଣି ଲଗିଟା ଧରି ଚମ୍ପା ଗଛର ଉପର ଡାଳକୁ ବଢ଼ଉଛି ସେ, ଅଥଚ ଗୋଟାଏ ବି ଚମ୍ପାଫୁଲ ତୋଳି ପାରୁନି ।

Digitized by srujanika@gmail.com

ମୁଣ୍ଡରୁ ଓଢ଼ଣା ଖସି ଯାଉଛି । ଲଗିଟା ଗଛକୁ ଆଉଜେଇ ଦେଇ ଶାଢ଼ୀ ସଜାଡ଼ି ବସିଲ ରେବତୀ । ତା'ପରେ ଠିକ୍ ଲଗିଟା ଉପରେ ହାତ ଦେଇଛି କି ନାହିଁ, ହଠାତ୍ ଦେଖିଲ ତା'ର ସେଇ ହାତ ଉପରେ ହାତ ରଖି ଆସ୍ତେ ଲଗି ଖଣ୍ଡକ ନେଇ ଯିବା ପାଇଁ ଚେଷ୍ଟା କରୁଛି ସୁରେଶ । ସାମନାକୁ ଚାହିଁ ଦେଖେ ତ ସୁରେଶ ତା'ର ଅତି ପାଖରେ ଠିଆ ହୋଇଛି । ତା' ହାତରୁ ଲଗିଟା ନେବାକୁ ଚେଷ୍ଟା କରୁ କରୁ ସେ କହିଲ, "ତୁମେ ପାରିବନି, ମତେ ଦିଅ, ଦେଖିବ ସବୁ ଚମ୍ପାଫୁଲ ତୋଳିଦେବି ।"

ରେବତୀ ହାତଟା ଛଡ଼ାଇ ଆଣି ତଳୁ ଫୁଲ ଡାଲଟା ଧରି ଦୌଡ଼ି ପଳେଇ ଆସୁ ଆସୁ କହିଲ, "ଫୁଲ ମୁଁ ତୋଳି ସାରିଛି, ଆଉ ଦରକାର ନାହିଁ ।"

ଉତ୍ତେଜନାରେ ତା' ଦେହ ଥରୁଥିଲ । ସେଠାରୁ ଦୌଡ଼ି ଦୌଡ଼ି ସେ ଠାକୁର ଘର ପାଖରେ ଫୁଲଡ଼ାଲଟା ଥୋଇ ଶୋଇବା ଘର ଆଡ଼େ ଚାଲିଗଲ ଭାଇ ଭଉଣୀମାନଙ୍କୁ ଉଠେଇ ଦେବାକୁ । ରଙ୍ଗଲତା ଉଠି ମୁହଁ ଧୋଉଥିଲେ । ରେବତୀ କହିଲ, "ଜେଜେମା, ଚାଲ ଗାଧୋଇ ଯିବା । ମୁଁ ଆଜି ଚଞ୍ଚଳ ଗାଧୋଇ ପୋଥି ପଢ଼ିବି ।"

ରଙ୍ଗଲତା ଦାନ୍ତକାଠି ଖଣ୍ଡେ ଧରି କହିଲେ, "ଚାଲ ଯାଉଚି । ଏଡ଼େ ସକାଳୁ ଉଠି ତୋର ଫୁଲତୋଳା ସରିଲଣି, ମତେ ଉଠେଇ ଦେଲୁନି ।" ରେବତୀ ଖାଲି ହସିଲ । ପୋଖରୀ ଆଡ଼େ ଯାଉ ଯାଉ ଦେଖିଲ, ଚଉପାଢ଼ୀ ପାଖ ବାରଣ୍ଡାରେ ବସି ସୁରେଶ ବହିଖଣ୍ଡେ ପଢୁଛି ।

ରେବତୀ ଘରୁ ବିଦାୟ ନେଇ ଆସିବା ପରେ ଦୁଇଦିନ ବିତିଗଲଣି । ସୁରେଶର ଖାଇବା, ପିଇବା, କଲେଜ ଯିବା କେଉଁଥିରେ ମନ ନାହିଁ । କେତେ ଥର ଭାବିଲଣି ମା'ଙ୍କୁ ମନ ଖୋଲି କହିଦେଲେ ଶାନ୍ତି । ପୁଅ ସଙ୍ଗେ କଥାବାର୍ତ୍ତା କରିବାକୁ ଗୌରବାବୁଙ୍କର ବେଳ ନାହିଁ । ଘରେ ଯେତେ ସମୟ ରହିବେ, ସେ ତାଙ୍କର ମହକିଲ, କରେରୀ ଘର ନେଇ ବ୍ୟସ୍ତ। କଚେରୀଘରୁ ଫେରିବା ବେଳକୁ ରାତି ଅଧ, ତା'ପରେ ଖାଇ ବିଛଣା ଧରି ପୁଣି ସକାଳୁ କେତେବେଳେ ସମସ୍ତଙ୍କ ଆଗରୁ ଉଠି ମୋଟା ମୋଟା ଆଇନ ବହି ଧରି ସେ ବସି ରହନ୍ତି । କନକ କେତେଥର ପୁଅର ବିବାହ କଥା ତାଙ୍କ କାନରେ ପକେଇଛନ୍ତି । ମାତ୍ର ଏ ବିଷୟରେ ଚିନ୍ତା କରିବାକୁ ତ ଙ୍କର ସମୟ ନାହିଁ ।

କନକ ପୁଅର ହାବଭାବରୁ କ'ଣ ଲକ୍ଷ୍ୟ କଲେ କେଜାଣି ପଚାରିଲେ, "ସୁର ତୋ ଦେହ ଭଲନାହିଁ କି ?"

Digitized by srujanika@gmail.com

ସୁରେଶ କ'ଣ କହିବ କି କହିବ ନାହିଁ ଭାବି ବୋଉକୁ ଚାହିଁ ରହିଲା । ଖାଲି କହିଲା, "ବୋଉ, ଏ ଛୁଟି ଦୁଇଦିନ ବିଭୁମଉସାଙ୍କ ଗାଁକୁ ଯାଇଥିଲି ।"

"ଯାଇଥିଲୁ ! ତାଙ୍କର ସବୁ ଭଲ ତ ? ବୁଢ଼ାଙ୍କ ଅବସ୍ଥା କେମିତି ? ଦେହ ଭଲ ଅଛି ? ମାଉସୀ ମୋ କଥା ପଚାରୁଥିଲେ ?"

"ହଁ, ସବୁ ସେମିତି, ଭଲ କ'ଣ ?" କ'ଣ କହିବାକୁ ଯାଇ ସୁରେଶ ନୀରବ ହୋଇଗଲା । କନକ ପୁଣି ପଚାରିଲେ, "ହଇରେ ବାବୁ, ତାଙ୍କ ମଝିଆଣୀ ଝିଅ ରେବତୀ ଏଇଠି ଅଛି ନା ତା' ଶାଶୁ ଘରେ ?"

ଉତ୍ତର ଦେବାକୁ ଯାଇ ସୁରେଶ କିପରି ଭାଇବିତ ହୋଇ ପୁଣି ଚୁପ୍ ହୋଇଗଲା । ଟିକିଏ ପରେ ମନ ସ୍ଥିର କରି କହିଲା, "ନା, ସେ ଆସିଛି ତାଙ୍କ ଘରକୁ ।"

ମା' ପୁଅଙ୍କର କିଛି ସମୟ ସେମିତି ନୀରବରେ କଟିଗଲା ।

କନକ ଦୀର୍ଘଶ୍ୱାସ ନେଇ କହିଲେ, "ଆହା ବିଚାରୀ ! ଲକ୍ଷ୍ମୀ ଭଳି ଝିଅ ପୁଣି ଏମିତି ପୋଡ଼ା ଭାଗ୍ୟ ନେଇ ଜନ୍ମ ହୋଇଥିଲା !"

ତୁ ଯାହାର ପୋଡ଼ା ଭାଗ୍ୟ କହୁଚୁ, ନିଜ ହାତରେ ତା'ର ଭାଗ୍ୟ ତୁ ବଦଳାଇ ପାରିବୁ ଏଇ ଘରକୁ ତାକୁ ବୋହୂ କରି ଆଣି......

ମା'ଙ୍କ ମୁହଁକୁ ଚାହିଁ ରହିଛି ସୁରେଶ । ଏ ସବୁ ମନର କଥା । ଯେତେ କଥା ମନରେ ଭାବିଲେ ବି କହି ହେଉଛି କେଉଁଠି ?

ସୁରେଶ ଖାଇବା ପାଖରୁ ଉଠି ମୁହଁ ଧୋଇ ସାର୍ଟ ବଦଳାଇ କଲେଜ ଚାଲିଗଲା । ମନରେ ସେଇ ଗୋଟିଏ ଚିନ୍ତା । ଆଜି ପର୍ଯ୍ୟନ୍ତ ଗାଁ ଗାଁ ବୁଲି ଲୋକମାନଙ୍କୁ ଯେଉଁ କଥା ସେ ବୁଝେଇ କହୁଛି, ନିଜେ ରେବତୀକୁ ଗ୍ରହଣ କଲେ ଲୋକେ ସେ କଥାର ମୂଲ୍ୟ ଦେବେ ।

ମନ ଦୃଢ଼ ହେଲା । ଠିକ୍ ସେତିକିବେଳେ ଗୋଟିଏ ସୁନ୍ଦର ହସ ହସ ମୁହଁର ଛବି ସେ ଦେଖୁଥିଲା, ସେ ରେବତୀ ।

ବହୁଦିନ ପରେ ସେଇ ଅପରାହ୍ନରେ ରେବତୀ ଯାଇଥିଲା ନଈକୂଳ, ସାଙ୍ଗରେ ସାନଭଉଣୀ ଆହୁତି । ନୂଆ ହୋଇ ଶାଶୁଘରୁ ଫେରିଥିଲା ମାଳା, ହାରମଣି । ସେମାନେ ସମସ୍ତେ ଆସି ତାକୁ ଡାକିନେଲେ । ରେବତୀ ମନରେ ଖୁବ୍ ଆଗ୍ରହ । ପୂର୍ବର ସେଇ ବାଲି ଘର କରି ଖେଳିବା ମନେ ପଡୁଛି । ସେଇ ସ୍ଥାନକୁ ପୁଣି ଥରେ ସେମାନେ ଯିବେ । ବାଡଘର ଗାଁ, ପୁଣି ନଈକୂଳ ଯାଗାଟା ବେଶ୍ ନିରୋଳା । ସାଙ୍ଗ ତିନିଜଣ

Digitized by srujanika@gmail.com

ବସି ବସି କେତେ କଥା ଗପିଲେ । ରେବତୀ ଶୁଣୁଥାଏ ମାଳା, ହାରମଣିଙ୍କ ଶାଶୁଘର ଗପ । ଯେତେବେଳେ ତିନି ବନ୍ଧୁ ହାରର ରହାବାଳୀ ଶାଶୁ କଥା ଶୁଣି ହସି ହସି ଗଡ଼ିଯାଆନ୍ତି । କାନିରୁ ଖୋଲି ପାନ ଖିଲେ ଖୁଆଇ ଦେଇ ତାକୁ ମ ଳା । ହାର ଉତ୍ସାହିତ ହୋଇ ଗପିଲା ।

ଦିନେ କେଉଁଦିନ ହାରର ସ୍ୱାମୀ ପ୍ରକାଶ ସହରରୁ ସକାଳୁ ବାହାରି ସାଇକେଲରେ ଆସି ଘରେ ପହଞ୍ଚିବା ବେଳକୁ ଖିଆବେଳ ! ଦି'ପହର ଖିଆପିଆ ସାରିବା ପରେ କାମ ସାରି ହାର ମିଠାପାନ ଖଣ୍ଡେ ଧରି ନେଇ ଶୋଇବା ଘରେ ପ୍ରକାଶକୁ ଦେଇ ଆସିଲା । ଏଇ କଥାରେ ତ ଶାଶୁ ରାଗିଯାଇ ପାଟି କରି କମ୍ପାଇଲେ । ସେଇ ରାଗ ନେଇ ସେମିତି ଖରବେଳଟାରେ ସାଇକେଲ ବାହାର କରି ପ୍ରକାଶ ଫେରିଗଲା ଭଦ୍ରଖ । ଗାଁଠାରୁ ଭଦ୍ରଖ ସତର ମାଇଲ, ଅଥଚ ଖରଟାରେ ଯିବାକୁ କି ସାହସ ତାଙ୍କର ?

"ଏଁ ସେମିତି ସେମିତି ଚାଲିଗଲେ ?" ରେବ, ମାଳ ବିସ୍ମୟରେ ପଚାରିଲେ ।

ହାର ନିର୍ବିକାର ଭାବରେ ଉତ୍ତର ଦେଲା, "ସେ ଦିନ ସନ୍ଧ୍ୟାରେ ଶ୍ୱଶୁର ନିଜେ ବସ୍‌ରେ ଭଦ୍ରଖ ଯାଇ ତାଙ୍କ ମେସ୍‌ରେ ପହଞ୍ଚିଲେ ଆଉ ସେଇଦିନ ତାଙ୍କୁ ସାଙ୍ଗରେ ଧରି ଅଧରାତିସରିକି ଆସି ଘରେ ପହଞ୍ଚିଲେ ।"

"ତୋ ଶାଶୁ ?"

"ଆଉ କ'ଣ କହିବେ ? ଏକବାରକେ ଚୁପ୍ ।" ତିନିଜଣ ଏକାଠି ହସି ଉଠିଲେ ।

ମାଳ, ହାର ସେମାନଙ୍କର ଶାଶୁଘରର ସୁଖ ଦୁଃଖ ଗପୁଛନ୍ତି । ରେବତୀ ସାଙ୍ଗମାନଙ୍କ ହସଖୁସିରେ ଯୋଗ ଦେଇ ମଧ୍ୟ ନିଜ କଥା ଗପିବ ନାହିଁ, ଏମିତି କିଛି ବୋଧେ ସ୍ଥିର କରିଛି କି କ'ଣ ! ସଙ୍ଗିନୀ ଦୁଇଜଣ ମଧ୍ୟ ଏ ବିଷୟରେ ତାକୁ କିଛି ପଚାରୁ ନାହାନ୍ତି । ଆହ୍ଲାଦିତ ଖେଳୁଛି ବାଲିଘର କରି । ରେବତୀ ତାକୁ ଡାକି ଘରକୁ ଯିବାକୁ ବାହାରିଲାଣି । ଅଳ୍ପ ସମୟ ପରେ ସନ୍ଧ୍ୟା ହେବ । ତରତର ହୋଇ ତା' ହାତ ଟାଣି ଚାଲିଲା ସେ । ମାଳା, ହାର ଗପୁ ଗପୁ ଚାଲିଛନ୍ତି । ଘରେ ପହଞ୍ଚିବାକୁ ଅଳ୍ପ ରାସ୍ତା ଅଛି । ପରଦିନ ଦି'ପହରେ ଆସିବେ କହି ସଙ୍ଗିନୀ ଦ୍ୱୟ ବିଦାୟ ନେଇ ଚାଲିଗଲେ । ଚଗଲି ଆହ୍ଲାଦିତା ହାତଛାଡ଼ି ଦୌଡ଼ି ପଳାଉଛି । ରେବ ତରତର ହେଉଚାଲୁଛି । ହିଡ଼ ବାଟ

Digitized by srujanika@gmail.com

ହେଲେ ବି ଏକା ଏକା ଗ୍ଭଲିବାକୁ ତାକୁ ଭଲ ଲଗେନି । ଠିକ୍ ତୋଟା ଭିତରେ ପଶିବା ବେଳକୁ ସେ ଶୁଣିଲା କିଏ ଡାକୁଛି, ହଠାତ୍ ତା' ନାଁ ଧରି ।

ରେବତୀ ପଛକୁ ବୁଲି ଗ୍ଭହିଁଲା । ଅଳ୍ପ ଦୂରରେ ଠିଆହୋଇଛି ସୂର୍ଯ୍ୟ ।

"ରେବତୀ ଚିହ୍ନି ପାରୁନୁ ?"

ରେବତୀ ହସୁଛି । ସୂର୍ଯ୍ୟ କେତେ ସାନ ଥିଲା, ନଈ କୂଳରେ ତା' ସଙ୍ଗେ ବାଲିଘର କରି ଖେଳୁଥିଲା । ଏବେ କେତେ ବଡ଼ ହେଇଗଲାଣି !

"କ'ଣ ତୋ ଚେହେର ହେଇଛି ?"

"କାହିଁକି ? ମୁଁ କ'ଣ ଖୁବ୍ ଝଡ଼ିଯାଇଛି ?"

"ନା," ସୂର୍ଯ୍ୟ ମୁହଁ ଶୁଖେଇଲା ।

"ମୁହଁ କାହିଁକି ଶୁଖେଇଲୁ ? ଆଉ କ'ଣ ଖବର କୁହ ।"

"ମଉସା କହୁଥିଲେ, ତୋ ବାହାଘର କରିଦେବେ ।"

ରେବତୀ ଗମ୍ଭୀର ହୋଇ କହିଲା, "ସେ ତ ସରିଯାଇଛି କେତେ ଦିନରୁ । ଯା'ଛଡ଼ା କହିବା ପାଇଁ ତୁମର ଆଉ କ'ଣ କିଛି ଖବର ନାହିଁ ?"

"ରେବ, ମନେ ଅଛି ଆମେ କେତେ ସାଙ୍ଗ ହେଇ ଖେଳୁଥିଲେ ?"

"ହଁ, ସବୁ ମନେପଡ଼େ । ସିଲଦିନ କ'ଣ ଆଉ ଫେରି ଆସିବ ?"

"ଏଇ ତ ମଉସା ମତେ ଡକେଇ ଆଜି କହୁଥିଲେ, କଟକରେ ଗୌରବାବୁଙ୍କ ପୁଅ ସୁରେଶଙ୍କ ସଙ୍ଗେ ତୋ ବାହାଘର ଠିକ୍ କରିଛନ୍ତି ସେ ।"

"ଏ ତ ଖୁବ୍ ଖୁସିର କଥା । କାହାର ସିନା ଥରେ ବାହାଘର ହୁଏ, ମୋର ଯେ ଆଉଥରେ ହେବ ।"

ରେବତୀ ହସୁଛି ।

"ରେବତୀ !"

"ମୁଁ ଯାଉଛି ସୂର୍ଯ୍ୟ, ସନ୍ଧ୍ୟା ହେଲାଣି । ଚଉଘମୂଳେ ଜେଜେମା ସଞ୍ଜ ଦେଉଥିବ । ଠାକୁରଙ୍କ ପାଖରେ ଘଡ଼ିଏ ନ ବସିଲେ ମତେ ଶାନ୍ତି ମିଳିବନି ।" ରେବତୀର ଆଖିରେ ଲୁହ । ସେ ଧୀରେ ଗ୍ଭଲିଯିବାକୁ ବସିଛି । ସୂର୍ଯ୍ୟର ମନହେଲା କହିବ, ଆଉ ଟିକିଏ ରହ, ରେବତୀ !

ରେବତୀ ପଛକୁ ନ ଗ୍ଭହିଁ ତରତର ହୋଇ ଗ୍ଭଲିବାରେ ଲଗିଛି । ଅନ୍ଧାରିଆ ପଥ ଗହଳରେ ଆଉ କିଏ ଜଣେ ଗ୍ଭଲିଯାଉଛି । ତାଙ୍କ ବଗିଗ୍ଭ ଭିତରେ ଏ କିଏ ?

Digitized by srujanika@gmail.com

ସେ ବି ସେଇ ଘରଆଡ଼େ ଆସୁଛି କି କ'ଣ ! ଯେ ହେଉ ତା'ର ଡର କ'ଣ ପାଇଁ ? ଦେହରେ ତ ସୁନାଗହଣା ନାହିଁ ଯେ ଚୋର ଆସି ନେଇଯିବ । ଚୋରର ପୁଣି ସାହସ ହବ ତାଙ୍କ ବାଡ଼ିରେ ପଶିବାକୁ ? ବାପରେ ଶକ୍ତ ଦଉଡ଼ିରେ ଗଛରେ ବନ୍ଧାହୋଇ ଯୋଉ ମାଡ଼ !

ରେବତୀ ଠିକ୍ ବାଡ଼ି କବାଟ ପାଖରେ ପହଞ୍ଚିଛି କି ନାହିଁ ପଛରୁ କିଏ ଡାକିଲା, "ରେବ !" ଚାହିଁ ଦେଖେ ତ ବାପା ଠିଆ ହୋଇଛନ୍ତି ।

"ସାଢ଼େ କୁଆଡ଼େ ଯାଇଥିଲୁ ?"

"ବଉଳ ଆସିଛି ତା' ଶାଶୁ ଘରୁ, ହାସ ବି ଆସିଛି । ସେମାନେ ମୋତେ ଡାକି ଆସିଥିଲେ, ଆମେ ନଈକୂଳ ଆଡ଼େ ବୁଲି ଯାଇଥିଲୁ ।"

"ଏବେ ବାଡ଼ ପାଖ ରାସ୍ତାରେ ଅନ୍ଧାରଟାରେ ଠିଆହୋଇ କାହା ସଙ୍ଗେ ଗପୁଥିଲୁ ? କିଏ ସେ ପିଲା ?"

ରେବତୀ ଥାଣ୍ଡୁ ପାଇଟିଗଲା । ବାପାଙ୍କ ଗମ୍ଭୀର ମୁହଁ ତାକୁ ଭଲ ଲାଗିଲାନି । ପିଲାଟି ଦିନରୁ ସ୍ନେହ ଛଡ଼ା ଏଭଳି କେହି ତାକୁ ଶାସନ କରି କହି ନ ଥିଲେ । ପୁଣି ଥରେ ସେ ବିରକ୍ତିରେ ପଚାରିଲେ, "ମୁଁ କ'ଣ ପଚାରୁଛି ରେବତୀ, ସେ କିଏ କହୁନୁ । ଚୁପ୍ ହୋଇ ଠିଆହୋଇ ରହିଲୁ କାହିଁକି ?"

"ଆଉ ସାଇ ରମା କକେଇଙ୍କ ପୁଅ ସୂର୍ଯ୍ୟ... ସେଇ ରାସ୍ତାରେ ଯାଉଥିଲା ଯେ...... ।"

"ହଉ ହଉ... ଘରକୁ ଯା ରାତି ହେଲାଣି ।" ବିଭୁରଞ୍ଜନ ଆଉ କ'ଣ କହିବାକୁ ଚାହିଁଲେ ମଧ୍ୟ ବିରକ୍ତିରେ ନୀରବ ରହି ଚଉପାଢ଼ୀ ଆଡ଼େ ଚାଲିଗଲେ ।

ରେବତୀର ହୃଦୟରେ ଅସହାୟତାର କରୁଣ ସ୍ୱର । ଅନ୍ଧକାରର ଆକାଶକୁ ଫାଙ୍କା ଦୃଷ୍ଟିନେଇ ସେ ସେମିତି ଚାହିଁ ରହିଥିଲା ।

ଯା' ମଧ୍ୟରେ ଦିନ କେତୋଟା କଟିଯାଇଛି । ରେବତୀର ଗତାନୁଗତିକ ଜୀବନ-ପ୍ରବାହରେ କିଛି ପରିବର୍ତ୍ତନ ଘଟିନାହିଁ । ସାନଭଇ ଭଉଣୀ ତାକୁ ଆବୋରି ରହିଛନ୍ତି । ସେ ହେଉଛି ଘରର ସବୁ । ପୂଜାରୀ ଆସି ଡାକେ, "ଆସିଲ ନାନୀ, ତରକାରୀଟା ଟିକିଏ ଦେଖିଦେଇ ଯିବ ।" ସତକୁ ସତ ରେବତୀ ଯାଏ ରୋଷେଇ ଘର-

Digitized by srujanika@gmail.com

ଆଡ଼େ । ଘରର ଦୁଆରବନ୍ଧ ପାଖରେ ଠିଆହୋଇ ତରକାରୀ କରେଇ ଆଡ଼େ ଚାହିଁ ପଚାରେ, "ଲୁଣ କମ୍ କରିଛ କି ?" ପୂଜାରୀ ଆଶ୍ଚର୍ଯ୍ୟ ହୋଇ ଚାହେଁ । ରେବତୀ କିନ୍ତୁ ଠିକ୍ କହେ ତରକାରୀର ବାସ୍ନା, ରଙ୍ଗ ଦେଖିଲେ ସେ ସବୁ ଜାଣିପାରେ । ନର୍ମଦା ଅସୁସ୍ଥ; ତେଣୁ ଏଇ କେତେଦିନ ହେଲାଣି ଗେଷେଇ ଘର ଦାୟିତ୍ୱଠାରୁ ଆରମ୍ଭକରି ଘର-ବାହାର ସବୁ ଦାୟିତ୍ୱ ଯେମିତି ତା' ଉପରେ ଲଦି ହୋଇଯାଇଚି, ଅଥଚ ରେବତୀର ମନରେ ଏଥିପାଇଁ ଟିକିଏ ବି ଗ୍ଲାନି ନାହିଁ । ସେଇ ହସହସ ନିରଳସ ଝିଅଟି ଦିନ ଆରମ୍ଭରୁ ରାତି ଶେଷ ପର୍ଯ୍ୟନ୍ତ ସବୁ ବୁଝୁଛି ଅକୁଣ୍ଠିତ ଚିତ୍ତରେ । ତେବେ ନର୍ମଦାଙ୍କର ଅସୁସ୍ଥତା ଯୋଗୁ ମନଟା ତା'ର ଆଦୌ ଭଲଲାଗୁନି । ସବୁବେଳେ ସେ ବସିରହେ ନର୍ମଦାଙ୍କ ବିଛଣା ପାଖରେ । ମାତ୍ର କେତେଦିନ ଜରରେ ସେ ଦେଖାଯାଉଛନ୍ତି ଅତି ରୁଗ୍ଣ । ତାଙ୍କୁ ଔଷଧ, ସର୍ବତ, ପଥି ନିଜ ହାତରେ ଖୁଆଇ ଦେଉଛି ରେବତୀ । ଥରେ କେବେ କେମିତି ବୋଉ ମୁହଁକୁ ଚାହିଁଦେଇ ସେ ଚମକିପଡ଼େ, ଇସ୍ କ'ଣ ହେଲାଣି ଏ ଚେହେରା ? କିଏ ଜାଣେ କବିରାଜଙ୍କ ଔଷଧ ଧରୁଛି କି ନାହିଁ ? ବାପା କହନ୍ତି, "କ'ଣ ହୋଇଛି ଯେ ଏତେ ବ୍ୟସ୍ତ ? ଜର ଟିକିଏ ଧରିଛି ଛାଡ଼ିଯିବନି ।"

ନର୍ମଦାଙ୍କ ଶୁଷ୍କ ଉଦାସ ମୁହଁକୁ ଚାହିଁ ଏଇ ସାନ୍ତ୍ୱନା ଦିଏ ସେ ।

ସେଦିନ ସନ୍ଧ୍ୟାରେ ପୁରାଣପଢ଼ା ସାରି ଠାକୁରଙ୍କ ପାଖରେ ଟିକିଏ ସମୟ ବସି ରହିଥିଲା ରେବତୀ । ଏତିକିବେଳେ କୃଷ୍ଣ ଆସି ଖବରଦେଲା, "ବାପା ଡାକୁଥିଲେ ତତେ ?" "ହଁ ଯାଉଛି," କହି ଠାକୁର ଘରର କବାଟଟା ବାହାରୁ ଆଉଜେଇ ଆଣି ଚଉପାଢ଼ୀ ଖଞ୍ଜାଆଡ଼େ ଚାଲିଲା ସେ । ଜେଜେବାପା, ବାପାଙ୍କ ବ୍ୟତୀତ ଆଉ ସେଠି କେହି ନଥିଲେ । ବଡ଼ ଚିନ୍ତିତ ଭବରେ ବସିଥିଲେ ସୁଧୀରଞ୍ଜନ ।

ରେବତୀ ପଚାରିଲା, "ମତେ ଡାକୁଥିଲ କି ବାପା ?"

"ହଁ, ବସୁନୁ ବସ, ବୋଉ ଦେହ ଏବେ କିମିତି ଅଛି ?"

"ନା, ଭଲନାହିଁ କିଛି ।" ବାପାଙ୍କର ମନଟା ବିଷଣ୍ଣ ହେଲା କି ନାହିଁ ସେ ବୁଝିପାରିଲାନି । ମାତ୍ର ଜେଜେବାପା ବିମର୍ଷ ହୋଇପଡ଼ିଲେ ।

ଟିକିଏ ନୀରବତା ପରେ ସେ କହିଲେ; "ବିଭୁ, ଏ କବିରାଜଙ୍କ ଔଷଧଟା ବୋହୂକୁ ଧରୁନି । କଟକଆଡ଼ୁ ଜଣେ ଡାକ୍ତରଙ୍କୁ ଡକେଇପଠା ।" କଥାଟାକୁ ଆଉ ଟିକିଏ ସହଜ କରିନେଇ ହସିଲେ ବିଭୁରଞ୍ଜନ ।

Digitized by srujanika@gmail.com

"ଡାକ୍ତର କ'ଣ ହେବ, ବାପା ? ଜର ଟିକେ ହେଇଛି । ସେମିତି ଛାଡ଼ିଯିବା କଥା, ଅଧିକନ୍ତୁ କବିରାଜ ଆସୁଛନ୍ତି ।"

"ହଁ ଦେଖ, କ'ଣ ହଉଛି" ସୁଧୀରଞ୍ଜନଙ୍କ ଦୀର୍ଘଶ୍ୱାସର ସ୍ୱର ରେବତୀକୁ ସ୍ପର୍ଶ କଲା । କାହିଁକି କେଜାଣି ସେ ଟିକିଏ ଥରିଉଠିଲା । "ବୋଉ କ'ଣ ଭଲ ହବନି କି ଜେଜେ ?" ସୁଧୀରଞ୍ଜନଙ୍କୁ ଚାହିଁ ଏହି ପ୍ରଶ୍ନ ପଚାରୁଥିଲା ସେ । ହଠାତ୍ ବାପାଙ୍କ ଡାକରେ ସେ ଭାବନାରୁ ଫେରିଆସିଲା ।

"ମା' ରେବ, ପୂଜାରୀକୁ କହ ଦୁଇ କପ୍ ଚା' ଆଣୁ । ହଁ, ମୋ ପାଇଁ ପାଣି ଗିଲାସେ ଆଣିବୁ ।"

ରେବତୀ ପାଣି ଗ୍ଲାସଟି ଧରି ତରତର ହେଇ ଚାଲି ଆସିଲା । ପଛେ ପଛେ ପୂଜାରୀ ହାତରେ ଚା' ଦୁଇକପ୍ ଧରି ଆସି ପହଞ୍ଚିଲା । "ଦେ ମା' । ହଁ ଶୁଣ, ତତେ ଗୋଟିଏ କଥା ପଚାରିବି ବୋଲି ମୁଁ ଡାକିଛି । ତୁ ତ ଆମର ବୁଦ୍ଧିମତୀ ଝିଅ । ଆଉ ତତେ ନ ପଚାରି, ତୋ ମତ ନ ନେଇ ମୁଁ ଜବରଦସ୍ତ କିଛି କରି ଚାଲିଯିବି, ତା' କ'ଣ ଠିକ୍ ହେବ ?"

ପ୍ରଶ୍ନିଳ ଦୃଷ୍ଟିରେ ବିଭୁରଞ୍ଜନଙ୍କୁ ଚାହିଁ ରହିଲା ରେବତୀ ।

ବାପା ତ ଏତେଗୁଡ଼ିଏ କଥା କେବେ ଗପନ୍ତି ନାହିଁ ତା' ସାଙ୍ଗରେ ? କ'ଣ ପଚାରିବେ କେଜାଣି ? ମନେ ମନେ ଏହି କଥା ଭାବି ହୋଇ ଜେଜେବାପାଙ୍କ ଆଡ଼େ ଟିକିଏ ଚାହିଁଲା ସେ । ଅନିର୍ଦ୍ଦିଷ୍ଟ ଦିଗରେ ତାଙ୍କ ଦୃଷ୍ଟି କେମିତି ସ୍ଥିର ହୋଇ ଯାଇଛି । ସେ ମୁହଁ ଦେଖାଯାଉଛି ଭାବଲେଶହୀନ । ନା, ତାଙ୍କୁ ଚାହିଁ ମଧ୍ୟ କଥାଟା କ'ଣ ହୋଇପାରେ ଆଦୌ ଅନୁମାନ କରି ପାରିଲନି ସେ ।

"ରେବ ?"

"କ'ଣ ବାପା ?"

"ତୁ ତ ଛୁଆଟାଏ । ସଂସାରରେ ଭଲମନ୍ଦ କିଛି ବୁଝିବା ଆଗରୁ ଭଗବାନ ତତେ ଏ ଦୁଃଖ ଦେଲେ......"

ଦୁଃଖ ? କି ଦୁଃଖ ବାପା ? ତୁମ କଥା ମୁଁ କିଛି ବୁଝିପାରୁନି । ମୁଁ କେତେ ସୁଖରେ ଅଛି ତା ତୁମକୁ କେମିତି ବୁଝେଇବି ? ସେ ପଛକଥା କ'ଣ ମୋ ମନରେ ଅଛି ? ଛିଃ ଛିଃ ବାପା, ତୁମେ ସିନା ଜେଜେବାପାଙ୍କୁ ବୁଝାନ୍ତ । ମିଛରେ ଘରସାରା

Digitized by srujanika@gmail.com

ସମସ୍ତେ ଚିନ୍ତା କରି କଷ୍ଟ ପାଉଚ । ରେବତୀ ବିଭୂରଞ୍ଜନଙ୍କୁ ଚାହିଁଛି କେବଳ, କିନ୍ତୁ ତା' ଓଠରେ ଗୋଟିଏ ବି ଶବ୍ଦ ଉଚ୍ଚାରଣ ହେଲନି ।

"ଦେଖ୍ ମା' ତୋ ବୋଉକୁ । ତୋ'ରି ଚିନ୍ତାରେ ଦିନକୁ ଦିନ ସେ କ'ଣ ହେଲଣି ?"

ଏଥର ବାପାଙ୍କ କଥାରେ ଚମକି ଉଠି କହିଲା ରେବତୀ ,

"ବାପା, ତୁମେ କଟକରୁ ନ ହେଲେ କଲିକତାରୁ ଡାକ୍ତର ଜଣେ ଡାକିଆଣ । ବୋଉ ତ ଏମିତି ଦୁର୍ବଳ ହେଲଣି ଯେ ଚିକିତ୍ସା ପାଇଁ ସେ କୁଆଡ଼େ ଯାଇ ପାରିବ ନାହିଁ ।"

ସୁଧୀରଞ୍ଜନଙ୍କ ଆଖି ଉଜ୍ଜ୍ୱଳ ହୋଇ ଆସିଲା । ଉତ୍ସାହୀ ଦୃଷ୍ଟିରେ ସେ ଚାହିଁ ରହିଲେ ପୁଅ ଆଡ଼େ । ତାଙ୍କୁ ଦେଖି ରେବତୀର ମନେହେଲା, ସେ ଯେମିତି ବୋଉଠୁ ବି ଆହୁରି ବେଶୀ ଅସୁସ୍ଥ । ଅନ୍ୟଦିନ ହୋଇଥିଲେ ଜେଜେ ନିଜେ ଧାଇଁ ଯାଇଥାଆନ୍ତେ କଲିକତା । କଟକ ଡାକ୍ତରଙ୍କୁ କିଏ ପଚାରୁଛି ? କଲିକତାରୁ ବଡ଼ଡାକ୍ତର ଧରି ଆଣି ଥାଆନ୍ତେ ସେ । କୁଆଡ଼େ ଗଲା ସେ ତେଜଦୀପ୍ତ ଉଜ୍ଜ୍ୱଳ ରୂପ ? ଦେହ ମନରେ କି ଅସୀମ ଶକ୍ତି ତାଙ୍କର ! ସବୁ ଯେମିତି କ୍ଷଣକେ ନିଶ୍ଚଳ ହୋଇଗଲା । ସେ ଖାଲି ବଞ୍ଚି ରହି ମନେ ହେଉଛନ୍ତି ଜଣେ ଅକ୍ଷମ ବୃଦ୍ଧ ।

ଜେଜେବାପା ତୁମ ଚେହେରା କେବେ ଆଇନାରେ ଦେଖିଲଣି । କ'ଣ ହେଲଣି ତୁମେ ? ରେବତୀ ସବୁ କଥା ଭାବୁଛି, କିନ୍ତୁ କାହାକୁ କିଛି କହିପାରୁ ନ ଥିଲା ।

"ତୋ ବୋଉ ପାଇଁ ବ୍ୟସ୍ତ ହେବାର କିଛି ନାହିଁ । କହିଲି ତ, ଏ ଗାଁରେ ଜର ଭୋଗି କେତେ କିଏ ମନକୁ ମନ କ'ଣ ଭଲ ହୋଇ ଯାଉନାହାନ୍ତି । ହେଲା ଏବେ ତୁମେ ସବୁ କହୁଛ ଯଦି ଏଥର କଲିକତାକୁ ଲୋକ ପଠାଇ ଡାକ୍ତର ଡକେଇ ଆଣିବି । କିନ୍ତୁ ତତେ ମୁଁ ଆଉ ଗୋଟାଏ କଥା କହିବାକୁ ଚାହୁଁଥିଲି ।"

ଓ ବୁଝିଲି ବାପା, ତୁମେ ଭାବିଛ ଏ ଜମିବାଡ଼ି କିଛି ମୋ ନାମରେ କରି-ଦେବ କାଳେ ପଛରେ ମନ କଷ୍ଟ କରିବି, ଏଇ କଥା ? ନା ନା ମୋର କିଛି ଦରକାର ନାହିଁ । ତୁମେ ସେ ସବୁ କାହିଁକି ଭାବୁଛ ? ମୋର ସେ ଧନ ସମ୍ପତ୍ତି କ'ଣ ହବ ? ମୁଁ ତ ବେଶ୍ ସୁଖରେ ଅଛି । ଏଇ ସବୁ ଭାବନାରେ ରେବତୀର ମୁହଁ ଆହୁରି ଉଜ୍ଜ୍ୱଳ ଦେଖାଗଲା । ତା'ଆଡ଼େ ଚାହିଁ ଅଧିକ ଉତ୍ସାହରେ କଥା ଆରମ୍ଭ କଲେ ବିଭୂ-ରଞ୍ଜନ ।

Digitized by srujanika@gmail.com

"କଟକରୁ ଗୌରବାବୁଙ୍କ ପୁଅ ସୁରେଶ ମୋତେ ଦୁଇ, ତିନିଖଣ୍ଡ ଚିଠି ଦେଇ ସାରିଲଣି । ଆମ ଦେଶରେ ତା' ଭଳି ଆଦର୍ଶବାଦୀ ଯୁବକ ଖୁବ୍ କ୍ୱଚିତ୍ ଅଛନ୍ତି । କଲେଜରେ ବି.ଏ. ପଢୁଛି । ପାଶ୍ କରି ପୁଣି ଆଇନ ପଢ଼ିବ । ସ୍ୱାଧୀନ ବ୍ୟବସାୟ । କିନ୍ତୁ ତା' ବାପାର କ'ଣ ପଇସାର ଅଭାବ ଅଛି ଯେ ସେ ପଇସା ପଛରେ ଧାଇଁବ ?" ପ୍ରଫୁଲ୍ଲ ଚିତ୍ତରେ ହସୁଥିଲେ ବିଭୁରଞ୍ଜନ ।

"ଗାନ୍ଧିଜୀଙ୍କ ଆହ୍ୱାନ, 'କର, ନୋହିଲେ ମର', ଏ ଡାକ ତା' କାନରେ ବାଜିଛି । 'ଭାରତ ଛାଡ଼' ଆନ୍ଦୋଳନରେ ଯୋଗ ଦେଇଛି ସେ । ଆଉ ବେଶୀଦିନ ନୁହେଁ । ଇଂରେଜ ସରକାର ବିଦା ହେବାର ବେଳ ଆସି ଗଲଣି । ଆଜିର ଯୁବ ସମ୍ପ୍ରଦାୟ ସ୍ୱାଧୀନ ଭାରତର ସ୍ୱପ୍ନ ଦେଖୁଛି । ଖୁବ୍ ଶୀଘ୍ର ଏ ସ୍ୱପ୍ନ ସାକାର ହେବ ।"

ରେବତୀ ତାଙ୍କୁ ଆଶ୍ଚର୍ଯ୍ୟରେ ଚାହିଁ ରହିଲା । ବୋଉର ଦେହ ଖରାପ, ଅଥଚ ବାପା କ'ହିଁକି ଏ ସବୁ କହି ଚାଲିଚନ୍ତି !

"ଆଲୋ ମା', ସେ ପ୍ରତିଜ୍ଞା କରିଛି, ଦେଶ ସ୍ୱାଧୀନ ହେଲେ ତା' କର୍ତ୍ତବ୍ୟ ଶେଷ ହେବ ନାହିଁ । ଏ ଦେଶ ଖାଲି ଗାଁମାନଙ୍କର ଦେଶ । ସହର ତ ଗାଁ ତୁଳନାରେ କେତେ କମ୍ । ଆଉ ସେଇ ଗାଁ ସବୁକୁ ଆଲୋକ ଟିକିଏ ବି ଛୁଇଁନି ଏଯାଏ । ଲୋକମାନଙ୍କ ମନରେ ଲେସି ହୋଇ ରହିଛି କୁସଂସ୍କାରର ଅଳନ୍ଧୁ । ତୁ ଜାଣିଛୁ ? ତାକୁ ସବୁ ପୋଛାପୋଛି କରି ସଫା କରିବା ପାଇଁ ସ୍ଥିର ସ୍ଥିର କରିଛି । କଥା କ'ଣ କି ମା', ହେଇ ଦେଖ ଏ ଚିଠି । ସେ ଲେଖିଛି, ଆପଣ ମୋତେ ଏଇ କାମରେ ଉପଯୁକ୍ତ ସାହାଯ୍ୟ କରି ପାରିବେ, ମଉସା । ଆମ ସମାଜରେ ପୁରୁଷଙ୍କର ଦ୍ୱିତୀୟ ଦାର ଗ୍ରହଣ କରିବାର ଅଧିକାର ରହିଛି । ଅଥଚ ନାରୀମାନେ ? ସ୍ୱାମୀର ମୃତ୍ୟୁ ପରେ ଚିରଦିନ ସେଇ ସ୍ମୃତିକୁ ମନରେ ଧରି ଦୁଃଖ ଶୋକରେ ବିଦଗ୍ଧ ହେବା ପାଇଁ ବୈଧବ୍ୟ ଜୀବନ ଗ୍ରହଣ କରି ନେଉଛନ୍ତି । ଏ ସମାଜ ତାଙ୍କୁ ବାଧ୍ୟ କରୁଛି । କିନ୍ତୁ ଆମକୁ ଏ ପୁରୁଣା ନିୟମ ଭାଙ୍ଗି ଦେବାକୁ ପଡ଼ିବ......"

ରେବତୀ ଅସ୍ଥିର ହୋଇ ଉଠିଲା ସେଠାରୁ ପଳେଇ ଯିବାକୁ । ବିଭୁରଞ୍ଜନଙ୍କ କଥା ଶୁଣିବାରେ ତା'ର ଆଦୌ ଆଗ୍ରହ ନ ଥିଲା । ବିଭୁରଞ୍ଜନ ପୁଣି କହୁଛନ୍ତି, "ମୁଁ ସ୍ଥିର କରିଛି ତୋର ବିବାହ କରାଇଦେବି । ଏ ସମାଜ ଦେଖୁ ଜମିଦାର ସୁଧୀରଞ୍ଜନଙ୍କ ପୁତ୍ର ଯାହା ଇଛାକରେ ତାହାହିଁ କରେ । ମୋତେ କିଏ କ'ଣ କହିବ ?"

Digitized by srujanika@gmail.com

"ବାପା...... ।"

"ମୁଁ ଜାଣେ ତୁ କହିବୁ ସେଇ ପଚ୍ଛକଥା । ଅଖିଳର ସ୍ମୃତିକୁ ସାଥୀ କରି ଜୀବନ ବିତେଇବା କଥା । କିନ୍ତୁ ମା', ଏ ଜୀବନ କାହା ପାଇଁ ହୁଏତ ଖୁବ୍ ସଂକ୍ଷିପ୍ତ, ପୁଣି ଆଉ କାହା ପାଇଁ ଖୁବ୍ ଦୀର୍ଘ । ଏକା ଏକା ଏ ଦୀର୍ଘ ପଥରେ ଯାତ୍ରା କରିବା କି କଷ୍ଟଦାୟକ ତା' ତୁ ବୁଝି ପାରିବୁନି ।"

ବିଭୁରଞ୍ଜନଙ୍କ କଥା ସବୁ କେମିତି କ'ଣ ବହିରେ ପଢ଼ିଥିବା ଗଳ୍ପର ଭାଷା ଭଳି ମନେହେଲା ରେବତୀକୁ । ସେ ଏଥର ରାଗ ଓ ବିରକ୍ତିରେ ଟିକିଏ ବଡ଼ ପାଟିରେ କହିଲା, "ବାପା ଏ ସବୁ ବନ୍ଦ କର । ମୋର ବାହାଘର ସରିଛି । ଆଉ ଥରେ ପୁଣି କାହିଁକି ସେ କଥା ?" ଏତିକି କହିବା ପରେ ରେବତୀ ନୀରବ ହୋଇଗଲା ।

ଆଉଥରେ ବିବାହ କରି କି ଅଧିକ ସୁଖୀ ହେବି ମୁଁ ? କ'ଣ ମୋର ଅଭାବ ? ଠାକୁରେ ଖୁବ୍ ଐଶ୍ୱର୍ଯ୍ୟ ଦେଇଥିଲେ, ତାକୁ ନେଇଗଲେ । ପୁଣି ଦେବେ, ଇଚ୍ଛା କଲେ ନେଇଯିବେ । ତୁମେ ଚାହୁଁଛ ସୁଖ ନାଁରେ ଏଇ ଖେଳ ଚାଲି-ଥାଉ ? ନା, ଆଉ ମୁଁ ଏ ଖେଳର ଶୀକାର ହେବାକୁ ଚାହେଁନି । ମୁଁ ତ ବେଶ୍ ଭଲରେ ଅଛି । ମୋର ସାନ ସାନ ଭାଇ ଭଉଣୀଙ୍କ ସ୍ନେହ ଶ୍ରଦ୍ଧାରେ ବାନ୍ଧିହୋଇ ରହିଛି । ପୁଣି ତୁମେ, ଜେଜେବାପା, ଜେଜେମା', ବୋଉ, ବାକି ସମୟ ପ୍ରଭୁ ଗୋପା-ଳଙ୍କୁ ସ୍ମରଣ କରି ମୁଁ ଯାହା ଆନନ୍ଦ ପାଉଛି ଆଉ ଥରେ ବିବାହ କରି ଅଧିକ ଅବା କ'ଣ ମିଳିବ ???

ରେବତୀ ଚିନ୍ତା କରୁଛି । ଅଥଚ ଯାହା ଭାବୁଛି ସବୁ କଥା ପ୍ରକାଶ କରି ପାରୁନି । ଠିକ୍ ଏଇ ପରିସ୍ଥିତିରେ ବାପାଙ୍କ ପାଖରୁ ଚାଲିଯିବା ପାଇଁ ଉଦ୍ୟତ ହେଲା ସେ । ବଜ୍ର ଗମ୍ଭୀର କଣ୍ଠରେ ବିଭୁରଞ୍ଜନ କହିଲେ, "ନା, ତୋ କଥା ଆଦୌ ଶୁଣିବିନି । ତୋତେ ଆମ କଥା ମାନିବାକୁ ହିଁ ପଡ଼ିବ । ସୁରଜକୁ ମୋର ମତାମତ ଜଣାଇ ଆଜି ମୁଁ ଚିଠି ଲେଖୁଛି ।"

"କିନ୍ତୁ ଜାଣିଥାଅ ବାପା, ମୋତେ ଏ ସବୁ ପାଇଁ କେହି ବାଧ୍ୟ କରି ପାରି-ବେନି । ଆଉ ଯଦି ସେମିତି ଜୋର ଜବରଦସ୍ତ କରାହୁଏ, ଆମ ବଗିଚାରେ କୂଅ ପୋଖରୀର ଅଭାବ ହେବନି ମତେ ।"

ରେବତୀର ଆଖି ଦୁଇଟା ରାଗ, ଅସନ୍ତୋଷରେ ଜଳି ଉଠୁଥିଲା ।

"ରେବତୀ !" ଚିତ୍କାର କଲେ ବିଭୁରଞ୍ଜନ । "ତୁ ମୋତେ ଧମକ୍ ଦେଉଛୁ ?"

Digitized by srujanika@gmail.com

"ମୁଁ ଧମକ୍ ଦେଉନି, ବାପା ! ମୋ କଥା ଟିକିଏ ସ୍ଥିର ଭାବରେ ଚିନ୍ତାକର ତୁମେ ।" ରେବତୀ କରୁଣ ଭାବରେ ଏତିକି କହି ତରତରରେ ପଳାଇ ଗଲା ସେଠାରୁ ।

"ତୁ କ'ଣ ପାଗଳ ହେଲୁ ବିଭୁ, କାହିଁକି ଏତେ କଥା କହୁଛୁ ତାକୁ ?"

ସୁଧୀରଞ୍ଜନ କଥା ମଝିରେ ବାଧା ଦେଇ କହି ପକାଇଲେ । ବିଭୁରଞ୍ଜନ କାହା କଥା ଶୁଣିବାକୁ ପ୍ରସ୍ତୁତ ନ ଥିଲେ । ରାଗରେ ସତକୁ ସତ ପାଗଳଙ୍କ ଭଳି ଚିତ୍କାର କଲେ ସେ, "ମୁଁ ଜାଣିଛି ସେ କାହିଁକି ବାହା ହେବାକୁ ମନା କରୁଛି । ଏଇଠି ରହି ଆମ ମାନ ସମ୍ମାନକୁ ପୋଡ଼ି ଖାଇବାକୁ ତାର ମନ । ହେଇ ପର ସେଦିନ ସଞ୍ଜ ଅନ୍ଧାରରେ ବାଡ ପାଖଟାରେ ଠିଆ ହୋଇ କାହା ସଙ୍ଗେ କଥା ଗପୁ-ଥିଲା । ଡାକି ପଚାରିଲି ତାକୁ । ସେ କ'ଣ ବୋଲି ଭାବୁଛି କି ଆମକୁ ?" ବିଭୁ-ରଞ୍ଜନଙ୍କ ଚିତ୍କାରରେ ସାରା ଘର ଥରି ଉଠିଲା । ଠାକୁର ଘରେ କବାଟ ଭିତରୁ ବନ୍ଦ କରି ବସି ରହିଥିଲା ରେବତୀ । ବାପାଙ୍କର ଶେଷ କଥା ପଦକରେ କାନରେ ହାତ ଦେଲା ସେ । ଦେହ ତା'ର ଥରି ଉଠିଲା । ଅନ୍ତର ଥରଇ କୋହ ଉଠିଲା । ଦୁଇ ଆଣ୍ଠୁରେ ତଳକୁ ମୁଣ୍ଡ ପୋତି କଇଁ କଇଁ ହୋଇ କାନ୍ଦି ଉଠିଲା ସେ । ହୁଏତ ଅଖିଳର ମୃତ୍ୟୁ ପରେ ମଧ୍ୟ ସେ ଏମିତି ଦୁଃଖ ପାଇ ନ ଥିଲା, ଏମିତି ବିକଳରେ କାନ୍ଦି ନ ଥିଲା ।

ଏ ଘରେ ତୁମୁଳ କାଣ୍ଡ । ବିଭୁରଞ୍ଜନ ଖୁବ୍ ରାଗିଛନ୍ତି । କିଏ ଜାଣେ ଏ ରାଗ କେତେବେଳେ ଶାନ୍ତ ହେବ ? ଘରର କେଉଁ କଥାରେ ସେ କେବେ ପ୍ରାୟ ମୁଣ୍ଡ ଖେଳାନ୍ତି ନାହିଁ । ତାଙ୍କ ଗୁଣ ଜାଣି କିଛି କଥା ତାଙ୍କୁ କେହି କହନ୍ତି ନାହିଁ । ମାତ୍ର ଯେଉଁ କଥା ତାଙ୍କ ମନରେ ଥରେ ଉଠେ, ସେଥିରେ ନିଜ ଜିଦ୍ ବଜାୟ ନ ହେଲେ ଏମିତି ରାଗନ୍ତି ସେ । ରାଗିଯାଇ ଘରେ ନିଆଁ ଲଗାଇ ଦେବାକୁ ଧାଇଁ ଯାଆନ୍ତି । ପାଖରେ ଯାହା ପାଆନ୍ତି ଫୋପାଡ଼ି ଭାଙ୍ଗିଦିଅନ୍ତି । ଆଜି ବି ସେ ସବୁର ପୁନରାବୃତ୍ତି ଘଟିଛି । କିଛି ସମୟ ତଳେ ଚା' ପିଉଥିବା କପ୍, ପ୍ଲେଟ୍ ଦୁଇଟା, କାଚଗ୍ଲାସ ଫୋପାଡ଼ି ଚୂନାକରି ସାରିଲେଣି ସେ । କିଛି ଦୂରରେ ଛୋଟ ଟେବୁଲ ଉପରେ ଥିବା କାଳି ଦୁଆତ କଲମ ଅଗଣାରେ ଅସହାୟ ଭାବରେ ତଳେ ପଡ଼ିରହିଛନ୍ତି । ବାକି କାଗଜ ବହିପତ୍ର ସବୁକୁ ତାଙ୍କ ହାତ ପାଖରୁ ନେଇ ଆଲମାରୀ ଭିତରେ ବନ୍ଦକରି ରଖିଲେ ସୁଧୀରଞ୍ଜନ । ବିଭୁରଞ୍ଜନ ତ ପିଲା ନୁହନ୍ତି ଯେ କିଏ ତାଙ୍କୁ ବୁଝାଇବ ! ସେ ପାଟି

Digitized by srujanika@gmail.com

କରିବେ ପୁଣି ରାଗ ଶାନ୍ତ ହେଲେ ମନକୁ ମନ ସହଜ ମଣିଷ ହୋଇ ଚଳିବେ । କିନ୍ତୁ ଏଇ ମୁହୂର୍ତ୍ତଗୁଡ଼ିକ କି ଅସହ୍ୟ !

ରଙ୍ଗଲତା ନର୍ମଦାଙ୍କ ପାଖରେ ବସି ଧୀରେ ଧୀରେ ତାଙ୍କ ମୁଣ୍ଡ ଆଉଁସି ଦେଉଥିଲେ । ହଠାତ୍ ଝଡ଼ରେ ଶାଶୂ ବୋହୂ ବିକ୍ଷିପ୍ତ ହୋଇ ପଡ଼ିଲେ । ନର୍ମଦା ଆସ୍ତେ ପଚାରିଲେ, "କ'ଣ ହେଲା ବୋଉ, କାହିଁକି ସେ ପାଟି କରୁଛନ୍ତି, ତୁମେ ଆଗେ ଯାଅ ତ ।"

ବିଭୁରଞ୍ଜନଙ୍କ ଚିତ୍କାରରେ କୃଷ୍ଣ, ଟୁନା, ଆହୁତି ଡରି ଡରି ବୋଉ ପାଖରେ ଆସି ବସିଛନ୍ତି, ଯଦିଓ ସେମାନେ ଜାଣନ୍ତି ବାପା ଯେତେ ରାଗିଲେ ବି ପିଲାଙ୍କୁ ଆଦୌ ମାରଧର କରନ୍ତି ନାହିଁ ।

ନର୍ମଦା ବ୍ୟସ୍ତକଣ୍ଠରେ ପଚାରିଲେ, "କ'ଣ ହେଲାକି ରେ ପିଲାଏ ?" କୃଷ୍ଣ କହିଲା, "କିଛି ନାହିଁ ବୋଉ, ତୁ ଶୋଇପଡ଼ ।"

ଟୁନା କହିଲା, "ଭାଇନା ମିଛ କହୁଛି ବୋଉ ! କିଛିନାହିଁ...! ବାପା ପରା ରେବ-ନାନୀ ଉପରେ ଖୁବ୍ ରାଗିଛନ୍ତି ।"

"ଏଁ, ରେବ ଉପରେ ?" ନର୍ମଦା ବିସ୍ମିତ ହେଲେନାହିଁ, ଅଥଚ ବିଚଳିତ ହୋଇପଡ଼ିଲେ । କାରଣ ରେବତୀ ଆସିବା ଦିନରୁ ବିଭୁରଞ୍ଜନ ଖୁବ୍ ବିରକ୍ତ । ପ୍ରଥମେ ପ୍ରଥମେ ସେ କହୁଥିଲେ, "ଏ ଯଦି ଏଠି ରହେ, ଏତେଗୁଡ଼ା ସମ୍ପତ୍ତି ହାତଛଡ଼ା ହୋଇ-ଯିବ ।" ପୁଣି ତାଙ୍କ ମୁଣ୍ଡରେ ଉଠିଛି ବିଧବା ବିବାହ କଥା । କେତେ ଜାଗାରେ ତ ବଡ଼ ବଡ଼ ଲୋକମାନେ ଏସବୁ ଚଳେଇଲେଣି । ସେ ନିଜ ବିଧବା ଝିଅକୁ ବିବାହ ଦେଇ ଆଦର୍ଶ ଦେଖାଇବେ । ଖାଲି କଥାରେ ନୁହେଁ କାର୍ଯ୍ୟରେ ସେ ଦେଖାଇବେ ଯେ ସେ ଯାହା କହନ୍ତି, ତାହା କରନ୍ତି । ଏ ତାଙ୍କର ଗୋଟାଏ ଖିଆଲ୍ । ରେବତୀର ଦୁଃଖରେ ଯେ ବ୍ୟଥିତ ହୋଇ ସେ ଏସବୁ ଚିନ୍ତା କରିଛନ୍ତି ତା' ନୁହେଁ, ସେ କିଛି ସମାଜସଂସ୍କାରମୂଳକ କାର୍ଯ୍ୟ କରିବେ, ଯାହାର ଫଳାଫଳ ଲୋକେ ପରେ ବିଚାର କରିବେ, ତାଙ୍କୁ ଖୁବ୍ ପ୍ରଶଂସା କରିବେ, ଚିରଦିନ ପାଇଁ ମନେ ରଖିବେ ।

ତାଙ୍କର ବିଚାର ଥିଲା ଏପରି ! ଅଥଚ ଯେଉଁ ଝିଅର ସେ ମଙ୍ଗଳ କାମନା କରୁଥିଲେ ସେ ତାଙ୍କର ବିରୁଦ୍ଧାଚରଣ କରୁଛି !

Digitized by srujanika@gmail.com

ବିଭୁରଞ୍ଜନଙ୍କ ଅସନ୍ତୁଷ୍ଟ ସ୍ୱର ଘରର ଶାନ୍ତ ବାତାବରଣକୁ ଅଶାନ୍ତ କରିଛି । ସେଇ ଘରେ ଖଟରେ ପଡ଼ି ନର୍ମଦା ଛଟପଟ ହେଉଛନ୍ତି । ମୁଣ୍ଡର ଯନ୍ତ୍ରଣା କଷ୍ଟ ଦେଉଛି । ଜର ଖୁବ୍ ବଢ଼ିଯାଇ ସେ ପ୍ରଳାପ ଆରମ୍ଭ କରିଛନ୍ତି ।

ପାଖରେ ପିଲ ତିନିଜଣ ନୀରବରେ ଚାହିଁ ରହିଛନ୍ତି ତାଙ୍କୁ । କାହାକୁ ଡାକିବେ ? "ଏଁ ବୋଉର କ'ଣ ହେଲ ?" ସବୁଠୁ ସାନ ଆହୁତି କାନ୍ଦି ଉଠିଲ, "ବୋଉ, ବୋଉଲେ...... ।"

ଟୁନା ସାନଭଉଣୀ ଆହୁତିକୁ ବୁଝେଇବାରେ ଲଗିପଡ଼ିଛି । ବାହାରି ଦୌଡ଼ି ଗ୍ଲଲିଗଲ କୃଷ୍ଣ । ରେବତୀକୁ ଖୋଜି ଖୋଜି ଠାକୁର ଘର କବାଟ ବାଡ଼େଇ ଡାକୁଛି, "ରେବ ନାନୀ, କବାଟ ଖୋଲ ବୋଉ ଦେହ କ'ଣ ହୋଇଯାଉଛ । ଆ ଦେଖିବୁ । ଆରେ ଶୁଣୁନୁ କ'ଣ ମ ? ଖୋଲ ଶୀଘ୍ର...... ।"

"ବୋଉ, ରେବନାନୀ ଠାକୁର ଘର ବନ୍ଦକରି ଭିତରେ ପଶିଛି । ଯେତେ ଡାକିଲେ ବି ଶୁଣୁନି ଲେ ବୋଉ !"

"ଏଁ" ବିଛଣାରେ ଥରି ଥରି ଉଠି ବସିଲେ ନର୍ମଦା ।

"ଏଁ ରେବ କାନ୍ଦୁଛି, କାହିଁକି ? କିଏ ମୋ ଝିଅକୁ କ'ଣ କହିଲ ? ଗ୍ଲଲିଲୁ କୃଷ୍ଣ, ମୋତେ ଧର ତ !"

ନର୍ମଦା ଟଳି ଟଳି ଠାକୁର ଘର ପର୍ଯ୍ୟନ୍ତ ଯାଇ ଅସ୍ପଷ୍ଟ କଣ୍ଠରେ ଡାକିଲେ, "ଏ ରେବ, କବାଟ ଖୋଲିଲୁ ମା', ମୋ ସୁନା ଝିଅଟା ପର । ଆ ଟିକେ ମୋ ପାଖକୁ । ଉ... ଉ... ।" ନର୍ମଦା କାନ୍ଥକୁ ଆଉଜି ବସିଗଲେ ସେଇ ଚଟାଣରେ । ପିଲ ତିନିହେଁ ଦୁମ୍‌ଦୁମ୍ ପିଟୁଛନ୍ତି ଠାକୁର ଘର କବାଟ କଡ଼ାକୁ ।

ଆଖିରୁ ଲୁହ ପୋଛି କବାଟ ଖୋଲି ବାହାରି ଆସିଲ ରେବତୀ । ଉଦାସ ଆଖି ଦୁଇଟା ଖୁବ୍ ଫୁଲ ଫୁଲ ଦେଖାଯାଉଥିଲ । ମୁହଁ ଉପରେ ଅସ୍ତବ୍ୟସ୍ତ କେଶଗୁଚ୍ଛ କେତୋଟିକୁ ସଜାଡ଼ି ନେବାକୁ ତା'ର ସମୟ ନ ଥିଲ । ତରତରରେ କବାଟ ଖୋଲି ନର୍ମଦାଙ୍କୁ ଧରି ପକାଇ କହିଲ, "ଖଟରୁ ଉଠି ଆସିଲୁ କାହିଁକି, ବୋଉ ? ଏଁ, କଥା କହୁନୁ କାହିଁକି ?"

ନର୍ମଦା ଧୀରେ ସେଇଠି ଟଳିପଡ଼ିଲେ ।

"ବୋଉ !" ଚିତ୍କାର କରି ଉଠିଲ ରେବତୀ । ସମସ୍ତେ ନର୍ମଦାଙ୍କ ପାଖକୁ ଧାଇଁ ଆସିଲେ । ରଙ୍ଗଲତା ଥଣ୍ଡାପାଣି ଆଣି ବୋଉଙ୍କ ଆଖିରେ ଛାଟିଲେ ।

Digitized by srujanika@gmail.com

× × × ×

କିଛି ସମୟ ପରେ ଆଖି ଖୋଲିଲେ ନର୍ମଦା । ରଙ୍ଗଇତା ଶୋଇବା ପାଇଁ ଉଠିଯାଇଥିଲେ । ପାଖରେ ଜଗିବସିଥିଲେ ବିଭୁରଞ୍ଜନ ।

ନର୍ମଦା ସ୍ୱାମୀଙ୍କୁ ଗ୍ଧହିଁ ଟିକିଏ ହସିଲେ । ଆସ୍ତେ କହିଲେ, "ମୋ ଦୁଃଖିନୀ ରେବ ମନରେ କେବେ କଷ୍ଟ ଦେବନି ।"

ପତ୍ନୀଙ୍କ କଥାରେ କୌଣସି ଉତ୍ତର ନ ଦେଇ ବିଭୁରଞ୍ଜନ ତାଙ୍କ କପାଳରେ ହାତ ରଖିଲେ । ପାହାନ୍ତାର ଥଣ୍ଡାପବନରେ ନର୍ମଦା ଆଖିବୁଜି ଶାନ୍ତିରେ ଆଉ ଟିକେ ଶୋଇଯିବାକୁ ଚେଷ୍ଟା କଲେ ।

ଏ ସକାଳ ପାହିବା ପରେ ସୁଧୀରଞ୍ଜନଙ୍କ ପରିବାରରେ ସମସ୍ତେ କିପରି ଚୁପ୍‌ଚାପ୍ ହୋଇଯିବା ପରି ମନେ ହେଉଛନ୍ତି । ପୂର୍ବଗତିର ସେଇ ଗଗଗେଷ ଭୁଲି ବିଭୁ-ରଞ୍ଜନ ଶୀଘ୍ର ବିଛଣାରୁ ଉଠି ନିତ୍ୟକର୍ମ ଶେଷ କରି କଚେରୀଖଞ୍ଜାକୁ ଆସିବାକୁ ତରତର ହେଲେଣି । ଆଉ ଟିକେ ସମୟ ପରେ ଗୁମସ୍ତା ଆସି ପହଞ୍ଚିବେ । ଜରୁରୀ ଚିଠି ଖଣ୍ଡିଏ ଲେଖିବାକୁ ଅଛି । ସେ ନିଜେ ଲେଖିବେ । ସେ ଖଣ୍ଡକ ନ ଲେଖିବା ଯାଏ ତାଙ୍କର ଶାନ୍ତି ନାହିଁ । ମନରେ କେତେ କ'ଣ ଭବିଥିଲେ ସେ । ଭବିଥିଲେ ଏ ଗାଁ ପାଇଁ ସେ ନୂଆ କରି କିଛି କରିବେ । କିନ୍ତୁ କିଛି କରି ହେଲନି । ଏ ପିଲମାନଙ୍କ ପାଇଁ ସାରା ଜୀବନ ତାଙ୍କୁ ଘାଣ୍ଟି ହେବାକୁ ହେବ । ଅଥଚ ଏ ସବୁର ଯ'ଣ ମୂଲ୍ୟ ? କିଏ ବା କାହାର ? ସବୁ ମିଛ । କାହିଁ ଅଖିଳକୁ ଭଲ ମିଶେ ବଞ୍ଚେଇ ରଖି ପାରିଲେ ! ଏକମାତ୍ର କୁଳ-ପ୍ରଦୀପ, ସେ ତ ପୁଣି ଅବେଳରେ ଲିଭିଗଲ । 'ହା ପୁତ୍ର... ହା ପୁତ୍ର' କହି ସେଇ ଚିତାରେ ଝାସ ଦେଇଥିଲେ ବି ସେ ଆଉ ଫେରି ଆସି ପାରିଥାଆନ୍ତା କି ? ବଡ଼ ହେଲ କର୍ମ । କର୍ମ ହିଁ ଗର୍ବ, ଗୌରବ ସବୁ । କର୍ମ କରିଗଲେ ଏ ଜୀବ ଗ୍ଧଲିଗଲେ ବି ସେ ହେବେ ଚିର ଅମର । ସବୁ ବୃଥା ।

ସେ ତ କିଛି ଭୁଲ୍ ବିଗ୍ଧର କରି ନଥିଲେ । ଅଳ୍ପ ବୟସରୁ ଚିର ଜୀବନ ବୈଧବ୍ୟ ଯନ୍ତ୍ରଣା ଭୋଗିବାଠୁଁ ଆଉଥରେ ବିବାହ କରି ରେବ କ'ଣ ସୁଖୀ ହୋଇ ନ ଥାନ୍ତା ? ଅଜି ସିନା ବୁଝି ପାରୁନି । ସେ ଭବୁଛି ଏ ବାପ ତା'ର ଶତ୍ରୁ । ଯେତେ-ବେଳେ ପଛ କଥା ମନେ ପଡ଼ିବ, ସେତେବେଳକୁ ଆଉ କି ଉପାୟ ଥିବ ?

Digitized by srujanika@gmail.com

ଝିଅଟା କି ଉଦ୍ଧତ ! ଉପରକୁ ଯେତେ ନରମ ଜଣାଗଲେ ବି ଭିତରଟା ତା'ର କି କଠୋର ! ହଁ, ବିଧବା ଝିଅ । ବୋଝ ନୁହେଁ ତ କ'ଣ ? ସାରା ଜୀବନ ସେ ଘାଣ୍ଟି ହେବେ । ତାଙ୍କ ପରେ ତା' ଭାଇମାନେ......

ବିଭୁରଞ୍ଜନ ବଗିଚ୍ଚାରେ ବୁଲୁଛନ୍ତି । ମୁଣ୍ଡଟା ଅଯଥା ଚିନ୍ତାରେ ଭାରାକ୍ରାନ୍ତ ହୋଇଛି । ଗାଧୋଇ ଯିବାକୁ ବାହାରି ଏପର୍ଯ୍ୟନ୍ତ ସେ ଯାଇପାରୁ ନାହାନ୍ତି ।

ଠାକୁର ଘରେ ଘଣ୍ଟା ବାଜିବା ଶବ୍ଦରେ ସେ ଯେମିତି ଚମକି ପଡ଼ିଲେ । ଏଁ ଏତେ ବେଳ ହେଲାଣି !

ଅଳ୍ପ ସମୟ ତଳେ ସୁଧୀରଞ୍ଜନ ଦାନ୍ତକାଠି ଧରି ବାହାରେ ବସିଥିଲେ । ଅଥଚ ଗାଧୋଇ ପଡ଼ି ସେ ଠାକୁର ପୂଜା ସାରିଲେଣି । ରେବତୀ ଭୋଗଥାଳି ଧରି ବାହାରକୁ ଆସି ଭାଇ ଭାଉଣୀଙ୍କୁ ଖୋଜୁଛି । ଧୂଆ ବାଳତକ ପଛପଟେ ଖେଳେଇ ହୋଇ ପଡ଼ିଛି । ମୁଣ୍ଡରେ ଲୁଗା ନାହିଁ । ମୁହଁରେ ଗଭୀର ସେ ଉଦାସ ଭାବ କିଏ ଯେପରି ପୋଛି ଦେଇଛି । ପିଲାଙ୍କୁ ସେ ହସ ହସ ମୁହଁରେ ଭୋଗ ବାଣ୍ଟୁଛି । ଗାଁରୁ ଆସି ଆଉ କେତୋଟି ଛୁଆ ଠୁଳ ହୋଇଛନ୍ତି । ସମସ୍ତଙ୍କ ହାତରେ ଭୋଗ । ପୁଣି ଠାକୁର ଘରକୁ ବହି ପଢ଼ିବାକୁ ଚାଲିଗଲା ସେ । ପ୍ରତ୍ୟହ ସୁଧୀରଞ୍ଜନଙ୍କ ସଙ୍ଗେ ଗୀତା, ଭାଗବତ, ବିଷ୍ଣୁପୁରାଣ ପଢ଼ିବା ତା'ର ଅଭ୍ୟାସରେ ପଡ଼ି ଗଲାଣି । ତା'ର ନିରଳସ ଚେହେରା ବିଭୂରଞ୍ଜନଙ୍କ ଆଖିରେ ପଡ଼ିବା ମାତ୍ରକେ ସେ କିପରି ନିଜକୁ ଦୋଷୀ ମନେ କଲେ । ନା, ଏଭଳି ଝିଅକୁ ବାଧ୍ୟ କରିବା ତାଙ୍କର ଠିକ୍ ହୋଇନି । ଯାହା ତା' ଭାଗ୍ୟରେ ଥିବ । ଭାଗ୍ୟର ଅଭିଶାପକୁ ସେ ତ ହସି ହସି ଗ୍ରହଣ କରି ନେଇଛି । ସେ କାହିଁକି ବ୍ୟସ୍ତ ହେବେ ?

ଅଗଣାରୁ ଗାମୁଛା ଖଣ୍ଡକ ଟାଣିନେଇ ସେ କୂଅମୂଳ ଆଡ଼େ ଚାଲିଗଲେ । ସକାଳର ଖରା ଟାଣ ହେ'ଇ ଆସିଲାଣି । ବିଭୁରଞ୍ଜନ ତରତରରେ ପାଣି ତାଳି ହୋଇ ପଡ଼ିଲେ ।

ରଙ୍ଗଲତା ଜଙ୍ଘଖିଆ ବାଢ଼ି ବସିଛନ୍ତି । ବିଭୁରଞ୍ଜନ ଚୁପ୍‌ଚାପ୍ ଖାଇ ଉଠିଗଲେ । ସେ ପାଖରୁ ନର୍ମଦାଙ୍କ କ୍ଷୀଣ ସ୍ୱର ଶୁଣା ଯାଉଛି । "ନାହିଁ ମା', ସେ ପିତା ଔଷଧ ମୁଁ ଆଉ ଖାଇ ପାରିବିନି ।"

Digitized by srujanika@gmail.com

"ଖାଇବୁ ନାହିଁ ତ ଭଲ ହେବୁ କେମିତି ? ସବୁଦିନ କ'ଣ ଏମିତି ବିଛଣାରେ ପଡ଼ିଥିବୁ ? ତୁ ଉଠିଲୁ ବୋଉ, ଶାଢ଼ୀଟା ବଦଳେଇ ଟିକିଏ ଧୁଆଧୋଇ ପୋଛାପୋଛି କରିଦେବି ତୋତେ । ମିଶ୍ରି ପାଣି ପିଇ କେତେ ସମୟ ପଡ଼ିଥିବୁ ବିଛଣାରେ ?" ଖଟ ବାଡ଼ାକୁ ଧରି ଉଠି ଠିଆ ହେଲେ ନର୍ମଦା । ରେବତୀ ତାଙ୍କ ବିଛଣା ଝାଡ଼ି ଦେଇ ସଜାଡ଼ି ଦେଇ ଦେଲା, ମୁଣ୍ଡ ପାଖ ସାନ ଝରକା ଖୋଲି ଦେଇ କହିଲା, "କାଲି ସନ୍ଧ୍ୟାରେ ଖେଳି ସାରି ଆସି ଟୁନାଟା ଜରରେ ପଡ଼ିଛି !"

"ପିଲଟାକୁ ଜର କାହିଁକି ହେଲା ?" ବ୍ୟସ୍ତ ହେଲେ ନର୍ମଦା । "ତୁ କାହିଁକି ଚିନ୍ତା କରୁଛୁ ? ଏମିତି କେବେ ଜର ହେଲେ ପରଦିନ ସକାଳୁ ସେ ଭାତ ଖାଏ । କେଉଁଠି ଖରାରେ ବୁଲିବ, ଶୀତ ଲାଗିଲେ ଘୋଡ଼ି ହେବନି, ତା' ଦେହ ଖରାପ ହେବନି ତ ଆଉ କାହାର ହେବ ? ବରଂ କହ, ତୁ କେମିତି ଶୀଘ୍ର ଭଲ ହେବୁ ?"

ସେପାଖରୁ ରଙ୍ଗଲତା ମୁହଁ ଶୁଖେଇ ଆସି କହିଲେ, "ବୋହୂ, ଦେହଟା ଏତେ ସମୟ ଖୋଲା ରଖନା । ବ୍ଲାଉଜ ଖଣ୍ଡିଏ ପିନ୍ଧିପକା । କି ଥଣ୍ଡା ପଡ଼ିଛି କେଜାଣି, ଶୀତ ଛାଡ଼ିବା ବେଳକୁ ବାଘ ଭଳି ଶୀତ !"

ରେବତୀ ତରତର କରି ନର୍ମଦାଙ୍କ ଗୋଡ଼ ହାତ ପୋଛାପୋଛି କରି ଲୁଗାଟା ବଦଳେଇ ଦେଲା । ରଙ୍ଗଲତା ଚୂଡ଼ାଭଜା ଥାଳିଆ, ସାଗୁ ଗିଲାସକ ଟୁଲ ଖଣ୍ଡିଏ ଉପରେ ଯୋଉଠି ଔଷଧ ଶିଶି ସବୁ ଥୁଆ ହୋଇଛି ସେଇଠି ରଖିଦେଲେ । କହିଲେ, "ତୋ ବୋଉକୁ ଟିକେ ଖୁଆଇ ଦେ ଯା; ତେଣେ ଟୁନାଟା ଭାରୀ ବ୍ୟସ୍ତ ହଉଛି । ମୋତେ ପାଖରୁ ଛାଡୁନି । ମୁଁ ଆସେ !" ତରତରରେ ଆରପାଖ ଘରକୁ ଚାଲିଗଲେ ରଙ୍ଗଲତା ।

ସକାଳୁ ଉଠି ମେସିନ୍ ଭଳି ଖଟୁଛନ୍ତି ସେ । ଅନ୍ଧାର ଥିଲା ବିଛଣାରୁ ଉଠି ଚାକର ପୂଜାରୀ ଦୁହିଁଙ୍କୁ ଉଠେଇ ଦେଲେ ସେ । ଠାକୁର ଘର କାମ, ଘର ଓଳା, ଧୁଆ, ପୋଛା, ଛୁଆ ଦେବା କେତେ କାମ । ପୂଜାରୀ ଗାଧୋଇପଡ଼ି ଠାକୁର ଘର ଧୋଇ, ବାସନ ମାଜି ରଖି ପୁଣି ଗେଷେଇ ଘରକୁ ଯିବ । ସବୁବେଳେ ଚଉପାଢ଼ୀ ପାଖ ଘରଟାରେ କିଏ ନା କିଏ କୁଣିଆ ଆସିଥିବେ । ତାଙ୍କ ଖବର ବୁଝିବାରେ ଟିକିଏ ଉଣା ହୋଇଗଲେ, ବିଭୁରଞ୍ଜନଙ୍କ ରାଗ ପଞ୍ଚମକୁ ଉଠିଯିବ । ସବୁଆଡ଼କୁ ଜଗି ଚଳନ୍ତି ରଙ୍ଗଲତା ।

ବୋହୂଟା ପଡ଼ିବା ଦିନରୁ ତାଙ୍କ ମନରେ ଟିକିଏ ବି ଶାନ୍ତି ନାହିଁ । ବିଭୁରଞ୍ଜନ ଘରେ ଥିଲେ ତାଙ୍କର ହଜାରେ କାମ । ଘଡ଼ିକି ଘଡ଼ି ଚା', ସରବତ, ପାନଭଙ୍ଗା,

Digitized by srujanika@gmail.com

ଟାଇମ୍‌ରେ ଜଳଖିଆ, ଗାଧୁଆବେଳେ ଭାତ ଖାଉଥିବେ, ରାତି ଡେରିରେ ସମସ୍ତଙ୍କ ପଛରେ ସେ ଖାଇ ବସିବେ । ଜଗି ବସୁଥିଲେ ନର୍ମଦା । ଦେହ ଖରାପ ଦିନରୁ ରଙ୍ଗ-ଲତା ନ ଶୋଇ ସେମିତି ଗଡ଼ପଡ଼ ହେଇ ବିଭୂରଞ୍ଜନଙ୍କ ଡ଼ାକକୁ ଚାହିଁ ବସିଥିବେ । ରେବତୀ ଆସିବା ଦିନରୁ ଅଧେ କାମ ହାତରୁ ଛଡ଼େଇ କରି ନେଉଛି । କିନ୍ତୁ ଦୁଇ ତିନିଦିନ ହେଲା କ'ଣ ହେଇଛି କେଜାଣି କୁମୁଦ ଉପରେ ପଡ଼ି ବିଭୂରଞ୍ଜନଙ୍କର ସବୁ କାମ କରି ଦେଉଛି ।

ଅଲକ୍ଷଣୀ ରାଜରାଣୀ ଯଦି ସାଆନ୍ତାଣୀ ହେବାକୁ ମନ କରିବ, ସେ ଘରେ ଲକ୍ଷ୍ମୀ ରହିବେ ଟି ! ମନକୁ ମନ ଗୁଣୁଗୁଣୁ ହେଉଥିଲେ ରଙ୍ଗଲତା ।

ସକାଳ ଜଳଖିଆ ଖାଇ ସାରି ପାନ ଡବାଏ ଧରି ଚଉପାଢ଼ୀରେ ବସିଛନ୍ତି ବିଭୂରଞ୍ଜନ । ପାଖରେ ପଂଝାଏ ଖୋସାମତିଆ । ଦୁନିଆ ଯାକର ଗପ ।

ଟୁନାର ଶୁଖିଲା ଚଲୁଆ ମୁହଁକୁ ଚାହିଁ ରଙ୍ଗଲତାଙ୍କ ମନରୁ ସବୁ ରାଗ ଯାଇ ବିଭୂରଞ୍ଜନଙ୍କ ଉପରେ ଠୁଳ ହେଲା ।

ତାଙ୍କ ସ୍ୱର କାନରେ ବାଜୁଛି । "ଆରେ, ଏ ଦଶଖଣ୍ଡ ମୌଜାରେ ଜମିଦାର ବିଭୂରଞ୍ଜନ ଦାଶଙ୍କ ସମକକ୍ଷ କିଏ ଅଛି ?"

"ନାଇଁ ସାଆନ୍ତେ କିଏ ଆଉ ଅଛି......"

"ହଜୁରଙ୍କ ଭଳି କେହି ନାହିଁ ।"

"କିହୋ, ସେ ଶଳା ସବୁ ମଲେଣି ।"

"ଠିକ୍ କଥା ହଜୁର, କେହି ହେଲେ ବଞ୍ଚି ନାହିଁ ।"

"କି ରେ ଭକ୍ତ, ତୁ ବଞ୍ଚିଛୁ ?"

"ନାଇଁ ହଜୁର, ମରି ସାରିଲିଣି ।"

"ଗୋବିନ୍ଦା, ତୁ ?"

"ସାଆନ୍ତେ, ମୁଁ ବି ମରି ସାରିଛି ।"

"ଆରେ କିଏ ଅଛରେ ? ନଡ଼ିଆ ଦି'ଗଣ୍ଡା ଆଣି ଦିଅ ଏ ଭକ୍ତ ଆଉ ଗୋବିନ୍ଦାକୁ ।"

କି ଅକର୍ମା ଗପ ଚାଲିଛି ! ଆଉ ମଝିରେ ମଝିରେ "ଆଲୋ କୁମୁଦ ଚା' ଆଣ" ବୋଲି ବିଭୂରଞ୍ଜନ ଡାକ ଛାଡ଼ୁଛନ୍ତି । ସେ ଅଲକ୍ଷଣୀ ପୂଝାରୀ ସାଙ୍ଗେ କଟାକ୍ଷ କରି ଚା' ଗିଲାସ ଧରି କେତେ ଧମଧମ ଚାଲିରେ ଚଉପାଢ଼ୀକୁ ଯାଉଛି, ଦେଖ ।

Digitized by srujanika@gmail.com

ଆଖିରେ କଜଳ, କପାଳରେ ପଇସାଟାକର ସିନ୍ଦୂର ଟୋପା, ପାଟିରେ ପାନଖିଲ, ଗୋଲାପି ଖଦୀ ଶାଢ଼ୀ ଖଣ୍ଡକ ପାଦ ଚଳକୁ ପିନ୍ଧା ହୋଇଛି । ଓହୋ ସତେକି ସହରିଆଣୀ ବୁଲି ଆସିଛନ୍ତି ! କିଏ କହିବ ସେ ଘରକରଣୀ ! ହଁ, ସହରିଆଣୀ ନୁହେଁ ତ ଆଉ କ'ଣ ? କଲିକତାରେ ରହୁଥିଲା, ଗେରସ୍ତ ସାଙ୍ଗରେ କଳି କରି ଚାଲି ଆସିଲା କାହିଁକି ? ଆମ ମୁଣ୍ଡ ଖାଇବାକୁ ? ଗୁମାସ୍ତାଏ ଖୁବ୍ ଲଢୁଥିଲେ ତା' ପାଇଁ । ବାବୁ, ବଡ଼ ନିଘୀ-ମାର୍ଖିଟାଏ । ଗେରସ୍ତ ଜେଣେ ଆଉ ଗୋଟାଏ ରଖିଛି । ଯାକୁ ତା' ଘରକରଣୀ କାମ କରିବାକୁ ଗାଁରୁ ଡକେଇ ନେଲା । ଶେଷକୁ ମାଡ଼ ଗାଳି ଦେଇ ତଡ଼ି ଦେଇଛି । ମାଇକିନାର କି ସକ ସକ ନକଲି କାନ୍ଦ !

ରଙ୍ଗଲତାଙ୍କର ମନ ହେଉଥିଲା କହିବାକୁ, "ନାଇଁ ନାଇଁ, ଆମ ଘରେ କି କାମ ଅଛି ସେ କରିବ ? ତାକୁ ସେ କରଣ ସାଇକୁ ପଠେଇଦିଅ, ଗୁମାସ୍ତାଏ ।"

ବିଭୁରଞ୍ଜନ ପଚାରୁଛନ୍ତି, "ବୋଉ, ଏ ରହୁ ଆମ ଘରେ । ଗଣ୍ଡାଏ ଖାଇବ । ବର୍ଷକୁ ଲୁଗା ଦି'ଖଣ୍ଡ ପିନ୍ଧିବ ତ । ତୁ କ'ଣ କହୁଛୁ ?"

କେତେକଥା ଭାବୁଥିଲେ ରଙ୍ଗଲତା । କିନ୍ତୁ ପୁଅକୁ ପଦଟିଏ 'ନା, ଦରକାର ନାହିଁ' ଏତକ କହି ପାରିଲେ ନାହିଁ । ତାଙ୍କର ସେ ଗମ୍ଭୀର ମୁହଁରୁ 'ନା' ଉତ୍ତର ବୁଝିଗଲେ ବିଭୁରଞ୍ଜନ । ଟିକିଏ ଭାବିଚିନ୍ତି କହିଲେ, "ଘରେ କାମଦାମ ଗୋଟେଇ ଗୋଟେଇ କରିବୁ । ଏ ଘରେ ତୁ ଜଣେ ହୋଇ ରହିବୁ । ବସିଲେ ଚଳିବନି । ହଁ ବୋଉ, ତୋ ବୋହୂର ଦେହ ଖରାପ, ତା' ଦେହ ମୁଣ୍ଡରେ ହାତ ମାରିବ କିଏ ? ବୁଝିଲୁ କୁମୁଦ, ବୋହୂମା'ଙ୍କର ଦେହ ଅସୁଖ । ତାଙ୍କୁ ଜଗିବସିବା କାମ ତୋର । ବୁଝିଲୁ ତ ?"

ବିଭୁରଞ୍ଜନ ତ ନିଜେ ସବୁ ଠିକ୍ କରିଦେଲେ ଆଉ ତାଙ୍କୁ ପଚାରୁଥିଲେ କାହିଁକି ? ରଙ୍ଗଲତାଙ୍କ ମନଟା ଅଶାନ୍ତି, ଅଭିମାନରେ ଥରି ଉଠିଲା ।

ଇଏ ଆସିଥିଲା କୁଆଡ଼େ ବୋହୂମା'ଙ୍କ ସେବା କରିବାକୁ ! ଯେତେବେଳେ ଦେଖିବ କ'ଣ ନା କୁମୁଦ ବାବୁଘର ଝାଡୁଛି, ବିଛଣା ପକାଉଛି । ବାବୁଙ୍କ ପାଇଁ ପାନ ଭାଙ୍ଗୁଛି, ଲୁଗାପଟା ଚଉତି ଅଳଗୁଣିରେ ରଖୁଛି । ସେଦିନ ରାତି ଅଧରେ ଦର-ବୁଢ଼ୀ ରାମ ଆସି ଯୋଉ କଥା କହିଲା, ଛିଃ ଛିଃ । ବୋହୂଟା ଶୁଣିଲେ ତା' ମନ କ'ଣ ହେବ ? ଦେହ ଅସୁଖ ହେବାରୁ ସେ ସିନା ତା' ଶୋଇଲାଘର ଛାଡ଼ି ଏ କଣିକିଆ ଘରକୁ ଉଠି ଆସିଲା । ରଙ୍ଗଲତାଙ୍କ ଆଖି ସଜଳ ହେଲା । ରାମ କହିଲା, "ହେଇଟି ମା', ସେ

Digitized by srujanika@gmail.com

ମାଇକିନା ମତେ ସେଠୁ ତଡ଼ିଦେଇ କହୁଛି, "ମଲ ଠିଆହୋଇ ଏଠି ଦେଖୁଛୁ କ'ଣ ? ମୁଁ ପର ବାବୁଙ୍କୁ ମୋଡ଼ି ଦଉଛି । ଯାଉନୁ, ତେଣେ କ'ଣ ତୋର କାମ ନାହିଁ ?" ବାବୁ କଅଁଳେଇ କହୁଛନ୍ତି, "ଯାରେ ରାମ, ଏତେ ରାତିରେ କି କାମ କରିବୁ ? ଶୋଇ-ପଡ଼ । କୁମୁଦ ତ ମୋଡ଼ିଦେଇ ସାରିଲଣି । ମୋର ଆଉ ଦରକାର ନାହିଁ ।"

ସେଇ ଖୋଲା ଅଗଣାଟାରେ ରାତି ଅଧରେ ମୁଣ୍ଡରେ ହାତ ଦେଇ ବସିବାକୁ ଇଚ୍ଛା ହେଲା ରଙ୍ଗଲତାଙ୍କର । ରାମକୁ ବହୁ କଷ୍ଟରେ ସେ କହିଲେ, "ଯା ଶୋଇବୁ ।" ରଙ୍ଗଲତା ନାତି, ନାତୁଣୀଙ୍କ ମେଳରେ ଆଖି ବୁଜି ଢେର ବେଳ ପର୍ଯ୍ୟନ୍ତ ଯେମିତି ପଡ଼ି ରହିଲେ । ତାଙ୍କ ଆଖିରେ ନିଦ ନ ଥିଲା ।

ମନେପଡ଼ୁଛି, ଗତ କାଲି ଏଇବେଳେ ରେବ କହିଲା, "କୁମୁଦ, ବୋଉର ଏ ପାଲଟା ଶାଢ଼ୀଟା ନେ, ସାବୁନ ଦେଇ କାଚି ଶୁଖେଇ ଦେବୁ ।"

"ମଲା, ତମେ ସେତକ କରିପାରୁନ । ତେଣେ ବାବୁ ପାନ ବଟାଟା ଧରେଇ ଦେଇ ଯାଇଛନ୍ତି କୋଉ ବେଳୁ ଯେ ଏଯାଏ ପାନ ଦି'ଖଣ୍ଡ ଭାଙ୍ଗି ପାରୁନି । ଏଣେ ପୂଜାରୀ ନନା କାମ ଉପରେ କାମ ବରାଦ କରିଦେଉଛି ।" ରେବତୀ ଯାହା ଜିଦ୍ ଧରିଥିବ ସେଇୟା । ସେ ଜାଣିଛି ଇଏ ଏ ଘରେ ରହିଲା କାହିଁକି ? ଅନ୍ୟ କାମର ଆଳ ଦେଖାଇ ବୋଉ କାମତକ ଆଡ଼େଇ ଦେଉଛି ! ମୁହଁ ଉପରେ ରାଗର ଚିହ୍ନ ଲେଶମାତ୍ର ନ ଦେଖେଇ ସେ କହିଲା, "ଦଉନୁ ପାନ ଡବା, ମୁଁ ଭାଙ୍ଗି ଦେଉଛି । ତୁ ଯା ଶାଢ଼ୀଟା କାଚି ଶୁଖେଇ ଦେ ।" "ନଉନ ନିଅ, ମୁଁ କ'ଣ ମନା କରୁଛି ।" ଫଣ ଫଣ ମୁହଁରେ ପାନବଟାଟା ସେଇ ପାନଡାଲା ପାଖରେ ଫୋପାଡ଼ି ଦେଲା ସେ । ସେପାଖରୁ ଆସୁ-ଥିଲେ ବିଭୁରଞ୍ଜନ । ବିରକ୍ତିରେ କହିଲେ, "କ'ଣ କରୁଥିଲୁ, ଏଯାଏ ପାନ ଦି'ଖଣ୍ଡ ଭାଙ୍ଗି ପାରିଲୁନି ?"

"ନାନୀ ଭାଙ୍ଗିଦେବେ କହୁଛନ୍ତି । ମୁଁ ଯାଉଚି ଲୁଗା କାଚିବାକୁ ।"

"ତତେ ଲୁଗା କାଚିବାକୁ କିଏ କହିଲା ? ଜଲଦି ପାନ ଆଗ ଭାଙ୍ଗି ନେଇଆ ।" ବିଭୁରଞ୍ଜନ ଏତିକି କହି ଶୀଘ୍ର ଚଉପାଢ଼ୀକୁ ଚାଲିଗଲେ ।

ରେବତୀକୁ ଏସବୁ କିଛି ଭଲ ଲାଗିଲାନି । ତଥାପି କାହାକୁ କିଛି ନ କହି ବୋଉ ଲୁଗା ନେଇ ସିଧା ଚାଲିଗଲା ସେ କୂଅମୂଳକୁ । ରଙ୍ଗଲତାଙ୍କର ଆଖି ଆଗରେ ଏସବୁ ଘଟଣା ଘଟିଗଲା । ରେବ ଭଳି ଝିଅ ସବୁ ଦେଖି ଶୁଣି ନୀରବ ରହିଲା । ଆଉ ସେ ତ କେତେ କ'ଣ ସୁଖ, ଦୁଃଖ ଅନୁଭବ କରି ସଂସାରଟାକୁ ଚିହ୍ନି ସାରିଲେଣି ।

Digitized by srujanika@gmail.com

ପାଟି କରି କାହିଁକି ଅଶାନ୍ତି ବଢ଼େଇବେ ? ସ୍ୱାମୀ ସୁଧୀରଞ୍ଜନ ଏବେ ଉଦାସୀନ ଭବରେ ଚଳୁଛନ୍ତି । ହଉ, ଗୋପାଳ ଅଛନ୍ତି । ଯାହା ତାଙ୍କ ଇଚ୍ଛା ।

ରାତି କେତେ ହେବ କେଜାଣି, ବିଭୁରଞ୍ଜନଙ୍କ ହସ, ପାଟି ଶୁଣାଯାଉଥିଲା ଚଉପାଢ଼ୀ ଖଞ୍ଜାରୁ । ଘରେ ବୋଧହୁଏ ସମସ୍ତେ ଶୋଇ ସାରିଲେଣି । ଟୁନାର ଜର ବଢ଼ିଛି । ରଙ୍ଗଲତାକୁ ତା' ପାଖରେ ବସାଇ ନର୍ମଦାଙ୍କ କୋଠରୀରେ ସପ ଖଣ୍ଡିଏ ପକାଇ ଗଡୁଛି ରେବତୀ । ବାପା ଆସି ଖାଇବାକୁ ମାଗିଲେ ସେ ବାଢ଼ିଦେବ । ତା'ପରେ ଟୁନାକଥା କହିବ କି ନାହିଁ ଚିନ୍ତା କରୁଛି ସେ । ଠିକ୍ ଏତିକିବେଳେ ଦେଖିଲା ତେଣେ ରୋଷେଇଘର ଖଞ୍ଜାରେ ଆସନ ପକେଇ ପାଣି ରଖୁଛି କୁମୁଦ । ସେପାଖରୁ କଠଉର ଶବ୍ଦ ଶୁଣାଗଲାଣି । ରେବତୀ ମୁହଁ ଧୋଇପକେଇ ରୋଷେଇଘର ଚୁଲି ପାଖରୁ ପୁରୀ, ତରକାରୀ, ଭଜା, ଖିରୀ ଆଣି ବାଢ଼ିଦେଲା ବାପାଙ୍କୁ ।

ସେପାଖରେ ଠିଆହୋଇ କୁମୁଦ ବଳେଇ ଖୁଆଉଛି ବିଭୁରଞ୍ଜନଙ୍କୁ । ପୁଣି ମୁରବିଙ୍କ ଭଳି କହୁଛି, "ଆଉଟିକେ ତରକାରୀ ଦିଅ ମ, ତମ ହାତ ଯାଉନି କି ?"

ଇସ୍, କୁଆଡୁ ବାହାରୁ ଆସି ପଶିଛି, ଗୋଟାପଣେ ନିଜର କରି କଥା କହୁଛି, ଅଥଚ ସବୁ ଶୁଣି ବାପା ସେମିତି ନୀରବ ରହୁଛନ୍ତି । ମନ ଥିଲେ ବି ରେବତୀ ପଗ୍ଗରି ପାରିଲାନି, "ବାପା ଆଉ କ'ଣ ଦେବି କି ?" ସେଠାରୁ ତରତରରେ ନର୍ମଦାଙ୍କ କୋଠରୀକୁ ଗ୍ଲଲିଗଲା ସେ ।

କଲେଜରୁ ଫେରି ଖୁବ୍ ଶୀଘ୍ର ସାଇକେଲ ଛୁଟାଇ ଆସୁଛି ସୁରେଶ । ସାରାଦିନ ଅସ୍ଥିରତାରେ ବିତିଯିବା ପରେ ଶେଷରେ ସେ ସ୍ଥିର କଲା— ନା ଥାଉ, ଲୁଗ୍ଇ ଲାଭ କ'ଣ ? ଯାହା ମନରେ ବାରମ୍ବାର ତା'କୁ ବିଚଳିତ କରୁଛି, ଥରେ କହିଦେଲେ ସେ ଶାନ୍ତି ପାଇପାରିବ । ଆଜି କହିବ ନିଶ୍ଚୟ, ବୋଉ ମନଦୁଃଖ କରିପାରେ । ବାପା ମଧ୍ୟ କେତେ କ'ଣ ଭବିଥିବେ ତା' ବିବାହ ବିଷୟରେ... କିନ୍ତୁ ସେ ଯାହା ସ୍ଥିର କରିଛି ?

"ସାଇକେଲଟା ଧରି କ'ଣ ଏତେ ଭବୁଛୁ, ସୁର ? ଘରକୁ ଆ' । ଭୋକରେ ମୁହଁ ଶୁଖି ଗଲାଣି, ଏତେ ଡେରିକଲୁ ?" ବାରଣ୍ଡା ଉପରେ ହଠାତ୍ ଏମିତି ବୋଉଙ୍କୁ

Digitized by srujanika@gmail.com

ଦେଖିବ ବୋଲି ସୁରେଶ ଆଦୌ ଭବି ନ ଥିଲା । ଏତେ କଥା କହିବ ବୋଲି ଯାହା ଭବିଥିଲା, ମା'ର ହସ ହସ ମୁହଁ ଦେଖିବା ପରେ ସବୁ ଯେମିତି ତଣ୍ଟି ସେପାଖରୁ ଫେରିଯାଉଛି ।

କନକ ଅଧିକ କିଛି ନ ପଗ୍ଚରି ଘର ଭିତରକୁ ପଶି ଯାଉ ଯାଉ କହିଲେ, "ଗୋଡ଼ହାତ ଧୋଇ ଶୀଘ୍ର ଆ । ମୁଁ ଖାଇବାକୁ ବାଢୁଛି ।"

"ହଁ, ଯାଉଛି ।" ସାଇକେଲ ରଖି ସୁର ପଢ଼ାଘର ଭିତରକୁ ବହି ରଖିବାକୁ ଯାଇ ଦେଖେ ତ ତା' ଟେବୁଲ ଉପରେ ଦୁଇ ତିନିଖଣ୍ଡ ଚିଠି ଥୁଆ ହୋଇଛି । ସବୁଦିନ ଡାକବାଲା ଚିଠି ଦେଇଯାଏ, ବୋଉ ତାକୁ ଏମିତି ଟେବୁଲ ଉପରେ ସାଇତି ଦିଏ । ବିଭୁମଉସାଙ୍କ ଚିଠି ! ଚିଠିଖଣ୍ଡକ ତରତରରେ ଚିରି ପଢ଼ି ବସିଲା ସୁରେଶ ।

ଟିକିଏ ସମୟ ପୂର୍ବର ମନର ସେ ଉତ୍ତେଜନା ଅକସ୍ମାତ ଯେପରି ଶାନ୍ତ ହୋଇ ଯାଇଥିଲା । ନିଜକୁ ହଜେଇ ଦେଇ ବହୁତ ଦିନ ପରେ ଫେରି ପାଇବା ଭଳି ଚମକି ପଡ଼ିଲା ସେ । ସୁରେଶ, ତୋ ଉପରେ କେତେ ଦାୟିତ୍ୱ, ତୋର କେତେ କାମ କରିବାକୁ ରହିଛି । ଅଥଚ ଏଇ କେତେଦିନ ହେଲଣି ଗୋଟିଏ ଝିଅ ଚିନ୍ତାରେ ନିଜର ଦେହ, ମନକୁ ତୁ କ୍ଷତବିକ୍ଷତ କରି ବନ୍ଦୀ କରି ରଖୁଛୁ । ଏମିତି ଅସହାୟା ଝିଅଟିଏ ବିବାହ କରିବାକୁ ଇଚ୍ଛା କଲେ, ତୁ ନିଶ୍ଚୟ ସହଜରେ ପାଇ ପାରିବୁ । ନା— ନିଜକୁ ଫାଙ୍କି ପାରିବୁନି । ଏ କଥା ସତ ଯେ ତୁ ରେବତୀକୁ ପ୍ରଥମ ଦେଖାରେହିଁ ଭଲପାଇଛୁ । ହୋଇପାରେ ତା'ର ସରଳ ସୌନ୍ଦର୍ଯ୍ୟ, ଅକାଳବୈଧବ୍ୟ ତୋ ମନକୁ ଆହୁରି ଅଧିକ ସ୍ପର୍ଶ କରିଛି । ଆସକ୍ତି ! ହଁ... ହୋଇପାରେ, କିନ୍ତୁ ନିଜକୁ ଏମିତି ଭୁଲିଯିବା ଠିକ୍ ତ ?

ସୁରେଶ ହସୁଛି । ଧୀରେ ଧୀରେ ସେ ହସ କିମିତି ତାକୁ ଆହୁରି କରୁଣ ଶୁଣା ଯାଉଛି । ତା'ର ମନେହେଲା, ସନ୍ଧ୍ୟା ଅନ୍ଧାରରେ ଧଳା କାନ୍ଥର ରୂପେଲି ପରଦାରେ ଚଳଚ୍ଚିତ୍ର ଛବି ପରି ଠିଆ ହେଇଛି ରେବତୀ । ବ୍ୟଥାତୁର କଣ୍ଠରେ କହୁଛି, "ମୋ ଜୀବନରେ ଅଶ୍ୱିନଙ୍କ ସ୍ମୃତିକୁ ସମ୍ବଳ କରି ସାରଜୀବନ ମୁଁ ଏମିତି କଟେଇ ଦେବି ବୋଲି ସ୍ଥିର କରିଛି । ତୁମେ ମୋତେ ଭୁଲ୍ ବୁଝନା......"

"ରେବତୀ......" ସୁରେଶ ଧୀର କଣ୍ଠରେ ଉଚ୍ଚାରଣ କରୁଥିଲା ।

Digitized by srujanika@gmail.com

"ମତେ କ୍ଷମା କର, ରେବତୀ ।" ନିଜ ମନକୁ ସାନ୍ତ୍ୱନା ଦେବାକୁ ଯାଇ ଆଉ ଥରେ ଦୁଃଖରେ ଅଧୀର ହୋଇ ପଡ଼ିଲା ସୁରେଶ । କୋଠରୀର ସେଇ ଅନ୍ଧକାରରେ ପଢ଼ା ଟେବୁଲ ଉପରେ ମୁଣ୍ଡ ରଖି ଅନେକକ୍ଷଣ ପର୍ଯ୍ୟନ୍ତ ବସିରହିଲା ସେ ।

ସକାଳୁ ଉଠି ଗାଧୋଇ ପଡ଼ିଛି କୁମୁଦ । ସେ ଜାଣିଛି, ଥରେ ଯଦି ସେ ଗାଧୋଇବା ବନ୍ଦ କରି ବାସି କାମ କରି ବସିବ, ଦିନସାରା ବିତିଗଲେ ବି ଆଉ ଗାଧୋଇବାକୁ ବେଳ ହେବନି । ତରତରରେ ଗାଧୁଆ ସାରି ଶିବ ମନ୍ଦିର ଆଡ଼େ ଧାଇଁଛି ସେ । ରଙ୍ଗଲତାଙ୍କର ବରାଦ, ପୂଜାରୀକୁ ଫୁଲ, ଚନ୍ଦନ, ନଡ଼ିଆ ଦେଇସାରି ସେ ଗ୍ରାମ-ଦେବୀ ମଙ୍ଗଳାଙ୍କ ପାଖକୁ ଯାଇ କେବଳ ଫୁଲଡ଼ାଲଟା ଦେଇ ଆସିବ । କୁମୁଦ ଧାଇଁଛି ବିଘ୍ନେଶ୍ୱରଙ୍କ ମନ୍ଦିର ଆଡ଼େ । ପଛରୁ କିଏ ପାଟି କରି ଡାକୁଛି, "ଏତେ ସକାଳୁ କୁଆଡ଼େ ଯାଉଛୁ, କୁମୁଦ ?" କୁମୁଦ ମୁହଁ ବୁଲେଇ ଦେଖେ ତ ଦାଶଘର ସାଆନ୍ତାଣୀ ନଇବନ୍ଧ ଆଡୁ ଓଦାଲୁଗା ଗୋଛାଏ ଧରି ଆସୁଛନ୍ତି ।

"କିଓ ମା', ତମେ ଏତେ ସକାଳୁ ଗାଧୋଇ ପଡ଼ିଲଣି ! ଆଉ ମତେ କ'ଣ କହୁଛ ?" "ସକାଳୁ ଗାଧୁଆ ନ ସାରିଲେ ନାତି, ନାତୁଣୀ ଦୁହିଁଙ୍କୁ ଧରି ବସିବ କିଏ ? ତା' ମା' ତ ତାଙ୍କୁ ଛାଡ଼ି କିଛି କାମ କରି ପାରିବ ନାହିଁ । ମୁଁ ଜଗିଲେ ଗାଧୁଆ ସାରି ହାଣ୍ଡିଶାଳକୁ ଯିବ । ଏଡ଼ିକି ଚଗଲା ହୋଇଛନ୍ତି ସେ ଦୁଇଟା ଯାକ, ଘରସାରା ଲୋକଙ୍କୁ କାମରେ ଲଗେଇ ଦେଉଛନ୍ତି ।" "ତୁମ ଘରଆଡ଼େ ଯିବା ପାଇଁ ଟିକିଏ ମନ ଯେ, ଏ ଘରେ କାମ ଛିଣ୍ଡୁଛି ନା ମୁଁ କୁଆଡ଼େ ଯିବି ? ସବୁବେଳେ ତ ମା'ଙ୍କର ଏଡ଼େ ବଡ଼ ମୁହଁ ମୋ ଉପରେ ।"

"କାହିଁକି କ'ଣ ହେଲା କି ? ତୁ କ'ଣ କଲୁ ଯେ ତାଙ୍କର ରାଗ ?"

"କ'ଣ କରୁଛି ! ହେଇ ଦେଖୁନ । ବାବୁଘରେ ଦୁଇଜଣ ରୋଗୀ । ତାଙ୍କ ସାନପୁଅ ଆଉ ବୋହୂମା' ।" କାଲି ତ ଦିନଠୁ ହିଁ ବସି ବସି ରାତି ପାହିଲା, ଘରସାରା କାହାରି ଆଖିରେ ନିଦ ନାହିଁ । କାଲିଠୁଁ ଲୋକ ଚିଠି ନେଇ ଯାଇଛି କଟକରୁ ଡାକ୍ତର-ବାବୁଙ୍କୁ ଡାକି ଆଣିବ ?"

"ଏଁ ମତେ କହିନୁ ଏଯାଏ ? ସୁରିବୋଉ ସେଦିନରୁ ବିଛଣାରୁ ଉଠିନି ?"

Digitized by srujanika@gmail.com

"ବିଛଣାରୁ କ'ଣ ଉଠିବେ ? ଦିନକୁ ଦିନ ତ ସେ ବିଛଣାରେ ମିଶି ଗଲେଣି । ହେଇପର ଧାଇଁଥିଲି ବିଘ୍ନେଶ୍ୱରଙ୍କ ମନ୍ଦିରକୁ । ମା'ଙ୍କର ବଗଦ ସେଠୁ ପୁଣି ଯିବି ମଙ୍ଗଳାଙ୍କ ପାଖକୁ । ସେଠି ମାନସିକ କରିଛନ୍ତି । ଆଜି କ'ଣ ହୋମଯଜ୍ଞ ହେବ ଯେ... ।"

"ଭଲ ଡାକ୍ତର କାହାକୁ ଦେଖେଇଲେ ସିନା ହବ ।"

"ହଁ ଡାକ୍ତର କ'ଣ କରିବ ମା', ଠାକୁରେ ଗ୍ରହିଁଲେ ସବୁ ହେବ । ବୋହୂମା' ତ ସରିଗଲେ ସେ ଝିଅଟା ପାଇଁ ।"

"ହଁ, ମା' ମନ ଯେତେ ବୁଝେଇଲେ ବୁଝୁଛି କୋଉଠୁ ?" ଦାଶ ଘର ମାଉସୀଙ୍କର ବ୍ୟଥାଭରା ମୁହଁକୁ ସେମିତି ଗ୍ରହିଁ ଠିଆ ହୋଇଥିଲା କୁମୁଦ । କଥା ଶେଷରେ ତରତର ହୋଇ କହିଲା, "ମୁଁ ଯାଏ, ତେଣେ ଡେରି ହୋଇଯିବ ।"

"ମୁଁ ଆଜି ଯିବି ଯେ ତୁମ ମାଇଆଡ଼େ । ଏ କଥା ଶୁଣି ମୋ ମନ ଠିକ୍ ନାହିଁ ଲୋ କୁମୁଦ । ଆହା, ଲୋକକୁ ଭଗବାନଙ୍କର ପୁଣି ଏ ଦଣ୍ଡ । କେଡ଼େ ନିର୍ମାୟା ସେ ସୁରିବୋଉ । କାହାକୁ ପାଟି କରି ପଦେ କଥା କହିବାର କିଏ ଶୁଣିଛି ଭଲା, ଧୀର ଶାନ୍ତ ମଣିଷଟିଏ । ଦିନରାତି ତା'ର ସେଇ ଘର, ଛୁଆପିଲାଙ୍କ କଥା । ପୁଣି ବାରମାସରେ ତେର ଓଷାବ୍ରତ ଲାଗି ରହିଥାଏ । ଆହା ଠାକୁରେ, ତୁମେ ଦୟାବନ୍ତ । ତୁମେ ରଖିଲେ ରଖିବ ।" ସୂର୍ଯ୍ୟଙ୍କୁ ହାତ ଯୋଡ଼ିଲେ ସେ । କୁମୁଦ ନଡ଼ିଆ ନେଇ ମନ୍ଦିର ଭିତରେ ପଶିଲା ।

ଘରେ କାହାରି ମନରେ ସୁଖ ନାହିଁ । ବିଭୁରଞ୍ଜନଙ୍କ ଟାଣୁଆ ମନ ବରଫ ଭଳି ତରଳି ଯାଉଛି । ସେ ଘରେ ଟୁନା ଜ୍ୱରରେ କମ୍ପୁଛି । କି ଜ୍ୱର କେଜାଣି କୌଣସି ଔଷଧ ଧରୁନି । ସକାଳଟାରୁ ଦେହରେ ତାତି ଖଇ ଫୁଟୁଛି । ଆର ପାଖ ଘରେ ସର୍ବଂସହା ଧରିତ୍ରୀ ପରି ବିଛଣାରେ ପଡ଼ି ରହିଛନ୍ତି ନର୍ମଦା । ଗତ ରାତିରେ ଘଡ଼ିକୁ ଘଡ଼ି ସେ ମଣିଷ ଚିହ୍ନି ପାରୁ ନ ଥିଲେ । ସକାଳୁ ଟିକିଏ ଆଖି ଖୋଲି ଗ୍ରହୁଁଛନ୍ତି ।

ଘର ଭିତରେ ଦୁଇଜଣ ରୋଗୀ । ଖାଇବା ପିଇବା କାହାର ଠିକ୍ ରହୁନି । ରଙ୍ଗଲତା ଦାଣ୍ଡରୁ ଘରକୁ ପାଞ୍ଚଥର ଯିବା ଆସିବା କଲେଣି । ସୁଧୀରଞ୍ଜନ ଅସହାୟ ଅକର୍ମଣ୍ୟ ବୃଦ୍ଧଟିଏ ପରି ସେଇ ଚଉକିଟାରେ ଅଧାଶୁଆ ଅବସ୍ଥାରେ ପଡ଼ି ରହି ସମସ୍ତଙ୍କୁ ଳଳ ଳଳ କରି ଗ୍ରହୁଁଛନ୍ତି । ମଝିରେ ଖାଲି ଥରେ ଥରେ ପଗ୍ରରି ଦେଉଛନ୍ତି, "ଗୁମାସ୍ତା ଫେରିଲେ କଟକରୁ ?"

Digitized by srujanika@gmail.com

ବିଭୁରଞ୍ଜନ ଭଗବାନ୍ତ ମନରେ ରଙ୍ଗଲତାଙ୍କ ପାଖକୁ ଆସୁଛନ୍ତି । କ'ଣ କହିବେ କହିବେ ହୋଇ ଅଟକି ଯାଉଛନ୍ତି । ତାଙ୍କ ପାଟିରେ କଥା ନାହିଁ । ରେବତୀ ନର୍ମଦାଙ୍କ ପାଖକୁ ଯାଇ ଚୂନାର ମୁଣ୍ଡ ଧୋଇ ଦେଉଛି ।

ସ୍ୱପ୍ନ କ'ଣ ସତ ହୁଏ ? ଏଇ କଥା ବିଭୁରଞ୍ଜନ କାହାକୁ ପଚାରିବେ ? ବାପାଙ୍କୁ ନା ବୋଉକୁ ? ସେ କ'ଣ ପିଲଟିଏ ହୋଇଛନ୍ତି କି ! ସେ ତ ସ୍ୱପ୍ନ ଦେଖି ନାହାନ୍ତି । ସାରାରାତି କଟିଚି ଠାକୁର ଘରେ । ଗୋପାଳଙ୍କୁ ବିକଳରେ ଡାକୁଛନ୍ତି, "ଠାକୁରେ ଏ ସୁଖୀ ପରିବାରରେ ନିଆଁ ଲଗାଇ ତୁମେ କି ଆନନ୍ଦ ପାଉଛ ? କେଉଁ କଥାରେ ଭଲା ତୁମର ମୁଁ ଅବହେଳା କରିଛି ? ପୂଜା, ଅର୍ଚ୍ଚନା ତ ସବୁ ଠିକ୍ ଚାଲିଛି । ଭୁଲ୍ ଯଦି କରିଥାଏ, ମତେ କ୍ଷମା କର ପ୍ରଭୁ । ରେବ ଭଳି ଝିଅର ଏ ଅବସ୍ଥା ! ପୁଣି...ନାଇଁ...ନାଇଁ ତା' ନ ହେଉ, ମୋ ସୁଖ ମୋତେ ଫେରାଇ ଦିଅ ପ୍ରଭୁ ।"

ଠାକୁରଙ୍କ ପାଖରେ ଅଖଣ୍ଡ ଦୀପ ଜଳୁଛି । ଧ୍ୟାନମଗ୍ନ ଋଷି ଭଳି ବସିଛନ୍ତି ବିଭୁରଞ୍ଜନ । ବନ୍ଦ ଆଖିରୁ ଝରୁଛି ଅଶ୍ରୁ, ଦୁଧ ଗିଲାସଟି ଧରି ଆସିଛି ରେବତୀ । ସମସ୍ତଙ୍କୁ ମନା କରି ଦେଇଛନ୍ତି ସେ । ଠାକୁର ଘର ପାଖକୁ କେହି ଆସିବେ ନାହିଁ । କେହି ତାଙ୍କୁ ଡାକିବେ ନାହିଁ । ରାତିରେ ସେ ଆଦୌ କିଛି ଖାଇବେ ନାହିଁ । କିନ୍ତୁ ରେବତୀର ମନ ବୁଝୁନି । ଦୁଧ ଗିଲାସଟିଏ ଧରି କବାଟ ପାଖରେ ଠିଆ ହୋଇ ରହିଛି ସେ । ଡାକିବାକୁ ସାହସ ହେଉନି, ଠିକ୍ ଏତିକିବେଳେ ଆଖି ଖୋଲି ଏଣେ ତେଣେ ହଠାତ୍ କ'ଣ ଖୋଜି ହେଲେ ସେ । କାହାକୁ ଦେଖିବାକୁ ମନ ବ୍ୟାକୁଳ ହେଲା । ଶୋଷରେ ତଣ୍ଟି ଶୁଖି ଯାଉଥିଲା । କହିଲେ, "ମା', ପାଣି ଆଣିଛୁ ? ଆଣ ଦେ । ଭାରି ଶୋଷ ହେଉଛି ।" ଦୁଧ ଗିଲାସକ ପିଇଦେଇ ରେବତୀକୁ କିଛି କହିବା ଭଳି ଚାହିଁ ରହିଲେ ସେ, ନା... କହି ପାରିଲେନି । ଖାଲି କହିଲେ "ଯା ମା, ତୋ ବୋଉ ପାଖରେ ଶୋଇଥିବୁ ।"

ରେବତୀ ନୀରବରେ ଚାଲିଗଲା । ବିଭୁରଞ୍ଜନ ଠାକୁରଙ୍କୁ ଚାହିଁ ରହିଲେ ସେମିତି । ମନେ ମନେ ପଚାରିଲେ, ଠାକୁରେ ଏ କି ପରୀକ୍ଷାରେ ପକାଇଲ ? ଏ କ'ଣ ମୋ ମନର ଭ୍ରମ ! ନା... ମୁଁ ଠିକ୍ ଦେଖିଛି ସେଇ ଉଜ୍ଜଳ ସନ୍ନ୍ୟାସୀ ଜଣଙ୍କୁ । ସିଂହାସନ ପଛରୁ ଆସି ମୋ ପାଖରେ ଠିଆହୋଇ ପଚାରିଲେ । "ତୁ ଯାହା ଚାହୁଁଛୁ ଅସମ୍ଭବ ?" ବିଭୁରଞ୍ଜନ ବିକଳରେ ତାଙ୍କ ପାଦତଳେ କାନ୍ଦି ପଡ଼ିଲେ, "ନା, ଯେ ହେଲେ ଜଣେ– ସ୍ତ୍ରୀ କିମ୍ବା ପୁତ୍ର । କାହାର ଜୀବନ ଚାହୁଁ ଶୀଘ୍ର କହ ।" ହଁ ଠିକ୍ ତା' ପରେ ପରେ ସେ ଲୁହ ପୋଛିଦେଲେ । ବିକଳ ସ୍ୱରରେ କହିଲେ, "ପ୍ରଭୁ ତୁମ ଇଚ୍ଛା!,

Digitized by srujanika@gmail.com

ପୁଅକୁ ଛାଡ଼ି ନର୍ମଦା କ'ଣ କେବେ ବର୍ଞ୍ଚିପାରିବ ? ତା' ପୁଅକୁ ବଞ୍ଚାଅ ପ୍ରଭୁ !" ସନ୍ନ୍ୟାସୀ ଠାକୁରଙ୍କ ସିଂହାସନ ପାଖରେ କୁଆଡ଼େ ଉଭେଇ ଗଲେ । ବିଭୁରଞ୍ଜନଙ୍କ ସ୍ୱପ୍ନ ଭାଙ୍ଗିଗଲା, ସେ ବିକଳରେ ଉଠି ପ୍ରଥମେ ପତ୍ନୀଙ୍କ କୋଠରୀକୁ ଗଲେ । ନର୍ମଦାଙ୍କ ପାଦ ପାଖରେ ବସିଥିଲା ରେବତୀ । ନର୍ମଦାଙ୍କ ଶରୀର ବିଛଣାରେ ମିଶି ଯାଇଥିଲା । ବେଶୀ ସମୟ ସେଠି ଠିଆ ନ ହୋଇ ଠାକୁରଙ୍କ ପାଖକୁ ଫେରି ଆସିଲେ ସେ । ପୁଣି କେତେଥର ରେବତୀର ଡାକରେ ସେହି କୋଠରୀକୁ ସେ ଯାଇଛନ୍ତି । ନର୍ମଦାଙ୍କ କପାଳ ସ୍ପର୍ଶକରି ଦେଖିଛନ୍ତି । ଔଷଧ ଖୁଆଇଛନ୍ତି । କିନ୍ତୁ ସବୁ ମନେ ହୋଇଛି ଅର୍ଥହୀନ । ଯାହା ହେବା କଥା ହୋଇଯିବ, ତା' ତ ସେ ଆଗରୁ ଜାଣି ସାରିଲେଣି ।

ତଥାପି କ୍ଷୀଣ ଆଶା ।

ସକାଳର ସେ ସ୍ୱପ୍ନରୁ ତାଙ୍କର ବିଶ୍ୱାସ ତୁଟିଯାଇଛି । ସେ ଖୋଜୁଛନ୍ତି ଡାକ୍ତରକୁ । ଟୁନାର ଜର କମୁନି । ନର୍ମଦା ବିପଦମୁକ୍ତ ହେଲେଣି । ଭଲ ମଣିଷଙ୍କ ଭଳି ଧୀରେ ଧୀରେ କଥା କହୁଛନ୍ତି । ରେବତୀ ଡାକିଦେଇ ଗଲାଣି, "ତୁମେ ବାପା, ବୋଉ ପାଖକୁ ଆସ । ସେ ଖୋଜୁଛି ତୁମକୁ, ମୁଁ ଟିକେ ପଥି ରନ୍ଧିଆଣେ ।"

ବିଭୁରଞ୍ଜନ ପତ୍ନୀଙ୍କୁ ଗୃହିଁ ରହିଛନ୍ତି ।

"ମୋତେ କ'ଣ କହିବ ?"

"ମୋ ପାଖରେ ଟିକିଏ ବସ, କାଲିଠୁଁ ତୁମକୁ ଦେଖିନି ।"

ସ୍ୱାମୀଙ୍କୁ ମନଭରି ଦେଖିବାର ଅସୀମ ତୃଷ୍ଣା । ନର୍ମଦାଙ୍କ ଉଦାସ ଆଖି ଦୁଇଟିରେ କେତେ କ'ଣ କହିବାର ଭାଷା ।

"ଦେହ ଟିକିଏ ଭଲ ଲାଗୁଛି ?"

"ହଁ, ଭଲ ଲାଗୁଛି । ରେବ ଖିରୀ କରିଦେବ, ମୁଁ ଆଜି ଖାଇବି ।"

"ମୁଁ ତେବେ ଯାଏ, ରେବକୁ କହିଦେଇ ଆସେ ।"

"ନା, ତୁମେ ବସ, ସେ ଯାଇଛି କରିବା ପାଇଁ ।"

"ଟୁନିକୁ ଟିକିଏ ଦେଖିଥାଆନ୍ତି ।" ନର୍ମଦାଙ୍କ କଥା ଶୁଣି ଚମକି ଉଠିଲେ ବିଭୁରଞ୍ଜନ । ପୁଣି ପ୍ରକୃତିସ୍ଥ ହୋଇ କହିଲେ, "ତୁମେ ଭଲ ହେଇଯା'ଅ ମୁଁ ନିଜେ ଯାଇ ତାକୁ ନେଇ ଆସିବି ।"

"ଭଲ ହେବି ?" ନର୍ମଦାଙ୍କ ଦୀର୍ଘଶ୍ୱାସରେ ବିଭୁରଞ୍ଜନଙ୍କ ଅନ୍ତର ଥରି ଉଠିଲା ।

Digitized by srujanika@gmail.com

"ଗୁମାସ୍ତା ଫେରନ୍ତୁ, ସେ ନିଜେ ଯିବେ ମୋ ଚିଠି ନେଇ । ଉମାକାନ୍ତ, ସ୍ଥିରି ନୁହେଁ ଆସିବେ, ତୁମକୁ ଦେଖିଯିବେ ।"

"ଆସିବେ ? ହଉ ଦେଖ ।"

"ନିଶ୍ଚୟ ଆସିବେ । ମୁଁ ଆଜି ସବୁକଥା ବୁଝେଇ ଲେଖୁଛି ତା'ର ଶ୍ୱଶୁରଙ୍କୁ । ତାଙ୍କର ଇଚ୍ଛା ଥିଲା ସେଇ ତିନିଶହ ଅଠର ତଉଜିର ଜମିଦାରୀ ଖଣ୍ଡକ ପାଇବା ପାଇଁ । ହେଲା ତୁମେ ତ ଚାହୁଁଥିଲ, ମୁଁ ଚିଠିରେ ସ୍ୱୀକୃତି ଦେଇ ଦେଉଛି । ଝିଅ, ଜୋଇଁ ଆସନ୍ତୁ । ତୁମ ଦେହ ଭଲହେଲେ କଚେରୀକୁ ଯାଇ ସେ ଦାୟିତ୍ୱ ଛିଣ୍ଡେଇଦେବି ।"

ନର୍ମଦାଙ୍କର ଉଦାସ ମୁହଁ ଟିକିଏ ଉଜ୍ଜଳ ଦେଖାଗଲା । ନିଜର ଶୀର୍ଣ୍ଣ ହାତ ପାପୁଲିଟିକୁ ସେ ଧୀରେ ସ୍ୱାମୀଙ୍କର ହାତ ପାଖକୁ ନେବାକୁ ଚେଷ୍ଟା କଲେ । ବିଭୁ-ରଞ୍ଜନ ପତ୍ନୀଙ୍କର ଶେତା ପଡ଼ିଯାଇଥିବା ଦୁର୍ବଳ ହାତ ପାପୁଲିକୁ ଆସ୍ତେ ଧରି ରଖିଲେ ।

ଗୁମାସ୍ତା କଟକରୁ ଫେରିଲେଣି । ସାଙ୍ଗରେ ଆସିଛନ୍ତି ଡାକ୍ତର । ଡାକ୍ତର ଟୁନାକୁ ଦେଖି ଗମ୍ଭୀର ହେଲେ । ଏପର୍ଯ୍ୟନ୍ତ ଗାଁ କବିରାଜଙ୍କ ଚିକିତ୍ସା ଚାଲୁଛି ଦେଖି ସେ ବିରକ୍ତି ପ୍ରକାଶ କଲେ । କିଛି ଇଞ୍ଜେକ୍ସନ୍, ଔଷଧର ତାଲିକା ପ୍ରସ୍ତୁତ କରି ଗୁମାସ୍ତାଙ୍କ ହାତକୁ ବଢ଼ାଇ ଦେଲେ ।

ନର୍ମଦାଙ୍କ ପାଇଁ ଔଷଧର ନାମ ଲେଖିବାର ଆବଶ୍ୟକତା ନଥିଲା । ତାଙ୍କୁ ଡାକ୍ତରଖାନାକୁ ଶୀଘ୍ର ସ୍ଥାନାନ୍ତରିତ କରିବା ପାଇଁ ଡାକ୍ତର ପରାମର୍ଶ ଦେଲେ । ଦେହରେ ଆଦୌ ରକ୍ତ ନାହିଁ । ରକ୍ତ ଦିଆଯିବ । ଡାକ୍ତରଖାନାରେ ସବୁପ୍ରକାର ଯତ୍ନ ନେବାର ସୁବିଧା ଅଛି । ଏଠି ଏମିତି ରଖିଲେ ଭଲ କରିବାର ଅନ୍ୟ ଉପାୟ ନାହିଁ । ଡାକ୍ତର ଦୃଢ଼ ସ୍ୱରରେ ମତ ପ୍ରକାଶ କଲେ ।

ନର୍ମଦା ଅନିଚ୍ଛୁକ । ଘର ଛାଡ଼ି ଦୂର ପ୍ରବାସରେ ତାଙ୍କ ପ୍ରାଣ ଯିବ, ଏକଥା ସେ ଚାହାନ୍ତି ନାହିଁ । କ'ଣ ହେବ ତାଙ୍କର ଔଷଧ ? ପ୍ରଭୁ ଗୋପାଳଙ୍କର ପାଦୁକ ପାଇ ସେ ସୁସ୍ଥ ହେବେ ।

ସୁଧୀରଞ୍ଜନ ଜିଦ୍ କରୁଛନ୍ତି । ଡାକ୍ତର ଆଣିଥିବା ଭଡ଼ା ମଟର ଗାଡ଼ିରେ ବୋଉକୁ ନେଇ ଚାଲିଯିବାକୁ ବିଭୁରଞ୍ଜନଙ୍କୁ ନିର୍ଦ୍ଦେଶ ଦେଉଛନ୍ତି । ବିଭୁରଞ୍ଜନଙ୍କର ନିଜର କିଛି ମତାମତ ନାହିଁ । ସେ ଅସହାୟ ଭବରେ ସମସ୍ତଙ୍କର ପରାମର୍ଶରେ କାର୍ଯ୍ୟ କରି ଯାଉଛନ୍ତି ।

Digitized by srujanika@gmail.com

ଏତିକିବେଳେ ରଙ୍ଗଲତା ମୁହଁ ଖୋଲିଲେ । ସନ୍ଧ୍ୟା ହେବାକୁ ବେଶୀ ଡେରି ନାହିଁ । କୀର୍ତ୍ତନିଆ ପଂଝାକ ଆସିଗଲେଣି । ରତି ସାରା ଚଉପ୍ରହରୀ ନାମ ସଙ୍କୀର୍ତ୍ତନ ଚାଲିବ । ଏଇ ବେଳରେ ବୋହୂ ନର୍ମଦାକୁ ଡାକ୍ତରଖାନା ନେବା କଥାଟା ତାଙ୍କୁ ଭଲ ଲାଗିଲାନି । ଶେଷରେ ସୁଧୀରଞ୍ଜନ ସ୍ଥିର କଲେ, ନର୍ମଦା ପରଦିନ ସକାଳୁ ଯିବେ କଟକ ବଡ଼ ଡାକ୍ତରଖାନା । ଭଡ଼ା ଗାଡ଼ି ଧରି ଗୁମାସ୍ତା ଭୋର ବେଳେ ପହଞ୍ଚିବେ । ନର୍ମଦାଙ୍କ ସାଙ୍ଗରେ ଯିବେ ରଙ୍ଗଲତା, ବିଭୁରଞ୍ଜନ । ରେବତୀ ରହିବ ଟୁନା ପାଖରେ । କେତେଟା ଔଷଧର ନାଁ ଲେଖି ଡାକ୍ତର ବିଦାୟ ନେଲେ ।

ସନ୍ଧ୍ୟା ହେଲାଣି । ଠାକୁରଙ୍କ ଆଳତୀ ପରେ ପରେ ଚଉପ୍ରହରୀ ଆରମ୍ଭ ହେବ । ଭାଗବତ ଗାଦିରେ ପୋଥି ସବୁ ସଜା ହୋଇ ରହିଛି । ଗାଦି ଚାରି ପାଖରେ ନାଲିକନାର ଘେର, ରାଧାରମଣ, ନିତାଇଗୌରଙ୍କ ଫଟୋରେ ଫୁଲମାଳ । ଫୁଲରେ ପୋତି ହୋଇ ବସିଛନ୍ତି ସେ । ଅଧିବାସ ଚାଲିଛି । ଗାଁର ପିଲା ବଡ଼ ଅଧିକାଂଶ ଆସି ଭିଡ଼ କରୁଛନ୍ତି ।

ସାରା ରତି କୀର୍ତ୍ତନ ଚାଲିଛି, ବାଲ୍ୟଲୀଳା ବି ଚାଲିଛି । ଘରେ ଗହଳ ଚହଳ ଲାଗି ରହିଛି । କୀର୍ତ୍ତନିଆ ପଂଝାଙ୍କ ପାଇଁ କାହାକୁ ଫୁରସତ ନାହିଁ । ରନ୍ଧାବଢ଼ା ହେଉଛି– ଭାତ, ଡାଲମା, ଭଜା, କ୍ଷିରୀ, ପାନ, ଚା', ଜଳଖିଆ ସବୁ ପ୍ରକାରର । ଅଥଚ ଘରେ କିଏ ଖାଉଛି ? କାହା ଖାଇବାରେ ଠିକ୍ ଠିକଣା ନାହିଁ ।

ସେମାନେ ଦଳକୁ ଦଳ ଆସି ଖାଇ ବସୁଛନ୍ତି । ପୁଣି ଯାଇ କୀର୍ତ୍ତନର ସ୍ୱର ଧରୁଛନ୍ତି । ଆକଣ୍ଠ ଖାଇ ନିଦରେ ଢୁଳେଇ କେତେଜଣଙ୍କର ସ୍ୱର ବେସୁରା ଧରୁଛି । ଏତିକିବେଳେ ମୃଦଙ୍ଗ ବଜାଉଥିବା ଲୋକଟି ନିଦ ଛଡ଼େଇବାକୁ ମୃଦଙ୍ଗଟି ଜୋର୍‌ରେ ପିଟିବାକୁ ଆରମ୍ଭ କରିଛି । ନିଦ ଭାଙ୍ଗିଯାଇ ଗୋଟିଏ ସ୍ୱରରେ ସେମାନେ ଗଳା ଫଟାଇ ଗାଉଛନ୍ତି, ଆସ୍ଥାନ ପରିକ୍ରମା କରି ଚାଲିଛନ୍ତି । ବିଭୁରଞ୍ଜନ ଠାକୁରଙ୍କ ଘର ପାଖରେ ପଥର ମୂର୍ତ୍ତି ଭଳି ବସି ରହିଛନ୍ତି । ହଠାତ୍ ଏକ ଘଟଣାରେ ସେ ବିମୂଢ଼ ହୋଇଗଲେ । ରଙ୍ଗଲତା ତାଙ୍କୁ ପାଟି କରି ଡାକୁଛନ୍ତି ।

ଟୁନା ଶୋଇଥିବା ଘରେ ରଙ୍ଗଲତା, ରେବ, ପିଲାମାନେ ସମସ୍ତେ ରୁଣ୍ଡ ହୋଇଛନ୍ତି । ଟୁନାର ଦେହ ବେଶୀ ଖରାପ ହେଲା କି ? ବିଭୁରଞ୍ଜନ ଦୌଡ଼ିଗଲେ ସେ ଘରକୁ । ଟୁନା ଶୋଇଛି ଘୋଡ଼ି ହୋଇ, ଅଳ୍ପ ଦୂରରେ ଲଣ୍ଠନଟିଏ ଜଳୁଛି । ରଙ୍ଗଲତା

Digitized by srujanika@gmail.com

ତାଙ୍କୁ ହଲେଇ ଦେଇ କହିଲେ, "ବିଭୁ, ଠାକୁରଙ୍କ ବିଛା ଏ ଘରକୁ ଆସିଛି ରେ ! ହେଇ ଦେଖ, ଟୁନା ବିଛଣା ଚାରିକଡ଼ରେ ଘୂରୁଛି ।" ରଙ୍ଗଲତାଙ୍କ ମୁହଁ ଉଜ୍ଜଳ ଦେଖା ଯାଉଥିଲା ।

"ଏଁ ଠାକୁରଙ୍କ ବିଛା !" ସେ କେତେଥର ଦେଖିଛନ୍ତି ଏଇ ଚେଣ୍ଡୁଳିଆ ବିଛାକୁ, ଠାକୁରଙ୍କ ସିଂହାସନରେ ଭଗବତ ଗାଦି ଭିତରେ ସେ ରହେ । ଆଜି ଗହଳି ହେବାରୁ ବାହାରି ଆସିଛି ବୋଧହୁଏ ।

ବିଛାଟି ସେ କୋଠରୀରୁ ବାହାରି ଚାଲିଗଲା ନର୍ମଦାଙ୍କ କୋଠରୀକୁ । କାହା କଣରେ ଚୁପ୍‌ଚାପ୍ ଅପେକ୍ଷା କଲାଭଳି ପଡ଼ିଥାଏ । ପିଲାଏ ନର୍ମଦାଙ୍କ ଖଟ ଘୁଞ୍ଚେଇ ମଝିକୁ ନେଇ ଆସିଲେ । ସମସ୍ତେ ଚାହୁଁଛନ୍ତି ବିଛା ନର୍ମଦାଙ୍କ ବିଛଣା ଚାରିପଟେ ଘୂରି ଆସୁ ।

ନା--- ତା' କିଛି ହେଲା ନାହିଁ । ବିଛାକୁ କଣରୁ ସମସ୍ତେ ଗୋଡ଼େଇ ଆଣିଲେ । ବିଛା ଖଟ ପାଖକୁ ଆସି ଖଟର ଗୋଟିଏ ଗୋଡ଼ ପାଖରେ ଟିକିଏ ସମୟ ରହି ପୁଣି ସେ କୋଠରୀରୁ ବାହାରି ଠାକୁରଙ୍କ ସିଂହାସନ ପାଖକୁ ଚାଲିଗଲା ।

ରଙ୍ଗଲତାଙ୍କର ମୁହଁ ଶୁଖିଗଲା । ତାଙ୍କ ପାଟିରେ ଆଉ କଥା ନ ଥିଲା । ରେବତୀର ଆଖିରୁ ଦୁଇଟୋପା ଲୁହ ଝରି ଆସିଲା । ଲୁଗା କାନିରେ ଆଖି ପୋଛି ନେଇ ନର୍ମଦାଙ୍କ ପାଦ ତଳେ ସେ ବସି ରହିଲା । ବିଭୁରଞ୍ଜନ କିନ୍ତୁ ନିର୍ବିକାର । ସେ ସବୁ ଜାଣନ୍ତି । କ'ଣ ହବ ନ ହବ ସେକଥା ଠାକୁରେ କହି ପାରିବେ । ଡାକ୍ତରବାବୁ ମଧ୍ୟ କହିଗଲେ । ବିଛାଟି ଆଉ ଅଧିକ କହିବ କ'ଣ ? ଗୋପାଳ ଚାହିଁଲେ ସବୁ ଠିକ୍ ହେବ, ଏ ରାତି ପାହିଲେ ନର୍ମଦାଙ୍କୁ ସେ ନେଇଯିବେ କଟକ ବଡ଼ଡାକ୍ତରଖାନାକୁ । ହଁ, ସବୁ ଠିକ୍ ହୋଇଯିବ । ମନ ଦୁର୍ବଳ ହେଲେ କେତେ ଭୟ ମନକୁ ଛୁଇଁଯାଏ । ବିଭୁରଞ୍ଜନ ଇଷ୍ଟଦେବଙ୍କ ଉଦ୍ଦେଶ୍ୟରେ ପ୍ରଣାମ କଲେ ।

ଠାକୁରଙ୍କ ପିଣ୍ଡାରେ ବସି ଆଖି ମାଡ଼ି ପଡୁଛି, ଦୁଇ ରାତି ହେଲା ସେ ଭଲରେ ଶୋଇ ପାରି ନାହାନ୍ତି । ଔଷଧ ଖାଇ ଟୁନାର ଜର କମିଛି । ନର୍ମଦା ବି ଗତ ଦିନ ଅପେକ୍ଷା ଭଲ ଅଛନ୍ତି । ଏମିତି କେତେ କ'ଣ ଚିନ୍ତା କରୁ କରୁ ଢୁଳେଇ ପଡ଼ିଲେ ।

ଭୋର ହୋଇ ଆସୁଛି । କୀର୍ତ୍ତନିଆଙ୍କ କଣ୍ଠରେ ......ଉଠ, ଉଠ ନଗରବାସୀ ନିଶି ପୋହାଇଲା...... ଚଉପ୍ରହରୀ ସଂକୀର୍ତ୍ତନ ଶେଷ ହୋଇ ଆସୁଛି । କିଏ ଜଣେ କହିଲେ, "ବାବୁଘର ପୁଅ କୁଆଡ଼େ ଗଲେ, ଗୁମାସ୍ତାଏ ?"

Digitized by srujanika@gmail.com

ଏବେ ସକାଳ ହେଲେ ବାଳକ କୃଷ୍ଣ ମୁଣ୍ଡରେ ଦଧିଭଣ୍ଡ ରଖି କୀର୍ତ୍ତନିଆଙ୍କ ସାଙ୍ଗରେ ନଗର କୀର୍ତ୍ତନରେ ବାହାରିବ । ଫେରି ଆସି ଦଧିଭଣ୍ଡ ଭାଙ୍ଗି ମାଟି କାଦୁଅରେ ଗଡ଼ିଯିବ । ବଳି ଗୁମାସ୍ତା କୃଷ୍ଣକୁ ଖୋଜୁଛନ୍ତି । ହଠାତ୍ ରେବର ଚିତ୍କାରରେ ଉଠି ପଡ଼ିଲେ ବିଭୁରଞ୍ଜନ, ପାଗଳଙ୍କ ଭଳି ଦୌଡ଼ିଲେ ନର୍ମଦାଙ୍କ ଶୋଇଲା ଘରକୁ ।

ରଙ୍ଗଲତା ବୋହୂର ପାଦ ଦୁଇଟିକୁ ନିଆଁରେ ସେକି ଦେଉଛନ୍ତି । ଦେହ ହାତ ବରଫ ଭଳି ଥଣ୍ଡା ହୋଇ ଆସିଲଣି । ନର୍ମଦାଙ୍କ ପାଖରେ ଠିଆ ହୋଇଛନ୍ତି କୃଷ୍ଣ, ରେବ । ରେବର ନିର୍ଦ୍ଦେଶରେ କୃଷ୍ଣ ତାଙ୍କ ପାଟିରେ ଦେଉଛି ଗଙ୍ଗାଜଳ, ଠାକୁରଙ୍କ ପାଦୁକ । ଧୀର ସ୍ୱରରେ କୃଷ୍ଣକୁ କେତେ କ'ଣ ଅସ୍ପଷ୍ଟ କଥା କହୁଛନ୍ତି ନର୍ମଦା, ରେବ ମୂକ ହୋଇ କାନ୍ଦି ପକାଉଛି । ପୁଣି ରଙ୍ଗଲତାଙ୍କ ନିର୍ଦ୍ଦେଶରେ ଯନ୍ତ୍ରଚାଳିତ ଭଳି କେତେ କାମ କରି ଯାଉଛି ।

ବିଭୁରଞ୍ଜନ ପତ୍ନୀଙ୍କ ପାଖରେ ଠିଆ ହେଲେ । ନର୍ମଦା ତାଙ୍କୁ ଚାହିଁ ଟିକିଏ ହସିଲେ, ହାତ ଠାରି କ'ଣ କହିଲେ; ବିଭୁରଞ୍ଜନ ତାଙ୍କ କପାଳ ଆଉଁସି ଦେଲେ । ଥଣ୍ଡା ହାତ ଦୁଇଟିକୁ ଧରି ପଛକୁ ମୁହଁ କରି ପିଲଙ୍କ ଭଳି କାନ୍ଦି ପକାଇଲେ । ପୁଣି ଲୁହ ପୋଛି ପଚାରିଲେ, "କ'ଣ କହୁଛ ?" ନର୍ମଦା ଅସ୍ପଷ୍ଟ ସ୍ୱରରେ କହିଲେ, "ଦେଖୁଛ, ଉମାକାନ୍ତ ଆସୁଛି । ନଈ ବନ୍ଧରେ ପହଞ୍ଚିଲଣି । ସୁରିକୁ ସେମାନେ ପଠେଇଲେନି ।" ତା'ପରେ ଦୃଷ୍ଟି ପଡ଼ିଲା ରେବତୀ ଉପରେ । ରେବତୀକୁ ପାଖକୁ ଠାରିଲେ ସେ, ଚାହିଁଲେ ସବୁ ପିଲଙ୍କୁ, ଶାଶୁଙ୍କୁ । ଶେଷରେ ସ୍ୱାମୀଙ୍କ ଆଖିରେ ଆଖି ମିଶିଲା, ପତା ଦୁଇଟି ସ୍ଥିର ହୋଇଗଲା । ସବୁ ଶେଷ– ପିଲାଏ ପାଟି କରି କାନ୍ଦି ଉଠିଲେ । ରଙ୍ଗଲତା ପାଗଳୀଙ୍କ ଭଳି ଧୂଳିରେ ଗଡ଼ିଗଲେ । ଏକା ବିଭୁରଞ୍ଜନ ପତ୍ନୀଙ୍କୁ ଚାହିଁ ପଥର ମୂର୍ତ୍ତି ଭଳି ଠିଆ ହୋଇଥାନ୍ତି । ତାଙ୍କ ଆଖିରୁ ସବୁ ଲୁହ ଶୁଖି ଯାଇଥିଲା ।

ସଂକୀର୍ତ୍ତନ ଶେଷ ହୋଇ ଆସୁଛି । ଝାଞ୍ଜ, ମୃଦଙ୍ଗର ଶବ୍ଦକୁ ଅତିକ୍ରମ କରି ସୁଧୀରଞ୍ଜନଙ୍କ ପରିବାରର କ୍ରନ୍ଦନକାତର ସ୍ୱର ସକାଳର ଶାନ୍ତ ପରିବେଶକୁ ଥରାଇ ଦେଉଛି । ବାହାରେ ନର୍ମଦାଙ୍କୁ ବଡ଼ଡାକ୍ତରଖାନା ନେବା ପାଇଁ ଠିଆ ହୋଇଥିବା ମଟର ଗାଡ଼ିଟି ପାଖରେ ବୋହୂର ଆସିବାକୁ ତଥାପି ଅପେକ୍ଷା କରିଛନ୍ତି ସୁଧୀରଞ୍ଜନ ।

Digitized by srujanika@gmail.com

ସୁଧୀରଞ୍ଜନ ଚାଲିଗଲେ । କଥାଟା ଗାଁ ଲୋକଙ୍କୁ କିପରି ଖାପ୍‌ଛଡ଼ା ଲାଗୁଥିଲା । ବୋହୂ ମରିବାର ଦଶଟା ଦିନ ନ ଯାଉଣୁ ବୁଢ଼ା ଚାଲିଗଲେ । ଶିଷ୍ଟ କଟିଗଲା । ହଁ, ବେଳେ ବେଳେ ଏମିତି ହୁଏ । ଯିଏ ଯାଏ ପରେ ପରେ ଆଉ ଏକ ମୁଣ୍ଡ ନିଏ । ଆହା ଶ୍ୱଶୁରଙ୍କ ପ୍ରତି କ'ଣ କମ ଭକ୍ତି କି ? ସେ ତ ଥିଲେ ଲକ୍ଷ୍ମୀପ୍ରତିମା ! ଭଲଲୋକ ପଗ ରହନ୍ତି ନାହିଁ । ସେମାନେ ପର ପର ହୋଇ ଚାଲିଗଲେ ।

ବୋହୂକୁ ବଡ଼ ଡାକ୍ତରଖାନା ନେବାକୁ ଗାଡ଼ି ଆସିଯାଇଛି । ବାହାରେ ବୁଢ଼ା ଆସି ଠିଆହୋଇଥିଲେ ଗାଡ଼ି ପାଖରେ । କଥା କ'ଣ ? ବୋହୂକୁ ଆଣୁନାହାନ୍ତି କାହିଁକି ? କାହାକୁ ଡାକିବାକୁ ପାଟିଟାଏ କରିବେ କ'ଣ ? ଘରଆଡ଼ୁ ଆସୁଥିବା ବିକଳ କାନ୍ଦଣା ତାଙ୍କର ହୃଦୟ ଥରେଇଦେଲା । ଦାଣ୍ଡ ବାରଣ୍ଡାକୁ ଉଠି ସେ ଘରଆଡ଼େ ଯାଇ-ପାରିଲେ ନାହିଁ । ସେଇଠି ବସି କ'ଣ ଘଟିଯାଇଛି ସେ ଅନୁମାନ କରି ନାତି ନାତୁଣୀଙ୍କୁ କରୁଣ ସ୍ୱରରେ ଡାକି ଡାକି ବାରମ୍ବାର ଛାତି ବାଡ଼ଉଥିଲେ । ତାଙ୍କୁ ବା କିଏ ଦେଖୁଛି ସେ ସମୟରେ ? ବୁଢ଼ା ଚେତା ହରେଇ ପଡ଼ିରହିଲେ ସେଇଠି ।

ଜମିଦାରଘର କାନ୍ଦଣା ଶୁଣି ଗାଁରୁ କେତେଜଣ ଦୌଡ଼ାଦୌଡ଼ି କରି ଆସୁ-ଥିଲେ । ବୁଢ଼ାଙ୍କୁ ଟେକି ସେମାନେ ଘର ଭିତରକୁ ନେଇଆସି ଠାକୁରଘର ପାଖ ବାରଣ୍ଡାରେ ଶୁଆଇଦେଲେ । ଚେତା ଫେରିଥିଲା ସନ୍ଧ୍ୟାକୁ । ଠାରିଠୁରି ସମସ୍ତଙ୍କୁ ପାଖକୁ ଡାକିଲେ । ଛାତିର ଯନ୍ତ୍ରଣା ଦୁଇ ତିନିଦିନ ଭୋଗି ସେ ଚାଲିଗଲେ । ଏ ସଂସାର ପ୍ରତି ତାଙ୍କର ଆଉ ମାୟା ନଥିଲା । ସେ ଯେମିତି ଆତଙ୍କରେ ବଞ୍ଚିରହିଥିଲେ ସେହି-ଦିନରୁ ଯେଉଁଦିନ ହଠାତ୍ ସେ ଖବର ପାଇଲେ ଅଖିଳ ଚାଲିଗଲା ।

ଯାହା ବା ବୁଢ଼ାଟା କେତେଦିନ ବଞ୍ଚିଥାଆନ୍ତା, ସେଇ ପୁତୁଣା ଛାଡିଗଲାଟା ତାଙ୍କର କାଳ ହେଲା । ଆହା ଏ ଦୁଃଖ ବୁଢ଼ାଙ୍କୁ ସହ୍ୟ ହେଲା ନାହିଁ ।

ମହାଦେବ ମନ୍ଦିର ପାଖ ବଉଳ ଚାନ୍ଦିନୀରେ ବସିଛନ୍ତି ଗାଁର ବୁଢ଼ା ଦରବୁଢ଼ା କେତେଜଣ । ଏଇ କେତେଦିନ ହେଲା ଗରମ ଗୁଳୁଗୁଳି ଅସହ୍ୟ ହେଉଛି । ଦିନଟା କୌଣସି ପ୍ରକାରେ କଷ୍ଟରେ କଟୁଛି । କିନ୍ତୁ ସନ୍ଧ୍ୟାହେଲେ ଢେର ଗଡିଯାଏ ଏହି ବଉଳ

Digitized by srujanika@gmail.com

ବେଦୀରେ ସମୟ ବିତୁଛି ସେମାନଙ୍କର । ନଈକୂଳିଆ ଥଣ୍ଡାପବନ ଦେହରେ ବାଜି ଉଶ୍ୱାସ ଲଗୁଛି, ମନଖୋଲି ସୁଖ ଦୁଃଖ ଦୁଇପଦ ହେବାର ସୁଯୋଗ ମିଳୁଛି । ସେଇ ଆଶାରେ ଆସନ୍ତି ସଭିଏଁ ।

ସୁଧୀରଞ୍ଜନଙ୍କୁ ଭୁଲିପାରୁ ନାହାନ୍ତି ସେମାନେ । ବାରମାର ଗୁଣି ହେଉଛନ୍ତି ତାଙ୍କୁ । ତାଙ୍କଭଳି ଦେବୋପମ ଲୋକଟିଏ କାହୁଁ ମିଳିବେ ? ପ୍ରଜାଙ୍କ ଦୁଃଖ ତାଙ୍କ ଦେହରେ ଯାଏନି । ଖଜଣା ଦେବାର ଶକ୍ତି ନାହିଁ ତ ଥାଉ, ଆଉ ସନ ଦେଇଦେବ । ଏତେ ଜୋର ଜୁଲମ କାହିଁକି ? କାଳିଅନ୍ଧାରରୁ ଉଠି କେତେ କାହାଘର ବୁଲିଆସନ୍ତି ସେ । କିଏ ରୋଗ ବାଧିକି ପଡ଼ିଛି ତ ପଥି ଔଷଧ ପାଇଁ ଦେଇଆସନ୍ତି ପାଞ୍ଚ, ଦଶ-ଟଙ୍କା । ତା' ନ କଲେ ତାଙ୍କୁ ଶାନ୍ତି ଲାଗେନି । ବୋଧଦିଅନ୍ତି, "ଦେହ ଭଲହଉ, ପାଖରେ ଟଙ୍କା ହେଲେ ଯାଇ ଦେଇଆସିବୁ ।" ସେଇମାନେ ତାଙ୍କୁ ଭୁଲିବେ କିପରି ? ସେଇ ରକ୍ତ, ଅଥଚ ବିଭୁରଞ୍ଜନ ଅନ୍ୟ ପ୍ରକାରର । ଦୟା, ମାୟା ତାଙ୍କ ମନରେ ନାହିଁ । ଠିକ୍ ବେଳରେ ଖଜଣା ପଇଠ ନକଲେ, ପିଆଦା ପଠେଇ ନେଇଆସନ୍ତି ।

ବୁଢ଼ାଘୃଷୀ ନରିଓଝା ବାଧା ଦେଲେ, "ମଣିଷକୁ ବୁଝି କଥା କୁହ । ସେ ହେଲେ ଜମିଦାର । ଆମେ ତାଙ୍କର ପ୍ରଜା । ଆମଠାରୁ ଖଜଣା ଅସୁଲ କରିବେ ନାହିଁ ତ ହବ କେମିତି ? ଜମିଦାରୀ ନିଲମ ହେଇଯିବ ଯେ । ତାଙ୍କ ବାପା ଯାହା କରୁଥିଲେ ସେଭଳି ନିର୍ମାୟା ହେଲେ ଜମିଦାରୀ ଚଳିବ ?"

"ହଁ, ତା' ନୁହେଁ ତ ଆଉ କ'ଣ ? ଆମେ କେତେକର ମୁଣ୍ଡ ତାଙ୍କ ବିଗ୍ରର ବୁଝିବୁ !"

"କ'ଣ କହୁଚ ତମେ ସବୁ ! ଘର ଆଗରେ ରଙ୍ଗିଆ ପାଣ ଡେଙ୍ଗୁରା ପିଟିବ । ସାତପୁରୁଷିକି ଏ ବଦନାମୀ । ପୁଣି ଜମାଲ ମିଆଁ ପିଆଦା ଘରୁ ଘୋଷାରି ନବ । ତେଣିକି ଶିମୁଳିଗଛରେ ଦିନସାରା ଖରରେ ବନ୍ଧାହେଇ ପଡ଼ିଥା । ସାଆନ୍ତେ ବିଗ୍ରରକୁ ଆସିଲେ ମିଆଁ ଭାଇର ଚାବୁକ ମାଡରେ ପିଠିରୁ ଛାଲ ଉତୁରିବ । କଥା କହୁଚ ତମେ !"

"କଥାଟା ଶୁଣ କ'ଣ କୁହାଯାଉଚି । ସବୁ କଥାରେ ମାଡ଼ିଯିବା ଅବିଗୁଣଟା ତୁ ଛାଡ଼ିଲୁନି, ସନାତନ ।"

Digitized by srujanika@gmail.com

କିଏ ଜଣେ ପୁରୁଖା ଲୋକ ସନାତନକୁ ଅଧିକ କୁହାଇ ଦେଉନାହିଁ । ଖଜଣା ନ ଦେଲେ, ଅନ୍ୟ କିଛି ଦୋଷ କଲେ ଜମାଲମିଆଁର ଚାବୁକ ପାହାର ବସେ ନିରୀହ ପ୍ରଜାଟି ପିଠିରେ । ମାଡ଼ ଖାଇସାରି ସେ ଦୋଷ ମାନେ । କହେ, "ହଜୁର, ଆଉ ଏ କାମ କରିବି ନାହିଁ, ଏଥରକ ମାଫ୍ କରିଦିଅନ୍ତୁ ।" ଚିତ୍ତରଞ୍ଜନ ଶାନ୍ତ ହୁଅନ୍ତି । ଖାତାପତ୍ର ନେଇ ପାଖରେ ବସିଥିବା ଗୁମାସ୍ତାମାନଙ୍କୁ ନିର୍ଦ୍ଦେଶ ଦିଅନ୍ତି, ତାକୁ ମାସ-ମାସ ଯାଏ ମହଲତ ଦିଆଯାଉ ।

ମାଡ଼ଖାଇଥିବା ଲୋକଟି ଦି'ଗଣ୍ଡା ମଡ଼ିଆ ନେଇ ଘରକୁ ଫେରେ ।

ଶୁଣାଯାଏ, ସେ ଅମଳରେ ଏ କାର୍ଯ୍ୟରେ ଦୁର୍ନୀତି ଚାଲୁଥିଲା । ପ୍ରତ୍ୟକ୍ଷ ନ ହେଲେ ମଧ୍ୟ ପରୋକ୍ଷରେ ଗୋପନରେ କେହି କେହି କଥାବାର୍ତ୍ତା କରୁଥିଲେ । ନଚେତ୍ ଜମିଦାରଙ୍କ କାନକୁ ଏ କଥାଟା ଗଲେ ଚାବୁକମାଡ଼ଟା ଦୁଇଗୁଣ ହୋଇଯିବ ।

ଜମିଦାର ସାଆନ୍ତଙ୍କ ହୁକୁମ ହୁଏ । ଗୁମାସ୍ତାଏ ପାଟି କରନ୍ତି, "ମାର, ଶଳାକୁ । ତା ବୋପା, ଅଜା ସମସ୍ତେ କରି ପାଇଛି କି ?"

ଜମାଲ୍ ମିଆଁର ଚାବୁକ ବସେ ଜୋର୍‌ରେ, ଆହୁରି ଜୋର୍‌ରେ । ଦୋଷୀ ଆସାମୀ ପ୍ରଜାଟି ଯନ୍ତ୍ରଣାରେ ଚିତ୍କାର କରେ, "ମରିଗଲି ଲୋ । ଆଃ ମରିଗଲି ସାଆନ୍ତେ ।" ଚାବୁକ କ୍ଷାନ୍ତ ହୁଏନା ଦୋଷ ନ ମାନିବା ଯାଏ ।

ମାଡ଼ ମାରିବା ବନ୍ଦ ହେଲେ ଅର୍ଦ୍ଧମୃତ ଲୋକଟି କଷ୍ଟରେ ପାଣି ଢୋକାଏ ମାଗି ପିଇଯାଏ ।

କେହି କେହି କହନ୍ତି, ଜମାଲ ମିଆଁର ମାଡ଼ ସମସ୍ତଙ୍କ ପିଠିରେ ବସେ ନାହିଁ । ମାଡ଼ ଖାଏ ବିଚରା ଶିମୁଳି ଗଛଟି । ଦୋଷୀ ଆସାମୀ ମାଡ଼ ଖାଇବାର ଅଭିନୟ କରିଥାଏ ।

ପରେ ଏ ମଡ଼ିଆ ମିଆଁଙ୍କର ଓ ଆସାମୀ ପ୍ରଜାଟି ମଧ୍ୟରେ ଅଧା ଅଧା ଭାଗ ହୋଇଯାଏ ।

"ତୁମେ ଜାଣିନ ସନାତନ, ଆମ ସାନ ବାବୁ, ଜମିଦାର ସାଆନ୍ତେ ବେଶ୍ ଭଲ ଲୋକ । ମୁହଁରେ ସିନା ତୋଡ଼ମାଡ଼ ଦେଖାନ୍ତି, ଅନ୍ତରରେ ପ୍ରଜାଙ୍କ ପାଇଁ ତାଙ୍କର କେତେ ସ୍ନେହ । ଏବର ପିଲା ତୁମେ କ'ଣ ବୁଝିବ !"

"କିରେ ସନେଇ, ତୋର ସେ ଆମ୍ବଗଛଟା କାହାର ଦାନ ଜାଣିଛୁ ?"

Digitized by srujanika@gmail.com

ସନାତନ ପାଟିରେ କଥା ନାହିଁ । ନରି ଓଝାଙ୍କୁ ବିସ୍ମୟରେ ଚାହିଁ ରହିଥାଏ ସେ । ଅନ୍ୟମାନେ କିଛି ନୂତନ ତଥ୍ୟ ଜାଣିବା ଉଦ୍ଦେଶ୍ୟରେ ଅପେକ୍ଷା କରି ବସି ଥାଆନ୍ତି । ଓଝାଏ ଅଣ୍ଟାରୁ ପାନ ଖିଲେ କାଢ଼ି ଦାନ୍ତ ପାପୁଡ଼ିରେ ମଳି ଦେଇ କଚ୍ଚରେ ଜାକିଲେ, ଥରେ ଘେରାଇ ଦେଇ କହିଲେ,

"ଆରେ ବାବୁ, ତୋ ଗଛର ମହୁ ପରିକା ମିଠା ଆମ୍ବ ଏ ଖଣ୍ଡମଣ୍ଡଳରେ ନ ଥିବ । ବୋଝ ବୋଝ ବିକୁଛୁ, ଝଡ଼ି ଯାଉଥିବା କଞ୍ଚା ଆମ୍ବରେ ତୁଉଣ, ଖଟା, ଆଚାର, ଆମ୍ବୁଲ କରି ତୋ ଘରଣୀ ତରକାରୀ ଖର୍ଚ୍ଚ ତୁଲେଉଛି । ଗଛର ଅସଲ ମାଲିକ କିଏ ଜାଣିନୁ ?

ବାପା ତୋର ବର୍ଷା ଅନ୍ଧାର ରାତିରେ ଏ ଗଛରୁ ଛୋଟ ଡାହି ଖଣ୍ଡେ କାଟି ନେଇଥିଲା । ଚୋରୀ ଧରା ପଡ଼ିଲା । ପରଦିନ ଚଉକିଦାର ଆସି ଖବର ଦେଲା । ସାନ ସାଆନ୍ତେ ଚଉପାଢ଼ୀରେ ବସି ଥାଆନ୍ତି । ଏ ବିଷୟ ଶୁଣି ରାଗରେ ନିଆଁବାଣ ହୋଇ-ଗଲେ । ପିଆଦା ଜମାଲ ମିଆଁ ସଙ୍ଗେ ସଙ୍ଗେ ତୋ ବାପାକୁ ଘୋଷାରି ଆଣିଲା ଘରୁ ।

କିଏ କିଛି କହିବା ଆଗରୁ ତୋ ବାପା ବେକରେ ଗାମୁଛା ଘେରେଇ ସାନ ସାଆନ୍ତଙ୍କ ଗୋଡ଼ ତଳେ ଲମ୍ବ ହୋଇ ପଡ଼ିଗଲା । କହିଲା, "ହଜୁର, ମା', ବାପ । ମୋର ଭୁଲ ହୋଇଛି । ଏ ଲଗାଣ ବର୍ଷାରେ ଘରେ କାଠିକୁଟା ଖଣ୍ଡେ ନ ଥିଲା । ପିଲାଏ ଭୋକ ଉପାସରେ ଛଟପଟ ହଉଥିଲେ । ଛୋଟ ଡାହି ଖଣ୍ଡେ କାଟି ଦେଇଛି ସାଆନ୍ତେ ।"

ସାନବାବୁ ନିଆଁରେ ପାଣି ପଡ଼ିବା ଭଳି ଶାନ୍ତ ହୋଇଗଲେ । କହିଲେ, "ହଉ ଶୁଣ୍, ଆଉ କେବେ ହେଲେ ଏମିତି କାମ କରିବୁ ନାହିଁ ।"

"ଲେଖ ଗୁମାସ୍ତାଏ, ଚତର ପଡ଼ିଆର ଏହି ଆମଗଛ ଆଜିଠାରୁ ଭଗବତ ସେଠୀର ହେଲା । କିନ୍ତୁ ଗୋଟିଏ ସର୍ତ୍ତରେ । ସେ ବଞ୍ଚିଥିବା ପର୍ଯ୍ୟନ୍ତ ଭୋଗକରି ପାରି-ବନି । ସେ ମଲେ ସେହି ଗଛର କାଠରେ ଦାହ ହେବ ଏବଂ ତାହା ପରେ ତା'ର ପୁଅ ନାତି ବଂଶଧରମାନେ ଯାବତ୍ ଚନ୍ଦ୍ରାର୍କେ ଏହି ଆମ୍ବଗଛ ଭୋଗ ଦଖଲ କରିବେ ।"

ବଉଳବେଦୀରେ ଜମିଥିବା ଗ୍ରାମବାସୀଙ୍କ ତୁଣ୍ଡରେ ଭଷା ନ ଥିଲା । "ଆହା, ବିଚାରବନ୍ତ ଲୋକ ! ସେ ଆମ ମା' ବାପ । ସେଇ ମାଡ଼ ଦେବ, ସେ ପୁଣି ବୁଝେଇବ ।"

Digitized by srujanika@gmail.com

"ମାଡ଼ ଖାଇବା, ଆଉ ହବ କ'ଣ ? ସବୁବେଳେ ପାଉଣା ଗଣ୍ଡାକ ଠିକ୍ ସମୟରେ ଯେ ପଇଠ କରି ପାରିବା ତା' କ'ଣ ସହଜ ପଡ଼ିଛି ଭାଇ ?"

କିଏ ଜଣେ ପୁଞ୍ଜଖା ଲୋକ ପହଞ୍ଚି ଯାଇ ଗମ୍ଭୀର ସ୍ୱରରେ କହିଲା, "ଥାଉ ଥାଉ, ତୁମର ଭଲମନ୍ଦ ଜ୍ଞାନ କିଛି ନାହିଁ। ବାବୁ ଘରେ ଅବସ୍ଥା ତେଣେ କ'ଣ ହେଲଣି ମାଲୁମ ଅଛି ନା ଖାଲି ତୁମର ସେଇ ସ୍ୱାର୍ଥଚିନ୍ତା।" ସମସ୍ତେ ହଁା, କରି ଚାହିଁ ରହିଲେ ସେଆଡ଼େ। ଏଥର ଆଉକିଛି କହିବା ପାଇଁ ସାହସ ପାଇଗଲା ପରି ବଉଳ ଗୁହିନୀ ଉପରେ ଗୋଡ଼ ଉଠେଇ ବସି ବିଡ଼ି ଟାଣି ଧୀରେ କଥା ଆରମ୍ଭ କଲା, "ସେ ତୁମର ଅନ୍ନଦାତା, ତାଙ୍କର ଏ ଦୁଃଖ ବେଳେ ଆମର ସହାନୁଭୂତି ଟିକିଏ ବି ନାହିଁ। ବୁଢ଼ାସାଆନ୍ତେ ଚାଲିଗଲେ। ସେ ଥିଲେ ଆମ ସମସ୍ତଙ୍କ ଘରର ପାଚେରୀ। ବୋହୂମା' ସାକ୍ଷାତ୍ ଲକ୍ଷ୍ମୀ ଠାକୁରାଣୀ, ସେ ବି ଚାଲିଗଲେ। ସାନ ବାବୁଙ୍କର ଆଉ କ'ଣ ବାକି ରହିଲା ? ସାନବାବୁଙ୍କ ଖବର କିଛି ଜାଣିଛ ନା ଭାଇ ?"

"ଏଁ କ'ଣ ହେଲା ? ଆମେ ତ କେହି କିଛି ଜାଣିନୁ।" ସମସ୍ତେ ପ୍ରାୟ ଏକ ସ୍ୱରରେ କହି ଉଠିଲେ।

"ତୁମେ ଭାଇ ଭାବୁଥିବ ବାବୁ ଯାଇଛନ୍ତି କଲିକତା।"

"ହଁ ସେଇଆ ହେଇଥିବ। ଆମେ କ'ଣ ଜାଣୁଛୁ ?"

"କଥାଟା ଅନ୍ୟପ୍ରକାର। ବାବୁ ଘର ଛାଡ଼ି ତୀର୍ଥ କରି ଚାଲି ଗଲେଣି। ଚିଠି ଦେଇଛନ୍ତି ଯେ ରେବନାନୀ ପଢ଼ି କାନ୍ଦୁଥିଲେ। କାଲିପରା ଆମଘର ଲୋକ ଦେଖି ଆସିଛନ୍ତି। ବାବୁ ଚିଠିରେ ଲେଖିଛନ୍ତି, 'ମୁଁ ଭାରି ଶାନ୍ତିରେ ଅଛି ଏଠି, ଆଉ ଏ ମାୟା ଭିତରକୁ ଯିବି ନାହିଁ। ମତେ ତୁମେ କେହି ଖୋଜିବ ନାହିଁ।' ଚିଠିରେ ଠିକଣା ନାହିଁ।"

ଶ୍ରୋତାଙ୍କ ପାଟିରେ ପ୍ରଶ୍ନ କିମ୍ବା ଉତ୍ତର ନ ଥିଲା। ସମସ୍ତେ ଯେମିତି ପଥର ମୂର୍ତ୍ତି ପାଲଟି ଚାହିଁଥିଲେ ସେଇ ଲୋକଟି ଆଡ଼େ। ସେତିକିବେଳେ ମନ୍ଦିର ପୂଜାରୀ ଠାକୁରଙ୍କ ପହଡ଼ ପକେଇ ସାରି ଫେରୁଥିଲା। ବଉଳବେଦୀରେ ଅଳସ ଭଙ୍ଗି ଟିକିଏ ବସିଯାଇ କହିଲା, "ଗତି ଆସି ଦୁଇଘଡ଼ି ହେଲଣି, ଆଜି ପୁଣି କି ବିଗ୍ରହ ପଡ଼ିଛି ?"

"ନା ଭାଇ ବିଗ୍ରହ କ'ଣ ? ଆମେ ଭାବୁଛୁ ବିଧାତା ଆମକୁ ଏ ମଣିଷ ଜନ୍ମ ଦେଇ ପୁଣି ଭାଗ୍ୟରେ ଏତିକି ଦୁଃଖ ଲେଖିଲା କାହିଁକି ?"

Digitized by srujanika@gmail.com

ସ୍ତ୍ରୀ ଗଲ, ବୁଢ଼ାବାପ ଗଲ, ଅକାଳରେ ଝିଅଟି ମୁଣ୍ଡରେ ବଜ୍ର ପଡ଼ିଲା । ବିଭୁ-ରଞ୍ଜନ ଆଉ କେତେ ବା ସହନ୍ତେ ! ସବୁ ସରିଯିବା ପରେ ମନେହେଲା ସେ ଅକର୍ମଣ୍ୟ ହେଇ ପଡ଼ିଛନ୍ତି । ବନ୍ଧୁବାନ୍ଧବ ଯେ ସବୁ ଆସିଥିଲେ, ସମସ୍ତେ ଫେରିଗଲେ । ଏକା ଥିଲେ କ୍ୱାଇଁ ଉମାକାନ୍ତ । ଶ୍ୱଶୁରଙ୍କୁ ଏ ଅବସ୍ଥାରେ ଛାଡ଼ି ଗ୍ଲଲିଯାଇ ନଥିଲେ ସେ । ମାତ୍ର ଅଳ୍ପ କିଛିଦିନ ପରେ ସେ ଠିକ୍ ଯେଉଁଦିନ ତାଙ୍କ ଗାଁକୁ ବାହାରିଗଲେ, ପରଦିନ ଛୋଟ ସୁଟ୍‌କେଶରେ ସାଧାରଣ କେତେଖଣ୍ଡ ଲୁଗା ସଜାଡ଼ି ଘରୁ ବାହାରି ଗ୍ଲଲିଗଲେ ବିଭୁରଞ୍ଜନ । ସେ ତ ଏମିତି ଯାଆନ୍ତି । କେତେବେଳେ କଟକ ତ କେତେବେଳେ ପୁଣି କଲିକତା । ତାଙ୍କୁ କିଏ ପଗ୍ଲରିବ କୁଆଡ଼େ ଯାଉଛ ? ଯେ ପଗ୍ଲରି ଥାଆନ୍ତେ ସେ ତାଙ୍କ ପତ୍ନୀ ନର୍ମଦା, ସେ ତ ନାହାନ୍ତି । ଆଉ ଜଣେ ଥିଲେ ଏ ଘରର କର୍ତ୍ତା ; ସେ ବି ଆଖି ବୁଜିଲେ । ରଙ୍ଗଲତାଙ୍କର ଆଉ କୋଉଥିରେ ଦୃଷ୍ଟି ନାହିଁ । ସେ ପାଗଳିନୀ ପ୍ରାୟ ଚଳୁ-ଛନ୍ତି । ରେବ ଖାଇବାକୁ ଦେଲେ କେତେବେଳେ ଖାଆନ୍ତି, ନଚେତ ମନହେଲେ ଖାଇ-ବାକୁ ମନା କରିଦେଇ ବିଛଣାରେ ପଡ଼ିରହନ୍ତି । ସକାଳ, ସଞ୍ଜେ ଠାକୁରଘରେ ତାଙ୍କର ଯୋଉ ସମୟ କଟୁଥିଲା ତା' ବି ଯେମିତି ସେ ଭୁଲିଗଲେଣି । ସଞ୍ଜବେଳେ ରେବତୀ ଠାକୁରଘରେ ବତୀଦେଇ ଆଳତୀ କରିବା ପରେ କୋଉଦିନ ମନହେଲେ ଭଗବତ ଟିକିଏ ଶୁଣନ୍ତି । ତା'ପରେ କିଛିକ୍ଷଣ ଠାକୁରଙ୍କ ଆଡ଼େ ଅଶ୍ରୁଳ ନୟନରେ ଗ୍ଲହିଁ କହନ୍ତି, "ଗୋପାଳ, ମୋର ତ ସବୁ ନେଲୁ । ଆଉ ଭଲ ଏ ଅଲୋଡ଼ା ପ୍ରାଣଟାକୁ ଛଟପଟ କରୁଛୁ କାହିଁକି ? ମୋତେ ନେଇଯା, ଆଉ ପାରିବିନି ।" ରଙ୍ଗଲତାଙ୍କ ଆଖିରୁ ଝର ଝର ହୋଇ ଅଶ୍ରୁ ଝରି ଠାକୁର ଅସ୍ପଷ୍ଟ ଦେଖାଯାଆନ୍ତି । କାନରେ ବାଜେ ନର୍ମଦାଙ୍କ କଥା, "ବୋଉ, ଆହୁତିଟା ନ ଖାଇ ଶୋଇପଡ଼ୁଛି ।"

ଏଁ ? ଚମକି ଉଠନ୍ତି ରଙ୍ଗଲତା । ରୋଗ ବିଛଣାରେ ଶୋଇ ବେଳେ ବେଳେ ପିଲାଙ୍କ ପାଇଁ ବ୍ୟସ୍ତ ହୋଇପଡ଼ୁଥିଲା ନର୍ମଦା । ସେଇକଥା ମନେପଡ଼ୁଛି । ଠାକୁରଘର ପହଡ଼ ପକେଇ ସେ ପଦାକୁ ଆସିଲେ । ଆହୁତି ପଢିବା ପାଖରେ ଢୁଳଉଛି । ରେବ ତାକୁ ଶାସନ କରୁଛି । "ତୁ ସନ୍ଧ୍ୟାବେଳୁ କ'ଣ ଶୋଇପଡ଼ୁଛୁ । ପାଠ ନାହିଁ କି ? ମାଷ୍ଟ୍ରେ ପଢ଼ା ଦେଇନାହାନ୍ତି ?"

Digitized by srujanika@gmail.com

ରଙ୍ଗଲତା ସବୁ ଦେଖିଲେ, କିଛି କହିଲେ ନି । ରେବ ବିଗ୍ରରୀ ସକାଳୁ ଉଠି ରତିରେ ଶୋଇବା ଯାଏ ଘଡ଼ିଏ ବି ବସୁନି । ଆଉ କିଏ ଅଛି ଯେ ବୁଝିବ । କୃଷ୍ଣ, ଟୁନା ଦୁଇଘର ତ ପର । କି ଦାୟିତ୍ୱ ସେ ନେବେ ? ବୈକୁଣ୍ଠ କୋଉଦିନ କିଛି ବୁଝୁ ନ ଥିଲ । ସବୁ ବୁଝୁଥିଲେ ସେଇ । ଘରଦାୟିତ୍ୱ ମୋ ଉପରେ ସମର୍ପିଦେଇ ଦାଣ୍ଡକଥା ବୁଝୁଥିଲେ ସେ । କ'ଣ ମୁଁ କରିପାରିବି ? ମୋ ହାତଗୋଡ଼ କାଟିଦେଇ ସେ ତ ଗ୍ଲଲିଗଲେ । ଏମିତି ପଡ଼ିଥିବି ପିଣ୍ଡରୁ ପ୍ରାଣ ଯିବା ଯାଏ । ରଙ୍ଗଲତା ଠାକୁରଘର ବାରଣ୍ଡାରେ କାନ୍ଥକୁ ଆଉଜି ବସିଛନ୍ତି । କେତେବେଳେ ପୁଣି ମନକୁ ମନ କିଛି କହି ଆଖିରୁ ଲୁହ ଗଡ଼ଉଛନ୍ତି । ଏ ଘରେ ଯାହା ଘଟିଗଲ କେମିତି ସେ ସହିଛନ୍ତି କେଜାଣି ? ରେବ ଯଦି ନ ଥାନ୍ତା କିଏ ଛୁଆ ପିଲଙ୍କୁ ଗ୍ରହଁନ୍ତା ଭଲ ?

ସକାଳୁ ପୋଖରୀରେ ଗାଧୋଇ ଆସି ସେ ଦେଖିଲେ ରେବ କୋଉବେଳୁ ଗାଧୋଇ ଠାକୁରଙ୍କୁ ଫୁଲ ସଜଉଛି । ରଙ୍ଗଲତା ଠାକୁରଘରେ ପଶିଲେ । ରେବର ପୂଜା ସରିଗଲ । ଗୀତାପାଠ ପଛକୁ ରଖି ବାହାରକୁ ଆସି ମଠାଧୋତି ଖଣ୍ଡକ ବଦ-ଳେଇ ସେ ଗଲ ରୋଷେଇ ଘରକୁ । ପୂଜାରୀ ପାଖରୁ ବଡ଼ାଭତ ଆଣି ଭଇ ଭଉଣୀଙ୍କ ପାଇଁ ଥାଳିରେ ପରଶି ଦେଲ । ଭଣ୍ଡାରଘର ସିକାରୁ କାଢି ଭତରେ ଗୁଆଘିଅ ପକେଇ ଦେଲ । ସେଇ ଘିଅ ପକେଇ ସିଝା ଆଳୁ ଚକଟି ଭର୍ତ୍ତା କରି ଥାଳି କଡ଼ରେ ପିଲଙ୍କୁ ପରଶି ଦେଉ ଦେଉ କହିଲ, "କେତେ ଡେ଼ରି ହେଲଣି ଆଜି ! ମାଷ୍ଟ୍ରେ ଆସିଯିବେ, ବହି-ଧରି ଟଞ୍ଚଳ ବସିଯାଅ ।"

"ନାନୀ, ମୁଁ ଆଜି ପଢିବିନି । ଆଜିପର ରଜ !" ଆହୁତି ଆସ୍ତେ ଖାଉ ଖାଉ ଜିଦ୍ କରୁଛି ।

ରେବତୀ ତାକୁ ଭତ ଗୁଣ୍ଡା କରି ଖୁଆଇ ଦେଲ । ଟିକିଏ ନୀରବ ରହି କହିଲ, "କରଣ ସାହିରେ ସିନା ରଜ ପାଳନ୍ତି । ଆମର ବ୍ରାହ୍ମଣ ଘରେ କି ରଜ ?"

"ହଁ ରଜ ନାଇଁନା । ଆରବର୍ଷ ତ ଜେଜେମା' ପୋଡ଼ପିଠା କରିଥିଲ । ତୁ ମୋତେ ଅଳନ୍ଦା ପିନ୍ଧେଇ ଦେଇଥିଲୁ । ତୋ ସାଙ୍ଗ ସେଇ ମ ବଉଳ, ମକର ଆସି ନ ଥିଲେ । ସବୁକଥା ଖାଲି ଭୁଲି ଯାଉଛି । ଏଠି ଦୋଳି ନାହିଁ, କିଛି ନାହିଁ । ଖାଲି କ'ଣ ନା ସକାଳୁ ଉଠି ପାଠ ପଢ଼ । ମୁଁ ଯାଉଛି ଦୋଳି ଖେଳିବାକୁ ପଳେଇବି ।"

Digitized by srujanika@gmail.com

"ଯା', ତ ଦେଖିବା, ମାରି ପିଠି ଫଟେଇ ଦେବିନି।" ଟୁନା ଖୁବ୍ ରାଗି ଯାଇଛି। କୃଷ୍ଣ କିନ୍ତୁ କିଛି କହୁନି। ଟୁନା ଭଳି ସେ ରାଗେ ନାହିଁ। ନର୍ମଦାଙ୍କ ଭଳି ଅତି ଧୀରସ୍ଥିର ତା' ସ୍ୱଭାବ।

ଆହୁତି ଅଧା ଖାଇ ସେମିତି ବସିଛି। ରେବତୀ ସେଠୁ ଉଠି ପୂଜାରୀଙ୍କୁ ତାଗଦ କରୁଛି କୁମୁଦ, ଗୁଣ୍ଡିରୀଆଙ୍କୁ ପଖାଳ ବାଢିଦବାକୁ। ପୂଜାଘରୁ ଆସିଲେ ରଙ୍ଗଇତାଙ୍କୁ ଘ' ଚୁଡ଼ାଭଜା ଦେବାରେ ସେ ଯେମିତି ଡେରି ନ କରେ। ଏ କାମ ସରିଲେ ଶେଷେଇ ଘରେ ପୁଣି କେତେ କାମ। କୁମୁଦ ଗାଧୋଇ ସାରି ପଖାଳ କଂସା ପାଖରେ ବସି ସାରିଲଣି। ସକାଳୁ ବଡ଼ି ପୋଡ଼ା କିମ୍ବା ଗରମ ଗରମ ଶାଗ ଖଟା ଟିକେ ନ ହେଲେ ସେ ମୁହଁ ଓହଳେଇବ। ଠାକୁରଘରୁ ଆସି ତା ନିଶ୍ଚିନ୍ତ ଖାଇବା ଦେଖି ରଙ୍ଗଇତା ମନେମନେ ବିରକ୍ତ ହେଉଛନ୍ତି। ଅଳସେଇର କାମ ବୋଲି ନାଁ ନାହିଁ, ଖାଲି ଖାଇ ଖାଇ ଗଣ୍ଡି ହଚୁଛି।

ରେବ କହେ, "ଥାଉ ପଡ଼ି ଥାଉ, ନିଆଁଖାଟାଏ। କେତେ ଲୋକ ଆସି ଖାଇ-ପିଇ ଯାଉଛନ୍ତି।"

ଆହୁତି ସେମିତି ଜିଦ୍ ଲଗେଇଛି। ରେବ ତା' ଆଡ଼େ ଚାହିଁ ଦେଇ କହିଲା, "ତତେ ବୁଝେଇବାକୁ ମୋର ବେଳ ନାହିଁ, ଖାଇ ଦେଇ ଉଠିଯା। ତୋ ମାଷ୍ଟ୍ରେ କେତେବେଳୁ ଆସି ଦାଣ୍ଡ ବାରଣ୍ଡାରେ ବସିଛନ୍ତି।"

ରେବନାନୀର କାର୍ଯ୍ୟବ୍ୟସ୍ତତା ଦେଖି କୃଷ୍ଣ ଆହୁତିକୁ ବୁଝେଇବାକୁ ଚେଷ୍ଟା କଲା, "ତୁ ଜାଣିଛୁ ଏ ଛୁଟିରେ ମୁଁ କଟକ ଯିବି। ରେବନାନୀ କହୁଛି, ଏଥର ମୁଁ କଟକ ସ୍କୁଲରେ ପଢିବି। ଛୁଟିରେ ଆସିବାବେଳେ ତୋ ପାଇଁ ବହୁତ ଜିନିଷ ଆଣିବି। ତୋର କ'ଣ ଦରକାର କହିଲୁ ?"

"ଫୁଲପକା ଜାମା। ଆଉ ଗୋଟାଏ ଭଲ ପ୍ରଜାପତିଆ କ୍ଲିପ୍; ହେଇ ମ ଝିଅମାନେ ମୁଣ୍ଡରେ ଲଗାନ୍ତି ନାହିଁ !"

"ଧେତ୍, ଫ୍ରକ୍ ସିନା ନେଇ ଆସିବି, ସେ ପ୍ରଜାପତିଆ ମୁଣ୍ଡ କ୍ଲିପ୍ ପୁଣି କୋଉଠି ପାଇବି ?"

"ଆଉ ଗୋଟାଏ ଚିତ୍ର ବହି।"

"ହଉ ହେଲା ଚିତ୍ର ଦେଖିବୁ, ପାଠ ପଢିବୁ ତ ? ଦେଖୁନୁ ତୋ ସାଙ୍ଗମାନେ କେତେ ପଢିଲେଣି।"

Digitized by srujanika@gmail.com

ଆହୁତି ରଙ୍ଗରେ ଦୋଳି ଝୁଲିବା କଥା ଭୁଲିଗଲା । ସେ କଳ୍ପନା କଲା ଫୁଲ-ପକା ସିଲ୍କ ଜାମା, ତା' ସଙ୍ଗେ ଗୋଲାପି ରିବନ୍, ଚିତ୍ର ଥିବା ବହି ଏମିତି କେତେ ଜିନିଷ ବଡ଼ଭାଇନା କଟକରୁ ଆଣିବ । ତାକୁ ସବୁ ସାଙ୍ଗମାନଙ୍କୁ ଦେଖେଇଲେ କେତେ ମଜା ହେବ । ଚଞ୍ଚଳ ଖାଇଦେଇ ବହି ବସ୍ତାନି ଧରି ଚଉପାଢ଼ୀ ଆଡ଼େ ଯାଉ ଯାଉ ରେବନାନୀକୁ ଖୋଜି ପକେଇଲା ସେ ଏଇସବୁ କଥା କହିବାକୁ । ଆଉ କାହାକୁ କହିବ ଯେ ! ସାନଭାଇନା ତ କାଳିହାଟାଏ ।

ରେବତୀ ଗୁହାଳ ପାଖରେ ଠିଆ ହୋଇଥିଲା । ଗ୍ଵାଳିଆ ଗାଈ ଦୁହୁଁଛି । ଦିନରେ ଗ୍ଵରିଥର ଗାଈ ଦୁହାଁ ଏବଂ ଗାଈ ଖୁଆଇବାବେଳେ ରେବତୀ ନିଶ୍ଚୟ ଆସି ଗୁହାଳ ପାଖରେ ଠିଆ ହେବ । ତା' ନ କଲେ ତା' ମନ ଶାନ୍ତି ନାହିଁ । ଆହୁତି ସେଇଠି ପହଞ୍ଚି କୃଷ୍ଣ ତା' ପାଇଁ କଟକରୁ ଆଣିବାକୁ କହିଥିବା ଜିନିଷର ତାଲିକା ବତଉଥିଲା ।

ରେବ ତାକୁ ବୁଝେଇ ଦେଇ କହିଲା, "ହଉ ଭଲ ହେଲା । ମୁଁ ତାକୁ ଟଙ୍କା ଦେବି, ତୋ ଜିନିଷ କିଣିବ ଏବଂ ଚଣ୍ଡୀ ମନ୍ଦିରରେ କିଛି ଲଡୁ କିଣି ଭୋଗ କରିବ ।" ଆହୁତି ସେଠାରୁ ମନ ଖୁସିରେ ବସ୍ତାନି ଧରି ଚଉପାଢ଼ୀକୁ ଗ୍ଵଲିଗଲା । କୃଷ୍ଣ, ଟୁନା ଦୂରେଇ କରି ପଢୁଥାଆନ୍ତି । ଦକ୍ଷିଣପାଖ ବାରଣ୍ଡାରେ ଭଲ ପବନ । ସେଇଠି ଆହୁତିର ମାଷ୍ଟେ ସପରେ ବସି ତା'ର ପଢ଼ା ଦେଖୁଥାଆନ୍ତି ।

ଗୁମାସ୍ତା ଆସି କାଗଜପତ୍ର ଖୋଲି ବସିଛନ୍ତି ।

କେତେବେଳକେ ରେବତୀ ଆସିଲା ଏପାଖକୁ । ଜେଜେବାପାଙ୍କ ଚଉକି ଖଣ୍ଡକରେ ବସି ଗୁମାସ୍ତାଙ୍କୁ କାଗଜପତ୍ର ମାଗିଲା, ଖାତାରୁ ହିସାବପତ୍ର ଦେଖିଲା । ଅସୁଲ ଟଙ୍କାର ହିସାବ ବୁଝେଇ ଟଙ୍କା ସବୁ ଧରେଇ ଦେଲେ ଗୁମାସ୍ତା । ତାକୁ ବାକ୍-ସରେ ରଖି ତାଲା ଦେଲା ରେବତୀ । ଚିଠିପତ୍ର ଖେଳେଇ ବାପାଙ୍କ ଚିଠି ଖଣ୍ଡକ ଖୋଜି ନେଇ ଶେଷରେ ନିରାଶରେ ସେଠାରୁ ଉଠି ଆସିଲା । ମନ ଦୁଃଖ କରିବାକୁ ବେଳ ନାହିଁ ? ବାହାର, ଘର ସବୁ ଜଞ୍ଜାଳ ତ ସମ୍ଭାଳିବାକୁ ପଡୁଛି । ବୋଉ ଯିବା ପରେ

Digitized by srujanika@gmail.com

ପିଲମାନଙ୍କର ଅଳିଅର୍ଦ୍ଦୋଳି ସବୁ ରେବ ପାଖରେ । କୃଷ୍ଣ କହିଲ, "ରେବନାନୀ, ଆଳୁ-ଦମ୍ ଆଜି ପିତା ଲଗୁଛି ।"

"ଦେଖୁନୁ ଭଉନା, ସାଦା ତରକାରୀଟା ଧୂଆଁ ଗନ୍ଧ ।"

"ଇହି, ବଡ଼ିଗୁଡ଼ାକ ସୁଧୁ କଞ୍ଚାଲେ ନାନୀ ।" ଆହୁତି ଭଉମାନଙ୍କ ସଙ୍ଗରେ ପାଳି ଧରୁଛି ।

ଅଣ୍ଡାରେ କାନି ଖୋଷି ରେବତୀ ହାଣ୍ଡିଶାଳରେ ପଶେ । ହାତରେ ଧରି-ଥାଏ ଲୁହାର ଗୋଟିଏ ବଡ଼ ଡଙ୍କି । ସେଥିରେ ସରୁ ସରୁ କଟା ଆଳୁ ଛଣା ହୁଏ , ପୋଟଳ ଭଜା, ଆହୁତି ପାଇଁ କଲିପି ବଡ଼ି ଭଜା ।

ପିଲଏ ଆନନ୍ଦରେ ଖାଆନ୍ତି । ପୂଝାରୀ କରିଥିବା ତରକାରୀରେ ହାତ ବାଜେନି । ସେମିତି ଥୁଆ ହୋଇଥାଏ । ସବୁ ଖାଏ କୁମୁଦ । ଖାଆନ୍ତି ଚାକିରୀଆ ହଳିଆମାନେ । ଏବେ ରଙ୍ଗଲତା ପିଲଙ୍କର ସାଙ୍ଗ ହେଲେଣି । ତାଙ୍କୁ ଡାକି ଆଣି ନାତି, ନାତୁଣୀଙ୍କ ପାଖରେ ଖାଇବାକୁ ବସାଏ ରେବତୀ । ପ୍ରଥମେ ପ୍ରଥମେ ସେ ନାହିଁ ନାହିଁ କରୁଥିଲେ । ରେବ କହିଲ, "ଦେଖ୍ ଜେଜେମା', ମୋ ଖାଇବାରେ ବେଳ ଅନେକ ହେଉଛି । ତୋ ଦେହ ଯଦି ଖରପ ହବ, ପୁଣି କେତେ ହଇରଣ ।" ବୁଢ଼ୀଙ୍କର ବି ରେବ ହାତ ଭଜା ଶାଗ ଖାଇବାରେ କେତେ ଆଗ୍ରହ । ସେ ଜାଣିଲେଣି, ପିଲଙ୍କ ପାଖରେ ବସିଲେ ପାଟି ସୁଆଦିଆ ଗରମ ଗରମ ଭଜା ତରକାରୀ ବଢ଼ା ହେବ । ରେବ ନିଜେ ଯେତେବେଳେ ଦିନ ତିନିଟା ବେଳେ ଖାଇବ ସବୁ ଥଣ୍ଡା । କ'ଣ ସେ ଖାଏ କେଜାଣି ? ଅଳ୍ପ ଦି'ଟା ପାଟିରେ ଦେଇ ଖାଇବା ପାଖରୁ ତରତରରେ ଉଠି ପଡ଼େ । ତେଣେ ଚଉପାଢ଼ୀରେ ଗୁମାସ୍ତା ଅପେକ୍ଷା କରି ବସିଥାଆନ୍ତି । ତାଙ୍କ ସାଙ୍ଗରେ କଥାବାର୍ତ୍ତା, କାଗଜପତ୍ର ଘଣ୍ଟା ଘଣ୍ଟାଲେ ତା'ର ।

ରାତି କେତେ ଘଡ଼ି ହେବ କେଜାଣି, ଗାଁ ଦାଣ୍ଡ ନିଶୁନ୍ ହେଲଣି । ପହରକିଆ ବିଲୁଆଟା ରହି ରହି ଚିତ୍କାର କରୁଛି । ରେବତୀ ଆଖିରେ ନିଦ ନାହିଁ । ସେମାନେ ପର ପର ହେଇ ଗ୍ଲିଗଲେ । କେତେଟା ଦିନର ବା ସେ ସୁଖ ! ଅର୍ଣ୍ଣିଳ ଗଲେ, ବୋଉ,

Digitized by srujanika@gmail.com

ଜେଜେବାପା, ଆଶ୍ଚର୍ଯ୍ୟ ଭାବରେ ଧକାଡକି ହୋଇ ଏ ସଂସାରରୁ ଚାଲିଗଲେ । ସେମାନଙ୍କ ସ୍ମୃତିକୁ ମନରେ ଟିକିଏ ଧରି ରଖିବାକୁ ବେଳ ନାହିଁ । ଏତେବଡ଼ ସଂସାରର ବୋଝ ଲଦି ଦେଇ ସମସ୍ତେ ଚାଲିଗଲେ, ବାପା ଘର ଛାଡ଼ିଲେ । କେବେ ସେ କ'ଣ ଦାୟିତ୍ୱ ନେଉଥିଲେ ଯେ ! ଅଭିମାନ କରି ମଧ୍ୟ କରିପାରିଲନି ରେବତୀ । ଭାଇ ଭଉଣୀଙ୍କ ହର୍ଷୋତ୍‌ଫୁଲ୍ଲ ସତେଜ ମୁହଁଟିମାନ ଦେଖିଲେ ଜୀବନର ସବୁ ଦୁଃଖ ସେ ଭୁଲିଯାଏ । ଅତୀତ ରହେ ଅନ୍ଧାରରେ । ଆଖି ସାମନାରେ ବର୍ତ୍ତମାନର ବାସ୍ତବ-ତାର ସ୍ୱରୂପ । ତାକୁ ସମ୍ଭାଳିବା ଯେ କେତେ କଷ୍ଟ !

ସେଦିନ ଆହୁତିର ଏକା ଜିଦ୍ ରଜରେ ପିଠା ଖାଇବ, ଦୋଳି ଝୁଲିବ । ହଁ, ସାନ ପିଲଟା, ତା'ର ବୁଦ୍ଧି କେତେ ? ପ୍ରତିବର୍ଷ ଗାଁ କମ୍ପୁଥାଏ । ଦିନେ ଦୁଇଦିନ ରଜ ଆଗରୁ ଝିଅ, ବୋହୂଙ୍କର ଗହଣା ମଜା, ଘରଦ୍ୱାର ଲିପା, ପୋଛା, ଧୂଆଧୁଇ ଚାଲିଥାଏ । ଘରେ ଘରେ କେତେ ପିଠାପଣା । ଝିଅମାନେ ନୂଆଶାଢ଼ୀ, କୁଙ୍କୁମ, ଚନ୍ଦନ, ଅଳତା ଲଗେଇ ପାନ ଖାଇ ଘର ଘର ବୁଲୁଥାଆନ୍ତି । ଗତବର୍ଷ ବଉଳର ଶାଶୂଘରୁ ଆସିଥିଲା ନୀଳ ମେଘ ରଙ୍ଗର ପାଟଶାଢ଼ୀ, ଘରରେ କେତେ କ'ଣ । ଏବର୍ଷ ଗାଁର ନୂଆବୋହୂମାନଙ୍କ ବାପଘରୁ କେତେ ଜିନିଷ ଆସିଥିବ । ଆମ୍ବତୋଟାରେ ଦୋଳି ଲଗି-ଥିବ । ଝିଅଙ୍କର ସବୁ ମଜା । ଆଉ ମୁଁ ! ମୁଁ ବିଧବାଟାଏ । ଧଳାଫର୍ଦ୍ଦି ଶାଢ଼ୀ ଖଣ୍ଡେ, ବ୍ଲାଉଜ୍ ଦୁଇଖଣ୍ଡ ହେଲେ ସରିଲା । ଏତେ ଜିନିଷ ମୋର ବା କ'ଣ ଦରକାର ? ବିଚାରୀ ଆହୁତି କେତେ ମନକଷ୍ଟ କଲା ।

ଘରେ କୋଉ ଖୁସିଟା ଅଛି ଯେ ମୁଁ ତା' ପାଇଁ ଦୋଳି ଲଗେଇ ଥାଆନ୍ତି । ଏଇ ଘରେ ପ୍ରତିବର୍ଷ କେତେ ଖିଆପିଆ ଚାଲେ । ଗାଁ ଦାଣ୍ଡରେ ଗାଁ ଟୋକାଙ୍କର ଚାଲେ ଡୁଡୁ ଖେଳ । ଏଇ ଘର ଆଗରେ ଆସି ସେମାନେ ଦୁଇଦଳ ହେଇ ଖେଳରେ କେତେ କାରସାଦି ଦେଖାନ୍ତି । ଜେଜେବାପା ଦୁଇଦଳ ପିଲଙ୍କ ପାଇଁ ଏଇଠି ଭୋଜିର ବ୍ୟବସ୍ଥା କରନ୍ତି । କେତେ ମଜା ହୁଏ । ଝିଅମାନେ ଆସି ଘର ଭିତରେ ଖାଇ ବସନ୍ତି । ଜେଜେ କହନ୍ତି, "ରଜପର୍ବ ସମସ୍ତଙ୍କର । ତୁମେ ପିଲାଏ ମନ ଆନନ୍ଦରେ ଖାଲି ଖାଇବ, ଦୋଳି ଖେଳିବ । ତୁମର କି ଚିନ୍ତା ।" ଆଉ ଅଛି ? କ୍ଷଣକ ଭିତରେ ଯେମିତି ସବୁର ପରିବର୍ତ୍ତନ ହୋଇଗଲା । ଗାଁ ଟୋକାଏ ମେଳି କରି ସ୍ଥିର କଲେ, ନା ଏ ବର୍ଷ ସବୁ ବନ୍ଦ । ବୁଢ଼ାବାବୁ ତ ନାହାନ୍ତି । ଆମ ଖେଳ ଦେଖିବ କିଏ ? ଦୁଇ ଦଳର ମନ ଫଟା-ଫଟିକୁ ମୀମାଂସା କରି ଭୋଜି ଖାଇବାକୁ ଦେବ କିଏ ?

Digitized by srujanika@gmail.com

ସେଦିନ ଗାଁ ମୁଣ୍ଡ ମଙ୍ଗଳାଙ୍କ ପାଖରେ ସଭା ବସିଥିଲା । ଯୁବକସଂଘର ସଭାପତି କିଛି କହିବାକୁ ଆରମ୍ଭ କରିବା ସମୟରେ ତାଙ୍କ କଣ୍ଠ ବାଷ୍ପରୁଦ୍ଧ ହେଲା । ଅଶ୍ରୁସଜଳ ଦୃଷ୍ଟିରେ ସେ କହିଲେ, "ମୁଁ କହିବାକୁ ଚାହୁଁଥିଲି ଯେ ଆସନ୍ତା ରଜରେ ଆମ ସମସ୍ତଙ୍କର ମଉଜ ମଜଲିସ୍ ସବୁ ବନ୍ଦ ରହୁ । ତା'ର କାରଣ ଆପଣମାନଙ୍କୁ ଅବିଦିତ ନ ଥିବ । ଆମମାନଙ୍କର ପିତୃପ୍ରତିମ ଜମିଦାର ସାଆନ୍ତଙ୍କର ଅକାଳ ବିୟୋଗ ଏବଂ ତାଙ୍କ ପରିବାରର ଶୋକାକୁଳ ପରିସ୍ଥିତି ଆମ ସମସ୍ତଙ୍କ ମନରେ ଗଭୀର ଆଘାତ ସୃଷ୍ଟି କରିଛି । ଏଇ ଭଙ୍ଗାମନ ନେଇ ଆନନ୍ଦ ଉତ୍ସବରେ ମାତି ପାରିବା କି ଆମେ ? ଭାଇମାନେ, ଆପଣମାନେ ମୋ ପ୍ରସ୍ତାବ ଗ୍ରହଣ କଲେ କି ନାହିଁ କହିବେ । ମୋର ଏ ବିଷୟରେ ଅଧିକ କିଛି କହିବାର ନାହିଁ ।"

ସମସ୍ତଙ୍କର ଏକ ସ୍ୱର, "ଠିକ୍ କହିଛ, ଏ ବର୍ଷ ସବୁ ମଜ୍‌ଲିସ୍ ବନ୍ଦ ରହିବ ।"

ସେଦିନ ସଭା ଦେଖି ଆସି ତା'ର ଅବିକଳ ବର୍ଣ୍ଣନା ଦେଲା କୃଷ୍ଣ । ସବୁ ଶୁଣି ରେବତୀ ତା' ଅମାନିଆ ଲୁହ ଅଟକେଇ ପାରି ନ ଥିଲା । ବାଡ଼ିପଟ କୂଅମୂଳକୁ ଯାଇ ମୁହଁଟା ଶୀଘ୍ର ଧୋଇନେଇ, ସନ୍ଧ୍ୟା ଆଳତୀ କରିବା ପାଇଁ ତରତରରେ ଠାକୁରଘରକୁ ଚାଲିଗଲା ସେ ।

ସକାଳୁ ସକାଳୁ କୁଆଡ଼େ ଉଠି ଚାଲି ଯାଇଛି କୃଷ୍ଣ । ପିଲଟା ଦାନ୍ତ ଘଷି ଦେଇ ସେମିତି ଚାଲିଗଲା । ଖାଇବାକୁ ଦେବାକୁ ଖୋଜିଲା ବେଳକୁ ନାହିଁ ! ରେବତୀ ବେଶୀ ସମୟ ଏହି ବିଷୟରେ ଭାବି ପାରିଲା ନାହିଁ । ସକାଳେ ଅଳସ ଭାଙ୍ଗି ଉଠିବା ପରେ ପାହାଡ଼ ଭଳି ଘରର ଦାୟିତ୍ୱ ତା' ସାମନାରେ ଜମା ହୋଇଯାଏ । ବିଛଣା ଛାଡ଼ି ପୁଣି ରାତିରେ ବିଛଣା ଧରିବା ପର୍ଯ୍ୟନ୍ତ ମେସିନ୍ ଭଳି ଚାଲୁଥାଏ ସେ ।

କୂଅମୂଳେ ଠାକୁର ବାସନ ମାଜୁଛି କୁମୁଦ । ରେବତୀ ଫୁଲ ତୋଳି ଚାଙ୍ଗୁଡ଼ିରେ ରଖୁଛି । ଠିକ୍ ଏତିକିବେଳେ ଆକସ୍ମିକ ବାତ୍ୟା ଭଳି ଦୌଡ଼ି ଆସିଲା କୃଷ୍ଣ । "ନାନୀ, ନାନୀଲୋ ମୁଁ......" ସେ ଏଡ଼େ ଜୋରରେ ନିଃଶ୍ୱାସ ନେଉଛି ଯେ କହିବାକୁ ଯାଉଥିବା କଥାଟା କହି ପାରୁନି ।

"କ'ଣ ହେଲା କହୁନୁ ।"

Digitized by srujanika@gmail.com

"ମୁଁ ବୃତ୍ତି ପରୀକ୍ଷାରେ ପାଷ୍ ହୋଇଛି । ଏବେ ହେଡ୍‌ମାଷ୍ଟରଙ୍କ ପାଖରୁ ବୁଝି ଆସିଲି ।"

ରେବ ଜାଣିଥିଲା କୃଷ୍ଣ ନିଶ୍ଚୟ ବୃତ୍ତି ପାଇବ । ମାତ୍ର ବୃତ୍ତି ପାଇ ସେ ଯେ ସମସ୍ତଙ୍କୁ ଟପିଯିବ, ଏ ଭାବନା ତା' ମନକୁ କେବେ ସ୍ପର୍ଶ କରି ନ ଥିଲା ।

ଫୁଲଚୋବା ସେତିକିରେ ବନ୍ଦ ରହିଲା । ଭାଇ, ଭଉଣୀ ଏ ଖବର ରଙ୍ଗଲତାଙ୍କୁ ଦେବାକୁ ଘର ଭିତରକୁ ଆସିଲେ ।

ରେବ ସଙ୍ଗେ ଜିଦ୍ ଲଗେଇଛି କୃଷ୍ଣ, "ନାନୀ ମୁଁ ଆଜି କଟକ ଯିବି । କେତେ କଥା ବୁଝିବାକୁ ହବ । ଏଠି ମାଟ୍ରିକ ପଢିଲେ କିଛି ହବନି ।"

"ହଉ ଠିକ୍ ଅଛି, ତୁ ବାହାରିପଡ଼ ଶୀଘ୍ର । ଆଜି ଚାଲିଯା' ।"

ରଙ୍ଗଲତା କାନ୍ଦୁଛନ୍ତି । ରେବତୀ ନୀରବରେ ଠିଆ ହୋଇ ଭାବୁଛି, ଏବେ କୃଷ୍ଣର ଜାମା, ପେଣ୍ଟ ସଫା କରିବାକୁ ହେବ । ଆକାଶରେ ମେଘ ଘୋଡ଼େଇଛି । ଲୁଗା ଶୁଖିବନି, ବରଂ ଯାହା ଅଛି ସେଇଥିରୁ ଭଲ ସାର୍ଟ, ପ୍ୟାଣ୍ଟ୍ କେତେଖଣ୍ଡ ସୁଟ୍‌କେଶରେ ସଜାଡ଼ି ଦେଇ ତାକୁ ପଠେଇ ଦେବି ।

କୃଷ୍ଣ ଜେଜେମା'କୁ ବୁଝଉଛି, "ମୁଁ ପାଷ୍ ହୋଇଛି, ତୁ ସିନା ଖୁସିରେ ହସନ୍ତୁ । କାନ୍ଦୁଛୁ କ'ଣ ? କାନ୍ଦୁଥା, ମୁଁ କଟକ ଯାଉଛି । ଆସିଲୁ ରେବ ନାନୀ, ମୋର ସବୁ ସଜାଡ଼ି ଦେବୁ ।"

ରେବତୀ ଅନ୍ୟ କଥାଟି ଭାବି ନ ଥିଲା । କୃଷ୍ଣକୁ ଟଙ୍କା ଦେବାକୁ ହେବ । କଟକରେ ସ୍କୁଲ ସବୁ ଖୋଲିଯିବ ଦିନେ ଦୁଇଦିନ ମଧ୍ୟରେ । ଏକାଠି ରହି କାମ ସାରି ଘରକୁ ଆସି ଅନ୍ୟାନ୍ୟ ଜିନିଷପତ୍ର ନେଇଯିବ ସେ । ସବୁ କାମ ପଛକୁ ପକେଇ ରେବତୀ ମୋହରିର ସୁଦାମ ବାବୁଙ୍କୁ ଚିଠି ଲେଖି ବସିଲା । କୃଷ୍ଣ ଗଲେ ତାଙ୍କରି ଘରେ ରହିବ । ସ୍କୁଲ ଯିବାବେଳେ ଯଦି କିଛି ଦରକାର ପଡ଼େ ନିଜେ ସୁଦାମ ବାବୁ ସାହାଯ୍ୟ କରିବେ, ଏଇ କଥା ଲେଖିବା ପାଇଁ ବିଶେଷ କରି ସେ ଚିଠି ଲେଖି ବସିଲା ।

ପାଖରେ ଯାହା ଟଙ୍କା ଅଛି ଖଜଣା ଦାଖଲ କରିବାକୁ ନିଅଣ୍ଟ । କିନ୍ତୁ ସେଥିରୁ ଦେଇଦେବା ଛଡ଼ା ଅନ୍ୟ ଉପାୟ ନାହିଁ । ଟଙ୍କା ବାକ୍ସଟା ଧରି ଚିନ୍ତିତ ଭାବରେ ବସିଛି ରେବତୀ । କୃଷ୍ଣ ଗାଧୋଇ ଲୁଗାପଟା ପିନ୍ଧି ବସିଲାଣି । ଏଥର ଆଉ କିଛି ନ ଭାବି ବାକ୍ସରୁ ପଚାଶ ଟଙ୍କା କାଢ଼ି ରଖିଲା ରେବତୀ । ତା'ପରେ କୃଷ୍ଣ ଯିବାର ବନ୍ଦୋବସ୍ତ କରିବାକୁ ଶୀଘ୍ର ଘର ଭିତରକୁ ଉଠିଗଲା ସେ ।

Digitized by srujanika@gmail.com

ବାହାରେ ଝିପି ଝିପି ବର୍ଷା ଆରମ୍ଭ ହୋଇଛି । ତଥାପି ଘର ଭିତରେ କେତେ ଗରମ ! ରେବତୀ କାନିରେ ମୁହଁ ପୋଛି ବସିଛି ଚଉପାଢ଼ୀରେ । ବଳି ଗୁମାସ୍ତା ଆସିଛନ୍ତି । ହାତରେ ଡାକରେ ଆସିଥିବା ଖଣ୍ଡିଏ ଜରୁରୀ ଚିଠି । ଡେଙ୍କେଙ୍ଗାବଜାରର ମୋହରିର ସୁଦାମବାବୁଙ୍କ ହାତ ଅକ୍ଷର । ଦୁଇଟା ଦିନ ପରେ ଲାଟବନ୍ଦୀ ତାରିଖ । ସବୁ ତଉଜିର ଟଙ୍କା ଦାଖଲ ହେବ । ନଚେତ ଜମିଦାରୀ ନିଲମରେ ଉଠିବ ।

ରେବତୀର ମୁଣ୍ଡ ଘୁରିଗଲା । ଦିନ ଦୁଇଟାରେ ଦୁଇ ହଜାର ଟଙ୍କା ସେ ଯୋଗାଡ଼ କରିବ କିପରି ? ଏଣେ ପ୍ରଜାମାନଙ୍କ ପାଖରୁ ବଳି ଗୁମାସ୍ତା ଗୋଟାଏ ବି ଟଙ୍କା ଅସୁଲ କରିପାରି ନାହାନ୍ତି । କେବେ ତ ପ୍ରଜାମାନେ ଖଜଣା ଦେବାରେ ହଇରଣ କରି ନ ଥିଲେ । ସେ ପାଖରେ କଲିକତାରୁ ନରି ଗୁମାସ୍ତା ଖବର ଦେଇଛନ୍ତି ମହାଜନୀ ଟଙ୍କା ଏବେ ମିଳିବାର ଆଶା ନାହିଁ । ରେବତୀ ଆଶ୍ଚର୍ଯ୍ୟ ହେଲା । ତେବେ କ'ଣ ମଧୁ ଯେମା ପିଆଦା ସତ କହୁଥିଲା ! ଟଙ୍କା ଠିକ୍ ଅସୁଲ ହେଉଛି, କିନ୍ତୁ ଖାତାରେ ପଇଠ ହଉନି !

ସେ ଯାହା ବି ହଉ ଲାଟବନ୍ଦୀ ତାରିଖରେ ଖିଲାପ ସେ କଦାପି କରେଇ ଦବନି । ପାଖରେ ଏକମାତ୍ର ପନ୍ଥା ଗହଣା କେତେଖଣ୍ଡ । ସେଥିରୁ କିଛି ବିକିଦେଲେ ଲାଟବନ୍ଦୀ ତାରିଖରେ କାମ ଚଳିଯିବ । ବିଧବାର ଗହଣା । ଯା ବ୍ୟତୀତ ସେଥି-ନେଇ ମନ ଉଣା କରିବା ଭଳି ଦୁର୍ବଳତା ରେବତୀ ମନରେ ନାହିଁ । ମାତ୍ର ଏ ଗାଁରେ ସେ କାହା ପାଖରେ ଗହଣା ବନ୍ଧା ଦେଇ କିମ୍ବା ବିକ୍ରୟ କରି ଟଙ୍କା ଆଣି ପାରିବ ? ମନେପଡ଼ିଲା କଟକର ଗୌରବାବୁ ଓକିଲଙ୍କ କଥା ।

ମଉସାଙ୍କ ଘରକୁ ଗଲେ ସବୁକଥା ଠିକ୍ ହୋଇଯିବ ।

କେତେ ନିଜର ସେମାନେ । ଏ ଦୁର୍ଦ୍ଦିନରେ ପ୍ରଭୁ ଇଷ୍ଟଦେବତାଙ୍କ କୃପାରୁ ସେମାନଙ୍କ କଥା ମନେ ପଡ଼ିଲା । ଆଉ କୌଣସି ଅସୁବିଧା ହେବନି ଏଥର । ବିଳମ୍ବ ନ କରି ରେବତୀ କଟକ ଯିବାକୁ ପ୍ରସ୍ତୁତ ହେଲା । ବଳି ଗୁମାସ୍ତା ସବାରି ଗଉଡ଼ ବନ୍ଦୋବସ୍ତ କରିବା ପାଇଁ ଶୀଘ୍ର ଉଠିଗଲେ ।

Digitized by srujanika@gmail.com

ଯିବା ପୂର୍ବରୁ ରଙ୍ଗଲତାଙ୍କୁ ସବୁ ଚାବିକାଠି ଦେଇ ଘରକଥା ବୁଝେଇ ଶୀଘ୍ର ଫେରିଆସିବା କଥା କହିଲ ରେବତୀ । କୁମୁଦ, ଚାକିରିଆ ସୁଦର୍ଶନ, ପୂଜାରୀ ସମସ୍ତେ ତ ଅଛନ୍ତି । ଦୁଇଚାରିଦିନ ସେ ନ ରହିଲେ ଅସୁବିଧା କ'ଣ ହେବ ଯେ ! ନିଜ ମନକୁ ଏଇକଥା ବୁଝେଇଲା ସେ । ରଙ୍ଗଲତା ପ୍ରଥମେ ରେବର କଟକ ଯିବା କଥା ଶୁଣି ଆଶ୍ଚର୍ଯ୍ୟ ହେଲେ । କିନ୍ତୁ ତେଣେ ଲଟବନ୍ଦୀ ତାରିଖ କଥା ଭାବି ଆଉ କିଛି କହି ପାରିଲେନି । ଶୁଖିଲା ଆଖି ଓଦା ହେବା ଆଗରୁ ମୁହଁଟା ଭଲକରି ପୋଛିନେଇ ସେତକଦିନ ଘର ଦାୟିତ୍ୱ ସମ୍ଭାଳି ନେବାର ନିର୍ଭର ପ୍ରତିଶ୍ରୁତି ଦେଲେ ସେ ।

ଆହୁତିର ଶୁଖିଲା ମୁହଁ ଦେଖି ହସିଲ ରେବତୀ ।

"ଆହୁତି ଲୋ, ମୁଁ ଶୀଘ୍ର ଫେରି ଆସିବି ।"

"ତୁ ଗଲେ ତ ସାନଭଉଜା ମୋତେ ସବୁବେଳେ ମାରିବ ।"

ଆହୁତି ଚାହେଁ ରେବତୀ ତାକୁ ସାଙ୍ଗରେ ନେଉ । ଏକଥା ବୁଝିପାରିଥିଲେ ମଧ୍ୟ ଅନନ୍ୟୋପାୟ ହୋଇ ରେବତୀ ସବାରିରେ ବସିଲା । ଛୋଟ ଲୁଗା ବ୍ୟାଗରେ ନିଜର କେତେଖଣ୍ଡି ଗହଣା ଖଣ୍ଡିଏ ରୁମାଲରେ ବାନ୍ଧି ତଳକୁ ରଖିଦେଲା । ନିଜଛଡ଼ା ଏ କଥା ସେ କାହାକୁ ମଧ୍ୟ ଜାଣିବାକୁ ଦେଇ ନଥିଲା ।

ଗହିର, ବିଲ ଟପି ସବାରି ରାସ୍ତାକୁ ଉଠିଲଣି । ବର୍ଷା ଛଡେଇଥିବାରୁ ଖରର କୋପ କମିଯାଇଛି । ଭାଉତମାନେ ଜୋର୍‌ରେ ପାଦ ପକେଇ ଚାଲିଛନ୍ତି । ଏମିତି ଚାଲିଲେ ସନ୍ଧ୍ୟା ଆଗରୁ କଟକରେ ପହଞ୍ଚିଯାଇ ହେବ ।

ସବାରିର ଅଧାଖୋଲା କବାଟ ଫାଙ୍କରେ ଆକାଶରୁ ଚେନାଏ ଦେଖା ଯାଉ-ଥିଲା । କବାଟ ଆଉଟିକେ ଖୋଲି ରାସ୍ତାକଡ଼ର ଗଛ, ଦୂରପାହାଡ଼, ଘରସବୁ ରାସ୍ତାରେ ଚାଲିଯାଉଥିବା ପାଦଚଲା ବାଟୋଇଙ୍କୁ ଦେଖି କେତେ କ'ଣ ଭାବୁଥିଲା ସେ ।

ସୁଦାମବାବୁଙ୍କ ଘରକୁ ଆଗ ଯିବ କି ? ବରଂ ଗୌର ମଉସାଙ୍କ ଘରକୁ ପ୍ରଥମେ ଯାଇ ଗହଣାଗୁଡ଼ିକ ଧରେଇଦେଇ ଆସିଲେ ସେ ମୁକ୍ତ ହେଇପାରିବ । ଏଇ-କଥା ଚିନ୍ତା କରିବା ପରେ ସେ ଭାଉଡ଼ମାନଙ୍କୁ ଓକିଲବାବୁଙ୍କ ବସାଆଡ଼େ ଯିବାପାଇଁ ନିର୍ଦ୍ଦେଶ ଦେଲା ।

Digitized by srujanika@gmail.com

ସମୟ ପ୍ରାୟ ଅପରାହ୍ଣ ସାଢ଼େ ଚାରିଟା, ପାଞ୍ଚଟା ପାଖାପାଖି ହେବ ।

ଗୌରବାବୁଙ୍କ ଘରଟା ଫାଙ୍କା ଫାଙ୍କା ଲାଗୁଛି । ଦୋତାଲାର ଝରକା ସବୁ ବନ୍ଦ । ଫାଟକ ପାଖରେ ସବାରି ରହିଲା । ବୁଢ଼ା ଗଉଡ଼ ଜଣେ ଫାଟକ ଖୋଲି ବଗିଚା ଭିତରେ କାହାକୁ ନ ଦେଖି ଆସ୍ତେ ବନ୍ଦ କବାଟରେ ଡାକିଲା ।

କିଛି ସମୟ ପରେ କବାଟ ଖୋଲିଲା ସୁରେଶ । ଗୌରବାବୁଙ୍କ ପୁଅ ।

ଥରେ ଫାଟକ ପାଖର ସବାରିକୁ ଚାହିଁ ପୁଣି ଥରେ ଲୋକଟି ଆଡ଼େ ସେ ଫେରିଚାହିଁଲା । ଲୋକଟି ହାତଯୋଡ଼ି କହିଲା, "ବାବୁ, ନନ୍ଦନପୁର ଜମିଦାରଙ୍କ ଝିଅ ଆସିଛନ୍ତି ।"

ନନ୍ଦନପୁର ! ମନର ବିସ୍ମିତ ଭାବକୁ ପ୍ରକାଶ ନ କରି ସେ କହିଲା, "ଘରକୁ ଡାକ, ରାସ୍ତାରେ କେତେ ସମୟ ବସିଲେଣି ।" ଏତିକି କହି ଗଉଡ଼ଟି ସାଙ୍ଗରେ ଫାଟକ ପର୍ଯ୍ୟନ୍ତ ଚାଲିଆସିଲା ସୁରେଶ ।

ସବାରିର କବାଟ ଖୋଲିଗଲା । ନିଜର ଦୃଷ୍ଟିଶକ୍ତି ଉପରେ ସମ୍ପୂର୍ଣ୍ଣ ଭରସା ରଖିଥିଲେ ମଧ୍ୟ କ୍ଷଣକ ପାଇଁ ସେ ଆତ୍ମବିସ୍ମୃତ ହେଲା । ତା'ଛଡ଼ା ହଠାତ୍ ଏମିତି ଦିନେ ରେବତୀ ତାଙ୍କ ଘରେ ଆସି ପହଞ୍ଚିଯିବ ଏକଥା ଥିଲା ତା'ର କଳ୍ପନାର ବାହାରେ ।

ରେବତୀ ସବାରିରୁ ବାହାରି ଆସି ସୁରେଶ ଉଦ୍ଦେଶ୍ୟରେ ହାତ ଯୋଡ଼ିଲା । ତା'ପରେ ବିନାବାକ୍ୟବ୍ୟୟରେ ସେମାନେ ଘରଆଡ଼େ ଚାଲିଲେ । ସୁରେଶର ନିର୍ଦ୍ଦେଶରେ ପୂଜାରୀ ରେବତୀ ପାଇଁ ଦହି ସରବତ୍ ତିଆରିକଲା । ଆଉ ଜଣେ ଚାକର ଗଉଡ଼ମାନଙ୍କ ଖବର ବୁଝିବାକୁ ବାହାରକୁ ଗଲା । ସୁରେଶ କୁଆଡ଼େ ଉଠି ଅଳ୍ପ ସମୟ ପାଇଁ ଘର ଭିତରକୁ ଯାଇଥିଲା । ବୈଠକଘରେ ଏକା ବସି ବସି ରେବତୀକୁ ଅସ୍ଥିର ଲାଗିଲାଣି । ଏମିତି ବସିବା ଛଡ଼ା ଆଉ କିଛି ଉପାୟ ନ ଥିଲା ରେବତୀର । କେତେବେଳକେ ଆସିଲା ସୁରେଶ ।

ରେବତୀ ପଚାରିଲା, "ମାଉସୀ କ'ଣ ଘରେ ନାହାନ୍ତି କି ?"

Digitized by srujanika@gmail.com

"ବାପା, ବୋଉ ଦୁଇଦିନ ହେଲା ଗାଁକୁ ଯାଇଛନ୍ତି । ସମ୍ଭବତଃ କାଲି ସନ୍ଧ୍ୟାରେ ଫେରିବେ ।"

"କେହି ଘରେ ନାହାନ୍ତି ? ତେବେ......"

"ଏବେ କ'ଣ ଗାଁକୁ ଫେରିଯିବ ?" ରେବତୀର ସତେଜ ମୁହଁକୁ ଚାହିଁ ପଚାରିଲା ସୁରେଶ ।

"ନା ଏବେ ଯାଇପାରିବିନି । ଅନେକ କାମ ରହିଛି । ମାଉସୀ ତ ନାହାନ୍ତି, ମୋତେ ମୋହରିରଙ୍କ ବସାଆଡ଼େ ଯିବାକୁ ପଡ଼ିବ ।"

"କ'ଣ କାମ ଥିଲା ମୋତେ କୁହ, ମୁଁ ଯଦି କିଛି ସାହାଯ୍ୟ କରିପାରିବି ?"

ସତେ ତ... ସୁରେଶକୁ କହିଲେ କ୍ଷତି କ'ଣ ? ସେ ତ ଟଙ୍କା ମାଗିବାକୁ ଆସିନି । ସୁରେଶର ସୌମ୍ୟ ଶାନ୍ତ ରୂପ, ଧୀର ମିଠାକଥା ରେବତୀର ଅନ୍ତର ସ୍ପର୍ଶ କରିଛି । ଦ୍ୱିତୀୟଥର ପାଇଁ ବାପା ବିବାହ ପ୍ରସ୍ତାବ ପକାଇଥିଲେ ଏଇ ସୁରେଶ ସହିତ । ମାତ୍ର ସୁରେଶକୁ ସେ ଅନ୍ୟ ଭବରେ କେବେ ହିଁ ଭବି ପାରିବନି । ସେ ତ ଅଖିଳର ବନ୍ଧୁ । ଗୌର ମଉସାଙ୍କ ପୁଅ । ତା'ର ଭଇ ।

"ରେବତୀ !"

"ହିଁ ସୁରଭଇନା, ଏ ଗହଣାଗୁଡ଼ିକ ଆଜି ବିକ୍ରି କରିଦେଇ ପାରିବ ? ଦିନକ ପରେ ଲଟବନ୍ଦୀ ତାରିଖ । ଟଙ୍କା ଯୋଗାଡ଼ ହୋଇପାରିଲା ନାହିଁ । ଆଉ ସବୁ ଆମ ଘର ଖବର ତୁମକୁ ତ ଜଣାଥିବ ।"

ସୁରେଶ ଗମ୍ଭୀର ହେଲା, ପୁଣି ଧୀର ଅଥଚ ଦୃଢ଼ ସ୍ୱରରେ କହିଲା, "ଏଥି-ପାଇଁ ଏତେ ବ୍ୟସ୍ତ ? ଗହଣା ବିକ୍ରି କରିବା ଆବଶ୍ୟକ ନାହିଁ । କାଲି ମୋ ପାସ୍‌ବୁକ୍‌ରୁ ଟଙ୍କା ଆଣି ଦେବି । ଆଗ କାମ ଚଳିଯାଉ ।"

"ନା ଥାଉ । ତୁମେ ଏ କାମ ପାରିବନି । ମୋତେ ବାଧ୍ୟହୋଇ ମୋହ-ରିରଙ୍କ ବସାକୁ ଯିବାକୁ ପଡ଼ିବ । ନଚେତ୍ ସନ୍ଧ୍ୟା ପରେ ସେ ଓକିଲଙ୍କ ପାଖକୁ ଚାଲି-ଯିବେ ଯେ ।"

"ଶୁଣିଯା ରେବତୀ ।" ଦାଣ୍ଡପାଖକୁ ଚାଲି ଯାଉ ଯାଉ ରେବତୀ ହଠାତ୍ ପଛକୁ ମୁହଁ ଫେରାଇ ଚାହିଁଲା । ଟିକିଏ ସମୟ ପରେ କହିଲା, "ମୁଁ ତୁମର ଧାରୁଆ ହୋଇ ରହିବି କାହିଁକି ? ଏ ଗହଣାରେ ଆଉ କି ପ୍ରୟୋଜନ ଅଛି ଯେ ।"

Digitized by srujanika@gmail.com

ସୁରେଶ ତା' ହାତ ଧରିପକେଇ କହିଲ, "ଠିକ୍ ଅଛି, ଗହଣା ଦେ । ମୁଁ ସାଙ୍ଗେ ସାଙ୍ଗେ ଟଙ୍କା ଆଣି ଦେଉଛି । ସୁନାଗହଣା ବିକ୍ରି କରିବା କିଛି ବଡ଼ କାମ ନୁହେଁ ।"

ଲୁଗାବ୍ୟାଗ ତଳେ ଥିବା ଗହଣା ବନ୍ଧା ରୁମାଲ ପୁଡ଼ିଆଟି ହସ ହସ ମୁହଁରେ ବଢ଼େଇଦେଲ ରେବତୀ ।

ରେବତୀ ଘରକୁ ଫେରି ଆସିଲଣି । ଭବିଥିଲ ଆସିବା ବେଳେ କୃଷ୍ଣକୁ ସାଙ୍ଗରେ ନେଇ ଆସିବ । କିନ୍ତୁ କୃଷ୍ଣର ସ୍କୁଲ ଖୋଲିବାକୁ ମାତ୍ର ଦୁଇଦିନ ଅଛି । ପୁଣି ଥରେ ଗାଁକୁ ଆସି ଦୁଇଟା ଦିନ ବି ପୁରା ରହି ପାରିବନି ସେ । ସେଥିପାଇଁ ସେ ନିଜେ ମନା କରିଦେଲ । ଛାତ୍ରାବାସରେ ରହି ସାରିଲଣି କୃଷ୍ଣ । ସେଦିନ ବଜାରରୁ ଭାଇ ଭଉଣୀ ମିଶି କେତେକ ଜିନିଷ କିଣିଲେ । କୃଷ୍ଣର ଚଳିବା ପାଇଁ ଦରକାର ଥିବା ସାମାନ୍ୟ କେତୋଟି ଜିନିଷ, ନୂଆ ପ୍ୟାଣ୍ଟ ସାର୍ଟ, ବିଛଣା ଚଦର, କିଛି ନୂଆ ଖାତା, କଲମ, ପେନ୍‌ସିଲ୍, ରବର, ସ୍କେଲ୍ ଇତ୍ୟାଦି କିଣିଦେଲ ରେବତୀ । ସେ ଚାହୁଁଥିଲ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ପାଖକୁ ଯାଇ ନିଜେ କଥାବାର୍ତ୍ତା କରି ଆସିବ ଭାଇର ସୁବିଧା ଅସୁବିଧା ବିଷୟରେ । ତା' କିନ୍ତୁ ସମ୍ଭବ ହେଲନାହିଁ । ତା'ର ମନ ଏତେ ଖରାପ ଲାଗିଲ ଯେ ଲଠବନ୍ଦୀ ତାରିଖ ପରେ ସେ ଗୋଟାଏ ଦିନ ବି କଟକରେ ରହି ପାରିଲନି । ବହୁ କଷ୍ଟରେ କିଛି ଟଙ୍କା ସଂଗ୍ରହ କରିଥିଲ । ତା'ପରେ ପୁଣି ଗହଣା ବିକ୍ରି ହେଲ । ତଥାପି ମଧ୍ୟ ତଉଜି ଖଣ୍ଡିଏ ନିଲମରେ ଉଠିଲ । କଟକ ଦୌଡ଼ି ଆସି ସେ ବା କଲ କ'ଣ ?

ସୁରେଶ ଖୁବ୍ ସାହାଯ୍ୟ କଲେ । ଆସିବାବେଳେ କହିଲେ, "ରେବ, ମଉସାଙ୍କ ପାଇଁ ଟିକିଏ ବି ବ୍ୟସ୍ତ ହେବୁନି । ସେ ଦାୟିତ୍ୱ ମୋର । ମୁଁ ବୁଝିବି ସେ କୋଉଠି ଅଛନ୍ତି, କେବେ ଆସିବେ । ନ ଆସିବାକୁ ଜିଦ୍ କଲେ, ମୁଁ ନିଜେ ଯାଇ ତାଙ୍କୁ ବାଧ୍ୟ କରି ନେଇ ଆସିବି ।"

ରେବତୀର ଟାଣୁଆ ମନଟା ଏଇ ଆଶ୍ୱାସନାରେ କିମିତି ନରମି ଗଲ । ସେ ଲୁହ ଛଳ ଛଳ ଆଖିରେ ସୁରେଶଙ୍କ ଆଡ଼େ ଖାଲି ଚାହିଁ ରହିଥିଲ । କହିବାକୁ ଭାବୁଥିବା

Digitized by srujanika@gmail.com

କଥା ସବୁ ତଣ୍ଟି ପାଖରୁ ବାହାରି ଆସି ପାରିଲା ନାହିଁ । ଶେଷରେ ସୁରେଶ ନିଜେ ବେହେରମାନଙ୍କୁ କହିଲେ,

"ଯାଅ, ଶୀଘ୍ର ଦିନରୁ ଯାଇ ଘରେ ପହଞ୍ଚାଇ ଦିଅ । ବର୍ଷା ମାଡ଼ି ଆସୁଛି । ଅନ୍ଧାର ଘଟି । ଆଉ ଡେରି କରନା ।"

ଘର ପାଖରେ ପହଞ୍ଚି ରେବତୀ ଦେଖିଲା, ଦାଣ୍ଡ ପାଖ ବର୍ଗିଚାରେ ଆହୁତି ଦୁଇଟି ଝିଅଙ୍କ ସଙ୍ଗେ ଖେଳୁଛି । ସେମାନଙ୍କୁ ଦେଖି ଆଦୌ ଚିହ୍ନି ପାରିଲାନି ରେବତୀ । ସବାରି ପାଖକୁ ଅସିବା ପରେ ଆହୁତି ଦୌଡ଼ି ଆସି କହିଲା, "ବଡ଼ନାନୀ ଅସିଛି ।" ଓହୋ, ସୁରି ନାନୀ ଆସିଛି ! ଏମାନେ ତା'ରି ଝିଅ । ଏତେଗୁଡ଼ାଏ ବର୍ଷ ପରେ ସେମାନଙ୍କୁ ସେ ଚିହ୍ନନ୍ତା ବା କିପରି ?

ରଙ୍ଗଲତାଙ୍କ ସଙ୍ଗରେ ତା' ଶାଶୂଘର ଗପ ସବୁ ଗପୁଛି ବସି ସୁରଭି । ଅନେକ ଦିନ ପରେ ରେବତୀ ଏକ ଆଶ୍ଚର୍ଯ୍ୟଭଙ୍ଗୀରେ ଚାହିଁ ରହିଥିଲା ସୁରଭିକୁ । ଓଠରେ ହସ, ଅଥଚ ଆଖିରେ ଲୁହ ।

"ସୁରିନାନୀ...... !" ଓଠ ଥରଇ ଥରଇ ସେ ମାତ୍ର ଏତିକି ଉଚ୍ଚାରଣ କଲା । ସୁରଭିର ଆଖିରୁ ଶ୍ରାବଣର ବାରିଧାର ପରି ଝରିଗଲା ଅନେକ ଅଶ୍ରୁ । ସେ ଖୁବ୍ ଜୋରରେ କାନ୍ଦି ପକାଇଲା । ଆହା, ସେ ବୋହୂ ହୋଇଯିବା ପରେ ଏ ଘରେ କେତେ ସୁଖ, ଦୁଃଖର ଝଡ଼ ବହି ଯାଇଛି । କିନ୍ତୁ ଏଇ ଘରର ଝିଅ ହୋଇ ସେ ନିଜେ ହେଲା ନିର୍ବାସିତା !

ରଙ୍ଗଲତା ପାଟିକରି କହିଲେ, "ଛାଡ଼ ଲୋ ତାକୁ ସୁରି, ସେ କେତେବେଳଠୁ ଆସିଲଣି । ଗୋଡ଼ ହାତ ଧୋଇ ପଖାଳ ଦି'ଟା ଖାଉ ।"

ରେବତୀ କହିଲା, "ମୁଁ ଏବେ ଖାଇବି ନାହିଁ, ଜେଜେମା' । ସନ୍ଧ୍ୟା ହୋଇଯିବ । ଠାକୁରଘର କାମ ସାରି ଏକାଠି ଖାଇବି ।"

ଘରେ ଗହଳ ଚହଳ ଲାଗିଛି । ସୁରଭି, ତା'ର ଦୁଇ ଝିଅ, ପୁଣି କୋଳରେ ପୁଅ । ବର୍ଷକୁ ବର୍ଷ ପିଲା । କେଡ଼େ ରୋଗୀଣା ଦେଖା ଯାଉଛି ସେ ! ପୂର୍ବର ସେ ସୁନ୍ଦର ରୂପ କ'ଣ ହେଲଣି ! ରେବତୀ ଚାହିଁଛି ସେଇଆଡ଼େ । ସୁରଭି ଗାଧୋଇ ସାରି ସିନ୍ଦୁର ପିନ୍ଧୁଛି । ନାଲି ବ୍ଲାଉଜ ସଙ୍ଗେ ପିନ୍ଧିଛି ନାଲି ଫୁଲଧଡ଼ି ବାଇଗଣୀ ରଙ୍ଗର ଝରଣା ଶାଢ଼ୀ ଖଣ୍ଡେ । ଦେହଟା ସିନା ଦୁର୍ବଳିଆ ଦିଶୁଛି, ହେଲେ ତା' ସୁନ୍ଦର ଗଢ଼ଣଟି ଠିକ୍ ସେମିତି ରହିଛି ।

Digitized by srujanika@gmail.com

ରେବତୀର ଟ୍ରଙ୍କରେ ଏମିତି କେତେ ଶାଢ଼ୀ ରହିଛି । କ'ଣ ହେବ ସେସବୁ ? ଶାଶୁଘରୁ ଆସିବା ବେଳେ ଭାବିଥିଲା ସେ ଟ୍ରଙ୍କଟା ବି ସାଙ୍ଗରେ ନେଇ ଆସିବ । କିନ୍ତୁ ସବୁ ତୁଚ୍ଛ କରି ସେଇ ସାଧାସିଧା ଲୁଗାପଟା କେଇଖଣ୍ଡ ଧରି ସେ ସେମିତି ଯେ ଚାଲି ଆସିଥିଲା, ଆଉ ଯିବାର ଅବକାଶ ପାଇନାହିଁ । ଶାଶୁ ଥରେ ଖବର ଦେଇଥିଲେ, କିନ୍ତୁ ସେତେବେଳେ ନର୍ମଦା ଅସୁସ୍ଥ । ଆସିବା ଦିନରୁ କେତେ କ'ଣ ଅସୁବିଧା ଲାଗି ରହିଛି ଏ ଘରେ ।

ରେବତୀର ସକାଳୁ ସକାଳୁ କେତେ କାମ ସରିଗଲାଣି । ତଥାପି ଚଉପାଢ଼ୀକୁ ଯାଇ କାଗଜପତ୍ର ଦେଖିବା ବେଳ ଡେରି ହୋଇଗଲା । ଅନ୍ଧାରବେଳୁ ଆସି ପହଞ୍ଚିଲେ ମାମୁଁପୁଅ ଭାଇ ରମଚନ୍ଦ୍ର । ତା'ର ରମଭାଇନା । ବହୁତ ଦିନ ପରେ ଆସିଛନ୍ତି । ବନ୍ଧୁବାନ୍ଧବ; ଦୁଇପଦ କଥାବାର୍ତ୍ତା ନ କଲେ ତାଙ୍କର ଅସମ୍ମାନ ହେବ । ଯେତେ ଚର୍ଚ୍ଚା କର, ସମ୍ମାନ ଦେଖାଅ, ଭଲମନ୍ଦ ସୁଖଦୁଃଖ ପଚାରି କଥାବାର୍ତ୍ତା ଦୁଇପଦ ନ ହେଲେ ଏ ସବୁ ତୁଚ୍ଛ । ଏକଥା ରେବ ବୁଝିଛି । କହିବାକୁ ତ କେତେ କଥା ଅଛି । ବେଳ କାହିଁ ? ଶେଷରେ ରେବ ରଙ୍ଗଲତାଙ୍କୁ ରମଚନ୍ଦ୍ରଙ୍କ ଚର୍ଚ୍ଚା ବିଷୟ ବୁଝେଇ ଦେଇ ଠାକୁର ପୂଜାରେ ବସିଲା ।

ସୁରଭି ସକାଳୁ ଗାଧୋଇପଡ଼ି ନିର୍ମାଲ୍ୟ ଟିକିଏ ପାଇବା ପରେ କାହାକୁ ଅପେକ୍ଷା କରେ ନାହିଁ । ପଖାଳ ଗଣ୍ଡାଏ ବାଢ଼ିଆଣି ବସିଯାଏ । ପଛରେ ପୂଝାରୀ ଆଣି ଗରମ ଗରମ ଭଜା, ଶାଗଖରଡ଼ା ବାଢ଼ିଦିଏ । ରେବତୀର ସେମିତି ବରାଦ । ସୁରିନାନୀ ଶାଶୁଘର ଯାଇ ଏଇ ଅଭ୍ୟାସ କରିଛି । କି ଶୀତ, କି ଖରା, କି ବର୍ଷା ସବୁଦିନେ ସକାଳେ ସୁରଭି ଗାଧୋଇସାରି ପଖାଳକଂସା ପାଖରେ ବସେ । ରେବତୀକୁ ଖରାଦିନ ଛଡ଼ା ଅନ୍ୟଦିନେ ପଖାଳ ଖାଇବାକୁ ଭଲଲାଗେନି । ପୂଜା ସାରି ଯାହା ଟିକେ ପାଟିରେ ଦେଇ ସେ ଚଉପାଢ଼ୀକୁ ଆସେ । ବିଶେଷ କରି ବିଭୁରଞ୍ଜନ ତୀର୍ଥରେ ଯିବା ପରେ ତା' ଉପରେ ଏଇ ଦାୟିତ୍ୱ ପଡ଼ିଛି ।

ରମଚନ୍ଦ୍ର ଥଟ୍ଟା କରୁଛନ୍ତି, "ହଇଲେ ସୁରିନାନୀ, ଏ ଛୁଆପିଲା ନ ଖାଉଣୁ ତୁ ବସିଗଲୁଣି ? ମତେ ବି ଟିକେ ଅପେକ୍ଷା କଲୁନି ?"

Digitized by srujanika@gmail.com

"ପିଲଦିନୁ ସେ ସେମିତି । ଗାଧୋଇ ସାରିଲେ ଟିକିଏ ବି ଷେଦ୍ଦ ସମ୍ଭାଳି ପାରିବନି ।" ପରିବା କାଟୁ କାଟୁ ଉତ୍ତର ଦେଲେ ରଙ୍ଗଲତା ।

ରାମଚନ୍ଦ୍ର ପୋଖରୀ ଆଡ଼େ ଗାଧୋଇ ବାହାରିଗଲେ ।

ରେବତୀ ପିଢ଼ାପାଣି ରଖି ଜଗି ବସିଛି । ପୂଜାରୀ ମାଲପୁଆ ଛାଣିଛି । ରାମଚନ୍ଦ୍ରଙ୍କର ପ୍ରିୟ ଖାଦ୍ୟ ମାଲପୁଆ । ନାଁଟା ସିନା ରାମଚନ୍ଦ୍ର, ଚେହେରାଟା କିନ୍ତୁ ରାବଣ ପରି– ଏହି କଥା କହି ପିଲଦିନରୁ ରାମ ଭାଇନାଙ୍କୁ ଚିଡ଼ାଏ ରେବତୀ । ଚେହେରାଟା ଯେମିତି କଥା ବି ସେମିତି । ଟିକିଏ କୋଉଠି କାହାର ଦୋଷାଦୋଷ ଦେଖିଲେ ମୁହଁରେ ଅପ୍ରିୟ ସତ୍ୟ କହିବା ତାଙ୍କର ଅଭ୍ୟାସ । ଏଇ ସତକଥାଟି କହିବା ଯୋଗୁ ଗାଁରେ ସେ ଅଧିକାଂଶଙ୍କର ଅପ୍ରିୟ । କଥା ଯେମିତି ଟାଣୁଆ, ଦେହରେ ସେମିତି ଶକ୍ତି ! ପ୍ରତିଦିନ ସକାଳୁ ଭଠି ଗାଁର ଯୁବକମାନଙ୍କୁ କୁସ୍ତି ଶିଖାନ୍ତି ସେ । ନିଜେ ବି ଦଣ୍ଡ ବୈଠକ ମାରନ୍ତି । ଏଠି ପହଞ୍ଚି ସକାଳୁ ସେ କାମ ସରିଗଲାଣି । କିନ୍ତୁ ତାଙ୍କ ଖାଦ୍ୟ ଗଜାମୁଗ, ବୁଟ ଏସବୁ ଆସିବ କୋଉଠୁ ? ରେବ କିନ୍ତୁ ମନଜାଣି ପଚାରିଥିଲା, "ଭାଇଭାଇନା, ଗାଈ ଦୁଆଁ ସରିଲାଣି, କଞ୍ଚା କ୍ଷୀର ପିଇବ କି ?"

"ଆଣ୍ ଦେ ।"

ରେବତୀ ବେଲାଏ କ୍ଷୀର ରାମଚନ୍ଦ୍ରଙ୍କ ପାଖରେ ଥୋଇଦେଇ ଗାଧୋଇବାକୁ ବାହାରିଗଲା ।

ଏବେ ରାମଚନ୍ଦ୍ର ମାଲପୁଆ କ୍ଷୀରରେ ବୁଡ଼େଇ ଖାଉଛନ୍ତି । କେତେଥାଳୁ କେତେ ଗପସପ ପଡ଼ିଛି । ରେବତୀ ଶୀଘ୍ର ଖାଇ ଚଉପାଢ଼ୀକୁ ଚାଲିଗଲା । ରାମଚନ୍ଦ୍ର ଖାଇସାରି ପାନଖଣ୍ଡେ ଚୋବେଇ ସେଇଠି ପହଞ୍ଚିଲେ ।

ସୁଧୀରଞ୍ଜନଙ୍କ ଚୌକିରେ ଗମ୍ଭୀର ଭାବରେ ବସିଛି ରେବତୀ । ଖାତା ଓଲଟାଇ ଦେଖିବାରେ ଲାଗିଛି । ପୁଣି ଦାଣ୍ଡପାଖ କବାଟ ଆଡ଼େ ଚାହୁଁଛି । ଏ ପର୍ଯ୍ୟନ୍ତ ବଳିଗୁମାସ୍ତା ଆସିଲେନି । ଆଜି ସେ ସବୁକଥା ପରିଷ୍କାର ଜାଣିବାକୁ ଚାହେଁ । ପ୍ରଜାମାନେ ଖଜଣା ପଇଠ କରିଛନ୍ତି କି ନା ? ଖାତାରେ ତ ଖଜଣା ଦେବା କଥା ଲେଖା ହୋଇନି । ତେବେ କ'ଣ ବାପାଙ୍କର ଶାସନ ଠିକ୍ ଥିଲା ? ହଁ, ଜେଜେବାପା ମୁହଁ ବଢ଼େଇ ଦେଇଛନ୍ତି । ସେମାନଙ୍କର ସେଇଥିପାଇଁ ଏଇ ଢଙ୍ଗ ।

Digitized by srujanika@gmail.com

ବଳି ଗୁମାସ୍ତା ଛତାଖଣ୍ଡକ ଧରି ଭିତରକୁ ପଶି ଆସିଲେ । ରେବତୀ ନୀରବରେ ବସିଛି । ବଳରାମ ତାଙ୍କ ଜାଗାରେ ସ୍ଥିର ହୋଇ ବସି କଥା ଆରମ୍ଭ କଲେ । ରେବତୀ ଗମ୍ଭୀର ଭାବରେ ପଚାରୁଛି, "ନରି ଗୁମାସ୍ତାଙ୍କର ଆଜିକାଲି ଆଦୌ ଦେଖାନାହିଁ ଯେ ?"

ବଳରାମ ନିରୁତ୍ତର । ଟିକିଏ ପରେ କହିଲେ, "ଶୁଣୁଛି କଟକରେ ସେ ତାଙ୍କର ଘର ତିଆରି ଆରମ୍ଭ କରିଛନ୍ତି । ଗାଁରେ ଖୁବ୍ ଅଳ୍ପଦିନ ରହୁଛନ୍ତି ।"

"ବଡ଼ ଆଶ୍ଚର୍ଯ୍ୟ କଥା । ପ୍ରଜାଏ ଖଜଣା ଦେଉନେି । ତଉଜି ଖଣ୍ଡିଏ ନିଲମ ହୋଇଗଲା । ଅଥଚ ସେତେବେଳେ ସେ କଟକରେ ଥିଲେ । ନା, ଏଥର ମୋତେ ବାହାରିବାକୁ ପଡ଼ିବ । ଯେପରି ହେଉ ସେମାନଙ୍କଠାରୁ ଜମିଦାର ତା'ର ପ୍ରାପ୍ୟ ଆଦାୟ କରିବ ।"

ରାମଚନ୍ଦ୍ର ବିସ୍ମୟରେ ଚାହିଁ ରହିଥିଲେ ରେବତୀକୁ ।

ରେବତୀର ଆଖି ଉଜ୍ଜ୍ୱଳ ଦେଖା ଯାଉଥିଲା । ସେ ପୁଣି ପଚାରିଲା, "ରାଘବ ଯେନା ଜାଗିରି ଖାଉଛି କ'ଣ ଘରେ ବସିବାକୁ ? ତାକୁ ଆଜି ଡ଼କାଅ, ବଳି ଗୁମାସ୍ତାଏ । ବେତ ଖଣ୍ଡିକ ଧରି ଏଥର ତା' କାର୍ଯ୍ୟରେ ହାଜିର ହଉ । ସେମାନେ ପାଉଣା ଦେବାକୁ ବାଧ୍ୟ । ଭଲରେ ନ ହେଲା ତ ମାଡ଼ ହେଲେ ବଳେ ପଇସା ବାହାରିବ ।"

ବଳରାମ ମୁହଁ ଖୋଲି କ'ଣ କହିବାକୁ ଚେଷ୍ଟା କରୁଥିଲେ । ରେବତୀ ତାଙ୍କୁ କୁହାଇ ନ ଦେଇ ଦୃଢ଼ ଭାବରେ ତା'ର ନିଷ୍ପତ୍ତି ଶୁଣାଇ ଦେଲା, "ନା, ଆଉ କୌଣସି କଥା ମୁଁ ଶୁଣିବିନି । ଘରେ କଂସାବାସନ ଯାହା ଥିବ, ସବୁ ଆଣି ନିଲମ କରିଦିଅ । ଆଜି ଯଦି କିଏ ତୁମ କାର୍ଯ୍ୟରେ ବାଧା ଦିଅନ୍ତି, ତା' ଘରେ ନିଆଁ ଲଗାଇ ଦିଅ । ଏବେଠୁ କାମ ଆରମ୍ଭ କର, ଗୁମାସ୍ତାଏ ।"

"ସବାରି ବନ୍ଦୋବସ୍ତ କର । ମୁଁ ଜାଣିଛି, ମୁଁ ନିଜେ ନ ଗଲେ ଏସବୁ କିଛି ହେବନି ।"

ବଳରାମ ଅନିଚ୍ଛା ସତ୍ତ୍ୱେ ସେଠାରୁ ବାହାରି ଗଲେ ।

ରେବତୀ ନିଜେ ପ୍ରସ୍ତୁତ ହେବାକୁ ଘର ଭିତର ଆଡ଼କୁ ପଛିଯିବାକୁ ବସିଛି, ଠିକ୍ ଏତିକିବେଳେ କିଏ ଜଣେ କବାଟ ପାଖରେ କହିଲା, "ନାନୀ, ଜୁହାର ହଉଛି ।"

Digitized by srujanika@gmail.com

ବର୍ଣ୍ଣ କଳା, ଖୁବ୍ ମୋଟା ଓ ଡେଙ୍ଗା ହୋଇ ଲେକଟାଏ । ସେ ଗଗବ ଯେନା ।

ରେବତୀ ତା' ଆଡ଼େ ଗ୍ୱହିଁ ପଗ୍ୱରିଲ୍ଲ, "କ'ଣ ଏବେ ତୋ ନିଦ ଭଙ୍ଗିଲ୍ଲ । କାଲିଠୁ ପଗ ତୋତେ ଡକେଇ ଥିଲି ।"

"ମୁଁ ନ ଥିଲି ଆଜ୍ଞା ? ଝିଅ ଘରଆଡ଼େ ଗ୍ୱଲି ଯାଇଥିଲି ।"

"ଜଲଦି ବାହାରି ପଡ଼ । ମୋ ସାଙ୍ଗରେ ଏବେ ଯିବାକୁ ପଡ଼ିବ ।"

ରେବତୀ ଘର ଭିତରକୁ ଆସି ଯିବା ପାଇଁ ପ୍ରସ୍ତୁତ ହେବ କି ନା ଚିନ୍ତା କରୁଥିଲ୍ଲ, ଏତିକିବେଳେ ରଙ୍ଗଲତା ଆସି କହିଲେ, "ଶୁଣିଲି, ତୁ ଖଜଣା ଆଦାୟ ପାଇଁ ବାହାରିଛୁ ।"

"ହଁ ।" ରେବତୀ ଆଉ କିଛି ନ କହି ମୁଣ୍ଡର ଓଦାବାଳ ଖୋଲି ଶୀଘ୍ର ଶୁଖିଯିବ ବୋଲି ଖେଳେଇ ଦେଲ୍ଲ । ଅଗଣାରେ ଶୁଖୁଥିବା ତା'ର ଧଳା ଛେଦା ଶାଢ଼ୀ ଖଣ୍ଡକ ଚୋଳିଆଣି ଆଲଣାରେ ରଖିଦେଲ୍ଲ ସେ । ତା'ପରେ କୁଅମୂଳେ ଧୁଆଧୋଇ ହେବା ପାଇଁ ବାହାରି ଯିବାକୁ ବସିଛି, ଠିକ୍ ଏତିକିବେଳେ ରଙ୍ଗଲତା ପୁଣି କହିଲେ, "ଏ ସବୁ ମତେ ଭଲ ଲଗୁନି, ରେବ । ଏ ଘର ଝିଅ । ତୁ ପୁଣି ଦାଣ୍ଡକୁ ବାହାରିଯିବୁ ଖଜଣା ଅସୁଲ କରିବାକୁ ! ଏ କ'ଣ ସୁନ୍ଦର ହେବ ? ଲେକେ କ'ଣ କହିବେ ?"

"ତଉଜି ଖଣ୍ଡିଏ ନିଲମରେ ଗ୍ୱଲିଗଲ୍ଲ । ଲେକେ ବେଳରେ ଆମକୁ ଟଙ୍କା ଦେଇଗଲେ କି ? ବାପା ଏଠି ଥିଲେ ଯୋଉ କାମ କରି ଥାଆନ୍ତେ ମୁଁ କରୁଛି । ଆମ ଜମିଦାରୀ ରକ୍ଷା କରିବା ପାଇଁ ଯାହା ଦରକାର ତା ହବ, ଲେକଙ୍କ କଥାକୁ ଗ୍ୱହିଁ ବସିଲେ, ଆମେ ଶେଷରେ ଭିକଥାଳି ଧରି ବୁଲିବା ।"

"ହଁ ଲେ ମା' ଯାହା ଭଲ ଦିଶିବ କର । ମୁଁ ତତେ କ'ଣ କହିବି ?" ରଙ୍ଗଲତା ମୁହଁ ଶୁଖେଇ ନିଜ କାମରେ ମନ ଦେଲେ ।

ଏପର୍ଯ୍ୟନ୍ତ ରାମଚନ୍ଦ୍ର ନୀରବରେ ସବୁ ଶୁଣୁଥିଲେ । ମା' ଦୁର୍ଗାଦେବୀଙ୍କ ସହାସ ରୂପ ଧାରଣ କରିଥିବା ରେବତୀର ଦୃଢ଼ ମନୋବଳ ଲକ୍ଷ୍ୟକରି ବିସ୍ମିତ ହୋଇଥିଲେ । ଶେଷରେ ସେ ନିଜେ ମୁହଁ ଖୋଲିଲେ, "ଜେଜେମା' ମିଛ କହୁ ନାହାନ୍ତି, ରେବ । ଏସବୁ ଝିଅଙ୍କ କାମ ନୁହେଁ ।"

Digitized by srujanika@gmail.com

ରେବତୀ ହସିଲା । ରାମଚନ୍ଦ୍ରଙ୍କୁ ଉତ୍ତର ଦେଲା ନାହିଁ । ସେ ଜାଣିଛି, କିଛି କଥା କେହି ବୁଝିବେ ନାହିଁ । ଅଯଥାରେ ଏମାନଙ୍କୁ ବୁଝେଇବାକୁ ମୁଣ୍ଡ ଖେଳେଇବ କାହିଁକି ? ଯାହା ଭଲ, ଯାହା କରିବାର କଥା ବହୁ ଭାବିଚିନ୍ତି ସେ ସ୍ଥିର କରିଛି ।

ରେବତୀ ତା'ର କଳା ମଚ ମଚ ଗହଳ ବାଳକୁ ଏକାଠି କରି ହାତରେ ଧରି ଗୁଡ଼େଇ ନେଇ ମୁଣ୍ଡରେ ଗଣ୍ଠି କଲା । ରେବାର ଉଜ୍ଜଳ ଆଖି ଦୁଇଟିର ଦୃଢ଼ତାରେ ରାମଚନ୍ଦ୍ର ପ୍ରଥମେ ଟିକିଏ ଶଙ୍କିଗଲେ । କିନ୍ତୁ ହଠାତ୍ ସେ କହିଲେ, "ତୋର ଭାଇ ଥାଉ ଥାଉ ଏ କାମରେ ତୁ କାହିଁକି ବାହାରିବୁ ? ମୁଁ ଯିବି ।"

ରେବା ପଛକୁ ମୁହଁ ଫେରାଇ ତାଙ୍କୁ କିଛି ସମୟ ଚାହିଁ ରହିଲା । ଏ କ'ଣ ? ସତକୁ ସତ ତା' ମନର ସେଇ ଛାପ ରାମଚନ୍ଦ୍ରଙ୍କ ମୁହଁରେ ଯେମିତି ଦେଖିପାରିଲା ସେ । ରାମଭାଇନା ଗଲେ କ୍ଷତି କ'ଣ ? ତାଙ୍କର ଏ ରାବଣ ଚେହେରା, ଭୀମ ଭଳି ଶତସିଂହର ବଳ... ପୁଣି ସଙ୍ଗରେ ପିଆଦା ଆଉ ତା' ହାତର ସେ ମୋଟା ଠେଙ୍ଗାଟା ।

ରେବତୀ ମୁହଁ ଗମ୍ଭୀର କରି ଠାକୁରଘର ପାଖ ସେଇ ବାରଣ୍ଡାରେ ଘଡ଼ିଏ ନୀରବରେ ବସି ରହିବା ପରେ କହିଲା, "ହଉ, ତୁମେ ଯାଅ । କିନ୍ତୁ କାମଟା ଯେମିତି ହୁଏ । ଅଯଥା ବାଡ଼ିଆପିଟା ନ କରି ପ୍ରଥମେ କଥାଟା ଭଲରେ ପଚାରିବ ।"

"ଓହୋ, କ'ଣ କହିବାକୁ ହବ ମୁଁ ଜାଣିଛି । ତୁ ଗଲୁ, ପୂଜାରୀକୁ କହିବୁ ଖାଇବାକୁ ବାଢ଼ିବ । ଭାରୀ ଭୋକ ହେଲାଣି ମତେ ।"

ରେବତୀ ତର ତର ହୋଇ ରୋଷେଇଘର ଆଡ଼େ ଚାଲିଲା । ଏ ପର୍ଯ୍ୟନ୍ତ ଛୁଆ-ପିଲା ସମସ୍ତଙ୍କୁ ଖାଇବାକୁ ଦେବା କଥା ସେ ଭୁଲିଗଲା କିପରି ?

ପାଖ ବାରଣ୍ଡାରେ ପିଲାଏ ଧାଡ଼ି କରି ବସିଛନ୍ତି । ଟୁନା, ଆହୁତି, ସୁରଭିର ଝିଅ ଦୁହେଁ । ରଙ୍ଗଲତା ପାଖରେ ବସି କାହାର କ'ଣ ଦରକାର ଦେବାପାଇଁ ପୂଜାରୀକୁ ବରଗଦ କରୁଛନ୍ତି । ସୁରଭି ସାନ ପୁଅଟିକୁ ' ଗୋଡ଼ରେ ଶୁଆଇ ରୁପା ଶାମୁକାରେ ଦୁଧ ପିଆଉଥିଲା । ରେବତୀକୁ ଦେଖି କହିଲା, "ମତେ ଟିକିଏ ଚିନି ଆଣି-ଦେଲୁ । ମିଠା କମିଗଲା କି କ'ଣ, ଏ ଟୋକା କାହିଁକି ପିଉନି ।"

"ଆଣ, ମତେ ଦେଲୁ ତାକୁ । ହେ ନନା, ସେପାଖରେ ଜାଗା କରି ରାମ-ଭାଇନାଙ୍କ ପାଇଁ ଭାତ ବାଢ଼ ।"

ସୁରଭିର କୁନି ପୁଅଟିକୁ କୋଳକୁ ନେଇ ହସି ହସି କେତେକଥା କହିଲା ରେବତୀ । ପିଲାଟି ସବୁ ଶୁଣୁଥାଏ । ଅବ୍ୟକ୍ତ ଭାଷାରେ ନିଜର ଅଭିବ୍ୟକ୍ତି ଜଣାଇ

Digitized by srujanika@gmail.com

କେତେ ପ୍ରକାର ଭାବଭଙ୍ଗୀ ଦେଖାଉଥାଏ । ରଙ୍ଗଲତା ହସୁଥାଆନ୍ତି ଖୁସିରେ । ଧୀରେ ଧୀରେ ପୁଅ ରେବତୀ କୋଳ ଛାଡ଼ି ସୁରଭି କିମ୍ବା ରଙ୍ଗଲତା ଯେତେ ଡାକିଲେ ମଧ୍ୟ ଯିବାକୁ ଚାହିଁଲା ନାହିଁ । ରେବତୀ ସେମିତି କଥା କହୁଥାଏ । ଧୀରେ ଧୀରେ ଝାମୁ-କାରେ କ୍ଷୀର ଦେଇ ପିଲଟିକୁ ଖୋଇ ଦେଉଥାଏ । ପିଲଟି ରେବତୀର ମୁହଁକୁ ଚାହିଁ ଏକ ଦୃଷ୍ଟିରେ କଥା ଶୁଣୁ ଥାଏ । ଏଣେ କ୍ଷୀର ଗିନାଏ ସବୁ କ୍ଷୀର ଶେଷ । ଆହୁତି ପାଟି କରୁଛି, "ହେଇ ବଡ଼ନାନୀ, ଦେଖ କୁନିପୁଅ ସବୁ ପିଇଦେଲା ।"

ରଙ୍ଗଲତା ଆକଟ କରିବା ସ୍ୱରରେ କହିଲେ, "ଛିଃ, ଏମିତି କହନ୍ତି ନାହିଁ ଲୋ ମା' । ତୁ ତ ଖାଇ ସାରିଲୁଣି, ଉଠୁନୁ କାହିଁକି ?"

ସବୁ ପିଲାଏ ସେଠାରୁ ଉଠି ପଳେଇଲେ । କୁମୁଦ ବାସନ ଉଠେଇ ଗୋବର ପାଣି ପକେଇ କନାରେ ଖାଇବା ଜାଗାଟି ପୋଛିଦେଲା । ପୁଣି ଶୁଖିଲା କନାରେ ଭଲ-କରି ପୋଛିଦେବା ପରେ ପୂଜାରୀ ରଙ୍ଗଲତା, ସୁରଭି ଓ ରେବତୀଙ୍କ ପାଇଁ ଜାଗା କଲା ।

ରେବତୀର ଡାକରେ ତରତର ହୋଇ ହାତଧୋଇ ପୋଛି ପକେଇ ପୁଅକୁ ତା' କୋଳରୁ ନେଇ କୁମୁଦ କାଖେଇଲା । ରେବତୀ ବାଡ଼ି ପଟକୁ ଯାଇ ହାତ ମୁହଁ ଧୁଆଧୋଇ ହୋଇ ଖାଇବାକୁ ଆସିଲା ।

ବଳରାମ ଖବର ପଠେଇଛନ୍ତି । ସେଇ ପୁରୁଣା ରୋଗ ମୁଣ୍ଡବିନ୍ଧାଟା ଆରମ୍ଭ ହୋଇଯାଇଛି । ତେଣୁ ଆଜି ଖଜଣା ଅସୁଲ ବନ୍ଦ ରହୁ ।

ରେବତୀ ଖାଇବା ପାଖରେ ସବୁ ଶୁଣି ଟିକିଏ ହସି ପକେଇଲା । "ଦେଖୁଛ ରାମଭାଇନା, ବଳିଗୁମାସ୍ତା ଭାବିଛନ୍ତି ଆମଠୁଁ ତାଙ୍କ ବୁଦ୍ଧିଟା ସରସ ।"

"ମୁଁ ତ କହି ଦେଇଛି, ତୋତେ କିଛି ଭାବିବା ପାଇଁ ପଡ଼ିବନି । ମୁଁ ଯେତେ-ବେଳେ ଯିବି ବୋଲି ସ୍ଥିର କରିଛି ଆଉ କେହି ଯିବାର ଆବଶ୍ୟକତା ନାହିଁ । ଖାଲି ତୁମର ଜାଗିରି ଖାଉଥିବା ସେଇ ପିଆଦାଟା ମୋ ସାଙ୍ଗରେ ଥାଉ । ନହିଲେ ମୁଁ ଯେ ଜମିଦାର ଘରର ଲୋକ, ଏକଥା ସେମାନେ ବିଶ୍ୱାସ କରିବେ କିମିତି ?"

"ତୁମେ ବାହାରି ପଡ଼ । ମୁଁ ଯାଉଛି ବକେୟା ତାଲିକାଟା ଦେଇ ଦେବି ।"

ରାମଚନ୍ଦ୍ର ଆଉ କୌଣସି ଉତ୍ତର ନ ଦେଇ ନିଜେ ଚାଲିଗଲେ । ରେବତୀ ତରତର କରି ଖାଇଦେଇ ଉଠିଯାଇ ହାତମୁହଁ ଧୋଇଲାଣି । କାଗଜପତ୍ର ଠିକଣା କରି ବୁଝେଇଲେ ଯେତେ ବି ରାମଭାଇନା ଯୋଉ ହୁଣ୍ଡାପିଟା କାହାକୁ ଯାଇ କ'ଣ କହିବ ।

Digitized by srujanika@gmail.com

ପାନ ଖାଇ ରାମଚନ୍ଦ୍ର ଚଉପାଢ଼ୀକୁ ଆସିଲେ । ବାହାରେ ରାଘବ ଯେନା ତା'ର ଠେଙ୍ଗାଟା ଧରି ଅପେକ୍ଷା କରିଛି । କାନ୍ଧରେ ପଘାଟା ପଡ଼ିଛି । ସବାରି ଥୁଆ ହୋଇଛି । ରାମଚନ୍ଦ୍ର ସବୁ କଥା ବୁଝାବୁଝି କରି ବାହାରି ଆସିଲେ । ରେବତୀ ଦାଣ୍ଡ କବାଟ ପାଖରେ ତାଙ୍କୁ ବଳେଇ ଦେବାକୁ ଆସିଲା, ସେ ପର୍ଯ୍ୟନ୍ତ ରାଘବ ଯେନାକୁ ଯାହା ଯାହା ନିର୍ଦ୍ଦେଶ ଦେବା କଥା ସେ ବୁଝେଇ କହି ନ ଥିଲା । ଠିକ୍ ଯିବାର ଟିକିଏ ସମୟ ପୂର୍ବରୁ ଶେଷରେ ସେ ଏତିକି କହିଲା, "ଦେଖ ଯେନା, ଯେ କୌଣସି ପ୍ରକାରେ ତୁମକୁ ଅସୁଲ କରିବାକୁ ହିଁ ହେବ ।"

ରାଘବ ଯେନା ନିର୍ଭର ଜବାବ ଦେଇ କହିଲା, "ନାନୀ, ଆପଣ ନିଧଡ଼କ ହୋଇ ଘରେ ବସନ୍ତୁ । ଆମକୁ ଅନୁମତି ମିଳି ଯାଇଛି । ଆମ କାମ ଆମେ କେତେ-ଦୂର ତୁଲେଇ ପାରିବୁ, ସେ କଥା ପରେ ଜାଣିବେ ନାହିଁ ।"

ରେବତୀ ନିଶ୍ଚଳ ପ୍ରତିମା ଭଳି କିଛି ସମୟ ସେଇଆଡ଼େ ସେମାନଙ୍କର ଯିବା ବାଟକୁ ଚାହିଁ ରହିଲା । ତା'ପରେ ଫେରିଆସି ଜେଜେବାପାଙ୍କର ବଡ଼ ଚଉକିଟାରେ ଅଧାଶୁଆ ଭଳି ପଡ଼ିରହି ଉପରକୁ ଚାହିଁରହିଥିଲା ସେ । ଏମିତି ଚିନ୍ତାଶୂନ୍ୟ ଅବସ୍ଥାରେ କିଛି ସମୟ ପଡ଼ି ଶେଷକୁ ସେ ଉଠିଗଲା ସେଇ ବଡ଼ ଶୋଇବା ଘରଆଡ଼େ । ପୁଅକୁ ଶୁଆଇ ଦେଇ ସୁରଭି ତା' ପାଖରେ ଶୋଇ ପଡ଼ିଥିଲା । ରେବତୀ କିଛି ସମୟ ମା' ପୁଅଙ୍କ ଆଡ଼େ ଚାହିଁରହିଲା । ତା'ପରେ ସପ ତକିଆ ଆଣି ସେଇଠି ପକେଇ ସେ ଟିକିଏ ଶୋଇପଡ଼ିଲା । କାହିଁକି କେଜାଣି ବହୁତ ଦିନ ପରେ ସେ ଅନୁଭବ କଲା ସେ କ୍ଲାନ୍ତ ହୋଇପଡ଼ିଛି । ଟିକିଏ ନ ଶୋଇଲେ ତାକୁ ଶାନ୍ତି ଲାଗିବନି । ଅବଶ ଆଖିପତା ଲାଗି ଆସୁଛି । ତଥାପି ରେବତୀ ଭାବୁଛି, ଏମିତି ତ ବହୁ ଦିନରୁ ସେ ଶୋଇନି । ଯିଇଟି ଦିନରୁ ଆଜି ପର୍ଯ୍ୟନ୍ତ କେବେ ବି ନୁହଁ । ତେବେ ଏ କ୍ଲାନ୍ତି ଶରୀରର ନା ମନର ? ଆଉ ବେଶୀ ସମୟ ଚିନ୍ତା କରିପାରିଲାନି ରେବତୀ । ସେ ନିଦରେ ଶୋଇଗଲା ।

କାହାର ନରମ ସ୍ପର୍ଶରେ ରେବତୀର ଆଖିପତା ଦୁଇଟି ଆପେ ଖୋଲିଗଲା । ସୁରି ନାନୀର କୁନି ପୁଅଟି କେତେବେଳଠୁଁ ଉଠି ଆସି ତା' ଉପରେ ଚଢ଼ୁଛି । ହସି ହସି ତା' କୁନି ହାତରେ ରେବତୀର ଆଖିପତାକୁ ଖୋଲିବାକୁ ଚେଷ୍ଟା କରୁଛି ।

ରେବତୀ ଉଠି ବସି ଦୁଇ ହାତରେ ତାକୁ କୋଳକୁ ଉଠେଇ ନେଲା । "ହଇରେ ଚଗଲା, ତୋ ମା' କୁଆଡ଼େ ଗଲା କି ? ତୁ ମୋ ନିଦ କାହିଁକି ଭାଙ୍ଗିଲୁ ?"

Digitized by srujanika@gmail.com

"ତୁ କାହିଁକି ମତେ ଦୁଦୁ ପିଆଇ ଦେଲୁ, ଘର ଉଠ । କାଶ କର । ଆଉଥରେ ଦୁଦୁ ଦେ ।" ଟିକିଏ ଦୂରେଇ ପାନଡାଲା ପାଖରେ ବସି ପାନ ଭର୍ତ୍ତି ଖାଉ ଖାଉ ରେବତୀ କଥାରେ ହସି ହସି ଉତ୍ତର ଦେଲ ସୁରଭି । ପୁଅକୁ କାଖରେ ଧରି ମୁହଁ ଧୋଇଦେବାକୁ ଉଠିଗଲ ରେବତୀ । କୁଆଡ଼େ ଥିଲ ଆହୁତି 'ତାକୁ ଆମକୁ ଦେ; ଆମକୁ ଦେ' କହି ଘୋଷାରି ନେଇଯିବାକୁ ଚେଷ୍ଟା କଲ । ପିଲଟି ଏ ଟଣାଓଟରରେ କୋହରେ କାନ୍ଦ ଆରମ୍ଭ କରି ଦେଉଛି । ସେପାଖରୁ ରଙ୍ଗଲତା ଆସି ରେବତୀ କାଖରୁ ତାକୁ ନେଇଯାଇ କହିଲେ, "ଛାଡ଼ ତାକୁ । ସେ ତା' କନିଆଁକୁ ଏ ଯାଏ ଦେଖିନି, କାନ୍ଦୁଛି । ତୁମ ପାଖରେ ସେ ରହିବନି । ଘଲରେ ବର, ଆମେ ଏବେ ବଗିଚ୍ଚରେ ଟିକିଏ ବୁଲି ଆସିବା । ଆସିଲେ ଆଜି ମାଉସୀ ହାତରେ ଦୁଧ ପିଇବୁ ।"

"ରହ କେଜେମା', ତାକୁ ଟିକେ ପାଣି ପିଆଇ ଦିଏ । ସୁରିନାନୀଟା ତାକୁ ପାଣି ଟିକେ ବି ଦଇନି ।"

"ହଉ, ଦିଅ । ଆମେ ପାଣି ପିଇସାରି ବୁଲିଯିବୁ । ଆସିଲେ ଦୁଧ ପିଇ ମୁଣ୍ଡ କୁଣ୍ଡେଇ କଜଳ ପିନ୍ଧିବୁ । ହେଲ ତ ?"

ରଙ୍ଗଲତା ପିଲଟିକୁ କାଖେଇ ବଗିଚ୍ଚ ଆଡ଼େ ବାହାରି ଗଲେ ।

କାହିଁ କେତେବେଳୁ ସଞ୍ଜ ଗଡ଼ି ଗଲଣି । ସଞ୍ଜବତୀ ଦେଇ ପୂଜାପୂଜି ସାରି ସେଇ ପାଖ ବାରଣ୍ଡାଟାରେ ପିଲଙ୍କ ପାଖରେ ଚିନ୍ତିତ ମନରେ ବସିଛି ରେବତୀ । ରାତି ଆସି ପହରେ ହେଲଣି, ଏ ଯାଏ ରାମ ଭାଇନାଙ୍କର ଦେଖା ନାହିଁ । ସେ ଯେମିତି ଲୋକ ଫୌଜଦାରୀ କରି ବସିବ । ସାଙ୍ଗରେ ରାଘବ ଯେନା । ରେବତୀର ମନେପଡ଼ିଲ, ଗଲବେଳେ ରାଘବର ସେଇ ଘାଘଡା ସ୍ୱରର କଥା କେଇପଦ-- "ଅନୁମତି ତ ପାଇଛୁ । ଏଣିକି ଆମ କାମ ଠିକ୍ କରିବୁ । ଆପଣ ପଛରେ ଜାଣିବେ ନାଇଁ କି ?"

ଇସ୍, ରାଘବ ଯଦି ଅନୁମତି ପାଏ, କ୍ଷଣକେ ଘର ଜାଳିଦେବ । ପ୍ରଜାଙ୍କୁ ଗଛରେ ବାନ୍ଧି ବାଡ଼େଇବାକୁ ତାକୁ ଟିକିଏ ବି ସମୟ ଲଗେନି । ଏବେ ତା' ସଙ୍ଗେ ରାମ ଭାଇନା । ପ୍ରଭୁ ଗୋପାଳ... କାହିଁକି ଏମିତି ସବୁ ହେଲ !! ବାପା ତ ନାହାନ୍ତି । ସେମାନେ ସମସ୍ତେ ମତେ ହଇରାଣ କଲେ କାହିଁକି ? ମୁଁ କ'ଣ ଏଇଯା ଖୋଜିଥିଲି ?

ପରମୁହୂର୍ତ୍ତରେ ନିଜର ଦୁର୍ବଳ ମନକୁ ସଜାଡ଼ି ନେଇ କାନିରେ ମୁହଁଟା ପୋଛି ଆଣିଲ ରେବତୀ । ନା– ତା'ମନରେ ଯଦି ଦୁର୍ବଳତା ସ୍ଥାନ ପାଇବ, ତଳିତଳାନ୍ତ ହେବାକୁ ସେମାନଙ୍କୁ ଗୋଟାଏ ମୁହୂର୍ତ୍ତ ବି ଲଗିବ ନାହିଁ ।

Digitized by srujanika@gmail.com

ମନେପଡୁଛି ଏଇ ଗତ କେଇବର୍ଷ ତଳର କଥା । ସେ ଶାଶୁଘର ଯାଇ ନ ଥାଏ, ଜେଜେବାପା ସବାରିରେ ବସି କଚେରୀ ଯାଇ ଥାଆନ୍ତି । ତାଙ୍କ ଘୁନାକରି ଧଡ଼ି ଧୋତିରେ ଖୋସା ହୋଇ ପିନ୍ଧା ହୋଇଥାଏ ଧଳା ପଞ୍ଜାବୀ । ମୁଣ୍ଡରେ ସାହେବି ଟୋପି, ଗୋଡ଼ରେ କଳା ମଚ ମଚ ପୂର ଜୋତା, ମୋଜା । ଆଖିରେ କଳା ଚଷମା ହାତରେ ରୂପାବେଣ୍ଟର କମକୁଟ ହେଇଥିବା ବେତବାଡ଼ି ।

ସେ ଥିଲ ସୁନ୍ଦର ଦିନ ସବୁ । ଜେଜେବାପାଙ୍କର ଗୋର ଡକଡକ ଚେହେରକୁ ଏ ପୋଷାକ ଖୁବ୍ ମାନୁଥାଏ । ମୋକଦ୍ଦମାରେ ଜିତି ଗୋପାଳଙ୍କ ପାଖରେ ଭୋଗ ପାଇଁ ଦୁଇହାଣ୍ଡି ଲଡୁ, ଜିଲିପି ଧରି ମନ ଆନନ୍ଦରେ ଫେରୁଥାଆନ୍ତି ସେ । କ'ଣ ହେଲ କେଜାଣି କୋଉ ଗାଁ ପାଖରେ ସବାରି ଅଟକି ଗଲ, "କିରେ ଏଠି କାହିଁକି ରହିଲ ? ଡେରି କରୁଛ କାହିଁକି ? ଶୀଘ୍ର ପହଞ୍ଚିଲେ ସନ୍ଧ୍ୟାରେ ମୁଁ ଠାକୁର ପୂଜା କରିବି ଯେ ।"

ସବାରି ପାଖରେ ଦଣ୍ଡବତ କରୁଥିଲେ ଦଶଜଣ ମୁଖିଆ ଲୋକ । "ଆଜ୍ଞା ଆମେ ଆପଣଙ୍କ ପ୍ରଜା । ଏଇବାଟ ଦେଇ କଚେରୀକୁ ଗଲେ । ଫେରିବା ବାଟକୁ ଗ୍ରହିଁ ବସିଛୁ ।"

"କ'ଣ ଅସୁବିଧା ଅଛି କୁହ ।"

"ବାବୁଙ୍କର ପାଦ ଟିକିଏ ପଡ଼ିବନି ଏ ଗରିବମାନଙ୍କ କୁଡ଼ିଆରେ ।"

"ସେ କଥା ଆଉଦିନକୁ ଥାଉ । ପିଲଏ ମୋତେ ଗ୍ରହିଁ ବସିଥିବେ । ସନ୍ଧ୍ୟା-ବେଳେ ପୂଜା କରିବାର କଥା । ହେଲ, ମୁଁ ଆଉଦିନେ ଆସିବି ।"

"ସାଆନ୍ତେ, ଏଇ ଟଙ୍କା ସବୁ ଅସୁଲ ହୋଇ ଯାଇଛି । ବଢ଼ି ମରୁଡ଼ି ତ ଲଗି ରହିଛି । ଗତବର୍ଷ ସେଇଥିପାଇଁ ଖଜଣା ପଇଠ କରି ପାରିଲୁନି ।"

"କିରେ ତୁମକୁ ଏବେ କିଏ ମାଗୁଛି ?"

ମୋକଦ୍ଦମାରେ ଜିତି ଥିଲେ ବୋଲି ସୁଧୀରଞ୍ଜନଙ୍କ ମନ ଭରି ଖୁସି ଥାଏ ।

ଲୋକେ କିନ୍ତୁ ଜିଦ୍ କରି ଟଙ୍କା ଥଳିଟି ଧରେଇ ଦେଲେ । "ଯାହା ଆପଣଙ୍କର ପ୍ରାପ୍ୟ ସେଥିରେ ଆମେ ଖିଲପ କରିବୁ ନାହିଁ, ଆଜ୍ଞା ।"

ଭୁଲବଶତଃ ଖଜଣା ଅସୁଲ ହୋଇପାରି ନ ଥିଲ ସେଇ ମୌଜାଟିରୁ, ଅଥଚ ପ୍ରଜାଏ ଛାଏଁ ଦେଇଗଲେ ଉପରେପଡ଼ି ।

Digitized by srujanika@gmail.com

ସେଦିନ ଆଉ ଆଜି ଭିତରେ କେତେ ତଫାତ୍ । ତା' ନ ହେଲେ ଅକାରଣେ ଏଠି ବସି ଦୁଶ୍ଚିନ୍ତାରେ ଘାଣ୍ଟି ହେଉଥାଆନ୍ତା ସେ କାହିଁକି ?

ଜେଜେ ତ ନାହାନ୍ତି, ବାପା ଆଉ ମଧ୍ୟ ନ ଥିବା ଭଳି । ସେ ଯଦି ଘରେ ଥାଆନ୍ତେ ଏ କାମ କୋଉଦିନରୁ ସରନ୍ତାଣି ।

ଠିକ୍ ବେଳ ଦେଖି ହଇରଣ କରୁଛନ୍ତି ସଭିଏଁ ।

ଦାଣ୍ଡ କବାଟରେ କିଏ ଡାକୁଛି । ଗ୍ଭକିରିଆ କବାଟ ଖୋଲୁ ନ ଖୋଲୁଣୁ ଚଉପାଢ଼ୀ ପର୍ଯ୍ୟନ୍ତ ଚ୍ଚଲି ଯାଇଥିଲା ରେବତୀ ।

ରାମଚନ୍ଦ୍ର ଭିତରକୁ ପଶି ଆସିଲେ ହାଲିଆ ହୋଇ । ପାଟିରେ କଥା ନାହିଁ, ଦେହ ଝାଳ ସରସର । ବାରଣ୍ଡାରେ ବସିଛି ରାଘବ ଯେନା । ସେ ବି ଥକ୍କା ହୋଇ ପଡ଼ିଛି । ଗ୍ଭକିରିଆକୁ ଗ୍ଭ' ଆଣିବାକୁ ବରାଦ କଲେ ରାମଚନ୍ଦ୍ର ।

ରେବତୀ ଆଉ ଚୁପ୍ କରି ନ ବସି ହଠାତ୍ ପଚ୍ଚରି ଦେଲା, "କ'ଣ ହେଲା ରାମଭାଇନା, ଚୁପ୍ ହୋଇ ବସିଗଲ ଯେ !"

"କଥାଟା ଯେତେ ସହଜ ଲେ ମା' କାମଟା ତା' ନୁହେଁ । ରହ, ଟିକେ ସବୁ ଗୋଟି ଗୋଟି କରି କହିବି । ଆଗ ଗ୍ଭ' ଟିକେ ପଡ଼ିଯାଉ ।"

କୁମୁଦ ରାମଚନ୍ଦ୍ରଙ୍କ ପାଖରେ ଗୋଟାଏ ବେଲାରେ ବେଲାଏ ଗ୍ଭ' ଆଉ କଂସା ଗିଲାସଟାଏ ଥୋଇଦେଲା । ସେପାଖ ବାରଣ୍ଡାରେ ବସିଥିବା ରାଘବ ଯେନା ପାଖରେ ଚଡ଼ ଉସ ବେଲାଟାରେ ଆଉ ବେଲାଏ ଗ୍ଭ' ଥୋଇଦେଇ ଘରଆଡ଼େ ଫେରିଗଲା ସେ ।

ରାମଚନ୍ଦ୍ର ଗ୍ଭ' ପିଇ ଥକ୍କା ମାରି କହିଲେ, "ପିଉସା ନ ରହିବାରୁ ସେମାନଙ୍କର ତ କଟେପୁଅ ବାର ପଡ଼ିଛି !"

ରାଘବ ଯେନା ଗ୍ଭ' ଢୋକେ ପିଇ ଘାଘଡ଼ା କଣ୍ଠରେ କହିଲା, "ଶଳେ କ'ଣ ସବୁଜେ ଅଣ୍ଡାରୁ ଖସଉଥିଲେ କି ? ଦେଖିଲନାହିଁ ସେଇ ରାଉତ ବୁଢ଼ାର କେଡ଼େ ଗର୍ଭ । କହିଲା– ତମ ମାଡ଼କୁ ଆମେ କାହିଁକି ଡରିବୁ ହୋ । ଥରେ ଟଙ୍କା ପଇଠ କଲୁ, ପୁଣି ଅସୁଲ କରି ଆସିଛ । କହୁଛ କ'ଣ ନା ଘର ଢାଳିଦେବୁ । ଜିନିଷ ନିଲମ କରିଦେବୁ । ତୁମ ମନକୁ ଯାହା ପାଉଛି କର, ଏଇ ଧରମ ସାକ୍ଷୀ । ଆମେ ଟଙ୍କା ଦେଇଛୁ କି ନାହିଁ ସେଇ ଏକା ବୁଝିବ ।"

ରେବତୀ ମନେ ମନେ ଥରି ଉଠିଲା । ରାଉତ ବୁଢ଼ା ଏ କଥା କାହିଁକି କହିଲା ? ସେ ତ କେବେହେଲେ ଖଜଣା ଦେବାରେ ଗଣ୍ଡଗୋଳ କରିନି । ଉଭୀ ଧର୍ମ-

Digitized by srujanika@gmail.com

ଭୀରୁ ଲୋକଟିଏ । ଦିଅଁ ଦେବତା ମାନି ଚଳେ । ହକ ଆମର ପ୍ରାପ୍ୟ । ନ ଦେଇ-ଥିଲେ ସୁବିଧା ଅସୁବିଧା କଥା କହି ଥାଆନ୍ତା । ରେବତୀର ମୁଣ୍ଡରେ ଏସବୁ କଥା କିପରି ଗୋଳମାଳ ସୃଷ୍ଟି କରିଥିଲା ।

ରାମଚନ୍ଦ୍ର କହିଲେ, "ବୁଝିଲୁ ରେବ, ବୁଢ଼ାଟାକୁ ଦୟା ଲାଗିଲା । ନ ହେଲେ ଆଉ କିଏ ହୋଇଥିଲେ ଯେନା ତା'ର ଛାଲ ଉତାରି ଦେଇଥାଆନ୍ତା । ତେବେ ଜବର-ଦସ୍ତ ଘରେ ପଶି ତା'ର କଂସା, ପିତଳର ଯାହା ବାସନକୁସନ ଥିଲା ସବୁ ବୋହି ଆଣିଛୁ । ନିଲାମ କରିବାକୁ ବେଳ କାହିଁ ?"

ରେବତୀ ମନେ ମନେ କହିଲା, ଆହାଃ ନେଇଆସିଲ ! ଦେଖିଲ ନି ସେ ପର ଧର୍ମକୁ ଡାକିଲା । ଏ ଘରେ ତ କେତେ କ'ଣ ଅମଙ୍ଗଳ ହେଲାଗଲାଣି । ରେବତୀର ଚିନ୍ତାଧାରରେ ବାଧା ପଡ଼ିଲା । ରାମଚନ୍ଦ୍ର କହୁଥିଲେ :

"କରଣ ସାଇର ଲୋକେ ବଡ଼ କଅଁଳ ସ୍ୱରରେ କଥା ଆରମ୍ଭ କରୁଥିଲେ । ଖଜଣା କଥା ଶୁଣି ସେମାନେ ଚୁପ୍ କରିଗଲେ, ପାଟିରେ କଥା ନ ଥିଲା । ସେଠି ବି ସେଇ ଏକା କଥା ।"

"ଆଉ ସେଇ ପାଠପଢୁଆ ଟୋକାଟା ! କ'ଣ କହିଲା ଶୁଣିନ... ତମ ଜମି-ଦାର କ'ଣ ଏଥର ଆଗୁଆ ଖଜଣା ଅସୁଲ କଲେଣି କି ? ଗରିବ ପ୍ରଜାଙ୍କ ସୁଖ ଦୁଃଖ ଭୁଲିଗଲେ ଚଳିବ କିମିତି ? ଶଳା, ମାଡ଼ ଖାଇ ଘୁଞ୍ଚୁଥିଲା କି ? ଶେଷରେ ତା'ର ବଡ଼ ଭାଇଟା ତାକୁ ଘୋଷାରି ନେଲା ଘର ଭିତରକୁ । ଗୁଳରେ ନିଆଁ ଲଗେଇ ଦେଲୁ । ତାଙ୍କ ଭାଗ୍ୟକୁ ସମୁଦାୟ ନିଆଁ ଧରିବା ଆଗରୁ ସେଇଠୁ ଓଲଟି ପକେଇ ସେମାନେ ପାଣି ପକେଇ ଦେଲେ । ଆଉ ସାଙ୍ଗେ ସାଙ୍ଗେ ସେଇ ମହାନ୍ତି ଟୋକାର ବଡ଼ ଭାଇଟା କାଳିମାଟିରୁ ଆଣିଥିବା ନଗଦ ଟଙ୍କା ତକ ଆମ ହାତରେ ଧରେଇ ଦେଇ କହିଲା, "ବାବୁ ତମେ ଯିବଟି । ସେ ପିଲାଲୋକ, ତା' କଥାରୁ କ'ଣ ପାଇବ ।" ଯେ ଦେଲେ ଦେଲେ, ଯେ ନ ଦେଲେ ଯାହା ପାଇଲୁ ତା' ଘରୁ ବୋହି ଆଣିଲୁ । ଆଉ ତ ବେଳ ନ ଥିଲା । ଜିନିଷ ନିଲାମ ନ କରି ସାଙ୍ଗରେ ଧରି ଆସିଛୁ । ତେବେକେ ନ ଦେଲା ଲୋକ ଗୁରି ପାଞ୍ଚ ଘର ହେବେ ।"

ରେବତୀର ଏସବୁ କଥା ଶୁଣିବାର ଧୈର୍ଯ୍ୟ ନ ଥିଲା । ସେ କେବେ ମଧ୍ୟ ଏଭଳି କିଛି ଶୁଣୁ ନ ଥିଲା । କିନ୍ତୁ କାହିଁକି ଏମିତି କରହେଲା ? କାହିଁକି ସେମାନେ

Digitized by srujanika@gmail.com

ରାଘବ ଯେନାକୁ ଦେଖି ବି ଖବରଣା ନ ଦେବାକୁ ଅଡ଼ି ବସିଲେ ? କ'ଣ ଯାର କାରଣ ? ପ୍ରଭୁ ଏ ସଂସାରରେ କାହିଁକି ଏମିତି ଗ୍ରଲିଛି ? ରେବତୀର ମୁଣ୍ଡ ଘୂରୁଥିଲା । ବେତର ସେଇ ବଡ଼ ଚୌକିଟାରେ ସେମିତି ଶୋଇ ରହି ସେ କହିଲା, "ଯେନା ତୁ ଘରକୁ ଯା', କାଲି ସକାଳୁ ଆସି ପହଞ୍ଚିବୁ ।"

ରାଘବ ଯେନା ବଡ଼ ବଡ଼ ଅଖାରେ ଥିବା ବାସନ ଇତ୍ୟାଦି ଚଉପାଢ଼ୀର ଗୋଟିଏ କଣରେ ରଖିଦେଲା । ସେଆଡେ ଗ୍ରହିଁ ରେବତୀର ମନରେ ବିଷାଦର କାଳିମା ଘୋଟି ଆସିଲା । ସେଇଠି ସେମିତି କେତେ ସମୟ ସେ ପଡ଼ି ରହିଥିଲା ଜାଣିନି । ଯା ମଧ୍ୟରେ ରମଚନ୍ଦ୍ର ବାଡ଼ିଆଡ଼େ ଯାଇ ଗୋଡ଼ ହାତ ଧୋଇ ସାରିଲେଣି କେତେବେଳୁ । ପିଲମାନେ ପଢ଼ା ବସ୍ତାନି ରଖି ତାଙ୍କ ଖାଇବା ଶେଷ କରି ବିଛଣାକୁ ଗଲେଣି । ରଙ୍ଗଲତା, ସୁରଭି ସବୁ ବୁଝୁଛନ୍ତି । ରେବତୀ ତ ଦାଣ୍ଡ କଥା ବୁଝୁଛି । ତେଣୁ ତାକୁ ଅଯଥାଟାରେ ଚଉପାଢ଼ୀ ଘରୁ ନ ଡାକି ଏକାଠି ଖାଇବା ବେଳ ହେଇରୁ କୁମୁଦ ଏ ଖଞ୍ଜାକୁ ଡାକି ଆସିଲା ।

ଟଳି ଟଳି ରେବତୀ ଖାଇବା ପାଖରେ ବସିଲା । ସହଜେ ଖାଇବା ଜିନି-ଷରେ ହାତ ମାରି ପାରୁ ନ ଥାଏ ସେ । ସେମାନେ କାଲି ସକାଳେ ରନ୍ଧିବେ କୋଉ-ଥିରେ ? କଂସା ଥାଳୀ ତ ସବୁ ଘରୁ ଗ୍ରଲିଗଲା, ଖାଇବେ କୋଉଥିରେ ? ଯାହା କହନ୍ତି ଦାଣ୍ଡରେ ବସି ଖପରରେ ଖାଇବା କଥା । ଅକାରଣେ ରେବତୀର ମନ କରୁଣ ହୋଇ ଉଠିଲା । ନିଜ ମନକୁ ବାରମ୍ବାର ସେ ଦୃଢ଼ କରିବାକୁ ଚେଷ୍ଟାକଲା । ତଥାପି ସେହି ଅସ୍ୱସ୍ତି । ଏଥିରୁ ଯେମିତି ତା'ର ମୁକ୍ତି ନାହିଁ । ରେବତୀ କିଛି ଟିକେ ବି ଖାଇ ପାରିଲନି । ପୁଝାରୀ ହାତରୁ ଦୁଧଗ୍ଲାସ ନେଇ ପିଇ ଦେଇ ଶୋଇବାକୁ ଗ୍ରଲିଗଲା । ରଙ୍ଗଲତାଙ୍କ କଥାର ଉତ୍ତର ଦେଇ ସେ କହିଲା, "ଭରି ମୁଣ୍ଡ ବିନ୍ଧୁଛି ଲେ ଢେଙ୍କେମା' । ଆଉ କିଛି ଖାଇ ପାରିବିନି । ମୁଁ ଶୋଉଛି ।"

ଯା ପରେ ସୁରଭି, ରଙ୍ଗଲତା କ'ଣ କହିବେ, ବୁଝାବୁଝି କରି ବାଧ୍ୟକରି ଖୋଇବେ କି, ଏ ଚିନ୍ତା ରେବତୀର ଆଦୌ ନ ଥିଲା । ତେବେ ତା' କାନରେ ଏତିକି ପଡ଼ିଲା—

"ତୁ ଯାହା କହ ଢେଙ୍କେମା', ରେବଟି ଭରି ଖଟୁଛି । କେତେ ଚିନ୍ତା ତା'ରି ମୁଣ୍ଡରେ କହିଲୁ । ଏବେ ତା' ପିଲଛୁଆ ଧରି କେଡ଼େ ଆନନ୍ଦରେ ସେ ଘର କରୁ-ଥାଆନ୍ତା !"

Digitized by srujanika@gmail.com

"ହଁ ତା ଭଗ୍ୟ । ଥାଉ, ସେ ପଛ କଥାଗୁଡ଼ା ଆଉ ପକାନା ଲେ ମା' ।"

ରେବତୀକୁ ଏ ଭଗ୍ୟ ଖଗପ କଥାଟା ଶୁଣିବାକୁ ଆଦୌ ଭଲ ଲଗେନି । ଆଜିକାଲି ଏ ସବୁ ତା' ମନରେ ଟିକିଏ ବି ଭବାନ୍ତର ସୃଷ୍ଟି କରେନା । ସେ କ'ଣ ଥିଲ, ଏବେ ପରିସ୍ଥିତିରେ ପଡ଼ି କ'ଣ ହୋଇଛି, ଏମିତି କେବେ ସେ ଭବିନାହିଁ । ସେ ଅନୁଭବ କରୁଛି ତା' ମନରେ ଯେପରି ଖୁନ୍ଦି ହୋଇ ରହିଛି ଅନେକ କର୍ତ୍ତବ୍ୟ-ବୋଧ, ଦାୟିତ୍ୱବୋଧ । ସେଇ ସବୁ ତୁଲେଇବାକୁ ସେ ଚେଷ୍ଟା କରୁଛି । କେତେବେଳେ ଅବା ଅବସନ୍ନ ଦେହକୁ ବିଶ୍ରାମ ଦେବାକୁ ବି ସମୟ ପାଇନି । କିନ୍ତୁ ଏ ମନରେ ଦୁଃଖର ଜୀବାଣୁକୁ ପ୍ରଶ୍ରୟ ଦେଇ ସଂକ୍ରମିତ କରିବାକୁ ସେ କେବେ ଛାଡ଼ି ଦେଇନି । ସେ ତ ଚ୍ଲିଛି, ଆଗରେ କେତେ ବାଧା ପ୍ରତିବନ୍ଧକ ଡେଇଁ ଡେଇଁ ଚ୍ଲି ଆସି ସେ ପହଞ୍ଚି ଯାଇଛି ଏଇଠି । ଇଷ୍ଟଦେବ ଗୋପାଳ ତା' ଡାକ ଶୁଣନ୍ତୁ କି ନାହିଁ ତାଙ୍କୁ ସେ ପ୍ରତ୍ୟହ ଫୁଲ ସଜେଇ ଘିଅ ଦୀପ, ଧୂପ ଦେଇ ଆରଧନା କରିବ । ତା'ପରେ ଦୈନନ୍ଦିନ କାର୍ଯ୍ୟରେ ଆଗେଇ ଯିବ । ତେଣିକି ଏ ଭଗ୍ୟରେ ଯାହାଥିବ ସେ ସବୁ ଭବି ସେ ଅକାରଣେ ବ୍ୟସ୍ତ ହେବ କାହିଁକି ? କ'ଣ ବା ଆଉ ବାକି ରଖିଲେ ଠାକୁରେ । ଗୋପାଳଙ୍କୁ ସ୍ମରଣ କରିବା ପରେ ଧୀରେ ଧୀରେ ପ୍ରାର୍ଥନାର ଶ୍ଳୋକଟିଏ ଆବୃତ୍ତି କରୁକରୁ ରେବତୀର ଆଖିପତା ଦୁଇଟି ବୁଜି ହୋଇ ଆସିଲ । ସେ ଗାଢ଼ ନିଦରେ ଶୋଇ ପଡ଼ିଲ ।

ଅନ୍ଧାରୁଆରୁ ଆସି ସେମାନେ ସବୁ ମୁହଁ ପୋତି ସେଇ ବାହାର ବାରଣ୍ଡା-ଟାରେ ବସି ରହିଛନ୍ତି । ରେବତୀ ଗାଧୁଆ, ଠାକୁର ପୂଜା ଶେଷ କରି ସ୍ଥିର ଚିତ୍ତରେ ଚଉପାଢ଼ୀରେ ଆସି ବସିଲ । ଆଜି ସେ ପିଲଛୁଆ, ଘର ଖବର କିଛି ବୁଝିନି । ଯେଉଁ-ମାନଙ୍କ ପାଇଁ ମନ ଅସ୍ଥିର, ସେମାନେ ଯେ ନିଜେ ଆସିଛନ୍ତି ! ତେଣୁ ଏ ବେଳରେ ତା' ମନରେ ଆଉ କାହାରି ଚିନ୍ତା ନାହିଁ । କୁମୁଦ ହାତରୁ ଦହି ସରବତ ଗିଲସଟା ପାଟି ପାଖକୁ ନେଇ ଏକା ନିଶ୍ୱାସକେ ସେ ପିଇଦେଲ ।

ଗଉଡବୁଢ଼ା ଭିତରକୁ ପଶିଆସି ତଳେ ମୁଣ୍ଡ ଲଗାଇ ସେଇ ତଳଟାରେ ଶୋଇ ରହିଲ । ରେବତୀର ବହୁ ସାନ୍ତ୍ୱନା ପରେ କାନ୍ଦ କାନ୍ଦ ହୋଇ ଶେଷରେ ହାତ-ଯୋଡ଼ି ବସି ବୁଢ଼ା ତା'ର ଦୁଃଖ ବୟାନ କଲ, "କେବେ ଏମିତି ହେଇ ନଥିଲ, ମା । ବୁଢ଼ାବାବୁ ଦେବତା ସମାନ; ସେ ଚ୍ଲିଗଲେ ।"

Digitized by srujanika@gmail.com

"କଥାଟା ବୁଝ ଗଉତେ, ତୁମେ ତ ତୁମ କଥା କହିଲ । କିନ୍ତୁ ଜମିଦାରର ସୁବିଧା, ଅସୁବିଧା କିଛି ବୁଝିଲ କି ? ଲାଟବନ୍ଦୀ ତାରିଖ ଆସିଗଲା । କେହି ଖଜଣା ପଇଠ କଲ ନାହିଁ । ବଳି ଗୁମାସ୍ତା, ନରି ଗୁମାସ୍ତା ବୁଲି ବୁଲି ପାଦ ରହିଗଲା । ଗୋଟାଏ ବି ଟଙ୍କା ଅସୁଲ କରିପାରିଲେନି । ନରି ଗୁମାସ୍ତାଏ କଲିକତାରୁ ସାମାନ୍ୟ କିଛି ମହାଜନୀ ଟଙ୍କା ଆଣି ଦେଲେ । ସେ ତ ସମୁଦ୍ରକୁ ଶଙ୍ଖେ ପାଣି...... ।"

"ଝିଅ, ଏ କ'ଣ କହୁଛ ?"

"ମୋ କଥା ଶୁଣିସାର, ଗଉତେ...... ଶେଷ ବେଳରେ କଟକ ଦୌଡ଼ିଲି । ପାଖରେ ଟଙ୍କା ନାହିଁ । ସୁନା ରୂପା ଗହଣା କିଛି ବିକ୍ରି ହେଲା । ତଥାପି ତଉଜି ଖଣ୍ଡିଏ ନିଲମ ହୋଇଗଲା । ତୁମେ କୁହ, ଏସବୁ କାହାପାଇଁ ହେଲା ? ବାପା ନାହାନ୍ତି, କିଏ ବୁଝିବ ? ଏବେଳରେ ତୁମେ ସମସ୍ତେ ମୋତେ ହଇରାଣ କଲ ।"

"ଆମେ ଦେଇଛୁ ମା... କିଏ କହିଲା ଦେଇନୁ । ପଗ୍ୱର ଡାକି..." ସମସ୍ତେ ମିଳିତ ସ୍ୱରରେ ସ୍ୱୀକାର କଲେ ।

ରେବତୀ ସ୍ଥିର ସ୍ୱରରେ କହିଲା, "ଦେଇଛ ଯଦି ପାଉତି ପାଇଛ ? ଆଉ ଖାତାରେ ଚଢ଼ିନି କିମିତି ? କୁହ, ଚୁପ୍ କରି ଠିଆ ହେଲ କାହିଁକି ?"

ଗଉତବୁଢ଼ା ହାତଯୋଡ଼ି ଧୀରେ କହିଲା, "ମା', ସବୁବେଳେ କ'ଣ ପାଉତି ଦଉଛନ୍ତି । କେତେବେଳେ ଇଚ୍ଛା ହେଲେ ଦିଅନ୍ତି, ନହିଲେ ନାହିଁ ।"

"ତେବେ ତୁମେ କ'ଣ କହିବାକୁ ଗ୍ୱହୁଁଛ ? ଖଜଣା ନ ଦେବାର ସବୁ ତ ପ୍ରମାଣ ରହିଛି । ତେଣୁ ଆମର ଯାହା କରିବାର କଥା ଆମେ କଲୁ ।" ରେବତୀ ଖୁବ୍ ବିରକ୍ତ ହୋଇ ଯାଇଥିଲା । ଆଉ ବିଶେଷ କିଛି ନ କହି ସେ ନୀରବରେ ବସି ରହିଲା ।

କାହାରି ପାଟିରେ କଥା ନାହିଁ । ଉପରେ ପଡ଼ି କିଏ ଆଉ କ'ଣ କହିବ ?

କିଛି ସମୟ ଏମିତି ନୀରବରେ ବିତିଯିବା ପରେ ହଠାତ୍ ରେବତୀର ମନରେ କ'ଣ ହେଲା କେଜାଣି ସେ ବାହାର ବାରଣ୍ଡାରେ ବସିଥିବା ରାଘବ ଯେନାକୁ ଡାକି କହିଲା, "ଯେନା, ଜଲଦି ଯାଇ ବଳି ଗୁମାସ୍ତା, ନରି ଗୁମାସ୍ତା ଦୁହିଁଙ୍କୁ ଡାକି ଆଣ୍ । ନଚେତ୍ ଯେ ଥିବ ତାଙ୍କୁ ଶୀଘ୍ର ଏଠିକି ଆସିବାକୁ ଖବର ଦେ ।"

"ସେ କାମ କ'ଣ ମୁଁ ବାକି ରଖିଛି, ନାନୀ ? ସକାଳୁ ସକାଳୁ କାଲିର ଖବର ଦେବାକୁ ବଳିବାବୁଙ୍କ ପାଖକୁ ଯାଇଥିଲି ଯେ ଶୁଣିଲି ସେ ତାଙ୍କ ପୁଅ ପାଖକୁ କାଳିମାଟି ଯାଇଛନ୍ତି କ'ଣ ଜରୁରୀ କାମରେ ।"

Digitized by srujanika@gmail.com

"କେବେ ଗଲେ ?" ରେବତୀ ଏତିକି ପଚାରି ଦେଇ ଉତ୍ସୁକ ଦୃଷ୍ଟିରେ ତାକୁ ଚାହିଁ ରହିଲା ।

"କାଲି ରାତିରେ ଗଲେ ।"

"ତୁ ଭଲକରି ଜାଣିଛୁ ?"

"ହଁ ନାନୀ, ଏଥିରେ ଭୁଲ୍ ହବନି । ଆଉ ନରହରି ବାବୁ ତ କଟକରେ ବହୁ-ଦିନ ହେବ ରହିଛନ୍ତି ।"

କରଣ ସାହିର ଜଗୁ ମହାନ୍ତିଙ୍କର ପାଟି ଶୁଣାଗଲା । ସୁଧୀରଞ୍ଜନଙ୍କ ସମ ବୟସର ବୃଦ୍ଧ ଜଣେ । ସେ ପାହାଚ ତଳେ ଠିଆହୋଇ ପଚାରୁଛନ୍ତି, "ମୋ ରେବ ମା' ଅଛି କି ? ମୋ ମା'କୁ ଟିକିଏ ଡାକ, ଏ ପାହାଚରେ ମୁଁ ଉଠି ପାରିବିନି, ବାବୁ । ଆଣ୍ଠୁଗଣ୍ଠି ବାତଟା ମୋତେ ଅକର୍ମଣ୍ୟ କରି ଦେଇଛି ।"

ପ୍ରଜା ହେଲେ ମଧ୍ୟ ଏଇ ବୁଢ଼ାଟିକୁ ରେବତୀ ସମ୍ମାନ ଦେଖାଏ । ତେଣୁ ଏ ଡାକ ଶୁଣି ବୁଢ଼ାକୁ ଦେଖିବାକୁ ବାହାରକୁ ଉଠିଗଲା ସେ ।

"ତୁମେ କାହିଁକି ଏ କଷ୍ଟରେ ଏମିତି ଧାଇଁ ଆସିଲ, ଅଜା ? କ'ଣ ସେଇ ଖଜଣା କଥା ତ ?"

"ହଁ ଲେ ମା' ତୁ ତ ସବୁ ଜାଣୁ, କ'ଣ କହିବି । ଦୋହରା ପାଉଣା ତ କାଲି ଦେଇଛି, ଆଉ ଯଦି କହିବୁ ପୁଣି ଦେବି । ଏଇ ତ ନ୍ୟାୟ !" ବୁଢ଼ାଙ୍କ ଥରଥର ଗଳାର କଥା ରେବତୀକୁ ଭଲ ଲାଗିଲାନି ।

ବୁଢ଼ା ଆଖି ପୋଛି ସେଇ ତଳଟାରେ ବସି ଧୀରେ କହିଲା, "ମା' ତୋ ମନକୁ ପଚାର, ଏଥିରେ କ'ଣ କାରବାର ଚାଲିଛି । ତୁ କ'ଣ କିଛି ଜାଣିନୁ ? ନରିଆର କେଡ଼େ ଫିଉ ! ସେ ପରା କଟକରେ ଦୋତାଲା କୋଠା ବାଢ଼େଇଲାଣି । ଏ କାହା ପଇସାରେ ସବୁ ହଉଚି ? ଆମେ ଜାଣୁନୁ ।"

ବୁଢ଼ାର ଏ ଧୀର କଥାର ମର୍ମ ରେବତୀ ଯେମିତି ଖୁବ୍ ଶୀଘ୍ର ବୁଝି ପାରିଲା; ନିଜକୁ ଅତ୍ୟନ୍ତ ବୁଦ୍ଧିମତୀ ଭାବି ସେ ଯେ କେତେ ଭୁଲ କରି ଚାଲିଛି ! ଏବେ ତାକୁ ବେଶ୍ ଠକେଇଛନ୍ତି ଗୁମାସ୍ତା ଦୁହେଁ । ଏଭଳି ଅମଣିଷ ଅଛନ୍ତି ସଂସାରରେ ? ଆହା, ଟିକିଏ ଆଗରୁ ଏଇ କଥା ସେ ବୁଝି ପାରି ଥାଆନ୍ତା ଯଦି !

ରେବତୀ ତରତରରେ ଖାତା ସବୁ ନେଇ ଆସିଲା । ସେଇଠି ବସି ପାଟି କରି ଡାକିଲା, "କୁମୁଦ, ରାମ ଭାଇନାଙ୍କୁ ଜଲଦି ଡାକ୍ ତ । ଯେମା, ସେ କଣରୁ

Digitized by srujanika@gmail.com

ବାସନ ଅଖା ସବୁ ଏଠିକି ଥାଣ । ରାମଭାଇନା, କାହାଠୁ କେତେ ଖଜଣା ଅସୁଲ ହୋଇଛି ତାଙ୍କ ନାଁ ସବୁ ଡାକିଦିଅ ତ ।”

ରାମଚନ୍ଦ୍ର ଆଶ୍ଚର୍ଯ୍ୟରେ ରେବତୀଙ୍କୁ ଚାହିଁ ରହିଲେ ।

“ସେଇ ଅନୁସାରେ ସେମାନଙ୍କର ଟଙ୍କା ଏଇ ସାଙ୍ଗେ ସାଙ୍ଗେ ଫେରସ୍ତ ଦେବାକୁ ହେବ । ରାଘବ, ତୁ ସେ ବାସନ, ଅନ୍ୟ ଜିନିଷପତ୍ର ଯାହାର ଯାହା ଆଣିଛୁ ତାକୁ ଗୋଟି ଗୋଟି କରି ଦେଇଦେ । ସେମାନେ ନେଇଯିବେ । ଯିଏ ନ ଆସିଛି, ତା’ର ବି ସେମାନେ ନେଇ ଦେଇ ଆସିବେ ।”

କାହାରି ପାଟିରେ କଥା ନ ଥିଲା । ଅଳ୍ପ ସମୟ ମଧ୍ୟରେ ସମସ୍ତଙ୍କର ହିସାବ ନିକାଶ ହୋଇଗଲା । ଟିକିଏ ସମୟ ନୀରବତା ପରେ ରେବତୀ କହିଲା, “ରଇତେ, ମୋରି ଭୁଲ୍‌ରୁ ତୁମେ ସମସ୍ତେ ବହୁତ ହଇରାଣ ହେଲ । ମୁଁ ଏବେ ଲୋକ ଚିହ୍ନିଲି । ତୁମ ଟଙ୍କା କୁଆଡ଼େ ଗଲା, ତୁମେ କାହିଁକି ପାଉଟି ପାଇଲନି, ଏ ସବୁ ମୂଳରେ କିଏ ତୁମେ ବେଶ୍ ବୁଝି ପାରୁଥିବ । ସେଇମାନେ ମୋତେ ବାରମ୍ବାର ଆସି କହିଛନ୍ତି ଯେ ଦଶଥର ଗଲେ ବି କେହି ଗୋଟାଏ ପଇସା ଦେଉନାହାନ୍ତି ।”

“ମା’ ଆମେ ସବୁ ଜାଣୁ, ବୁଝୁଛୁ ମଧ୍ୟ । ମାତ୍ର ବାପ, ମା’ ଆଗରେ ତୁଣ୍ଡ ଖୋଲିବ କିଏ ?”

“ହଉ ହେଲା ରଇତେ, ଏ ବର୍ଷର ସମସ୍ତଙ୍କର ମୁଁ ଖଜଣା ଛାଡ଼ କରିଦେଲି । ଏବେ ଖୁସି ମନରେ ଘରକୁ ଯାଅ । ସମସ୍ତଙ୍କୁ ଏ ଖବର ଦେଇଦେବ ।” ଯାପରେ ସେମାନଙ୍କ କଥା ଶୁଣିବାକୁ ଅପେକ୍ଷା ନ କରି ଖଞ୍ଜା ଆଡ଼େ ଚାଲି ଆସିଲା ରେବତୀ ।

ରାମଚନ୍ଦ୍ର ଏ ସବୁ ଘଟଣା କ’ଣ ଏମିତି ହେଇଗଲା ଭାବି ଚୁପ୍‌ଚାପ ବସି ରହିଥିଲେ । ଶେଷରେ ରଘୁତବୁଢ଼ା ସେଇ ତଳଟାରେ ବସି ଗୋଟି ଗୋଟି କରି ସବୁ କଥା ତାଙ୍କୁ ବୁଝେଇ ଦେଲା । “ଯିଲଟି ଦିନରୁ ଏ ନାନୀଙ୍କୁ ଆମେ ଦେଖି ଆସୁଛୁ । ଭିକାରୀଟିଏ ଖାଲି ହାତରେ ଏ ଘରୁ ଯିବନି । ଖାଇବା ପଚାରି ଉଠେଇ ଦେଇଦବା ଲୋକ ସେ । ସେଇ ବୁଢ଼ାବାବୁଙ୍କ ଢଙ୍ଗ ଆଣିଛନ୍ତି......”

ଏ କଥାବାର୍ତ୍ତାରେ ଯୋଗ ଦେବାକୁ ରେବତୀ ସେଠି ନ ଥିଲା । ସେପାଖରେ ସୁରଭିର ଛୋଟ ପୁଅଟିକୁ ଗେହ୍ଲା କରି ଭାରକ୍ରାନ୍ତ ମନକୁ ଟିକିଏ ହାଲୁକା କରିବାର ଚେଷ୍ଟା କରୁଥିଲା ସେ । ଏ ତ ଗୋଟିଏ ଦାୟିତ୍ୱ ଛିଣ୍ଡିଲା । କିନ୍ତୁ ସେଇ ଠକ ଗୁମାସ୍ତା ଦୁଇଜଣଙ୍କର କ’ଣ ବ୍ୟବସ୍ଥା କରଯାଇ ପାରେ ?

Digitized by srujanika@gmail.com

ଫେରି ଆସିଲ ରେବତୀ । ଦେଖିଲ, ଏ ପର୍ଯ୍ୟନ୍ତ ପ୍ରଜାମାନେ କେହି ଯାଇ ନାହାନ୍ତି । ସେମାନଙ୍କୁ ଆଉଥରେ ସତର୍କ କରିଦେଇ ସେ କହିଲ, "ଦେଖ, ଅସଲ କଥାଟି ତୁମମାନଙ୍କୁ କହିବାକୁ ମୁଁ ଭୁଲି ଯାଇଥିଲି । ସୁନିଆଁ ପାଖ ହେଲଣି । ପୂର୍ବବର୍ଷ ପରି ଏ ବର୍ଷ ମଧ୍ୟ ପାଳନ ହେବ । ତେଣୁ ଏ କର୍ଯ୍ୟରେ ଯେପରି ହେଳା ନ ହୁଏ । ସବୁ ମଉଜାରେ ଏ ଖବର ପହଞ୍ଚାଇ ଦେବା ଦାୟିତ୍ୱ ଉଭତେ ତୁମକୁ ଦେଲି ।"

"ହଁ ମା', ଏ ତ ଆନନ୍ଦର କଥା ।"

"ବଳରମ, ନରହରି ଗୁମାସ୍ତା ଖଜଣା ଅସୁଲ ପାଇଁ ତୁମ ପାଖରେ ପହଞ୍ଚିଲେ ଯେପରି ଗୋଟିଏ ପଇସା ବି କେହି ଦେବନି । ଆଜିଠୁ ସେମାନଙ୍କୁ ଏ କାର୍ଯ୍ୟରୁ ବରଖାସ୍ତ କରଗଲ ।"

ପୁଣି ଥରେ ରେବତୀ ଘର ଖଞ୍ଜା ଆଡ଼େ ଚ୍ଚାଲିଗଲ । ଅଳ୍ପ ସମୟ ପରେ ରମଚନ୍ଦ୍ର ଚଉପାଢ଼ୀରୁ ଚାଲିଆସି କହିଲେ, "ରେବ, ଏ କ'ଣ ଠିକ୍ ହେଲ ? ଏକାବାରକେ ଦୁହିଁଙ୍କୁ ତଡ଼ିଦେଲୁ ଯେ ! ଆଗକୁ ସୁନିଆଁ ଆସୁଛି । ନୂଆ ଖାତା ହେବ, ଜମିଦାରୀ ବୁଝାଶୁଝା କେତେ କାମ ଅଛି । ସେମାନଙ୍କ ମଧ୍ୟରୁ ଜଣଙ୍କୁ ଅନ୍ତତଃ ରଖିଲେ ଭଲ ହୁଅନ୍ତା ।"

"କାହିଁକି, ତୁମେ ସେସବୁ ବୁଝିବ । କ'ଣ ଡରି ଯାଉଛ କି ?"

"ଡରିବା କଥା ନାହିଁ ଯେ ପିଉସା ଆସିଲେ କ'ଣ ହେବ, ମୁଁ ଭାବୁଛି ।"

ରେବତୀ ହସିଲ ।

"ସେସବୁ ଚିନ୍ତା ଛାଡ଼ । ଏବେ ପିଉସାଙ୍କ କଥା କାହିଁକି ଭାବୁଛ ? ମୁଁ ଯାହା କହୁଛି, ସେଇଟା କର ।"

ରମଚନ୍ଦ୍ର ସେମିତି ରେବତୀକୁ ଚାହିଁ ରହିଥିଲେ ।

ପଛ କଥାକୁ ବିସ୍ମୃତି ଗର୍ଭକୁ ଠେଲି ଦେଇ ଆଗେଇ ଚାଲିବାକୁ ଶକ୍ତି ସଞ୍ଚୟ କରିଛି ରେବତୀ । ସବୁବେଳେ ସେ ଏମିତି । କେତେ ଟଙ୍କା ଖାଇଗଲେ ଠକ ଗୁମାସ୍ତା ଦୁଇଜଣ ! କିନ୍ତୁ ସେଇ ଟଙ୍କା କେଇଟା ପାଇଁ ମନ ଉଣା କରିବା ଭଳି ଦୁର୍ବଳତା

Digitized by srujanika@gmail.com

ରେବତୀର ନ ଥିଲା । ରାମଚନ୍ଦ୍ର ବୁଲିବାକୁ ଆସି ଏତେ ଦାୟିତ୍ୱ ତୁଲାଇବେ, ତା କ'ଣ ସେ ଭାବିଥିଲେ ? କିନ୍ତୁ ରେବତୀର କଥାରେ ନାହିଁ କରିବ କିଏ ?

ସକାଳ ପାହିଲେ ପୁନିଆଁ । ରେବତୀ ଆଖିରେ ନିଦ ନାହିଁ । ରାତିଟା ଘୁରୁଁ ଘୁରୁଁ କିପରି ପାହିଗଲା ତାକୁ ଆଦୌ ଜଣାଗଲା ନାହିଁ । ଉଠିବା ମାତ୍ରକେ ପ୍ରଥମ କାମ କିପରି ଶୀଘ୍ର ଗାଧୋଇ ପଡ଼ିବ । ରଙ୍ଗଲତା କୁମୁଦକୁ ଉଠାଇ ଦୁଆର ଘର ଧୂଆ ପୋଛା କରିବାକୁ ବରଗଦ କରୁଛନ୍ତି । ପୂଜାରୀ ଭୋଗଶାଳାରେ ଲିପାପୋଛା କରି ସଫାସୁତୁରା କରୁଛି । ରେବତୀ ଘୁରିଆଡ଼େ ଆଖି ବୁଲେଇ ସାରି ଗାଧୋଇବାକୁ ଚାଲିଗଲା । ରାମଚନ୍ଦ୍ର ମଧ୍ୟ ଗାଧୋଇ ସାରି କାର୍ଯ୍ୟରେ ହାଜର ହେଲେଣି । ବିଚାରୀ ସାନ ଭଉଣୀଟି କେଡ଼େବଡ଼ ଦାୟିତ୍ୱ ମୁଣ୍ଡକୁ ନେଲା ! ଏଇ ଟିକେ ସାହାଯ୍ୟ କରିଦେଲେ ତାଙ୍କର ଅବା କୋଉ କାମଗୁଡ଼ା ତେଣେ ବନ୍ଦ ହୋଇ ଯାଉଛି ? ଚିଠି ଲେଖି ଘରକୁ ପଠେଇ ଦେଇଛନ୍ତି ସେ । ଅପେକ୍ଷା କରିଛନ୍ତି ବିଭୁରଞ୍ଜନକୁ । ସେ ଏବେ ଆସିଯିବେ କଟକରୁ ଓକିଲ ବାବୁଙ୍କ ପୁଅ ଚିଠି ଦେଇଥିଲେ । ଦିନ କେଇଟାର କଥା ତ ।

"ଆରେ, ରାମ ଭାଇନା ତୁମେ ବସିଗଲ କି ?"

"କ'ଣ କରିବି କହ, ଯାହା ଆଦେଶ ଦେବୁ କରିବା ପାଇଁ ପ୍ରସ୍ତୁତ ହୋଇ ରହିଛି ।" ରାମଚନ୍ଦ୍ର ହସିଲେ ।

"ଚାଲ, ସେଇ ଚଉପାଢ଼ୀକୁ । ନୂଆ ଲେଖନୀ ଆଉ ଖାତା ସବୁ ବାହାର କର । ଲୁଗାଟା ବଦଳି ପକେଇ ମୁଁ ଯାଉଛି ଯେ ।"

ଠାକୁର ପୂଜା ଶେଷ କରି ରେବତୀ ସେ ଦିନର ପୂଜା ଆୟୋଜନରେ ଲାଗିଲା । ପ୍ରଜାମାନେ ଭେଟି ଧରି ଆସି ପହଞ୍ଚିଛନ୍ତି । କଖାରୁ, କଞ୍ଚା କଦଳୀ, ପାଚିଲା କଦଳୀ, ନଡ଼ିଆ ଏମିତି କେତେ କ'ଣ ଭଣ୍ଡାରରେ ଭର୍ତ୍ତି ହୋଇ ଗଲଣି । ତଥାପି ପ୍ରଜାଙ୍କର ଆସିବା ଲାଗିଛି । ଏଣେ ଚଉପାଢ଼ୀରେ ବ୍ରାହ୍ମଣ ପୂଜା ଆୟୋଜନ କରି ସାରିଲେଣି । ନୂଆ ଖାତା, ଲେଖନୀ, ଜମିଦାରୀ ସିରସ୍ତାର ସବୁ ଖାତା , ଖତିୟାନ, ନକ୍ସା, ସିଆ, ଭିଆଣ, ବକେୟା ଖାତା ଇତ୍ୟାଦି ରହିଲା କି ନାହିଁ, ଗୋଟି ଗୋଟି କରି ତନଖି କରୁଛି ରେବତୀ ।

ତେଣେ ଖନ୍ଦା ଖୋଳା ହୋଇ ଭୋଗଶାଳା ଚାଲିଛି । ପ୍ରଜାମାନେ ସମସ୍ତେ ଏଇଠି ଖାଇବେ । ଭୋଗଶାଳାର ବରଗଦ ପୂର୍ବଦିନରୁ ହୋଇ ସାରିଛି । ଘରେ ଅବା

Digitized by srujanika@gmail.com

କୋଉ ଜିନିଷର ଅଭାବ ଅଛି ? ତା'ଛଡ଼ା ଭେଟି ଜିନିଷ ଯେ କାହିଁରେ କ'ଣ ଗଦା ହେଉଛି । ପ୍ରତିବର୍ଷ ଅପେକ୍ଷା ଅଧିକା ଠାଏ, ଦୁଇଠା' ବନ୍ଦୋବସ୍ତ କରିଛି ରେବତୀ ।

"ସମସ୍ତଙ୍କୁ ସନ୍ତୁଷ୍ଟରେ ଖାଇବାକୁ ଦେବ । ଆଜିର ଦିନରେ ମନରେ ଟିକିଏ ବି ଯେପରି ଗ୍ଲାନି ନ ରହେ, ଆଜି ଯେ ବର୍ଷ ଆରମ୍ଭର ଦିନ ।"

ସବୁ କାମ ଭଲରେ ହେଲା । ପ୍ରଜାଏ ଖାଇପିଇ ମନ ଆନନ୍ଦରେ ବିଦାୟ ନେଲେ । ସମସ୍ତଙ୍କ ମୁହଁରେ ସେଇ ଗୋଟିଏ କଥା— ବାବୁ ଥିଲେ ଅର୍ଦ୍ଧକାଟା କଥଣ କରି ଥାଆନ୍ତେ ଯେ ? ଏ ତ ଝିଅ ନୁହଁନ୍ତି, ବାବୁଙ୍କର ଯୋଗ୍ୟର ପୁଅ ।

ଏଇ କଥା ଶୁଣି ରଙ୍ଗଲତା ମନ ଆନନ୍ଦରେ ଠାକୁରଙ୍କୁ କେତେଥର ମୁଣ୍ଡିଆ ମାରି ସାରିଲେଣି— "ଠାକୁରେ, ପୁଅକୁ ମୋର ଶୀଘ୍ର ଫେରେଇ ଆଣ ।"

ଉମାକାନ୍ତ ଆସିଛନ୍ତି । ରେବତୀ ତାଙ୍କୁ ଡକେଇଛି । ସେଇଦିନ ସନ୍ଧ୍ୟାବେଳେ ସମସ୍ତେ ବସି କେତେଆଡୁ ଗପସପ କରୁଛନ୍ତି । ଉମାକାନ୍ତ କହିଲେ, "ତୋ ନାନୀ ଅନେକ ଦିନ ରହି ଗଲାଣି । ମୁଁ ଗଲାବେଳେ ତାକୁ ନେଇଯିବି ସ୍ଥିର କରିଛି ।"

"କେତେଟା ଦିନ ଏଠି ରହିଲା ଯେ ତାକୁ ଛାଡ଼ି ତମେ ରହିପାରୁନ ।" ରଙ୍ଗଲତା ଥଟ୍ଟା କରୁଛନ୍ତି ।

"ମୋର କ'ଣ ଅଛି, ଢେଙ୍କେମା' । ବାପା, ବୋଉ ପଛ ରଖେଇ ଦେଉ ନାହାନ୍ତି । କୋଉଦିନରୁ ବାରିକ ଚିଠି ନେଇ ଆସି ସାରନ୍ତାଣି । ମୁଁ କହିଲି କୃଷ୍ଣ ତ ନାହିଁ । ପିଲାଛୁଆ ନେଇ ସେ କାହା ସଙ୍ଗରେ ଆସିବ ? ମୁଁ ଯିବି, ନେଇ ଆସିବି । ଆସିବି, ଆସିବି ବୋଲି ପୁଣି ପାଞ୍ଚ ସାତଦିନ ଚାଲିଗଲା ।"

"ଆଉ କେତେଟା ଦିନ ରହୁ, ଏତେ ତରତର କାହିଁକି ? ତୁମେ ଯିବ ଯଦି ଯାଅ, ଛୁଟିରେ ଆସିଲେ କୃଷ୍ଣ ନେଇ ତାକୁ ଛାଡ଼ିଦେଇ ଆସିବ ।"

ଉମାକାନ୍ତ ନୀରବ ରହିଲେ । ରେବତୀ ଯାହା ସ୍ଥିର କରିବ, ସେଥିରେ ନାହିଁ କରିବାକୁ ଆଉ ବାଟ ନାହିଁ । ବହୁତ ଦିନ ପରେ ଆସିଛି ସୁରଭି । ଏବେ ଯିବାକୁ ତା'ର ଆଦୌ ଇଚ୍ଛା ନାହିଁ ।

"ଠିକ୍ ଅଛି ରେବ ତୁ ଯେବେ ସ୍ଥିର କରିବୁ ସୁରିନାନୀ ଯିବ ।"

ରାମଚନ୍ଦ୍ର ହୋ ହୋ ହୋଇ ହସି ଉଠିଲେ । ଉମାକାନ୍ତ ବି ହସିଲେ ।

ଦୁଇଦିନ ପରେ—

Digitized by srujanika@gmail.com

ସନ୍ଧ୍ୟାବେଳେ ଅଗଣାରେ ସପ ପକେଇ ବସିଛନ୍ତି ରେବତୀ, ସୁରଭି, ରଙ୍ଗ-ଲତା । ପାଖରେ ରେଡ଼ିଓ ବାଜୁଛି । ଭଜନ ଶୁଣୁଛନ୍ତି ସମସ୍ତେ । ବାରଣ୍ଡା ଉପରେ କାନ୍ଥକୁ ଆଉଜି ବସିଛନ୍ତି ଉମାକାନ୍ତ, ରାମଚନ୍ଦ୍ର । ରଙ୍ଗଲତା ଡାକିଲେ, "ତମେସବୁ ଏଠିକି ଆସନ୍ତୁ । ଗରମଟାରେ ସେଠି କାହିଁ ବସିଛ ? କେଡ଼େ ସୁନ୍ଦର ପବନ ଦଉଛି ଆଜି ।"

ଉମାକାନ୍ତ ସମ୍ବାଦ ଶୁଣିବାକୁ ଅଗଣାରେ ଆସି ବସିଲେ । ସମ୍ବାଦ ଆରମ୍ଭରେ ହଠାତ୍ ରେଡ଼ିଓରୁ ପ୍ରଚାର ହେଲା : "ଏକ ବିଶେଷ ଘୋଷଣା— ଆଜିଠାରୁ ଓଡ଼ିଶାର ସମସ୍ତ ଜମିଦାରୀ ସତ୍ତ୍ୱ ଉଚ୍ଛେଦ କରାଗଲା । ଜମିଦାରମାନଙ୍କର କ୍ଷତିପୂରଣ ପାଇବା ପ୍ରଶ୍ନ ସରକାରଙ୍କର ବିଚାରାଧୀନ ଅଛି ।"

ସୁରଭିକୁ ନେଇ ଯିବାକୁ ଜିଦ୍ କରୁଛନ୍ତି ଉମାକାନ୍ତ । ଦ୍ୱିତୀୟ ଥର ଯାଇ ପୁଣି ସେ ଗାଁରୁ ଫେରି ଆସିଛନ୍ତି । କୃଷ୍ଣ ସାଙ୍ଗରେ ସୁରଭିକୁ ପଠେଇ ଦେବା କଥା କହିଥିଲା ସେବ, ତା' କିନ୍ତୁ ସେ ବିଶ୍ୱାସ କରି ନିଶ୍ଚିନ୍ତରେ ରହି ପାରିଲେନି ।

ରଙ୍ଗଲତା ମନେ ମନେ ବିରକ୍ତ, କେତେଟା ଦିନ ନ ରହୁଣୁ ନେଇ ଯିବାକୁ ସେମାନେ ତରତର ହେଲେଣି । ରେବତୀ ଭାର ସଜାଡୁଛି— ନୂଆ ଲୁଗା, ପିଲାଙ୍କର ନୂଆ ଜାମା, ଲଡୁ, ଖଜା, ନଡ଼ିଆ, କଦଳୀ ଇତ୍ୟାଦି ।

ରେବତୀର ମନ ଠିକ୍ ରହୁନି ସେଇ ଦିନରୁ, ଯେଉଁଦିନ ଜମିଦାରୀ ଉଠିଯିବା ଖବରଟା ହଠାତ୍ ସେ ରେଡ଼ିଓରୁ ଶୁଣିଲା । ଆଉ ଏ ଜମିବାଡ଼ି ଘରଦ୍ୱାର ବିଷୟରେ ବୁଝିବାକୁ ତାକୁ ଭଲ ଲାଗୁନି । ଏବେ ପୁଣି କ'ଣ ହେବ ? କ୍ଷତିପୂରଣ ଟଙ୍କା ଦେବେ କି ନାହିଁ ! ଏ ସବୁରେ ମୁଣ୍ଡ ଘୂରାଇ ସେ ଯେତେ ବ୍ୟସ୍ତ ହେଲେ ବି କିଛି କରି ପାରି-ବନି । ଏତେ ବଡ଼ ଖାନଦାନୀ ଜମିଦାର ! କେତେ ଆଡ଼େ ସମ୍ପତ୍ତିବାଡ଼ି ଲମ୍ବିଛି ଆଖି ପାଏନି । ଅଥଚ...... କେଡ଼େ ଚଞ୍ଚଳ ସବୁ ଫେରିଗଲା !

ଗୁମାସ୍ତା ଦୁହେଁ ଠକି ନେଇଛନ୍ତି । ନିଅନ୍ତୁ, ଏତିକି ନେଇ ତାଙ୍କର ଯାହା ହେବ ହଉ । ସେମାନେ କିନ୍ତୁ ଗରିବ ହୋଇ ଯିବେନି । ପିଲାଏ ଇଷ୍ଟଦେବ ଗୋପାଳଙ୍କ

Digitized by srujanika@gmail.com

ବାହୁ ଛାୟା ତଳେ ଆଶ୍ରୟ ନେଇଛନ୍ତି । ତହିଁକୁ ଆଉ ବିପଦ କ'ଣ ? ସେ ତ ରକ୍ଷା-କର୍ତ୍ତା । ତାଙ୍କୁ ହିଁ ଡାକି ଏ ପର୍ଯ୍ୟନ୍ତ ସବୁ ଚଳୁଛି । ତେଣିକି ଆଉ ଚିନ୍ତା କ'ଣ ?

ନା– ବାପା ନ ଆସିବା ପର୍ଯ୍ୟନ୍ତ କିଛି କରି ହେବନି ।

ରେବତୀ ଆଶଂକା କରେ, ହଠାତ୍ ଯଦି ବିଭୁରଞ୍ଜନ ଏ ସବୁର ପରିଣତି ଦେଖି ପୁଣି ଘର ଛାଡ଼ି ଗ୍ଲଲିଯିବାକୁ ମନ କରିବେ ?

ସବୁକଥା ତା' ମୁଣ୍ଡ ଗୋଳମାଳ କରି ଦେଉଛି । ବରଂ ଶୋଇ ପଡ଼ିବା ସବୁଠୁ ଭଲ । କିନ୍ତୁ ଯେ ପର୍ଯ୍ୟନ୍ତ ଘର କାମ ସବୁ ନ ସରୁଛି ସେ ଶୋଇ ପାରୁଛି କୋଉଠି ?

ସେଦିନ ରାତିରେ ଅଜସ୍ର କ୍ଳାନ୍ତି ନେଇ ରେବତୀ ଶୋଇବାକୁ ଆସିଲା । ପୁଅ ଉଠି ପଡ଼ିବାରୁ ସୁରଭି ତାକୁ ଥାପୁଡ଼େଇ ଶୋଇ ପକେଇବା ବେଳେ ଧୀରେ ଗୀତ ଗାଇବାକୁ ଆରମ୍ଭ କଲା ।

ରେବତୀର ଆଖି ମାଡ଼ିହୋଇ ପଡୁଛି । ସୁରଭି କ'ଣ ପଚାରୁଛି ।

"ଏଁ...... କ'ଣ କହିଲୁ ?"

"ନାଇଁ, ନାଇଁ, ତୁ ଶୋଇପଡ଼ । ତତେ ନିଦ ଆସୁଛି ।"

"ନିଦ ଛାଡ଼ିଗଲାଣି ।"

ରେବତୀର ମନଟା କରୁଣ ହେଲା, ସୁରି ନାନୀ ଗ୍ଲଲିଯିବ । ଆଉ ମାତ୍ର କେତେ ଘଣ୍ଟାର ବ୍ୟବଧାନ ।

"ରେବ, ବୋଉର ଗହଣାଗାଣ୍ଠି ସବୁ ଅଛିଟି ?" ସୁରଭିର ଆକସ୍ମିକ ପ୍ରଶ୍ନରେ ଚମକି ପଡ଼ିଲା ରେବତୀ । କିଛି ସମୟ ନୀରବ ରହି କହିଲା,

"ହଁ, କୁଆଡ଼େ ଯିବ ? ସବୁ ରହିଛି ।"

"କାହିଁ ମୁଁ ଦେଖୁନି ଯେ... "

"କିଏ ପିନ୍ଧୁଛି ଯେ ଦେଖିବୁ ? ମୁଁ ତ ବିଧବାଟାଏ, ମୋର ବା ସେ ସବୁ କ'ଣ ଦରକାର ? ରଖି ଦେଇଛି । କୃଷ୍ଣ, ଟୁନାଙ୍କର ବାହାଘର ହେଲେ ବୋହୂମାନେ ଆସି ପିନ୍ଧିବେ ।"

"ସେଥର କଲିକତାରୁ ବାପା ଯୋଉ ଚମ୍ପାକଢ଼ି ହାରଟି ଆଣି ନ ଥିଲେ, ବୋଉ କହିଥିଲା ତୁ ଆରପାଳି ଆସିଲେ ବାପାଙ୍କୁ କହିବି ତୋ ପାଇଁ ଗୋଟିଏ ଆଣି

Digitized by srujanika@gmail.com

ଦେବେ । ଆଉ ସେ ଚୁଲି ଦି'ପଟ ? ନାକି ନେଇ ପଥର ବସିଚି... ବୋଉ ହାତକୁ କେତେ ସୁନ୍ଦର ମାନେ ଲେ !"

ସୁରଭିର କଥା ଶୁଣି ରେବତୀର କିଛି ଉତ୍ତର ଦେବାକୁ ଇଚ୍ଛା ହେଲା ନାହିଁ । ନିଦରେ ଶୋଇ ପଡ଼ିବାର ଛଳନା କଲା ସେ । ଛି...ଛି ସୁରି ନାନୀ ଏମିତି ଲୋଭ କରିବ ବୋଲି ମୁଁ ଭାବି ନ ଥିଲି । ଗାଁର ଆଉ କେତେଟା ଝିଅଙ୍କ ଭଳି ବାପଘରୁ ନେଇ ଶାଶୁଘରେ ଭର୍ତ୍ତି କରିବା ବିଷୟ ଚିନ୍ତା କରୁଛି ସେ ! କ'ଣ ବା ନ ଦିଆ ହୋଇଛି ସେତେବେଳେ ! କାଲି ବୋଉ କଥା ମନେ ପକାଇ ଯେ କାନ୍ଦୁଥିଲା, ଆଜି ପୁଣି ହାର, ଚୁଲି ନେବା ପାଇଁ କେତେ ବାଗରେ କଥା କହୁଛି ସେ !

ନା, ଯେତେ ଯାହା ଭାବିଲେ ବି ରେବତୀ ସ୍ଥିର କଲା ସେମିତି ହାରଟାଏ ସୁରି ନାନୀକୁ କିଣି ଦେବାକୁ ହେବ । ବୋଉ ଯଦି କହିଥିଲା, ରେବତୀ ସେ କଥା ରକ୍ଷା କରିବ ନିଶ୍ଚୟ । କାହା ମନରେ କଷ୍ଟ ଦେବ ସେ କାହିଁକି ?

ସୁରଭି ବିଦା ହେଲା ଦିନକ ପରେ । ରେବତୀ କିଣିଥିଲା ନୂଆ ଶାଢ଼ୀ, ପିଲାଙ୍କ ଜାମାପେଣ୍ଟ, ଶେଷରେ ତା ବେକରେ ପିନ୍ଧେଇ ଦେଲା ବୋଉର ସେଇ ଛମ୍ପାକଡ଼ି ହାର, ହାତରେ ଚୁଲି ଦି'ପଟ । ହଠାତ୍ ତା'ର କ'ଣ ହେଲା କେଜାଣି ସୁରଭିକୁ ଧରି ସେ ଖୁବ୍ ଜୋରରେ କାନ୍ଦି ଉଠିଲା ।

ସୁରଭିର କାନ୍ଦ କିନ୍ତୁ ବନ୍ଦ ହେଲା ନାହିଁ । ସେମିତ କାନ୍ଦି କାନ୍ଦି ସେ ସବାରିରେ ବସିଲା ପିଲାଙ୍କୁ ନେଇ । ଉମାକାନ୍ତ ସାଇକେଲରେ ଗଲେ । ସେମାନଙ୍କ ଯିବା ରାସ୍ତାକୁ ଚାହିଁ ଠିଆ ହୋଇ ରହିଥାଏ ରେବତୀ । ସୁରଭି ତାକୁ ଛାଡ଼ି ଚାଲିଗଲା ବୋଲି ସେ କାନ୍ଦୁ ନ ଥିଲା । ସେ କାନ୍ଦୁଥିଲା ନର୍ମଦାକୁ ମନେ ପକେଇ । ସୁରଭିର ବେକରେ ହାର ଆଉ ହାତରେ ଚୁଲି ଦି'ପଟ ପିନ୍ଧେଇ ଦେଉ ଦେଉ ହଠାତ୍ ତା'ର କେମିତି ମନେହେଲା– ସେ ଦେଖୁଛି ନର୍ମଦାକୁ, ସେଇ ହାର, ଚୁଲି ପିନ୍ଧି ସେ ଠିଆ ହୋଇ ହସୁଛନ୍ତି । ରେବତୀର ଆଖିଲୁହରେ ଝାପ୍‌ସା ହୋଇଗଲା ତାଙ୍କ ମୁହଁ, ସେ ସୁରଭିକୁ ଦେଖି ପାରିଲାନି । ତା'ର ମନେହେଲା ବୋଉ ତାକୁ କୁଣ୍ଢେଇ ଧରିଛି ।

Digitized by srujanika@gmail.com

ଆଉ କାହିଁକି ତା' କଥା ମନେ ପଡ଼ୁଛି ? କାହିଁକି ଏମିତି କାନ୍ଦିଲା ରେବତୀ ! ତା' ହୃଦୟ ତ ଏତେ ଦୁର୍ବଳ ନୁହେଁ । ଏମିତି ଦୁର୍ବଳ ହେଲେ ସେ ବଞ୍ଚିବ କିପରି ?

କୃଷ୍ଣ, ଟୁନା, ଆହୁତି !......ଓହୋ କେତେ କାମ ପଡ଼ିଛି । ଢେଙ୍କେମା' ଏତେ ଶୀଘ୍ର ବୁଢ଼ୀ ହୋଇ ଯିବ, ତା'ର ଧାରଣା ନ ଥିଲା । ବୁଢ଼ୀ କିଛି ବୁଝୁନି । ସବୁବେଳେ ତା' କାମ ସାରି ମାଳା ଧରି ବସି ଯାଉଛି । ଏବେ ମାଳା ଜପିବା ତା'ର ଯେମିତି ବଡ଼ କାମ ହେଲାଣି । ଟିକେ ଟିକେ ଅଫିମ ବି ଦରକାର ହେଉଛି । ରେବତୀ ଘର ଭିତରକୁ ଯାଉଛି, ବାହାରକୁ ଆସି ଚାହିଁ ଦେଇ ଯାଉଛି । ଭାବୁଛି ସଂସାର ଯାକର ସମସ୍ତଙ୍କ କଥା । ସନ୍ଧ୍ୟା ଗଡ଼ି ଯେତେବେଳ ହେଲାଣି । କୃଷ୍ଣ ଆସିବାର କଥା ଥିଲା ଏ ପର୍ଯ୍ୟନ୍ତ ଆସିଲାନି । ବସ୍ ପାଖକୁ ଚାକିରୀଆ ସାଇକେଲ ନେଇ ଯାଇଛି ସନ୍ଧ୍ୟା-ବେଳୁ । ଦିନ ଥିଲେ ସିନା ଚାଲି ଆସି ଥାଆନ୍ତା । ରାତିରେ ସାଇକେଲରେ ଚଞ୍ଚଳ ହେବ ବୋଲି ସଞ୍ଜ ଦେଇ ସାରି ରେବତୀ ତାକୁ ପଠେଇ ଦେଇଛି । ସେ ଫେରିନି । ଶେଷ ବସ୍ ଚାଲିଗଲେ ଆସିବ କି କ'ଣ । ଆସୁ ଯେତେବେଳେ ଆସିବ ।

ଟୁନା, ଆହୁତି କଳି ଲଗୁଛନ୍ତି । ରେବତୀ ସେମାନଙ୍କ ଆଡ଼େ ଚାହିଁଲା, କିଛି କହିଲା ନାହିଁ । କାହିଁକି କେଜାଣି ତା'ର ମାନସିକ ଅସ୍ଥିରତା ବଢ଼ି ଚାଲିଛି । ମଠାଟା ବଦଳେଇ ବିଷ୍ଣୁ ପୁରାଣ ଅଧ୍ୟାୟଟିଏ ପଢ଼ିବାକୁ ବସିଲା । କେତେବେଳୁ ରଙ୍ଗଲତା ତା' ପାଖରେ ବସି ପୁରାଣ ଶୁଣୁଛନ୍ତି, ସେଥିପ୍ରତି ତା'ର ଲକ୍ଷ୍ୟ ନାହିଁ । ସେ ସେମିତି ସ୍ଥିର ହୋଇ ବସି ପଢ଼ୁଛି । ଠିକ୍ ସେହି ଅଧ୍ୟାୟଟି ଶେଷ ହୋଇ ଆସୁଛି, ଏତିକି-ବେଳେ ଦେଖିଲା ତା' ପାଖରେ ଚୁପ୍‌ଚାପ୍ ଠିଆ ହୋଇଛି କୃଷ୍ଣ ।

ରେବତୀ ପୁରାଣ ବାନ୍ଧି ଥୋଇ ଦେଉ ଦେଉ କହିଲା, "ଏତିକି ଡେରି କଲୁ ? ତତେ ପରା ମୁଁ କହିଛି ଦିନରୁ ଆସି ପହଞ୍ଚିବାକୁ ।"

"ତୋ କଥାରେ ବସ୍‌ବାଲା ମୋତେ ଆଣିଲେ ତ ? ବସ୍‌ଗୁଡ଼ାକ ଆଜି ଯାହା ଭିଡ଼ ହୋଇଛି, ସମସ୍ତେ ପରା ଘରକୁ ଆସୁଛନ୍ତି । ସବୁ ଅଫିସ୍, ସ୍କୁଲ, କଲେଜ ଛୁଟି ହୋଇଗଲା ।"

ତାଙ୍କ ଘରେ ତ ଏବେ ପୂଜା ଆରମ୍ଭ ହୋଇ ଯାଇ ଥାଆନ୍ତା । କିନ୍ତୁ ଏ ବର୍ଷ ଏ ଘରେ କୌଣସି ପୂଜା ନ ହେବାର କଥା । ପୂଜା ତ ସାଧାରଣରେ ଯାହା ହେବା କଥା ହେବ । ମାତ୍ର ସବୁ ଆଡ଼ମ୍ବର ବନ୍ଦ କରେଇଛି ରେବତୀ । ରାହୁଁ ରାହୁଁ କେତେ-

Digitized by srujanika@gmail.com

ମାସ ଚାଲି ଗଲଣି । କାଲି ଭଳି ମନେ ପଡ଼ୁଛି ବୋଉ କଥା । ରେବତୀ ଆଖି ପୋଛି କହିଲା, "ଯା ଶୀଘ୍ର କୃଷ୍ଣ, ଠିଆହେଲୁ କାହିଁକି ? ଗୋଡ଼ ହାତ ମୁହଁ ଧୋଇ ଆ । ଏତେ ରାତିରେ ଗାଧୋଇବୁନି କହି ଦେଉଛି ।"

ରେବତୀ ମଠା ବଦଳେଇ ରୋଷେଇ ଘର ଆଡ଼କୁ ଯିବାକୁ ବାହାରିଛି, ଏତିକି ବେଳେ କୃଷ୍ଣ ତା' ହାତରେ ନୂଆଲୁଗାର ପ୍ୟାକେଟ୍‌ଟିଏ ଧରେଇ ଦେଲା । "ତୁ ଏସବୁ କାହିଁକି ଆଣିଲୁ ?"

"ପୂଜାରେ ସମସ୍ତେ ପିନ୍ଧିବେ ।"

ରେବତୀ ହସୁଛି କୃଷ୍ଣର ବୁଦ୍ଧି ଦେଖି । ଯାହା ଟଙ୍କା ଦେଇ ଆସିଥିଲି, ସବୁ ଏମିତି ଖର୍ଚ୍ଚ କରି ଦେଲା ! ହଉ ତା' ଖୁସି । ଘରେ ତ ପୁଣି ପିଲାଙ୍କ ପାଇଁ ଲୁଗାପଟା ଦି'ଖଣ୍ଡ କିଣାହୋଇ ଥାଆନ୍ତା ।

ଏକାଠି ଟୁନା, ଅହୁତି ଚିତ୍କାର କରି ଦୌଡ଼ୁଛନ୍ତି, "ଭାଇନା, ଆମ ପାଇଁ କ'ଣ ଆଣିଛ ?"

"ଏଇ ଭୋଗ ନିଅ । ତୁମ ପାଇଁ କଟକଚଣ୍ଡୀଙ୍କ ପାଖରେ ଭୋଗ କରି ଆଣିଛି ।"

"ତୁମେ ଚଣ୍ଡୀମନ୍ଦିର ଯାଇଥିଲ ?" ଆହୁତି ଆଗ୍ରହରେ ପଚାରିଲା କୃଷ୍ଣକୁ ଚାହିଁ ।

"ଏବେ ଠାକୁରାଣୀ ପ୍ରତିଦିନ କେତେ ବେଶ ହେଉଛନ୍ତି । ଆଜି କ'ଣ ମୁଁ ଦେଖି ପାରିଲି କି ? ଠାକୁରାଣୀଙ୍କ ବେଶ ତ ରାତିରେ । ମୁଁ ଖାଲି ଦର୍ଶନ ସାରି ଭୋଗ କରି ବସ୍ ଧରିବାକୁ ଚାଲି ଆସିଲି ।"

ଆହୁତିର ମନ ନୂଆଲୁଗା ଦେଖିବାରେ । ଅଥଚ ରେବନାନୀ ସେଇଟାକୁ ଖୋଲୁନି କାହିଁକି ଯେ ! ରେବତୀ ଯାଇ ରୋଷେଇଘର ପାଖରେ ପୂଝାରୀକୁ ବରାଦ କରୁଛି, ଶୀଘ୍ର ମାଛ ତରକାରୀ ବସେଇବାକୁ । କୃଷ୍ଣ ଏବେ ଜଳଖିଆ ଖାଇଲେ ଆଉ ଭାତ ଖାଇ ପାରିବନି । କୃଷ୍ଣ ଗୋଡ଼ ହାତ ଧୋଇ ପୋଛି ହେଉଛି । ରଙ୍ଗଲତା, ଟୁନା, ଆହୁତି କେତେ ପ୍ରଶ୍ନ ପଚାରୁଛନ୍ତି ।

ରେବତୀ ଲୁଗା ପୁଟୁଳି ଖୋଲି ଦେଖିଲା । ପ୍ରଥମେ ବାହାର କରି ଆଣିଲା ମଠାଥାନ ଖଣ୍ଡିକୁ । "ମଠା କିଣିବାକୁ ତତେ କିଏ କହିଲା ?"

କୃଷ୍ଣ ହସୁଛି । ରେବନାନୀର ଏ ରାଗକୁ ସେ ଡରିବା ପିଲା ନୁହେଁ । ସେ ଜାଣିଛି, ଆସିବା ଦିନରୁ ନିଜ ପାଇଁ ଖଣ୍ଡିଏ କିଛି ରେବନାନୀ କିଣିନି । ସେ ସମସ୍ତଙ୍କ କଥା

Digitized by srujanika@gmail.com

ଭାବୁଛି । ସମସ୍ତଙ୍କୁ ସବୁ ଯୋଗେଇ ଦେଉଛି । ଆଉ ତା' ନିଜ କଥା ଟିକେ ବି ଭାବୁନି । କୃଷ୍ଣ ଦେଖି ଯାଇଥିଲା, ଚିରା ମଠା ଖଣ୍ଡେ ପିନ୍ଧି ପୂଜା କରୁଥିଲା ସେ । କେତେ ଲୁଗା-ପଟା, ଅନ୍ୟାନ୍ୟ କେତେ ଜିନିଷ, ସବୁ ବାପା ସେମାନଙ୍କ ପାଇଁ କଲିକତାରୁ ଆଣୁ-ଥିଲେ । ବହୁ ଦିନରୁ ସେ ସବୁ ବନ୍ଦ ।

"ନେ ଲୋ ଭେଜେମା', ତୋ ପାଇଁ ବି ଥାନ ଆଣିଛି କୃଷ୍ଣ । ଆହୁତିର ଫ୍ରକ୍, ଟୁନାର ସାର୍ଟ, କିରେ ତୋର କାହିଁ ?"

"ଏବେ ଥାଉ, ଆଗକୁ ଜନ୍ମଦିନ ଆସୁଛି ସେତିକିବେଳେ କିଣିବି ।"

ରେବତୀ ଲୁଗାପଟା ସବୁ ଭାଙ୍ଗି ସଜାଡ଼ି ରଖୁଛି । ମନେମନେ ଭାବୁଛି ଗଲା-ବେଳେ କୃଷ୍ଣକୁ ପୁଣି କେତେଟଙ୍କା ଦେବାକୁ ହେବ । ପିଲାଲୋକ ଯାହା ମନକୁ ପାଇଲା ଘରକୁ ତ କିଣି ନେଇ ଆସିଲା । ଗୋଟିଏ ପଇସା ନିଜ ପାଇଁ ଖର୍ଚ୍ଚ କରିନି । ଠାକୁରେ ତାକୁ ଭଲବୁଦ୍ଧି ଦିଅନ୍ତୁ ।

ଘରେ ଆନନ୍ଦର ଲହରୀ ଖେଳି ଯାଉଛି । ରେବତୀ ପିଲା ତିନିଜଣଙ୍କୁ ଚାହିଁ ଦେଇ ପୁଣି ତା' କାମରେ ମନ ଦେଉଛି । କୃଷ୍ଣ, ଟୁନା, ଆହୁତି ସାଙ୍ଗ ହୋଇ ଖେଳୁ-ଛନ୍ତି କଥା ଗପୁଛନ୍ତି । ଆହୁତିର ହଜାରେ ପ୍ରଶ୍ନର ଉତ୍ତର ଦେଉଛି କୃଷ୍ଣ ।

ନର୍ମଦା ଯିବା ପରେ କୃଷ୍ଣ କିମିତି ଅଲଗା ପ୍ରକାର ହୋଇ ଯାଇଛି । ଆହୁତି ପ୍ରତି ତା'ର ଅତି ସ୍ନେହ । ପୂର୍ବଭଳି ଟୁନାକୁ ବେଶୀ ମାରଧର କରେନି । କିନ୍ତୁ ଘରକୁ ଆସିଲେ ରେବନାନୀକୁ ଖୋଜେ ।

ଖାଇବାକୁ ବଢ଼ା ହେଲାଣି । ପିଲାଏ ଖାଇ ବସିଲେ ଏକାଠି । ସେ ପାଖକୁ ଅଲଗା ହୋଇ ବସିଲେ ରଙ୍ଗଲତା । ଏମାନେ ଆଇଁସ ଖାଉଛନ୍ତି । ରେବର, ତାଙ୍କର ଅଲଗା ରନ୍ଧା । ରେବ ବେଶ୍ ଫୁର୍ତ୍ତୀ ମନେହେଉଛି । ଘଣ୍ଟାଏ ବିଷ୍ଣୁପୁରାଣ ପଢ଼ା ପରେ ହଠାତ୍ କୃଷ୍ଣକୁ ଦେଖି ମନର ସତେଜତା ଫେରି ଆସିଛି । ପୂର୍ବପରି ପିଲାଙ୍କୁ ଭୁଲାଭୁଲି କରି ଖାଇବାକୁ ଦେଉଛି ସେ । ତା'ପରେ କୃଷ୍ଣ ପାଇଁ ବିଛଣା ପକାଇବାକୁ ବଡ଼ ସିନ୍ଧୁକରୁ ଗଦି ତକିଆ ବାହାର କରି କୁମୁଦ ହାତକୁ ବଢ଼ାଇ ଦେଲା ।

—ତୁ ଖାଇବୁ ନାହିଁକି ରେବନାନୀ ? ଏତେ ରାତି ହେଲାଣି ।

—ଯା, ଶୋଇବୁ । ମୋର ଆଉ କିଛି କାମ ନାହିଁ । ମୁଁ ଯାଉଛି ।

କୃଷ୍ଣ ଆଖିରେ ନିଦ ନାହିଁ । ରେବତୀକୁ ଏମିତି ଚିନ୍ତିତ ହେବାର ଦେଖିଲେ ତାକୁ ଭଲ ଲାଗେ ନାହିଁ । ଏବେ ତା'ର ବୁଦ୍ଧି ହେଲାଣି । ରେବନାନୀଟି କେତେ ଦୁଃଖ

Digitized by srujanika@gmail.com

ସହିଛି, ତା' ସେ ବୁଝେ । ସେ ଗୁହେଁ, ସବୁବେଳେ ରେବତୀ ଏମିତି ଫୁର୍ତ୍ତି ହେଇ ପାଟି କରି ତାଙ୍କ ସାଙ୍ଗରେ ଲଗିଥାଉ । ସେ ଯଦି ଟିକିଏ ସମୟ ନୀରବରେ ବସି ରହେ, କୃଷ୍ଣ ଆଦୌ ସହି ପାରେନା ।

ଗୋଟିଏ ଚଉଦ ପନ୍ଦର ବର୍ଷର ବାଳକ ସଂସାର ବିଷୟରେ କେତେ ସମୟ ବା ଏମିତି ଭାବି ପାରନ୍ତା ? କୃଷ୍ଣକୁ ଖୁବ୍ ଶୀଘ୍ର ନିଦ ହୋଇଯାଏ ।

—ଆରେ ଟୁନା, ଆରେ କୃଷ୍ଣ, କବାଟ ଖୋଲ ।

କିଏ ଡାକୁଛି ! କାହାର ଏ ସ୍ୱର ! ବିଛଣାରେ ଉଠି ବସିଲା ରେବତୀ । ବାହାରେ ତଥାପି ଅନ୍ଧାର । ସକାଳ ହେବାକୁ ଡେରି ଅଛି ।

ଆଉ ଥରେ ସେଇ ଡାକ ।

ରେବତୀ କବାଟ ଖୋଲି ବାରଣ୍ଡାକୁ ଆସି କାନ ଡେରିଲା । ଏ ତ ବହୁ ଦିନର ସେଇ ପୁରୁଣା ଡାକ । ସ୍ୱପ୍ନ ଦେଖିଲା ପରି ଲାଗୁଥିଲା ରେବତୀକୁ । ଏଥର କିନ୍ତୁ ସେ ପାଗଳୀ ଭଳି ଧାଇଁଲା ଚଉପାଢ଼ୀ ଖଞ୍ଜାଆଡ଼େ । କବାଟର ଶିକୁଳୀ ଖୋଲି ଦେଇ ତରତରରେ କବାଟଟା ଟାଣି ଖୋଲିଦେଲା ।

—ବାପା !

ହାତରୁ ଲଣ୍ଠନଟା ଖସିପଡ଼ିବା ଭଳି ଲାଗୁଛି । ଧୀରେ ଲଣ୍ଠନଟି ରଖିଦେଇ ତଳେ ମୁଣ୍ଡ ଲଗାଇ ପ୍ରଣାମ କଲା ରେବତୀ ।

ବିଭୁରଞ୍ଜନ ଝିଅକୁ ଆବେଗରେ ଧରି ପକେଇ କହିଲେ, "ସମସ୍ତେ ଭଲ ଅଛନ୍ତି ମା' ?"

"ହଁ ବାପା ।" ଲୁହ ଛଳ ଛଳ ଆଖିରେ ଉତ୍ତର ଦେଲା ରେବତୀ ।

"ମୁଁ ଠିକ୍ ଅଛି ମା' । ମୋର କିଛି ଅସୁବିଧା ହୋଇନି । ମୁଁ କ'ଣ ସାନ ପିଲା ହେଇଛି ? ତୁ ବ୍ୟସ୍ତ ହୋଇ ସୁରେଶକୁ ଏତେ ବାଟ ପଠେଇଲୁ କାହିଁକି ?"

ରେବତୀ ପ୍ରକୃତିସ୍ଥ ହୋଇ ଆଖି ପୋଛିଲା । ଓଃ, ଏ କାମ ତେବେ ସୁର ଭଉନାଙ୍କର ! ବିଭୁରଞ୍ଜନଙ୍କ ପଛରେ ସୁରେଶ ଠିଆ ହୋଇ ହସୁଥିଲେ । ରେବତୀ ତାଙ୍କ ପାଦ ଛୁଇଁଲା ।

Digitized by srujanika@gmail.com

ବିଭୁରଞ୍ଜନ ଚଉକି ଟାଣି ବସିଲେ । ସୁରେଶଙ୍କୁ ନିର୍ଦ୍ଦେଶ ଦେଲେ ବସିବାକୁ ।

ରେବତୀ ଗଲା ସମସ୍ତଙ୍କୁ ଉଠେଇ ଦେବାକୁ ।

ଆଜିର ସକାଳ ସେମାନଙ୍କ ପାଇଁ ଏମିତି ଶୁଭଙ୍କର ହେବ ବୋଲି ସେ କ'ଣ ଆଶା କରିଥିଲା ! ଯାହାହେଉ ସେ ଏଥର ନିଶ୍ଚିନ୍ତ । ଜମିଦାରୀ ଉଚ୍ଛେଦ ବିଷୟ ବାପା ନିଶ୍ଚୟ ଜାଣିଥିବେ । ଖବରକାଗଜ ନିୟମିତ ପଢ଼ନ୍ତି ତ । କିନ୍ତୁ ସେ ବିଷୟରେ ସେ କିଛି ପଗ୍ଚରିବା ପୂର୍ବରୁ ହଠାତ୍ କିଛି କହିବାଟା ଭଲ ହେବ ନାହିଁ । ଏଇତ ସେମାନେ ଆସି ପହଞ୍ଚିଲେ ।

ପ୍ରଥମେ କୃଷ୍ଣ ଓ ପରେ ପରେ ଟୁନା, ଆହୁତି ଦୌଡ଼ି ଦୌଡ଼ି ଆସି ପହଞ୍ଚିଲେ । ସେତେବେଳକୁ ରଙ୍ଗଲତା ବହୁତ ଦିନ ପରେ ପୁଅକୁ ଏ ଅବସ୍ଥାରେ ଦେଖି କାନ୍ଦିବା ଆରମ୍ଭ କରି ଦେଇଛନ୍ତି ।

ବିଭୁରଞ୍ଜନ ତାଙ୍କୁ ବୁଝାଉଛନ୍ତି, "ଥାଉ ବୋଉ, କାନ୍ଦୁଛୁ କାହିଁକି ? ମୁଁ ତ ଆସିଲିଣି, ଏଥର ତୋ ପାଖରେ ସବୁବେଳେ ରହିବି । ହେଲା ତ । କି ପୁଅ ଝିଅ କିଏ କାହାର କହିଲୁ ? ମୁଁ ତୋର କ'ଣ କରି ପାରିଲି ? ବାପା ଜ୍ଜ୍ୱ ରୋଗ ଭୋଗି, ଶେଷ ମୁହୂର୍ତ୍ତରେ ଦୁଃଖ ସହି ନ ପାରି ଜୀବନ ଛାଡ଼ିଲେ । ତୁ, ମୁଁ କିଏ ତାଙ୍କୁ ରଖି ପାରିଲେ ? ତୋ ବୋହୂ ଆମ ସମସ୍ତଙ୍କୁ ଏକା କରି ଗ୍ଚଲିଗଲା । ଟିକିଏ ଭଲ ଏ ପିଲଙ୍କ କଥା ସେ ଭାବିଲା ନା ଗଲାବେଳେ ?"

"ବାପା, ଦାନ୍ତକାଠି ପାଣି ରଖି ଦେଇଛି । ତୁମେ ଦାନ୍ତ ଘଷି ଗାଧୋଇ-ପଡ଼ି ଆସ ।"

"ଦେଖୁଛୁ ବୋଉ ମୋର ଲକ୍ଷ୍ମୀ ପ୍ରତିମାକୁ । ଗଲୁ ଏ ଗାଁ ସାର ବୁଲି ଆସିବୁ । କାହାର ଏମିତି ଝିଅ ଖଣ୍ଡେ ଅଛି ମୋତେ କହ । ଅଛି କି ? ତା' ଭାଗ୍ୟ ଦେଖ, ବାଛି ବାଛି ବାପା ଜୋଇଁ କରିଥିଲେ । ଶିକ୍ଷା ଦୀକ୍ଷାରେ ତା' ଭଳି ପିଲା ଏ ଯାଏ ମୁଁ ଦେଖିଲିନି । ତାକୁ ତ ଛଡ଼େଇ ନେଲେ ଠାକୁରେ । କ'ଣ ଏ ଛାର ସଂସାର-ଟାରେ ଅଛି କହ ?... ଛାଡ଼ ସେ କଥା । ମୁଁ ଯାଏ, ଗାଧୁଆଟା ନ ସାରିଲେ ଶାନ୍ତି ଲାଗିବନି । ଦୁଇଦିନ ହେଲା ଗାଡ଼ିରେ ବସି ଆସୁଛି ।"

ସୁରେଶ କୂଅମୂଳେ ଦାନ୍ତ ଘଷୁଛନ୍ତି । ଶୀଘ୍ର ଗାଧୁଆ ସାରି କଟକକୁ ପ୍ରଥମ ବସ୍ ଧରି ସେ ଗ୍ଚଲିଯିବେ । ରେବତୀ ପୂଝାରୀକୁ ଉଠେଇ ତାଙ୍କ ପାଇଁ ଗ୍ଚ' ଜଳଖିଆ ବନ୍ଦୋବସ୍ତ କରିବାକୁ କହି ସାରିଲାଣି ।

Digitized by srujanika@gmail.com

ରେବତୀ ପୋଖରୀ ଆଡ଼େ ତରତର ହୋଇ ବାହାରି ଯାଉଥିଲା ଗାଧୋଇ-ବାକୁ । ସୁରେଶ ଡାକିଲେ, "ରେବ, ଦେଖୁଛ ମଉସାଙ୍କୁ, ଏ ସଂସାରର ମାୟା ଛାଡ଼ି ସାରିଲେଣି ବୋଲି କହି ହେଲେ ବି ଆମ ଅପେକ୍ଷା ଦୁଃଖଟା ତାଙ୍କୁ ବେଶୀ ବାଧୁଛି ।"

"ପ୍ରାର୍ଥନା, ଧ୍ୟାନ, ଯୋଗ ଯାହା ବି କୁହ ଈଶ୍ୱର ପ୍ରାପ୍ତି ପାଇଁ ସେସବୁ ପନ୍ଥା ସହଜ ହୋଇପାରେ । ମାତ୍ର ମଣିଷ ପୂର୍ଣ୍ଣ ତା' ମନକୁ ସେ ଦିଗରେ ନେଇଯାଇ ପାରିଲେ ତ ?"

"ତୁ କ'ଣ କହୁଛୁ ମଉସା ସେ ସାଧନା କରିବାକୁ ଅକ୍ଷମ ? ତେବେ ଏତେ ଦିନ ଧରି କ'ଣ କରୁଥିଲେ ?"

"ମୁଁ ତା' କହୁନି, ବାପା ନିଜର ସାଂସାରିକ ମନକୁ ବିଷୟବାସନାରୁ ତଥାପି ହୁଏତ ମୁକ୍ତ କରିପାରି ନାହାନ୍ତି ।"

"ତୁ ତ ଏଇ ଅଳ୍ପ ସମୟ ହେଲା ଦେଖି ବେଶ୍ ବୁଝିଗଲୁ ।"

"ତୁମେ ତ କହିଲ, ଏଯାଏ ଦୁଃଖ ସବୁ ସେ ଭୁଲିପାରି ନାହାନ୍ତି ?"

ସୁରେଶ ନିରୁତ୍ତର ।

ରେବତୀ କହିଲା, "ସତକଥା, ଆମେ ଏଇ ସାଂସାରିକ କାର୍ଯ୍ୟରେ ବଗବର ନିଜକୁ କର୍ମତତ୍ପର କରି ନିଜର ଦୁଃଖ ବାଧ୍ୟରେ ଭୁଲିଛୁ । ବାପାଙ୍କୁ ଦେଖ, ଆସିଲା ମାତ୍ରକେ ଆମ ସମସ୍ତଙ୍କୁ ଦେଖି ତାଙ୍କର ସେସବୁ ମନେ ପଡ଼ିଗଲା । ଦୁଃଖ ଅସହ୍ୟ ହେବାରୁ ସେ ଘର ଛାଡ଼ିଥିଲେ ।"

"ଏ ତ ସ୍ୱାଭାବିକ ।"

"ମାନୁଛି, ମାତ୍ର ଈଶ୍ୱରଙ୍କ ପାଖରେ ମନ ସମର୍ପଣ କରିଦେଇ ସବୁ ଭୁଲି ପାରିଲେ କି ?"

"ହୁଏତ ପାରିଥାଆନ୍ତେ । ମାତ୍ର ଆମେ ତାଙ୍କୁ ଏଇ ସଂସାର ମଧ୍ୟକୁ ପୁଣି ଟାଣି ଆଣିଲେ ଯେ ।"

"ତୁମେ କହିପାର ସୁରଭାଇନା, ତା' ସାଧନାସାପେକ୍ଷ । କିନ୍ତୁ ଆମେ ତ ପ୍ରତ୍ୟହ କମ୍ ସଂଘର୍ଷ ମଧ୍ୟରେ ଜୀବନ ଚଳାଉନୁ ।"

ଦୁହେଁ ନୀରବ ।

ରେବତୀ ଆଖିରେ ଅଶ୍ରୁ । ସୁରେଶଙ୍କ ଦୃଷ୍ଟିରେ ପଡ଼ିବା ପୂର୍ବରୁ ସେ ଅନ୍ୟ କଥା କହି ଆଖି ପୋଛିନେଲା ।

Digitized by srujanika@gmail.com

ପୋଖରୀ ତୁଠରେ କେହି କୁଆଡ଼େ ନାହିଁ । ଗୋରା ଗୋରା ପାଦ ଦୁଇଟିକୁ ପାଣିରେ ବୁଡେଇ ସାରି ପଥର ଉପରେ ରଖି ଘଷିହେଉଛି ରେବତୀ । ଇଛା ହେଉଛି ଘରକୁ ନଯାଇ ଚୁପ୍‌ଚାପ୍ ଘଡ଼ିଏ ସେଇ ନିକାଞ୍ଚନରେ ବସି ପଛଦିନ କଥା ମନେ ପକାଇବାକୁ । ରେବତୀ ଗୋଡ଼ଘଷା ବନ୍ଦକରି ପଥର ଉପରେ ବସି ପାଣିରେ ଗୋଡ଼ ଦୁଇଟି ବୁଡ଼େଇ ସେମିତି ଚାହିଁରହିଥିଲା ବହୁ ଦୂରକୁ । କେତେବେଳେ କିପରି ପାଣି ଭିତରକୁ ଚାହିଁ ପାଦ ଦୁଇଟିକୁ ଆଉଥରେ ହଲେଇ ଦେଉଥାଏ ସେ ।

ଏଇ ପାଦରେ ସେ ପିନ୍ଧିଥାଆନ୍ତା ଅଳତା, ଗୋଡ଼ରେ ମୁଦି । ଚିକ୍‌କଣ ନରମ ହାତ ଦୁଇଟିରେ ମୁଠାଏ ନାଲି ଶଙ୍ଖା, ସୁନାଚୁଡ଼ୀ । ସେସବୁ ଭାବିବା ଆଜି ସ୍ୱପ୍ନ । ଏଇ ତ ଟିକିଏ ସମୟ ପୂର୍ବରୁ ସେ ସୁରେଶକୁ କହିଲା ତା' ସଂଘର୍ଷମୟ ଜୀବନର କାହାଣୀ ।

ଏଇ ମନତଳେ କେତେ କାମନା, ବାସନାର ଅଗ୍ନି । ଏ ଶରୀରର କେତେ ଯନ୍ତ୍ରଣା । କିଏ ବୁଝେ ସେସବୁ । ବୁଝି ଲାଭ ? ନିଜ ମନକୁ ଏଇ ପ୍ରଶ୍ନ ପଚାରି ଚମକି ପଡ଼ିଲା ସେ । ମନେପଡ଼ିଲା ସେଦିନ ବାପାଙ୍କ କଥା । ସୁରେଶଙ୍କ ସହ ତାକୁ ଛାଡି ଦେବାକୁ ଜିଦ୍ କରୁଥିଲେ । କିନ୍ତୁ ସେ ନିଜେ ତ ନାହିଁ କରି ଦେଇଥିଲା ।

ରେବତୀର ମନରେ ସବୁ ଚିନ୍ତା କିପରି ବିକ୍ଷିପ୍ତ ହୋଇ ଉଠିଲା । ମନହେଲା ପିଲାଦିନର ସେଇ ପହଁରା ଅଭ୍ୟାସକୁ ଥରେ ପରୀକ୍ଷା କରିନେବାକୁ ଏଇ ପୋଖରୀରେ ସେ ପହଁରି ପହଁରି ବୁଲନ୍ତା ।

"ରେବ... ରେବ ଲୋ ।"

ଆରେ ଏ ତ ଜେଜେମା' ଡାକୁଛି । ଓହୋ କି ଡେରି କରିଦେଲି । ଛି ଛି... କିକଥା, କେତେ କାମ ପଡ଼ିଛି । ବାପା ଗାଧୋଇ ସାରିବେଣି । ଆଉ ସୁରଭାଇନା ?

ରେବତୀର ଦେହ ମନରେ କିପରି ଏକ ଶିହରଣ ।

ନା-- ଗାଧୁଆ ଶେଷ କରିବାକୁ ହେବ । ଆଜି କ'ଣ ହେଇଛି କେଜାଣି ?

ରେବତୀ ପାଣିରେ ମୁଣ୍ଡ ବୁଡେଇ ବାଳସବୁ ଖୋଲି ଧୋଇଦେଲା । ଶୀଘ୍ର ଶୀଘ୍ର ଲୁଗା ଧୋଇ ପାଳଟି ପକାଇଲା । ଓଃ ଜୀବନଟା ତେବେ ଏମିତି ହେବା ଦରକାର ।

Digitized by srujanika@gmail.com

"କ୍ଷମାକର ପ୍ରଭୁ, ମୋତେ ଅଧିକ ଶକ୍ତି ଦିଅ । ଏ ମନକୁ ଏମିତି ଦୁର୍ବଳ କରିଦିଅନା ।"

ରେବତୀ ଆଞ୍ଜୁଳାଏ ପାଣି ଧରି ସେମିତି ଉପରକୁ ଚାହିଁ ରହିଲା । ଏପର୍ଯ୍ୟନ୍ତ ଆକାଶରେ ସୂର୍ଯ୍ୟ ଦେଖା ଦେଇ ନ ଥିଲେ । ଛୋଟ ଗରଟିରେ କୂଅରୁ ପାଣି ଗରାଏ କାଢ଼ି ଠାକୁରଙ୍କ ଘରେ ପଶିଲା ରେବତୀ ।

ବିଭୁରଞ୍ଜନଙ୍କ ଗାଧୁଆ ସରିଗଲାଣି । ରଙ୍ଗଲତା ଆହୁରି ଆଗରୁ ଗାଧୋଇ ଆସି ଠାକୁରଘର ଧୁଆ ପୋଛା କରି ମଜା ହୋଇଥିବା ବାସନଗୁଡିକ ସଜେଇ ରଖୁଛନ୍ତି । ରେବତୀ ଫୁଲ ଡାଲାଟି ପାଖକୁ ରଖିସାରି ଚନ୍ଦନ ଘୋରି ବସିଲା ।

ବିଭୁରଞ୍ଜନ ଠାକୁରଘରେ ଆସନ ପକେଇ ବସି ପୂଜା ଆରମ୍ଭ କଲେ ।

ଇଷ୍ଟଦେବ ଗୋପାଳଙ୍କ ପୂଜା ଅର୍ଚ୍ଚନା ଏ ଘରର ପ୍ରଥମ କାର୍ଯ୍ୟ । ଏଥିରେ କେବେ ଅବହେଳା ହେବନି । ପୂଜା ଶେଷ ପରେ ବିଭୁରଞ୍ଜନ ଶ୍ଳୋକ ବୋଲୁଛନ୍ତି ପାଟିକରି । ତା'ପରେ ପୁଣି ନୀରବ ପ୍ରାର୍ଥନା ।

ଗାଁର କେତେଲୋକ ଚଉପାଢ଼ୀ ଖଞ୍ଜାରେ ବସିଗଲେଣି । ବିଭୁରଞ୍ଜନଙ୍କୁ ଟିକିଏ ଦେଖିଯିବାକୁ ସେମାନଙ୍କର ପ୍ରବଳ ଆଗ୍ରହ ! ବିଭୁରଞ୍ଜନ କିନ୍ତୁ ଏତେଶୀଘ୍ର ପୂଜାରୁ ଉଠୁନାହାନ୍ତି । ପୂଜା ଚାଲିଛି ବହୁ ସମୟ ପର୍ଯ୍ୟନ୍ତ । ରେବତୀ ଧୂପଦାନୀଟି ନେଇ ସବୁ ଘରେ ବୁଲେଇ ଆଣିଲା । ଚଉପାଢ଼ୀରେ ବସିଥିବା ପିଲା ବଡ଼ ସମସ୍ତଙ୍କୁ ଭୋଗ ବାଣ୍ଟିଲା ।

ବିଭୁରଞ୍ଜନଙ୍କ କଠଉ ଶବ୍ଦ ଶୁଣାଗଲାଣି । ରଙ୍ଗଲତା ତାଙ୍କୁ ବାଧ୍ୟକରି ଜଳଖିଆ ଖୁଆଇ ଚଉପାଢ଼ୀକୁ ପଠେଇଲେ । ପୂଜାଘରୁ ସେ ଚାଲିଯିବାକୁ ବସିଥିଲେ ସେମିତି । ଥରେ ଚାଲିଯାଇଥିଲେ ଆଉ କେହି ତାଙ୍କୁ ଡାକି ଖୁଆଇ ପାରି ନ ଥାନ୍ତେ ।

ସମସ୍ତଙ୍କର ଦୃଷ୍ଟି ବିଭୁରଞ୍ଜନଙ୍କ ଉପରେ । ବାବୁଙ୍କର ଏ କି ରୂପ ! ଦେହରେ ସିଲ୍କ ପଞ୍ଜାବୀ, ସରୁଧଡ଼ିଆ ଧୋତି ବଦଳରେ ପିନ୍ଧାହୋଇଛି ଖଣ୍ଡେ ଧଳା ଥାନ । ଘୋଡ଼ି ହୋଇଛନ୍ତି ଖଣ୍ଡେ ପତଳା ଧଳା ଚଦର । ମୁଣ୍ଡ ଲଣ୍ଡା । ରୂପଟି ସେମିତି ପୂର୍ବଭଳି ଉଜ୍ଜଳ ଦେଖାଯାଉଛି ।

ସେମାନେ ବିଭୁରଞ୍ଜନଙ୍କ ପାଦତଳେ ପ୍ରଣାମ କଲେ । ଗୋଟି ଗୋଟି କରି ପ୍ରତ୍ୟେକଙ୍କର ଭଲ ମନ୍ଦ, ସୁଖ ଦୁଃଖ ବୁଝୁଛନ୍ତି ସେ । କେଡ଼େ ସୁନ୍ଦର କଥା । ପ୍ରତି କଥାରେ ଝରିପଡୁଛି ଅମୃତର ଧାର । ଇଏ ତ ପୂର୍ବର ସେ ବାବୁ ନୁହଁନ୍ତି ।

Digitized by srujanika@gmail.com

ଗାଁ ସାରା ସମସ୍ତେ କଥାବାର୍ତ୍ତା କରୁଛନ୍ତି । ବର୍ତ୍ତମାନ ବିଭୁରଞ୍ଜନଙ୍କ ବିଷୟ ମୁଖ୍ୟତଃ ପ୍ରଧାନ ଗଳ୍ପ । ତାଙ୍କର ରୂପ, କଥାବାର୍ତ୍ତା, ଲୁଗା ପିନ୍ଧିବା ଇତ୍ୟାଦି ଇତ୍ୟାଦି । ହିମାଳୟ ପାଖ କେଉଁ ପାହାଡ଼ରେ ସେ ରହୁଥିଲେ । ଜଣେ ଗୁରୁଙ୍କର ଦୀକ୍ଷା ଗ୍ରହଣ କରି ଫେରିଛନ୍ତି । ଅନ୍ୟମାନେ ତାଙ୍କୁ ଦେଖିବାକୁ ବ୍ୟସ୍ତ ହୋଇ ସନ୍ଧ୍ୟାବେଳେ ଧାଇଁ ଆସୁଛନ୍ତି । କେତେ ରାତିଯାଏ ଘେରି ବସିଛନ୍ତି ।

ସମସ୍ତଙ୍କ ପାଇଁ ବରାଦ ହୋଇ ଚା' ତିଆରି ଚାଲିଛି, ପାନ ଭଙ୍ଗା ହୋଇ ଆସୁଛି । ରାତି ଅଧଯାଏ ଗପ କରି ଖାଇବା ଶୋଇବା ଭୁଲି ଗଲେଣି ବିଭୁରଞ୍ଜନ ।

କୁମୁଦର କାମ ବଢି ଯାଇଛି । ଏବେ ସେ ବିଭୁରଞ୍ଜନଙ୍କର ସବୁ କାମ ଉପରେ ପଡ଼ି ବୁଝୁଛି । ତା'ର ଏ ଗଣତା ରଙ୍ଗଲତା ଆଦୌ ପସନ୍ଦ କରନ୍ତି ନାହିଁ ସେ ଜାଣେ, ତଥାପି ସେ ଟିକିନିଖି ସବୁ ବୁଝିବାକୁ ତତ୍ପର ହୋଇ ଉଠିଛି । ରେବତୀ ନୀରବଦ୍ରଷ୍ଟା । ବାଧ୍ୟରେ କେତେଥର ମୁହଁ ଖୋଲି ରଙ୍ଗଲତାଙ୍କୁ କହିଛି ।

"ଭଲ ହେଲା ଜେଜେମା', ତୁ କାହିଁକି ଚିଡୁଚୁ, ଘରେ କେତେ କାମ ହଉଛି । ସେ ଯଦି କିଛି କରି ନେଉଛି, କରୁ ।"

"ତୁ ହୁଣ୍ଡି ବୁଝୁନୁ । ସେଇଟା ଭଲ ସ୍ତ୍ରୀ ଲୋକ ନୁହେଁ । ତା' ନ ହୋଇଥିଲେ ତା' ବର ତାକୁ ଛାଡ଼ିଦେଇ ଥାଆନ୍ତା କାହିଁକି ?"

ଏ କଥାରେ ରେବତୀ କ'ଣ କହିବ ?

ରାତିରେ ଚଉପାଢ଼ୀ ପାଖ ଘରଟାରେ ବିଭୁରଞ୍ଜନଙ୍କର ବିଛଣା ସଜାଡ଼ି ଦେଇଛି ରେବତୀ । ଦିନସାରା ଲାଗି କୁମୁଦ ସେ ଘର ଝଡ଼ାଝଡ଼ି କରି ଲିପାପୋଛା କରିଥିଲା । ବିଭୁରଞ୍ଜନ ଶୋଇବାକୁ ଆସି ଡାକିଲେ, "ମା' ରେବ, ଯାଢ଼େ ଆସିଲୁ ।"

ରେବତୀ କୁଞ୍ଚର ମଶାରୀଟା ରାଦି ତଳେ ଭଲ ରାବେ ଖୋଷିଦେଇ ଯାଇ ସେ କବାଟ ପାଖରେ ଠିଆ ହୋଇ ପଚାରିଲା, "କ'ଣ ବାପା ?"

ରେବତୀ ଚମକି ପଡ଼ିଲା । ବିଭୁରଞ୍ଜନ କ୍ଷଣକୋପୀ । ଭଲରେ କଥା କହୁ କହୁ ହଠାତ୍ ରାଗିଯିବାର ସମ୍ଭାବନା ଥାଏ । ଅନ୍ୟ ସମୟରେ ସେ ଯେତେ ଶାନ୍ତ

Digitized by srujanika@gmail.com

ନରମ କଥା କହିଲେ ବି ଆଶଙ୍କା ଦୂର ହୁଏ ନାହିଁ । ରେବତୀ ଆଉଥରେ ପଚାରିଲା, "କାହିଁକି ଡାକିଲ କି ବାପା ?"

ବିଭୂରଞ୍ଜନ କଥା ଆରମ୍ଭ କଲେ, "ସୁର ମୋତେ ସବୁ ଘଟଣା କହିଛି । ମୁଁ ଜାଣୁଛି, ମୁଁ ଯିବା ପରେ ତୁ ଗୁଡ଼ାଏ ହଇରଣ ହେଲୁ । ଏତେ କଷ୍ଟ କଲୁ, କିନ୍ତୁ ଆମ ଭାଗ୍ୟ ଖରାପ ।"

"ସେମିତି କାହିଁକି ଭାବୁଛ ବାପା, ସବୁ ଜମିଦାରଙ୍କର ତ ଏଇ ଅବସ୍ଥା । ଏକା କ'ଣ ଆମର ?"

"ହଁ ତା' ସତ, କିନ୍ତୁ ମୋ ପିଲାଏ ଯେ ଏଯାଏ କିଛି କୂଆଡ଼େ ହେଇ ନାହାନ୍ତି । କେମିତି କ'ଣ ଚଳିବା ?" ବିଭୂରଞ୍ଜନ ଅଧିକ କିଛି କହି ପାରିଲେ ନାହିଁ ।

ତାଙ୍କର ଅନୁପସ୍ଥିତିରେ ଗୁମାସ୍ତାମାନଙ୍କର କାରବାର କଥା ଶୁଣି ସେ ଅଶାନ୍ତିରେ ଜଳିଗଲେ । ଏବେ ଜରାର ବାଘ ଭଳି ସେ କେବଳ ଉପାୟହୀନ ଭାବରେ ବିରକ୍ତ ହେବା ଛଡ଼ା କିଛି କରି ପାରୁ ନ ଥିଲେ । କରିବାର କ'ଣ ଅଛି ? ନରହରି କଟକରେ ସିନେମାହଲ ତିଆରି କରୁଛି; ତା'ର ବୋଡାଲ କୋଠାଘର ଅଧା ତିଆରି ହୋଇଛି । ବିଭୂରଞ୍ଜନ ମନ ଦୁଃଖ କଲେ । ଶେଷରେ ଚାକିରି ଟଙ୍କାରେ ସେମାନେ ଏତେଦୂର ପର୍ଯ୍ୟନ୍ତ ଯାଇ ପାରିଲେ ! ଝିଅଟା ଏତିକି ନ ବୁଝିଥିଲେ, କୋଉ ଦିନରୁ ସମସ୍ତେ ଭିକ ଥାଳ ଧରି ବୁଲି ଥାଆନ୍ତେ । ସେ ଦୁଇଜଣ ଏବେ ଗାଁ ଛାଡ଼ି ବାହାରେ ରହୁଛନ୍ତି ।

ରେବ ସଙ୍ଗେ ସୁଖ ଦୁଃଖର କଥା ଶେଷ ନ ହେଉଣୁ କୁମୁଦ ଆସି ବିଭୂରଞ୍ଜନଙ୍କ ଗୋଡ଼ ମୋଡ଼ି ବସିଲା । ରେବତୀ ଯିବାକୁ ଉଠିଲା । ରାତି ଅନେକ ହେଲଣି । ସକାଳୁ ଉଠିବାକୁ ପଡ଼ିବ ଯେ ।

କୃଷ୍ଣକୁ ଏ ସବୁ କିଛି ଭଲ ଲାଗୁନି । ଜମିଦାରୀ ସିନା ଗଲା, ଜମି ସବୁ ତ ଅଛି । ବାଡ଼ି ବଗିଚା ଜଙ୍ଗଲ ଭଳି ପଡ଼ିଛି । ଅଥଚ ବାପା ଟିକିଏ ବି କିଛି ବୁଝି କରେଇବାକୁ ପ୍ରସ୍ତୁତ ନୁହନ୍ତି । ଦିନକୁ ଦିନ ପାଖ ଆଖ ଗାଁରୁ ଦଳକୁ ଦଳ ଲୋକ ଆସୁଛନ୍ତି । ସେ ସେତେବେଳେ ସେମାନଙ୍କର ଧର୍ମଗୁରୁ ସାଜି ଭାଷଣ ଦେଇ ବେଶ୍ ଆତ୍ମତୃପ୍ତି ଲାଭ କରୁଛନ୍ତି । କେଜାଣି ସେ କେତେ ଧର୍ମଗ୍ରନ୍ଥ ମୁଖସ୍ଥ କରି ଆସିଛନ୍ତି ! ଏ ଲୋକଗୁଡ଼ାକ ବି ସେମିତି ।

Digitized by srujanika@gmail.com

"ଖାଇବାକୁ ଠାକୁରଙ୍କ ପ୍ରସାଦ, ପାନ, ଗୁ' ଏମିତି ଯଦି ସବୁଦିନେ ମିଳିବ, କିଏ ନ ଆସିବ କହିଲ, ଭଉନା ?"

"ସବୁବେଳେ ଘରେ ଭିଡ ମତେ ଭଲ ଲାଗୁନି । ବୁଝିଲୁ ରେବନାନୀ, ମୋ ହଷ୍ଟେଲ ଖୁବ୍ ଭଲ । ବଡ଼ଦିନ ଛୁଟିରେ ମୁଁ ଘରକୁ ଆସି ପାରିବିନି । ଏଠି କି ପାଠ ପଢ଼ାହେବ କହିଲୁ ?"

"ଭଉନା, ତୁମେ ହରେକୃଷ୍ଣ ହରେରାମ ଜପ କରୁନ ? ସେତିକି କଲେ ତ ପରୀକ୍ଷାରେ ପାଷ୍ଟ ହୋଇଯିବ । ଏତେ କଷ୍ଟକରି ପଢ଼ିବ କାହିଁକି ମ ?"

ସବୁଠୁ ସାନ ଆହୁତିର ଏ କଥା ଶୁଣି ରେବତୀ ହସିଲା । କୃଷ୍ଣକୁ କହିଲା, "ତୋ ନାଁ କୃଷ୍ଣ, କିନ୍ତୁ କୃଷ୍ଣଙ୍କ ପ୍ରତି ତୋର ଭକ୍ତି ଟିକିଏ ବି ନାହିଁ ।"

"ହେଲା ଯା, ମୋର ଏମିତି ଭକ୍ତି ଦରକାର ନାହିଁ ।" କୃଷ୍ଣ ଖୁବ୍ ରାଗି ଯାଇ-ଥିଲା ।

ଟୁନା, ଆହୁତି ହସି ହସି ଗଡ଼ିଲେ । ରେବତୀ ସେମାନଙ୍କୁ ଶାସନ କରୁ କରୁ ମଧ୍ୟ ହସି ପକେଇଲା ।

ପିଲାମାନେ ମିଛ କହୁ ନାହାନ୍ତି । ଘରେ ସବୁବେଳେ ଲୋକ ଗହଳି । ଆଧ୍ୟା-ତ୍ମିକତାର ଆଲୋଚନାରେ ଯିଏ ଦୁଇପଦ କହି ପାରିଲା, ଅନେକ ବେଳଯାଏ ତାକୁ ବସେଇ ରଖନ୍ତି ବିଭୁରଞ୍ଜନ । ପୂର୍ବଭଳି ନାମ ସଂକୀର୍ତ୍ତନ ମଧ୍ୟ ମଝିରେ ମଝିରେ ବେଶ୍ ଚାଲେ ।

କେତେଥର ଭାବୁଛି ରେବତୀ, ପଚାରିବ ଜମିଦାରୀ କ୍ଷତିପୂରଣ କଥା, ଜମି-ବାଡ଼ି ଚାଷବାସ କଥା । ବାପା ନ ଥିଲା ବେଳେ ସିନା ଅନ୍ଧାରେ ଲୁଗା ଭିଡ଼ି ସେ ସବୁ ବୁଝୁଥିଲା । ମାତ୍ର ଏବେ ତାଙ୍କର ଅନୁମତି ନ ପାଇଲେ, ଏ ସବୁ ସେ କରି ପାରିବ କେମିତି ? କେତେଟା ମାସରେ ଧାନକଟା । ହଉ ଦେଖାଯାଉ... ।

ରେବତୀର ସାହସ ଉଭେଇଗଲା । ଯାହାବି ହଉ ତାଙ୍କ ବୋଉଙ୍କ ମନରେ କଷ୍ଟ ଦେବାଭଳି କିଛି କହିବେ ନାହିଁ ବିଭୁରଞ୍ଜନ, ଯା' ସେ ଜାଣିଛି । ତେବେ କଥା ହେଲା, ସବୁକଥା ରଙ୍ଗଲତାଙ୍କୁ ବୁଝେଇ ଦବାକୁ ହେବ କିମ୍ବା କଥାଟା ସେ ଆରମ୍ଭ କଲେ ଯେ ନିଜେ ଯାଇ ବାପାଙ୍କୁ ବୁଝେଇ କହିବ ।

ଘରେ ଖାଲି ଫସଲ ଖାଇ ତ ସେମାନେ ବର୍ଷସାରା ଚଳିବେ ନାହିଁ । ମାସକୁ ମାସ ଖର୍ଚ୍ଚ ପାଇଁ କିଛି ଟଙ୍କା ପଇସା ବି ଦରକାର ହଉଛି । ସେସବୁ କେମିତି କ'ଣ

Digitized by srujanika@gmail.com

ହବ ! ରାମଚନ୍ଦ୍ର ବହୁ ଦିନରୁ ତାଙ୍କ ଗାଁକୁ ଚାଲିଗଲେଣି । ସେଦିନ ରେଡ଼ିଓରେ ସମ୍ବାଦ ଶୁଣିବା ପରେ ତା' ପରଦିନ ସକାଳୁ ରେବତୀକୁ ବୁଝେଇ କହିଲେ, "ଦରକାର ହେଲେ ମତେ ଚିଠିଲେଖି ଡକାଇବୁ ।" ସେଦିନ ରାତିରେ ଏସବୁ ବିଷୟରେ ସେ କହିଛି । ଦେଖାଯାଉ ଏଇତ ଏବେ ଆସିଛନ୍ତି ବାପା ।

ରେବତୀ ମନରେ ଦୁନିଆଁଯାକର ଚିନ୍ତା । ସେପାଖରୁ ଶୁଣାଯାଉଛି କଠଉ ଶବ୍ଦ । ସୁଧୀରଞ୍ଜନ ଆସୁଛନ୍ତି ଏ ଖଞ୍ଜାକୁ ।

ବାପାଙ୍କ ଗମ୍ଭୀର ମୁହଁକୁ ଚାହିଁ ରେବତୀ ଚିନ୍ତା କରିଥିବା ସମସ୍ତ ଘଟଣା ଭୁଲିଗଲା । ଏଥର ଉଠିଲା ସେ ତାଙ୍କୁ ଖାଇବାକୁ ଦେବାକୁ ।

ଖାଇବା ସରି ଯାଇଛି । ଘରର ପିଲାଛୁଆ ସମସ୍ତେ ଶୋଇଗଲେଣି । ହାତରେ ଦୁଧ ଗ୍ଲାସଟା ଧରି ରେବତୀ ଶେଷେଇ ଘରୁ ଠିକ୍ ବାହାରେ ପାଦଦେଇଛି, ଏତିକି-ବେଳେ ଶୁଣାଗଲା ସୁଧୀରଞ୍ଜନଙ୍କ ଗୁରୁଗମ୍ଭୀର ଡାକ, "ରେବ, ଶୋଇଗଲୁ କି ?"

"ନାଇଁ ବାପା, ଯାଉଛି ।"

"ହଁ ଶୁଣ୍, ଏ ଘରେ ମତେ କେହି ମାନନ୍ତି ନାହିଁ । ଆଜି ସନ୍ଧ୍ୟାବେଳେ କୃଷ୍ଣ କ'ଣ କହୁଥିଲା ? ତୁ କ'ଣ ଭାବୁଛୁ ମୁଁ କିଛି ବୁଝେନାହିଁ, କିଛି ଜାଣେ ନାହିଁ ?"

ରେବ ଥରିଗଲା । ଏ ତ ଝଡ଼ର ପୂର୍ବାଭାସ ! ମନେ ପଡ଼ିଲା ଖୁଣ୍ଟ ପାଖରେ ଠିଆହୋଇ ସବୁ ଶୁଣୁଥିଲା କୁମୁଦ । ସେ ବି ପିଲାଙ୍କ କଥାରେ ହସୁଥିଲା । ତେବେ କ'ଣ... ହୋଇଥିବ କୁମୁଦ ପକ୍ଷରେ ସବୁ ସମ୍ଭବ ।

"ପିଲାଏ ମତେ ଥଟ୍ଟା କରୁଛନ୍ତି । ତୁ ତାଙ୍କ ମୁହଁ ବଢ଼େଇ ଦେଲୁଣି । ବୁଝିଲୁ ଏଗୁଡ଼ା ଭଲକଥା ନୁହଁ । ନିଜ କର୍ମଫଳ ଭୋଗ କରୁଛୁ । ପୁଣି ଈଶ୍ୱରଙ୍କ ପ୍ରତି ଅଭକ୍ତି, ଅଶ୍ରଦ୍ଧା ଦେଖାଇଲେ ଆରଜନ୍ମର ଗତି କ'ଣ ହବ ? ଭାବିଛୁ ତ... ?"

ବିଭୁରଞ୍ଜନଙ୍କ କଥାର ସ୍ରୋତ ବନ୍ଦ ହେଉନି । ରାତି କେତେ ହେବ କେଜାଣି ? ରେବତୀ ଆଖିରୁ ଲୁହ କେବେଠୁ ଶୁଖି ଯାଇଛି । ସେ ସେମିତି ସେଇ ଅନ୍ଧାରରେ ଠିଆହୋଇ ରହିଥିଲା ଅନେକ ସମୟ ପର୍ଯ୍ୟନ୍ତ ।

ସମୟ ଯେ କେତେ ଦ୍ରୁତଗତିରେ ଚାଲି ଯାଉଛି, ଭାବିଲେ ଆଶ୍ଚର୍ଯ୍ୟ ହୁଏ ରେବତୀ । ସେଇ କୃଷ୍ଣ, ଟୁନା, ଆହୁତି । ପିଲାଗୁଡ଼ା କେତେ ସାନ ସାନ ହୋଇଥିଲେ !

Digitized by srujanika@gmail.com

କୁଷ୍ଣ କଲେଜରେ ପଢିଲଣି । ଟୁନାର ନବମ ଶ୍ରେଣୀ, ଆହୁତିଟା ପୂର୍ବ ଅପେକ୍ଷା ବେଶ୍ ଧୀର ସ୍ଥିର । ପୂର୍ବର ସେ ଯିଦ୍, ଅଳି ଅଝଟ ନାହିଁ । ପାଖ ସ୍କୁଲକୁ ପଢିବାକୁ ଯାଏ ସେ । ପାଠରେ କେତେ ମନ । ଗାଁର ସବୁ ପୁଅ ଝିଅଙ୍କୁ ପଛରେ ପକେଇ ସେ ଶ୍ରେଣୀରେ ପ୍ରଥମ ହେଉଛି । ସେଇକଥା କହିବାକୁ ଆସିଥିଲେ ତା' ସ୍କୁଲର ହେଡ୍-ମାଷ୍ଟ୍ରେ । ଏଥର ଅପର ପ୍ରାଇମେରୀ ବୃତ୍ତି ପରୀକ୍ଷାକୁ ସେ ଯେମିତି ହେଲେ ଯିବ ।

ରଙ୍ଗଲତା ଆସନ ପକେଇ ହେଡ୍‌ମାଷ୍ଟରଙ୍କ ପାଇଁ ଗ୍ଲ' ଜଳଖିଆ ବାଢିଲେ । ପାଖରେ ବସିଲେ ବିଭୁରଞ୍ଜନ । ସକାଳର ସେଇ ବେଳଟା ତାଙ୍କର ଜଳଖିଆ ଖାଇ-ବାର ବେଳ । ମିଞ୍ଚାସ ଥଣ୍ଡା ଥିଲ କି କ'ଣ ଆହୁତିର ବୃତ୍ତି ପରୀକ୍ଷା ଦେବା କଥାରେ ସେ ଆନନ୍ଦରେ ସମ୍ମତି ପ୍ରକାଶ କଲେ । ରେବତୀ କିନ୍ତୁ ମନେ ମନେ ଖୁବ୍ ଡରିଯାଇ-ଥିଲା । ବାପା ଯଦି ଥରେ ମନା କରିଦେବେ, ଆଉ କଦାପି ରାଜି ହେବେନି । ନାନୀର ଲୁଗାକାନି ଧରି ଲୁଚିଛି ଆହୁତି । ଅପେକ୍ଷା କରିଛି, ବାପା କ'ଣ କହିବେ । ବାପାଙ୍କ କଥା ଶୁଣି ଦୁଇ ଭଉଣୀ ପରସ୍ପରଙ୍କ ମୁହଁକୁ ଚାହିଁ ଖୁସିରେ ହସି ପକାଇଲେ । ଆହୁତି ବାଡ଼ି କବାଟ ବାଟେ ବଗିଚାଆଡ଼େ ବାହାରି ଗଲା ତା' ବଉଳକୁ ଏ ଖବର ଦେବାକୁ । ସ୍କୁଲରେ ପହଞ୍ଚି କହିବାକୁ ତା'ର ଧୈର୍ଯ୍ୟ ନାହିଁ । ସେ ପରୀକ୍ଷା ଦବ, ଆହୁରି କେତେ ବେଶୀ ପଢିବ । ବଡ଼ଭଇନା ଚିଠିରେ ଲେଖିଥିଲେ, କଟକରେ ଝିଅଙ୍କର ତିନି ଚାରିଟା ସ୍କୁଲ, ସେଠାରେ ରହି ପଢିବାକୁ ଝିଅଙ୍କ ହଷ୍ଟେଲ । ସେ ସେଇଠି ରହି ପଢିବ ।

ଆହୁତିର ସାଙ୍ଗମାନେ ଏସବୁ କଥା ଶୁଣି ଆଶ୍ଚର୍ଯ୍ୟରେ ଚାହିଁ ରହନ୍ତି । ଆହୁତି ଜମିଦାର ଘର ଝିଅ । ରେବନାନୀ କେତେ ଭଲ । ସେ ତାକୁ କଟକ ପଠେଇବ ପଢିବା ପାଇଁ । ସେମାନଙ୍କ ବାପା, ବୋଉ ଏତେ ଟଙ୍କା ଖର୍ଚ୍ଚ କରିବାକୁ ଟିକିଏ ବି ରାଜି ହେବେନି । କିଏ ଜାଣେ ଦିନ କେତେଟାରେ କାହାର ବାହାଘର ହେଇଯିବ । ଏ ପାଠପଢ଼ାସବୁ ଶାଶୁଘରର ହାଣ୍ଡିଶାଳେ ଚୁଲି ଫୁଙ୍କି ଫୁଙ୍କି ଭୁଲି ହେଇଯିବ । ବୋଉ-ମାନେ କହନ୍ତି, ପିଠାପଣା ଶିଖ, ଭାତ ଡାଲି ତରକାରୀ ରାନ୍ଧି ଶିଖ । ଆସନ ବୁଣା, କାଇଁଚଡାଲା କେତେ ସିଲେଇ ଶିଖିବା ବାକି ଅଛି । ଜଣେ ପାଦ ପୂରଣ କରି କହେ, "ଠାକୁର ଘରେ ମୁରୁଜ ପକେଇବା ଶିଖିଲୁଣିନା, ଆହୁତି ।" "ସେଗୁଡ଼ା କ'ଣ ବଡ଼କଥା ? ଆଉ କୋଉକଥା ପଚାରିବୁ ପଚାର ।" କିଏ କହେ, "ତାକୁ କ'ଣ ପଚାରୁଛୁ ? ସେ ତ କେତେ ବୁଣାବୁଣି ଶିଖିଗଲଣି ।"

Digitized by srujanika@gmail.com

"ବଉଳ, ତୁ ଗେଷେଇ ଶିଖିଲୁଣି ?" "ନାଇଁ, ଗେଷେଇ ଶିଖି କ'ଣ କରିବି କି ? ପୂଝାରୀ ଅଛି । ରେବନାନୀ ତ ତହୁଁବଳି ରନ୍ଧିବାବାଇ ।"

"ରେବନାନୀ କ'ଣ ତୋ ଶାଶୁଘରେ ଯାଇ ରନ୍ଧିଦେଇ ଆସିବ କି ?" ସାଙ୍ଗ ପିଲଙ୍କ ହସ କେଡ଼େ କଷ୍ଟରେ ବନ୍ଦ ହୁଏ । ଆହୁତି ହସେ ନାହିଁ । କହେ, "ଶାଶୁଘର ତୁମେ ଯାଅ । ମୁଁ ଯିବିନି କି ରନ୍ଧା ଶିଖିବିନି ।"

ଆହୁତିର ଏ ଟାଣ ରହିଲନି । ବିଭୁରଞ୍ଜନ ତା' ପାଠ ବନ୍ଦ କରି ଦେବାକୁ ବାରମ୍ବାର ତାଗିଦା କଲେଣି । ବୃତ୍ତି ପରୀକ୍ଷା ଦେଇ ବୃତ୍ତି ପାଇବାକୁ ସେ ବଦ୍ଧା ହୋଇଛି । ଏ ଖବର ଜାଣି ମଧ୍ୟ ତାଙ୍କ ମନ ତରଳିଲ ନାହିଁ । ଆହୁତି କେତେ କାନ୍ଦିଲ । ଭେଜେମା', ନାନୀଙ୍କ ପଛେ ପଛେ ଗୋଡ଼େଇ ବାପାଙ୍କୁ ବୁଝେଇବାକୁ କହିଲ । ଶେଷରେ ନ ଖାଇ ନ ପିଇ ରୁଷି ଶୋଇଲା । ସବୁ ବୃଥା ହେଲ । ବିଭୁରଞ୍ଜନ କାହା କଥା ଶୁଣିବା ଲେକ ନୁହଁନ୍ତି । ଆହୁତି କିଛି ଦିନ ମନମରା ହେଲ । ତା'ପରେ ଚୁପ୍‌ଚାପ୍ ହୋଇଗଲ । ଏଥର ସକାଳେ ସମୟ ପାଇଲେ ସେ ଠାକୁର ଘରେ ବସି ଠାକୁରଙ୍କୁ ଫୁଲ ସଜାଏ । ଗୋପାଳଙ୍କ ମୁଣ୍ଡରେ କେଡ଼େ ସୁନ୍ଦର ଟିପି ଟିପି କରି ଲଗାଏ ଚନ୍ଦନ ଟୋପା । କାମଟି ତା'ର ଭାରୀ ସୁନ୍ଦର । ବାରିବାକୁ ନାହିଁ । ଫୁଲ ସଜା, ଚନ୍ଦନ ଲଗେଇବା ସରିଲେ ଧୂପ ଲଗେଇ ଗୀତା ପଢ଼ି ବସେ ସେ । ପୁଣି ଏ ସବୁ କାମ ସରିଲେ କୃଷ୍ଣ ପଠେଇଥିବା ଉଲ୍ କଣ୍ଟା ଧରି ଗୁଣୁ ଗୁଣୁ ଗୀତ ଗାଇ କ'ଣ ସବୁ ବୁଣୁଥାଏ ।

ଛୁଟିରେ ଘରକୁ ଫେରି କୃଷ୍ଣ ଭାରୀ ବିରକ୍ତ ହେଲ । ଆହୁତିର ଏ କାମ ସବୁ ଦେଖି ସେ ପ୍ରଥମ ଥର ପାଇଁ ରେବତୀ ଉପରେ ବିରକ୍ତ ହେଇ କହିଲ, "ପାଠପଢ଼ା ବନ୍ଦ କରେଇ ଶେଷରେ ଏଇଗୁଡ଼ା ତାକୁ ଶିଖେଇଲୁ ।" ରେବତୀ ତାକୁ କଥାଟା ବୁଝେଇବାକୁ ଯେତେ ଚେଷ୍ଟା କଲେ ବି କୃଷ୍ଣ କିଛି ବୁଝିଲନି । ଆହୁତି ପାଇଁ ଆଣିଥିବା ବହିଗୁଡ଼ା ତାକୁ ଧରେଇ ଦେଇ ସେ ଚୁପ୍ ରହିଗଲ । ପୂର୍ବଥର ଭଳି ସାନଭଉଣୀ ସଙ୍ଗେ ହସଖୁସିରେ କଥାବାର୍ତ୍ତା କଲନି । ଆହୁତି ମଧ୍ୟ ଡରରେ ବଡ଼ ଭାଇନାକୁ ଲୁଚି ଲୁଚି ଚଲୁଥାଏ ।

Digitized by srujanika@gmail.com

ସେଦିନ କୃଷ୍ଣକୁ ଡକେଇ ଭଲମନ୍ଦ ପଗ୍ଚରି ବସିଲେ ବିଭୁରଞ୍ଜନ । ଶେଷରେ କହିଲେ ଆହୁତିର ବାହାଘର କଥା ବୁଝିବାକୁ । କଲେଜରେ ତା' ସାଙ୍ଗରେ କେତେ କେତେ ପିଲ ପଢୁଥିବେ । ସେମାନଙ୍କର ଘରଦ୍ୱାର, ଖାନଦାନୀ ବିଷୟ ବୁଝିବାକୁ ହବ । ଧୀରେ ଧୀରେ ନ ବୁଝିଲେ ଡେରି ହୋଇଯିବ ।

ବହୁ ସମୟ ନୀରବ ରହିଥିବା କୃଷ୍ଣ ଏଥର ମୁହଁ ଖୋଲିଲ, "ସେମାନେ ସମସ୍ତେ ପାଠ ପଢିବା ଝିଅ ଖୋଜିବେ । ସମୟ ବଦଳିଲଣି । ଝିଅମାନେ କଟକରେ ସ୍କୁଲ କଲେଜରେ ପଢିଲେଣି । ଏତିକି କମ୍ ବୟସରେ କେହି ବାହା ହେଉ ନାହାନ୍ତି ।"

"ତୁ କ'ଣ ଜାଣିଛୁ ? କାହା କଥାରୁ ଆମକୁ କ'ଣ ମିଳିବ ? ଆମ କାମ ଆମକୁ ସାରିବାକୁ ହବ ।"

ରେବନାନୀର କାମ ସାରି ନ ଥିଲେ କି ? କୃଷ୍ଣ ବୋଧହୁଏ ମନ ମଧ୍ୟରେ ଏଇ କଥା କହୁଥିଲ । ତା' ଗମ୍ଭୀର ମୁହଁକୁ ଦେଖିଲେ ଏଇ କଥା ଜଣା ପଡୁଥିଲ । ରେବତୀ କୃଷ୍ଣକୁ ଜଳଖିଆ ଖାଇବା ଆଳରେ ସେଠାରୁ ଡାକି ଆଣିଲ । ସେ ଜାଣିଛି ବାପା ଯେତେ ବିରକ୍ତ ହେଲେ ବି ପୁଅ ଦୁହିଁଙ୍କୁ କିଛି କହନ୍ତି ନାହିଁ । କିନ୍ତୁ କୌଣସି କଥାରେ ଅସନ୍ତୁଷ୍ଟ ହୋଇଥିଲେ ପରେ ରେବ ଉପରେ ପାଟି କରିବା ତାଙ୍କର ଅଭ୍ୟାସ ହୋଇ ଗଲଣି ।

ଏଥର କୃଷ୍ଣ ଆଦୌ ଖୁସି ହେଲନି । ଆହୁତି ଭଳି ବୁଦ୍ଧିମତୀ ଝିଅକୁ ଜବରଦସ୍ତ ପାଠ ବନ୍ଦ କରେଇ ଦେବାଟା ସେ ଟିକିଏ ବି ସହିପାରୁ ନ ଥିଲ, କିମ୍ବା ବିଭୁରଞ୍ଜନଙ୍କ ପାଖରେ ଏ ବିଷୟରେ ପ୍ରତିବାଦ କଲେ କିଛି ଫଳ ମିଳିବ– ଏ କଥା ବି ଚିନ୍ତା କରି ସେ କିଛି କୂଳକିନାର ପାଉ ନ ଥିଲ । କେବଳ ଦୁଇ ଭାଇ ବସି କଥାବାର୍ତ୍ତା କରନ୍ତି ବେଳେ ବେଳେ । ଟୁନା କହେ, "ଏତେ ବ୍ୟସ୍ତ କାହିଁକି, ଭାଇନା ? ଝିଅଗୁଡ଼ା ଅଧିକ ପାଠ ପଢି କ'ଣ କରିବେ କି ? ଆମ ଶ୍ରେଣୀରେ ଦଳେ ଝିଅ ପଢୁଛନ୍ତି । ସେଗୁଡ଼ା କୋଉ କାମର ନୁହନ୍ତି । ଆହୁତିର ଯୋଗ୍ୟତା ତାଙ୍କଠୁଁ ଢେର ବେଶୀ ।"

"ବୋକା, ତୁ କ'ଣ ଜାଣିଛୁ ?" କୃଷ୍ଣ ବିରକ୍ତିରେ ଗ୍ଚହିଁଲ । ବସ୍ ସମୟ ହେବାରୁ ଶୀଘ୍ର ଶୀଘ୍ର ବାହାରୁଥିଲେ ସେମାନେ ଯିବାକୁ ।

ଆହୁତି ସମ୍ଭାଳି ହୋଇ ପାରିଲ ନାହିଁ । ଦୌଡ଼ିଆସି କହିଲ, "ବଡ଼ ଭାଇନା, ମୋ ପାଇଁ ଷଷ୍ଠଶ୍ରେଣୀର ବହି କିଣି ଆଣିବ । ମୁଁ ଘରେ ପଢିବି ।" ରାଗ, ବିରକ୍ତି ଏବଂ ଦୁଃଖ ସବୁ କିପରି କୃଷ୍ଣ ମନରେ ଏକାକାର ହୋଇଗଲ । ଆଖି ଦୁଇଟା

Digitized by srujanika@gmail.com

ଦେଖା ଯାଉଥିଲା ଏକଦମ୍ ଇଲ । ନୀରବରେ ବାପା, ଜେଜେମା, ରେବନାନୀଙ୍କୁ ପ୍ରଣାମ କରି ଦୁଇଭାଇ ବାହାରିଗଲେ ।

ସବୁ ବୁଝୁଛି ରେବ । କୃଷ୍ଣ ମନର ଅଶାନ୍ତି ତାକୁ ସଂକ୍ରମିତ ହୋଇଛି । କିନ୍ତୁ ତା'ର କିଛି ଉପାୟ ନାହିଁ । ସେ ଅନେକଦିନ ହେଲା ବୁଝୁଛି ବାପାଙ୍କର କାର୍ଯ୍ୟକଳାପ କୃଷ୍ଣ ଆଦୌ ପସନ୍ଦ କରିପାରୁନି କିମ୍ବା ସେ ବିଷୟରେ ମୁହଁଖୋଲି ପାରୁନି । ନିଜ ଦୀର୍ଘଶ୍ୱାସର ଶବ୍ଦରେ ଚମକି ଉଠିଲା ରେବତୀ । ବାପା କେତେବେଳୁ ପାନ ଦୁଇଖଣ୍ଡ ମାଗିଥିଲେ ! ପିଲାଙ୍କୁ ଛାଡ଼ିଦେବାକୁ ଆସି ସେକଥା ଭୁଲିଯାଇଛି ସେ ।

ରେବତୀ ଘରଭିତରକୁ ଫେରିଆସି ଦେଖିଲା, ହସହସ ମୁହଁରେ ପାନ ଦୁଇ-ଖଣ୍ଡ ବାପାଙ୍କ ହାତରେ ଧରେଇ ଦେଉଛି କୁମୁଦ । ବାପା ବି କ'ଣ ସବୁ ଗପୁଛନ୍ତି ତା' ସାଙ୍ଗରେ । ରେବତୀ ଭାବିଲା ପୁଣିଥରେ ସେ କହିଦେବ କୁମୁଦକୁ, ହାତରେ ପାନ ନ ଦେଇ କାଚ ଥାଳିଆରେ ଦେବୁ । ନିଜେ ଜେଜେମା ଓ ସେ ଦୁଇଜଣ କେତେଥର କହିଛନ୍ତି ତାକୁ । ଏବେ ତାକୁ କିଛି କହିବା ମାନେ ଆହୁରି ଅଶାନ୍ତି । ତାକୁ କିଛି କହିଲେ ହିଁ ବାପା ବୁଝନ୍ତି ଯେ କୁମୁଦ ଉପରେ ମାଡ଼ଗାଳି ବର୍ଷା ହେଉଛି । ବାପା ପାଟିକରି ଉଠନ୍ତି । କୁମୁଦର ମୁହଁ ବଢ଼େ । ବରଂ ନିଜ ସମ୍ମାନ ଡରିଁ ଦେଖି ନ ଦେଖିବା ଭଳି ଆଡ଼େଇ ହୋଇ ରହିବା ହିଁ ଭଲ ।

ରେବତୀ ବାଡ଼ିପାଖ ବାଗଣ୍ଡାକୁ ଗ୍ଲିଗଲା ଗ୍ଲକିରୀଆକୁ କ'ଣ କାମ ବରାଦ କରିବାକୁ । ସେଠାରୁ ଆସି ଆହୁତି ପାଖରେ ବସି ତାଠୁ ନେଇ ସିଲେଇ ଟିକିଏ କରି-ବସିଲା । ଆହୁତିର ସିଲେଇ ନିଶା ବଢ଼ିଯାଇଛି । ରୁମାଲରେ ଫୁଲ ପକାଉଛି । କାଚଦେଇ ଫଟ ବନ୍ଧେଇ ରଖିବାକୁ ଟାଲି ନେଳି ବହୁ ପ୍ରକାର ଏମ୍ବ୍ରୋଡ଼େରୀ ସୂତାରେ ଫୁଲତୋଡ଼ା କରିଛି ସେ ।

"ରେବତୀ... ଆଲୋ ରେବ, ଆଜି 'ସମାଜ'ରେ କ'ଣ ବାହାରିଛି ଦେଖିଲୁ..." ବିଭୁରଞ୍ଜନଙ୍କ ବ୍ୟସ୍ତ ସ୍ୱର । ରେବ ଦୌଡ଼ିଆସିଛି ସେପାଖରୁ । ଆହୁତି ହାତରୁ ଖସି-ପଡ଼ିଲା ସିଲେଇ ।

"କଲେଜ ପିଲା ଧର୍ମଘଟ କରିଛନ୍ତି । ହଠାତ୍ ଦରମା ବଢ଼ିଗଲା ବୋଲି ତାଙ୍କର ରାଗ । କିରେ, ବାପାଙ୍କ ପଇସା ସସ୍ତାଛି । ତୁମର କାହିଁକି ମୁଣ୍ଡବଥା ? ମୁଁ ଜାଣେପରା ଯାବତୀୟ ଗୋଳମାଳ ହେଉଛି ଆଜିକାଲି ସ୍କୁଲ କଲେଜରେ । କୃଷ୍ଣକୁ କାହିଁକି ଛାଡ଼ିଲୁ, କହ ତ ?"

Digitized by srujanika@gmail.com

ସତକଥା । ସେ ତ ଜାଣିଥିଲା ଧର୍ମଘଟ କଥା । କିନ୍ତୁ ଗଲା କାହିଁକି ? ମନକୁ-ମନ ଏଇକଥା ଭାବିହେଲା ରେବ ।

"ତତେ କିଛି କହୁଥିଲାକି ତା' କଲେଜ କଥା ।"

"ନାହିଁ ବାପା", ରେବତୀର ଆତଙ୍କିତ ଦୃଷ୍ଟି ଦେଖି କ'ଣ ଚିନ୍ତାକଲେ ବିଭୁ-ରଞ୍ଜନ । ପଛରେ କହିଲେ, "ଦୁଇ, ଚାରିଦିନରେ ଚିଠି ଆସିବ ; ବ୍ୟସ୍ତ କାହିଁକି ? ପଢ଼ା-ପଢ଼ି ବନ୍ଦ ହେଲେ ପୁଣି ଘରକୁ ଫେରିଆସିବନି ସେ ।"

ରେବନାନୀର ଚିଠିଖଣ୍ଡ ପଢ଼ି ରଖିଦେଲା କୃଷ୍ଣ । ଧୀରେ ଧର୍ମଘଟ ଭୟଙ୍କର ଆକାର ଧାରଣ କରୁଛି । ଏମ୍.ଏ.ର ଛାତ୍ରଛାତ୍ରୀ ଦୁଇଜଣ ଗିରଫ ହେଇଯିବା ପରେ ଅବସ୍ଥା ଅସମ୍ଭାଳ । କର୍ତ୍ତୃପକ୍ଷ ପିଲାଙ୍କ ଦାବୀ ମାନିନେବାକୁ ପ୍ରସ୍ତୁତ ନୁହଁନ୍ତି । ଦୁଇଜଣ ଛାତ୍ରନେତା ଗିରଫ ହୋଇଯିବା ପରେ ପିଲାଙ୍କ ମନୋବଳ ଭାଙ୍ଗିଯିବା ସ୍ୱାଭାବିକ । ତଥାପି ସେମାନେ ଅଟଳ ରହିଛନ୍ତି । କୃଷ୍ଣର ବେଳ ଆସିଯାଇଛି । ସେମାନେ ଗିରଫ ହୋଇଯିବା ପରେ ଆଉ ଜଣେ ମାତ୍ର ଛାତ୍ର ବି.ଏ. କ୍ଲାସର, ଧର୍ମଘଟ ପରି-ଚାଳନା କରୁଛନ୍ତି । କୃଷ୍ଣର ତାଙ୍କ ଉପରେ ବିଶ୍ୱାସ ନାହିଁ । ହଷ୍ଟେଲ ଛାଡ଼ି ବହୁ ପିଲା ପଳେଇଲେଣି । ସେ ପ୍ରସ୍ତୁତ ହେଉଛି ।

ରେଖା ଡାକିଛି ତା' ଘରେ ଆଜି ଖାଇବାକୁ । ଏବେ ତା'ର କୋଉ ମୁଡ୍ ଅଛି ଯେ ଜନ୍ମଦିନର ଭୋଜି ଖାଇଯିବ ! ତେବେ ଯାହାହେଉ, ତା' ଘରକୁ ବହି ଟ୍ରଙ୍କ ଦୁଇଟା ପଠେଇ ଦେଇ ନିଶ୍ଚିନ୍ତ ହୋଇଯାଇଛି କୃଷ୍ଣ । ଏବେ ଅନ୍ୟାନ୍ୟ ଜିନିଷ ଆଉ ଜଣେ ସାଙ୍ଗଘରକୁ ପଠେଇଦେଇ ସେ ଫେରିଆସିଛି ପୁଣି ହଷ୍ଟେଲକୁ ।

ଦୂରରୁ ପୋଲିସ୍‌ର ହୁଇସିଲ୍ ଶୁଣାଯାଉଛି । କୃଷ୍ଣ ଚଞ୍ଚଳ ହୋଇଉଠିଲା । ସେମାନେ ହଷ୍ଟେଲ ଭିତରେ ପଶି ସାରିଲେଣି । ବାହାରେ ମାଇକ୍‌ର ଗର୍ଜନ ଶୁଣା ଯାଉଛି । ଛାତ୍ରମାନଙ୍କୁ ମିନିଟ୍‌ଙ୍କ ଭିତରେ ଛାତ୍ରାବାସ ଖାଲି କରିବା ପାଇଁ ନିର୍ଦ୍ଦେଶ ଦିଆଯାଉଛି ।

କୃଷ୍ଣ ସତର୍କ ହୋଇଉଠିଲା । ବାହାରେ ପୋଲିସ୍‌ର ଭାରି ବୁଟ୍‌ର ଶବ୍ଦ ପାଖେଇ ଆସୁଛି । ବନ୍ଦ ଝରକାଟା ଅଳ୍ପ ଖୋଲିଦେଇ ବାହାରକୁ ଚାହିଁଲା ସେ । ନା, ପାଖରେ କେହି କୁଆଡ଼େ ଦିଶୁନାହାନ୍ତି । ତା' କୋଠରୀର ବନ୍ଦ କବାଟରେ କିଏ

Digitized by srujanika@gmail.com

ଜୋରରେ ବାଡ଼େଇବା ଆରମ୍ଭ କରିଦେଇଛି । ଭଙ୍ଗା ଝରକାଟା ପୂରା ଖୋଲିଦେଇ ତଳକୁ ଡେଇଁପଡ଼ିଲା କୃଷ୍ଣ । ପୋଲିସ୍ ରିଭଲଭରର ଗୁଳି ଶବ୍ଦରେ ଭଙ୍ଗା ଝର୍କାଟା ଜୋରରେ ଥରିଉଠିଲା ।

କୃଷ୍ଣ ଜେଲ୍‌ରେ ! ଏ କଥା କ'ଣ ସତ ? ରେବତୀର ସବୁ ଧୈର୍ଯ୍ୟ ଯେମିତି ଭାଙ୍ଗି ଯାଉଛି । ଇଚ୍ଛା ହେଉଛି ଜୋର୍‌ରେ କାନ୍ଦିପକାନ୍ତା ସେ । ବିଭୁରଞ୍ଜନ ନୀରବ ହୋଇ ଯାଇଛନ୍ତି । ବାରମ୍ବାର ଖବରକ.ଗଜ ଖଣ୍ଡକ ଆମୁଳଚୂଳ ପଢ଼ିବାରେ ଲାଗିଛନ୍ତି ସେ । କୃଷ୍ଣର ନାଁ ପରିଷ୍କାର ପ୍ରକାଶ ପାଇଛି । ସେ ଭଲକରି ଜାଣିଛନ୍ତି । ଆଇ.ଏ. ଦ୍ୱିତୀୟ ବର୍ଷରେ କୃଷ୍ଣ ପଢୁଛି । ଆଉ ସବୁ ଛାତ୍ର ନେତା ଗିରଫ ହୋଇଯିବା ପରେ ସେ ନିଜେ ଧର୍ମଘଟ ପରିଚାଳନା କରୁଥିଲା, କିନ୍ତୁ ସେଇ ଚିଠିଟି ! ଧଳା କାଗଜ ଖଣ୍ଡକ ପୁଣି ଥରେ ଓଲଟାଇ ପଢ଼ି ବସିଲେ ସେ । ଦୃଷ୍ଟି ନିବଦ୍ଧ ହେଲା ସେଇ କେତେ ଧାଡ଼ିରେ, "ଧର୍ମଘଟ ଭୟଙ୍କର ଆକାର ଧାରଣ କରିଛି । ପ୍ରତିଦିନ ବହୁ ଛାତ୍ର ଧରା ହୋଇ ହାଜତକୁ ଯାଉଛନ୍ତି । ଏ ସବୁ ଖବରକାଗଜରୁ ଦେଖି ଆପଣ ଆଦୌ ବ୍ୟସ୍ତ ହେବେ ନାହିଁ । ନାନୀକୁ କହିବେ ସେ କନ୍ଦାକଟା କରିବ ନାହିଁ । ମୁଁ ଠିକ୍ ଅଛି । ମୋ.ର କୌଣସି ଅସୁବିଧା ହେଉନି । ମୁଁ ଯଦି ଧରା ହେବି ତା'ହେଲେ ଆମର ସବୁ ଉଦ୍ୟମ ବିଫଳ ହେବ ।"

କିନ୍ତୁ ଆଜିର ଏ ଖବରକାଗଜ ଦେଖିବା ପରେ ସେ କ'ଣ କୃଷ୍ଣ ଚିଠି ଉପରେ ଭରସା ରଖି ପାରିବେ ? ରେବତୀ ପାନ ଥାଳିଆରେ ଭଙ୍ଗାପାନ ଗୁରିଖଣ୍ଡ ଆଣି ଥୋଇ ଦେଇ ଚୁପ୍‌ଚାପ୍ ଠିଆ ହୋଇଛି । ସନ୍ଧ୍ୟା ହୋଇ ଆସିଲାଣି । ବିଭୁରଞ୍ଜନ ଚିଠି, ଖବରକାଗଜ ସବୁ ସଜାଡ଼ି ଥୋଇଲେ । ଉଠିଲେ ସନ୍ଧ୍ୟା ପ୍ରାର୍ଥନା କରିବାକୁ ।

ରଙ୍ଗଲତା ଚଉରା ପାଖରେ ସନ୍ଧ୍ୟାବତୀ ଥୋଇ ଠାକୁର ଘରେ ଦୀପ ଜାଳି-ଲେଣି । ବିଭୁରଞ୍ଜନ ଆସିଲେ ପ୍ରାର୍ଥନା କରିବେ । ପୁରାଣ ବୋଲା ହେବ । ଠାକୁରଙ୍କୁ ଭୋଗ ଦେଇ ପହଡ଼ ପକେଇ ଦେବେ । ତା'ପରେ ଗୁଲିବେ ଚଉପାଢ଼ୀକୁ । ଗୁକି-ରୀଆକୁ ମନା କରିଛନ୍ତି— ଯେ ଆସିବ, ନାହିଁ କରିଦେବୁ, କହିବୁ ବାବୁଙ୍କ ଦେହ ଭଲ ନାହିଁ । ରେବ ସବୁ ବୁଝୁଛି । ଖବରକାଗଜର ସେଇ ଖବର— ଛାତ୍ରନେତା ଶ୍ରୀ କୃଷ୍ଣଚନ୍ଦ୍ର

Digitized by srujanika@gmail.com

ଦାଶଙ୍କୁ ଗିରଫ କରାଗଲା । ଅନ୍ୟ ମୁହଁରେ ସେଇ ସମ୍ବାଦର ଆଲୋଚନାକୁ ବାପା ଡରୁଛନ୍ତି ।

ବିଭୁରଞ୍ଜନ ଅନ୍ୟ ପ୍ରକାରର । ଗାଁ ଲୋକଙ୍କ ଆଗରେ ନିଜ ପିଲାଙ୍କର ପ୍ରଶଂସା କରିବା ସମୟରେ ସେ ଶତମୁଖ ହୁଅନ୍ତି । ନିଜ ପ୍ରଶଂସା ନିଜ ମୁହଁରେ ଭାରୀ ଅସୁନ୍ଦର ଶୁଣାଯାଏ । କିନ୍ତୁ ବାପାଙ୍କୁ କହିବ କିଏ ? କଲେଜର ପ୍ରତିଭାବାନ ଛାତ୍ର କୃଷ୍ଣ । ଶ୍ରେଣୀର ପ୍ରତିଟି ପରୀକ୍ଷାରେ ସମସ୍ତଙ୍କଠାରୁ ବେଶୀ ନମ୍ବର ପାଏ ସେ । ଇଂରାଜୀ, ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ ସେ ହୁଏ ପ୍ରଥମ । ବିଭୁରଞ୍ଜନଙ୍କ ମୁହଁରୁ ଏ କଥା ଶୁଣି ଅସହଣି ଲୋକେ ଦୀର୍ଘଶ୍ୱାସ ପକାନ୍ତି । କାହା ପିଲା ଦୁଇବର୍ଷ ଫେଲ ହୋଇ ଗାଁ ସ୍କୁଲର ସେଇ ଗୋଟାଏ କ୍ଲାସରେ ପଢ଼ିଛି, ଅଥଚ ବାବୁଘର ପିଲା ଯାଇ କେଉଁଠି ଉଠିଲେଣି– କୁମୁଦ ଶୁଣି ଆସି କହିଲା ରେବତୀ ଆଗରେ । ଅନ୍ୟ କଥା ହୋଇଥିଲେ ରେବତୀ ମିଛ ବୋଲି ଭାବି ଥାଆନ୍ତା, ମାତ୍ର ଚଉପାଢ଼ୀରେ ବସି ଦେଶ ବିଦେଶର ଗପ ଶୁଣି ପୁଣି ନିଜ କଥା ଶୁଣେଇବାକୁ ଆସୁଥିବା ଲୋକମାନେ ବେଳେ ବେଳେ ଏମିତି ବି ଗପନ୍ତି । କିନ୍ତୁ ଏ ଦୁର୍ଦ୍ଦିନରେ ସେମାନେ ପହଞ୍ଚିଲେ, ଖବରକାଗଜଟିର ଏଇ ଧର୍ମଘଟ ସମ୍ବାଦଟି ବିଷୟରେ ଏଭଳି ତର୍ଜମା ଆରମ୍ଭ କରିଦେବେ ଯେ ଏ ଘର ଲୋକଙ୍କର ମନ ବୋଲି ଯେ କିଛି ଅଛି, ତା' ସେମାନେ ଭୁଲିଯିବେ ।

ଦାଣ୍ଡ କବାଟ ଖୋଲା ରଖି ଚଉପାଢ଼ୀରେ ଲଣ୍ଠନ ଜାଳି ଦେଇଛି ଗ୍ରକିରୀଆ । ରେବତୀ ତାକୁ ବାରମ୍ବାର ତାଗିଦ୍ କରିଛି, "ଯେ ଆସିଲେ ଫେରିଯିବାକୁ କହିବୁ ।"

ପୂଝାରୀ ଚୂଲି ପାଖରେ ବସି ଚକୁଳି ପିଠା କରୁଛି । ଆହୁତି ରଙ୍ଗଲତାଙ୍କୁ ବଳେଇ ବଳେଇ ଖୁଆଉଛି । ଘରେ ଆଉ କି କାମଟା ଅଛି ଯେ ରେବତୀ ବସି ସେଥିରେ ଧ୍ୟାନ ଦେବ ? ମନ ଲାଗୁନି କାମରେ । ଶୀତ ପଡ଼ିଲାଣି । ଆରଥର କଟକରୁ ଆସିବା ବେଳେ କୃଷ୍ଣ ଆଣିଥିଲା ଦାମୀ ଶାଲ୍ ଦୁଇଖଣ୍ଡ । ଖଣ୍ଡେ ରଙ୍ଗଲତାଙ୍କର, ଆରଖଣ୍ଡକ ରେବତୀର ।

ଢେଙ୍କେମା' ସଞ୍ଚିଦେଇଛି ତା' ଶାଲ୍‌ଟି । ରେବତୀ କିନ୍ତୁ ଦେହରେ ପକେଇଛି ନିଜ ଖଣ୍ଡକ । "ବୁଢ଼ୀର କି ଲୋଭ !" ରେବତୀ ହସି ପକେଇଲା । ରତିହେଲେ ରେବତୀ ମନରେ ଅସନ୍ତୋଷ ଭରି ହୋଇଯାଏ । ହାତରେ କିଛି କାମ ନାହିଁ । ଭାଇ ଦୁଇଟି ବାହାରକୁ ଖେଳିଗଲେ । ଆହୁତିଟା ଭାରି ଚୁପ୍‌ଚାପ୍ । ସ୍କୁଲ ନ ଗଲେ କ'ଣ ହେବ, ବହି-ଖାତା ଘାଣ୍ଟି ଗତି ଅଧଯାଏ କ'ଣ ପଢ଼ାଲେଖା କରେ । ସନ୍ଧ୍ୟା ହେଲେ ରଙ୍ଗଲତା

Digitized by srujanika@gmail.com

ଅଫିମ ଖାଇ ବସି ଢୁଳାନ୍ତି । ରେବତୀ ? କେତେ ବସି ପୁରାଣ ପଢ଼ିବ ? ସେକାମ ସରିଲେ ସେ ନିଷର୍ମା ହୋଇଯାଏ ।

ଦିନଯାକ ବାଡ଼ିବଗିଚ୍ଚା, ଗାଈଗୋରୁ, ଘରକାମ ତଦାରଖ କରିବାରେ କଟି ଯାଉଛି । ଆଉ ରତିଟା... !

"ନାନୀ, ଏଠି ଅନ୍ଧାରରେ ବସିଛୁ ।"......"କୃଷ୍ଣ..." ରେବତୀର କଣ୍ଠରୁଦ୍ଧ ହେଲା । ସେପାଖ ଖଟରୁ ଉଠି ଆସିଲେ ବିଭୁରଞ୍ଜନ । ଆହୁତି ପାଠ ପାଖରୁ ଦୌଡ଼ି ଆସିଲା ।

କୃଷ୍ଣର ମୁହଁ ଶୁଖିଲା ଦେଖା ଯାଉଛି । ସେ କିନ୍ତୁ ହସୁଛି । ସତେ ଯେମିତି ସେ ଜଣେଇ ଦେବାକୁ ଚାହୁଁଛି ଯେ ତା'ର କିଛି ହୋଇନି ।

"ଯା, ଗୋଡ଼ହାତ ଧୋଇ ଏ ଲୁଗା ବଦଳି ପକା । ଆଲୋ କୁମୁଦ, ପୁଅକୁ ତଉଲିଆଟା ଆଣି ଦେ । ତା' ବିଛଣା ପକା । ମୋ କମଳଟା ଖଟରେ ରଖିଦେଇ ରେଜେଇଟା ତାକୁ ଦେ । ସେ କମଳ ଘୋଡ଼ି ହେବାକୁ ଭଲ ପାଏନି ।"

ବାପାଙ୍କର ଏକାବେଳକେ ଏତେଗୁଡ଼ାଏ କଥା ଶୁଣି କୃଷ୍ଣ ନୀରବ ହୋଇ-ଗଲା । ସେ ଆଉ କିଛି କଥା ନ କହି ସିଧା କୂଅମୁଳକୁ ଉଠିଗଲା ଗୋଡ଼ହାତ ଧୋଇ-ବାକୁ । ସତରେ ତାକୁ କି ଭୋକ !

ପୂଝାରୀ ଭାତ ବସେଇଛି । ସେପାଖରେ କରେଇରେ ଫୁଟୁଛି କୋବି ତର-କାରୀ । ନିଜେ ବିଭୁରଞ୍ଜନ ରୋଷେଇଘର ଦୁଆର ମୁହଁରେ ଠିଆ ହୋଇ ରହିଛନ୍ତି ।

"ଅରୁଆ ଭାତ ହେବାକୁ ଏତେ ସମୟ କ'ଣ ଲାଗୁଛି ?" ପୂଝାରୀ ବାଧ୍ୟରେ କହିଲା, "ତେଣେ ଜାଗା କରୁ କରୁ ହୋଇଯିବ ଯେ । ଯାଉଚି ବାଢ଼ିଦେବି ।

ବହୁତ ଦିନ ପରେ ରେବନାନୀ ହାତର ଗରମ ଗରମ କୋବି ତରକାରୀ, ବାଇଗଣ ଭଜା, ଭାତରେ ଘର ତିଆରି ଗୁଆ ଘିଅର ବାସ୍ନା, ତୃପ୍ତିରେ ଖାଇ ବସିଛି କୃଷ୍ଣ ।

ବିଭୁରଞ୍ଜନ କହୁଛନ୍ତି, "ବଡ଼ି ଦିଟା ଭାଜି ଚୁରିଦେ, ରେବ ।"

"ନାଇଁ ବାପା, ତରକାରୀ ଭଲ ହେଇଛି । ମୋର କିଛି ଦରକାର ନାହିଁ ।"

ଯେମିତି ଭୋକରେ କଟକରୁ ଚାଲି ଆସିଥିଲା ସେ ! ସେକଥା ଜାଣିଲେ ବାପା, ରେବନାନୀ କେତେ ମନ କଷ୍ଟ କରିବେ !

Digitized by srujanika@gmail.com

ଖାଇବାକୁ ବେଳ କାହିଁ ? ବସ୍‌ଷ୍ଟାଣ୍ଡକୁ ଦୌଡ଼ି ଶୀଘ୍ର ବସ୍ ଧରି ଚାଲି ଆସିଲା ସେ ।

"ଆମେ ତ ବଡ଼ ଚିନ୍ତାରେ ଥିଲୁ । ତୁ ସେ ଗଣ୍ଡଗୋଳରେ କାହିଁକି ମାତିଲୁ ବାବୁ ? ପାଠ ପଢିଲେ କାଲି ସକାଳେ ହାକିମ ହେଇ ବସିବୁ । ଏସବୁରେ କେତେ-ବେଳେ କୋଉ କଥା । ଇଂରେଜୀ ସରକାର ଥିବା ବେଳେ କିଛି ଶୁଣା ନ ଥିଲା । ଦେଖ୍, ଦେଶ ସ୍ୱାଧୀନ ହେବାରୁ ଏ ସବୁ ଅସୁବିଧା ।"

ବାପାଙ୍କ କଥାରେ କିଛି ଉତ୍ତର ଦେଇପାରିଲନି କୃଷ୍ଣ । ସ୍ୱାଧୀନତା ଆମର ଦରକାର ନଥିଲା, ବାପାଙ୍କ ଭଳି ଲୋକ ଯଦି ଏକଥା କହନ୍ତି ସେ କ'ଣ ବୁଝେଇବ ? କିନ୍ତୁ ଏମିତି ଏକ ବିଷୟବସ୍ତୁ ନେଇ ବକ୍ତୃତା ପ୍ରତିଯୋଗିତାରେ ଠିଆ ହେବାରେ ମଜା ଅଛି ।

"ବୁଝିଲୁ ରେବନାନୀ, ମୁଁ ତ ଆଦୌ ଧରପଡ଼ି ନ ଥାନ୍ତି । ମୋତେ ପରା ଧରେଇ ଦେଲେ ଆମ କଲେଜର ଜଣେ ଅଧ୍ୟାପକ ।"

"ସେ ମଣିଷ ନା କ'ଣ ମ ?" "ହଁ ମଣିଷ ଯେ ହେଲେ ମୋ ଉପରେ ତାଙ୍କର ଘରୀ ରାଗ ।"

"ତୁ କ'ଣ କଲୁକି ତାଙ୍କର ?"

"ଆମ ସାଙ୍ଗରେ ପଢୁଥିବା ଜଣେ ଝିଅକୁ ସେ ହଇରାଣ କରିବାକୁ ଚେଷ୍ଟା କରୁଥିଲେ । ଆମେ କେତେଜଣ ତାଙ୍କ ପାଖକୁ ଯାଇ ସିଧା କହିଲୁ, 'ସାର୍, ଏସବୁ ଭଲକଥା ନୁହେଁ । ଆପଣ ଅନୀତାକୁ କ'ଣ କହିଲେ ? ସେ କାହିଁକି କାନ୍ଦୁଛି ?' ଅନୀତା ଆଗରୁ ଆମକୁ ସବୁକଥା କହିଦେଇ ଥିଲା । ବହୁତ ଝିଅଙ୍କୁ ହଇରାଣ କରିବାର ସାର୍ଟି-ଫିକେଟ୍ ତାଙ୍କର ଅଛି ।"

"ବାଡ଼େଇବା କଥା ଯଦି ସେଇଦିନ ତୁମକୁ ବାଡ଼େଇଲେନି । ଏମିତି ପୋଲିସକୁ କିଏ ଧରେଇ ଦିଏ ?"

"ଆମକୁ ବାଡ଼େଇବେ ! ସେ ଯୁଗ ଚାଲିଗଲାଣି, ରେବନାନୀ । ତାଙ୍କୁ ବଦ-ନାମ କରିବାକୁ ଲାଗିଥିଲେ ସେଇ ସତକଥା ସବୁ ଆମେ କଲେଜ ସାରା ରଷ୍ଟକରି ଦେଇ ଥାଆନ୍ତୁ । ଛାଡ଼, ଛାଡ଼; ସେତେବେଳେ ତ ଚୁପ୍ କରିଗଲେ । ସେଦିନ କେତେ କଷ୍ଟରେ ଲୁଚି ଲୁଚି ଆସି ମୁଁ ହୋଟେଲରେ ଭାତ ଖାଇବାକୁ ବସିଛି, ଠିକ୍ ଏତିକି ବେଳେ ଦେଖିବା ବେଳକୁ ଦୂରରେ ଠିଆହୋଇ ସେ ପୋଲିସକୁ ନିର୍ଦ୍ଦେଶ ଦେଉଛନ୍ତି

Digitized by srujanika@gmail.com

ମୋ ଆଡ଼କୁ ହାତ ଦେଖାଇ । ମୋ ହାତରୁ ଉଟଗୁଣ୍ଡା ଖସିପଡ଼ିଲା । ସେ ମୋତେ ଚାହିଁ ହସୁଥିଲେ ପ୍ରତିଶୋଧ ନେଇ ପାରିଥିବାର ଗର୍ବରେ ।”

“କିନ୍ତୁ ଏବେ ଆଉ କ’ଣ ହବ ?” ରେବତୀ ଆଖିରୁ ନିଦ ଛାଡ଼ି ଯାଇଥିଲା । ସେ ଆଶ୍ଚର୍ଯ୍ୟରେ ଚାହିଁ ରହିଥିଲା କୃଷ୍ଣଆଡ଼େ ।

“କିଛି ହବନି । ବୁଝିଲୁ, ଧର୍ମଘଟ ଭାଙ୍ଗିଗଲା । ସରକାର ଆମ କଥା ମାନିନେଲେ ।”

“ବାଃ ଏତେ ସହଜରେ ।”

“ସହଜରେ ? ଆଉ କ’ଣ ହୋଇ ଥାଆନ୍ତା ? ତୁ କାଲି ସକାଳେ ଖବର-କାଗଜ ପଢ଼ିବୁ । ଆମ କଲେଜର ପ୍ରଥମବର୍ଷରେ ପଢ଼ୁଥିବା ସୁକାନ୍ତ ପୋଲିସ ଗୁଳି-ମାଡ଼ରେ ମରି ଶହୀଦ ହୋଇଛି ।”

“ଆହା ପିଲାଟି ମରିଗଲା ?” ଆଶ୍ଚର୍ଯ୍ୟରେ ରେବର ଆଖି ବଡ଼ ବଡ଼ ହୋଇ-ଯାଇଛି ।

“ଆଛା ରେବନାନୀ, ସେଦିନ ଯଦି ମୁଁ ସେଇ ଗୁଳି ମାଡ଼ରେ...... ?”

“ହେ ଚୁପ୍‌କର । ଯା ଶୋଇବୁ ।”

“ଦିନେ ପୋଲିସ ଗୁଳି ଠିକ୍ ମୋ ଗୋଡ଼ ପାଖ ଦେଇ ଗ୍ଲାଇଗଲା ।”

“ଓଃ... ମୋର ଶୁଣିବାକୁ ଇଛା ନାହିଁ ।” ଭାଇ ଭଉଣୀ ବହୁତ ରାତିଯାଏ ଗପି ଗପି ଶୋଇବାକୁ ଗଲେ ।

ଘରେ କିଛିଦିନ ବିତାଇ କୃଷ୍ଣ ଫେରିଛି ହଷ୍ଟେଲ । ଝଡ଼ ଛାଡ଼ିଯିବା ପରେ ସବୁ ଯେମିତି ଶାନ୍ତ ଅଥଚ ବିଧ୍ୱସ୍ତ । ଏଥର ପଢ଼ାପଢ଼ିର ଚାପ ବହୁତ ପଡ଼ିବ, ଏଥିରେ ସନ୍ଦେହ ନାହିଁ । ଅନେକ ଦିନ ନଷ୍ଟ ହୋଇଛି । କୃଷ୍ଣ ଶାନ୍ତଭାବରେ ବସି ପରୀକ୍ଷା ପାଇଁ ସମୟ ଓ ପାଠର ଗୋଟିଏ ରୁଟିନ୍ ପ୍ରସ୍ତୁତ କରିବାରେ ଲାଗିଗଲା । ଗତ ରାତିରେ ଲାଇବ୍ରେରୀରେ ବସି ପଢିବାବେଳେ ସେ ସମୟ ଭୁଲିଯାଇଥିଲା । ଲାଇବ୍ରେରୀୟାନ ଯଦି ହଠାତ୍ ଡାକି ନଥାନ୍ତେ ସେ ଆଦୌ ଉଠି ନଥାନ୍ତା । ପଢିବାର ନିଶା ଘାରିଛି ତାକୁ । ପରୀକ୍ଷା ଅଳ୍ପଦିନ ରହିଲା ।

ସେଦିନ ପ୍ରିନ୍‌ସପାଲ୍ ତାକୁ ଡକେଇ ଯେଉଁ ଖବର ଦେଲେ, ଛାତ୍ରନେତା କୃଷ୍ଣର ତୁଣ୍ଡରୁ କଥା ବାହାରି ନ ଥିଲା । ତାକୁ ଶାସ୍ତି ଦେବାପାଇଁ ବିଶ୍ୱବିଦ୍ୟାଳୟ

Digitized by srujanika@gmail.com

ନିଷଭି ନେଇଛି । ଏବର୍ଷ ସେ ଆଇ.ଏ. ପରୀକ୍ଷା ଦେଇପାରିବନି । ଏଥିପାଇଁ ତାକୁ ଆଉ ବର୍ଷଟିଏ ଅପେକ୍ଷା କରିବାକୁ ହେବ । ସବୁକଥା ଯେପରି ସହଜ ବୋଲି ସେ ଭାବୁଥିଲା, ତା' ନୁହେଁ ।

କୃଷ୍ଣର ଚିନ୍ତାର ସୀମା ନାହିଁ । ସେ ଘରକୁ ଯାଇପାରୁନି । ପୁଣି ଭାବୁଛି, ଏ ଖବର ବାପା, ରେବନାନୀକୁ ଜଣାଇ ସେମାନଙ୍କ ଚିନ୍ତା ବଢ଼େଇବାର ବା କ'ଣ ଦରକାର ?

ସେଦିନ ସନ୍ଧ୍ୟାରେ ହଷ୍ଟେଲର ଅଳ୍ପ ଦୂରରେ ରହି ରେଖା ତାକୁ ଡକେଇ ପଠେଇଲା ହଷ୍ଟେଲର ଜଣେ ପିଅନ୍ ହାତରେ । ଦିନ ସାରା ତା' ମନ ତ ଆଦୌ ଠିକ୍ ନ ଥିଲା । ରେଖାର ଏମିତି ଡକେଇବାଟା ସେ ଆଦୌ ପସନ୍ଦ କରୁ ନ ଥିଲେ ବି ବାଧ୍ୟରେ ରାସ୍ତାକୁ ଆସି ଅଳ୍ପ କିଛିଦୂର ପର୍ଯ୍ୟନ୍ତ ଚାଲିବାରେ ଲାଗିଲା । ପଛରୁ ରେଖାର ଡାକ ଶୁଣାଗଲା, "କୃଷ୍ଣ" । କୃଷ୍ଣ ପଛକୁ ଚାହିଁ ଦେଖେ ତ ସେଇ ଅନ୍ଧାରଟାରେ ଠିଆହୋଇଛି ରେଖା ।

"ଆରେ ତୁମେ ! ଏ ଅନ୍ଧାରଟାରେ ଘରୁ କାହିଁକି ଆସିଲ ?" ରେଖା ନିରୁତ୍ତର । କୃଷ୍ଣ ଜାଣିପାରିଲା, ସେ ଆଖିରୁ ଲୁହ ଝରଉଛି ।

"କ'ଣ ହୋଇଛି ? କୁହ ?" ହଠାତ୍ କୃଷ୍ଣର ମନେହେଲା, ରେଖାକୁ କଲେଜରେ କିଏ ବୋଧହୁଏ ଅପମାନିତ କରିଛି ।

ରୁମାଲରେ ଆଖି ପୋଛିଦେଇ ରେଖା କହିଲା, "ନା– କିଛି ନାହିଁ ।"

"ତେବେ ?"

"ଆମେ ଚାଲିଯାଉଛୁ, କୃଷ୍ଣ । ବାପାଙ୍କର ଗୌହାଟୀ ବଦଳି ହୋଇଯାଇଛି ।"

"ଓଃ, ତେବେ ତ ତୁମର ପଢ଼ାପଢ଼ି ବିଶେଷକରି ପରୀକ୍ଷା ବେଳେ...... ।"

"ତୁମେ ଅନେକ ଦିନଧରି କେଉଁଠି ଥିଲ ? ମୁଁ କେତେଥର ଆସି ଫେରିଯାଇଛି ।"

"ମୁଁ ଗାଁକୁ ଯାଇଥିଲି । ଏଇ ତ ଦିନକ ପୂର୍ବରୁ ଫେରିଛି । କାହିଁକି ଖୋଜୁଥିଲ ଯେ ?" ରେଖା ନୀରବ । "କିଛି କୁହ, ନଚେତ୍ ମୁଁ ଯାଉଛି ।"

"ତୁମକୁ ଛାଡ଼ି ଏତେ ଦୂରକୁ ଯିବାକୁ ମୋର ଆଦୌ ଇଚ୍ଛା ନାହିଁ ।"

କୃଷ୍ଣ ମନରେ ଏକ ଅଜଣା ଶିହରଣ ! କୈଶୋରର ଶେଷପ୍ରାନ୍ତରେ ପହଞ୍ଚି ହଠାତ୍ ସେ ଅନୁଭବ କରିଛି ପୃଥିବୀର ରୂପ ରଙ୍ଗ ବଦଳି ଯାଉଛି ।

Digitized by srujanika@gmail.com

କେତେ ସମୟ ଏମିତି ନୀରବରେ କଟିଗଲା ଦୁହିଁଙ୍କର । ରେଖା ଶେଷରେ ମୁହଁ ଖୋଲିଲା ପ୍ରଥମେ । "ମୁଁ ଜାଣେ, ତୁମେ ମୋତେ ଭୁଲିଯିବ ।"

"ରାସ୍ତାରେ ଦଳେ ଛାତ୍ର ଆସୁଛନ୍ତି ବୋଧହୁଏ । ଏମିତି ଭାବରେ ଏଠି ଠିଆ-ହେବା ଭଲ ଦିଶୁନି । ମୁଁ ଯାଏ, ରେଖା । ଚେଷ୍ଟା କରିବି କାଲି ଯିବାକୁ ତୁମ ଘରକୁ ।"

ରେଖା ନୀରବରେ ଚାଲିଯାଇଛି । ବିରକ୍ତିରେ ହଷ୍ଟେଲକୁ ଫେରିଛି କୃଷ୍ଣ । ଝିଅଟା କି ଅଦ୍ଭୁତ । ନା— ସେ ଆଦୌ ମନ ବିଚଳିତ କରିବନି । ଗାଧୁଆଘରେ ଗୋଡ଼ହାତ ଧୋଇଆସି ବହି ଥାକରୁ 'ଗୀତା' ଖଣ୍ଡିଏ ନେଇଆସି ପଢ଼ିବସିଲା କୃଷ୍ଣ ।

ଘରୁ ଆସିବା ଦିନ ରେବନାନୀ ଗୀତାଟିକୁ ରଖି ଦେଇଥିଲା ତା' ବ୍ୟାଗ୍ ଭିତରେ । ସବୁଦିନ ସନ୍ଧ୍ୟାରେ ପାଠ ଆରମ୍ଭ ପୂର୍ବରୁ ଅଳ୍ପସମୟ ଗୀତାପାଠ ଓ ପ୍ରାର୍ଥନା ପରେ ସ୍ଥିର ଚିତ୍ତରେ ସେ ପାଠପଢ଼ି ବସେ ।

ରେଖା ଚାଲି ଯାଇଛି । ମାତ୍ର ଦୁଇ ଚାରିଦିନ ମଧ୍ୟରେ ସେ ଚାଲିଯିବ, ଏକଥା କ'ଣ ଭାବିଥିଲା କୃଷ୍ଣ ? ମନେପଡୁଛି ସେଦିନ ସନ୍ଧ୍ୟା । ରେଖା କିଛି କଥା ମନ ଖୋଲି ନ କହିଲେ ବି ସେଇ ଅଳ୍ପ କଥାରେ ସେ ଜଣେଇ ଦେଇଥିଲା ଯେ ସେ ତାକୁ ଭଲ ପାଏ । କୃଷ୍ଣର ମନ ଅକାରଣେ କରୁଣ ହେଇଗଲା ? ଗୋଟାଏ ସୌଖୀନ୍, ଆଳସ୍ୟ-ମୟ ଜୀବନରେ ଏଇ ପ୍ରେମ, ଭଲ ପାଇବା ନେଇ ଯଥେଷ୍ଟ ସମୟ ବିତାଇ ହୁଏ । କିନ୍ତୁ ସେ ଯେଉଁ ମାନସିକ ଅସ୍ଥିରତା ମଧ୍ୟରେ ଅଛି, ସେଥିରେ ପୁଣି ପ୍ରେମ ! କୃଷ୍ଣର ହସିବାକୁ ଇଚ୍ଛା ହେଲା । ରେଖାର କୌଣସି ସମସ୍ୟା ନାହିଁ । ଖୁବ୍ ଭଲ ପଢୁ ନ ଥିବାରୁ ପାଠରେ ପ୍ରତିଯୋଗିତା କରିବା ପାଇଁ ଅଯଥା ପରିଶ୍ରମ ସପକ୍ଷରେ ସେ ନୁହେଁ । ସହରର ଅତ୍ୟାଧୁନିକ ଆଭିଜାତ୍ୟସମ୍ପନ୍ନ ପରିବାରର ସୁନ୍ଦରୀ ଅଲିଅଳୀ କନ୍ୟା ରେଖା । ଜୀବନ ବିଷୟରେ ସେ କ'ଣ ବା ଜାଣିଛି ? ସେ କ'ଣ ଜାଣିଛି କୃଷ୍ଣର ଜୀବନ କେତେ ସଂଘର୍ଷମୟ ? ଏସବୁ ମଧ୍ୟରେ ଭଲ ପାଇବାର ସ୍ୱପ୍ନ ଦେଖୁ ଦେଖୁ ହୁଏତ ଦିନେ ସେ ନିଃସ୍ୱ, ବେକାର ହୋଇ ରାସ୍ତାରେ ବୁଲିବା ସାର ହେବ । ନିଜ ଦୀର୍ଘଶ୍ୱାସର ସ୍ୱର ଶୁଣି ସେ ଚମକି ପଡ଼ିଲା । "ରେଖା, ମୁଁ ତୁମକୁ ଭଲପାଏ । କିନ୍ତୁ ଏ ଭଲ ପାଇବାର ମୂଲ୍ୟ ଦେବାକୁ ହେଲେ ତୁମକୁ ଅପେକ୍ଷା କରିବାକୁ ପଡ଼ିବ ସେଇ-ଦିନ ପର୍ଯ୍ୟନ୍ତ— ମୁଁ ପ୍ରତିଷ୍ଠିତ ହେବା ଯାଏ । ତୁମେ ପାରିବ ତ ?"

Digitized by srujanika@gmail.com

କିନ୍ତୁ ରେଖା କାହିଁ ? ସେ ତ ଚାଲି ଯାଇଛି ବୋଲି ବିନୟ ତାକୁ ଖବର ଦେଲା । ରେଖା...... ମୋ ବହି ସବୁ ? ଇସ୍, ସତେ ତ ? ମୋର ଦୁଇଟି ବାକ୍-ସରେ ଥିବା ମୂଲ୍ୟବାନ ବହି ଏ ପର୍ଯ୍ୟନ୍ତ ଫେରାଇଲା ନାହିଁ ସେ ।

କୃଷ୍ଣ ଟେବୁଲ୍ ପାଖରେ ମୁଣ୍ଡ ପୋତି ବସି ରହିଛି । ରବିବାର ସକାଳ । କଲେଜ ନାହିଁ । ଗତ ସନ୍ଧ୍ୟାରେ ବିନୟ ଆସି କହୁଥିଲା, "ରେଖା ଗୌହାଟୀ ଚାଲି ଯାଉଛି । ଆଉ ଦୁଇଘଣ୍ଟା ପରେ ଟ୍ରେନ୍, ତୁ ଷ୍ଟେସନ ଯିବୁନି ?" କୃଷ୍ଣ ଉଦାସୀନ ମନରେ ଉତ୍ତର ଦେଲା, "ମୋ ଦେହ ଭଲ ଲାଗୁନି ।"

ସେ ତେବେ ଚାଲି ଯାଇଛି ! କୃଷ୍ଣ ରୁମ୍ ବନ୍ଦ କରି ତଳକୁ ବାହାରି ଗଲା । ସାଇକେଲ ଖଣ୍ଡିଏ ଧରି ବାହାରିଲା ରେଖାର ଜଣେ ଦୂରସମ୍ପର୍କୀୟା ଭଉଣୀଙ୍କ ଘରକୁ । କଲେଜ ପାଖରେ ତାଙ୍କ ଘର ହୋଇଥିବାରୁ କେତେଥର ରେଖା ସେଠାକୁ ଡାକି ନେଇଛି ତାକୁ ଏମିତି ଖୁସିରେ ବସି ଗପସପ କରିବାକୁ କିମ୍ବା କିଛି ଭଲ ଜଳ-ଖିଆ ଖାଇବାର ବ୍ୟବସ୍ଥା ଥିଲେ ରେଖା ବାଧ୍ୟ କରି ତା'ର ସାଙ୍ଗ ଦଳକୁ ଡାକିନିଏ । ହୁଏତ ବହି ବାକ୍ସ ସେଇଠି ରଖିଦେଇ ତାକୁ ଖବର ଦେବାକୁ କହିଥାଇ ପାରେ ।

ନା– ସେଠାରେ ବି ଦେଇ ଯାଇନି । ରେଖାର ଘନିଷ୍ଠ ସାଙ୍ଗ ଉମା, ଉର୍ବଶୀ, ସଂଘମିତ୍ରା ସମସ୍ତେ ନାହିଁ କଲେ । ଆଶ୍ଚର୍ଯ୍ୟ ବି ହେଲେ ରେଖାର ବ୍ୟବହାରରେ ।

ଦିନ ସାଢ଼େ ଗୋଟାଏ ବାଜିଲା । କୃଷ୍ଣର ଗାଧୋଇବା ହେଲା ନାହିଁ । କିଛି ବି ଖାଇନି ସକାଳୁ, ବହି ଖୋଜିବାର ନିଶା ଲାଗିଛି । ମ୍ୟାଟ୍ରିକ୍ ପଢ଼ିବା ସମୟରୁ ରେବନାନୀ ପଠେଇଥିବା ପଇସାରୁ ବଞ୍ଚେଇ ରଖି ବହି କିଣି ପଢ଼ିବା ତା'ର ଅଭ୍ୟାସ ହୋଇ ଯାଇଛି । ନିଜର ସମସ୍ତ ବୃତ୍ତି ଟଙ୍କା ଏହି ବହି କିଣିବାରେ ସାରିଛି । ସବୁ ଜାଣେ ରେବନାନୀ । ବହି ବାକ୍ସର ସବୁ ବହିକୁ ଖଣ୍ଡ ଖଣ୍ଡ କରି ପୋଛି ଝାଡ଼ି ରଖିଛି ସେ କେତେଥର । "ଆହୁରି ପଢ଼, ପଢ଼ିଲେ ଜ୍ଞାନୀ ମାନୀ ହବୁ । କେତେ ପଇସା କିଏ ବିଡ଼ି, ସିଗାରେଟ, ପାନରେ ଖର୍ଚ୍ଚ କରୁଛି । ତୁ ଆମର ଏଇ ଯାହା କରୁଛୁ ଭଲ । ଦରକାର ପଡ଼ିଲେ ମତେ ଲେଖିବୁ ଟଙ୍କା ପଠେଇବି ।"

କୃଷ୍ଣ କାନ୍ଦ କାନ୍ଦ ହେଲା । ରେବନାନୀ କଥା ଭାରୀ ମନେ ପଡ଼ୁଛି । କେତେ ଖୁସି ହୁଏ ସେ କୃଷ୍ଣର ବହି ପଢ଼ିବା ଦେଖିଲେ ! ଅଥଚ ଆଜି ସେ ନିଃସ୍ୱ ହୋଇଗଲା । ରେଖା ତା'ର ଠିକଣା ଛାଡ଼ି ଯାଇନି । କେହି ତା'ର ଠିକଣା ଜାଣନ୍ତି ନାହିଁ । ଇସ୍, ରେଖା କ'ଣ ? କିଭଳି ଝିଅ ସେ ? ମଣିଷ ବୋଧହୁଏ ଯାହା ଜଣାପଡ଼େ ଭିତରଟା

Digitized by srujanika@gmail.com

ତା'ର ଠିକ୍ ସେଇୟା ନୁହେଁ । ପ୍ରେମ... ଭଲ ପାଇବା... କ'ଣ ତା'ର ଅର୍ଥ ବୁଝେ ରେଖା ?

ଦୁଃଖ, ଅଶାନ୍ତିରେ ବିଛଣାରେ ପଡ଼ିରହିଲା କୃଷ୍ଣ । ନା-- ଆଜି ସେ ଖାଇବ ନାହିଁ । ଗାଧୋଇବ ନାହିଁ । ଏଇଠି ଏମିତି ପଡ଼ିରହିବ ।

ବିନୟ ଯାଇଛି ଘରକୁ । ରବିବାରରେ ନ ଫେରି ଫେରିବ ସୋମବାର ସକାଳୁ । କୃଷ୍ଣକୁ ବୁଝେଇ କହିବାକୁ କେହି ନାହିଁ । ବିଛଣାରେ ମୁହଁମାଡ଼ି ପଡ଼ି ରହିଲା ସେ ଏମିତି ଅନେକ ସମୟ ପର୍ଯ୍ୟନ୍ତ । ଜେଜେବାପା, ବୋଉ, ରେବନାନୀର ବର ସମସ୍ତେ ଚାଲିଗଲେ । ସେ କିଛିଦିନ ଖୁବ୍ ମନକଷ୍ଟ କରିଛି । କିନ୍ତୁ ଆଜିର ଏ ଯନ୍ତ୍ରଣା ସତେ ଯେମିତି ଜୀବନ ସାରା ତାକୁ ଦଗ୍ଧ କରୁଥିବ ।

ମାନନୀୟା ନାନୀ,

ପ୍ରଣାମ ଗ୍ରହଣ କରିବେ । ମୁଁ କୃଷ୍ଣର ସାଙ୍ଗ ବିନୟ । ତା' ସହ ହଷ୍ଟେଲରେ ଏକା ରୁମ୍‌ରେ ରହେ । ଆପଣଙ୍କ ସଙ୍ଗେ ମୋର ପରିଚୟ ନ ହୋଇଥିଲେ ମଧ୍ୟ କୃଷ୍ଣ-ଠାରୁ ଆପଣଙ୍କ କଥା ମୁଁ ବହୁତ ଶୁଣିଛି । ଆଜି ଆପଣଙ୍କୁ ବାଧ୍ୟରେ ଲେଖିବାକୁ ହେଲା । କୃଷ୍ଣର ଦେହ ଭଲ ନାହିଁ । ସେ କାହାର କଥା ଶୁଣୁନି । ଔଷଧ ଖାଉନି କିମ୍ବା କିଛି ଖାଇବାକୁ ବି ରାଜି ହେଉନାହିଁ । ଆପଣ ଯାହା ଭଲ ମନେ କରିବେ । ଏମିତି ନ ଖାଇ ରହିଲେ ତା' ଅବସ୍ଥା କ'ଣ ହେବ... ।

ଚିଠି ପଢ଼ି ରେବତୀ ପଥର ପାଲଟିଛି । ତା' ପାଟିରେ କଥା ନାହିଁ । ମନରେ କେତେ ଅମଙ୍ଗଳକଥା ପାପ ଛୁଉଁଛି । ମୋ କୃଷ୍ଣ... ଟୁନା... କେତେ କଷ୍ଟରେ ତୁମକୁ ଏଡ଼େଟୁ ଏଡ଼େକଲି, ମୋରି ପାଖରେ ଛାଡ଼ିଦେଇ ବୋଉ ଚାଲିଗଲା-- ବାରମ୍ବାର ଆଖିରେ ପାଣି ଚାଲିଆସୁଛି ରେବତୀର ।

ଘରେ ବାପା ନାହାନ୍ତି । ମହାଜନୀ ଟଙ୍କା ଏଯାଏ ଆଦାୟ ହୋଇପାରୁନି ବୋଲି ସେ ଯାଇଛନ୍ତି କଲିକତା । ବାପା ଥିଲେ ନିଜେ ଯାଇଥାଆନ୍ତେ । ତାଙ୍କୁ ଲେଖିବାକୁ ପଡ଼ି ନ ଥାନ୍ତା । ସେ ଏଠି ମନକଷ୍ଟରେ ରହିଥାଆନ୍ତା ।

Digitized by srujanika@gmail.com

ରେବତୀ ଲୁଗା ଦି'ଖଣ୍ଡ ସଜ଼ାଡ଼ି ଦିନରୁ ଦିନରୁ ବାହାରି ପଡ଼ିଲା କଟକ । ବସ୍ ଗୁଲିଛି । ଅସୁବିଧା କ'ଣ ? "କୃଷ୍ଣ ଦେହ ଭଲ ନାହିଁ, ଜର ଟିକେ ହୋଇଛି, ମୋ ମନ ମାନୁନି । ବୁଝିଲୁ ଜେଜେମା, ସାବଧାନରେ ଚଳିବ । ମୁଁ ଯାଉଛି, ବସ୍ ବେଳ ହେଲଣି ।" ସାଙ୍ଗରେ ବସ୍‌ଯାଏ ଗୁକିରୀଆକୁ ନେଇଯିବାକୁ ଖୋଜିବସିଲା ରେବତୀ ।

"କୃଷ୍ଣ... କୃଷ୍ଣ... ଦେଖିଲୁ କିଏ ଆସିଛି ।" ବିନୟର ଡାକରେ ଆଖି ଖୋଲିଲା କୃଷ୍ଣ । କ୍ଷୀଣସ୍ୱରରେ କହିଲା, "ରେବନାନୀ, ତୁ କେମିତି ଆସିଲୁ ? ମୋର ତ କିଛି ହୋଇନି ।"

ରେବତୀ ଆଉ ନିଜକୁ ସଂଯତ କରି ରଖି ପାରୁ ନ ଥିଲା । କୃଷ୍ଣର ଏ ରୂପ ଦେଖି ତା'ର ମନହେଲା ସେ ହୁଏତ ଖୁବ୍ ଜୋରରେ କାନ୍ଦି ପକାଇବ ।

ଆଖିରୁ ଚଷମାଟା ଖୋଲି ଟେବୁଲ ଉପରେ ରଖି ବିଭୁରଞ୍ଜନ ପୁଣି ଥରେ ଡାକିଲେ, "ରେବ, ଯାଡ଼େ ଆସିଲୁ ।" ଠାକୁର ଘରେ ଭୋଗ ଥାଳୀଟା ରଖିଦେଇ ରେବ ଉତ୍ତର ଦେଲା, "ଯାଉଛି, ବାପା ।"

"ତୁ ସେ ପିଲାଟାର ମୁହଁ ବଢ଼େଇ ଦେଲୁ ।"

"କ'ଣ ହେଲା ବାପା ?" ରେବ ଆଶ୍ଚର୍ଯ୍ୟ ହେଇ ସେମିତି ଗୁହିଁ ରହିଥାଏ ।

"ପଚ୍ଚଶଟା ଟଙ୍କା ପଠେଇଥିଲି ଯେ କୃଷ୍ଣ ଫେରେଇ ଦେଇଛି । ଗତ ବିରକ୍ତିରେ କ'ଣ ଦି'ପଦ ଲେଖିଦେଲି ସେଇ କଥାଟିକୁ ଧରିବସି କିଏ ଟଙ୍କା ଫେରେଇ ଦିଏ ? କେମିତି ଚଳିବ କହିଲୁ ?" ଡାକବାଲା ଦେଇଯାଇଥିବା ଚିଠି କେତେଖଣ୍ଡ ସଙ୍ଗେ ଟଙ୍କା ପଚ୍ଚଶଟା ଧରିଥିଲେ ବିଭୁରଞ୍ଜନ ।

ରେବ ନିରୁତ୍ତର, ସେ କ'ଣ କହିବ ? କୃଷ୍ଣର କେତେ ଭଲ ବୁଦ୍ଧି; ହେଲା ଯଦି ବାପା କ'ଣ କହିଲେ, ସେଇ କଥାକୁ ଧରି ବସିଲେ କିଏ ବେଶୀ ହଇରଣ ?

Digitized by srujanika@gmail.com

ଯାହା ହଉ ଏ ବିଷୟରେ ମୁଣ୍ଡ ଖେଳେଇ ଲାଭ କିଛି ନାହିଁ ! ଅସୁବିଧା ହେଲେ ଦିନେ ଆସି ସେ ଗାଁରେ ପହଞ୍ଚି କହିବ, "ଟଙ୍କା ଦେ ରେବ ନାନୀ, ସହରରେ ରହି ମୁଁ କିପରି ଚଳିବି ଭାବୁଛ ? ଟୁନାଟା କିଛି ପଇସା ଖର୍ଚ୍ଚ କରେ ନାହିଁ ବୋଲି ମୋର ବି କିଛି ଟଙ୍କା ଦରକାର ନାହିଁ ନା କ'ଣ ?"

ରେବତୀ ହସୁଛି ମନେ ମନେ । ଧୀର ସ୍ୱରରେ ବିଭୁରଞ୍ଜନଙ୍କୁ କହିଲା, "ତୁମେ କାହିଁକି ବ୍ୟସ୍ତ ହଉଛ ବାପା, ଚଳି ନ ପାରିଲେ ଗାଁକୁ ଆସି ବଳେ ସେ ଟଙ୍କା ମାଗିବ । ଏଥର ସେ ଚିଠି ନ ଦେଲେ କିଛି ପଠାଅ ନାହିଁ ।"

"ମତେ ଏ ସବୁ ଭଲ ଲାଗୁନି । ମା' ନାହିଁ, ତୁ ତାକୁ ଚଳେଇବୁ କ'ଣ ଓଲଟି ମୁହଁ ବଢ଼େଇ ସାରିଦେଲୁ !"

ବିଭୁରଞ୍ଜନଙ୍କର ଏଭଳି କଥା ଶୁଣିବାରେ ରେବତୀ ଅଭ୍ୟସ୍ତ ହେଲେ ବି ଖୁବ୍ କଥା ଯାଡ଼କୁ ବାଧୁଛି । କାହାକୁ କିଛି କହିପାରୁନି କି ମନ ଖୋଲି କାନ୍ଦିପାରୁନି । ଚିଠି ଆସିଛି ଶାଶୁଘର ଗାଁରୁ ଯେ ଶାଶୁ ଅସୁସ୍ଥ, ତାକୁ ଖୋଜୁଛନ୍ତି । ସେଦିନୁ ଯିବ ବୋଲି ସେ ଭାବୁଛି ଅଥଚ ବାପାଙ୍କ ଉତ୍ତରଟା ତା'ପାଇଁ ସନ୍ତୋଷଜନକ ହେବନାହିଁ ଭାବି ସେ ନୀରବ ରହିଛି । ତା'ର ଯେ ଯିବା ଉଚିତ ଏକଥା ଥରେ ଯଦି ବାପା କହନ୍ତେ ! ସକାଳୁ ଉଠି ସେ ଭାବିଥିଲା ଯାହା ବି ହଉ ଆଜି କହିବ ଯିବା କଥା । ବୋହୂ କରି-ଥିଲେ ସେମାନେ, ବର୍ଷକରେ ଥରେ ବି ଯିବନି ! ଭାଗ୍ୟ ତା' ସଙ୍ଗେ ଶତ୍ରୁତା କଲା ବୋଲି ସେମାନଙ୍କର ବା ଦୋଷ କ'ଣ ?

"ଶୁଣ ରେବ, ତାକୁ ଖଣ୍ଡେ ଚିଠି ଦେ । ଏମିତି ରଗାରଗି ଭଲ କଥା ନୁହଁ । ଟଙ୍କା ଫେରେଇ ଦେଲା ସତ, ସବୁଦିନ ଟଙ୍କା ନ ନେଇ ଚଳି ପାରିବ ତ ? ହଁ, ଗରିବ ପିଲାମାନେ ଟ୍ୟୁସନ କରି ତ ଚଳୁଛନ୍ତି । ମୋ ପୁଅ ହେଇ ସେ ଯବି ସେମିତି ଚଳିବ, ଚଳୁ......

ଥାଉ, ତୋର କିଛି ଲେଖିବା ଦରକାର ନାହିଁ । ମୁଁ ଲେଖି ଦଉଛି ଆଜି । ଟଙ୍କା ଯେ କିଭଳି ଆସେ, ସେ କଥା ଯଦି ଟିକିଏ ଚିନ୍ତା କରନ୍ତା ସେ...... ।"

ରେବତୀ ଯାହା ଉତ୍ତର ଦେବା କଥା ଦେଇଛି । ଏ ଘରକୁ ସଜାଡ଼ିବାକୁ ଯେତେ ଚେଷ୍ଟା କଲେ ବି ସବୁ କିପରି ଅସଜଡ଼ା ହୋଇ ଯାଉଛି । ବାପା ଯଦି ପିଲାଙ୍କର ଟିକିଏ ଟିକିଏ କଥାକୁ ଏଭଳି ଧରି ବସିବେ, ସେଇମାନଙ୍କ ଠାରୁ ସେ କି ସମ୍ମାନ ବା ଆଶା କରିବେ ?

Digitized by srujanika@gmail.com

ରେବତୀ ଏଥର ଟିକିଏ ଦୃଢ଼ତାର ସହିତ ଆସ୍ତେ କହିଲା, "ବାପା ମୁଁ ଆଜି ଟିକେ ଯିବି... ଭାବୁଛି......"

"ଏଁ କୁଆଡ଼େ ଯିବୁ ? ମିଶ୍ରଘର ଆଡ଼େ ? ତୋ ଶାଶୁଘର ତୁ ଯିବୁ, ମୁଁ କ'ଣ କହିବି ? ଯାହା ମନ ତା' କରିବୁ । ମୋତେ କାହିଁକି ପଚାରୁଛୁ ଯେ ?"

ଚଉପାଢ଼ୀର କବାଟ ପାଖରେ ମୂର୍ତ୍ତି ଭଳି ଠିଆ ହୋଇ ରହିଛି ରେବତୀ । ଏ କଥା ଶୁଣିବା ପରେ ସେ କ'ଣ କହିବ ? ସେପାଖରୁ ଶୁଣାଗଲା ରଙ୍ଗଲତାଙ୍କ ସ୍ୱର । "ଆରେ, ତୁ ନ କହିଲେ ସେ ଯିବ କେମିତି ? ସେ ତ ଆଉ ଖୁସିରେ ବୁଲି ଯାଉନି । ଶୁଣିଲୁ ତ ତା' ଶାଶୁ ପାଲିଙ୍କର ଭୋଗୁଛି । ପାଖରେ ଯେ ଅଛନ୍ତି ସେମାନେ ମଣିଷ ନୁହଁନ୍ତି, ବୋହୂଟାକୁ ଡକେଇ ପଠେଇବାର ଦୁଇ, ତିନି ଦିନ ହେଲାଣି...... ।"

"ଓହୋ, ହେଲା ସେ ଯାଉ । ମୁଁ ଏବେ ସବାରି ଗାଡ଼ି ଡକେଇ ଦେଉଛି । ଏତେ କଥା କଟାକଟି କାହିଁକି ଚାଲିଛି । ବାପା, ଭାଇ, ଭଉଣୀ ତା'ର ହେଲେନି, କିବା ଶାଶୁଘର ସିଏ... ସେଠିକି ଯିବାକୁ ଯଦି ଏତେ ମନ, ଯାଉ । ଚାହୁଁଛି ଯଦି ସେଠି ରହୁ ଯାଉକୁ ।"

ରେବତୀ ଆଖିରୁ ନିଃଶବ୍ଦ ଅଶ୍ରୁ ସବୁ ଝରି ଯାଉଥିଲେ ବିନା ପ୍ରତିବାଦରେ । ଉଦାସ ଦୃଷ୍ଟିରେ ସେମିତି ବାହାରକୁ ଚାହିଁ ରହିଥିଲା ସେ । ରଙ୍ଗଲତା କହିଲେ, "ଯିବ ଯେ ଏଇ ସାଙ୍ଗେ ସାଙ୍ଗେ କ'ଣ ସେ କହୁଛି ? ଖିଆପିଆ ସାରି ଯିବ । ସବୁବେଳେ ଝିଅଟା ଉପରେ ତୋର ସବୁଯାକ ରାଗ ! ମୋତେ ଭଲ ଲାଗୁନି କିଛି । ଶାଶୁଟା ଚିଠି ଲେଖି ଦେଇଛି......" ଏ କଥା ଶୁଣିବାକୁ ବିଭୁରଞ୍ଜନ ସେଠାରେ ନ ଥିଲେ । ଶୋଇଲା ଘରୁ କ'ଣ କାଗଜପତ୍ର ଆଣିବାକୁ ସେ ଉଠି ଯାଇଥିଲେ ଅଳ୍ପ ସମୟ ଆଗରୁ ।

ରଙ୍ଗଲତା ସେଇଆଡ଼େ ଚାହିଁ ଥକ୍କା ହୋଇ ବସି ରହିଲେ ପାଖ ଚୌକିରେ । ରେବତୀର ଲୁହଧୁଆ ମୁହଁ ସେ ଦେଖି ପାରି ନ ଥିଲେ । ତା' ଆଡ଼େ ଚାହିଁ ସେ ପୁଣି କହିଲେ, "ଆଲୋ ମା', ଯା' ସାଢ଼େ, ଏଠି କାହିଁକି ଆଉ ଠିଆ ହେଲୁ ? ପୁଣି ଆସିଲେ କ'ଣ ଦି'ପଦ କହିଦବ । ଯେମିତି ହଉ ତୁ ଆଜି ଓପରଓଳି ଯାଇ ବୁଲି ଆସିବୁ, ଦରକାର ପଡ଼ିଲେ କେତେଟା ଦିନ ରହିଯିବୁ । ତୋ ବାପା କଥାରେ ମନ ଊଣା କଲେ କୋଉ କାମ ହେବ ?"

ରଙ୍ଗଲତାଙ୍କୁ କିଛି ନ କହି ବାଡ଼ିପଟ କୁଅମଳ ଆଡ଼େ ଚାଲି ଯାଇଥିଲା ରେବତୀ ।

Digitized by srujanika@gmail.com

ମହାନଦୀ କୂଳର ଏଇ ପାଖଟା ବେଶ୍ ନିରୋଳା । ସାଙ୍ଗମାନଙ୍କ ସହ କେତେଥର ଆସିଛି କୃଷ୍ଣ । କିନ୍ତୁ ଏମିତି ନଈ କୂଳରେ ବସି ଖାଲି ଖାଲି ଗପିବାଟା ତା'ର ଆଦୌ ପସନ୍ଦ ନୁହେଁ । ତା' ମତରେ ଯେଉଁମାନେ ଶସ୍ତା ରୋମାନ୍ସ ଖୋଜନ୍ତି ଏବଂ ବେକାର, ସେମାନେ ଏଇଠି ବସିବେ ନାହିଁ ତ କରିବେ କ'ଣ ? ବିନୟ ସାଙ୍ଗରେ ସେ କେତେଥର ଆସିଛି, ଯେଉଁଦିନ ଖେଳ ବନ୍ଦ ହୋଇଯାଏ କିମ୍ବା କଟକ ସହରର କୋଳାହଳରୁ ଦୂରେଇ ଯାଇ ଦୁଇ ବନ୍ଧୁଙ୍କର କିଛି ବିଷୟ ଆଲୋଚନା କରିବାକୁ ମନ ହୁଏ ।

ସେଦିନ ବିନୟ କହିଲା, "ଏଇ କେତେଦିନ ହେଲା ତୋତେ ମୁଁ କିଛି ବୁଝି ପାରୁନି ? ରେଖା, ତୋ ଭିତରେ ନିଶ୍ଚୟ କିଛି ଭୁଲ ବୁଝାମଣା ହୋଇ ଯାଇଛି । ସେ ଯିବା ପରେ ତୁ ଏମିତି ଚିନ୍ତାରେ ରହିଛୁ କାହିଁକି ?"

କୃଷ୍ଣ ହସିଲା, "ରେଖାକୁ ମୁଁ ପ୍ରେମ କରେ, ବୁଝିଲୁ ତ ।"

ଥାଉ ସେ ବାଜେ କଥା ସବୁ ମୋତେ କହନା, ସତରେ କ'ଣ ହୋଇଛି କହୁନୁ କାହିଁକି ?"

"ରେଖା ଚାଲିଗଲା ବୋଲି ମୁଁ କାହିଁକି ଦୁଃଖ କରୁଥିଲି ଜାଣିନୁ ?"

"ତୋର ସେ ବହି ସବୁ ସେ ଫେରାଇଲାନି ?"

"ଛାଡ଼, ମୁଁ ଆଉ ଭାବୁନି ସେ ବିଷୟ । ଗଲା ତ ସେ କଥା, ମନ ଖରାପ କରି ଲାଭ କ'ଣ ? କେବେ ଯଦି ଇଚ୍ଛା କରିବ, ଯାଢ଼େ ଆସିଲେ, ମୋତେ ଦେଇ-ଯିବ । ନଚେତ୍ ଗଲା ସବୁ । ତେବେ ସେହି ବହିସବୁ ମୁଁ ଆଉ ଏବେ କିଣି ପାରିବିନି ।"

"ଆଛା କୃଷ୍ଣ, ତୁ କ'ଣ ସତରେ ଘରୁ ଟଙ୍କା ନ ଆଣି ଚଳି ପାରିବୁ ? ତୋର ଯେଉଁ ରଙ୍ଗ ମିଜାଜ ।"

"ଏ କ'ଣ ଗୋଟିଏ ବଡ଼ କଥା ? ଆମେରିକାର ରାଷ୍ଟ୍ରପତିଙ୍କ ପୁଅ ହ୍ୱାଇଟ୍ ହାଉସ୍ ସାମନାରେ ବସି ଜୋତା ପାଲିସ୍ କରି ଯେଉଁ ପଇସା ଅର୍ଜନ କରେ, ସେଇ ହୁଏ ତା'ର ପକେଟ ଖର୍ଚ୍ଚ । ତାକୁ ନେଇ ରାତିରେ ସେ କ୍ଲବ୍ ଯାଏ ।"

Digitized by srujanika@gmail.com

"କିନ୍ତୁ ଏଇଟା ତ ଆମେରିକା ନୁହେଁ ।"

"ଆମେ ଯଦି ବିଦେଶର ଭଲ କଥା କିଛି ଶିଖୁ ତେବେ କ୍ଷତି କ'ଣ ? ସନ୍ଧ୍ୟା ହେଇଯିବ । ମୁଁ ଆସୁଛି, ମୋର ଟିକେ ଦେଖା କରିବାର ଅଛି ଜଣଙ୍କୁ । ତୁ ତ ବୋଧହୁଏ ହଷ୍ଟେଲ ଫେରିବୁ ।"

"ହଁ ।"

ବିନୟ ସାଇକେଲ ଧରି ଚାଲିଗଲା । କୃଷ୍ଣ ଅନ୍ୟ ଦିଗରେ ଚାଲିଲା । ପ୍ରଧାନ ରାସ୍ତାକୁ ଉଠି କିଛି ବାଟ ଯିବା ପରେ ସନ୍ଧ୍ୟା ଅନ୍ଧାରରେ ଫାଟକ ପାଖର ଘର ନମ୍ବର, ନାଁ ସବୁ ପଢ଼ିବାକୁ ଚେଷ୍ଟାକଲା ସେ । ରାସ୍ତାରେ ଗୋଟିଏ ସ୍ଥାନରେ ତୀର ଚିହ୍ନ ଦିଆଯାଇ ବାମକୁ ଯିବାର ନିର୍ଦ୍ଦେଶ ଅଛି । ସାଇକେଲ ଘୁରାଇ ଦେଇ ରାସ୍ତାରେ କିଛିବାଟ ଯିବା ପରେ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚି ଯାଇଥିଲା କୃଷ୍ଣ । ଫାଟକ ପାଖରେ ପରିଷ୍କାର ଭାବରେ ପଢ଼ିଲା, ସୁବୋଧ ଦାସ, ଆଇ.ଏ.ଏସ୍. । ଫାଟକ ଖୋଲି ବଗିଚାରେ କିଛି ବାଟ ଯିବା ପରେ ତାକୁ ଜଣେ କିଏ ପ୍ରଶ୍ନ କଲେ, "କିଏ ? କାହାକୁ ଖୋଜୁଛ ?"

"ମୁଁ କୃଷ୍ଣ, ଆଜି ଆପଣଙ୍କୁ ଅଫିସ୍‌ରେ ଦେଖା କରିଥିଲି ।"

"ଆସ ଏଇଠିକି, ଏ ତୁମର ମାଉସୀ ।" କୃଷ୍ଣ ନମସ୍କାର କଲା । ସୁବୋଧ ବାବୁ ପାଖ ଚଉକିରେ ବସିବାକୁ ନିର୍ଦ୍ଦେଶ ଦେଲେ । "ବୁଝିଲ, ଏ ପିଲାଟି ଭାରୀ ଭଲ ପଢ଼େ, ମାଟ୍ରିକରେ ପ୍ରଥମ ସ୍ଥାନ ଅଧିକାର କରିଥିଲା । ଏଥର ଆଇ.ଏରେ ବି ଷ୍ଟାଣ୍ଡ କରିବ ।" କୃଷ୍ଣ ମୁହଁ ତଳକୁ କରିଛି । "କେଡ଼େ ଖୁସି କଥା । ତୁମେ ସୁଖୀ ହୁଅ ବାପ, ଯେତେ ବଡ଼ଲୋକ ହୁଅ ପଛକେ ତୁମର ମା' ବାପାଙ୍କୁ ଭୁଲିବ ନାହିଁ ।"

କୃଷ୍ଣ ନୀରବରେ ବସିଥାଏ । ଶ୍ରୀମତୀ ଦାସ ତାଙ୍କ ଚଉକି ଛାଡ଼ି ଯିବାକୁ ଉଠିଲେ । ସୁବୋଧବାବୁ ପଚାରିଲେ, "କିଓ ବସୁନ, କୁଆଡ଼େ ଉଠିଲ ?" "ସନ୍ଧ୍ୟା ହେଲଣି । ମୁଁ ଯାଏ । ସନ୍ଧ୍ୟାବତୀ ଦିଆ ହୋଇନି । ପୂଜାରୀଟା କୁଆଡ଼େ ଗଲା, ଏଯାଏ ଠାକୁର ଘରେ ଦୀପ ବି ଜଳି ନ ଥିବ ।"

"ପୂଜାରୀ ଆସୁ, କହିବ ଚା' ଟିକେ କରିବ ।"

କାଦମ୍ବରୀ ଚା' ପଠେଇ ଦେବାର ପ୍ରତିଶ୍ରୁତି ଦେଇ ତରତରରେ ଘର ଭିତରକୁ ଚାଲିଗଲେ । ଏଇ ଅବସରରେ କୃଷ୍ଣ ପ୍ରସ୍ତୁତ ହେଉଥିଲା ଶୁଣିବାକୁ, ଯାପରେ ସୁବୋଧ ବାବୁ ତାକୁ ପୁଣି କ'ଣ କହିବେ ।

Digitized by srujanika@gmail.com

"ଦେଖ, ତୁମେ ଚାକିରୀ କରି ପାଠ ପଢି ପାରିବ ତ ? ଯେଉଁ କ୍ୟାରିୟର ଏବେ ଗଢିବାର କଥା ତା' କିପରି ସମ୍ଭବ ହେବ ? ମୋ ନିଜ ଅଭିଜ୍ଞତାରୁ ମୁଁ ଏ କଥା କହୁଛି ।"

ହୁଏତ ହୋଇପାରେ ସୁବୋଧ ଦାସ ଦରିଦ୍ର ପରିବାରର ସନ୍ତାନ ! ସଂଗ୍ରାମ କରି ଉଠିଛନ୍ତି । ସେଥିପାଇଁ ତା' ପ୍ରତି ଏ ସହାନୁଭୂତି । ମାତ୍ର ସେ କ'ଣ ସେଇ ଶ୍ରେଣୀଭୁକ୍ତ ?

"କ'ଣ ଭାବୁଛ, କୃଷ୍ଣ ?"

"ସାର୍, ମୁଁ ପାରିବି । କେବେ କିପରି ଅଫିସ ଯିବା ବନ୍ଦ କରିପାରେ, ଜାଣନ୍ତି ତ ..... ।"

"ହଉ– ତୁମେ ଆସ, ମୁଁ ଦେଖିବି ସେକଥା ।"

କୃଷ୍ଣ ଚାକିରୀ କରୁଛି, ଟ୍ୟୁସନ୍ ଦୁଇଟା ମଧ୍ୟ ଧରିଛି । ଏସବୁ ମଧ୍ୟରେ ସମୟ କରି ପାଠ ପଢୁଛି । ତେବେ ଚାକିରୀଟା ନାମ ମାତ୍ର, ସେ ପ୍ରାୟ ଅଫିସ୍ ଯାଏନା କିନ୍ତୁ ପହିଲ ତାରିଖକୁ ଯାଇ ଦରମା ଟଙ୍କାଟା ନେଇଆସେ । ସୁବୋଧବାବୁଙ୍କ ସ୍ନେହୀ ହୃଦୟ ଆଗରେ ତା' ମୁଣ୍ଡ ନଇଁଯାଏ । ମଣିଷ ଭିତରେ ଏମିତି ବି ହୃଦୟବାନ ଦେବତା ରହିଛନ୍ତି ! ରବିବାର ସକାଳେ ସେ ତାଙ୍କୁ ଦେଖା କରିବାକୁ ଯାଏ ।

କାଦମ୍ବରୀ ନିଜ ହାତରେ ଜଳଖିଆ ପରଷନ୍ତି । ସ୍ନେହରେ କହନ୍ତି, "ବାପା, ସବୁଦିନ ହଷ୍ଟେଲରେ ଖାଇ ମା' ହାତରନ୍ଧା ଖାଇବାକୁ ମନ ଚାହୁଁଥିବ । ସୁବିଧା ହେଲେ ଚାଲି ଆସିବ, ଏ ମାଉସୀଟା ତ ଅଛି ଏଠି ।"

"ମୁଁ ଆସିବି ।" ମାତ୍ର ଏତିକି କହି ନୀରବ ରହେ କୃଷ୍ଣ । ମନେ ମନେ କହେ, ମୋର ବୋଉ ନାହିଁ । କିନ୍ତୁ ରେବନାନୀ ତ ମା'ଠୁଁ ବଳି । ସେ ଯାହା ଚାହେଁନା, ସେକଥା ମନେ ପଡ଼ିଲେ ମୋର ଘରକୁ ଚାଲିଯିବାକୁ ଇଚ୍ଛା ହୁଏ । କାଦମ୍ବରୀ କିଛି ଶୁଣି ପାରନ୍ତି ନାହିଁ ।

ରବିବାରର ସାରଦିନ ପ୍ରାୟ ସେ ରହିଯାଏ ତାଙ୍କ ଘରେ । ସୁବୋଧବାବୁଙ୍କ ବଡ଼ ପୁଅ ପ୍ରଭାତ ଷ୍ଟୁଆର୍ଟ ସ୍କୁଲର ଛାତ୍ର । ଝିଅ ତନୁଶ୍ରୀ କନଭେଣ୍ଟରେ ପଢ଼େ । ଠିକ୍ ସେଇଦିନ ପାଇଁ ବହିପତ୍ର ସଜାଡ଼ି ସେମାନେ ଅପେକ୍ଷା କରି ବସିଥାଆନ୍ତି ।

Digitized by srujanika@gmail.com

"ମୋଟା ମୋଟା ଇଂରେଜୀ ବହିର ପାଠ ସବୁ ଏ ପର୍ଯ୍ୟନ୍ତ ଭଲଭବେ ବୁଝେଇ ଦେବାକୁ କେହି ଜଣେ ଶିକ୍ଷକ ଯୋଗାଡ଼ ହୋଇ ପାରିଲେନି ।" ପତ୍ନୀଙ୍କ କଥାରେ ସୁବୋଧ ବାବୁ ଖୁବ୍ ହସନ୍ତି ।

କାଦମ୍ବରୀଙ୍କୁ କହନ୍ତି, "ମତେ ଦୋଷ ଦେଲେ କ'ଣ ହବ, ତୁମ ପିଲା ମାଷ୍ଟରଙ୍କୁ ପାଠ ପଢ଼େଇ ବିଦା କରିଦଉଛନ୍ତି । ତାଙ୍କୁ ପୁଣି ପଢ଼େଇବ କିଏ ?"

"କିନ୍ତୁ କୃଷ୍ଣ ତ ଏଇମାତ୍ର କଲେଜ ଯାଇଛି ।"

"ପ୍ରଭାତ କହୁଥିଲା ସେ ଖୁବ୍ ଭଲ ପଢ଼ଉଛି ।"

"କୃଷ୍ଣ ତାକୁ ପାଠ ବୁଝଉଛି ? ଏ ସବୁ ଠିକ୍ ନୁହେଁ ।" ସୁବୋଧ ବାବୁ ଗମ୍ଭୀର ହେଇ ବସି ରହିଲେ । "ରବିବାର ଗୋଟାଏ ଦିନ ତା'ର ବିଶ୍ରାମର ଦିନ, ସେ ଏଠି ଆସି... ।"

"ସେମିତି କାହିଁକି ଭବୁଛ ? ଆମେ ପିଲାଙ୍କୁ ମନା କରିଦେବା । ସେମାନେ ପାଠ ପଗ୍ଚରିଲେ, ଯେତ ଆଗ୍ରହରେ ମନଦେଇ ବୁଝେଇ ଦିଏ ।"

"ପିଲାଟା ଗୋଟାଏ ଜୁଏଲ୍ । ଭବିଷ୍ୟତ ତା'ର ଖୁବ୍ ଉଜ୍ଜ୍ୱଳ ।"

"ବୋଉ, ଦେଖିଲୁ ସାର୍ ଗ୍ଚଲିଯାଉଛନ୍ତି ।" ପ୍ରଭାତର ଅଭିଯୋଗ ସ୍ୱର । ହାତରେ ବହି ଖାତା କେତେଖଣ୍ଡ ଧରି ଠିଆହେଇଛି ତନୁଶ୍ରୀ । ଟିକିଏ ଦୂରରେ ବଗି-ଚ୍ଚରେ ସେମାନଙ୍କ ସାନ ଭାଇ ଭଉଣୀ ଦୁଇଟିଙ୍କୁ ଖେଳନା କ୍ରିକେଟ୍ ବ୍ୟାଟ୍ ଧରି ବଲ୍ ମାରିବା ଶିଖେଇ ଦେଉଛି କୃଷ୍ଣ ।

ସୁବୋଧ ବାବୁ ଡାକିଲେ, "କୃଷ୍ଣ, ତୁମେ ଗ୍ଚଲିଯାଉଛ କି ? ନାହିଁ ରୁହ, ତୁମ ମାଉସୀଙ୍କର ଆଜି ସୁଦଶାବ୍ରତ । ଏଇଠି ଖାଇଦେଇ ଯିବ ।"

"ସେ ଯିବନି ଏବେ, ତୁମେ କାହିଁକି ବ୍ୟସ୍ତ ହଉଛ । ମୁଁ ତାକୁ ଆଗରୁ ମନା କରିଛି ।"

"କିନ୍ତୁ କ'ଣ ପିଠା କରୁଛ ତାକୁ ଟିକେ ଶୀଘ୍ର ଖାଇବାକୁ ଦେଇ ବିଦା କର । ସେ ପୁଣି ଗଲେ ପଢିବ ନା ।"

ବଗିଚ୍ଚରେ ଘାସ ପଡ଼ିଆରେ ପ୍ରଭାତ, ତନୁଶ୍ରୀ ଆଉ ସେମାନଙ୍କର ଛୋଟ ଭାଇ ଭଉଣୀ ଦୁଇଟିଙ୍କ ଗହଣରେ ନେତାଙ୍କ ଭଳି ବସି ରହିଛି କୃଷ୍ଣ । ସେମାନଙ୍କୁ କହୁଛି ସେ ଗାଁରେ ଘଟିଥିବା କେତେକ ମଜା ମଜା ଘଟଣା । ସମସ୍ତଙ୍କ ସଙ୍ଗେ ହସୁଛି ଆଉ ସେମାନଙ୍କ କୌତୂହଳୀ ପ୍ରଶ୍ନର ଉତ୍ତର ଦେବା ସଙ୍ଗେ ସଙ୍ଗେ ସମସ୍ତଙ୍କ

Digitized by srujanika@gmail.com

ଅଲକ୍ଷ୍ୟରେ ସେ କେମିତି ଚିନ୍ତିତ ହୋଇ ପଡୁଥିଲା ଧୀରେ ଧୀରେ । ଅନେକ ଦିନ ହେଲା ସେ ଘରକୁ ଯାଇନି । ଅନ୍ତତଃ ଏ ଦୋଳଛୁଟୀରେ ନିଶ୍ଚୟ ଯିବ ।

ରେବତୀ ଭାବିଥିଲା ଶାଶୁଘରେ ଦୁଇଟାଦିନ ରହି ସେ ଫେରି ଆସିବ । ଦୋଳ ପୂର୍ଣ୍ଣିମା ପାଖ ହେଲାଣି, ଠାକୁର ଭୋଗ ଖାଇବେ, ତାଙ୍କ ଦାଣ୍ଡରେ ଯାତ୍ରା, ଘରେ କେତେ କାମ । ଭେଜେମା' ଏକା ଏକା କ'ଣ କରିବ ? ଆହୁରିଟାର ପିଲା ବୁଝି ଯାଇନି, ଟିକେ ଟିକେ କଥାରେ ରାଗ ରୁଷା ଅଭିମାନ । କୃଷ୍ଣ, ଟୁନା ଛୁଟିରେ ଆସିବେ, ଆଗ ଆସି ଖୋଜା ପଡ଼ିବ ନାନୀକୁ ।

ମନ ଧାଇଁଗଲା ପଛ ଦିନକୁ । ସବୁ ପିଲା ଏକାଠି ଥିଲେ, ବୋଝ ବଞ୍ଚିଥିଲା । ଏଇ ଦୋଳରେ ସେମାନଙ୍କର ସବୁ ଆନନ୍ଦ । ଗାଁ ଠାକୁର ଘର ଘର ବୁଲନ୍ତି ଭୋଗ ଖାଇବାକୁ । ମୃଦଙ୍ଗ, ଖୋଳ କରତାଳ ଧରି ଆସିବେ ପଂଝାକୁ ପଂଝା କୀର୍ତ୍ତନିଆ । ରାଧାଗୋବିନ୍ଦଙ୍କର ବିମାନ ଦେଖିଲେ ଆଖି ରହିଯାଏ । କିଏ କିଏ ଛତ୍ରୀ ଧରି ଚାଲି-ଥାନ୍ତି । ଡେ-ଲାଇଟ୍‌ରେ ଗାଁ ଦାଣ୍ଡ ହାଲୋଳ ଦିଶେ ।

ପିଲାତକ ଚିଆଁମାରି ବୁଲୁଥାଉ । ଆମର କି ଚିନ୍ତା ଯେ ! ପଞ୍ଚୁଦୋଳ ପରେ ମେଲଣଯାତ୍ରା । ଗାଁ ମୁଣ୍ଡ ଆମ୍ବତୋଟାରେ ପାଖଆଖ ସବୁ ଗାଁର ଠାକୁର ଆସନ୍ତି, ହେଲେ ଆମ ଗାଁ ଠାକୁର ରାଧାଗୋବିନ୍ଦଙ୍କ ଝାକଜମକ କାହିଁରେ କ'ଣ ! ଅବିର ବୋହା ଚାଲିଥାଏ ।

ଏଠି ଏ ଘରଟା ଶୁନ୍‌ଶାନ୍ । କୋଉ ଦରରୁ ରହି ରହି ଶୁଣାଯାଉଛି ଝାଞ୍ଜ, ମୃଦଙ୍ଗର କ୍ଷୀଣ ଶବ୍ଦ । ତା'ପରେ ସବୁ ଚୁପ୍‌ଚାପ୍ । ଏଇ ଘର କ'ଣ ଥିଲା ! କେତେଟା ଦିନରେ କେତେ ବଦଳିଗଲା ।

ପିଲାବେଳେ ଏଇ ଦୋଳଦିନରେ ବଉଳ, ସେ, ସୂର୍ଯ୍ୟ, କୃଷ୍ଣ ଆଉ କେତେ ପିଲା ମୁଠା ମୁଠା ଅବିର ଛାଟି, ହୋରି ଦିନ ପିଚ୍‌କାରୀ ରଙ୍ଗ ମାରି ଖେଳୁଥିଲେ । ଭୋଗ ଖିଆ ଚାଲିଥିବ, ଅବିର ବୋହା... ଯାହା ଦେଖା... । ଅଥଚ ଏବେ ! ଅବିର ଯେମିତି ଏଠି ଦୁଃସ୍ୱପ୍ନ । ବିଧବା ଘରକୁ ଅବିର ନେଇ କିଏ ଆସିବ ? ସେଥିରେ ପୁଣି

Digitized by srujanika@gmail.com

ଶାଶୁ ବିଛଣାଲଗା ହେଇ ପଡ଼ିଛନ୍ତି । କେଜାଣି ସେଠି ଥିଲେ ଗାଁ ପିଲଙ୍କ ହସଖୁସି ଦେଖି ସେ ଟିକିଏ ଦୋଳ ଉତ୍ସବ ଜାଣି ଥାଆନ୍ତା । ଭଇ ଦୁଇଟା ଘରକୁ ଆସି ଗହଳି କରି ଥାଆନ୍ତେ... ତା' ଜୀବନ ତ ଏମିତି ।

ଶାଶୁ ଡାକୁଛନ୍ତି, ପାଣି ମାଗୁଛନ୍ତି । ସୀତାକୁ ନିଦ ହେଇଗଲାଣି କି ଯାଇଥିବ ଯାତ୍ରା ଦେଖି । ରେବତୀ ତ ସବୁଦିନ ଏଠି ରହିବନି, ଖୁଡ଼ୀଶାଶୁ କେତେ କଥା କହୁ-ଛନ୍ତି । ତାଙ୍କ ପୁଅ ଗତିଅନିଦ୍ରା ହେଇ ଜଗି ବସୁଥିଲା ଆଗରୁ. ତାକୁ କୁଆଡ଼େ ଶାଶୁ ପୁଅ କରିଛନ୍ତି । କରନ୍ତୁ, ଏ ସମ୍ପତ୍ତିରେ ତା'ର ଲୋଭ ନାହିଁ । କୋଉଥିରେ ତା'ର ଲୋଭ ନାହିଁ । ମଣିଷଟାଏ ସେ, ବର୍ତ୍ତିଛି ଖାଲି । ସେଇ ଠାକୁରେ ଜନ୍ମ ଦେଇଛନ୍ତି, ଚାହିଁଲେ ନେଇଯିବେ କୋଉଦିନ । ତେବେ ଦୁଃଖ ରହିଯିବ ସେ କୋଉ କାମରେ ଲାଗି ପାରିଲାନି, ଏ ଜୀବନରେ ସେ କିଛି କରି ପାରିଲାନି ।

ଶାଶୁ ପାଣି ପିଇ ସାରି ତକିଆକୁ ଆଉଜି ବସିଲେ । ରେବତୀ ତାଙ୍କ ପିଠି ଆଉଁସି ଦେଲା ।

"ଆଲୋ ମା' କେତେ ବେଳ ହବ କି ? ତୁ ଖାଇଲୁଣି କିଛି ?"

"ହଁ ଖାଇଛି । ଅଟା ପିଠା, ଦୁଧ କଦଳୀ ଚକଟା ଠାକୁରଙ୍କ ପାଖରେ ଭୋଗ ଦେଇଥିଲି । ତାକୁଇ ଖାଇଛି । କ୍ଷୀର ଟିକିଏ ଦଉଛି ଗରମ କରି ।"

"ନାଇଁ, ଏତେ ରାତିରେ ?"

"ବେଶୀ ରାତି ହେଇନି ମ, ଏଇତ ଦୁଇଘଡ଼ି ରାତି ହେଲା," ଅଗଣା ଆକାଶର ହସିଲା ଜହ୍ନକୁ ଚାହିଁ ଶାଶୁଙ୍କୁ ଉତ୍ତର ଦେଲା ରେବତୀ । ସୁଲୁସୁଲିଆ ପବନରେ ଝାଞ୍ଜ ମୃଦଙ୍ଗର ଶବ୍ଦ କେତେବେଳେ ପାଖେଇ ଆସୁଥିଲା ତ ପୁଣି ଦୂରକୁ ଚାଲି ଯାଉଥିଲା । ରେବତୀ ଆନମନା ହେଇ ଜହ୍ନକୁ ଚାହିଁ ରହିଥାଏ । କିଏ ଯେମିତି ଆଜି ତାକୁ ଖାଲି ପଛଦିନମାନଙ୍କୁ ଟାଣି ନେଉଛି । ତା'ପରେ ସେଇ ବିଷଣ୍ଣତାର ମୃଥିବୀ ।

ଶାଶୁ ପୁଣି କ'ଣ ପଚାରୁଛନ୍ତି, "ବିଶୁଆ କୁଆଡ଼େ ଗଲାକି ? ଆଜି ତାହିଁ ତା'ର ଶବ୍ଦ ଶୁଣା ଯାଉନି ।"

"କୋଉଠି ପାଖ ଗାଁକୁ ଯାତ୍ରା ଦେଖି ଯାଇଛନ୍ତି ।"

"ହଉ ଯାଉ, ତୁ ତ ଅଛୁ ମୋ ପାଖରେ ।"

ସେ ରହିବ କେତେଦିନ !

Digitized by srujanika@gmail.com

ବିଶୁ ପଚାରୁଥିଲେ, "ନୂଆବୋଉ, ତୁମେ ତ ଅନେକ ଦିନ ହେଲା ରହିଗଲଣି । ତେଣେ ମଉସା, ପିଲାମାନେ କେମିତି ଚଳୁଥିବେ ?"

"କିଏ କାହାକୁ ଚଳାଉଛି, ବିଶୁ ? ଚଳାଇବାବାଲା ତ ଜଣେ ।"

"ନାଇଁ ମ, ସେମିତି କ'ଣ କହୁଛ ? ଦେଖ, ତୁମେ ଆଦୌ ବ୍ୟସ୍ତ ହୁଅନି । ବୋଉ ପାଖରେ ମୁଁ ଅଛି । ତୁମର ଯଦି ଯିବାର ଶୀଘ୍ର ଦରକାର, ଯିବ । ସେଥିରେ କ'ଣ ଅଛି ?" ତରତର ହେଇ ବିଲଆଡ଼େ ବାହାରିଗଲା ବିଶୁ । ରେବତୀ ହସୁଥାଏ ସେଇଆଡ଼େ ଗ୍ହିଁ ।

ସେଦିନ ଖୁଡ଼ୀଶାଶୁ ଆସି କହୁଥିଲେ "ମଲ, ଦିନେ ଅଧେ ଆସି ଶାଶୁକୁ ଦେଖିଗଲେ ହେବ ? ରହିବ ଯଦି ରହୁନ । ତୁମେ ତ ଏ ଘରର ବୋହୂ ।" ଶାଶୁଙ୍କ ପାଖରେ ଏଇ କଥା ପଦକ କହି ପଛରେ ପୁଣି କେତେ ପ୍ରଛନ୍ନ ଇଙ୍ଗିତ ତାଙ୍କର, ସେ କିପରି ଶୀଘ୍ର ଫେରିଯାଉ ।

ସେ ଯିବ, ଏଠି ଏମିତି କେତେଦିନ ରହି ପାରିବ ! ରେବତୀର ଲୁହଧୁଆ ମୁହଁରେ ଫୁଟି ଉଠିଥିବା ଭାବ ଲଣ୍ଠନର ଆଲୋକରେ କିପରି ଅସ୍ପଷ୍ଟ ହୋଇଗଲା । ଆଖି ପୋଛି ପୋଛି ସେ ବାହାର ଅଗଣାକୁ ଉଠି ଆସିଲା । ଗ୍ହରିଆଡ଼େ ଜହ୍ନ ଆଲୁଅର ଢେଉ ।

ଆସ୍ତେ ବାଡ଼ି କବାଟରେ ହାତ ମାରିଲା ରେବତୀ । କବାଟ ବନ୍ଦ ଅଛି । ଦାଣ୍ଡ କବାଟ ବି ବନ୍ଦ । ସେ ମୋଡ଼ି ଦେବା ପରେ ଶାଶୁ ଭରି ନିଦରେ ଶୋଇ ଗଲେଣି ।

ରେବତୀ ନିଜ ଶୋଇଲା ଘର ଶିକୁଳୀ ଖୋଲିଲା । ପଲଙ୍କ, ଟ୍ରଙ୍କ୍, ବାକ୍ସ ସବୁ ସେମିତି ରହିଛି । ନାଲି ଶାଗୁଆ ଛିଟ ଟ୍ରଙ୍କ୍‌ରେ ଜରିଧଡ଼ିଆ ପାଟଶାଢ଼ୀ, କେତେ ବନାରସୀ ସିଲ୍କ ଶାଢ଼ୀ, ବ୍ଲାଉଜ୍, ଶାୟା ସବୁ ସେମିତି ସାଇତା ହେଇ ରହିଛି । କିଛି କାମକୁ ଆସିଲାନି । କାଇଁଚ ବୁଣା ପେଡ଼ିଟା ଉଇ ଖାଇଗଲା କି ?

ଗୋଟାଏ ହାତରେ ଲଣ୍ଠନ, ଆର ହାତରେ ପେଡ଼ିଟିକୁ ଧୂଳି ଝାଡ଼ି ଦେଖୁ-ଥିଲା ରେବତୀ । କିଛି ହୋଇନି, ଯାହା ଯେଉଁଠି ରଖିଦେଇ ଯାଇଥିଲା, ସେମିତି ଅଛି । ପଲଙ୍କରେ ବିଛଣା ଗୁଡ଼ା ହେଇ ରହିଛି । ଏଇ ବିଛଣାରେ ଅଖିଳ, ସେ ଏକାଠି ଶୋଉଥିଲେ, କେତେ ଅଛିଣ୍ଡା ସେମାନଙ୍କର ଗପ ! ସବୁକଥା ସ୍ୱପ୍ନର କାହାଣୀ ହେଇ

Digitized by srujanika@gmail.com

ତା' ହୃଦୟରେ ଲେଖି ହୋଇ ରହିଗଲା । ଜୀବନସାଗ ସେ ତାକୁ ପଢ଼ି ଏମିତି ଦୁଃଖରେ ଜଳୁଥିବ ।

କାନ୍ଥରେ ଅଖିଳର ଫଟୋ ଆଡେ ଲଣ୍ଠନ ଟେକି ଧରି ଅପଲକ ଦୃଷ୍ଟିରେ ଚାହିଁ ରହିଥିଲା ରେବତୀ । ଏଇ ହସିଲା ମୁହଁରେ କି ମାୟା ଅଛି କେଜାଣି ! ତାକୁଇ ଝୁରି ହଉଛି ସେ ଜୀବନ ସାଗ । ସେପାଖ କାନ୍ଥରେ ସେମାନଙ୍କର ଯୁଗ୍ମ ଫଟୋ । କେଡ଼େ ସୁନ୍ଦର ଦିଶୁଛି ରେବତୀ । ନିଜେ ସେ ଏତେ ସୁନ୍ଦର ! ଫଟୋକୁ ନିରେଖ ଦେଖୁଛି ସେ । ଜେଜେବାପା ସେ ଦୁହିଁଙ୍କୁ ଈଶ୍ୱର-ପାର୍ବତୀ ଯୋଡ଼ି ବୋଲି କହନ୍ତି ।

ରେବତୀ ଚମକି ପଡ଼ିଲା, କିଏ ତା' ନାଁ ଧରି ଡାକୁଛି ! ହାତର ଲଣ୍ଠନଟା ଥରି ଉଠିଲା । ଥରିଲା ହାତରେ କବାଟର ଶିକୁଳି ଲଗେଇ ଦେଇ ଚଉପାଢ଼ୀ ଆଡ଼େ ତରତରରେ ପାଦ ପକେଇଲା ସେ । ପୁଣି ସେଇ ଡାକ—ରେବତୀ...... । ଏ ଡାକ ତ ବିଶୁଙ୍କର ନୁହେଁ । ରେବତୀ ସାହସ ବାନ୍ଧିଲା ।

"କିଏ ? କିଏ ଡାକୁଛ ?"

"ମୁଁ ସୂର୍ଯ୍ୟ ।"

ରେବତୀ କବାଟ ଖୋଲି ଦେଲା ।

"ଏତେ ରାତିରେ ? ସବୁ ଭଲ ତ ?"

"ହଁ ଭଲ ଅଛନ୍ତି ସମସ୍ତେ", ସୂର୍ଯ୍ୟ ହସିଲା । କହିଲା,

"ଆସିଥିଲି ତୁମ ଗାଁ ପାଖକୁ ମେଲଣ ଦେଖିବାକୁ ଯେ... ।"

ରେବତୀ ସପ ପକେଇ ଦେଇ କହିଲା, "ଗୋଡ଼ ଧୋଇ ଆସ, ମୁଁ ଟିକେ କ'ଣ ଖାଇବାକୁ ଆଣେ ।"

"ଥାଉ, ମୁଁ ଖାଇ ଆସିଛି, ଆଜି ରାତି ଅନିଦ୍ରା ହେବି ଯେ । ତୁମେ କେବେ ଯାଉଛ ?"

"ବାପା ପଚାରୁଥିଲେ କି ? ନାଇଁ ମ... ଦୋଳପର୍ବରେ କେତେ କଥା... ତୁମେ ଏଠି ରହିଗଲ । କୃଷ୍ଣ, ଟୁନା ଦୁହେଁ ଆସିଥିଲେ, କୃଷ୍ଣ କିନ୍ତୁ ଶୀଘ୍ର ଚାଲିଗଲା; ଟୁନା ଦୁଇଦିନ ପରେ ଗଲା ।"

"ଛୁଟି ନ ସରିଲେ ସେ ତ କେବେ ଘରୁ ଯାଏନି !"

"ମୁଁ ଶୁଣୁଛି ସେ କଟକରେ ଚାକିରୀ କରୁଛି, ତା' ବଡ଼ ଅଫିସରଙ୍କ ଝିଅ, ପୁଅକୁ ପଢ଼ାଉଛି । ଅଫିସର ତାକୁ ନିଜ ପୁଅ ଭଳି ସ୍ନେହ କରନ୍ତି ।"

Digitized by srujanika@gmail.com

"ତୁମେ ଏ ସବୁ କାହାଠୁ ଶୁଣିଲ, ସୂର୍ଯ୍ୟ ? ଗାଁ ଲୋକେ ତ କେତେ ପ୍ରକାର କଥା କହିବେ ।"

"ମତେ ବିଶ୍ୱାସ କର ରେବତୀ, ଏକଥା ମୁଁ କହୁଛି । ଗାଁ ଲୋକେ କହୁ ନାହାନ୍ତି ।"

"ମାନେ ?"

"ମୁଁ କଟକରେ ଶୁଣି ଆସିଛି । ଦେଖିଛି, ଏଇ ପହିଲ ଦିନ ଅଫିସ୍ ଗେଟ୍ରୁ ବାହାରି ଆସୁଥିଲା କୃଷ୍ଣ । ମୁଁ ପଚାରି ଥାଆନ୍ତି, ମାତ୍ର ସେ ଏତେ ଜୋରରେ ସାଇକେଲ ମାରି ଚାଲିଗଲା ଯେ......"

ରେବତୀ କିଛି ସମୟ ଚୁପ୍ କରିଗଲା, ସୂର୍ଯ୍ୟ କେବେ ତାକୁ ମିଛ କହିବନି, ସେ ତ କଟକରେ ରହୁଛି । କଟକର କୋଉ ସ୍କୁଲରେ ମାଷ୍ଟର ହେଇଛି କହୁଥିଲା, ଶୁଣିଥିବ, କୋଉଠୁ କ'ଣ ।

କିଛି ସମୟ ନୀରବତା ପରେ ସୂର୍ଯ୍ୟ ପଚାରିଲା, "ଏଠି ତ ଅନେକ ଦିନ ରହିଗଲ ।"

"ନା– ଏଠି ରହି ହବନି । ଏଠି ରହିଲେ ମୁଁ କେମିତି ଦୁର୍ବଳ ହେଇ ପଡୁଛି, ମୋତେ କିଛି କୁଆଡ଼େ ବାଟ ଦିଶୁନି ।"

"ଆଉ ସେଠି ? କକେଇଙ୍କ କଥା ସବୁ ତୁମକୁ ଚନ୍ଦନ ପରି ଲାଗୁଛି !"

"ନା ସୂର୍ଯ୍ୟ, କୋଉଠି ମୋ ପାଇଁ ଶାନ୍ତି ନାହିଁ ।"

"ସେ ସବୁ ବାଜେ କଥା, ମୁଁ କହିବି ଏ ସବୁ ତୁମ ଦୋଷ ।"

"ହଁ, ମୁଁ ଅଭାଗିନୀଟାଏ । ମୋ ଭାଗ୍ୟରେ ଟିକିଏ ବି ସୁଖ ବିଧାତା ଲେଖିନି ।" ରେବତୀର ଆଖିରେ କେଇ ବୁନ୍ଦା ଲୁହ ଚକ୍ ଚକ୍ କରି ଉଠିଲା । ଖୁଣ୍ଟକୁ ଆଉଜି ପଥର ମୂର୍ତ୍ତି ଭଳି ବସି ରହିଥିଲା ସେ । ଉଜ୍ଜଳ ଚନ୍ଦ୍ରାଲୋକରେ ସେ ସବୁ ମୁକ୍ତାର ଭ୍ରମ ସୃଷ୍ଟି କରୁଥିଲା ।

"ରେବତୀ, ମୁଁ ଜାଣି ପାରୁନି ତୁମେ କାହିଁକି ନିଜକୁ ଦୁଃଖିନୀ ବୋଲି ଭାବୁଛ ? କୋଉ ପିଲାଦିନେ କଣ୍ଢେଇ ଘର ଭଳି ତୁମର ବାହାଘର ହୋଇଥିଲା, ଯା ବୋଲି ଚିରଦିନ ସେଇ ସ୍ମୃତିରେ... ।"

"ଥାଉ ସୂର୍ଯ୍ୟ, କିଛି କୁହନି । ମୁଁ ତ ବଞ୍ଚିଛି । ଖେଳ ଅଧା କରି ସେ ଯିବା ଚାଲିଗଲେ ।"

Digitized by srujanika@gmail.com

ରେବତୀ କୋହ ସମ୍ଭରଣ ନ କରିପାରି କାନ୍ଦି ପକାଇଲା । ସୂର୍ଯ୍ୟ ନୀରବ । ଭାଇ, ଭଉଣୀଙ୍କ ମେଳରେ ସଦା ହସ ହସ ଝିଅଟି ଏଠି ଆସି କ'ଣ ଏମିତି ହେଉଛି ଯେ !

"ତୁମେ ଯଦି କିଛି ନ ଭାବିବ..." ରେବତୀର ଆଉ ଟିକେ ପାଖକୁ ଘୁଞ୍ଚି ଆସିଲା ସେ ।

"ମୁଁ ଏଇ କଥା କେତେଥର କହିବି ବୋଲି ଭାବିଛି ତୁମକୁ ।"

କ'ଣ କହିବ ସୂର୍ଯ୍ୟ ? କ'ଣ ବା ତା' ପାଇଁ କଥା ଅଛି ? ତା' ଦେହ ମନରୁ ସବୁ ବଳ କିପରି ଶେଷ ହୋଇ ଯାଉଛି । ସେ ଆଶା କରିଥିଲା ଏଇ ହାତରେ ସାନ ଭାଇ ଭଉଣୀଙ୍କୁ ମଣିଷ କରିବ । ତା' ସେ ପାରିଲା ଭଳି ଭାବି ପାରୁନି । ନିଜ ଦୀର୍ଘ-ଶ୍ୱାସର ସ୍ୱର ଶୁଣି ରେବତୀ ଚମକି ପଡ଼ିଲା ।

କଥା ପଚାରିବା ଦୃଷ୍ଟିରେ ତାକୁ ଚାହିଁ ରହିଛି ସୂର୍ଯ୍ୟ । ମନେ ପଡ଼ୁଛି ପିଲାଦିନର ସେଇ ଧୂଳିଘର କଥା । କେତେ ସାନ ହୋଇଥିଲା ସୂର୍ଯ୍ୟ । ପତଳା, ଦୁର୍ବଳିଆ ଚେହେରା, ଦେହର ରଙ୍ଗ ଗୋରା ହେଲେ ବି ମଇଳା ଦିଶୁଥିଲା ।

ଏବେ ତା'ର ବଳିଷ୍ଠ ବଳିଷ୍ଠ ସ୍ୱାସ୍ଥ୍ୟ, ଦେହର ରଙ୍ଗ ଉଜ୍ଜଳ । ମନରେ ଚିନ୍ତା ଦାଗ କିଛି ନାହିଁ । ଢେଙ୍କେମା' କହେ, ସ୍ୱର ମିଶେ କେତେ ପୂଜାପୂଜି କରି ପୁଅ ଜନ୍ମ ହେଲା । କିନ୍ତୁ ପୁଅର ମୁଖ ଦେଖିବା ଆଗରୁ ଆଖି ବୁଜିଲେ ସୂର୍ଯ୍ୟ ବୋଉ, ପିଲାଟିଦିନରୁ ବାପାଙ୍କ ପାଖରେ ମଣିଷ ହେଉଛି ସେ । କିନ୍ତୁ ସବୁ ଅଳି ଅର୍ଦ୍ଦୋଳି ତା'ର ରେବତୀ ଘରେ ।

ରଙ୍ଗଲତା ଗାଁ ସାରା ଛୁଆଙ୍କୁ ନିଜର କରନ୍ତି, ସୂର୍ଯ୍ୟ ତ ସହଜେ ରେବତୀର ଖେଳ ସାଥୀ । ସେଦିନସବୁକୁ ଭାବିହେଲେ ରେବତୀ ମନରେ ବହୁବର୍ଣ୍ଣର ପ୍ରଜାପତି-ମାନେ ଡେଣା ମେଲି ଉଡ଼ି ବୁଲନ୍ତି ।

"ସୂର୍ଯ୍ୟ, ଆମ ପିଲା ଖେଳ କେତେ ଶୀଘ୍ର ସରିଗଲା କୁହତ ! ତୁମେ, ମୁଁ ଆଉ ସମସ୍ତେ ଅଛୁ, ଅଥଚ ଏ ଜୀବନର କେତେ ପରିବର୍ତ୍ତନ !"

"ରେବ, ତୁମେ ଚାହିଁଲେ ତୁମ ଜୀବନ ବଦଳି ଯିବ, ଫେରି ଆସିବ ସେଇ ସୁନ୍ଦର ଦିନ ସବୁ ।"

"କୋଉ ନାଟକରେ ଅଭିନୟ କରିବ ବୋଲି ଏ କଥା ସବୁ ମୁଖସ୍ଥ କରିଚ କି ?"

ରେବତୀ ହସି ପକାଇଲା ।

Digitized by srujanika@gmail.com

"ତୁମେ ହସୁଛ, ରେବ । କିନ୍ତୁ ମୁଁ କ'ଣ କହୁଛି ତା' ବୁଝୁନ, ଖୁବ୍ ସିଧା କଥା, ମୁଁ ଯଦି ତୁମକୁ ବିବାହ କରେ ତୁମର କ'ଣ ଆପତ୍ତି ଅଛି ?"

"ସୂର୍ଯ୍ୟ !"

"ଛିଃ......ଛିଃ...... ଏଇଥି ପାଇଁ ଏତେ ଗତିରେ ଏଠିକି ଦୌଡ଼ି ଆସିଛ !" ବିସ୍ମୟ, ରାଗରେ ଜଳି ଉଠୁଥିଲା ରେବତୀ ।

"ତୁମେ ଚାଲିଯାଅ ସୂର୍ଯ୍ୟ, ମୋର ପାପର ଭାର ବଢ଼ାଅନା । ଆଉ କେବେ ହେଲେ ତୁମ ସଙ୍ଗେ ମୋର ଦେଖା ନ ହଉ । କୋଉ ଜନ୍ମରେ କି ପାପ କରିଥିଲି ଯେ ପିଲା ବୟସରୁ ଦେବୋପମ ସ୍ୱାମୀଙ୍କୁ ହରାଇଲି... ।"

ରେବତୀ ପୁଣି ଥରେ କାନ୍ଦି ପକାଇଲା । ନିଜ ଆଖିରୁ ଲୁହ ପୋଛିଲା ସୂର୍ଯ୍ୟ । ଧୀର ସ୍ୱରରେ କହିଲା, "ମୋତେ କ୍ଷମା କର ରେବ, ତୁମ ମନରେ ଯଦି କଷ୍ଟ ଦେଇ-ଥାଏ...... ।

"ବିଶ୍ୱାସ କରିବ, ତୁମ ଦୁଃଖ ମୋତେ ଖୁବ୍ ବାଧିଛି, ମୁଁ ସବୁବେଳେ ପ୍ରକୃତିସ୍ଥ ଅଛି, ଏ ମୋର କ୍ଷଣିକର ଭାବପ୍ରବଣତା ନୁହେଁ । ଦିନେ ମନଖୋଲି ସବୁ କଥା କହିବି, ସେ ସୁଯୋଗ ପାଇ ନ ଥିଲି, ଭାବିଥିଲି ତୁମେ ବୁଝିବ । ପଛ କଥାକୁ ପାଶୋରି ଦେଇ ମୋ ହାତ ଧରି ହସି ହସି ବାଟ ଚାଲିବ । ଜୀବନ ଆରମ୍ଭରେ ତୁମେ ଯାହା ଦୁଃଖ ପାଇଛ ସେଥିପାଇ ଆମ ନୂଆ ଜୀବନରେ ମୁହୂର୍ତ୍ତକ ପାଇଁ ତୁମକୁ ମନକଷ୍ଟ କରିବାକୁ ଦେବିନାହିଁ । ଏ ସବୁ କେତେ କଳ୍ପନା ମୋର... । ମୋ ବାପା... ଅନ୍ୟତ୍ର ମୋତେ ବାହା ଦେବାକୁ ସ୍ଥିର କରୁଥିବାର ଜାଣି ମୁଁ ସେଦିନ କହିଲି, 'ବାପା, ମୁଁ ଆଦର୍ଶ ବିବାହ କରିବି । ମୁଁ ବିଧବା ବିବାହ କରିବି, ଆପଣ ଅନୁମତି ଦେଲେ ।' ବାପା କେତେ ଭଲ, ରେବତୀ । ସେ ମୋତେ ଖୁବ୍ ଆନନ୍ଦରେ ଅନୁମତି ଦେଇଛନ୍ତି । କହିଛନ୍ତି, 'ମୋ ବୋହୂଟି କିନ୍ତୁ ସୁନ୍ଦରୀ ଆଉ ଗୁଣର ଝିଅ ହୋଇଥିବ । ମୋର ଆଉ କିଛି ଦରକାର ନାହିଁ ।'

ଯାପରେ...... ତୁମକୁ ଭେଟିବାର ଏଇ ଥିଲା ଏକମାତ୍ର ସମୟ । କେତେ-ଆଡ଼େ ବିଧବା ବିବାହ ଚଳୁଛି ! ତୁମ ବାପା, ମୋ ବାପା ଏହାର ପ୍ରଧାନ ପ୍ରବର୍ତ୍ତକ । ତେଣୁ ଅସୁବିଧା ଆଉ କିଛି ନ ଥିଲା । ଭାବିଥିଲି ତୁମେ ବୁଝିବ...... କ୍ଷମାକର ରେବତୀ, ମୁଁ ଚାଲି ଯାଉଛି । ଆଉ କେବେହେଲେ ତୁମକୁ ଏ କଥା କହି କଷ୍ଟ ଦେବିନି । ମୋର ଭୁଲ ହୋଇଛି ।"

Digitized by srujanika@gmail.com

ରେବତୀ କ'ଣ ପାଷାଣୀ ହୋଇଗଲା ! ସୂର୍ଯ୍ୟ ଚାଲିଯାଉଛି ଯେ । ସେ ତାକୁ ଦୌଡ଼ିଯାଇ ଡାକିବ କି ? କହିବ, "ସୂର୍ଯ୍ୟ, ଭୁଲ ତୁମେ କରିନ । ଭୁଲ ମୋର । ରକ୍ତ-ମାଂସର ଶରୀର ନେଇ ମୁଁ ବଞ୍ଚିବି କେମିତି ? ନା— ଏଭଳି ମୁଁ ଆଦୌ ବଞ୍ଚି ପାରିବିନି । ମୋର କେହି ନାହିଁ... କେହି ନାହିଁ । ତୁମେ ମୋର ଖେଳସାଥୀ ଥିଲ । ମୁଁ ତୁମ ହାତ ଧରି ବାଟ ଚାଲିବି । ସବୁ ଭୁଲିଯିବି, ଅନ୍ୟ ସବୁ ମିଛ...... ମୁଁ ପଛ-କଥା ଭୁଲିଯିବି । ତୁମେ ଆଉ ମୁଁ । ସୂର୍ଯ୍ୟ...... ସୂର୍ଯ୍ୟ, ଚାଲି ଯାଅନି । ଟିକିଏ ଶୁଣି-ଯାଅ । ସତରେ ମୁଁ ଖୁବ୍ ବଦଳି ଯାଉଛି । ସହିବାର ଗୋଟିଏ ସୀମା ଅଛି ତ... ।"

ରେବତୀ ପାଗଳୀଙ୍କ ପରି ଖୋଲା ଦାଣ୍ଡ କବାଟ ଦେଇ ପଦାକୁ ବାହାରି ଆସିଲା । କେହି କୁଆଡ଼େ ନାହିଁ । ମଚମଚ ରାତି । ସବୁ ଶୁନ୍‌ଶାନ୍ । ଶୁଖିଲା ବାଉଁଶ ପତ୍ର ଝଡ଼ିବା ଶବ୍ଦରେ ଚମକି ଚାହିଁଲା ସେ । ନା...... ସୂର୍ଯ୍ୟ ଚାଲି ଯାଇଛି ଅନେକ ବେଳୁ । କେତେ ଶୀଘ୍ର ସେ ଭରି ପଦକ୍ଷେପରେ ଚାଲିଗଲା ଯେ !

ନିଜ ମନର ସାଇତା କଥା ଶୁଣାଇ ପାରିଲା ସତ । ଅଥଚ, ରେବତୀ ହୃଦ-ୟର ଭାଷା ବୁଝିବାକୁ ଗୋଟିଏ ମୁହୂର୍ତ୍ତ ବି ଅପେକ୍ଷା କଲା ନାହିଁ । ରେବତୀର ତଣ୍ଟିରେ ଜମାଟ ବନ୍ଧା କୋହ । ସବୁ ପାଇ ପୁଣି ହରାଇ ଦେଇଥିବାର ଅସହ୍ୟ ବ୍ୟଥାରେ ସେ ନିଜକୁ ସ୍ଥିର ରଖିପାରୁ ନ ଥିଲା ।

ଟଳି ଟଳି ଭିତରକୁ ଆସି ଜୋର୍‌ରେ କବାଟଟା ବନ୍ଦ କରିଦେଲା ରେବତୀ । ପାଖ ବାରଣ୍ଡାରେ ପଡ଼ିଥିବା ଖଟପରେ ନିଜକୁ ଲେଟେଇ ଦେଇ ଅଶାନ୍ତ ମନକୁ ଭୁଲାଇ-ବାକୁ ଚେଷ୍ଟା କରୁଥିଲା ସେ ।

ଶାଶୁଙ୍କର ନିଦ ଭାଙ୍ଗିଗଲା ବୋଧହୁଏ । ସେ କଡ଼ ଲେଉଟାଇ ଶୋଇଲେ । ଏବେ ପାଣି ମାଗିବେ, ଘୋଡ଼ିହେଲା ଚଦରଟା ଭଲ କରି ତାଙ୍କ ଦେହରେ ପକାଇ ଦେବ ରେବତୀ । ପାଖରେ ବସି ପିଠି ଆଉଁସି ଦେଉଦେଉ ମନେ ପକାଇବ, ସବୁ ମିଛ । ସୂର୍ଯ୍ୟ ଆସିନାହିଁ, ସେ କାହିଁକି ଆସିବ ଏ ଗାଁକୁ...... !

ନା... ନା, ସେ ଆସିନାହିଁ । ତା'ର ଆସିବା, ଏଇଠି ବସି କଥା କହିବା, ଏ ସବୁ ଖାଲି ସ୍ୱପ୍ନ । ସ୍ୱପ୍ନ ନୁହେଁ ତ କ'ଣ ? କାହିଁ ସ୍ୱପ୍ନକୁ କ'ଣ ସ୍ପର୍ଶ କରିହୁଏ ? ଅନୁଭବ କରିହୁଏ ?

Digitized by srujanika@gmail.com

ରେବତୀ ତା' ଆଖିର ଏଇ ଆଞ୍ଜୁଳା ଆଞ୍ଜୁଳା ମୁକ୍ତାକୁ ଲୁଗା କାନିରେ ସାଇତି ରଖିବ ସୂର୍ଯ୍ୟ ପାଇଁ । ସେ କେବେ ଯଦି ଫେରିଆସେ ! କହିବ, "ନିଅ ସୂର୍ଯ୍ୟ, ଏ ସବୁ ତୁମ ପାଇଁ । ଏତିକି ନେଇ ମୋ ଅନ୍ତର ବୁଝିବାକୁ ଚେଷ୍ଟାକର । ମୁଁ କେତେ ଅସହାୟ, ଏ କଥା କେମିତି ତୁମକୁ ବୁଝାଇବି ଯେ !"

ପାହାନ୍ତିଆ ପହରର ସୁଲୁସୁଲିଆ ଥଣ୍ଡା ପବନରେ ଲୁଗା କାନିଟା ଭଲ କରି ଦେହ ମୁଣ୍ଡରେ ଘୋଡ଼ାଇ ନେଇ ନିଶ୍ଚିନ୍ତ ନିଦରେ ଶୋଇ ଯାଇଥିଲା ରେବତୀ । ତା'ର ସତେଜ ସୁନ୍ଦର ମୁହଁରେ ତଥାପି ଫୁଟି ଉଠିଥିଲା କାରୁଣ୍ୟର ରେଖା କେତୋଟି ।

"ରେବ କିଲୋ, ପୂଜାରୀ କୁଆଡ଼େ ଗଲାକି ? ଏ ଯାଏ ଗେଷେଇ ଘର ସଫା ହେଲାନି । କିଏ ସବୁ କଟକରୁ ଆସିବେ ପରା !" ରଙ୍ଗଲତା କର୍ମତତ୍ପର ହୋଇ ଉଠିଛନ୍ତି । କିନ୍ତୁ ଏ କେତେ ଦିନ ହେଲା ସମୟର ସ୍ରୋତ ସାଙ୍ଗରେ ରେବତୀର ଉଦାସୀନତା ଯେମିତି ଅନେକ ବେଶୀ ବଢ଼ିଯାଇଛି । ପୂର୍ବର ସେ ଚଞ୍ଚଳତା କୁଆଡ଼େ ଗଲା !

କେବେଠୁ ? ରେବତୀ ମନେ ପକାଇବାକୁ ଚେଷ୍ଟା କଲା । ସେ ଏଇ କେତେବର୍ଷ ତଳର କଥା । କିନ୍ତୁ ଲାଗୁଛି କାଲିପରି । ଦୋଳ ପୂର୍ଣ୍ଣିମାର ରୁପେଲି ଜ୍ୟୋତ୍ସ୍ନାସ୍ନାତା ରାତି । ମନେ ପଡୁଛି ସୂର୍ଯ୍ୟର ସେଇ ଆକସ୍ମିକ ଆବିର୍ଭାବ । ସତେକି ରେବତୀର ସ୍ୱପ୍ନ ଭାଙ୍ଗିଦେବାକୁ ସେ ଧାଇଁ ଆସିଥିଲା ଏତେ ବାଟ । କେଜାଣି କ'ଣ ହେଲା ରେବତୀର, ସେଇ ଦିନରୁ ସେ ଯେମିତି ହୋଇଗଲା ଅନ୍ୟ ପ୍ରକାରର । ଭାବିଥିଲା, ଗାଁକୁ ଆସି ସୂର୍ଯ୍ୟର ଦେଖା ପାଇବ । ହୁଏତ ସେ ତାକୁ ଗାଁରେ ଅପେକ୍ଷା କରିଥିବ । ନା– ସୂର୍ଯ୍ୟ ଚାଲିଯାଇଥିଲା ଏକୁଟିଆ ତାକୁ ଜଳିବାକୁ ଛାଡ଼ିଦେଇ ।

ଏତେ ଶୀଘ୍ର ଅତୀତର ସ୍ମୃତିକୁ ମନରୁ ଠେଲି ଘୋପାଡ଼ି ଦେଇ ପାରିବ ବୋଲି ସେ କେବେ ଭାବି ନଥିଲା । ଭାବି ନଥିଲା ସେ ପୁଣି ଏମିତି ବଦଳିଯିବ । ଦେଖାହେଲେ ସୂର୍ଯ୍ୟକୁ ସେ ବୁଝେଇ ଦିଅନ୍ତା. ଜୀବନଯାକ ଜଳିବା ଛଡ଼ା ମୋର ଅନ୍ୟ ଗତି ନାହିଁ । କିଏ ଜାଣେ ସେଦିନ ଯଦି ତୁମ କଥା ରଖିବା ପାଇଁ ମୁହୂର୍ତ୍ତକ ପାଇଁ ଚିନ୍ତା କରିଥାନ୍ତି, ହୁଏତ ଆଜି ଏମିତି ଏକୁଟିଆ ବସି ବସି ଉଦାସୀନତାର ଶୀକାର ମୁଁ ହୁଅନ୍ତି ନାହିଁ । କିନ୍ତୁ ସେ ମୁହୂର୍ତ୍ତ ଚାଲିଗଲା, ଚାଲିଗଲା ପୁଣି କେତେ ଦିନ, ମାସ,

Digitized by srujanika@gmail.com

ବର୍ଷ ଭାବିଲେ ଆଶ୍ଚର୍ଯ୍ୟ ଲାଗେ । କୃଷ୍ଣର ବାହାଘର ପ୍ରସ୍ତାବ ପକାଇବାକୁ କଟକର ଜିଲ୍ଲା ମାଜିଷ୍ଟ୍ରେଟ ନିଜେ ଆସୁଛନ୍ତି । କୃଷ୍ଣ ବି.ଏ. ପାଶ୍ କଲା । କ'ଣ ସବୁ ପରୀକ୍ଷା ଦେଉଛି । ସେମାନେ ଜାଣିଛନ୍ତି ଏ ପରୀକ୍ଷାରେ ସେ ନିଶ୍ଚୟ କୃତିତ୍ୱର ସହିତ ପାଶ୍ କରିବ । ପାଶ୍ ପରେ ଖୁବ୍ ବଡ଼ ଚାକିରୀ ଥୁଆ ତା' ପାଇଁ । ସେଥିପାଇଁ ବଡ଼ ବଡ଼ ଶ୍ୱଶୁର ଘର ଧାଇଁ ଆସିଛନ୍ତି ।

ଇସ୍, ରେବତୀର ବୟସ କେତେ ହେଲଣି । କୃଷ୍ଣଠାରୁ ସେ ପାଞ୍ଚବର୍ଷ ବଡ । ପଚିଶ ପୂରି ଛବିଶ ଚାଲିଲା । ନିଜର ବୟସ କଥା ଭାବି ରେବତୀକୁ ଯେମିତି ଖୁଦ୍ ଲାଜ ଲାଗିଲା । ହସ ବି ଲାଗିଲା । ଏଇ ବୟସରେ ମନଟା ତା'ର ଏମିତି ହୁଏ କାହିଁକି ? ରକ୍ତ ମାଂସର ଶରୀରଟା ପାଇଁତ । କ'ଣ ବା ଅଛି ଶରୀରଟାରେ ! "...ଚିରି ଭିତର ଦେଖ କି ନାରଖାର ।" କ'ଣ ପଦେ ମନେ ପଡ଼ିଗଲା ରେବତୀର । କୂଅମୂଳରେ ପାଣି ବାଲଟି ଭିତରେ ଦେଖାଯାଉଥିବା ଝାଲୁଆ, ବିଷଣ୍ଣ ମୁହଁ ହେଲା ହସ ହସ । ଏଇ ମନର ଚାବିକାଠି ମଣିଷର ନିଜ ହାତରେ ; ସେ ଚାହିଁଲେ ନିଜକୁ ଫଯତ କରିପାରିବ । ଏମିତି ଖୁସି ହେବ, ପୁଣି ମନଭଣା କଲେ ମନ ଆହୁରି ଦବିବ । ତାକୁ ଟାଣିବ ତଳ ଆଡ଼କୁ ।

ରେବତୀ ପ୍ରକୃତିସ୍ଥ ହେଲା । ଏତେ କଥା ସେ କ'ଣ ଭାବି ହଉଛି ? ମୁହଁ ହାତ ଧୋଇ ପକେଇ ପୋଛି ହୋଇ ପଡ଼ିଲା ସେ । ମୁଣ୍ଡର ଅସଜଡ଼ା ଲମ୍ବା ଗହଳ କେଶକୁ ଦୁଇ ହାତରେ ଏକାଠି କରି ଟାଣି ଧରି ଗଣ୍ଠି କଲା, ପୁଣି ଥରେ ହାତ ଧୁଆଧୋଇ କରି ସଫା ଲୁଗା ଖଣ୍ଡେ ବଦଳି ପକେଇଲା । ତା'ର ମଠ ମଠ ଭାବ ଦେଖି ରଙ୍ଗଲତା ଗେଷେଇ ଘର ପାଖରେ ପୁଝାରୀକୁ ଜଗି ବସିଛନ୍ତି । ଆହୁତି ପାନ ଥାଳିଆ ଖଣ୍ଡକ ସଜାଡ଼ି ରଖୁଛି ପାନ ବାକ୍ସ ପାଖରେ । ବିଭୁରଞ୍ଜନ ସଫା ଧୋତି, ପଞ୍ଜାବୀ ଦି'ଖଣ୍ଡ ପିନ୍ଧିଛନ୍ତି, ମନେ ହେଉଛନ୍ତି କେତେ ଶାନ୍ତ ଭଦ୍ର !

ରେବତୀ ତାଙ୍କୁ ଘଡ଼ିଏ ଚାହିଁ ରହିଲା, ଆଜି ଯେମିତି ବାପାଙ୍କ ମନରୁ ସବୁ ରାଗ ରୋଷ କିଏ ଧୋଇ ଦେଇଛି । ବଡ଼ ବେତ ଚଉକୀଟାରେ ଆଉଜି ବସି ଡାକରେ ଆସିଥିବା ଖବରକାଗଜ ଦି'ଖଣ୍ଡ ଆଉଥରେ ପଢିବାର ଚେଷ୍ଟା କରୁଛନ୍ତି ସେ ।

ଆହୁତି ଦୌଡ଼ିଗଲା ଚଉପାଢ଼ୀ କବାଟ ପର୍ଯ୍ୟନ୍ତ, ସେମାନେ ଆସି ଗଲେଣି । ରେବତୀ ମୁଣ୍ଡରେ ଲୁଗା ଟାଣି ପାହାଚରେ ଓହ୍ଲାଇଲା । କଳା ରଙ୍ଗର ମଟର ଗାଡ଼ି ଭିତରୁ ନାଲିଧଡ଼ି ଫିକା ରଙ୍ଗର ସିଲ୍କ ଶାଢ଼ୀ ଖଣ୍ଡେ ପିନ୍ଧି ଓହ୍ଲାଇ ଆସିଲେ ଜଣେ

Digitized by srujanika@gmail.com

ଭଦ୍ରମହିଳା । ବୟସ ବୟାଳିଶ, ତେୟାଳିଶ୍ ଭିତରେ । ଭଦ୍ରଲୋକ ଜଣକ ତାଙ୍କଠାରୁ ପାଞ୍ଚ ସାତବର୍ଷ ବଡ଼ ହେବେ, ବୟସ ପଚାଶ ଏପାଖ । ଇଏ ବୋଧହୁଏ ସୁବୋଧ ଦାସ, ଜିଲ୍ଲା ମାଜିଷ୍ଟ୍ରେଟ ଆଉ ଏ ନିଶ୍ଚୟ କାଦମ୍ବରୀ ଦେବୀ ତାଙ୍କର ପତ୍ନୀ ।

ରେବତୀ ହାତ ଯୋଡିଲା, ଆହୁତିକୁ ପ୍ରଣାମ କରିବାକୁ କହିଲା ।

କାଦମ୍ବରୀ ହସ ହସ ମୁହଁରେ ରେବତୀକୁ କୁଣ୍ଢେଇ ପକାଇଲେ, କହିଲେ– "ମୁଁ ଜାଣିଛି, ତୁମେ ରେବତୀ । ତୁମ କଥା କୁଷ ମନରେ ସବୁବେଳେ । ମୋତେ ସେ ପର କହେ, ରେବ ନାନୀ ହାତ ରନ୍ଧା ଖାଇବା ପରେ ଏ ମେସ୍ ରନ୍ଧା ଖାଇ ହଉନି ।" ରେବତୀ ଲଜେଇ ଗଲା, ଆହୁତି ଧାଇଁଗଲା ବିଭୂରଞ୍ଜନଙ୍କ ଡାକରେ । କେତେ ଶୀଘ୍ର ସ୍ନେହ ମମତାରେ ବାନ୍ଧି ପକେଇଲେ କାଦମ୍ବରୀ ।

ଘର, ବାଡ଼ି ବୁଲି ଦେଖୁଛନ୍ତି ସେ, କେତେବଡ଼ ଖାନ୍‌ଦାନୀ ଘର । ସବୁ ଖଞ୍ଜା ଖାଲି ପଡ଼ିଛି । କର୍ପୂର ଯାଇ କନା ପଡ଼ିଲା ଭଳି ପୂର୍ବତନ ଜମିଦାର ଘରର ସ୍ମୃତି ସ୍ୱରୂପ ପ୍ରତିଟି ଘରେ ରହିଛି କେତେକ ମୂଲ୍ୟବାନ ଅସବାବ । ଦାଣ୍ଡରେ ବାଡ଼ ଘେରା ହୋଇ ଫୁଲ ବଗିଚା । ଚମ୍ପା, ସୁଗନ୍ଧରାଜ, ମଲ୍ଲୀ, ଗୋଲପ, ରଜନୀଗନ୍ଧା ଫୁଲର ମହକ ନେଇଆସି ଅପରାହ୍ଣ ସୁଲୁସୁଲିଆ ପବନ କାଦମ୍ବରୀଙ୍କୁ ଛୁଇଁ ଯାଉଥିଲା । ଅତି ଆନନ୍ଦରେ ସେ କହି ପକାଇଲେ ଏଇ ଫୁଲ ସବୁରେ ଠାକୁରଙ୍କୁ ସଜେଇବାକୁ ଖୁବ୍ ଭଲ ଲାଗେ । ଦିନ ଭିତରେ କାଦମ୍ବରୀଙ୍କର ଠାକୁର ପୂଜା ହେଉଛି ସବୁଠୁ ବଡ଼ କାମ । ସେଇଥିରେ ତାଙ୍କର ସବୁ ଆନନ୍ଦ । ଏତେ ଫୁଲର ମହକରେ ଆତ୍ମହରା ହୋଇ ସେ ତାଙ୍କ ଇଷ୍ଟଦେବଙ୍କୁ ପ୍ରଣତି ଜଣାଇଲେ ଝିଅର ଶୁଭ ମନାସି ।

ତାଳ, ନଡ଼ିଆ, କଦଳୀ, ଆମ୍ବ, ପଣସ, ଲିଚୁ, ଜାମୁରୋଳ, ଜାମୁକୋଳି ଗଛରେ ଭର୍ତି ହେଇଛି ବଗିଚା । ପୋଖରୀରେ ସ୍ୱଚ୍ଛ ନିର୍ମଳ ଜଳରେ ବତକ କେତୋଟି ପହଁରି ଖେଳୁଛନ୍ତି । ସେଇ ପାଖରେ ପୁଣି ଆଉ ଗୋଟିଏ କୁଅ– ପକା ଚଉତରା. ରଜନୀଗନ୍ଧାର ବଣ ।

ସୁବୋଧ ବାବୁ ସେଇ ଚଉତରା ଉପରେ ବସିଛନ୍ତି ଆସି । ବିଭୂରଞ୍ଜନ ତାଙ୍କୁ ବାଡ଼ି ବଗିଚା କଥା କ'ଣ ସବୁ ବୁଝେଇ କହୁଛନ୍ତି । କାଦମ୍ବରୀ ସେଇଠି ପହଞ୍ଚିଲେ । କହିଲେ, "କେତେ ସଫା ସୁତୁରା ହୋଇଛି ବାଡ଼ିଘର । ଯାହା ବୁହ ସହରରେ ଏମିତି ଶାନ୍ତ ପରିବେଶ ମିଳିବ ନାହିଁ ।"

Digitized by srujanika@gmail.com

"ମୁଁ ଜାଣେ ତୁମ ମନକୁ ଖୁବ୍ ପାଇବ । ବିଭୁ ବାବୁଙ୍କର ସେଇ ଏକା ଯିଦ୍ ମୁଁ ଚଉପାଢ଼ୀରେ ବସେ । କିନ୍ତୁ ବଗିଚ୍ଚ ଦେଖିବାକୁ ଆସି ମୁଁ ଏଇଠି ବସିଲି ।"

ଅନେକ ପ୍ରକାରର ପିଠା ପ୍ରସ୍ତୁତ କରିବାକୁ ପୂଜାରୀକୁ ବରାଦ କରିଥିଲା ରେବତୀ । ତା' ସଙ୍ଗେ ଖିରୀ, ତରକାରୀ, ପାଚିଲା ଆମ୍ବ । ବାହାର୍କୁ ମଗା ହୋଇଥିଲା ରଜଭୋଗ ।

ସେମାନେ କଥାବାର୍ତ୍ତା, ଖିଆପିଆ ସାରି ଯିବା ବେଳକୁ ରାତି ନଅଟା ।

କାଦମ୍ବରୀ ଦେବୀଙ୍କର ସେଇ ଏକ ଯିଦ୍, "ମୁଁ ରେବତୀ, ଆହୁତିକୁ ନେଇ ଯାଉଛି ଆମ ଘରକୁ । ଆମ ପିଲାଙ୍କୁ ଦେଖିବେ । ଦିନେ ଦୁଇଦିନ ବୁଲାବୁଲି କରି ଆସିବେ ।" ଆହୁତି ଆଗ୍ରହରେ ଚାହିଁଲା ରେବତୀର ମୁହଁକୁ । ରେବତୀର ମନୋଭାବ କିଛି ବୁଝିବା ଅସମ୍ଭବ । କିନ୍ତୁ ରଙ୍ଗଲତା ମୁହଁ ଖୋଲିଲେ , "ହଁ ଯାଆନ୍ତୁ, ବୁଲି ଆସିବେ । ଭାଇ ଦୁହିଁକି ଦେଖିବେ । କେତେଦିନ ହେଲାଣି କୃଷ୍ଣ ଆସିନି ଗାଁକୁ ।"

ବିଭୁରଞ୍ଜନ ଟିକିଏ ନୀରବ ରହି କହିଲେ, "ଏବେ ଥାଉ, ଏଇ କ'ଣ ସରି-ଗଲା ? ମୁଁ କହିଛି ସୁବୋଧ ବାବୁଙ୍କୁ ସେ ପୁଣି ବୁଲି ଆସିବେ କେବେ ସୁବିଧାରେ । ପରେ ଯିବେ ପିଲାଏ ।" ଆହୁତିର ମୁହଁ ଶୁଖିଗଲା । ସେ ଯିବ ଭାବି ମନେ ମନେ କେତେ କଳ୍ପନା କରିଥିଲା । ଜେଜେମା' କହୁଛି, ଅଥଚ ବାପା ମନା କରିଦେଲେ ।

ସେମାନେ ପୁଣି ଅନ୍ୟ କଥାବାର୍ତ୍ତା କରୁଛନ୍ତି । ବିଭୁରଞ୍ଜନ ଶେଷରେ ହସି ହସି କହିଲେ, "......ମୁଁ ଖବର ଦେବି ନିଶ୍ଚୟ ।" ଗାଡ଼ି ଷ୍ଟାର୍ଟ ହୋଇ ସାରିଥିଲା । ସୁବୋଧ ବାବୁ ପ୍ରତି ନମସ୍କାର ଜଣାଇ ଗାଡ଼ି ଚଳାଇବା ଆରମ୍ଭ କଲେ ।

ଘର ଭିତରକୁ ଆସି ଚାକିରୀଆକୁ ଡାକିଲେ ବିଭୁରଞ୍ଜନ । ଚଉକୀଟା ଅଗ-ଣାରେ ନେଇ ପକାଇବାକୁ କରାଦ କଲେ, ପାଟିକରି ଡାକିଲେ, "ଆଲୋ ବୋଉ, ରେବତୀ, ଇଆଡ଼େ ଆସ । କେଡ଼େ ବଡ଼ଲୋକ ସେ, ଝିଅ ବାହାଘର ପ୍ରସ୍ତାବ ନେଇ ଏଠିକି ଆସିଲେ ! ସହରି ପାଠୋଇ ଝିଅ । କଲେଜରେ ପଢୁଛି । ଆମର ଏ ମଫସଲ ଘରେ ଚଳିବ କେମିତି ? ମୋତେ ଏ କଥା ଅନ୍ୟ ପ୍ରକାର ଜଣା ଯାଉଛି । କେଜାଣି କୃଷ୍ଣ ତ ତାଙ୍କ ଘରକୁ ଯା' ଆସ କରେ । କେତେ ପ୍ରଶଂସା ତାକୁ କରୁଛନ୍ତି । କହୁ-ଛନ୍ତି, 'କୃଷ୍ଣ ତ କେତେ ବର୍ଷ ହେଲା ଆମ ଘରର ପୁଅ ଜାଣ । ତେବେ ସେଇ ସମ୍ବନ୍ଧକୁ ପକ୍କା କରିବାକୁ ମୋର ଇଚ୍ଛା ।" କାହିଁକି ଏମିତି କହୁଛନ୍ତି କେଜାଣେ ?

Digitized by srujanika@gmail.com

ପୁଅ, ଝିଅଙ୍କର ଇଚ୍ଛା ଅଛି କି ? କୃଷ୍ଣଟା ତ କେବେ କିଛି କହେନା । ତତେ କିଛି କହିଛି କି, ରେବ ?"

"ନାଁ ତ, ତାଙ୍କ ଝିଅ କଥା କିଛି କହିନି । ତେବେ ସୁବୋଧ ବାବୁ, ତାଙ୍କ ସ୍ତ୍ରୀ, ପିଲମାନେ ଖୁବ୍ ଭଲ । ସୁବୋଧବାବୁ ତାକୁ ଚାକିରୀ ଦେଇ ସବୁ ସୁବିଧା କରିଛନ୍ତି । ଏମିତି କ'ଣ ସବୁ କହୁଥିଲ ।"

"ହେଲ ଏବେ, ସେମାନେ ତ ବ୍ରାହ୍ମଣ ଘର । ଝିଅଟି ଯଦି ସୁନ୍ଦର ହୋଇ-ଥିବ, ଆମେ ଆପତ୍ତି କରିବା କାହିଁକି ? ବାପା, ମା' ତା'ର ଏତେ ତୋଫା ଗୋରା, ସୁନ୍ଦର । ଝିଅଟି କ'ଣ ଅସୁନ୍ଦରୀ ହୋଇଥିବ । କୃଷ୍ଣ ଆମର ସେମିତି ଆଜେ ବାଜେ ଝିଅକୁ କେବେ ପସନ୍ଦ କରିବନି ।" ରଙ୍ଗଲତା ମତବ୍ୟକ୍ତ କଲେ ।

"ଆଲେ ବୋଉ, ଏଭଳି ଘରେ ବନ୍ଧୁ କରିବାକୁ ମୋର କ'ଣ ଆପତ୍ତି ଅଛିକି ? ତେବେ ଶିକ୍ଷିତ ପିଲ, କ'ଣ ତାଙ୍କ ମନ କଥା । ମୁଁ ଯାହା ଭାବୁଛି କେତେ-ଦୂର ସତ । ଆଚ୍ଛା ରେବ, ତୁ ଖଣ୍ଡେ ଚିଠି ଲେଖୁତ ସବୁ କଥା ବୁଝେଇ । ତା'ର ଉତ୍ତର ଆସିଲେ, ମୁଁ ସୁବୋଧବାବୁଙ୍କୁ ଯାହା ଚିଠିପତ୍ର ଦେବି ।"

ଏତେ ଶୀଘ୍ର ଏମାନେ ସବୁ ତାଙ୍କ ଗାଁକୁ ଯିବେ ? କୃଷ୍ଣ ଭାବି ନଥିଲ । ଥରେ କାଦମ୍ବରୀ ଦେବୀ ଏମିତି କହୁଥିଲେ, କୋଉଦିନ ରବିବାର ଦେଖି ଯାଇ ବୁଲି ଆସିବେ । ସୁବୋଧବାବୁ ବାପାଙ୍କ ବିଷୟରେ ପଚାରୁଥିଲେ । କୋଉ ରାସ୍ତାରେ ଯିବାକୁ ହେବ ଏମିତି କେତେଟା ସାଧାରଣ କଥା । ପୁଣି କେତେଦିନ ତଳେ କାଦମ୍ବରୀଙ୍କର ଜଣେ ଦୂରସମ୍ପର୍କୀୟ ଭାଇ ଯେ'କି ତାଙ୍କ ଘରେ ରହି ଚାକିରୀ ଖୋଜିବାରେ ବ୍ୟସ୍ତ ଅଛନ୍ତି, ତାଙ୍କଠୁଁ ବି ସେ ଶୁଣିଥିଲ ଯେ ଏମାନେ ଝିଅର ପ୍ରସ୍ତାବ ନେଇ ତାଙ୍କ ଘରକୁ ଯିବେ, ବାପାଙ୍କ ସଙ୍ଗେ କଥାବାର୍ତ୍ତା କରିବେ, ଘରଦ୍ୱାର ଦେଖିବେ, ଇତ୍ୟାଦି ଇତ୍ୟାଦି । ସେତେବେଳେ ଏକ ଅଜଣା ଆନନ୍ଦ ସାମୟିକ ଭାବରେ କୃଷ୍ଣ ମନକୁ ଆଚ୍ଛନ୍ନ କରିଥିଲ । ସୁବୋଧବାବୁ, ଶ୍ରୀମତୀ ଦାସଙ୍କ କଥାବାର୍ତ୍ତାରୁ ଏଇ ଆଭାସ ସେ ଯେ ନ ପାଇଛି ସେମିତି ନୁହେଁ । ଯାପରେ ଏ ଘରକୁ ଆସିବାଟା ତା'ର ହାଯ ଜମିଯିବା

Digitized by srujanika@gmail.com

ସ୍ୱାଭାବିକ । ମାତ୍ର ଛୁଟୀଦିନ, ପର୍ବପର୍ବାଣୀ ଦିନରେ ବଡ଼ପୁଅକୁ ପଠେଇ କାଦମ୍ବରୀ କୃଷ୍ଣକୁ ବାରମ୍ବାର ଡକେଇ ଆଣୁଥିଲେ ।.

କିନ୍ତୁ ସତ କହିବାକୁ ଗଲେ ତନୁଶ୍ରୀ ଏବେ କାହିଁକି ପୂର୍ବର ସେଇ ପ୍ରଥମେ ଦେଖିଥିବା ସରଳ ସାଧାରଣ ଝିଅ ଭଳି ମନେ ହୁଏନା । କୃଷ୍ଣର ବୁଝିବା ବି ଭୁଲ ହୋଇପାରେ । ମୁହୂର୍ତ୍ତକ ପାଇଁ ଦେଖା ଦେଇଥିବା କୃଷ୍ଣ ମନର ଏଇ ଦ୍ୱନ୍ଦ୍ୱ ହଠାତ୍ ସୁବୋଧବାବୁ ଓ କାଦମ୍ବରୀ ଦେବୀଙ୍କ ସ୍ନେହଶୀଳ ବ୍ୟବହାରରେ ଅନ୍ତର୍ହିତ ହୁଏ । ସେ ଚିନ୍ତାକରେ ଏମିତି ଭାବେ ଗୋଟିଏ ଝିଅକୁ ବିଚାର କରିବା ତା'ର ଠିକ୍ ହେଉନି ।

ସେଦିନ ପିଲାଏ ସମସ୍ତେ ସିନେମା ବାହାରିଥିଲେ । କୃଷ୍ଣକୁ ବି ଡକାଇଥିଲେ କାଦମ୍ବରୀ ରାତିରେ ତାଙ୍କ ଘରେ ଖାଇବା ପାଇଁ । ଫାଟକ ଖୋଲିବା ପରେ ଦୃଷ୍ଟି ପଡ଼ିଲା କିଛି ଦୂରରେ ଗାର୍ଡନ୍ ଚେୟାର ଦୁଇଟି ଦଖଲକରି ବସିଛନ୍ତି ତନୁଶ୍ରୀ ଓ ତା'ର ଜଣେ ବାନ୍ଧବୀ ସରିତା । କୃଷ୍ଣ ସିଧା ଘରଆଡ଼େ ଚାଲିଯାଉଥିଲା । ତନୁଶ୍ରୀ ଡାକିଲା, "ଏତେ ଡେରି କଲେ ? ଆମେ କେହି ଯାଇ ପାରିଲୁନି ଆପଣଙ୍କ ପାଇଁ ?"

"କୁଆଡ଼େ ଯାଇ ପାରିଲନି ? ମୁଁ ତ କିଛି ଜାଣିନି ।"

"ମା' ପରା ଖବର ପଠାଇଥିଲେ ?"

"ରାତିରେ ଖାଇବାକୁ ଆସିବା ପାଇଁ କହିଥିଲେ । ଅବଶ୍ୟ ସନ୍ଧ୍ୟା ପୂର୍ବରୁ ନିଶ୍ଚୟ ଆସିବା ପାଇଁ ପ୍ରଭାତ ବାରମ୍ବାର କହିଯାଇଥିଲା ଆମ ପୂଜାରୀକୁ ।"

"ମାତ୍ର ଦଶ ମିନିଟ ପୂର୍ବରୁ ଆସିଥିଲେ ଯାଇହେଇ ଥାଆନ୍ତା ।"

"ଓହୋ ସିନେମା ଯିବାର ଥିଲାପରା । ମୁଁ ଖୁବ୍ ଦୁଃଖିତ୍ ଏ ବିଷୟ ଆଦୌ ବୁଝି ପାରିଲିନି । ଛାଡ଼— ମା'ଙ୍କୁ ଦେଖାକରି ଆସେ ।"

"ଆରେ ଏଠି ବସନ୍ତୁ, ଘରେ ଏବେ କିଏ ଅଛିକି ?" ସରିତା ହସି ହସି ଆଗ ଚେୟାର ଦେଖାଇ ଦେଲା ।

କେବଳ ତନୁଶ୍ରୀକୁ ଛାଡ଼ି ସମସ୍ତେ ସିନେମା ଚାଲିଯାଇଥିଲେ । କାଦମ୍ବରୀ ଦେବୀ ଯାଇଥିଲେ ଚଣ୍ଡୀ ମନ୍ଦିର ।

କୃଷ୍ଣ ନୀରବରେ ନ ବସି ଦୁଇ ବାନ୍ଧବୀଙ୍କ ବାକ୍ୟାଳାପରେ ଯୋଗ ଦେଲା । କଥା ମଝିରେ ସରିତା ଉଠିଲା ଯିବାକୁ । ତାକୁ ଫାଟକ ପାଖରେ ଛାଡ଼ିଦେଇ ଖୁବ୍ ଶୀଘ୍ର ଫେରି ଆସିଲା ତନୁଶ୍ରୀ ।

Digitized by srujanika@gmail.com

"ଆଜି ପଢ଼ାପଢ଼ି ସବୁ ନଷ୍ଟ ଆପଣଙ୍କର ।"

"ମୁଁ କ'ଣ ପୁସ୍ତକକୀଟ ?" ହସି ହସି କହିଲା କୃଷ୍ଣ ।

"ନାଇଁଯେ, ଏଠି ଆସି ବୋର ହେଉଛନ୍ତି । ଘରେ ତ କେହି ନାହାନ୍ତି ।"

"ତୁମେ ତ ଅଛ । ବରଂ ଏମିତି କେବେ ବସି କଥା କହିବାର ସୁଯୋଗ ଆଉ ମିଳିଲା କେଉଁଠି ?" ସେଦିନ କୃଷ୍ଣ କଥାରେ ଏ ଆନ୍ତରିକତାର ଆଭାସ ତନୁଶ୍ରୀ ଠିକ୍ ବୁଝିଥିଲା କି ନାହିଁ କେଜାଣି ? କିନ୍ତୁ ପରେ ପରେ ତା' ପ୍ରଶ୍ନରେ ଘାଣ୍ଟି ପାଇଟିଲା କୃଷ୍ଣ ।

"ଆପଣ କ'ଣ ନିଶ୍ଚୟ ଆଇ.ଏ.ଏସ୍ ପାଇବେ ?"

"ଆଶା ତ କରିଛି । ମାତ୍ର ଯେ ପର୍ଯ୍ୟନ୍ତ ନପାଇଛି, ବିଶ୍ୱାସ କରିବି କିପରି ?" ଟିକିଏ ଗମ୍ଭୀର ସ୍ୱରରେ ଏକଥା କହି ପରମୁହୂର୍ତ୍ତରେ ପୁଣି ସହଜ ହେଇ ଅନ୍ୟ କଥା ଆରମ୍ଭ କଲା କୃଷ୍ଣ । ତା'ପରେ ସେ ପଚାରିଥିଲା ସେଇ ପଦଟିଏ କଥା, ଯାହା ପଚାରିବା ପାଇଁ ଅନେକ ଦିନରୁ ଏମିତି ଏକାନ୍ତ ମୁହୂର୍ତ୍ତଟିଏ ଖୋଜି ହେଉଥିଲା ସେ ।

"ତନୁ, ତୁମେ ବୋଧହୁଏ ଜାଣିଥିବ, ତୁମ ବାପା, ମା' ଯା ମଧ୍ୟରେ ଆମ ଘରକୁ ଦିନେ ଯିବା ପାଇଁ ସ୍ଥିର କରିଛନ୍ତି ଏବଂ ଯିବାର କାରଣଟା ମୁଁ ନ କହିଲେ ବି ବୁଝୁଥିବ ।"

"ଜାଣିଛି ଯେ... କିନ୍ତୁ ସେମାନଙ୍କୁ କିଛି କହି ହେବନି ।"

ସେତେବେଳେ କୃଷ୍ଣ କାହିଁକି ଅବଶତା ଅନୁଭବ କଲା ? ସେ କ'ଣ ତେବେ ତନୁଶ୍ରୀକୁ ଭଲ ପାଉଥିଲା ।

"କ'ଣ ଭାବୁଛ ? ମୋତେ କୁହ । ନା– ମୋତେ ବି କହିବନି ।"

"କହିବି । ମୁଁ ବାସ୍ତବବାଦୀ, ମୁଁ ଜାଣିଛି ସ୍ୱପ୍ନ ଦେଖି ବଞ୍ଚି ହୁଏନା ।"

କୃଷ୍ଣ ନୀରବ ରହିଲା ଶୁଣିବାର ଅପେକ୍ଷାରେ ।

ଇଜିଚେୟାରରେ ଆଉ ଟିକିଏ ଡକି ଶୋଇଗଲା ତନୁଶ୍ରୀ । "ସତ କଥା କହିବାକୁ ଗଲେ, ଆପଣଙ୍କ ଆଇ. ଏ. ଏସ୍. ପାଇବା ଉପରେ ହିଁ ମୋ ବିବାହ ନିର୍ଭର କରୁଛି । ଅବଶ୍ୟ ବାପା, ମା'କୁ କହୁଥିଲେ, 'କୃଷ୍ଣ ଆଇ.ଏ.ଏସ୍. ପାଉ ବା ନ ପାଉ, ସେ ଗୋଟିଏ ଜୁଏଲ୍, ମୁଁ ଖୁବ୍ ସୁଖୀ ହେବି,' ମା'ର ମଧ୍ୟ ସେଇ ଏକା କଥା । ସେ କହେ, 'ବଡ଼ଘର' ପୁଅ, ରୂପ ସୁନ୍ଦର । ଆଉ ଅଧିକ କ'ଣ ଦରକାର...... ।"

Digitized by srujanika@gmail.com

କୃଷ୍ଣ ପରବର୍ତ୍ତୀ କଥା ସବୁକୁ ଶୁଣିପାରୁ ନ ଥିଲା ବୋଧହୁଏ । ଅନେକ ସମୟ ପାଇଁ ତା' ମୁଣ୍ଡରୁ ସବୁ ଚିନ୍ତାର ଗତି ବନ୍ଦ ହୋଇ ଯାଇଥିଲା ଯେତେବେଳେ ତନୁଶ୍ରୀ କହିଥିଲା, "ମୁଁ ସ୍ୱପ୍ନ ଦେଖି ବଞ୍ଚିବାକୁ ଚାହେଁନା ।"

"ଠିକ୍ କହିଛ, ତନୁ । ତେବେ ବ୍ୟସ୍ତ ହେବାରେ କିଛି ନାହିଁ, ତୁମର ମତ ନ ନେଇ ସେମାନେ ଆଦୌ କେଉଁଠି ବିବାହ କରାଇବେନି ।"

କୃଷ୍ଣ ଶୀଘ୍ର ସେଠାରୁ ଚାଲି ଆସିଥିଲା । ସେ ଭୁଲି ଯାଇଥିଲା ଯେ କାଦମ୍ବରୀ ଦେବୀ ତାକୁ ଖାଇବା ପାଇଁ ନିମନ୍ତ୍ରଣ କରିଥିଲେ । କେଜାଣି କ'ଣ ଭାବିଥିବେ ସେମାନେ !

ଯା ଭିତରେ କେତେକ ଦିନ ବିତି ଯାଇଥିଲେ ବି କୃଷ୍ଣ ସୁବୋଧ ବାବୁଙ୍କ ଘରକୁ ଯାଇ ପାରିନି । ତା'ପରେ... ରେବତୀର ଏ ଚିଠି ପାଇ ସେ ବିସ୍ମିତ ହୋଇଛି ।

ଚିଠି ଆସିଛି । କୃଷ୍ଣ ଚିଠି ଦେଇଛି ରେବତୀ ପାଖକୁ । ସମସ୍ତେ ଆଗ୍ରହୀ ହୋଇ ଅପେକ୍ଷା କରିଛନ୍ତି ଜାଣିବାକୁ । ରଙ୍ଗଲତା ଖୁଣ୍ଟ ପାଖରେ ନୀରବରେ ଠିଆ ହୋଇଛନ୍ତି । ରେବତୀ ଚିଠି ଚିରି ପଢ଼ିବାକୁ ଆରମ୍ଭ କଲା ।

ମାନନୀୟା ରେବନାନୀ,

......ତୁ ଯେଉଁ ବିଷୟ ପଚାରିଥିଲୁ, ଏଥିରେ ମୋର ଆଦୌ ମତ ନାହିଁ । ଏବେ ମୁଁ ପଢ଼ାପଢ଼ି ନେଇ ବ୍ୟସ୍ତ ଅଛି । ତା'ଛଡ଼ା ମୋର ଅନେକ କିଛି କରିବାର ଅଛି । ବିଶେଷ କରି ଆହୁତିର ବିବାହ ନ ସରିବା ଯାଏ ମୋ ପ୍ରଶ୍ନ ଉଠାଇବନି । ସେ ଆମର ପ୍ରଥମ କର୍ତ୍ତବ୍ୟ । ବାପାଙ୍କୁ ସବୁ ବୁଝାଇ ଦେବୁ । ଏବେ ମୋତେ ବିବାହ ବିଷୟରେ ଆଉ ପଚାରି ବ୍ୟସ୍ତ କରିବୁ ନାହିଁ ।.........

ରେବତୀ ନୀରବ, ରଙ୍ଗଲତା ବି କ'ଣ କହିବେ ବୁଝି ପାରିଲେ ନାହିଁ । କେତେ ସମୟ ପରେ ବିଭୁରଞ୍ଜନ ନୀରବତା ଭଙ୍ଗ କରି କହିଲେ, "ଦେଲୁ ମା', ସେ ଟେବୁଲ୍ ଡ୍ରରୁ ମୋର ପ୍ୟାଡ୍, ଆଉ କଲମ । ସୁବୋଧ ବାବୁଙ୍କୁ ଚିଠି ଦେଇ ଏ କଥା ଜଣାଇ ଦେବା ମୋର କର୍ତ୍ତବ୍ୟ । ଭଦ୍ରଲୋକ କେତେ ଆଗ୍ରହରେ ଆସିଥିଲେ । ସବୁ ଗୋପାଳଙ୍କ ଇଛା ।"

Digitized by srujanika@gmail.com

କଥାଟା କ'ଣ ସତ ?

ସୁରଭି ନୀରବ ରହିଛି । ଉମାକାନ୍ତଙ୍କୁ ଉତ୍ତର ଦେବାକୁ ତା' ପାଟିରେ ଭଷା ନାହିଁ । ଉମାକାନ୍ତ ପୁଣି ଥରେ ପଚାରିଲେ, "ଅନୁଭୂତି ଏ ବିଷୟରେ ଆଉ କ'ଣ ଲେଖିଛି ?"

"ନା, ଏ ବିଷୟରେ ସେ ଅନ୍ୟ ପ୍ରକାର ଲେଖିଛି । କୁମୁଦ ସବୁବେଳେ ନଡ଼ିଆ, ପଣସ ଫେରୀ କରି ବିକ୍ରୀ କରୁଥିଲା । ଘରବାଡ଼ି ଜଗିବ କ'ଣ ଓଲଟି ଦେଖୁଛ ସବୁ ନେଇ ତା' ପୁଅକୁ ଦେଉଛି ।"

"ପୁଅ କୁଆଡ଼ୁ ଆସିଲା ?"

"ଶ୍ରେଷ ପୁଅଟି ତା'ର କୁଆଡ଼େ ଥିଲା କେଜାଣି, ହଠାତ୍ ଦିନେ ଗାଁକୁ ଆସି ମା' ପାଖରେ ପହଞ୍ଚି ଖୁବ୍ ଗୁଡ଼ାଏ କାନ୍ଦିଲା । ତଥାପି ବାପା ତାକୁ କୌଣସି କାମ ଦେଲେନି । ଶୁଣିଛି ଗାଁରେ ମୂଲିଆ କାମ କରି ଚଳୁଛି । ଯା ବାଡ଼ି, ତା' ବାଡ଼ିରେ ପଣି ଫେରୀ ବି କରେ, ଧରପଡ଼ି ମାଡ଼ ଖାଏ । ଶେଷରେ ସେଇ ପୁଅ ପାଇଁ କୁମୁଦକୁ ବାପା ଘରୁ ତଡ଼ିଲେ ।"

ପାଖଆଖ ସବୁ ଗାଁରେ ଖବରଟା ପ୍ରଚାରିତ ହୋଇ ଯାଇଥିଲା । ଘରେ କାମ କରିବାକୁ କେତେ ଗରିବ ସ୍ତ୍ରୀ ଲୋକ ଆସନ୍ତି । ଏ କିନ୍ତୁ ଅଲଗା କଥା । ରଜା, ଜମି-ଦାରମାନେ 'ରକ୍ଷିତା' ରଖୁଥିଲେ । ସେ ଦିନ ଗଲାଣି । ବିଭୂରଞ୍ଜନ ଯାହା କଲେ ଭଲ ହେଲା ନାହିଁ । କୁମୁଦକୁ ତଡ଼ିଦେଇ କୋଉଠୁ ପୁଣି ସାଉଁଟି ଆଣିଲେ ମଙ୍ଗଳାକୁ । ନିଜେ ସେ ଦମ୍ଭର ସହିତ ସ୍ୱୀକାର କଲେ, "ମଙ୍ଗଳାକୁ ମୁଁ ବିବାହ କରିଛି ।" ଇସ୍, ଏ କଥାଟା କ'ଣ ଯେ ଶୁଣାଯାଉଛି !

ସୁରଭି କାଠପାଷାଣ ଭଳି ବସିଛି । କାଲି ସକାଳେ ଶାଶୁ ଶୁଣିବେ । ତାକୁ ଡାକି ପଚାରିବେ, "ଏ ବୟସରେ ତୋ ବାପାକୁ ଏ ଦୁର୍ବୁଦ୍ଧି କୁଟିଲା କାହିଁକି ?"

"ସୁରଭି, ଦବଟି ମୋ ସାର୍ଟଟା । ମୁଁ ଟିକିଏ ବୁଲିଆସେ ତୁମ ଘରଆଡ଼ୁ ।"

"ତୁମେ ଏକା ଯାଇ କ'ଣ କରିବ ? ମୁଁ ଟିକିଏ ଯାଇଥିଲେ, ପିଲାଛୁଆଙ୍କୁ ଦେଖି ଆସିଥାନ୍ତି । କେତେଦିନରୁ ସେବକୁ ଦେଖିନି ।"

Digitized by srujanika@gmail.com

କୋଳରେ ଛଅମାସର ପୁଅକୁ ଧରି ଘୂରି ଶବୁଥିଲ, "ନା, ମୁଁ ଯାଇପାରି-ବିନି । ଏ ପିଲଗୁଡ଼ାଙ୍କୁ ନେଇ ଖରରେ କିଏ ଯିବ !"

ଉମାକାନ୍ତଙ୍କର ମନ ଲାଗିଛି । ଖାଇସାରି ସେଇ ଦିପହର ଖରରେ ସାଇ-କେଲ ଧରି ସେ ପହଞ୍ଚିଗଲେ ଶ୍ୱଶୁରଘର ଗାଁରେ ।

ଯା ମଧ୍ୟରେ ଏ ଘରେ କେତେ ପରିବର୍ତ୍ତନ ହୋଇଛି । ଆହୁତି କେତେ ବଡ଼ ହୋଇଗଲଣି । ତାଙ୍କୁ ଦେଖୁ ଦେଖୁ ରେବତୀର ଓଠରେ ହସର ସରୁ ରେଖାଟିଏ ଦେଖାଦେଇ ଲୁଚିଗଲ । ଭଲ, ମନ୍ଦ କେତେଟା କଥା ପଗ୍ଚରିଦେଇ ରେବତୀ ଅନ୍ୟଆଡ଼େ ଗ୍ଲଲିଗଲ । ହାତରେ କିଛି ପାଟକନା, ଛୁଞ୍ଚି, ସୂତା ଧରିଥାଏ । ଇଷ୍ଟଦେବ ଗୋପାଳଙ୍କ ପାଇଁ ତିଆରି କରୁଛି ଧୋତି, ଯୋଡ଼, ଗଦି, ବିଛଣା !

ବିଭୁରଞ୍ଜନଙ୍କୁ ପ୍ରଣାମ କଲେ ସେ । ଉମାକାନ୍ତଙ୍କୁ ପାଖରେ ବସାଇ ଘରି, ପିଲମାନଙ୍କ ଖବର ଇତ୍ୟାଦି ପଗ୍ଚରିଲେ ବିଭୁରଞ୍ଜନ । ସେ କଲିକତାରେ ରହିଗଲେ କେତେଦିନ । ସେଠାରୁ ଫେରି ଦିନେ ତାଙ୍କ ଗାଁଆଡ଼େ ଯିବେ ଭାବିଥିଲେ । କଥା ଅଧା ରହିଲ ।

ସ୍ତ୍ରୀଲୋକଟିଏ ମୁଣ୍ଡରେ ଓଢ଼ଣା ଟାଣି ଆସି ପାନ ଥାଳିଆ ରଖିଦେଲ । କିନ୍ତୁ ଗ୍ଲଲି ନ ଯାଇ ଠିଆହୋଇ ରହିଲ ।

ଏଇ ବୋଧହୁଏ ମଙ୍ଗଳା । ବୟସ ପଇଁତିରିଶରୁ ଗ୍ଲଳିଶ ଭିତରେ । ସ୍ୱାସ୍ଥ୍ୟ ଭଲ । ରୂପ ଦେଖିଲେ ଭଲ ଘରର ଭଳି ଜଣାଯାଉଛି ।

"ବାବୁ, ସିନ୍ଦୁକ ଗ୍ଚବିଟା ଟିକେ ଦେଲେ ବିଛଣାଗୁଡ଼ା ଖରରେ ପଡ଼ିଥିଲା ରଖି ଦିଅନ୍ତି ।"

"ଗ୍ଚବି କ'ଣ ମୋ ପାଖରେ ଅଛି ? ରେବତୀକୁ ମାଗୁନୁ ।"

ମଙ୍ଗଳା ନିରୁତ୍ତର । ବିଭୁରଞ୍ଜନ ପୁଣି କହି ଗ୍ଲଲିଲେ, "ବୁଝିଲ ଉମା, ଏ ଘର ଖବର କିଏ ବୁଝିବ ? ମୋ ଛୁଆପିଲଙ୍କ ଜଞ୍ଜାଳରେ ଘାଣ୍ଟିହବ କିଏ ? ଆଉ ମୋ କଥା, ଆଜି ସିନା ଦେହରେ ଶକ୍ତି ଅଛି । କାଲି ସକାଳେ ଟୋପାଏ ପାଣି ପିଇବାକୁ ପାଇବିନି । ଏ ମଙ୍ଗଳାକୁ ସବୁ ବୁଝେଇଛି । ତୁ ଏ ଘରର ଗ୍ଚକରଣୀ ନୁହଁ । ଏ ଘର ତୋର । ବାଡ଼ିଘର, ପିଲଛୁଆଙ୍କ ଖବର ତୁ ବୁଝିବୁ । ମୁଁ ନିଶ୍ଚିନ୍ତ ହୋଇ ବସିବି ।" ପରିତୃପ୍ତିରେ ହସିଲେ ସେ । ମଙ୍ଗଳା ଆଡ଼େ ଗ୍ଚହିଁ କହିଲେ, "ଠିଆହୋଇ ରହିଲୁ କ'ଣ ? ଯା, ସରବତ୍ ଦୁଇ ଗ୍ଲାସ କରି ଆଣ । ଆମ ବଡ଼ଜୋଇଁ ଆସିଛନ୍ତି ।"

Digitized by srujanika@gmail.com

"ଏଉ ଘର ଚାବିଟା......"

"ଆଲୋ ମୋ ପାଖରେ ଆସି ଚାବି କାହିଁକି ମାଗୁଛୁ ? ସବୁ ଚାବି ପର ତୋ ହାତରେ, ତୁ ଆମକୁ ଚଳେଇବୁ ।" ମଙ୍ଗଳା ସେମିତି ନୀରବରେ ଠିଆହୋଇ ରହିଲା ।

ବିଭୂରଞ୍ଜନ ରାଗରେ ଉଠିଗଲେ ଚଉକିରୁ– "ଆଲୋ ଆହୁତି, ରେବତୀ, କୁଆଡ଼େ ସବୁ ଗଲ କି ?" ଆହୁତି ଶୋଇବା ଘରୁ ନିଦୁଆ ଆଖିରେ ଉଠିଆସିଲା । ରେବତୀ ସିଲେଇ ଛାଡ଼ି ଉଠି ଆସିଲା ନାହିଁ । ବିଭୂରଞ୍ଜନଙ୍କର ଏ ଚିତ୍କାର ଶୁଣି ସେ ଏବେ ବ୍ୟସ୍ତ ବିଚଳିତ ହୁଏନାହିଁ ।

ବିଭୂରଞ୍ଜନ ପହଞ୍ଚିଲେ ଠାକୁର ଘର ପାଖ ବାରଣ୍ଡାରେ । ବଡ଼ ପାଟିରେ ଚିତ୍କାର କଲାଭଳି କହିଲେ, "ସବୁଆଡ଼େ ତାଲା ବନ୍ଦକରି ଚାବିଟାକୁ କାନିରେ ବାନ୍ଧିଛୁ ଯେ କାମ କେମିତି ହବ ? ତୋର ଏତିକି ବୁଦ୍ଧି ନାହିଁ ? ଏଠି କ'ଣ ଚୋର ଅଛନ୍ତି ଖାଇଯିବେ, ନା ନେଇଯିବେ । ଦେ ସେ ଚାବିଟା ।" ରେବତୀ ନୀରବରେ କାନିରୁ ଚାବିଟା ଖୋଲି ଦୁଆରବନ୍ଧ ପାଖରେ ଥୋଇଦେଇ ପୁଣି ସିଲେଇରେ ମନ ଦେଲା ।

"ମଙ୍ଗଳା", ଚିତ୍କାର କଲେ ବିଭୂରଞ୍ଜନ ।

ମଙ୍ଗଳା ତରତରରେ ଚାଲି ଆସିଲା ସେ ପର୍ଯ୍ୟନ୍ତ । "ନେ ଏ ଚାବିଗେଣ୍ଡା । ବାନ୍ଧିଲୁ ତୋ କାନିରେ, କହିଛି ତ ଏ ଘର ସମ୍ଭାଳିବୁ ତୁ । ମତେ ଚାବି ମାଗି ହଇରାଣ କରିବୁନି, ବୁଝିଲୁ ତ ।"

ବିଭୂରଞ୍ଜନଙ୍କ କଣ୍ଠସ୍ୱର ଶବ୍ଦ ପାଖେଇ ଆସିଲା । ଏ ସବୁ ଶୁଣିଲେ ଉମାକାନ୍ତ । ସବୁ ତାଙ୍କ ଆଖି ଆଗରେ ସ୍ପଷ୍ଟ ହେଲା । କେବଳ ଦେଖି ପାରିଲେ ନାହିଁ ରେବତୀର ମୁହଁ । ଆହା ବିଚାରୀ !

"ବୁଝିଲ ଉମାକାନ୍ତ, ଯାଙ୍କ ପାଇଁ କ'ଣ ନ କଲି ! ମା' ଚାଲିଗଲା । ମୋର ଯଦି ଦ୍ୱିତୀୟ ଦାର ଗ୍ରହଣ କରିବାର ଥାଆନ୍ତା, ଏଯାଏ ବସି ଥାଆନ୍ତି କାହିଁକି ? କାଳେ କିଏ ଆସିଲେ ମୋ ଘର ଭାଙ୍ଗିବ, ପିଲାଛୁଆଙ୍କୁ କଷ୍ଟ ଦବ, ସେଇ ମୋର ଚିନ୍ତା । ଶେଷରେ ଘରକୁ ନିଜର କରି ଚଳେଇବ ଭାବି ଏ ସ୍ତ୍ରୀ ଲୋକକୁ ରାସ୍ତାରୁ ଗୋଟେଇ ଆଣି ମନ୍ଦିରରେ ମିଛି ମିଛିକା ବାହା ହେଇ ପଡ଼ିଲି । ସଂସାରରେ ଚଳିବ ବୋଲି ଏ ଲୋକଟା କ'ଣ କେତେ କରିବ କୁହ ।"

Digitized by srujanika@gmail.com

ଶେଷ ଆଡ଼କୁ କଥାଗୁଡ଼ା ସେ ଧୀର ସ୍ୱରରେ କହୁଥିଲେ ହେଁ ଉମାକାନ୍ତର ମନେହେଲା, ଘରସାରା ସମସ୍ତେ ଯେମିତି କାନ ଡେରିଛନ୍ତି ସେମାନଙ୍କର କଥାବାର୍ତ୍ତା ଶୁଣିବାକୁ ।

ଏହାପରେ ମୁହୂର୍ତ୍ତେ ସେଠି ରହିବାକୁ ଇଚ୍ଛା ହେଲାନି ତାଙ୍କର । ବଜାରରେ ଟିକିଏ କାମ ଅଛି କହି ତରତରରେ ସରବତ୍ ଗ୍ଲାସକ ପିଇ ଉଠି ଚାଲିଗଲେ ସେ ।

ବିଭୂରଞ୍ଜନ ତାଙ୍କୁ ବଳେଇଲେନି ରହିବାକୁ । କିନ୍ତୁ ଉମାକାନ୍ତ କଥା ଶୁଣୁ ଶୁଣୁ କାମର ଆଳ ଦେଖେଇ ଉଠିଗଲା କାହିଁକି ? ଏତେ କଥା ମୁଁ କେବଳ କହିଲି । ତା' ପାଟିରୁ ପଦେ ବି ଉତ୍ତର ନାହିଁ । ହଁ, ସମସ୍ତେ ମୋର ଶତ୍ରୁ । ମୋର ଯାହା ଇଚ୍ଛା, ମୁଁ କରିଛି । କୋଉ ପୁଅ, ଝିଅ କାହା କଥା ବୁଝି ପକଉଛନ୍ତି ? ମୋ ହାତ, ଗୋଡ଼ ରହିଗଲେ କିଏ ପଚାରିବ ! ନିଆଶ୍ରୀ ସ୍ତ୍ରୀଲୋକଟିକୁ ମୁଁ ଆଶ୍ରୟ ଦେଲି । ସେ ମୋର ସୁଖ ଦୁଃଖ ବୁଝିବ । ଆଉ କାହା କଥାରେ ମୋର ବା କ'ଣ ଅଛି ?

ରେବତୀ ନୀରବରେ ଚାଲି ଯାଉଛି । ତାକୁ ଦେଖିଲେ ମନେହେଉଛି ଯେମିତି କିଛିଦିନ ହେଲା ଏ ଘରକୁ ସେ ଅତିଥି ହୋଇ ଆସିଛି । ତା'ର ଠାକୁର ପୂଜା ଭଲ ତ ସେ ଭଲ । ପୂଜାର ସମୟ ଏବେ ବଢି ଯାଇଛି । ପୁରାଣ, ମୋଟା ମୋଟା ଧର୍ମଗ୍ରନ୍ଥ, କୋଉ ଯୁଗରୁ ସିଂହାସନରେ ବନ୍ଧାହୋଇ ରହିଥିବା ତାଳପତ୍ର ପୋଥିବିଡ଼ା ଘାଣ୍ଟି ଦୁଇ ପହର, ସନ୍ଧ୍ୟା ପରେ ସେଇ ଠାକୁର ଘରେ ପଡ଼ିଥାଏ ସେ ।

ପୂର୍ବଭଳି ଆହୁତିକୁ ଆକଟି କଥା କହିବା, ତା' ମୁଣ୍ଡ ବାନ୍ଧିଦେଇ କଜଳ, କୁଙ୍କୁମ ପିନ୍ଧେଇ ଦେବା ଏ କାମ ଆଉ କରୁନି ସେ ।

ଆହୁତିକୁ ପନ୍ଦର ବର୍ଷ ଚାଲିଲା । ସେ ତ ସେ ଦିନର ସେଇ ଛୋଟ ଝିଅ ହୋଇନି । ଏବେ କଥା କଥାକେ ନାନୀକୁ ଟାଣ କଥା କହିବା ତା'ର ଅଭ୍ୟାସ ହୋଇ ଗଲାଣି । ଯାହା କେବେ ଦେଖା ଯାଇ ନ ଥିଲା, ରେବତୀ ମଧ୍ୟ ସାନ ଭଉଣୀକୁ ରାଗରେ ଦୁଇପଦ ଶୁଣେଇ ଦଉଛି । ପୁଣି କେତେବେଳେ ତା'ର ରୁକ୍ଷ କଥାରେ ହସି ଦେଇ ଉତ୍ତର ଦିଏ, "ମୋତେ ଯାହା କହୁଛୁ କହ, ମୁଁ ତ ସହି ସହି ପଥର, କିନ୍ତୁ ମନେରଖିଥା, ଏମିତି କଥା କହି ଅଭ୍ୟାସ ହୋଇଗଲେ, ପରଘରେ ନିନ୍ଦା ଶୁଣିବୁ ।"

"ତୁ ଯିବୁ ଯଦି ଯା' ପରଘରକୁ । ମୁଁ କୁଆଡ଼େ ଯିବିନି । ମୁଁ ଏଇଠି ରହିବି ।"

Digitized by srujanika@gmail.com

"ବାହାହୋଇ ଶାଶୁଘରକୁ ଯିବୁନି ?"

"ଶାଶୁଘର ନା ଆଉ କିଛି ?"

"ଏମିତି କିଏ କଥା କହେ, ଛିଃ ? କାଲି ଛାଡ଼ି ପଅରିଦିନ ସେମାନେ ତୋତେ ଦେଖି ଆସିବେ ।"

"ଆସନ୍ତୁ, ଆଗ ସେମାନଙ୍କୁ ହାଣିଦେବି, ତା'ପରେ ଯୋଉକଥା ।"

ଆହୁତିର କଥାରେ ମନେ ମନେ ଖୁବ୍ ଆଘାତ ପାଇଥିଲେ ହେଁ ରେବତୀ ସେମିତି ହସି ହସି କହିଲା, "ଯା, ତୋର ବହି ପଢ଼ିବୁ ବସି । ବାପା ସ୍ଥିର କରିଛନ୍ତି, ସେମାନେ ଆସିବେ । ମୋର କ'ଣ ଅଛି ? ସେତେବେଳେ ବାପାଙ୍କ ଆଗରେ ଏସବୁ କହିବୁ ।"

"ମତେ ଟିକେ କେହି ଶାନ୍ତିରେ ରଖେଇ ଦେବେନି ।"

ଆହୁତି କାନ୍ଦିପକେଇଲା । ଅନ୍ୟ ଦିନ ହୋଇଥିଲେ ରେବତୀ ତାକୁ ବୁଝେଇ-ଥାଆନ୍ତା । ଭଲକଥା କେତେ କ'ଣ କହିଥାଆନ୍ତା । କିନ୍ତୁ ତା' କାନ୍ଦ ଦେଖି ଓଲଟି କହିଲା, "ପିଲଟିଏ ହୋଇଛୁ ନା କ'ଣ ? କାନ୍ଦୁଥା, ତତେ ମୋର କିଏ ବୁଝେଇବ ?"

ସେ କାହିଁକି ସବୁ କଥାରେ ମୁଣ୍ଡ ଖେଳେଇବ ? କିଏ ତାହା କଥା ଶୁଣୁଛି ଏ ଘରେ ! ଗତ ରବିବାର ଦିନ ଟୁନା ଆସିଥିଲା ଯେ ଆଗଭଳି ପଦେ ବି କହିଲାନି,

"ନାନୀ ଲୋ, ହଷ୍ଟେଲ୍‌ରେ ତୋ କଥା ଖାଲି ମନେପଡୁଛି । ସେ ଖାଇବା କି ବାଜେ ।"

ବରଂ ଆସିବା ଦିନରୁ ଖାଲି ଚିଡ୍ ଚିଡ୍ । ସବୁ ରାଗ ମୋ ଉପରେ ସୁଝେଇ ପାଟିକଲା, "ଧେତ୍, ଏ ଘରେ କିଏ ରହିବ ? ଏଇଟା ମଣିଷ ରହିବା ଯାଗା ? ମୋ ହଷ୍ଟେଲ୍ କେତେ ଭଲ ! ମୁଁ ଆଉ ଛୁଟିରେ ଆସିବିନି ଏଠିକି ?"

ମଙ୍ଗଳା ତା' ପାଇଁ ଖାଇବାକୁ ବାଢ଼ିଦେଲା । ବିରକ୍ତିରେ ଗୁଣ୍ଡାଏ ଖାଇ ଉଠି-ଗଲା ଟୁନା । କହିଲାନି, "ରେବନାନୀ, ମୋ ପାଇଁ ଆଳୁ ଭଜିଦେଲୁ, ତୁ ମତେ ବାଢ଼ିଦେ ।" ପିଲାଦିନେ ବୋଉ ଯିବା ପରେ ତିନିଟାଯାକ ତା' ପଛରେ ଗୋଡ଼େଇ ଥାଆନ୍ତି । ସବୁ ଅଳି ତାଆରି ପାଖରେ । ସେଇ ଝଞ୍ଜାଳରେ ରେବତୀ କେଡ଼େବଡ଼ ଦୁଃଖ ଭୁଲିଥିଲା । କିନ୍ତୁ ସେଦିନ ଗଲିଗଲା । ପିଲାମାନଙ୍କର ପର ଲାଗିଗଲାଣି ! ସେ ଉଡ଼ି ଶିଖିଲେଣି । ଏବେ ତାକୁ ପଚାରୁଛି କିଏ ! ଗଲାବେଳେ ଟୁନା ମୁହଁଟାକୁ ଗମ୍ଭୀର କରି-

Digitized by srujanika@gmail.com

ଥାଏ । ଯିବାବେଳେ କହିଗଲ, "ଯାଉଛି, ତୁ ମତେ ଚିଠି ଦେବାକୁ କହିବୁନି । ଯା ଭିତରେ ମୁଁ ପରୀକ୍ଷା ପାଇଁ ବ୍ୟସ୍ତ ରହିବି ।" ରେବତୀଙ୍କୁ ପ୍ରଣାମ କରି ପଛକୁ ନ ଚାହିଁ ଦ୍ରୁତ ପଦକ୍ଷେପରେ ଚାଲିଗଲା ସେ ।

ନା ରେ, ତତେ ଚିଠି ଦେବାକୁ କହିବିନି । ମୁଁ ଜାଣିଛି, ତୋ କଲେଜ ହଷ୍ଟେଲରେ ମୋ ହାତଲେଖାକୁ ତୁ ଆଉ ଚାହୁଁନୁ । ଖୁସିରେ ରହ, ଭଲରେ ରହ, ତୁମ ଜଞ୍ଜାଳରେ ଘାଣ୍ଟିହେଲେ ମୁଁ କଷ୍ଟ ପାଇବି । ଏକଥା ମୁଁ ବୁଝି ସାରିଲିଣି । ଏଠି ବସି ତୋ ଚିଠି ପାଇବାରେ ଡେରିହେଲେ ମୋ ଅନ୍ତର ଯାହା ହୁଏ, ତା' ଯଦି ତୁ ବୁଝିଲୁନି ତେବେ ମୁଁ କାହିଁକି ଚିନ୍ତାକରି କଷ୍ଟ ପାଇବି ଯେ !

କୃଷ୍ଣ ମନା କରିଦେଲା ବାହାହେବାକୁ । ମୁଁ ବା କିଏ ସେ ବିଷୟରେ ମୁଣ୍ଡ ଖେଳେଇବି ? ବଡ଼ ଘର, ଭଲ ଝିଅ ସବୁ ଛାଡ଼ିଲା । ତା' ଇଚ୍ଛା ଯାହା ହବ ସେ କରିବ । ଏବେ ଟିକିଏ ଝିଅ ଆହୁତି ଜଣ୍ଡାଧରି ବସିଛି, 'ମୁଁ ବାହା ହେବିନି । ପାଠ ପଢ଼ିବି ।' ଏଣେ କୃଷ୍ଣ ଲେଖିଛି, 'ଆହୁତିର ବିବାହ ନ ସରିବା ଆଗରୁ ମୋ କଥା ଉଠାଅନି ।'

ସମସ୍ତଙ୍କର କିପରି ଛାଡ଼ ଛାଡ଼ ଭାବ । ରେବତୀ ବିଛଣାରେ ପଡ଼ିଛି । ଆହୁତି ଆସି ଡାକିଦେଇ ଗଲଣି ଖାଇବାକୁ । ମଙ୍ଗଳତାଙ୍କ ଦେହ ଭଲ ରହୁନି । ତଥାପି ଥର ଥର ଗଳାରେ ସେ ତାକୁ ଖାଇବାକୁ କହିଲେ । ରେବତୀ ଉଠିପାରୁନି । ମନ ହଉଚି ଶୋଇଯିବ । ଡାକନ୍ତୁ ଯେ ଯେତେ, ତା'ର ଇଚ୍ଛା ହଉନି ସେ ଖାଇବନି ।

ସକାଳେ ବି ସେଇ ଏକା କଥା । ରେବତୀ ବିଛଣାରୁ ଉଠିଲା, ମୁଣ୍ଡ ଧୋଇ ଗାଧୋଇଲା, ଠାକୁର ଘରେ ଟିକେ ଅଧିକ ସମୟ ପୂଜା କଲା, ତା'ପରେ ନିଜ ହାତରେ ଗିଲସେ ଲେମ୍ବୁ, ଚିନି ସରବତ୍ ତିଆରି କରି ପିଇଦେଇ ଚୁପ୍‌ଚାପ୍ ବିଛଣାରେ ଶୋଇ ରହିଲା । କାହା ସାଙ୍ଗରେ କଥାବାର୍ତ୍ତା ନାହିଁ । ଉତ୍ତର କେବଳ 'ହଁ' ନଚେତ୍ 'ନା' ।

"ନାନୀ, ରାଗିଛୁ ? ଖାଉନୁ କାହିଁକି ?"

"ମୋତେ କିଛି କହନା, ଗଲୁ ଏଠୁଁ । ଭଲ ଲାଗୁନି । ମୁଣ୍ଡଟା ବିନ୍ଧୁଛି ।"

"ମୁଣ୍ଡ ଚିପିଦେବି"? "ହଉ ଦେ... ଥାଉ ଗଲୁ... ମୁଁ ପରେ ଡାକିବି ।"

Digitized by srujanika@gmail.com

ଏ ରୋଗ ନୂଆ ଆରମ୍ଭ ! କିଏ ଜାଣିଥିଲା ଧୀରେ ଧୀରେ ରେବତୀ ଏ ମୁଣ୍ଡ-ରୋଗର ସମ୍ପୂର୍ଣ୍ଣ ଶୀକାର ହେବ ? ଆଠ ପନ୍ଦର ଦିନ ପରେ ହଠାତ୍ ଦିନେ ସେଇ କଥା । ମନ ଦବିଲେ ଯାଇ ।

ବିଭୁରଞ୍ଜନ କିଛି ବୁଝନ୍ତି ନାହିଁ, ଅଯଥାରେ ପାଟିକରି କମ୍ପାନ୍ତି । ସବୁଦିନ ତ ସେ ଏମିତି । ମାତ୍ର ରେବତୀର ଯେ ସହିବା ଶକ୍ତି କମି ଯାଉଛି, ଏକଥା ସେ ବୁଝିବେ କିପରି ?

ସବୁ କଥାରେ ତାଙ୍କର ଡାକ ମଙ୍ଗଳାକୁ । ମଙ୍ଗଳା ବିଛଣା କରିବ । ପାନ ଭର୍ତ୍ତିଦେବ । ଗୋଡ଼ ଘଷିଦେବ । ଲୁଗାପଟା କାଚି ଶୁଖେଇବ ।

ରେବତୀ କିନ୍ତୁ ବିରକ୍ତ ହୁଏ ସେଇ ଗୋଟିଏ କଥାରେ । ମଙ୍ଗଳାକୁ ବାଧ୍ୟ-କରି ଠାକୁରପୂଜା କରିବାକୁ କହନ୍ତି ବିଭୁରଞ୍ଜନ ।

ସେଦିନ ସନ୍ଧ୍ୟାବେଳେ ଗାଧୁଆ ସାରି ତରତରରେ ଆସୁଥିଲା ରେବତୀ । କିନ୍ତୁ ସେ ଜାଣିନି, ମଙ୍ଗଳା କେତେବେଳେ ଲୁଗା ଧୋଇ ସନ୍ଧ୍ୟାବତୀ ଜଳେଇ ସାରିଲାଣି ବୃନ୍ଦାବତୀଙ୍କ ପାଖରେ । ଠାକୁରଘରେ ଘଣ୍ଟି ବାଜିବା ଶବ୍ଦରେ ଆଶ୍ଚର୍ଯ୍ୟ ହେଲା ରେବତୀ ।

ଠାକୁରଘର ପାଖରେ ପହଞ୍ଚି ଦେଖିଲା, ମଙ୍ଗଳା ଠାକୁରଙ୍କ ପାଖରେ ଆଳତୀ କରୁଛି । କବାଟ ପାଖରେ ନୀରବରେ ଠିଆହୋଇ ରହିଲା ସେ ସେମିତି ମଙ୍ଗଳାର ପୂଜା ସରିବା ପର୍ଯ୍ୟନ୍ତ । ଭାବିଲା କହିବ, ଏ ଠାକୁରଘରେ ବ୍ରାହ୍ମଣ ପୂଜକ ବ୍ୟତୀତ ଏ ପର୍ଯ୍ୟନ୍ତ ବାହାରଲୋକ କେହି ପ୍ରବେଶ କରି ନ ଥିଲେ । କିନ୍ତୁ ଆଜି ଏମିତି କାହିଁକି ହେଲା ?

ରେବତୀର କି ଅଧିକାର ଅଛି ଯେ ସେ ପଚାରିବ !

ଦିନକୁ ଦିନ ଠାକୁର ଘରେ ଜିନିଷ ପତ୍ର ଠିକ୍ ସ୍ଥାନରେ ରହିଲାନି । ନିଜ ହାତରେ ଘଣ୍ଟା ଘଣ୍ଟା ଠାକୁରଙ୍କୁ ସଜେଇ ଗୋଟି ଗୋଟି କରି ସବୁ ଜିନିଷ ସଜାଡ଼ି ରଖିବାରେ ଯେଉଁ ଆନନ୍ଦ ପାଉଥିଲା ରେବତୀ, ସେତକ ବି କିଏ ଛଡ଼େଇ ନେଲା ତାଠୁଁ ।

"ବାପା, ମୁଁ ତ ଠାକୁର ପୂଜା କରୁଛି । ମଙ୍ଗଳା ଆଉ ଅଧିକାଟା କ'ଣ କରିବ ! ସେ ଯଦି ପ୍ରଣାମ କରି ଗୀତା ଭଗବତ ପଢ଼ିବ, ପଢ଼ୁ ? କିନ୍ତୁ ଠାକୁରଙ୍କୁ... ..... ।"

Digitized by srujanika@gmail.com

"କାହିଁକି ? ଠାକୁରଙ୍କୁ ଛୁଇଁଲେ କ'ଣ ପାପ ଲାଗି ଯାଉଛି ? ସେ ତ ମଣିଷ । ତୋର ଏ ବିଚାର କାହିଁକି ? ନା, ମୁଁ ତାଙ୍କୁ କହିଛି, ସେ ପ୍ରତିଦିନ ପୂଜା କରିବ । ତୋର ଅସୁବିଧା ହଉଛି ତ...... ।"

ଆଉ ଶୁଣି ପାରିଲାନି ରେବତୀ । ମୁଣ୍ଡଟା ଚାପିଧରି ଚିଛଣାକୁ ଚାଲିଗଲା ସେ । ରାତିରେ ଖାଇବା ବନ୍ଦ, ସକାଳେ ବି ।

ରେବତୀର ଏ ରୋଗଟା କିପରି ସମସ୍ତଙ୍କ ଅଭ୍ୟାସରେ ପଡ଼ିଗଲାଣି । ଭଲବେଳେ ସେ ନିଜକୁ ପ୍ରଶ୍ନକରେ, କାହିଁକି ମୋର ଏ ସହିବା ଶକ୍ତି ଟିକକ କମି ଯାଉଛି ?

ସେଦିନ ପନ୍ଦର ବର୍ଷର ଝିଅ ଆହୁତି କହିଲା, "ରେବନାନୀ, ଦେଖିଲୁ, ମଙ୍ଗଳା ବାପାଙ୍କ ବିଛଣା କରିସାରି ତା' ବିଛଣାଟା ବି ସେଇ ଘରେ ତଳେ ପକାଉଛି ।"

କାହାକୁ କ'ଣ କହିବ ରେବତୀ ? ଆହୁତିକୁ ସେ କହିଲା, "ଆଜି ବାପାଙ୍କ ଦେହ ଟିକେ ଭଲ ନାହିଁ । ସେ ଶୋଉ ସେଇଠି, ରାତିରେ ପାଣି ଦବ କି ମୁଣ୍ଡ ଚିପି-ଦବ । ଆମେ ତ ଯାଡ଼େ ଆସି ଶୋଉଛୁ ।"

ରଙ୍ଗଲତା ଏ ସବୁରେ ମୁଣ୍ଡ ଖେଳାଇବାକୁ ଚାହୁଁ ନାହାନ୍ତି । ସନ୍ଧ୍ୟାବେଳେ ଅଫିମ ଟିକିଏ, ହାତରେ ତୁଳସୀ ମାଳ ଧରିଲେ ସେ ସଂସାର ଭୁଲନ୍ତି । ଦିନକୁ ଦିନ ଦୁର୍ବଳିଆ ହୋଇ ସେ କ'ଣ ଦେଖା ଗଲେଣି । ତାଙ୍କୁ କେହି ଘରର ସମସ୍ୟା ବିଷୟରେ ପଚାରନ୍ତି ନାହିଁ । ସେ ବି ନୀରବରେ ବସି ଢୁଳଉଥାନ୍ତି ସବୁବେଳେ ।

ସବୁଦିନ ଭଳି ସେଦିନ ବି ପାହାନ୍ତିଆରୁ ଉଠି ବଗିଚାଆଡ଼େ ଗଲା ରେବତୀ । ଆକାଶରେ ତଥାପି ଶେଷ ପହରରେ ଚନ୍ଦ୍ର ଦେଖା ଯାଉଛି । ଅନ୍ଧାର ଲିଭିନି । ବାଡ଼ି-ପାଖ ବାରଣ୍ଡାରେ ଟିକିଏ ସମୟ ବସି ରହିଲା ସେ । ରଙ୍ଗଲତାଙ୍କ ଘର କବାଟ ଆଉଜା ହୋଇଛି ।

Digitized by srujanika@gmail.com

ବୁଢ଼ୀ ଆଜି କେତେ ଶୋଇଛି ! ଅନ୍ଧାରରୁ ଉଠି ସେ ତ ଏଇ ବାରଣ୍ଡାରେ ବସିଥାଏ ।

"ଜେଜେମା', ଜେଜେମା', ଆଜି କେତେ ଶୋଇବୁ କି ?" ରେବତୀ କବାଟ ଖୋଲି ଭିତରକୁ ଯାଇ ଦେଖେ ତ ବୁଢ଼ୀ ଚକିଆକୁ ଆଉଜି ବିଛଣାରେ ବସି ରହିଛି । ହାତରେ ତୁଳସୀମାଳାରେ ଅଙ୍ଗୁଠି ଲାଗି ରହିଛି ।

"ନିଦ ଭାଙ୍ଗିଲାଣିଟି, ବାହାରକୁ ଆସୁନୁ । ଏ ଗରମଟାରେ କାହିଁକି ବସିଛୁ ? ଏ ଜେଜେମା... "

ରଙ୍ଗଲତାଙ୍କ ମୁଣ୍ଡ ଗଡ଼ିପଡ଼ିଲା ଚକିଆରୁ । ତଥାପି ତୁଳସୀମାଳାରେ ଗୋଟାଏ ହାତ ରହିଥାଏ । ରେବତୀ ଚିତ୍କାର କରି ଉଠିଲା, "ବାପା...... ।"

ସମସ୍ତେ ଦୌଡ଼ି ଆସିଲେ ।

ରଙ୍ଗଲତା ଶାନ୍ତିରେ ଆଖି ବୁଜିଛନ୍ତି । ଏଥିରେ ଦୁଃଖ କରିବାର କିଛି ନାହିଁ । ସେ ରୋଗରେ ଘାଣ୍ଟି ହୋଇ ନାହାନ୍ତି କି କାହାକୁ ତାଙ୍କ ପାଇଁ ହଇରାଣ କରିନାହାନ୍ତି । ଜୀବନରେ ରେବର ଦୁଃଖ ତାଙ୍କୁ ସବୁଠୁ ବେଶୀ ବାଧିଥିଲା । ତା'ପରେ ଗୋଟିଏ ପରେ ଗୋଟିଏ କେତେ କେତେ ଦୁର୍ଘଟଣା ଘଟିଗଲା ଏ ପରିବାରରେ । ରଙ୍ଗଲତାଙ୍କ ଉଜ୍ଜ୍ୱଳ ଚେହେରା ମଳିନ ହେଲା । ଦେହର ଶକ୍ତି କମିଲା । ଏଡ଼େବଡ଼ ଘର ଚଳୁଥିଲା ତାଙ୍କରି ପାଇଁ । ନିଜର ଶକ୍ତି ହରେଇ ସେ ତୁଳସୀମାଳା, ଧର୍ମର ଆଶ୍ରୟ ନେଲେ । ଶେଷରେ ଏ ଜୀବନ ପର୍ଯ୍ୟାୟ ଶେଷ ହେଲା ।

ଖବର ପାଇ କୃଷ୍ଣ, ଟୁନା ସମସ୍ତେ ଆସିଲେ । ରଙ୍ଗଲତାଙ୍କ ପାଇଁ ପାଳିବାର କିଛି ନ ଥିଲା । ସେ ବହୁତ ଦିନରୁ ମଠରେ ଦୀକ୍ଷା ନେଇ ମାତାଜୀ ହୋଇଥିଲେ । ଯାହା କରିବା କଥା ଦିନେ ଦୁଇଦିନ ଭିତରେ ସରିଗଲା । କୃଷ୍ଣ ରହି ପାରିଲାନି । ଆଇ.ଏ.ଏସ୍ ପରୀକ୍ଷା ପାଇଁ ସେ ପ୍ରସ୍ତୁତ ହେଉଛି ।

ଟୁନାର ସିଧା କଥା, "ମୋତେ ଏଠି ରହିବାକୁ ଭଲ ଲାଗୁନି ।"

"ଘରେ ରହିବାକୁ ଭଲ ଲାଗୁନି ?" କୃଷ୍ଣ କଥାରେ ଟୁନା କିଛି ଉତ୍ତର ଦେଲାନି । ଯିବା ପୂର୍ବରୁ ରେବତୀ ସାଙ୍ଗରେ କଥାବାର୍ତ୍ତା କରି ସେ ଆଶ୍ଚର୍ଯ୍ୟ ହେଲା ।

"ରେବନାନୀ, ତୁ ବ୍ୟସ୍ତ କାହିଁକି ହଉଛୁ, ମୁଁ ବୁଝିପାରୁନି । ତୋରି ଭରସାରେ ଆମେ ଚଳୁଛୁ ।"

Digitized by srujanika@gmail.com

"ତୁମେ ସବୁ ବଡ଼ ହେଲ, ନିଜ କଥା ନିଜେ ବୁଝି ପାରିଲ । ମୁଁ ତୁମମାନଙ୍କର କ'ଣ କରି ପାରିବି ? କିଛି ଭଲଲଗୁନି ମୋତେ ।"

"ସଂସାର ଛାଡ଼ି କୁଆଡ଼େ ଯିବୁ ?"

"ଯୁଆଡ଼େ ମନ ହେବ । ଏ ଆହୁତିଟା ଖବର କିଛି ବୁଝ ତୁମେସବୁ ।"

"ମୋ ପରୀକ୍ଷା ସରୁ, ତା'ପରେ ଦେଖିବା କୋଉଠି ପ୍ରସ୍ତାବ ପକେଇବା ।"

ଆହୁତି ସେପାଖରେ ରାଗି ମୁହଁ ଫୁଲେଇ ବସିଛି । କୃଷ୍ଣ, ଟୁନା ଯେତେ ଡାକିଲେ ଶୁଣୁନି । ରେବତୀ କହିଲ, "ସେ ବାହାହେବ କ'ଣ ? ସେ ତ କହୁଛି, ସମସ୍ତଙ୍କୁ ହାଣିଦେବ !"

"ଆମର ଶତ୍ରୁପକ୍ଷୀୟ ଲୋକଙ୍କୁ ହାଣିବ ଯଦି ହାଣୁ । ଆମକୁ ହାଣିବ ନାହିଁ ତ ?"

ଆହୁତି ହସିଲା । କୃଷ୍ଣ କହିଲା, "ତା' ବାହାଘର ହବ ତ ତରତର କାହିଁକି ? ଯାଉ ଦୁଇବର୍ଷ ।"

ମିଲଦୁହେଁ ମଙ୍ଗଳା ବିଷୟରେ କିଛି ନ ପଗ୍ଭରି ନୀରବ ରହିଛନ୍ତି । ମାତ୍ର ଟୁନାର ସବୁ ରାଗ ଯେ ସେଇଥିପାଇଁ ଏ କଥା କ'ଣ ରେବତୀ ବୁଝୁଚି ?

ରେବତୀ ଶୁଣୁନ୍ତି ବିଭୁରଞ୍ଜନ କଥାବାର୍ତ୍ତା କରୁଛନ୍ତି କୃଷ୍ଣ ସାଙ୍ଗରେ, "ପରୀକ୍ଷା ସରିଲେ ଏସବୁ ବିବାହ ପ୍ରସ୍ତାବ ବିଷୟରେ ଯାହା କହିବୁ ଚିଠି ଦେବି, କାହାକୁ ଏବେ ମୁଁ କିଛି କହିନି ।"

"ଥାଉ ବାପା, ଏବେ ମୋତେ କିଛି କୁହନି ।" ବିଭୁରଞ୍ଜନ କଥାର ଗତି ବଦଳାଇ କୃଷ୍ଣର ପାଠ ପଢ଼ା, ସ୍ୱାସ୍ଥ୍ୟ ବିଷୟରେ କଥାବାର୍ତ୍ତା ଆରମ୍ଭ କଲେ । ପୁଣି ଘରର ବହୁବିଧ ସମସ୍ୟାର କଥା କହିଲେ । କୃଷ୍ଣ ବସି ଚୁପ୍‌ଚାପ୍ ଶୁଣିଲା । ଟୁନା କିନ୍ତୁ ବାପାଙ୍କ ସଙ୍ଗେ ଜମିବାଡ଼ି ବିଷୟରେ ବହୁ ଆଲୋଚନା କଲା । କୃଷ୍ଣକୁ ଏ ସବୁ ଶୁଣି ନିଦ ଆସିଲାଣି ।

ଧୀରେ ସେଠୁ ଉଠିଯାଇ ସେ ରେବତୀକୁ ଖାଇବାକୁ ମାଗିଲା । ରେବତୀ ବହୁତ ଦିନ ପରେ ସାନଭଲ ଦୁହିଁଙ୍କୁ ନିଜ ହାତରେ ଖାଇବାକୁ ବାଢ଼ିଦେଲ । କେଜାଣି କେତେ ଦିନର କେତେ ସ୍ମୃତି ରେବତୀର ମନେପଡ଼ି ଆଖିରେ ପାଣି ଆସିଲା ।

Digitized by srujanika@gmail.com

ଯାପରେ କେତେଦିନ ବିତି ଯାଇଛି । ରେବତୀ ନିଜ ମନକୁ ସଯତ କରିବାକୁ ବହୁତ ଚେଷ୍ଟା କରି ମଧ୍ୟ ପାରୁନି । ରଙ୍ଗଲତା ଯିବାପରେ ମଙ୍ଗଳା ନିଜକୁ ଘରର କର୍ତ୍ତୀ ବୋଲି ଧରି ନେଇଛି । କେତେକ କଥାରେ ସେ ଆହୁତିକୁ ଶାସନ ଭଙ୍ଗୀରେ କଥା କହିବା ଆରମ୍ଭ କଲେ ଆହୁତି ଖୁବ୍ ରଗିଯାଏ । ତାକୁ ବାଧିବା ଭଳି କଥା କହେ । ମଙ୍ଗଳାର ବୌରତ୍ୱ୍ୟ ବଢିଯାଏ । ସେ ବିଭୁରଞ୍ଜନଙ୍କ ପାଖରେ କାନ୍ଦିବା ଆରମ୍ଭ କରିଦିଏ । ଅବଶ୍ୟ ପ୍ରଥମେ ବିଭୁରଞ୍ଜନ ବିରକ୍ତ ହୋଇ କହନ୍ତି, "ତୁ ସବୁ ସହିବୁ ନା, ପିଲଙ୍କର କଥା ଧରିଲେ ହେବ ।" କିନ୍ତୁ ଧୀରେ ଧୀରେ ଅଶାନ୍ତି ବେଶୀ ବଢିଲରୁ ସେ ରେବତୀ ଉପରେ ରଗନ୍ତି । ଘରଟା ଏମିତି ଅଶାନ୍ତିମୟ ହେବ ବୋଲି ରେବତୀ କେବେ ବି ଭାବି ନଥିଲା । କେଜାଣି କେମିତି ସେ ଆଜି ପର୍ଯ୍ୟନ୍ତ ସବୁକଥା ସହି ନୀରବରେ ଚଳି ଯାଉଥିଲା । ଏବେକୁ ସବୁ ଅସହ୍ୟ ହେଉଛି ।

ମଙ୍ଗଳା ଖୁବି ଓହଳେଇ ଚାଲିଛି । ଟିକିଏ କିଛି ଦରକାର ପଡ଼ିଲେ ରେବତୀ ତା' ପାଖରେ ହାତ ପତେଇ ମାଗୁଛି । ଆହୁତି କିନ୍ତୁ ତା' କରିପାରେନା । ଜୋର୍‌ରେ ପାଟିକରେ "ରେବନାନୀ, ଖୁବିଟା ଆଣିଲୁ ।" ମନରୁ ସବୁ ପ୍ରକାର ବିଦ୍ୱେଷ ତ୍ୟାଗକରି ରେବତୀ ମଙ୍ଗଳାଠୁ ଖୁବିଟା ମାଗିଆଣେ ।

ଘରେ ଅଧିକାଂଶ ବେଳ ନୀରବତାର ରାଜତ୍ୱ । ଆହୁତି ପ୍ରାୟ କାହାକୁ କିଛି କଥା କହେନାହିଁ । କେବଳ ଅତି ଦରକାର ପଡ଼ିଲେ ତା' ରେବନାନୀ ସାଙ୍ଗରେ ଦୁଇ-ପଦ କଥା ଛଡ଼ା ଅଧିକାଂଶ ବେଳ ସେ ବହି ନ ହେଲେ ସିଲେଇ ଧରି ବସିରହେ ।

କିନ୍ତୁ ବିଭୁରଞ୍ଜନଙ୍କ ପାଖରେ ଅନ୍ୟ କେହି ଲୋକ ନ ଥିଲେ ସେ ମଙ୍ଗଳାକୁ ଡାକି ଗପକରି ସମୟ କଟାନ୍ତି । ସାଧାରଣତଃ ସେଥିରୁ ଅଧିକାଂଶ ଗାଁ କଥା, ଜମି-ବାଡ଼ି କଥା, କେବେ କେମିତି ଶାସ୍ତ୍ର ପୁରାଣ ବିଷୟରେ ଖୁବ୍ ଆଲୋଚନା ଚାଲେ ।

ଏବେ କିନ୍ତୁ କେତେଦିନ ହେଲା ଗପ ଚାଲିଛି କୃଷ୍ଣ ବିଷୟରେ । ବିଶେଷ କରି କୃଷ୍ଣର ଆଲାଇଡ୍ ଚାକିରୀ ପାଇବା କଥା ଜାଣିବା ପରେ ସେ ଖୁସି ହୋଇଛନ୍ତି । ମଙ୍ଗ-ଳାକୁ କହନ୍ତି, "ପିଲଟା ମନକଷ୍ଟ କରୁଛି, ଆଇ.ଏ.ଏସ୍ ପାଇଲାନି ବୋଲି । ସବୁ ଭାଗ୍ୟ । ଭଲ ପଢିଲେ କ'ଣ ସମସ୍ତେ ଆଇ.ଏ.ଏସ୍ ଅଫିସର ହୋଇଯିବେ ? କିନ୍ତୁ ହେଲା ଏବେ; ଆଲାଇଡ୍ ସର୍‌ଭିସ୍ କେତେଜଣ ପାଉଛନ୍ତି ଯେ ? ମୁଁ ଖୁବ୍ ଖୁସି । ଆଜି ତାକୁ ଚିଠି ଲେଖି ଦେଉଛି ।"

ଆହୁତି ହସୁଛି, "ରେବନାନୀ, ମଙ୍ଗଳା ଏ ଆଇ.ଏ.ଏସ୍ ପାଇବା ନ ପାଇବା କଥା କିଛି ବୁଝୁଛି ତ ?"

Digitized by srujanika@gmail.com

ରେବତୀ ଆହୁତିକୁ ଧୀରେ କଥା କହିବାକୁ ହାତରେ ନିର୍ଦ୍ଦେଶ ଦେଉଛି ।

କୃଷ୍ଣ ଆଇ.ଏ.ଏସ୍ ନ ପାଇ ଆଲାଇଡ୍ ଚାକିରୀ ପାଇଲେ ମଧ୍ୟ ବିଭୁରଞ୍ଜନ ଯେ ଖୁବ୍ ଖୁସି ଏ କଥା ଚିଠିଲେଖି ସେ ଜଣେଇ ସାରିଲେଣି ।

କୃଷ୍ଣ ଚିଠି ପାଇଛି । ଆଲାଇଡ୍ ସର୍ଭିସ୍‌ରେ ସେ କିନ୍ତୁ ଯୋଗ ଦେଇନି । ସେ ପୁଣି ଆଇ.ଏ.ଏସ୍ ଦେବ । ଏଥିପାଇଁ ତା'ର ବୟସ ଅଛି । ସେଇ ବୟସର ସୀମା ମଧ୍ୟରେ ସେ ଆଉ ଦୁଇଥର ପରୀକ୍ଷା ଦେଇପାରେ । କିନ୍ତୁ ଏଇଥର ତା'ର ଶେଷ ଚେଷ୍ଟା ।

ଶେଷରେ ବିଭୁରଞ୍ଜନଙ୍କ ପାଖରେ ଚିଠି ପହଞ୍ଚିଛି, କୃଷ୍ଣ ଆଇ.ଏ.ଏସ୍ ପାଇଲା । ସେ ଅଳ୍ପରେ ସନ୍ତୁଷ୍ଟ ଥିଲେ । ଗୋପାଳ ତାଙ୍କୁ ଖୁବ୍ ଦେଲେ । ଆଉ ଅଧିକ ସେ କ'ଣ ଆଶା କରିବେ ? ସେ କାନ୍ଦୁଛନ୍ତି ଠାକୁରଙ୍କ ପାଖରେ । ଏ ଅଶ୍ରୁ ଆନନ୍ଦର । ଭୋଗ କରି ଘର ଘର ବାଣ୍ଟୁଛନ୍ତି । ପୁଣି ସମସ୍ତେ ଆସି ଖାଇବାକୁ ମାଗି ଯାଇ ସାରିଲେଣି ।

ରେବତୀ ସନ୍ଧ୍ୟାବେଳୁ ଅନେକ ରାତି ପର୍ଯ୍ୟନ୍ତ ଠାକୁରଙ୍କ ଘରେ ବସିଛି । ପୂଜା ପରେ ତା'ର ଧ୍ୟାନ ଚାଲିଛି । ଏମିତି ଖୁସିର ଦିନଟିକୁ ସେ ଚାହିଁଥିଲା ଅନେକ ଦିନରୁ । କୃଷ୍ଣ ଉପରେ ତା'ର କେତେ ଆଶା ଭରସା ! ପିଲାଦିନରୁ ତା'ର ବିଶ୍ୱାସ ଥିଲା, ଏ ନିଶ୍ଚୟ ପାଠରେ ଜିତିବ ।

"ଆଚ୍ଛା ରେବନାନୀ, ବଡ଼ଭାଇନା ଯୋଉଠି ଚାକିରୀ କରିବେ ଆମେ ସେଠିକି ଚାଲିଯିବା । ଛିଃ ଏ ଚାକରାଣୀଟାକୁ ସବୁବେଳେ ଚାବି ମାଗି, ଏଠି ବାପାଙ୍କ ଗାଳି ଶୁଣି କିଏ ଚଳିବ ଯେ ?"

"ସେମିତି ଖରାପ ଭାବରେ କାହାକୁ କହନା ! ତା'ର କ'ଣ ଦୋଷ ? ବାପା ତାକୁ ଯାହା ବୁଝେଇଲେ, ସେ ସେମିତି ଚଳୁଛି ।"

"ବଡ଼ ଭାଇନାଙ୍କ ପାଖକୁ ଯିବା କି ନାହିଁ କହ ।"

"ଆରେ ରହ, ସେ ନିଜେ ଆଗ ଥଇଥାନ ହଉ । ଯାପରେ ତ ଟ୍ରେନିଂ ।"

Digitized by srujanika@gmail.com

କୃଷ୍ଣ ପୁରୀରେ ରହୁଛି । ପାଖରେ ଜଣେ ପିଅନ । ସେ ଚିଠି ଦେଇଛି ବିଭୁ-ରଞ୍ଜନଙ୍କୁ– "ଏଥର ଘରକୁ ଗଲେ ମୁଁ ରେବନାନୀ, ଆହୁତିକୁ ସାଙ୍ଗରେ ନେଇ ଆସିବି । ରେବନାନୀ ଘରୁ କୁଆଡ଼େ ଯାଇନି । କେତେଥର ପୁରୀ ଯିବାକୁ ତା'ର ଇଚ୍ଛା । ସବୁବେଳେ ଜଗନ୍ନାଥଙ୍କ ପାଖରେ ରହିଲେ ତା' ମନ ଖୁସି ହେବ ।"

ଏ ଚିଠି ପାଇବା ପରେ ଆହୁତିର ଗୋଡ଼ ତଳେ ଲଗୁନି । ସେମାନେ କୃଷ୍ଣ ପାଖକୁ ଯିବେ । ଏ ଖୁସି ଖବରଟା ଗାଁର କେତେ ଲୋକ ଜାଣି ସାରିଲେଣି । ଲୁଗା-ପଟା ରଖି ଟ୍ରଙ୍କ୍ ଖଣ୍ଡେ ଓ ଛୋଟ ସୁଟ୍‌କେଶଟି ସଜଡ଼ା ହୋଇ ରହିଛି କୃଷ୍ଣ ଆସିବା ପୂର୍ବରୁ ।

ଶେଷରେ ସେଇ ନିର୍ଦ୍ଦିଷ୍ଟ ଦିନଟି ଆସିଲା । ଆହୁତି ପ୍ରଗଲ୍‌ଭ ହୋଇ ଗପି ଗ୍ଲାଲିଛି ତା'ର ସାଙ୍ଗମାନଙ୍କ ପାଖରେ, "ମୁଁ ଆଉ ଗାଁକୁ ଆସିବିନି । ଏଥର ବଡ଼ ଭଉଣୀ ଯୋଉଠି ଶୁକିରୀ କରିବେ, ମୁଁ ସେଇଠି ରହିବି । ରେବନାନୀ ତା'ର ଯାହା ଇଚ୍ଛା ତା' କରୁ ।"

ରେବତୀ ହସୁଛି । ବହୁତ ଦିନ ପରେ ପ୍ରଭୁ ଜଗନ୍ନାଥଙ୍କ ପାଖରେ ତାକୁ ରହିବାର ସୁଯୋଗ ମିଳିଛି, ସେ ଖୁସି ହେବନି ?

ପୁରୀ ଆସି ପନ୍ଦର ଦିନ କଟି ଗଲାଣି । ଆହୁତି ଏ ମଧ୍ୟରେ ଘର ପାଖର କେତୋଟି ଝିଅଙ୍କ ସଙ୍ଗେ ବନ୍ଧୁତା କରି ସାରିଲାଣି । ରେବତୀର ମଧ୍ୟ ଜଣେ ବୃଦ୍ଧାଙ୍କ ସଙ୍ଗେ ବନ୍ଧୁତା ହୋଇଛି । ରତି ଦିନ ମନ୍ଦିର ଯିବା ପାଇଁ ସେ ତାକୁ ଡାକନ୍ତି । ଭଉଣୀ ଦୁଇଜଣଙ୍କୁ ଖୁସିରେ ରଖି ପାରିଛି ବୋଲି କୃଷ୍ଣ ମନରେ କେତେ ପରିତୃପ୍ତି ।

ଆହୁତି ମନରେ ଗୋଟିଏ ବଡ଼ ଦୁଃଖ । ତା' ସାଙ୍ଗମାନେ ପ୍ରତିଦିନ ସ୍କୁଲକୁ ପଢ଼ିବାକୁ ଯାଆନ୍ତି । ସେ କିନ୍ତୁ ମୂର୍ଖଟାଏ । ତାକୁ କେହି ପଢ଼େଇଲେନି । ହଠାତ୍ ତା'ର କ'ଣ ହେଲା ଦିନେ ମୁହଁ ଶୁଖେଇ ବସି ରହିଲା ସେ । ଶେଷରେ ତା'ର ଏକା ଜିଦ୍ ସେ ପାଠ ପଢ଼ିବ ।

Digitized by srujanika@gmail.com

ଘଡି ଆଠଟାରେ କୁବ୍‌ରୁ ଫେରି କୃଷ୍ଣ ଦେଖିଲ, ଆହୁତି ଘରିଗିଛି । ରେବତୀ କହିଲ, "ମୋ ସାଙ୍ଗରେ ସେ ଯିଦି କରୁଛି । କହୁଛି, ତୁ ବଡ଼ ଭଉନାକୁ କହ ମୁଁ ପାଠ ପଢ଼ିବି ।"

"କୋଉ ପିଲଦିନୁ ପାଠ ଛାଡ଼ିଲଣି । ଏବେ କି ପାଠ ପଢ଼ିବ ? ଗାଁରେ ଠିକ୍ ଥିଲ । ଏଠି ଅନ୍ୟମାନଙ୍କୁ ଦେଖୁଛି । ତୁ ତ ତାକୁ ଠାକୁର ପୂଜାରେ ଲଗାଇଲୁ । ତୁମ ଦୁହିଙ୍କର କେତେ ଯେ ଓପାସ ବ୍ରତ ! ଧେତ୍, ଯାହା ବହିପତ୍ର ପଢ଼ିବ ମୁଁ ପଛକେ କିଣି ଆଣୁଛି । ସ୍କୁଲ ଯାଇ ପାଠ ପଢ଼ିବା ତା' ଦ୍ୱାରା ହେବନି ।"

ଆହୁତି ନୀରବ ରହେ । କୃଷ୍ଣ କିଣି ଦେଇଥିବା ବହିଗୁଡ଼ିକୁ ସଜେଇ ରଖେ ତା' ଶୋଇବା ଘର ଟେବୁଲରେ । ବହିରେ ଗୋଲ ଗୋଲ ସୁନ୍ଦର ଅକ୍ଷରରେ ନାଁ ଲେଖି ମଲଟ ଦେଇଛି । ପୁଣି ପ୍ରତିଦିନ ହସ୍ତାକ୍ଷର ଖାତାରେ ଇଂରଜୀ, ଓଡ଼ିଆ ଦୁଇ ପୃଷ୍ଠା ହସ୍ତାକ୍ଷର ଲେଖା ହୁଏ । ପାଠପଢ଼ା କ'ଣ ହୁଏ ସେ ଜାଣେ । କେହି ତାକୁ ପଢ଼େଇ ଦିଅନ୍ତି ନାହିଁ ।

ସେଦିନ କୃଷ୍ଣ କ'ଣ ଜରୁରୀ ଅଫିସ୍ କାମରେ ଭୁବନେଶ୍ୱର ଯାଇଥିଲ । ସରକାରୀ ଜିପ୍ ଖରାପ ହେବାରୁ ବାଧ୍ୟରେ ବସ୍‌ରେ ଫେରୁଥିଲ ସେ ।

ବସ୍‌ର ଝରକା ଦେଇ ବାହାରକୁ ଚାହିଁଥିଲ କୃଷ୍ଣ । ଅପରାହ୍ନର ସୂର୍ଯ୍ୟ ଆକାଶରୁ ବିଦାୟ ନେବାକୁ ପ୍ରସ୍ତୁତ ହେଉଥିଲେ । ବାହାରର ସବୁଜ ପୃଥିବୀ, ନୀଳ ଆକାଶ, ନାଲି ସୂର୍ଯ୍ୟ, ସବୁ ଯେମିତି କୁଶଳୀ ଶିଳ୍ପୀର କାନଭସ୍‌ରେ ଫୁଟି ଉଠିଥିବା କଳା-ଐଶ୍ୱର୍ଯ୍ୟର ଭ୍ରମ ସୃଷ୍ଟି କରୁଥିଲ । ଏ ସବୁକୁ ଆଖି ଆଗରେ ରଖି ଶିଳ୍ପୀ ସେଇ ଜୀବନ୍ତ ଛବିକୁ ତା' ତୂଳୀରେ ଧରି ରଖିବାକୁ ଚେଷ୍ଟା କରେ, ବିଚିତ୍ର ଆଉ କ'ଣ ?

କଣ୍ଠସ୍ୱର ଡାକରେ ଏ ପାଖକୁ ମୁହଁ ଫେରଇଲ କୃଷ୍ଣ । ପକେଟ୍‌ରୁ ପର୍ସ ବାହାର କରି ଦୁଇଟଙ୍କିଆ ନୋଟ୍ ଖଣ୍ଡେ ଧରଇ ଦେଲ ।

"କିଏ କୃଷ୍ଣ ?"

"ସାର୍, ନମସ୍କାର । ବହୁତ ଦିନ ପରେ ଆପଣଙ୍କୁ ଦେଖୁଛି ଆଜି ।" ପ୍ରଫେସର ଦାସ ହସୁଛନ୍ତି ସେପାଖ ସିଟ୍‌ରୁ । "ତୋର ସବୁ ଭଲ ତ ? ଏବେ କୋଉଠି ଅଛୁ ? ବାହା ହେଲୁଣି ?"

Digitized by srujanika@gmail.com

ଏତେ ଗୁଡ଼ାଏ ପ୍ରଶ୍ନର ଉତ୍ତର ଦେବାକୁ ହେବ କୃଷ୍ଣକୁ । ସବୁ ଉତ୍ତର ଗୁଡ଼ିକ ତାଙ୍କ ପାଇଁ ସନ୍ତୋଷଜନକ ଥିଲା । ସେ ପୁଣି ପଚାରିଲେ, "ଆଚ୍ଛା, ତୁ ଏବେ ବାହାହବୁ କି ନାହିଁ କହିଲୁ ? ଭଲ ଝିଅଟିଏ ଅଛି । ତୁ ଜାଣିଥିବୁ ତୋର ଇଂରେଜୀ ପ୍ରଫେସରଙ୍କ ଝିଅ ସୁମନ, ବି.ଏ. ପରୀକ୍ଷା ଦେଇଛି ।"

ସୁମନ ??? ମନେ ପକାଇବାକୁ ଚେଷ୍ଟା କଲା କୃଷ୍ଣ ।

"କ'ଣ ଭାବୁଛୁ ? ତୁମ ଘର ଠିକଣାଟା ଦରକାର ।"

କୃଷ୍ଣ ନୀରବରେ ପକେଟ୍‌ରୁ ଛୋଟ କାଗଜ ଖଣ୍ଡେ କାଢ଼ି ବାପାଙ୍କ ନାଁ, ଠିକଣା ଲେଖି ଧରେଇ ଦେଲା ।

ଠାକୁର ଘର ଶିକୁଳୀ ଲଗେଇ ଦେଇ କାଛରେ ଥାଉ ଥରେ ମୁଣ୍ଡ ଲଗେଇ ପ୍ରଣାମ କଲା ରେବତୀ । ଆର ଘରେ ଆହୁତି ସଙ୍ଗେ କୃଷ୍ଣ କ'ଣ କଥାବାର୍ତ୍ତା କରୁଛି । ଅଫିସ୍‌ରୁ ଫେରି ସେ କୁଆଡ଼େ ବୁଲାବୁଲି କରି ଫେରିଛି ।

ସେ ପାଖରେ ଥାଳି ଧୋଇବା ଶବ୍ଦ ଶୁଣା ଯାଉଛି । ଏଥର ରମୁ ଆସି ତା' ପାଇଁ ବାରଣ୍ଡାରେ ଅଲଗା କରି ଯାଗା କରିବ, ତାକୁ ଆଗ ବାଢ଼ି ଦେଇସାରି ଭାଇ ଭଉଣୀ ଦୁହିଁଙ୍କୁ ଖାଇବାକୁ ଦେବ । ସେମାନଙ୍କ ପାଇଁ ସବୁ ଦିନ ପ୍ରାୟ ମାଛ, ମାଂସ, ଅଣ୍ଡା ହୁଏ । ତା'ର ତ ପିଆଜ ବି ଛୁଆଁ ହେଲେ ଚଳିବନି, ସେଥିରେ ପୁଣି ଅଧିକାଂଶ ଦିନ ବ୍ରତ ଓପାସ ନେଇ ଘିଅରେ ଜଳଖିଆ ନଚେତ୍ ଓଳିଏ ଭାତ । କୃଷ୍ଣ କେବଳ ତାଆରି ପାଇଁ ବ୍ରାହ୍ମଣ ପିଲାନକୁ ଘରେ ରନ୍ଧିବା ପାଇଁ ବନ୍ଦୋବସ୍ତ କରିଛି । ଯାହାହେଲେ ବି ରେବତୀର ମନ ମାନେନି । ସେଇ ଘରେ ଆଇଁସ ରନ୍ଧା, ରମୁକୁ କହିଲେ କହୁଛି ତା' ପାଇଁ ଅଲଗା ରନ୍ଧି ଘୋଡ଼େଇ ଦେଉଛି । ଯାହା କରୁଛି କରୁ, ସେ ସେଥିଲ ଘରକୁ ଯିବାକୁ ମୋତେ ଭଲ ଲାଗୁନି । କେଉଁଠି ମାଛକାତି ଗଦା ହେଇଥିବ ତ କେଉଁ କଣରେ ସକାଳର ଜଳଖିଆ କଲାବେଳଠାରୁ ଅଣ୍ଡା ଖୋଳ ଗଡି ପଡ଼ିଥିବ ।

Digitized by srujanika@gmail.com

ସେ ଦିନ ଏଇକଥା କହିଲାରୁ କୃଷ୍ଣ କହିଲା, ଗାଁ କଥା ଏଠି କେମିତି ସମ୍ଭବ ହେବ ? ତାକୁ ବୁଝେଇ ଦେ, ସେ ଠିକ୍ କରିବ ।

କୃଷ୍ଣ ଆଉ କ'ଣ ବା କହି ଥାଆନ୍ତା ! ତଥାପି ରେବତୀକୁ ଏକଥା ଜିଛି ଭଲ ଲାଗିଲାନି । ତା'ର କାହିଁକି ମନେ ହେଲା, ଏ ସଂସାରରେ ତା'ର ନିଜର ହେଇ କେହି ନାହାନ୍ତି । କୃଷ୍ଣ ତାକୁ ଦୟା କରି ସାଙ୍ଗରେ ନେଇ ଆସିଛି । ଆଶ୍ରା ଦେଇଛି । ଆଶ୍ରିତାର ଏତେ ବାଛ ବିଗ୍ଭର କ'ଣ ?

ଏମିତି କେତେଟା କଥା ଭାବି ଭାବି ରେବତୀର ମନ ଦୁର୍ବଳ ହୋଇ ପଡ଼ିଲା । ସେ ଦିନ କିଛି ନ ଖାଇ ସେମିତି ବିଛଣାରେ ପଡ଼ିରହିଲା ସେ ।

ସକାଳୁ ଉଠି କୃଷ୍ଣ ଖୁବ୍ ବିରକ୍ତ ହେଲା ଏକଥା ଶୁଣି । ସେ କହିଲା, "ରେବ-ନାନୀ, ତୁ କାହିଁକି ଓପାସ ରହିଲୁ କହ ତ ? କ'ଣ ତୋର ଅସୁବିଧା ?"

"ନାଇଁ ଅସୁବିଧା ଆଉ କ'ଣ, ତୁ ମୋତେ ଚଳଉଚୁ । ମୋର ଦୁଃଖ କ'ଣ ?"

"ମୁଁ କ'ଣ ସେ କଥା କହିଲି ? ତୁ ଟିକେ ଆରାମରେ ମନଖୁସି କରି ରହ । ଏଠି ତ ବାପା ନାହାନ୍ତି ଯେ ତୋତେ ଯାଚ୍ଛୁ ସାଚ୍ଛୁ କହିବେ ।"

"ନାଇଁ, ଯେ ଯାହା କହିବ କହୁ । ମୁଁ କାହା କଥା ଧରିବି କାହିଁକି ?"

"ହେଲା, ତୁ ଉଠ, ଗାଧୁଆ ସାରି କ'ଣ ଖାଇଲୁ ଟିକେ ।"

ରେବତୀ ହସିଲା. "ତୁ ଯା' ତୋ ଫାଇଲ୍ ଦେଖିବୁ, ଅଫିସ ଯିବାକୁ ବାହାରିବୁ । ଏ ଅଲେଡ଼ା ଲୋକଟା ସାଙ୍ଗରେ ସମୟ ନଷ୍ଟ କରୁଛୁ କାହିଁକି ?"

"ମୋତେ ଏଇ କଥାଗୁଡା ଭଲ ଲାଗୁନି । ତୁ କାହିଁକି ଯେ ଅଶାନ୍ତି ହେଉ !"

"ବଡ଼ ଭଉନା, ତୁମେ ଆଜି ଗଲେ ଡାକ୍ତର ଡାକିବ ।" କଳ ପାଖରେ ଦାନ୍ତ ଘଷୁ ଘଷୁ ଆହୁତି କହୁଛି ।

ରେବତୀ ବିଛଣାରେ ଉଠି ବସିଲା, "ରାତିରେ ମୁଣ୍ଡଟା ଟିକେ ବିନ୍ଧିଲା ଯେ ଶୋଇଗଲି, ଏଇଥିପାଇଁ ଏତେ ବ୍ୟସ୍ତ କାହିଁକି ?"

"ତୁ ଉଠିଲୁ ରେବନାନୀ, ମୋତେ ତ ଭୋକ କଲାଣି ।"

ଆହୁତି ଲାଗିଛି ରେବତୀ ସାଙ୍ଗରେ । କୃଷ୍ଣ ବିରକ୍ତିରେ ଉଠିଗଲା ଅଫିସ ଘରକୁ । ତା'ପରେ ଫାଇଲ୍‌ଗୁଡ଼ିକ ସଜେଇ ରଖି କ'ଣ ସବୁ ଲେଖିବାକୁ ଆରମ୍ଭ କଲା ।

Digitized by srujanika@gmail.com

କିନ୍ତୁ କିଛି କରିପାରିଲା ନାହିଁ । ମନେପଡ଼ିଲା, ବାପାଙ୍କ ଚିଠିର ଉତ୍ତର ଦେଇନି ସେ ଏଯାଏ । ଚିଠିଟି ଖୋଲି ଆଉଥରେ ପଢ଼ିଲା ସେ ।

ସେ ଲେଖିଛନ୍ତି, ପ୍ରଫେସର ଦାସଙ୍କୁ ସମ୍ମତି ଜଣାଇ ଚିଠି ଲେଖି ସାରିଛନ୍ତି । କିନ୍ତୁ କୃଷ୍ଣ ପ୍ରଥମେ ଝିଅ ଦେଖୁ । ତା'ର ପସନ୍ଦ ହେଲେ ସେ ଆସି ଅନ୍ୟାନ୍ୟ କଥାବାର୍ତ୍ତା କରିବେ ।

କୃଷ୍ଣ ମନେପକେଇବାକୁ ଚେଷ୍ଟା କଲା । ସୁମନକୁ ତ ସେ କଲେଜରେ କେବେକେବେ ଦେଖିଛି । ହଷ୍ଟେଲ ରାସ୍ତା ଦେଇ ଅନ୍ୟ ଝିଅମାନଙ୍କ ସହ ସେ ଘରକୁ ଫେରିବାର ଅନେକ ଥର ଦେଖିଛି । ରଙ୍ଗ ସଫା, ମୁହଁଟି ଶାନ୍ତ, ଉଦାସ । ଉଚ୍ଚତାକୁ ଗ୍ରହି ସୁମନର ପତଳା ଚେହେରା ।

ଇଂରେଜୀ ପ୍ରଫେସରଙ୍କ ଝିଅ, କଲେଜର ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ମଧ୍ୟ ଭାଗ ନିଏ । ହୁଏତ ଏଥିପାଇଁ ଛାତ୍ରଛାତ୍ରୀଙ୍କ ମହଲରେ ସୁମନ ବେଶୀ ଜଣାଶୁଣା ହୋଇଥିଲା । ସେଦିନ ବିନୟ ବାଧ୍ୟ କରି କୃଷ୍ଣକୁ କଲେଜର ସେହି ସାହିତ୍ୟ ଉତ୍ସବକୁ ନେଇ ଯାଇଥିଲା । ସେତେବେଳେ ଠିକ୍ ମାଇକ୍ ପାଖକୁ ଉଠି ଯାଉଥିଲା ସୁମନ୍ ତା'ର ଗପ ପଢ଼ିବାକୁ । ଛାତ୍ରଛାତ୍ରୀମାନେ ତାଳିମାରି ତାକୁ ଉତ୍ସାହିତ କରୁଥିଲେ । କୃଷ୍ଣ ନୀରବରେ ବସି ଗଳ୍ପଟିର ଲେଖନ ଶୈଳୀ, ଭାଷା, ପଢ଼ିବାର ଭଙ୍ଗୀ ପ୍ରତି ମନୋନିବେଶ କରିଥିଲା ।

ବିନୟ ହସି ହସି ପଚାରିଲା, "ତୋ ବିଚାର କ'ଣ ?" କୃଷ୍ଣ କହିଲା, "ଲେଖିକାଙ୍କ ଭବିଷ୍ୟତ ଉଜ୍ଜ୍ୱଳ ।"

ଦୁଇବନ୍ଧୁ ସେଇ ଗପଟି ଶୁଣି ବାହାରି ଆସିଲେ ଅଡ଼ିଟୋରିୟମ୍‌ରୁ ।

ଆହୁତିର ଡାକରେ କୃଷ୍ଣ ହଠାତ୍ ପ୍ରକୃତିସ୍ଥ ହେଲା । କାନ୍ଥ ଘଣ୍ଟାକୁ ଚାହିଁ ଦେଖେ ତ ନଅଟା ବାଜିବାକୁ ପାଞ୍ଚ ମିନିଟ୍ ବାକି ଅଛି, ଏଥର ଅଫିସ୍ ଯିବାକୁ ବାହାରିବ ସେ ।

"ନାନୀ ସେମିତି ବିଛଣାରେ ଶୋଇ ରହିଛି ।"

"ଓଃ ଗଲୁ ଏଠୁ, ସେ ଶୋଇଛି ତ ମୁଁ କ'ଣ କରିବି ? ସେ କ'ଣ ଛୋଟ ପିଲା ହେଇଛି ଯେ ତାକୁ ବୁଝେଇବି ?"

Digitized by srujanika@gmail.com

ଆହୁତି ଅଭିମାନରେ ଫେରି ଆସିଲା ।

କୃଷ୍ଣର ସ୍ୱପ୍ନ ଭାଙ୍ଗି ଯାଇଥିଲା । ସେ ସୁଧୀରଞ୍ଜନଙ୍କୁ ଉତ୍ତର ଲେଖି ବସିଲା । ଏବେ ତା'ର ବହୁତ କାମ, ତେବେ ମଝିରେ ତିନି, ଚାରିଦିନ ପାଇଁ କଟକ ଯିବାର ଅଛି । ସେଇ ସମୟ ମଧ୍ୟରେ ସେ ପ୍ରଫେସର ଦାସଙ୍କ ଘରକୁ ଯାଇ ପାରିବ ।

ଠିକ୍ ସେଇ ଏକା ଉତ୍ତର ସେ ଲେଖିଲା ପ୍ରଫେସର ଦାସଙ୍କୁ ।

ଝିଅ ଦେଖା, ତା' ପରେ ବାହାଘର ଦିନ ସ୍ଥିର ହେଲା । ରେବତୀ ସବୁ କଥା ଶୁଣୁଛି । କାହାକୁ କିଛି କହୁନାହିଁ, ସେ ଜାଣିଥିଲା ଦିନେ ଏମିତି ହେବ । ବିଭୁରଞ୍ଜନ ମଙ୍ଗଳା ସାଙ୍ଗରେ ଆଲୋଚନା କରିବେ ପଛକେ ତାକୁ କିଛି କହିବେ ନାହିଁ ।

ସେଦିନ କ'ଣ ହେଲା କେଜାଣି ବିଭୁରଞ୍ଜନ କହିଲେ, "ଆଲୋ ରେବ, ତୁ ଚାଲ ମୋ ସାଙ୍ଗରେ, ଆଜି ନିର୍ବନ୍ଧ ହେବ । ଝିଅକୁ ହାର ପିନ୍ଧେଇ ଆସିବା ।" ରେବତୀ ପ୍ରଥମେ ନାହିଁ ନାହିଁ ହେଉଥିଲା । କୃଷ୍ଣ କହିଲା, "ସବୁ କଥାରେ ନୁ ନାହିଁ କରୁଛୁ କାହିଁକି ? ଯାଉନୁ, ବାପାଙ୍କ ସାଙ୍ଗରେ ।"

ରେବତୀ ଆଉ କିଛି ଉତ୍ତର ନଦେଇ ଧୀରେ ଲୁଗାପଟା ପିନ୍ଧି ପ୍ରସ୍ତୁତ ହେଲା । ବିଭୁରଞ୍ଜନ ଛୋଟିଆ ପ୍ଲାଷ୍ଟିକ ବାକ୍ସଟିଏ ଧରେଇ ଦେଲେ ତା' ହାତରେ । ଖୋଲି ଦେଖିଲା ରେବତୀ, ସେଥିରେ ଥିଲା ନର୍ମଦାଙ୍କ ବୋହୂ ଦିନର ଚାରିସରିଆ ସୁନାହାର । ହାରଟି ସଫା କରି ରଙ୍ଗ କରି ଆଣିଛନ୍ତି ବିଭୁରଞ୍ଜନ । ହାତରେ ନେଇ ଦେଖିବାବେଳେ ମନେ ପଡ଼ିଲା ରେବତୀର ନର୍ମଦାଙ୍କ କଥା । ଏ ଦିନରେ ସେ ଥିଲେ ନିଜେ ଯାଇ ବୋହୂକୁ ପିନ୍ଧେଇ ଦେଇ ଆସିଥାଆନ୍ତେ ଏ ହାରଟି । ଏ ଘରେ ସ୍ୱୀକୃତି ପ୍ରଦାନ ପରେ କାହିଁ କେବେଠୁଁ ଶାଶୁମାନେ ଘରର ବଡ଼ ବୋହୂକୁ ଏ ହାରଟି ପିନ୍ଧେଇ ଦେଇ ଆସୁଛନ୍ତି।

ରଙ୍ଗଲତା ନିଜେ ନର୍ମଦାଙ୍କ ଗଳାରେ ଏଇଟି ପିନ୍ଧେଇ ଦେଇଥିଲେ । ତା'ପରେ ନର୍ମଦା ସାଇତି ରଖିଲେ ତାଙ୍କର ବଡ଼ବୋହୂ ପାଇଁ । ଭାଗ୍ୟରେ ନାହିଁ, କୃଷ୍ଣର ବାହାଘର ଦେଖି ପାରିଲେନି ସେ ।

Digitized by srujanika@gmail.com

ରେବତୀର ଆଖିରେ ଲୁହ ।

"ଯେତେବେଳେ ଦେଖ ରେବନାନୀର ଆଖି ଓଦା, ତତେ ଖୁସି ଲଗୁନି ତୁ କଟକ ଯାଉଛୁ ବୋହୂ ଦେଖିବୁ, କେତେଆଡ଼େ ବୁଲିବୁ, ଓଇଟି କାନ୍ଦୁଛୁ କାହିଁକି ?"

ଆହୁତିର କଥା ଶୁଣି ରେବତୀର ଓଠରେ ହସର ଧାରଟିଏ ଦେଖାଦେଲା । ଏଡ଼େ ଝିଅଟିଏ ହେଲଣି, କିଛି ବୁଝି ପାରେନା । ଦାଣ୍ଡରେ ଟାକ୍‌ସି ଥୁଆ ହେଲଣି । ବିଭୂରଞ୍ଜନ ଗାଡ଼ିରେ ବସି ସାରିଲେଣି ।

ରେବତୀ ରୁମାଲରେ ଆଖି ପୋଛି ଠାକୁର ଘର ଝିଙ୍କୁଳି ଖୋଲି ହାତଯୋଡ଼ି ଟିକିଏ ସମୟ ଠିଆ ହେଲ । ତଳେ ମୁଣ୍ଡ ଲଗାଇ ପ୍ରଣାମ କରିସାରି ଦାଣ୍ଡକୁ ବାହାରିଗଲ ।

ସେ ଦିନର ସେଇ ଚଳଚଞ୍ଚଳ ଝିଅଟି ସୁମନ ।

ଏ ଘରକୁ ଦୁଇଦିନ ହେଲ ଆସିଲଣି । ଭରୀ ଏକା ଲଗୁଛି ତାକୁ । ଏଠି କ'ଣ କେହି ନାହାନ୍ତି ? କେତେବେଳେ କିପରି ଆହୁତି ଆସି ପାଖରେ ବସୁଛି ।

ହସି ହସି କେତେ କଥା ଗପୁଛି, ତାକୁ କିଏ କୋଉ କାମରେ ଡାକିଲେ ଉଠି ଚାଲି ଯାଉଛି ।

ଶାଶୁ ତ ନାହାନ୍ତି, କିନ୍ତୁ ସେ ନାନୀ ? ନିର୍ବନ୍ଧ ଦିନ ତାକୁ ହାର ପିନ୍ଧେଇ ଦେଇ କାନ୍ଦି ପକେଇଲେ । ମନେ ପଡ଼ିଥିବ ତାଙ୍କ ବୋଉଙ୍କ କଥା, କେଡ଼େ ସୁନ୍ଦରୀ ସେ । ହାତ ଦୁଇଟି ଖାଲି, ସୀମନ୍ତରେ ସିନ୍ଦୁର ବିନ୍ଦୁ ଝଟକୁ ନାହିଁ । ସବୁ ଶୂନ୍ୟ । ଧଳା ସାଧା ଥାନ ଖଣ୍ଡେ ପିନ୍ଧି ଥାଆନ୍ତି । ତାଙ୍କୁ ଦେଖି ତା' ମନ କରୁଣ ହୋଇଗଲ ।

ଘରଟା ଭିତରେ କେହି କୁଆଡ଼େ ନାହିଁ । ଧେତ୍, ଖାଲି ଏମିତି ସଜେଇ ହେଇ ବସି ବସି ସେ କ'ଣ କରିବ ?

"ନୂଆବୋଉ ?"

ସୁମନ ଚାହିଁଲ କବାଟ ପାଖକୁ । ଆହୁତି ଆସୁଛି । ପଛରେ କିଏ ଦୁଇକଣ ସୀଲୋକ ସାଙ୍ଗରେ ଛୁଆ ଦଳେ ଧରି ଆସିଛନ୍ତି ।

Digitized by srujanika@gmail.com

ସୁମନ ଓଢ଼ଣାଟା ଆଉ ଟିକେ ତଳ ଘୁଞ୍ଚ ଟାଣି ମୁହଁ ତଳକୁ କରି ବସି ରହିଲା ।

ସେମାନେ ହସି ହସି ପଶି ଆସିଲେ ଭିତରକୁ, "ଏ ବୋହୂକୁ ଏମିତି ବସେଇଛ କାହିଁକି ? ଥାଉଲେ ମା', ଏତେ କଷ୍ଟରେ ବସିବା ଦରକାର ନାହିଁ ।"

ସେ ଭଦ୍ରମହିଳା ସୁମନର ଓଢ଼ଣା ଆଉ ଟିକିଏ ଖସେଇ ଦେଇ ତା'ର ଗହଣା ସବୁ ଦେଖି ବସିଲେ । ଆଉ ଜଣକ ବି ରୁହିଁ ରହିଥାଆନ୍ତି । ତା'ପରେ କ'ଣ ମନେହେଲା କେଜାଣି ଓଠ ଚେକି ଧରି ତା' ମୁହଁକୁ ଅନାଇ ରହିଲେ । ଟିକିଏ ଦୂରରେ ଆହୁତି ଆଣି ଜଳଖିଆ ପ୍ଲେଟ୍ ଥୋଇଲା । ସେଇ ସବୁ ତରତର ହୋଇ ଖାଇ ବସିଲେ । ଭଦ୍ରମହିଳା ଦୁହିଁଙ୍କୁ ଡାକି ଆଣି ବସେଇଲା ଆହୂତି । ବୋହୂ ହାତରେ ସେମାନେ ଦୁଇ-ଖଣ୍ଡ ଦଶଟଙ୍କିଆ ନୋଟ୍ ଧରେଇଲେ ।

ସେମାନେ ସବୁ ଯିବା ପରେ ଆହୁତି କହିଲା, "ବୁଝିଲ ନୂଆବୋଉ, ସେମାନେ କ'ଣ କଥାବାର୍ତ୍ତା ହେଉଥିଲେ ? ସେମାନେ କହିଲେ, ଏଡ଼େ ସୁନ୍ଦର ଯୋଗ୍ୟର ପୁଅକୁ ଏଇ ବୋହୂ ! ପୁଅ କଲେକ୍ଟର ହେଇଛି । କେତେ ଦାମୀ ଯୌତୁକ, ଯାଠୁ ବଳି ସୁନ୍ଦରୀ ବୋହୂ, ସବୁ ମିଳି ଥାଆନ୍ତା... ।"

ସୁମନ କିଛି ନ ବୁଝିବା ଭଳି ବସି ରହିଲା । ତା' ମନର ଅବସ୍ଥା ବୁଝିବାକୁ ସେ କାହାକୁ ସୁଯୋଗ ଦେଲାନାହିଁ । ସେ ଏମିତି ପରିସ୍ଥିତିରେ ପଡ଼ିଛି ଯେ କାହାକୁ କିଛି କହି ପାରିବନି କି ହଠାତ୍ ଏଠୁ ଗୁଲିଯାଇ ମନ ଭୁଲେଇବାକୁ ବହି ଖଣ୍ଡେ ଦେଖି ପାରିବନି ।

ଜେଜେମା' ଠିକ୍ କହୁଥିଲେ, ଏଇ ହେଉଛି ବୋହୂପଣିଆ । ନୀରବରେ ଆଖି ମୁଦି ବସିଥାଅ । ଯିଏ ଯାହା କହୁ, ତୁମକୁ ଟଣାଟଣି କରି କଣ୍ଢେଇ ପରି ନଚଉ, ତୁମେ କିନ୍ତୁ ସେମିତି ନୀରବ ।

ହଁ, ନୀରବତା ସବୁଠୁ ଭଲ । ପାଟି ଖୋଲିଲେ ସବୁ ଅଡୁଆ ।

ଆହୁତି ଭାବିଥିଲା ଏମିତି କହିଲେ ନୂଆବୋଉ ଏ କଥାର ପ୍ରତିବାଦ କରି କଥା ପଦେ କହିବେ । କିନ୍ତୁ ସୁମନଠାରୁ କିଛି ଉତ୍ତର ନ ପାଇ ସେ ପୁଣି କହିଲା, "ତୁମକୁ ଭୋକ ଲାଗୁନି ?"

ସୁମନ କହିଲା, "ନା ।" ତା'ପରେ ସେମିତି ଚୁପ୍‌ଚାପ୍ ।

Digitized by srujanika@gmail.com

"ଦେଖ, ମୋ ପାଖରେ ଲୁଚ୍ଛଥନି । ତୁମ ଦାୟିତ୍ୱ ବୁଝିବା ପାଇଁ ବଡ଼ ଭଉନା ମୋତେ କହିଛନ୍ତି । ନାନୀ ତ ଗାଁକୁ ଚାଲିଗଲ, ମୁଁ ଏବେ କେତେ ହଇରଣ, ବୁଝୁଥିବ ।"

ସୁମନକୁ ହସ ଲାଗୁଛି । ନୂଆ କରି ଚିହ୍ନା ପରିଚୟ ହୋଇଥିବା ଏ ଝିଅଟାର ସରଳ ବକ୍ତବ୍ୟରେ ତା' ପ୍ରତି ସହାନୁଭୂତି ବି ଆସୁଥିଲା ମନରେ ।

ଆହୁତି କ୍ଲାନ୍ତ ହୋଇ ବସିଥିଲା ତା' ପାଖରେ । ସୁମନ ପଚାରିଲା, "ତୁମେ କ'ଣ ସକାଳେ କିଛି ଖାଇନ ?"

"ଖାଇବି କେମିତି ? ତୁମେ କିଛି ଖାଇନ ଯେ । ତା'ଛଡ଼ା ମୋତେ ତ ସମସ୍ତେ ଡାକି କାମରେ ଲଗେଇଦଉଛନ୍ତି । ଖାଇବାକୁ ବେଳ କାହିଁ ?"

ଏ କଥାର ସୁମନ କି ଉତ୍ତର ଦେବ ? ଦିନ ଆସି ବାରଟା ଉପର ହେଲାଣି । ଗାଁର କିଏ ଦୁଇଜଣ ମାଇଁଶାଶୁ, ଖୁଡ଼ୀଶାଶୁ ହେବେ ଆସିଛନ୍ତି ଯେ ସେମାନେ ଘର ଖବର କ'ଣ ବୁଝିବେ ? ଆହୁତି କହୁଛି, ସେମାନେ ଗୋଡ଼ ଲମ୍ବେଇ ବସି ତାଙ୍କ ପାଇଁ, ତାଙ୍କ ଛୁଆଙ୍କ ପାଇଁ ଚା' ସରବତ୍, ପାନ, ଜଳଖିଆ ମଗାଉଛନ୍ତି ବାରମ୍ବାର !

ପ୍ରାୟ ଦିନ ଗୋଟାଏ ବେଳେ ପୂଜାରୀ ଦୁଇଟି ଥାଳିରେ ଭାତ ବାଢ଼ି ଆଣି ସେ ଘରେ ରଖିଲା । ସୁମନ ପାଖରେ ତକିଆ ପକେଇ ଆହୁତି ନିଦରେ ପ୍ରାୟ ଶୋଇ ଯାଇଥିଲା । ପୂଜାରୀ ଡାକିଲା, "ସାନ ନାନୀ, ସାନ ନାନୀ, ଖାଇବ ଉଠ ।"

ସୁମନ ଆସ୍ତେ ଆହୁତିର ହାତ ହଲେଇ ଦେଲା ।

ଆହୁତି ଉଠି ବସିଲା ନିଦରୁ, "ଓଃ ଏବେ ଡେରି ?"

"ତୁମେ ସିନା ଖଦାଶାଳରୁ ନେଇ ଆସିଥାଆନ୍ତ । ମୁଁ ତ ସାଢ଼େ ବ୍ୟସ୍ତ ରହିଲି । ଏବେ ସାନବାବୁ ମୋତେ ଡାକି ଦୋହୁମା ଆଉ ତୁମ ପାଇଁ ଭାତ ବାଢ଼ି ନେଇ ଆସିବାକୁ କହିଲେ ।"

"ହଉ ଯାଅ, ପାଣି ଆଣି ଦିଅ । ଆଉ କ'ଣ ଭଲ ତରକାରୀ ହୋଇଛି ସବୁ ଆଣ ଆମ ପାଇଁ ।"

ପୂଜାରୀ ସବୁ ଆଣିଦେବା ପରେ ଆହୁତି ଧୀରେ କବାଟ ଆଉଜେଇ ଦେଲା । ପାଖ ବାଥ୍‌ରୁମ୍‌ରେ ସୁମନ ମୁହଁ ହାତ ଧୋଇ ଆସି ଖାଇ ବସିଲା ।

"ତୁମେ ଲାଜ କରୁଥା ବସି, ମତେ କିନ୍ତୁ ଭାରୀ ଭୋକ, ମୁଁ ଖାଇଲି ।"

Digitized by srujanika@gmail.com

ଆହୁତି କଥା ଶୁଣି ସୁମନ ଟିକିଏ ହସିଲା, ତା'ପରେ ଚୁପ୍‌ଚାପ୍ ବସି ଖାଇଲା । କେଜାଣି ତା'ର କ'ଣ ହେଉଛି ? ଏଠି ପହଞ୍ଚିବା ପରଠୁଁ ତାକୁ ଭୋକ ହଉଛି, କିନ୍ତୁ ଖାଇବାର ଆଦୌ ଇଚ୍ଛା ନାହିଁ । ନୂଆ ପରିବେଶ, ନୂଆ ଜୀବନର ଆରମ୍ଭ; ସବୁ ମିଶି ତାକୁ ଭାରି ଅସ୍ୱସ୍ତି ଲାଗୁଛି ।

ଆହୁତି ଖଣ୍ଡେ ନାଲି ଜରି ଧଡ଼ିର ବନାରସୀ ଶାଢ଼ୀ, ମ୍ୟାଚିଂ ଶାୟା, ବ୍ଲାଉଜ୍ ଇତ୍ୟାଦି ଧରି ସେ ଘରକୁ ପଶି ଆସିଲା, ସାଙ୍ଗରେ ଆଉ ଜଣେ ଝିଅ, ବୋଧହୁଏ ବିବାହିତା । ବେଶ୍ ଆଧୁନିକା, ହାତରେ ଅନେକ ପ୍ରକାର କସ୍‌ମେଟିକସ୍ ଧରିଛନ୍ତି । ଆହୁତି କହିଲା, "ଇଏ ମିଲି ଭଉଜ, ପାଖରେ ରହନ୍ତି । ଏଠି ଏବେ ସବୁ କାମ ସେ ବୁଝୁଛନ୍ତି । ଭାରୀ ଭଲ ।"

ସୁମନ ମିଲିକୁ ନମସ୍କାର କଲା ।

"ନୂଆବୋଉ, ଗଲ ମୁହଁହାତ ଧୋଇ ଆସିବ । ଏ ତୁମକୁ ସଜେଇ ଦେବେ । ଯାଅ ଜଲ୍‌ଦି, ଏବେ ବହୁତ ଲୋକ ଆସିବେ, ତୁମେ ଚାଲି ଆସ ।" ଆହୁତି ସୁମନକୁ ବାଥ୍ ରୁମ୍‌କୁ ପଠେଇ ଦେଇ ମିଲି ବଗଦରେ ଆଉ କେତୋଟି ଜିନିଷ ଆଣିବାକୁ ବାହାରିଗଲା ।

ରାତିରେ ସବୁ କାମ ସରିବା ବେଳକୁ ଅନେକ ବିଳମ୍ବ । ଏଇ ଅଳ୍ପ କେତେ ଦିନ ମଧ୍ୟରେ କୃଷ୍ଣର ଏଠି ବହୁତ ଲୋକ ଚିହ୍ନା ପରିଚୟ ହୋଇଛନ୍ତି । କଟକ, ଭୁବନେଶ୍ୱରରେ ଥିବା ବନ୍ଧୁମାନେ ମଧ୍ୟ ପ୍ରାୟ ଅଧିକାଂଶ ଆସିଛନ୍ତି ।

ଗାଁରେ ଭେଜି ହେଉଥିଲେ ଅଲଗା କଥା । ଏଠି କିନ୍ତୁ ତାକୁ ସବୁକଥା ବୁଝିବାକୁ ପଡୁଛି ।

ରାତି ପ୍ରାୟ ଗୋଟାଏ ବେଳେ କ୍ଳାନ୍ତ ହୋଇ ଆସିଲା ସେ ଶୋଇବା ଘରକୁ । ଖଟର ଗୋଟିଏ କଣରେ ବସିଥିଲା ସୁମନ ।

ସବୁଦିନ କୃଷ୍ଣ ଏଇ ଘରେ ଶୁଏ, ଆଜି ଯେମିତି ଏ କୋଠରୀଟି ଅନ୍ୟ ପ୍ରକାର ମନେ ହେଉଛି । ସମସ୍ତ ଆସବାସ ନୂଆ, ସୁନ୍ଦର । ନିଖୁଣ ଭାବରେ କିଏ ସଜେଇଛି ଘରଟିକୁ ।

Digitized by srujanika@gmail.com

ବିଛଣାରେ ଫୁଲର ବାସ୍ନା, 'ଇଭନିଂ ଇନ୍‌ପ୍ୟାରିସ୍'ର ସ୍ନିଗ୍ଧତା । ସୁସଜ୍ଜିତା ଅବଗୁଣ୍ଠନବତୀ ସୁମନ ନୀରବରେ ବସିରହିଛି ।

ଧୀରେ ଆସି ସେ ଠିଆହେଲା ସୁମନ୍ ପାଖରେ ।

ଆରେ ଏ କ'ଣ ? ସୁମନ ତା'ର ପାଦଛୁଇଁ ପ୍ରଣାମ କରୁଛି !

କୃଷ୍ଣ ତାକୁ ଦୁଇ ହାତରେ ଧୀରେ ତଳୁ ଉଠାଇ ନେଲା ।

ସ୍ୱାମୀର ବକ୍ଷଲଗ୍ନା ହୋଇ ଥରି ଉଠୁଥିଲା ସୁମନ..... । କୃଷ୍ଣ ଧୀରେ କ'ଣ କହୁଥିଲା, ସୁମନ ଆଖି ବୁଜିଦେଇ ନୀରବରେ ଶୁଣୁଥିଲେ ବି କ'ଣ କହିବ କିଛି ଭାବି ପାରୁ ନଥିଲା ।

—କିଛି କହିବନି ?

ସୁମନ ସେମିତି ନୀରବ ।

କୃଷ୍ଣ ତାକୁ ଚାହିଁ ରହିଥିଲା । ଲଜ୍ଜାରେ ସୁମନ ମୁଖ ଆନତ କଲା; ଲ୍ୟାମ୍ପର ସୁଇଚ୍ ଅଫ୍ କଲା କୃଷ୍ଣ ।

ପରଦିନ ରାତିରେ—

ସୁମନ ବିଳମ୍ବରେ ଆସିଲା ଶୋଇବାକୁ । ଗାଁରୁ ଆସିଥିବା ଖଡ଼ୀ, ମାଇଁଶାଶୁ ଶୋଇବାକୁ ଯାଇ ନଥିଲେ । ଆହୁତିର ମୁଣ୍ଡ ବିନ୍ଧୁଥିବାରୁ ସେ ବି ଖୁବ୍ ବ୍ୟସ୍ତ ହେଉଥିଲା । ସୁମନ ଅନେକ ସମୟ ପର୍ଯ୍ୟନ୍ତ ତା' ପାଖରେ ବସି ରହିଥିଲା ।

—ଏତେ ଡେରି କଲ ?

—ତୁମେ ଏ ପର୍ଯ୍ୟନ୍ତ ଶୋଇନ ?

—ନା... ମୋ ନିଦ ତ ତୁମେ ଚୋରିକରି ନେଇଛ ।

ଛୋଟ ପିଲାଟି ଭଳି ସୁମନକୁ ଦୁଇବାହୁରେ ଟେକି ଧରିଲା କୃଷ୍ଣ ।

—ଦେଖିଲ, ଆରେ ଗହଣା ଯାଡ଼େ ? ବଡ଼ ଡ୍ରେସିଂ ଟେବୁଲଟା ପାଖରେ ସେମିତି ଠିଆ ହେଇଛି କୃଷ୍ଣ । ମୁହଁ ଲୁଚାଇଲା ସୁମନ ।

କୃଷ୍ଣ ଠିକ୍ ସେମିତି ତାକୁ ଟେକିନେଲା ବିଛଣାକୁ ।

—ଆଜି ତୁମକୁ ଅନେକ କଥା କହିବାର ଅଛି ।

ସୁମନ ଆଗ୍ରହୀ ଆଖିରେ ଚାହିଁ ରହିଲା ।

Digitized by srujanika@gmail.com

—ସୁମନ, ମୁଁ ଏବେ ବିବାହ କରିବାକୁ ଆଦୌ ଚାହୁଁ ନଥିଲି । ଆମ ଘରର ଏତେ ସମସ୍ୟା ! ଏବଂ ଏ ଘରର ପ୍ରତ୍ୟେକ ମଧ୍ୟ ଗୋଟିଏ ଗୋଟିଏ ସମସ୍ୟା, ଏସବୁ ମଧ୍ୟରେ ତୁମ ଭଳି ଗୋଟିଏ ଝିଅକୁ ଆଣି......

—ମୋ ଉପରେ ବିଶ୍ୱାସ ନାହିଁ ?

—ଅଛି, କିନ୍ତୁ ତୁମେ କଷ୍ଟ ପାଇବ ।

—ତୁମେ ମୋ ପାଖରେ ଥିଲେ... ।

ଅତି ଆବେଗରେ ସୁମନର ହାତ ପାପୁଲି ଦୁଇଟିକୁ ନିଜ ବକ୍ଷରେ ଚାପି ଧରିଲା ସେ । ତା'ପରେ ଗୋଟି ଗୋଟି କରି କହି ଚାଲିଲା ଏ ପରିବାରର କାହାଣୀ ।

—କିଛି ଭାବିବନି, ନାନୀ କାହିଁକି ବାହାଘର ବେଳେ ଗାଁକୁ ଚାଲିଗଲେ ?

—ମୁଁ ଜାଣିଥିଲି ତୁମେ ନିଶ୍ଚୟ ଏ ବିଷୟ ଜାଣିବାକୁ ଚାହିଁବ । ବାସ୍ତବିକ ସେ ହେଉଛି ଏ ପରିବାରର ମୁଖ୍ୟ । ତା' ପାଇଁ ଆମେ ମଣିଷ । ପିଲଟି ଦିନରୁ ବୋଉ ଯିବା ପରେ ସେ ଆମର ସବୁ ଝଞ୍ଜାଳ ସମ୍ଭାଳିଛି ।

—ଅଥଚ ତୁମ ବିବାହରେ ତାଙ୍କୁ ଗାଁକୁ ପଠେଇଦେଲ ?

—ନା... ବାସ୍ତବିକ୍ ତା' ନୁହେଁ, ତୁମେ ଭୁଲ୍ ଶୁଣିଥିବ । ଏବେ ଧୀରେ ଧୀରେ ସେ ଅନ୍ୟ ପ୍ରକାରର ହେଇଯାଇଛି । ଯାହା ବୁଝିଥିବ ସେଇୟା । ତା'ର ଧାରଣା ଆମେ ସବୁ ତାକୁ ଅବହେଳା କରୁଛୁ । କାହିଁକି ଏମିତି ହେଉଛି ମୁଁ ଜାଣିପାରୁନି ।

—ମୁଁ ତାଙ୍କ ମନର ସେ ଧାରଣା ବଦଳେଇ ଦେବି ।

—ସୁମନ !

—ମୋତେ ବିଶ୍ୱାସ କର, ମୁଁ ନିଶ୍ଚୟ ଖୁବ୍ ଚେଷ୍ଟା କରିବି ।

—ମୋ ବିବାହର ପୂର୍ବଦିନ ପର୍ଯ୍ୟନ୍ତ ସବୁ କାମ ସେ ସମ୍ଭାଳିଥିଲା । ମାତ୍ର ଠିକ୍ ସେଇଦିନ ସକାଳେ ଗାଁରୁ ଆସି ପହଞ୍ଚିଲେ ମାଈଁ ଓ ଖୁଡ଼ୀ । ହଠାତ୍ କୋଉ କଥାରୁ ସେମାନେ ଗାଁ ହିସାବରେ କେତେ କଥା କହିଲେ । ତାଙ୍କ ମତରେ ଏ ମାଙ୍ଗଳିକ କାର୍ଯ୍ୟରେ ରେବନାନୀ ଦୂରେଇ ରହି ତାଙ୍କୁ ସବୁ ନିର୍ଦ୍ଦେଶ ଦେଇ ପାରେ, କିନ୍ତୁ ସେ ସବୁ ଛୁଇଁବା ଠିକ୍ ହେବନାହିଁ । ସେ ବିଧବା, ତେଣୁ ତା' ପାଇଁ ଏସବୁ ନିଷିଦ୍ଧ ।

—ହଁ ସତ କଥା, ପ୍ରାୟ ଅଧିକାଂଶ ଏମିତି ବାରଣ କରନ୍ତି । ବିଚାରୀ ନାନୀ !

Digitized by srujanika@gmail.com

ରେବତୀ ସବୁ ବୁଝେ । ଏ ସମାଜ ତାକୁ ବିଧବା ଆଖ୍ୟା ଦେଇଛି । ଏ ସବୁ ଶୁଭକାର୍ଯ୍ୟ ତା' ପାଇଁ ନୁହେଁ । ଏ ସମ୍ପର୍କରେ ତାକୁ ଅଧିକ କହିବ କିଏ ? ସେ ଦୂରରେ ରହି କୃଷ୍ଣର ବିବାହ କାର୍ଯ୍ୟ ଭଲ ଭାବରେ ତୁଲେଇ ନେଇ ଥାଆନ୍ତା । ମାତ୍ର ବିଭୂରଂଜନଙ୍କର ସାମାନ୍ୟ ବିରକ୍ତି, "ସବୁ କାମ ତୁ ନ ବୁଝିଲେ ହଉନି ।"

ଯାସ୍ ଏତିକି ମାତ୍ର କଥା । ନିଜର ଛୋଟ ସୁଟ୍‌କେଶ ଖଣ୍ଡିକରେ କେତେଖଣ୍ଡି ଦରକାରୀ ଲୁଗା, ଅନ୍ୟାନ୍ୟ ଆବଶ୍ୟକୀୟ ଜିନିଷ ରଖି ନୀରବରେ ଗାଁକୁ ବାହାରିଗଲା ରେବତୀ । ସମସ୍ତଙ୍କ ବୁଝାଇବାକୁ ଭ୍ରୁକ୍ଷେପ ନକରି ଖୁବ୍ ଶୀଘ୍ର ଗ୍ରଲିଯିବା ବେଳେ ଶାନ୍ତ ଭାବରେ ବିଭୂରଂଜନଙ୍କୁ କହିଲା, "ମୋ ଉପସ୍ଥିତି କିଛି ଅମଙ୍ଗଳ ସୃଷ୍ଟି କରିପାରେ ; ସେଥିପାଇଁ ମୁଁ ଗ୍ରଲିଯାଉଛି ।"

ବନ୍ଧୁବାନ୍ଧବମାନେ, ନିଜେ ବିଭୂରଂଜନ ମଧ୍ୟ ଖୁବ୍ ବୁଝାଇଲେ । ରେବତୀ ନିଜ ନିଷ୍ପତ୍ତିରେ ଅଟଳ ।

କୃଷ୍ଣ, ସୁମନ ନୀରବରେ ବସି ରହିଛନ୍ତି । ସୁମନର ଆଗ୍ରହ ଏଡ଼ାଇ ନପାରି ରେବତୀ ସମ୍ପର୍କରେ କହୁଥିଲା କୃଷ୍ଣ । ପରେ ଭାବିଲା, ଏ ଘରର କେତେ ସମସ୍ୟା ! ସବୁକଥା ଏବେ ସୁମନକୁ ଶୁଣାଇବା ଠିକ୍ ହେବନାହିଁ ।

ସେମାନେ ବେଶୀ ସମୟ କଥାବାର୍ତ୍ତା କରି ପାରିଲେ ନାହିଁ । କୃଷ୍ଣ ସୁମନକୁ ଧୀରେ ବିଛଣାରେ ଶୁଆଇ ଦେଇ ଲାଇଟ୍ ଲିଭାଇ ଦେଲା ।

ରାତି ପ୍ରାୟ କେତେ ହେବ କେଜାଣି ? ସୁମନର ନିଦ ଭାଙ୍ଗିଗଲା । ପାଖରେ ଶୋଇଛି ଆହୁତି । ସେ ଜ୍ୱରରେ କମ୍ପୁଛି । କୃଷ୍ଣ ପାଖରେ ବସି କପାଳରେ ପାଣି ପଟି ଦେଉଛି । ସୁମନକୁ ଚାହିଁ ସେ କହିଲା, "ତୁମେ ଶୋଇପଡ଼ । ମୋତେ ଜଗି ବସିବାକୁ ହବ ।"

ସୁମନର ଆଶ୍ଚର୍ଯ୍ୟଭାବ ତଥାପି କଟି ନଥାଏ । କୃଷ୍ଣ ହସି ହସି କହିଲା, "ବୁଝିଲ ? ଏ ଝିଅଟିକୁ ଚିନ୍ତି ରଖିବ, ଯେତେ ଦେହ ଖରାପ ହଉ ଯେ ମୁହଁ ଖୋଲିବ ନାହିଁ । ରାତ୍ର୍ୟକୁ ମୁଁ ବାହାରକୁ ଉଠିଥିଲି । ସେଥିରେ ବ୍ୟସ୍ତ ହେଉଥିଲା, ଏଠିକି ନେଇ ଆସିଲି ।"

Digitized by srujanika@gmail.com

ସୁମନ କୃଷ୍ଣ ହାତରୁ ଛଡ଼େଇ ନିଜେ ବସି ଆହୁତି କପାଳରେ ପାଣିପଟି ଦେଲା । କୃଷ୍ଣ ଆଉ ଅଧିକ ସମୟ ବସି ପାରିଲା ନାହିଁ । ରାତିରେ ଏଇ ଶେଷପ୍ରହର ପର୍ଯ୍ୟନ୍ତ ସେମାନେ ଅନିଦ୍ରା ରହିଥିଲେ । ଏବେ ଖୁବ୍ ନିଦ । ହାତରେ ଖଣ୍ଡେ ତକିଆ, ବିଛଣାଚଦର ଧରି ସେ ବୈଠକ ଘରଆଡ଼େ ଚାଲିଗଲା ।

ସକାଳୁ ତା' ଶୋଇବାଘର କବାଟରେ କିଏ ଡାକୁଛି । ସୁମନ ଉଠି ପଡ଼ିଲା । ଝରକା ଦେଇ ତା' ବିଛଣାରେ ଖରା ପଡ଼ିଲାଣି । ଇସ୍ କେତେ ସମୟ ସେ ଶୋଇଗଲା । ବିଛଣାରୁ ତଳକୁ ଓହ୍ଲେଇ ସେ ଶାଢ଼ୀଟା ଟିକେ ସଜାଡ଼ି ନେଲା । ମୁଣ୍ଡରେ ଓଢ଼ଣା ଦେଇ କବାଟ ଖୋଲିଲା ।

ଜଣେ କୋଡ଼ିଏ, ଏକୋଇଶି ବର୍ଷର ଯୁବକ କବାଟ ପାଖରେ ଠିଆହୋଇ ହାତଯୋଡ଼ି ତାକୁ ନମସ୍କାର କରୁଛନ୍ତି । ଦେଖିବାକୁ ବେଶ୍ ସୁନ୍ଦର । ଆହୁତିର ଚେହେରା ସାଙ୍ଗରେ ସାମାନ୍ୟ ସାମଞ୍ଜସ୍ୟ ଅଛି ।

"କ'ଣ ଚିହ୍ନି ପାରୁନା ନୂଆବୋଉ, ତୁମେ ଆଉ ମୋତେ ଦେଖିଲ କେବେ ? ସେଦିନ ଘରେ ଆମେ ସମସ୍ତେ ଏମିତି କ୍ଲାନ୍ତ ଯେ ତୁମ ସଙ୍ଗେ ଦେଖା କରିବା ସମ୍ଭବପର ହେଲନି । ପ୍ରଥମ ପରିଚୟରେ ନିଜ ସମ୍ପର୍କରେ ନ କହିଲେ ତୁମେ ମୋତେ କ'ଣ ଭାବିବ ? ଗତକାଲି ଖୁବ୍ ସକାଳୁ ଉଠି ମୁଁ ଯାଇଥିଲି ପାଖ ଗୋଟିଏ ଗାଁକୁ । ରାତିରେ ଫେରିଲି ଖୁବ୍ ଡେରିରେ । ତେଣୁ ଏବେ ଉଠି ପ୍ରଥମେ ତୁମ ପାଖକୁ ଆସୁଛି ।"

ପାଠ ଶେଷ ନ ହେଉ ପଛକେ, ଚାକିରୀ କରିବ ଟୁନା । ଏ ତା'ର ବଡ଼ ପଣ । ବଡ଼ଭାଇ ଆଇ. ଏ. ଏସ୍ ପାଇ ହାକିମ ହେଲେ ସେଥିରେ ତା'ର କ'ଣ ଅଛି ? ସେ କାହିଁକି ବୋଝ ହୋଇ ଝୁଲିବ ? ଶିକ୍ଷକଟିଏ ହୋଇ ଘରେଇ ଭାବରେ ବି.ଏ, ଏମ୍.ଏ ଦେଇ ପାରିବାରେ ବାଧା କିଛି ନାହିଁ । କଷ୍ଟ ହୋଇପାରେ, ନିଜ ପାଇଁ ଏତିକି କଷ୍ଟ ସେ ନିଶ୍ଚୟ କରିବ । ନିଜ ଅର୍ଜନରେ ନିଜକୁ ଚଳାଇବାର ଯେଉଁ ସନ୍ତୋଷ ତା' ଅନ୍ୟ କେହି ବୁଝିପାରିବେ ନାହିଁ ।

Digitized by srujanika@gmail.com

ନୂଆକରି ଆସିଥିବା ସୁମନକୁ ନିଜର ପରିଚୟ ଦେବାକୁ ଯାଇ ଅତୀତର କଥା କହୁଥିଲା ଟୁନା । ସୁମନ ନୀରବ ଶ୍ରୋତା ।

ହାତରେ ଚଦର, ତକିଆ ଧରି ସେଘରକୁ ପଶିଆସିଲେ କୃଷ୍ଣ । ଟୁନା ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଥିବା ବେଳେ କୃଷ୍ଣ ପଚାରିଲ, "ତୁ କେତେବେଳେ ଆସିଲୁ ? ଇଣ୍ଟରଭିଉ ହେଲା ନା ନାହିଁ ?"

ସେମାନେ ଚାକିରୀ, ପାଠପଢ଼ା, ଭବିଷ୍ୟତ, ଆତ୍ମୀୟ ଘର ଇତ୍ୟାଦି ନେଇ କଥାବାର୍ତ୍ତା ଆରମ୍ଭ କରିଦେଲେ ।

ଯା ମଧ୍ୟରେ ସୁମନ ଗାଧୋଇବା ଇତ୍ୟାଦି କାର୍ଯ୍ୟ ଶେଷକରି ଆସିଥିଲା । ଠାକୁର ଘର ଓଳେଇ ସାରି ଓଦାକନାରେ ପୋଛାପୋଛି କରି ବିଭୁରଞ୍ଜନଙ୍କ ପାଇଁ ଫୁଲ, ଚନ୍ଦନ; ଭୋଗ ଇତ୍ୟାଦି ସଜାଡ଼ି ରଖିଲା ସେ, ଠାକୁରଙ୍କ ପାଖରେ ମୁଣ୍ଡ ଲଗାଇ ପ୍ରଣାମ କଲା ।

ବିଭୁରଞ୍ଜନଙ୍କ କଠଉ ଶବ୍ଦ ଶୁଣାଯାଉଛି, ଠାକୁର ଘରେ ବୋହୂକୁ ଦେଖି ସେ ଖୁସି ହେଲେ । କହିଲେ, "ମା, ତୋପାଇଁ ମୁଁ ଗୀତା ଖଣ୍ଡିଏ କିଣି ରଖିଛି । ତୋର କାମ ହେଲା ପ୍ରତିଦିନ ଗାଧୋଇ ସାରି ଅଳ୍ପ ହେଉ ପଛକେ ନିୟମିତ ନିଶ୍ଚୟ ଗୀତା ପଢ଼ିବୁ ।"

ସୁମନ ସମ୍ମତି ଜଣାଇଲା ।

ସେଦିନ ତିନିଟାବେଳେ ବିଭୁରଞ୍ଜନ, ବନ୍ଧୁବାନ୍ଧବମାନେ ଯିବା ପାଇଁ ବାହାରିଲେ, ଟୁନା ବି ବାହାରିଲା ।

କୃଷ୍ଣ କହିଲା, "କିରେ ତୋର ତ ଛୁଟୀ ଅଛି, ଯିବାକୁ ତରତର କାହିଁକି ?"

"ଏଠି ବସି ବସି କ'ଣ କରିବି ?"

ଟୁନାର ଏ ଉତ୍ତର ଶୁଣିବା ପରେ କୃଷ୍ଣ କିମ୍ବା ଆଉ କେହି ତାକୁ ରହିବାକୁ ବାଧ୍ୟ କଲେନାହିଁ । ବାଧ୍ୟ କରି କିଛି ଲାଭ ନାହିଁ । ସେ ନିଜେ ଯାହା ସ୍ଥିର କରେ, ତାହାହିଁ କରିବ, କାହା କଥା ଶୁଣିବ ନାହିଁ । ଏବେ ସେ ଅଧିକାଂଶ ଦିନ ଗାଁରେ ରହୁଛି, ବିଭୁରଞ୍ଜନଙ୍କ ସଙ୍ଗେ ଜମିବାଡ଼ି ବିଷୟରେ କଥାବାର୍ତ୍ତା କରୁଛି । ତା' ସଙ୍ଗେ ପରାମର୍ଶ କରି ବିଭୁରଞ୍ଜନ କେତେକ ଭଲ ଜମି ବିକ୍ରି କରି ସାରିଲେଣି । କୃଷ୍ଣ ସବୁ ଜାଣିଲେ ମଧ୍ୟ ସେମାନଙ୍କୁ କିଛି କହିବାକୁ ଚାହେଁନାହିଁ । ସୁମନକୁ କହେ, "ମୁଁ

Digitized by srujanika@gmail.com

ଶାନ୍ତିରେ ରହିବାକୁ ଚାହେଁ, ଏ ଜଞ୍ଜାଳ ଟୁନା ବୁଝୁ, ବାପା ଯଦି ଇଚ୍ଛା କରୁଛନ୍ତି ବାଧା ଦେବା ଠିକ୍ ନୁହଁ ।"

ବାହାରେ କୃଷ୍ଣର ଅଫିସ୍ ଜିପ୍ ରହିବା ଶବ୍ଦ ଶୁଣାଗଲା । ସୁମନ ଖୁବ୍ ଶୀଘ୍ର ସେ କୋଠରୀଟି, ତରତରରେ ବିଛଣା ଇତ୍ୟାଦି ସଜାଡ଼ି ଦେଇ ଗାଧୋଇବା ଘରକୁ ଚାଲିଗଲା, ସେଠାରୁ ଆସି ଦେଖେ ତ କୃଷ୍ଣ ଜୋତାର ଫିତା ଖୋଲିବାରେ ବ୍ୟସ୍ତ ।

"ଆଜି କ'ଣ ଖୁବ୍ ଶୀଘ୍ର ଚାଲି ଆସିଲ !"

"ଚାହୁଁଛ ଯଦି ଏଥର ଡେରିକରି ଆସିବି ।"

ହସ ହସ ମୁହଁରେ ଉତ୍ତର ଦେଲା କୃଷ୍ଣ, "ଭରୀ ଭୋକ, କିଛି ରଖିଛ ଖାଇବାକୁ ?"

କୃଷ୍ଣର ସାର୍ଟ, ପ୍ୟାଣ୍ଟ ପାଖ ଆଲମିରାରେ ରଖି ଦେଉ ଦେଉ ସୁମନ କହିଲା, "ରମୁକୁ ପକୋଡ଼ିର ବ୍ୟବସ୍ଥା କରିବାକୁ କହିଥିଲି । ଆଣୁଛି ସଙ୍ଗେ ସଙ୍ଗେ ।"

"ଯାହା ଆଣୁଛ ଜଲଦି ଆଣ, ତୁମ ପାଇଁ ଖୁବ୍ ଭଲ ଖବର ଅଛି ।"

ସୁମନ ହର୍ଷିତହୋଇ ବାହାରିଗଲା । ଭାବିଲା, କ'ଣ ଖବର ? ଘରୁ ଚିଠି ଆସିଥିବ ତ । ସବୁବେଳେ ଚିଠି ଆସିଲେ ତାଙ୍କର ଏଇଭଳି କଥା ।

"କ'ଣ ଦବ କୁହ ? ଥରେ ଗେହ୍ଲା କରିବ ତ ?"

"ନା– ଥାଉ, ଚିଠି ପଛକେ ଦରକାର ନାହିଁ ।"

ଟ୍ରେରେ କିଛି ଗରମ ପକୋଡ଼ି, ଟମାଟୋ ସସ୍ ବୋତଲ ଆଉ ଗୋଟିଏ ଛୋଟ ପ୍ଲେଟ୍‌ରେ ଗଜିଡ଼ି ଇତ୍ୟାଦି ଧରି ସୁମନ ଆସି ପହଞ୍ଚିଲା ।

"ଗଜିଡ଼ି କରିଛ, ଠିକ୍ ଅଛି, କିନ୍ତୁ ଏତିକିରେ ଚଳିବନି, ମୋର ଆଉ କିଛି ଦରକାର ।" ସୁମନ ପ୍ଲେଟ୍‌ରେ ସସ୍ ଢାଳି ଦେଉଥିଲା ଠିକ୍ ସସ୍ ବୋତଲ ବନ୍ଦକରି ରଖିଛି କି ନାହିଁ ହଠାତ୍ କୃଷ୍ଣ ତାକୁ ଟାଣି ନେଇ ନିଜ ପାଖରେ ସୋଫାରେ ବସେଇ ଦେଲା ।

"ହେ, ଏ କ'ଣ ହେଉଛି ? କିଏ ଆସୁଥିବ ଯାଢ଼େ ।"

"ସେସବୁ କଥା ଚଳିବନି । ପ୍ରଥମେ ଗେହ୍ଲାକର । ତା'ପରେ ତୁମ ଜିନିଷ ପାଇବ ମୋଠୁଁ ।"

Digitized by srujanika@gmail.com

"ଦେଖ ତ, କି ଜବରଦସ୍ତ ! ନାଇଁରେ ବାବା ମୋର ଯାଙ୍କଠୁଁ କିଛି ଦରକାର ନାହିଁ ।"

ସୁମନକୁ ଜୋର୍ କରି ଧରି ଅନ୍ୟ ହାତରେ ବ୍ରିଫ୍‌କେଶ୍ ଖୋଲି ଖଣ୍ଡିଏ ଓଡ଼ିଆ ନୂଆ ପତ୍ରିକା ବାହାର କଲା କୃଷ୍ଣ ।

"ଓ ମୌସୁମୀ ? ଅନେକ ଦିନ ହେଲା ଦେଖିନାହିଁ ।"

"ବାଃ ସେମିତି ଦେଇଦେବି ଭାବିଛ ?" ସୁମନକୁ ନିଜ ଆଡ଼କୁ ଆକର୍ଷିତ କରି ପତ୍ରିକାଟି ଖୋଲି ପଢିବାକୁ ଆରମ୍ଭ କଲା ସେ । ପତ୍ରିକାଟିର ତୃତୀୟ ପୃଷ୍ଠାରେ ପ୍ରକାଶ ପାଇଛି ସୁମନର ଗୋଟିଏ ପାସ୍‌ପୋର୍ଟ ସାଇଜ୍‌ର ଫଟୋ । ତଳେ ଲେଖାଅଛି – 'ଆମର ଲେଖିକା ସୁମନ ମିଶ୍ର ।' ତା'ପରେ ତା'ର ପରିଚୟ, ଅନ୍ୟ ପୃଷ୍ଠାରେ ଗଳ୍ପ । ଚିଠି ଖଣ୍ଡେ ଖସି ପଡ଼ିଲା ତଳେ ।

ସେଇଟି ଉଠେଇ ନେଇ ସୁମନ କହିଲା, "ଭଉଜ ପଠେଇଛନ୍ତି ? ଦିଅ, ଦେଖେଇଲ, ଆରେ ଦିଅନା," ସୁମନ ଏମିତି ଝାଙ୍କିହେଇ କୃଷ୍ଣ ବକ୍ଷରେ ଆଉଜି ପଡ଼ିଲା । କୃଷ୍ଣ ତାକୁ ଉଠିବାକୁ ଦେଲା ନାହିଁ । ଠିକ୍ ଏତିକିବେଳେ ସେ ଘରକୁ ପଶିଆସିଲା ଆହୁତି । ସୁମନକୁ ଛାଡ଼ିଦେଇ ଭଲଭାବେ ପତ୍ରିକାଟା ଖୋଲି ଦେଖିଲା କୃଷ୍ଣ ।

ଆହୁତି ରେଡ଼ିଓ ଖୋଲି ବସି ରହିଲା । ସୁମନ ଉଠିଗଲା ରୋଷେଇ ଘର ଆଡ଼େ । ରମୁକୁ ବଜାରକୁ ପଠେଇବାକୁ ହେବ । ମାଛ, ପରିବା ଆସିବ । ରୋଷେଇ ଆରମ୍ଭ ହେବ, ଏ ପର୍ଯ୍ୟନ୍ତ ତା'ର ମନେନଥିଲା ।

ଆଜି ଶୋଇଲାବେଳେ ସେ କହିବ, ଦେଖିଲତ ମୁଁ କହୁଥିଲି, ଶୁଣିଲନି । ଶେଷରେ ଧରା ପଡ଼ିଲ । ମନେ ମନେ ହସୁଛି ସୁମନ ।

"ମୁଁ ସ୍କୁଲକୁ ଯିବି । ଘରେ କିଛି ପାଠ ହଉନି ।" ଆହୁତିର ଅଭିଯୋଗ ।

"ତୁ କେଡ଼େ ବୋକୀ ଝିଅ, ତୋ ସାଙ୍ଗମାନେ ମ୍ୟାଟ୍ରିକ୍ ପରୀକ୍ଷା ଦେଲେଣି । ତୁ ତ ମାତ୍ର ଇଂରେଜୀର ଅକ୍ଷର କେତେଟା ଶିଖିଛୁ । ଯା... ଯା', ଜରରୁ ଉଠି ଯା ମୁଣ୍ଡ ବିଗିଡ଼ି ଯାଇଛି । ଯା ବସି ସିଲେଇ କରିବୁ । ପରେ ସେ କଥା । ଗଲୁ ନୂଆବୋଉକୁ ଡାକିଦବୁ ।"

ଆହୁତି ରଗିଯାଇ ସେ କୋଠରୀରୁ ବାହାରିଗଲା । ସୁମନକୁ କହିଦେଇ ସେ ବିଛଣାରେ ଶୋଇରହିଲା ।

Digitized by srujanika@gmail.com

ପରଦିନ କୃଷ୍ଣ ଅଫିସ୍‌ରୁ ଫେରିବା ପରେ ସୁମନ କହିଲା, "ଆହୁତି ଖୁବ୍ ମନକଷ୍ଟ କରୁଛନ୍ତି । ତୁମେ ତାଙ୍କୁ ପଢ଼ିବାକୁ ମନା କରୁଛ କାହିଁକି ? ତାଙ୍କର ଏନ୍‌ଗେଜ୍‌ମେଣ୍ଟ୍ ତ ଦରକାର ।"

"ତା' ତ ଠିକ୍, କିନ୍ତୁ ଏବେ ସେ କ'ଣ ପଢ଼ିବ ମୁଁ ବୁଝି ପାରୁନାହିଁ । ହଉ ଦେଖିବା, ତାକୁ ଡାକ ମୋ ପାଖକୁ ।"

ଆହୁତି ହସି ହସି ଆସି ପହଞ୍ଚିଲା । କୃଷ୍ଣ ଗମ୍ଭୀର ହୋଇ କହିଲା, "ପଢ଼ିବାର ଇଚ୍ଛା ଯଦି ଅଛି, ଏଇ ଛ'ମାସ ଭିତରେ ତୋତେ ଗ୍ୟରିଟା କ୍ଲାସର ପାଠ ଶେଷ କରିବାକୁ ହବ, ତା' ନ ହେଲେ ଘରେ ଚୁପ୍‌ଚାପ୍ ବସିରହ !"

ସୁମନ କୃଷ୍ଣକୁ ସପ୍ରଶଂସ ଦୃଷ୍ଟିରେ ଚାହିଁ ରହିଲା ।

"ଆହୁତି, ତୁ ଯାଆ ଏବେ । ଠାକୁର ପୂଜା ସାରି ଚୁପ୍‌ଚାପ୍ ବସି ପଢ଼ାପଢ଼ି କର, ରେଡ଼ିଓ ଶୁଣି ସମୟ ନଷ୍ଟ କରନା ।"

କୃଷ୍ଣର କଥା କହିବାର ଉଦ୍ଦେଶ୍ୟ ଠିକ୍ ବୁଝିଛି ସୁମନ । ସେ ସେମିତି ହସୁଥାଏ । ଆହୁତି ଯିବା ପରେ କୃଷ୍ଣ ନୀରବରେ ବସି ରହିଲା କିଛି ସମୟ ।

"କ'ଣ ହେଇଚି ?" ସୁମନ ପଗ୍ଚରିଲା । "ଦେହ ଭଲ ଅଛି ତ ?"

"ସେ କଥା ନୁହେଁ । ମୁଁ ଛୁଟି ପାଇଁ ଆପ୍ଲାଇ କରିଥିଲି, ଭାବିଥିଲି ବାହାରକୁ କିଛିଦିନ ଯାଇ ବୁଲି ଆସିବା ।"

ଏ ପ୍ରସ୍ତାବରେ ସୁମନ ଉଲ୍ଲସିତ ହୋଇ ପଗ୍ଚରିଲା, "କେବେ ଯିବା କୁହତ ?"

"ଦେଖୁଚ,ଛୁଟି ତ ମିଳୁନି । ଛୁଟି ମିଳିଲେ ବି କ'ଣ ହେବ ? ରେବନାନୀ ଖାଲି ଯେ ଗାଁରେ ବସି ରହିଲା, ମାସ ମାସ ଧରି ତୀର୍ଥ କରି ଗଲା । ସେ ଏଠି ନ ରହିଲେ ଆମେ ଏ ଘର ଛାଡ଼ି କୁଆଡ଼େ ଯାଇ ପାରିବା ? ଆହୁତି ତ ଗାଁକୁ ଯିବାକୁ ଏକଦମ୍ ନାରାଜ ।"

"ନାନୀ ଆସିଲେ ଆମେ ଯିବା ।"

କୃଷ୍ଣ ଆଉ କିଛି ଉତ୍ତର ନ ଦେଇ ନୀରବରେ ବସି ଖବରକାଗଜ ଓଲଟାଇ-ବାରେ ଲାଗିଲା ।

ଆହୁତିର ପାଠପଢ଼ା ଆରମ୍ଭ ହୋଇ ଯାଇଥିଲା ଆହୁରି ବଢ଼ିଗଲା । ଦ୍ୱିପ୍ରହରେ ସୁମନ ଟିକିଏ ଖବରକାଗଜ କିମ୍ବା ବହି ଧରି ବସେ ତ ଆହୁତି ସିଧା ଆସି ତା'

Digitized by srujanika@gmail.com

ହାତରୁ ବହି ଛଡ଼େଇ ନେଇ କହେ, "ନୂଆବୋଉ, ଟିକିଏ ଇଂଲିସ୍ ବୁଝେଇ ଦିଅନା, ବଡ଼ଭାଇନା ଆସି ପାଠ ପଚାରିଲେ କିଛି ଆସିବନି ।"

ସୁମନ ବିଛଣାରୁ ଉଠି ବହିଧରି ଆହୁତିକୁ ପଢେଇ ବସେ, ମନ-ଦେଇ ପାଠ ବୁଝେ ଆହୁତି । ସାହିତ୍ୟ, ଅଙ୍କ, ଇତିହାସ, ଭୂଗୋଳ ତାକୁ କଷ୍ଟ ଲାଗେ-ନାହିଁ । କଷ୍ଟ ଲାଗେ ଇଂରେଜୀ ।

ସେଦିନ ଗାଁରୁ କିଏ ସବୁ କୁଣିଆ ଆସିଥିଲେ । ସବୁ ବୁଝାବୁଝି କରିବାକୁ ପଡ଼ିଲା ସୁମନକୁ । ଏମିତିକି ରନ୍ଧାରନ୍ଧି ବି କରିବାକୁ ପଡ଼ିଲା ।

ଦ୍ୱିପହରେ ସେ କ୍ଲାନ୍ତ ହୋଇ ବିଛଣାରେ ପଡ଼ିଯାଇଥିଲା । ଠିକ୍ ନିଦ ଲାଗି ଆସୁଛି, ଧଡ଼୍‌କରି ଆସି ଉଠେଇ ଦେଲା ଆହୁତି, "ନୂଆବୋଉ, କ'ଣମ ଶୋଇପଡ଼ିଲ ! ଉଠନ... ।"

"ଓଃ ଗଲା ଆହୁତି, ମୋତେ ଭଲ ଲାଗୁନାହିଁ । ମୁଁ ଟିକିଏ ଶୋଇବି ଏବେ ।"

"ନାଇଁ, ନାଇଁ, ତୁମେ ଟିକେ ଏଇ ଷ୍ଟୋରିଟା କହି ଦିଅ, ଆସ ।"

ମନର ବିରକ୍ତିକୁ ଚାପି ରଖି ସୁମନ ତାକୁ ଇଂରେଜୀ ବହି ଧରି ବୁଝେଇ ବସିଲା ।

କୃଷ୍ଣ ଅଫିସ୍‌ରୁ ଆସିବା ପରେ କହିଲା, "ମୋତେ ଟିକେ ଶୀଘ୍ର ଖାଇବାକୁ ଦିଅ । ଏବେ ମୋର ବନ୍ଧୁମାନେ ଆସିଯିବେ । ମିଷ୍ଟର ଶର୍ମାଙ୍କ ଘରକୁ ଯିବାକୁ ହେବ ।"

"କ'ଣ ପାର୍ଟି ଫାର୍ଟି ଅଛି କି ?"

"ବ୍ରିଜ୍ ଖେଳିବୁ । ବାହାଘର ପରେ ମୁଁ ଖେଳି ଯାଇନାହିଁ ତ, ସମସ୍ତଙ୍କ ମନ କଷ୍ଟ ।"

ସୁମନ ନୀରବରେ ଚାଲିଗଲା ରୋଷେଇ ଘରକୁ । ସେ ବୋଧହୁଏ ଭୁଲି-ଯାଇଛନ୍ତି ସିନେମା ଯିବା କଥା । ଆଜି ଯିବାପାଇଁ ନିଜେ ପ୍ରସ୍ତାବ ଦେଇଥିଲେ, ଅଥଚ ଭୁଲିଗଲେ !

ମନର ଭାବନା ଅଭିମାନର ରୂପନେଲା, ନିଜର ମନୋଭାବକୁ ଗୋପନ ରଖି ସେ ମେସିନ୍ ଭଳି ସ୍ୱାମୀଙ୍କର ଜଳଖିଆ ପ୍ଲେଟ୍ ଆଣି ରଖିଲା ସେ ଘରେ ।

Digitized by srujanika@gmail.com

କୃଷ୍ଣ ଗାଧୋଇବା ଘରୁ ଆସି ସାର୍ଟ ପ୍ୟାଣ୍ଟ ପିନ୍ଧିସାରି ଠିକ୍ ମୁଣ୍ଡ କୁଣ୍ଡାଉଥିଲା, ଏତିକିବେଳେ ଆହୁତି ତା'ର ସବୁ ବହି ଖାତା ଆଣି ଦୁମ୍‌କରି ସେ ଖଟରେ ରଖିଦେଲା ।

"ନା... ନା... ଆଜି ପଢ଼େଇ ହବନି ।" କୃଷ୍ଣର ଇଚ୍ଛା ନାହିଁ । ଆହୁତି ମନ ଖରାପ କରି ବସି ରହିଲା ।

"ତୁମେ ତ ରାତିରେ ଆସିବ, ମୁଁ ପୁଣି ପଢ଼ିବି କେମିତି ?"

ବାରମ୍ବାର ମନା କରିବା ସତ୍ତ୍ୱେ ଆହୁତି ଯିଦ୍ ଧରି ବସିଛି । କୃଷ୍ଣ ଶେଷରେ ପଢ଼େଇବାକୁ ରାଜି ହେଲା । ଫୋନ୍ କରି ମିଷ୍ଟର ଶର୍ମାଙ୍କୁ କିଛି ବିଳମ୍ବରେ ଯିବାକଥା ଜଣେଇଦେଲା ।

ସାନ ଭଉଣୀକୁ ଦେଢ଼ ଘଣ୍ଟା ପାଠ ପଢ଼େଇ ସାରିବା ପରେ ସେ ବାହାରି ଚାଲିଗଲା ଶର୍ମାଙ୍କ ଘରକୁ । ଫେରୁ ଫେରୁ ରାତି ନଅ ।

ରାତ୍ରି ଖାଇବା ଶେଷ ପରେ ଅସୀମ କ୍ଲାନ୍ତିରେ ଶୋଇଯାଏ କୃଷ୍ଣ । ନିଦ ଭାଙ୍ଗିଲେ ସୁମନ ପାଖରେ କ୍ଷମା ମାଗି ତା' ମନକୁ ସେ ସହଜ କରିଦିଏ । ସୁମନ ବି ସ୍ୱାମୀର ମନଛୁଆଁ କଥାରେ କ୍ଷଣକରେ ସବୁ ଭୁଲିଯାଏ ।

ଜୀବନର ଗତି ଏଇଭଳି ଚାଲିଥିଲା । ପୂର୍ବର ଦିନଗୁଡ଼ିକ ଏତେ ଶୀଘ୍ର ବଦଳି-ଯିବ, ତା' ସୁମନ କେବେ ଭାବି ନଥିଲା ।

କୃଷ୍ଣ ଅଫିସ୍, ରାସ୍ତ କିମ୍ବା କ୍ଲବ୍ ଯିବା ବ୍ୟତୀତ ଘରେ ରହିଲେ ଆହୁତିକୁ ପାଠ ପଢ଼େଇ ବସେ । ନଚେତ୍ କେବେ କିପରି ବନ୍ଧୁମାନେ ଆସି କୃଷ୍ଣ ଘରେ ଜୁଟନ୍ତି । ହୋ ହଲ୍ଲା ଚାଲେ ରାତି ଦଶଟା ପର୍ଯ୍ୟନ୍ତ । ଖେଳ ସାରି କ୍ଲାନ୍ତହୋଇ ଫେରେ କୃଷ୍ଣ ।

ଦିନକୁ ଦିନ ସୁମନର ବିରକ୍ତି ବଢ଼େ । ତାକୁ କିଛି ବି ଭଲ ଲାଗେନାହିଁ । ଏ କି ଜୀବନ ! ଏ ଘରେ ସକାଳୁ ଉଠିବାଠାରୁ ରାତିରେ ଶୋଇବା ପର୍ଯ୍ୟନ୍ତ ସେ ଖାଲି ସମସ୍ତଙ୍କର ଖବର ଗୋଟି ଗୋଟି କରି ବୁଝି ଚାଲିଥିବ । ରମୁ ଏବେ ଏତେ କାମ ପାରୁନାହିଁ । ଆଜିକାଲି ସବୁବେଳେ କିଏ ନା କିଏ କୁଣିଆ ଆସୁଛନ୍ତି । ନଚେତ୍ କୋଉଦିନ କୃଷ୍ଣର ବନ୍ଧୁମାନେ ନିମନ୍ତ୍ରିତ ହୋଇ ଖାଉଛନ୍ତି । ତା'ର ସମୟ ଏମିତି କଟିବ, ତା' ସେ କେବେ ବି ଆଶାକରି ନଥିଲା ।

Digitized by srujanika@gmail.com

ଅନେକ ଦିନ ହେବ କାଗଜ କଲମଠାରୁ ସେ ଅଲଗା ରହିଛି । ଗଲ ଛୁଟି-ବାର ବରଷ ନେଇ ଏବେ ବି ତା' ପାଖରେ ଗ୍ଭରି ପାଞ୍ଚଟା ଚିଠି ପହଞ୍ଚିଛି । ବାପଘର ଠିକଣାରେ ଆସିଥିବା ସବୁ ଚିଠିଗୁଡ଼ିକ ଲକ୍ଷ୍ମଣ ତା' ପାଖକୁ ପଠେଇ ଦେଇଛନ୍ତି । କିନ୍ତୁ ଲେଖାଲେଖି କରିବାକୁ ସମୟ କାହିଁ ?

ରାତି ଅଧରେ ଉଠି କେତେଥର କଲମ କାଗଜ ଧରି ସେ କ୍ଳାନ୍ତ ହୋଇ ଶୋଇ ଯାଇଛି କିମ୍ବା କାଗଜ ସବୁ ଟିକ୍ ଟିକ୍ କରି ଚିରି ଫୋପାଡ଼ି ଦେଇଛି ।

ସେଦିନ ରାତିରେ କୃଷ୍ଣର କଥାରେ ଆଦୌ ସେ ସହଜ ହୋଇ ପାରିଲା ନାହିଁ । କହିଲା, "ଦୟାକରି ଶୋଇପଡ଼ । ମୋ ସାଙ୍ଗରେ ଲାଗନି ।"

କୃଷ୍ଣ ବୁଝି ପାରିଲାନି ସୁମନର କ'ଣ ହୋଇଛି । ବିଛଣାରେ ଉଠି ବସି ସେ କହିଲା, "ସତ କୁହ, ତୁମର କ'ଣ ହୋଇଛି । ନଚେତ୍ ଆଜି ମୁଁ ଆଦୌ ଶୋଇବି ନାହିଁ । ଏମିତି ସାରା ରାତି ବସି ରହିବି ତୁମ ପାଖରେ ।"

ବହୁତ କଷ୍ଟରେ ସୁମନ କହିଲା, "ମୋତେ କିଛି ଭଲ ଲାଗୁନାହିଁ, ମୋର ସାଙ୍ଗମାନେ ଏମ୍.ଏ.ରେ ଆଡ୍‌ମିଶନ୍ ନେଲେ । ଏବେ ବି ସମୟ ଅଛି । ତୁମେ ଯଦି ବୁଝିବ, ମୁଁ ପଢ଼ି ପାରନ୍ତି ।"

"ତୁମର ପଢ଼ିବା ପାଇଁ ଏତେ ଇଚ୍ଛା ଏ କଥା ମୁଁ ଆଗରୁ ଜାଣି ନଥିଲି । କିନ୍ତୁ ତୁମେ ଯଦି ହଷ୍ଟେଲରେ ରୁହ, ତୁମକୁ ଛାଡ଼ି ମୁଁ ଏଠି କେମିତି ଏକା ରହିବି, ଏୟା ଖାଲି ଭାବୁଛି ।"

ସୁମନର ହସିବାକୁ ଇଚ୍ଛା ହେଲା । ଅନ୍ଧାରରେ ତା'ର ମୁହଁ ଦେଖି ହୁଏତ କୃଷ୍ଣ ତା' ମନୋଭାବ ବୁଝି ପାରିଲାନାହିଁ ।

"ଠିକ୍ ଅଛି, ତୁମେ ପଢ଼ିବ । ହଷ୍ଟେଲରେ ରହି ପଢ଼ିବା ଅପେକ୍ଷା ତୁମ ଘରେ ରହିଲେ ବେଶୀ ସୁବିଧା ହେବ । ଅବଶ୍ୟ ତୁମେ ଗଲେ ମୋର ଖାଇବାର ବିଶେଷ ଅସୁବିଧା ହେବନାହିଁ । ଆଗରୁ ତ ରମୁ ହାତରେ ଖାଇ ଆସିଛି...... ।"

ଏ କଥାରେ ସୁମନ ବିଚଳିତ ନ ହୋଇ କହିଲା, "କାଲି ମୁଁ ବାପାଙ୍କୁ ଚିଠି ଲେଖୁଛି । ସେ ମୋତେ ନେଇଯିବେ । ତୁମେ କଷ୍ଟକରି ବୁଝିବାର ଆବଶ୍ୟକତା ନାହିଁ ।"

କୃଷ୍ଣ ଅନ୍ୟ ପାଖକୁ ମୁହଁ କରି ଶୋଇ ରହିଲା ।

Digitized by srujanika@gmail.com

ଅନ୍ଧାରରେ ସୁମନ ଆଖିରେ ଦୁଇଟୋପା ଲୁହ ଚିକ୍ ଚିକ୍ କରି ଉଠିଲା । ସେ ଭାବିଥିଲା ତା'ର ଚାଲିଯିବା କଥା ଶୁଣି କୃଷ୍ଣ ହୁଏତ କହିବ--

"ତୁମକୁ ମୁଁ ଆଦୌ ଛାଡ଼ିବିନି ।" ନିଜ ଅପ୍ତରେ ନିଜେ ଆହତ ହୋଇ ନୀରବରେ ବିଛଣାରେ ପଡ଼ି ରହିଲା ସୁମନ ।

ପରଦିନ ସକାଳୁ କେହି କାହା ସାଙ୍ଗରେ ଭଲ ଭାବରେ କଥାବାର୍ତ୍ତା କଲେ ନାହିଁ । ଦୁଇପହରରେ ବହୁ କଷ୍ଟରେ ସୁମନ ବାପାଙ୍କ ପାଖକୁ ଚିଠି ଲେଖିଲା, ଏମ୍.ଏ.ର ଫର୍ମ ଇତ୍ୟାଦି ମଗେଇବା ପାଇଁ ।

ଚିଠିଟା ଡାକରେ ପକେଇ ଦେବା ପରେ ତା' ମନର ଅସ୍ୱସ୍ତି କିଛିଟା କମି ଯାଇଥିଲା । କୃଷ୍ଣକୁ ଛାଡ଼ି କିଛିଦିନ ପାଇଁ ବାପଘର ଯାଇ ଏମ୍.ଏ.ରେ ନାମଲେଖାର ପ୍ରାଥମିକ ବନ୍ଦୋବସ୍ତ କରିବା ପାଇଁ ମନ ଦୃଢ଼ କରୁଥିଲା ସୁମନ ।

ଅଥଚ ପରଦିନ ସୁମନର ସବୁ କାର୍ଯ୍ୟକ୍ରମ ବଦଳିଗଲା ।

ଦୀର୍ଘଦିନର ତୀର୍ଥଯାତ୍ରା ଶେଷ କରି ହଠାତ୍ ଆସି ପହଞ୍ଚିଛି ରେବତୀ । ଏବେ ସେ ଜଣେ ପରିବର୍ତ୍ତିତ ମଣିଷ । ଟିକିନିଖି ଘର ଖବର ବୁଝୁଛି ସେ । ପ୍ରତିଦିନ ସୁମନ ସାଙ୍ଗରେ କେତେ ସୁଖ ଦୁଃଖ କଥାବାର୍ତ୍ତା । ନିଜ ହାତରେ ଆହୁତି ଓ ସୁମନଙ୍କର ମୁଣ୍ଡ ବାନ୍ଧିଦେବା, ଭଣ୍ଡାରଘର, ଗେଷେଇ ଘର ସଜାଡ଼ି କେତେପ୍ରକାର ଜଳଖିଆ ପ୍ରସ୍ତୁତ କରି ସମସ୍ତଙ୍କୁ ଖୁଆଇବାରେ ସକାଳ ଯାଇ ସନ୍ଧ୍ୟା ହେଉଛି ।

ଘରେ ଆନନ୍ଦର ଉତ୍ସ । ସେଦିନ କୃଷ୍ଣ କହିଲା, "ଏବେ ତ ରେବନାନୀ ଅଛି, ଚାଲ କିଛିଦିନ କୁଆଡ଼େ ବୁଲି ଆସିବା ।"

ସୁମନ ଖୁସି ଅଛି । କୃଷ୍ଣ ଏବେ ପ୍ରାୟ ଅଫିସ୍‌ରୁ ଫେରି ବାହାରକୁ ଯାଉନାହିଁ । ରେବନାନୀ ବଦଳିଛନ୍ତି । ଯୋଉକଥା ଭାବି କିଛିଦିନ ତଳେ ସେ ଆତଙ୍କିତ ହୋଇ ପଡ଼ିଥିଲା, ସେ ଅନ୍ଧାର ଅପସରି ଯାଇଛି ।

ସକାଳେ ସବୁ ପ୍ରକାରର ସ୍ୱାଦିଷ୍ଟ ରନ୍ଧଣା ରନ୍ଧିଥିଲା ରେବତୀ । ବହୁବର୍ଷ ପରେ ଅତୀତର ସୁନ୍ଦର ଦିନ ସବୁକୁ ମନେ ପକାଉଥିଲା କୃଷ୍ଣ । ସେ ଅଫିସ୍ ଯିବା ପରେ ପ୍ରାୟ ଦିନ ବାରଟା ବେଳେ ଆହୁତି, ସୁମନ, ରେବତୀ ଖାଇ ବସିଲେ । ରମୁ ସେମାନଙ୍କୁ ପରଶି ଦେଇ ତିନୋଟି ପାଣିଗ୍ଲାସ ଧରି ଆସିଲା ।

Digitized by srujanika@gmail.com

ପାଣିଗ୍ଲାସ ଉଠେଇ ପିଇବାକୁ ଯାଉଥିଲା । ଠିକ୍ ଏତିକିବେଳେ ହଠାତ୍ ରେବତୀର ଓଠରୁ ହସ ଲିଭିଯାଇ ସେ ଗମ୍ଭୀର ହୋଇଗଲା । ଆହୁରି ସୁମନର ମୁହଁକୁ ଚାହିଁ ରହିଲା । ତା'ର ଅର୍ଥ ସେଇ ଗୋଟିଏ ପ୍ରଶ୍ନ । ପୁଣି କ'ଣ ହେଲା ରେବତୀର ?

ସମସ୍ତେ ଖାଇ ସାରିଛନ୍ତି । କେବଳ ବାକୀ ଅଛି ପାଣି ପିଇବା ପାଇଁ ।

ରେବତୀ ଏଥର ମୁହଁ ଖୋଲିଲା । ଅମାବାସ୍ୟା କୋଉଦିନ କି ? ମନେ ମନେ କ'ଣ ହିସାବ କରି ସେ ପୁଣି କହିଲା, "ହଁ ତ ଆଜି ଏକାଦଶୀ ।"

ରେବତୀ ଏକାଦଶୀ ଦିନ ନିର୍ଜଳା ଉପବାସ କରେ । କେବଳ ଗୋଟିଏ ଗ୍ଲାସ ଲେମ୍ବୁ ମିଶି ସରବତ୍ ପିଇବା ଛଡ଼ା ସେ ଆଉ କିଛି ଖାଏ ନାହିଁ । ଅଥଚ ଆଜି ସେ ପେଟଭରି ଭାତ, ଡାଲି, ତରକାରୀ, ଭଜା, ଭର୍ତ୍ତା, ଶାଗ, ଖଟା ଖାଇଛି ।

"ଧିକ ମୋ ପୋଡ଼ା ପେଟକୁ । ମୁଁ ଚଣ୍ଡାଳୁଣୀ କିମିତି ଭୁଲିଗଲି ! ଆଉ କେତେଦିନ ଠାକୁରେ ମୋତେ ମାୟାରେ ଘାଣ୍ଟିବେ କେଜାଣି ?" ମନଦୁଃଖରେ ଚୁପ-ଚାପ୍ ରହି କେତେବେଳେ କିପରି ରେବତୀ ପାଟିରୁ ଏମିତି କେତେଟା କଥା ଶୁଣା-ଯାଉଥିଲା ।

ସେ ପ୍ରତିଜ୍ଞା କରିଛି, ଏମିତି ନଖାଇ ନଖାଇ ପଡ଼ିରହିବ ବିଛଣାରେ ଏବଂ ଯାଦ୍ୱାରା ହୁଏତ ତା' ପାପର ଉପଯୁକ୍ତ ପ୍ରାୟଶ୍ଚିତ ହୋଇପାରେ ।

ପରଦିନ ପ୍ରାୟଶ୍ଚିତ କରାହେଲା । ଜଣେ ପଣ୍ଡିତ ବ୍ରାହ୍ମଣ ଆସି ପୂଜାପୂଜି, ହୋମ କଲେ । ସ୍ୱର୍ଣ୍ଣଦାନ ଦକ୍ଷିଣା ନେଇ ସେ ସନ୍ତୁଷ୍ଟରେ ଘରକୁ ଫେରିଲେ ।

ଏସବୁ ଶେଷରେ ଦିନ ପ୍ରାୟ ଦୁଇଟା ବାଜିବା ପରେ ଘରର ସମସ୍ତେ ଖାଇ ବସିଲେ । ସନ୍ଧ୍ୟାରେ କୃଷ୍ଣ କହିଲା, "ସୁମନ, ମୁଁ ଏବେ ସ୍ଥିର କରିଛି, ତୁମେ କିଛିଦିନ ପାଇଁ ତୁମଘରେ ବୁଲିଆସ । ଏଠି ରହିଲେ ତୁମେ ଅଣନିଶ୍ୱାସୀ ହୋଇଯିବ । କାଲି ଅଫିସ କାମରେ ମୁଁ କଟକ ଯିବି । ତୁମେ ସକାଳେ ନିଶ୍ଚୟ ପ୍ରସ୍ତୁତ ହେବ ଶୀଘ୍ର ଯିବାପାଇଁ ।"

ରେବତୀ କାନରେ ଏକଥାରୁ କିଛିଟା ବାଜିଥିଲା, କୃଷ୍ଣ ବୋହୁକୁ ବାପଘର ପଠେଇ ଦେଉଛି । ଏ ପର୍ଯ୍ୟନ୍ତ ତ ସେ କଥା ଉଠିନଥିଲା ! ମୁଁ ଆସିବାରୁ ସିନା ସବୁ ଅଶାନ୍ତି ?

Digitized by srujanika@gmail.com

ରେବତୀ ମନର ସବୁ ସରସତା ମଉଳି ସାରିଥିଲା । ଏ ସଂସାର ସଜାଡ଼ିବାକୁ ସେ ଯେତେ ଚେଷ୍ଟା କରୁଛି ସବୁ କିପରି ବିକ୍ଷିପ୍ତ, ଅସଜଡ଼ା ହୋଇ ଯାଉଛି । ଏଇ ଘରକୁ ସେ ପିଲଟି ଦିନରୁ ପାଳିଛି । ଅଥଚ ଏବେ ସେ ପରୋକ୍ଷ ଭାବରେ ତାଙ୍କୁ ଅପମାନିତ କରୁଛି !

ରେବତୀ ମନରେ ଅସଂଖ୍ୟ ଚିନ୍ତାର ଜ୍ୱଳନ । ଏଥିରୁ ସେ ମୁକ୍ତି ପାଇ ପାରୁ ନଥିଲା । ଆଖିରେ ନିଦ ନାହିଁ । ଏ ଅନ୍ଧାର ରାତି ତା' ମନକୁ ଆହୁରି କରୁଣ କରି· ଦେଇଥିଲା ।

ଏବେ ସେ ଭାବୁଥିଲା, ଜୀବନର ଅବଶିଷ୍ଟ ସମୟକୁ ଏଇ ଅନ୍ଧାର ମଧ୍ୟକୁ ଠେଲିଦେଇ ସେ ନିଶ୍ଚିନ୍ତ ହୋଇ ପାରିବତ ???

ରେବତୀ ନିଜକୁ ପ୍ରଶ୍ନ କରେ, ତୋର କ'ଣ ହଉଚି ଯେ ? କାହିଁକି ବ୍ୟସ୍ତ ? ସଂସାରରେ ତୋ ଭଳି କେହି ନାହାନ୍ତି ? ତୋର ଦୁଃଖ କ'ଣ ? ସ୍ୱାମୀକୁ ଭଲରୂପେ ଚିହ୍ନିବା ପୂର୍ବରୁ ସେ ଯାଇଛି । ତୁ ତ ଛୁଆ ଥିଲୁ ! ପିଲାଖେଳ ଭଳି ବାହା ହୋଇଥିଲୁ ।

ଭାଇ ଭଉଣୀ ସମସ୍ତଙ୍କୁ ଏଇ ହାତରେ ତୁ ମଣିଷ କଲୁ । ଏଇ କର୍ତ୍ତବ୍ୟ· ବୋଧର ଆନନ୍ଦ ତୋ ଛଡ଼ା ଅଧିକ କିଏ ପାଇଛି କହିଲୁ ? ବାପା ବୁଢ଼ା ହେଲେଣି, ଜୀବନ ଆରମ୍ଭରୁ ବସି ବସି ସମୟ କାଟିବା ତାଙ୍କର ଅଭ୍ୟାସ । କୌଣସି ଦାୟିତ୍ୱ ମୁଣ୍ଡକୁ ନେଇ ନାହାନ୍ତି । ଆଜି ନେବେ ? ତାଙ୍କ ଜୀବନ ପ୍ରତି ଦୃଷ୍ଟିପାତ କଲେ, ମନେହୁଏ ତାଙ୍କର ଚିନ୍ତା କିଛି ନାହିଁ । ଏକମାତ୍ର ସଉକ ଟିକିଏ ଭଲ ଖାଇବା, ବାକି ସବୁ ସମୟରେ ଠାକୁରଙ୍କ ନାମ ଭଜନ । ବଳକା ସମୟରେ ମଙ୍ଗଳା ସହ ଗପ ।

ସେଘରେ ରହିଲେ ରେବତୀର ମୁଣ୍ଡ ଭାରୀ ହୋଇଉଠେ । ବାଡ଼ି, ବଗିଚା, ଠାକୁରଘର, ପୋଖରୀକୂଳ କିଛି ଭଲ ଲାଗେନାହିଁ । ସେ ଚାଲିଆସେ କୃଷ୍ଣ ପାଖକୁ । ଭାଇଟି ପାଖରେ ଆନନ୍ଦରେ ଚଳିବାକୁ ଯେତେ ଚେଷ୍ଟା କରୁଛି, ପୋଡ଼ାମନ ସବୁ ଅସୁବିଧା କରିଦିଏ । କାହିଁ କୃଷ୍ଣ ତ ପୂର୍ବପରି ଆସି ତା' ଖବର ବୁଝେ, ପଚାରେ, "ନାନୀ, ତୋର ଆଜି କି ଓପାସ ?"

Digitized by srujanika@gmail.com

"ଓପାସ କିଏ କହିଲା ? ମୁଁ ତ ପେଟେ ଖାଇ ବସିଛି ।" ରେବତୀ ବିଚଳିତ ହୁଏ । ପାଞ୍ଜି ଦେଖିବାରେ ସେ କ'ଣ ଭୁଲ କରିଛି କି ? ଆଖିରେ ତରତର କରି ଚଷମା ଲଗେଇ ପାଞ୍ଜି ଖୋଲିବା ସମୟରେ ହସିଦିଏ କୃଷ୍ଣ ।

"ଥାଉ ଥାଉ ପାଞ୍ଜି ରଖ । ମୁଁ ଭାବିଥିଲି କ'ଣନା ତୋର ଓପାସ ବ୍ରତ ଦିନରେ ମୋତେ କିଛି ଭଲ ଜଳଖିଆ ଖାଇବାକୁ ମିଳିବ !"

"ମୋ ଛୁଆଟା ଅଫିସରୁ ଆସିଲାଣି । ମୁଁ ବସି କଥା ଗପୁଛି ।" ରେବତୀ ତରତରରେ ଗୋଡେଇ ଘରକୁ ଚାଲିଯାଏ ।

ସୁମନ ପିଅନକୁ କ'ଣ ଜଳଖିଆ ପ୍ରସ୍ତୁତ କରିବାକୁ ବତାଉଥିଲା । ରେବତୀ କହିଲା, "ସୁମୁ ତୁ ଚାଲୁ ଯା, କୃଷ୍ଣ ଆସିଲାଣି । ମୁଁ କରି ଦଉଛି ଯାହା ହବ ।"

ସୁମନ ଗୋଡେଇ ଘରୁ ବାହାରି ଆସେ । ପିଅନଟି ରେବତୀକୁ ସାହାଯ୍ୟ କରେ ।

ସୁମନର ଖାଦ୍ୟ ପ୍ରସ୍ତୁତିରେ ଆଗ୍ରହ ନାହିଁ । କିଛି ଶିଖିବ, ଦେଖିବ ତା' ବି ଚାହେଁ ନାହିଁ । ଯେତିକି ତା'ର ଘର କାମ କରିବା ନିହାତି ଦରକାର ତା' ସେ କରେ ଦାୟିତ୍ୱ, ଆବଶ୍ୟକତା ଦୃଷ୍ଟିରୁ । କୃଷ୍ଣ ଥିଲେ ଗପ କରିବ, ତା' ସାଥିରେ ବୁଲିଯିବ । ବାକି ସମୟରେ ଶୋଇବା ଘରର ସେହି ଛୋଟ ଟେବୁଲଟା ପାଖରେ ବସି କ'ଣ ଯେ ଏତେ ଲେଖି ଚାଲିଥିବ ! ଗଦା ଗଦା ବହି, ପତ୍ରପତ୍ରିକା କୃଷ୍ଣ କିଣି ଆଣି ଦେଉଛି । ଆହୁତି ତା' ସ୍କୁଲ ଲାଇବ୍ରେରୀରୁ ଆଣିଦିଏ । ସବୁଦିନ ସୁମନ ତାକୁ ବରାଦ କରେ, "ଏ ବହିଟା ଅଛି କି ନାହିଁ ଦେଖିବ ।"

ଆହୁତି କହେ, "ମୁଁ ପାରିବିନି, ନୁଆବୋଉ । ତୁମେ ଯେଉଁ ଭବରେ ପଢ଼ାପଢ଼ି କରୁଛ, ସବୁ ଦୋକାନ, ସ୍କୁଲ, କଲେଜ, ସବୁଆଡୁ ବହି ଶେଷ ହେଇଯିବ, ତୁମପାଇଁ କେତେ ବହି ଲେଖା ହବ ଯେ ?"

କ'ଣ ପଢ଼େ, କ'ଣ ଲେଖେ କେଜାଣି ? ରାତିରେ କୃଷ୍ଣ କହିବ, "ଏ ଘରେ ଲାଇଟ୍ ଜଳିବ ନାହିଁ ।" ସୁମନ୍ ଟେବୁଲ ଲ୍ୟାମ୍ପ ପାଖରେ ଖଟବାଡ଼ରେ ଲୁଗା ଟଙ୍ଗେଇ କୃଷ୍ଣ ପାଇଁ ଅନ୍ଧାର ସୃଷ୍ଟିକରି ଲେଖିବସେ । ଶେଷରେ କୃଷ୍ଣ ବାଧ୍ୟକରି ଲାଇଟ୍ ଲିଭେଇ ଦେଲେ ଗଦାଏ କାଗଜ, ଆଉ ତା' କଲମ ଧରି ସୁମନ ଆସିବ ରେବତୀର ଶୋଇଲା ଘରକୁ ।

Digitized by srujanika@gmail.com

ରେବତୀ କହେ, "ଶୋଇପଡ଼ ସୁମୁ, କେତେ ରାତି ହେଲାଣି ।"

"ନିଦ ହଉନି ନାନୀ । ଟିକିଏ ଲେଖାପଢ଼ା କଲେ ଶୋଇଯିବି । ସବୁଦିନ ରାତି ଦଶଟା ପୂର୍ବରୁ ଲାଇଟ୍ ଲିଭି ଅନ୍ଧାର ହବ । ଏଥର ମୋ ଟେବୁଲ୍ ଏଇ ଘରେ ପକେଇବି ।"

ସୁମନ କଥାରେ ରେବତୀ ହସେ ।

"ବାହାଘର ପରେ କେତେଟା ଭଲ ଗପ, କବିତା ଲେଖିଲଣି, ନୂଆବୋଉ ? ମିଛରେ ରାତି ଅନିଦ୍ରା ହୋଇ ଦେହ କାହିଁକି ଖରାପ କରୁଛ ? ଯାଅ ଶୋଇବ ।" ମୁରବୀ ଭଳି କହୁଛି ଆହୁତି ।

"ତତେ ନିଦ ହେଉନିକି ?"

"କେମିତି ନିଦ ହବ ଯେ ? ଯେ ଆସି ଏ ଘରେ ଲାଇଟ୍ ଜାଳିବେ ।"

"ସେ ଲେଖୁ ଟିକିଏ । ତୁ କାହିଁକି ବ୍ୟସ୍ତ ହଉଚୁ ? ଦିନସାରା ତ ଘର ଗହଳ ଚହଳ । ରାତିରେ କାମ ସାରି ସେ ସ୍ଥିର ହୋଇ ଟିକେ ପଢ଼ାଲେଖା କଲା । ଖରାପ କ'ଣ ?"

ରେବତୀ, ଆହୁତିଙ୍କର ଥାଳାପରେ ବାଧା ଦେଇ ସୁମନ ପଚାରେ, "ନାନୀ, ତୁମ ଶାଶୁଘର ଖବର କ'ଣ ?"

ତକିଆରେ ଭରା ଦେଇ ସପଖଣ୍ଡକ ଉପରେ ପେଟେଇ କିଛି ସମୟ ଲେଖାଲେଖି କରେ ସୁମନ । କିନ୍ତୁ ଏ କୋଠରୀଟିରେ ପଢିବା, ଲେଖିବା କାର୍ଯ୍ୟ ହୋଇ ପାରେନାହିଁ । ରେବତୀ ତ ଗପିବାରେ ସମୟ ଭୁଲିଯାଏ । ସୁମନର ପ୍ରଶ୍ନର ଉତ୍ତର ଦେବାକୁ ଯାଇ କଥାବାର୍ତ୍ତାର ସ୍ରୋତ କେଉଁଠୁ ଯାଇ କେଉଁଆଡ଼େ ପହଞ୍ଚେ । ଶାଶୁଘରୁ ଆସିଥିବା ଦିଅର, ଯା'ଙ୍କର ଚିଠି ବିଷୟ କହିବାକୁ ଯାଇ ରେବତୀ କାହାଣୀ କହିବସେ ।

କେତେ ରାତିରେ ଏଇଭଳି କଥାର ପୁନରବୃତ୍ତି ଘଟେ । ମନେପଡ଼େ ପିଲାଦିନରୁ ଏ ଯାଏ ଯେତେ ଘଟଣା । ଚଳଚ୍ଚିତ୍ର ଦେଖିବା ଭଳି ରେବତୀ ଯେପରି ସବୁ ଦେଖି ଦେଖି ଯାଇଯାଏ ।

"ତୋ ଶାଶୁ କେତେ ଭଲ ଲୋ ସୁମୁ । ତୋତେ ଦେଖିବା ତା' ଭାଗ୍ୟରେ ନାହିଁ । ତୁ ବି ସେ ସୁଖ ପାଇଲୁ ନାହିଁ । କେତେ ସ୍ନେହ ତା'ର ଆମ ଉପରେ, ପିଲାଙ୍କ ପାଇଁ ଜୀବନ ଗଲିଯାଏ । ଜେଜେବୋପା କହନ୍ତି— ବୋହୂ, ଗାଧୋଇସାରି

Digitized by srujanika@gmail.com

ଠାକୁରଘରେ ଗୀତା ଅଧ୍ୟାୟେ ପଢ଼ନ୍ତୁ । ଏ କ'ଣ ? ଖାଲି ପ୍ରଣାମ କରିଦେଲେ ଠାକୁର ପୂଜା ହେଲା ?

ବୋଉ ଉତ୍ତର ଦିଏନାହିଁ । ଜେଜେମା ମୋର ହସି ହସି କହେ— ତା' ଠାକୁର ତେଣେ ତାକୁ ଖୋଜି କାନ୍ଦ ଆରମ୍ଭ କରିଦେଲେଣି । ସେମାନଙ୍କ ପୂଜା ଆଗ । ସେ ଯାଉ ପିଲଙ୍କ ଖବର ବୁଝିବ ।"

ସୁମନ ଆଗ୍ରହରେ ସବୁ ଶୁଣେ ।

ଆହୁତି ବିଛଣାରେ ଉଠିବସି କହେ, "ଶୁଣ ନୂଆବୋଉ, ତୁମେ ଯଦି ଆସି ଗତିରେ ଏଠି ତଳେ ଶୋଇ କାହାଣୀ ଶୁଣିବ, ମୁଁ ଯାଇ ବୈଠକ ଘରେ ଶୋଇବି । ସେ ଯେମିତି ବକ୍ତା, ତୁମେ ବି ସେମିତି ଆଗ୍ରହୀ ଶ୍ରୋତା ।"

ରେବତୀ ପିଲା ହୋଇଯାଏ ଯେମିତି । କହେ, "ଆମେ ଆମର ଏଠି କଥା କହିଲେ ତୋତେ ଯଦି ନିଦ ନ ହେଉଛି, ଉଠି ପଢ଼ାପଢି କରୁନ । ପରୀକ୍ଷା ତ ପାଖ ହେଲଣି ।"

ଆହୁତିର କି ରାଗ ଅଭିମାନ !

"ଥାଉ, ତୋ ଉପଦେଶ ମୋର ଦରକାର ନାହିଁ ।" ରେବତୀକୁ ରାଗରେ ପଦେ ଶୁଣେଇ ଦେଇ ସେପାଖକୁ ମୁହଁ ବୁଲେଇ ଶୋଇପଡ଼େ ସେ । ରେବତୀ ନୀରବ ରହେ । ଏତିକିବେଳେ କୃଷ୍ଣ ବାହାରକୁ ଉଠେ । ଏ କୋଠରୀର କବାଟ ପାଖକୁ ଆସି କହେ, "ମୋତେ ଶୁଆଇ ଦେଲନି । ଏଠି ଆସି ସମସ୍ତଙ୍କ ନିଦ ଭାଙ୍ଗୁଚ ।"

ଏଥର ରେବତୀ ବାଧ୍ୟକରି ସୁମନକୁ ଆଉ ଘରକୁ ଯିବାକୁ କହେ । ଏ କୋଠରୀକୁ ଆସିଲେ ସେ ଅନିଦ୍ରା ହୋଇ ସତରେ ନିଜ ଦେହ ଖରାପ କରିବ । ଏ ବିଷୟ ବୁଝେଇ ଶୀଘ୍ର ପଠେଇଦିଏ ।

ଅଧରାତିରେ କାଗଜ, କଲମ ଧରି ସୁମନ ଉଠେ ତା' ଶୋଇବା ଘରକୁ । ରେବତୀ କବାଟ ବନ୍ଦକରି ଲାଇଟ୍ ଲିଭାଇ ଶୋଇପଡ଼େ । ନିଦ ନହେଲେ ମନେପକାଏ ପଛଦିନର ସ୍ମୃତିସବୁ । ତା'ର ସାନଭାଇ ଭଉଣୀଙ୍କ ସହ ପିଲାଦିନ କଥା । ଜେଜେବାପା, ଜେଜେମା, ବୋଉ ସମସ୍ତେ ଆଖି ସାମନାରେ ଚଳପ୍ରଚଳ ହୁଅନ୍ତି । ସେମାନଙ୍କ କଥାବାର୍ତ୍ତା କାନରେ ବାଜେ । ଶେଷରେ ଝାପ୍‌ସା ହୋଇଯାଏ ଅଖିଛ । ଅଜାଣତରେ ଲୁହବୋହି ଆସେ ଆଖିରୁ ।

Digitized by srujanika@gmail.com

ଏଇ ସୁଖ ଦୁଃଖର ସ୍ମୃତିରେ ଛଟିପିଟି ହୋଇ କେତେବେଳେ ଶୋଇପଡ଼େ ରେବତୀ ।

ସତେ ତ ଏଇ କେତେଦିନ ତଳେ କେତେ ଭଲଥିଲା ରେବତୀ ! କିନ୍ତୁ ପୁଣି ସେଇ ରୋଗ ! କ'ଣ ସେ ମୁଣ୍ଡଟା ହୁଏ ଆଉ କେହି ଦିଶନ୍ତି ନାହିଁ । ସମସ୍ତଙ୍କ ପ୍ରତି ବିତୃଷ୍ଣା । ସମସ୍ତେ ତା'ର ପର ! ସଭିଏଁ ଶତ୍ରୁ । କୃଷ୍ଣଟା ସିନା ମୁହଁରେ କହିଦିଏ, ବୋହୂଟା ତ ପରଘର ଝିଅ । ଯାହା ଭାବୁଥିବ ମନରେ ରଖିଥିବ ।

ସୁମନ କେତେଥର ପଚାରିଛି, "ନାନୀ ତୁମର କ'ଣ ଏମିତି ହୁଏ ?"

ସେତେବେଳେ ରେବତୀ ସହଜ ଭାବରେ ଗପି ଚାଲିଥାଏ । ସେ କହେ, "କ'ଣ ହୁଏ କେଜାଣି ? ସେଇ ମୁଣ୍ଡଟା ତ ଧରେ ।"

ଏସବୁର କାରଣ ଯେ ବହୁ ଓପାସ, ବ୍ରତ ଏବଂ ଦେହର ଦୁର୍ବଳତା, ସେଥି-ନେଇ ମୁଣ୍ଡ ଦୁର୍ବଳ ହୁଏ– ଏ ବିଷୟ ବୁଝାଏ ସୁମନ ।

ରେବତୀ ଅନ୍ୟକଥା କହି ଏ ପ୍ରସଙ୍ଗ ବଦଳାଏ ।

ସେମିତି ସେଦିନ କ'ଣ ଲାଗିଲା ରେବତୀ ମଧ୍ୟ ବୁଝିପାରିଲା ନାହିଁ । ସକାଳୁ ଉଠି ନିତ୍ୟକର୍ମ, ପୂଜାପାଠ ଶେଷକରି ସେ ବାହାରିଲା ତା'ର ଶାଶୁଘର ଗାଁକୁ ।

ସେଠାରେ କେହି ପଛରେ ନଥାନ୍ତୁ, ସେ ତା'ର ନିଜ ଘର । ସେଠିକାର ଜମିବାଡ଼ି ଖବର ତାକୁ ତ ବୁଝିବାକୁ ହେବ ।

ଏଥର ଅବଶ୍ୟ ସେ ସ୍ଥିର କରିଛି କିଛି ଧାନଜମି ବିକ୍ରି କରିଦେବ । ନଡ଼ିଆ-ଗଛରୁ ନଡ଼ିଆ ତୋଳେଇ ବିକ୍ରିକରି ଟଙ୍କା ନେଇଯିବ । କ'ଣ ହେବ ତା'ର ଏ ଧନ ସମ୍ପତ୍ତି ?

ଶ୍ୱଶୁରଙ୍କ ବଡ଼ଭାଇର ପୁଅ ବିଶ୍ୱନାଥ । ଶାଶୁ ତାକୁ ପୁଅ କରିଥିଲେ । କେତେ ବୁଝେଇ ବାଝେଇ କଥା କହେ ସେ ରେବତୀକୁ । ରେବତୀର ଏ ସମ୍ପତ୍ତିରେ ଯେପରି ଭାଗ ନାହିଁ । ଶାଶୁ କିଛି କାହାକୁ କହୁ ନଥିଲେ । ମୃତ୍ୟୁ ପୂର୍ବରୁ ରେବତୀ ନାଁରେ ସମସ୍ତ ସମ୍ପତ୍ତିର ତିନିଭାଗ ଉଇଲ୍ କରିଦେଇ ଯାଇଥିଲେ, ବିଶ୍ୱନାଥର ମାତ୍ର ଏକ ଭାଗ । ବିଶ୍ୱନାଥ ଶାଶୁ ଚାଲିଯିବା ପରେ ମନେ ମନେ ନିଜ ଭାଗକୁ ଚାପି ସେଇ ଘରେ ରହିଲେ । ଏବେ କେବେ କିପରି ରେବତୀ ଆସିଲେ ସେ କ୍ରୋଧର ବିସ୍ଫୋରଣ ହୁଏ । ରେବତୀ ନୀରବ ରହେ । ମନ ଡାକେ ଶୀଘ୍ର ଫେରିଯିବାକୁ କୃଷ୍ଣ ପାଖକୁ ।

Digitized by srujanika@gmail.com

କିନ୍ତୁ ଏଥର ତା'ର ଅନେକ କାମ କରିବାର ଅଛି । ଫେରିଯିବାକୁ ଇଛା କଲେ ସେ ଯାଇ ପାରୁନାହିଁ କିମ୍ବା ଏକା ଏକା କ'ଣ କୁଆଡ଼ୁ କରିବ ସେଇ ହୋଇଛି ଚିନ୍ତା ।

ଚୁନାଟା କୋଉ କାମର ନୁହଁ । କାହା କଥା ଶୁଣିବ ନାହିଁ କି କୋଉ କାମରେ ସାହସର ସହ ଆଗେଇ ଯିବନାହିଁ । କ'ଣ ଖଣ୍ଡେ ଚାକିରୀ କରି 'ଲ' ପଢୁଛି ଘଟି କଲେଜରେ ।

ଚିଠି ଦେଇ ତାକୁ ଡକେଇ ଥିଲା ରେବତୀ ।

ଆହୁତି ଲେଖିଛି, "ସୁର ଭାଇନା ଆସିଥିଲେ, ତୋତେ ଖୋଜୁଥିଲେ । ତୋ ସହ ଅତି ଜରୁରୀ କଥାବାର୍ତ୍ତା ଅଛି ।"

ଏତିକି ଜାଣିବା ପରେ ରେବତୀର ମନ ଚଞ୍ଚଳ ହୋଇ ଉଠିଛି । ଦେହରେ ଶତସିଂହର ବଳ ।

ସୁମନକୁ ଦେଖିଲେ କହନ୍ତା, "ଆଉ ତୋ ନାନୀର ମନ ଦୁର୍ବଳ ହେବନାହିଁ । ମୁଁ ବେଶ୍ ସୁସ୍ଥ ହୋଇଗଲିଣି ।

ବିଚାରୀ ସୁମନ୍ ଏ ସମୟରେ ତା'ର ଯତ୍ନ ନେବା ଆବଶ୍ୟକ ଜାଣିଲେ ବି ସେ କିଛି କରି ପାରୁନାହିଁ ।

ଆହୁତି ତ ସେଇୟା ଲେଖିଛି । "ତୋର ତ ଆମ ଚିନ୍ତା ଟିକିଏ ବି ନାହିଁ ନୂଆବୋଉ ଝିଅ ଜନ୍ମ ପୂର୍ବରୁ ତାଙ୍କ ଘରକୁ ଚାଲିଗଲେ । ମୋର ଯାହେଁ କଲେଜ । ତୁ ତ ଜାଣିଛୁ ମୁଁ ସାଇନ୍ସ ପଢୁଛି । ବଡ଼ଭାଇନା ଚିଠି ଲେଖିବାକୁ କହିବାରୁ ଲେଖୁଛି । ଇଛା ହେଲେ ଆସିବୁ, ତତେ କିଏ କହିବ ?

ଝିଅକୁ ଦେଖିଯାଇଥିଲି । ଭରୀ ସୁନ୍ଦର ହୋଇଛି । କିନ୍ତୁ ନୂଆବୋଉ ଛଡ଼ି-ଯାଇଛନ୍ତି । ସେ ଆଉ ଦଶ, ପନ୍ଦର ଦିନ ପରେ ଆସିବେ ।"

ରେବତୀ ଆସିଛି । ଝିଅକୁ ନେଇ ବାପଘରୁ ଆସି ପହଞ୍ଚିଛି ସୁମନ । କୃଷ୍ଣ ଘରେ ଗହଳି ଲାଗିଛି । କୃଷ୍ଣର ବନ୍ଧୁମାନଙ୍କର ଯିବା ଆସିବା ଚାଲିଛି । ଶିଶୁ କିନୁର କାନ୍ଦରେ ଏ ଘରେ ଏକ ନୂଆ ବାତାବରଣ ସୃଷ୍ଟି ହୋଇଛି ।

ଅଣ୍ଟାରେ ଲୁଗାକାନି ଖୋସି କାମ କରୁଛି ରେବତୀ । ତା' ପାଟିରେ ଘର କମ୍ପୁଛି । ଏଣେ ଆହୁତିର ସ୍ୱର ଶୁଣାଯାଉଛି, "ଝିଅଟା ତ କାନ୍ଦୁରି ନମ୍ବର ଓ୍ୱାନ୍ ।

Digitized by srujanika@gmail.com

ତାକୁ ବୁଝେଇବାକୁ ଯାଇ ତୁ ଯାହା ପାଟିକରୁଛୁ ନାନୀ ମୋର ବେଶ୍ ପଢ଼ାପଢି ଜମି ଉଠିବ ।”

“ତୁ ଏଠି ବହିଧରି କାହିଁକି ବସିଛୁ ? ସେ ପାଖ ଗେଷ୍ଟରୁମ୍‌କୁ ଚାଲିଯା ।”

କୃଷ୍ଣର ପଦଟିଏ କଥା । ଆହୁତି ରାଗିଯାଇ ଉଠିଗଲା । ଅଥଚ କିଛି ସମୟ ପରେ ରେବତୀ ଦେଖିଲା ବୈଠକଘର ପାଖର ସେଇ କୋଠରୀଟିରେ ଖୁବ୍ ମନ ଦେଇ ବସି ପଢୁଛି ଆହୁତି ।

ସୁମନ ଖୁବ୍ ଦୁର୍ବଳ ମନେହେଲେ ବି ତା'ର ଦାୟିତ୍ୱ ଖୁବ୍ ବଢିଯାଇଛି । ଛୋଟ ଝିଅଟିର ଅନେକ କାମ ତାକୁ କରିବାକୁ ହେଉଛି । କାମ ନଥାଇ ବି ରେବତୀର କାମ ଲାଗିଛି ।

ଗାଁରୁ ଆସିଛନ୍ତି ବିଭୂରଞ୍ଜନ । ଟୁନା ଆସିଛି ଛୁଟି ନେଇ । ଲିନୁର ଏକୋଇଶା ମାମୁଁଘରେ ହୋଇଥିଲେ ବି ଏଠି ତ ଭୋଜି ଦେବାକୁ ହେବ ।

ଆହୁତିର ଲିନୁ ନାଁଟା ବହୁତ ପସନ୍ଦ । ଝିଅକୁ କୋଳେଇ ଗେହ୍ଲା କରେ ସେ । ସୁମନକୁ କହେ, “ତୁମ ଉପନ୍ୟାସର ସେଇ ସୁନ୍ଦରୀ ଝିଅ ଲିନୁଠୁ ଆମ ଲିନୁ ଅଧିକ ସୁନ୍ଦରୀ ହବ ।”

ରେବତୀ କହେ, “ଦୂର ପାଗଳି ।” ଏକୋଇଶା ଭୋଜିଖାଇ ଆସିଥିବା ଅତିଥିମାନେ ଝିଅକୁ ଦେଖି ଖୁସି ହୁଅନ୍ତି । ସୁମନର ଭାଇ, ଭାଉଜ ଆସିଛନ୍ତି । ଦୂରବାଟ, ଅନ୍ୟ ସମସ୍ତେ ଆସିବା ସମ୍ଭବପର ନୁହେଁ । ଟେଲିଗ୍ରାମ, ଗିଫ୍ଟ ଚେକ୍, ଗ୍ରିଟିଙ୍ଗ କାର୍ଡ, ମନିଅର୍ଡର । ସାଇତି ରଖିଛି ଆହୁତି । ଲିନୁକୁ ଗେହ୍ଲା କରି କହୁଛି, “ଲିନୁବୁଢ଼ୀ, ଆଜି ତୋ ବାହାଘର କି ? ହାର, ଖଡୁ ପିନ୍ଧି ବେ.ହୁ ହେଇଚୁ ?”

ରେବତୀ ଆଲମାରୀରେ ସାବି ପକେଇ ରଖୁଛି ଉପହାରଟଙ୍କା, ସୁନାମୁଦି, ରୂପା ଗିନା, ଚାମଚ, ଖେଳନା ।

ସୁମନ, କୃଷ୍ଣ ଅତିଥିମାନଙ୍କ ଖବର ବୁଝିବାରେ ବ୍ୟସ୍ତ ।

ଟୁନାକୁ ଏସବୁ ବଡ଼ଲୋକ ଘର କାରବାର ଭଲ ଲାଗୁନାହିଁ । ଏ ସବୁରୁ ଦୂରେଇ ରହି ଏକା ଏକା ବୁଲାବୁଲି କରୁଛି ସେ ।

ଲିନୁର ଉପହାର ସବୁ ଦେଖୁ ଦେଖୁ ଆହୁତି ଟୁନାକୁ ସେଇ ବିଷୟ ପଚାରିଲା, “ଭଲଦିନରେ ମୁହଁ ଶୁଖେଇ ଏକା ଏକା କାହିଁକି ବୁଲୁଥିଲ ?”

Digitized by srujanika@gmail.com

"ଧେତ୍, ସେସବୁ ବଡ଼ଲୋକଙ୍କ ସଙ୍ଗେ ମୋର କି କଥା ?"

"ବାଃରେ ତୁମେ କ'ଣ ବଡ଼ଲୋକ ନୁହଁ ?"

"ଦେଖୁଛ ନୂଆବୋଉ, କି ହୀନମନ୍ୟତା !"

ସୁମନ ଲିନୁକୁ ଶୁଆଇ ଦେଉଥାଏ । ଏସବୁ ଯୁକ୍ତିତର୍କରେ ଭାଗ ନେବାକୁ ତା'ର ଇଚ୍ଛା ନଥାଏ । ରେବତୀ ତେଣେ ଜିନିଷପତ୍ର ରଖାରଖି, ସଜଡ଼ା ସଜଡ଼ି କରୁଥାଏ । ତଥାପି ଘରକୁ ଫେରି ନଥିବା କେତେଜଣ ଘନିଷ୍ଠ ବନ୍ଧୁମାନଙ୍କ ସହ ଆଳାପରତ କୃଷ୍ଣ ।

"ବୁଝିଲୁ ଆହୁତି, ମୁଁ ଏସବୁ ବୁର୍ଜୁୟା ମନୋବୃତ୍ତିର ସପକ୍ଷରେ ନୁହଁ । ସାନ ଝିଅଟିର ଜନ୍ମୋତ୍ସବ ପାଳନ ପାଇଁ ଗୋଟାଏ ବାହାଘରର ଟଙ୍କା ଖର୍ଚ୍ଚ !"

"ତୁମ କଥାରେ କେହି ଏକମତ ହେବେନାହିଁ, ସାନଭାଇନା । ଏମିତି ଭାବିଲେ ଏ ସଂସାରରେ ଖୁସି ହୋଇ କେହି ଆନନ୍ଦ ଉତ୍ସବ କରିବେ ନାହିଁ । ଲୁଣ ଭାତ ଖାଇ ବଞ୍ଚିବେ ।"

"ତା' କରିବା ଉଚିତ । ଦେଶରେ ଯେତେ ଲୋକ ଖାଇବାକୁ ପାଉନାହାନ୍ତି ସେ ଖବର ରଖିଛୁ ?"

ରେବତୀ ସେମାନଙ୍କ କଥାବାର୍ତ୍ତା ବନ୍ଦ ନ କରିଥିଲେ ରାତି ପାହିଥାଆନ୍ତା ।

ସେଦିନ ଶୋଉ ଶୋଉ ରାତି ଗୋଟାଏ । ଅଧା ନିଦରୁ ଉଠି ବସିଛି କୃଷ୍ଣ, ଲିନୁ କାନ୍ଦୁଛି । ସୁମନର ନିଦ ଭାଙ୍ଗୁନି । ସେ ଶୋଇ ଯାଇଛି କ୍ଳାନ୍ତ ହୋଇ । ଶୋଇବା ଘର କବାଟରେ କିଏ ଡାକୁଛି ।

"କିଏ ରେବନାନୀ ?"

"ପିଲାଟା କାନ୍ଦୁଛି, ତୁମର ନିଦ ଭାଙ୍ଗୁନାହିଁ । ଦେଲୁ ତାକୁ ମୁଁ ଶୁଆଇଦିଏ ।"

କୃଷ୍ଣ ସୁମନକୁ ଉଠେଇ ଦେଲା । ଲୁଗା ସଜାଡ଼ି ବିଛଣାରେ ଉଠି ବସି କିଛି ନ ବୁଝିଲା ପରି ସେ ଏଣେତେଣେ ଚାହିଁବାକୁ ଲାଗିଲା ।

ରେବତୀ କହିଲା, "ଆଲୋ ଦୁର୍ଣ୍ଣି, କଅଁଳା ପିଲାର ତଣ୍ଟି ଶୁଖିଯିବ । ଏମିତି ତାକୁ କନ୍ଦାଉଚି । ତାକୁ କୋଳକୁ ନେଇ ଖାଇବାକୁ ଦେ ।"

ଲିନୁ କ୍ଷୀର ପାଟିରେ ନ ଦେଇ ସେମିତି ରଡ଼ାଧରି କାନ୍ଦୁଥାଏ ।

Digitized by srujanika@gmail.com

ରେବତୀର ମୁହଁ ଗମ୍ଭୀର ହେଲା । ସେ ଘରୁ ତରତରରେ ବାହାରକୁ ଯାଇ ଅଗଣାରେ ତଉଳ ପାଖରେ ଥିବା କେଉଁ ଗଛର ପତ୍ର କିଛି ତୋଳି ଆଣିଲା । ସେଥିରୁ କିଛି ଲିନୁ ମୁଣ୍ଡରେ ଲଗାଇ ଦେହରେ ମାରି ବିଛଣାରେ ଗୋଟିଏ ପାଖରେ ରଖିଦେଲା ।

ସତକୁ ସତ ଲିନୁର କାନ୍ଦ କମି ଆସିଲା । ତଥାପି ସେ ନଶୋଇ ବ୍ୟସ୍ତ ହେଉଥିଲା ।

ଏଥର ରେବତୀ ଝିଅକୁ କୋଳରେ ଜାକି ଆରଘରକୁ ନେଇ ପଳେଇ ଗଲା ।

ସୁମନ ଯେମିତି ନେସେଇଯା ଶୁହୁଁଥିଲା । ରେବନାନୀ ଯିବା ପରେ ସେ ପୁଣି ଗଭୀର ନିଦରେ ଶୋଇଗଲା ।

ଆରଘରେ ସାରରାତି ରେବତୀ ପାଖରେ ଶୋଇ ରହିଲା ଲିନୁ ।

ସକାଳେ ରେବତୀ ଲିନୁକୁ ଆଣି ସୁମନ କୋଳରେ ଦେଲା । ସୁମନ ଜାଣି ପାରିଲା ନାହିଁ ଏତେଶୀଘ୍ର କିପରି ରାତି ପାହି ସକାଳ ହେଲା ?

ବିଛଣାରୁ ଉଠିବାକୁ ମନ ନାହିଁ କୃଷ୍ଣର । ଅଥଚ ଉଠିବାକୁ ହବ । ଏବେ କିଏ ସବୁ ବାହାରିବେ ସକାଳ ବସ୍‌ରେ ଯିବାକୁ । ବାପାଙ୍କୁ ସେ କହୁଥିଲା କିଛିଦିନ ରହିଯିବାକୁ । କିନ୍ତୁ ତେଣେ ଗାଁରେ ଶ୍ରେର ଉପଦ୍ରବ । ତିନିଦିନ ହେଲା ସେ ଗାଁରୁ ଆସିଲେଣି । ଉଛବା ପାଣ ଘର ଜଗିଛି । ଗଉତବୁଢ଼ା ତଉପାଢ଼ୀରେ ଶୋଉଛି । ସେ ସକାଳୁ ଉଠି ପ୍ରସ୍ତୁତ ହେଲେଣି । ପାଟି ଶୁଣା ଯାଉଛି । ଭିଣୋଇ ଉମାକାନ୍ତଙ୍କ ସଙ୍ଗେ କଥାବାର୍ତ୍ତା କରୁଛନ୍ତି । ସେମାନେ ଏକାଠି ଯିବେ ।

ସୁରିନାନୀ ଯିଦ୍ ଧରି ବସିଛି । ସେ ମାସେ ରହିବ । ତା'ର ପ୍ରଧାନ ଅଭିଯୋଗ ସେ କୃଷ୍ଣର ବାହାଘର ବେଳେ ଆସିପାରି ନ ଥିଲା ସାନ ଝିଅଟିର ଦେହ ଖରପ ଥିବାରୁ । ଏବେ ଯେମିତି ହେଲେ ଭାଇ ଭାଉଜଙ୍କ ପାଖରେ ମାସେ ରହି ଗାଁକୁ ଫେରିବ ।

ଉମାକାନ୍ତ ରେବତୀର ଶରଣ ନେଲେ । ପିଲାସବୁ ଘରେ ଅଛନ୍ତି । ତାଙ୍କ ମା'ଙ୍କର ଏସବୁ କରିବାକୁ ଆଉ ବଳ ନାହିଁ । ଏ ବୟସରେ ରୋଗ ଲାଗି ରହିଛି ।

Digitized by srujanika@gmail.com

ଅନେକ ସମୟରେ ତାଙ୍କର ମନେହୁଏ ସୁରଭି ଜାଣି ଜାଣି ପିଲାଙ୍କ ଅଳି ଅଝଟ ବୁଢ଼ୀ ଉପରେ ଲଦି ଦିଏ ।

ଏବେ ସେ ନଯିବା କଥା କହିବାରୁ ଉମାକାନ୍ତଙ୍କର ମନେହେଲା ତା' ପ୍ରତି ପୂର୍ବ ଅବହେଳାକୁ ମନେ ପକାଇ ତାଙ୍କ ସମସ୍ତଙ୍କ ଉପରେ ପ୍ରତିଶୋଧ ନେଉଛି ସୁରଭି ।

ରେବତୀ ଉମାକାନ୍ତଙ୍କ ମନର ଭାଷା ବୁଝିଗଲା ପରି କହିଲା, "ତୁ ଯାଆ ନାନୀ । ସେ ତୋତେ ଛାଡ଼ି ଯିବାକୁ ନାରାଜ । କୃଷ୍ଣ ଗସ୍ତରେ ଗଲେ ତୋତେ ନେଇ ଆସିବ । ମାସେଖଣ୍ଡେ ରହିଯିବୁ ପିଲାଙ୍କ ଛୁଟି ହେଲେ ।"

ସୁରଭି ଅନିଚ୍ଛାରେ ଲୁଗା ଦି'ଖଣ୍ଡ ସୁଟ୍‌କେଶ୍‌ରେ ସଜାଡ଼ି ଯିବାପାଇଁ ପ୍ରସ୍ତୁତ ହେଲା ।

ସକାଳ ନଅଟା ଭିତରେ ଘରୁ ଏମାନେ ସମସ୍ତେ ବସ୍ ବେଳ ଦେଖି ଚାଲିଯାଇ ସାରିଲେଣି । କୃଷ୍ଣ ଅଫିସ୍ ବାହାରୁଛି । ଠିକ୍ ଏତିକିବେଳେ ବାହାରେ କାହାର ଗାଡ଼ି ରହିବାର ଶବ୍ଦ ଶୁଣାଗଲା ।

ଅଫିସ୍ ସମ୍ବନ୍ଧୀୟ କିଛି କାର୍ଯ୍ୟରେ କେହି ଆସିଥାଇ ପାରନ୍ତି ଭାବି କୃଷ୍ଣ ପୂର୍ବ-ପରି ଖବରକାଗଜ ପଢ଼ିବାରେ ମନ ଦେଲା ।

ଭଦ୍ରଲୋକ ପରଦା ଆଡ଼େଇ ଭିତରକୁ ପଶି ଆସିଲେ । କୃଷ୍ଣ ନମସ୍କାର କରି କହିଲା, "ବହୁତ ଦିନ ପରେ ଦେଖା । କାଲି ମଉସା, ମାଉସୀ ଆସିଲେ ଅଥଚ ତୁମେ କୁଆଡ଼େ ଗଲ ?"

"ଆସିବାର ଇଚ୍ଛା ଥିଲା । ମାତ୍ର କାମରେ ଟିକିଏ ବେଶୀ ଦୂର ଚାଲିଯାଇ-ଥିଲି । ଅନେକ ରାତିରେ ଫେରି ଆଉ କ'ଣ ଆସିଥାଆନ୍ତି କୁହ ? ଝିଅ କ'ଣ ଶୋଇଛି ?"

ସୁରେଶ ସବୁକଥା ଏକାଠି କହିପକାଇଲେ । କୃଷ୍ଣ ରେବନାନୀକୁ ଡାକି ସୁରେଶ ଆସିଥିବା ଖବର ଦେଲା । ଆହୁତିକୁ କହିଲା ଲୀନୁକୁ ଆଣିବାକୁ ।

ସୁରେଶ ଏ ଘରର ଅତି ପ୍ରିୟ । ପିଲାଦିନରୁ କୃଷ୍ଣ ତାଙ୍କୁ ବଡ଼ଭାଇଠାରୁ ଅଧିକ ଭକ୍ତି କରେ ।

Digitized by srujanika@gmail.com

ସୁରେଶ ଦକ୍ଷ ଓକିଲ । କେଶ୍ ତ ଖୁବ୍ କରିଛି । ତେବେ ତାଙ୍କର ମହକିଲ ଅନ୍ୟପ୍ରକାରର । ସେ ଅଭାବୀ ଲୋକପାଇଁ ଲଢିବାରେ ମନ ଦିଅନ୍ତି । ଶକ୍ତି ଅନୁସାରେ କେହି କେହି ଅଳ୍ପ କିଛି ଟଙ୍କା ଦିଅନ୍ତି । କେହି ମଧ୍ୟ ନିଜର ଅକ୍ଷମତା ପ୍ରକାଶ କରି ଦୁଃଖ କରନ୍ତି । ସୁରେଶ କିଛି ଦାବି କରନ୍ତି ନାହିଁ । ବରଂ ତାଙ୍କ ପାଇଁ ସବୁ କେଶ୍ ସମାନ । ସବୁଥିରେ ସେ ଅଧିକ ମନୋନିବେଶ କରନ୍ତି । ବାପା, ମା' କିଛି କହନ୍ତି ନାହିଁ କାଳେ ପୁଅ ମନ କଷ୍ଟ କରିବ । ଯାହା ତା' ଇଚ୍ଛା କରୁ ।

ଗୌରବାବୁ ସ୍ତ୍ରୀଙ୍କୁ ତାଙ୍କର କେତେ ଖାନଦାନୀ ବନ୍ଧୁମାନଙ୍କର ଯୋଗ୍ୟ ପୁତ୍ର-ମାନଙ୍କ ସମ୍ପର୍କରେ କହନ୍ତି, "ସେମାନେ ନାନାପ୍ରକାର କୁଅଭ୍ୟାସ କରି ବାପା, ଜେଜେ-ବାପାଙ୍କର ସମ୍ପତ୍ତି ଉଡ଼େଇବାରେ ଲାଗିଛନ୍ତି । ସୁର ତ ତା' କରୁନାହିଁ । ସେ ଯାହା କରୁଛି ଅନ୍ୟର ମଙ୍ଗଳ ପାଇଁ । ତା'ର ଓକିଲତି ପାଇଁ ସିରସ୍ତା ଅଛି, ଲାଇବ୍ରେରୀ ଅଛି । ମୋର ଷ୍ଟାଫ୍, ଜୁନିୟର ଓକିଲମାନେ ଅଛନ୍ତି । ନିଜେ ଓକିଲ ହୋଇଛି । ସବୁ ଠିକ୍ ସମ୍ଭାଳିବ, ଏ ବିଶ୍ୱାସ ମୋର ଅଛି । ଟଙ୍କା ତ ମୁଁ ଅନେକ ରୋଜଗାର କରିଛି । ତା'ର ସୁଖଶାନ୍ତି ପାଇଁ ସେ ଯାହା କରୁଛି, ଆମେ ସେଥିରେ ବାଧା ଦେବା କଥା ନୁହେଁ ।"

କନକ ଦେବୀଙ୍କ ମା' ମନ ମାନେନାହିଁ । ଟଙ୍କା ପାଇଁ ସେ ବ୍ୟଥିତ ନୁହଁନ୍ତି । ସେ ଚାହାନ୍ତି ପୁଅ ତାଙ୍କର ବିବାହ କରୁ, ଘରକୁ ବୋହୂ ଆସୁ ।

ପୁଅ ବୋହୂ, ନାତି ନାତୁଣୀଙ୍କୁ ଏକାଠି ଦେଖିଲେ ସେ ଆନନ୍ଦିତ ହୁଅନ୍ତି ।

କିନ୍ତୁ ବିବାହ କଥା ଉଠିଲେ ସୁରେଶ ଉତ୍ତର ନ ଦେଇ ଟିକିଏ ହସିଦିଅନ୍ତି କିମ୍ବା ଖୁବ୍ ବେଶୀ ହେଲେ କହନ୍ତି, "ମୋତେ ସେ ଝଞ୍ଜାଳରେ ପକାନା ବୋଉ, ଏମିତି ଠିକ୍ ଅଛି ।"

କନକ କିଛି କହନ୍ତି ନାହିଁ । ତାଙ୍କ ଅଲିଅଳ ପୁତ୍ର ସୁରେଶର ସ୍ନିଗ୍ଧ ସୌମ୍ୟ ରୂପଟି ଦେଖିଲେ ତାଙ୍କ ଅନ୍ତର ଥରିଯାଏ । କୋହ ଉଠି ବାକ୍‌ଶକ୍ତି ରୁଦ୍ଧ ହୁଏ । କିଛି-କ୍ଷଣ ଠାକୁରଙ୍କ ଘରେ ନୀରବରେ ବସି ସେ ମନ ସ୍ଥିର କରନ୍ତି ।

କେତେ ବର୍ଷ ତଳେ ସୁରେଶ ରେବତୀକୁ ବିବାହ କରିବାକୁ ପ୍ରସ୍ତାବ ଦେଇ-ଥିଲେ ବିଭୂରଞ୍ଜନଙ୍କ ପାଖରେ । ନିଜେ ରେବତୀ ଏସବୁ କାଟିଦେଇ । ସୁରେଶଙ୍କୁ ସେ ଭକ୍ତି କରେ । ସେ ତା'ର ଦେବୋପମ ବଡ଼ଭାଇ, ଉପଦେଷ୍ଟା ।

Digitized by srujanika@gmail.com

ସେତେବେଳେ ଅଳ୍ପ ବୟସର ହୋଇଥିଲେ ମଧ୍ୟ କୃଷ୍ଣ ଏସବୁ ଶୁଣିଥିଲା ।

ସୁରେଶଙ୍କର ବନ୍ଧୁମାନେ କଥାବାର୍ତ୍ତା କରନ୍ତି ସେ କୁଆଡ଼େ କେଉଁ ଗାଁରେ ଗୋଟିଏ ଷୋଡ଼ଶୀ, ସୁନ୍ଦରୀ ଝିଅଟିକୁ ଭଲ ପାଇ ବିବାହ କରିବାକୁ ଇଚ୍ଛା କରିଥିଲେ । ଅଥଚ ଝିଅଟି ଏ ପ୍ରସ୍ତାବ ପ୍ରତ୍ୟାଖ୍ୟାନ କରିବାରୁ ସୁରେଶ ଅନ୍ୟତ୍ର ବିବାହ କରିବାକୁ ରାଜି ହେଲେନାହିଁ ।

କୃଷ୍ଣ ଜାଣିଛି, ଏ ଝିଅ ରେବନାନୀ । ଏ ସମ୍ପର୍କରେ ସେ କେବେ ଚିନ୍ତା କରିନାହିଁ କିମ୍ବା କାହାକୁ କିଛି କହିନାହିଁ । ସଂସାରରେ ଏମିତି କେତେ କଥା ଘଟି ଯାଉଛି । କେତେ ଉପନ୍ୟାସ, ଚଳଚ୍ଚିତ୍ର, ନାଟକ ଏଇଭଳି କାହାଣୀକୁ ନେଇ ରୂପାୟିତ ହେଉଛି । ବାସ୍ତବ ଜୀବନରୁ ହିଁ ଲେଖକ ବାଛିନେଉଛି ତା'ର କଥାବସ୍ତୁ ।

ରେବତୀ ଲିନୁକୁ କୋଳରେ ଧରିଛି । ସୁରେଶ ମୁଗ୍ଧ ଦୃଷ୍ଟିରେ ଚାହିଁଛନ୍ତି । ପକେଟରୁ ଶହେଟଙ୍କାର ନୋଟ୍ ଖଣ୍ଡିଏ କାଢ଼ି ଲିନୁ ପାଇଁ ରେବତୀକୁ ଦେଲେ ସେ ।

ଅଫିସ ଯିବାକୁ ଉଠି କୃଷ୍ଣ କହିଲା, "ସୁରଭାଇନା, ତୁମେ ଏଠି ଖାଇବ ଆଜି ।"

"ଘଣ୍ଟାକ ଭିତରେ ଯାଇ କୋର୍ଟରେ ପହଞ୍ଚିବାକୁ ହବ । ଥାଉ ଆଉ କେବେ ଆସିଲେ ।"

"ତୁମ ଇଚ୍ଛା । ତୁ ବୁଝ, ରେବନାନୀ । ମୁଁ ଚାଲିଲି ।"

ପରଦା ପାଖରେ ଟ୍ରେରେ ଜଳଖିଆ ପ୍ଲେଟ୍ ରଖି ଠିଆ ହୋଇଥିଲା ସୁମନ । ସବୁ ବ୍ୟବସ୍ଥା କରି ରେବତୀ ବୈଠକ ଘରକୁ ଆସିଥିଲା । ପାଖ ଟି' ପୟରେ ପ୍ଲେଟ୍, ପାଣିଗ୍ଲାସ ଥୋଇ ସୁମନ ହାତ ଯୋଡ଼ିଲା ସୁରେଶଙ୍କ ପ୍ରତି ।

ସୁରେଶ ହସ ହସ ମୁହଁରେ ପ୍ରତିନମସ୍କାର ଜଣାଇଲେ । ରେବତୀ କହିଲା, "ଝିଅକୁ ଧରି ଟିକେ ବସ । ମୁଁ ଦେଖେ ଆହୁତି କଲେଜ ବାହାରିଥିଲା ।

ଆହୁତି ଆଇ.ଏସ୍.ସି. ପରୀକ୍ଷା ଦେବ ଶୁଣି ସୁରେଶ ବିସ୍ମିତ ହେଲେ । କେତେ ଛୋଟ ଝିଅ ଥିଲା, ସେ ତାକୁ ଦେଖିଥିଲେ ।

ସୁରେଶ ଖାଇବାରେ ମନ ଦେଇଥିଲେ ବି ସୁମନ ସଙ୍ଗେ ଗପ କରୁଥିଲେ ।

"ଆପଣଙ୍କର ଲେଖା ସବୁ ପତ୍ରପତ୍ରିକାରେ ପଢ଼ୁଛି । ଭଲ ହେଉଛି । ସାଧନା ଚାଲିଥାଉ ।"

Digitized by srujanika@gmail.com

ହଠାତ୍ ତା’ ଲେଖା ସମ୍ପର୍କରେ ଏତେ ବେଶୀ ପ୍ରଶଂସା ଶୁଣି ସୁମନ ଲଜ୍ଜାରେ ମୁହଁ ଉଠେଇ ପାରିଲନାହିଁ । ଝିଅକୁ ଭଲ ଭବରେ କୋଳରେ ଧରି ସେ କହିଲ, "ଏବେ ଯାକୁ ନେଇ ଲେଖାଲେଖି କ’ଣ କରିବି ? ଯା ଜନ୍ମ ପୂର୍ବରୁ ଆମ ଘରେ ଥିବାବେଳେ କିଛି ଗପ ଲେଖିଥିଲି ।"

"ଆରେ ନା, ସବୁ ଭିତରେ ଆପଣ ଲେଖିବେ । ସେମିତି ଭବିଲେ କଷ୍ଟ କରିବାକୁ ହେବ । ସମୟ ନିର୍ଦ୍ଦିଷ୍ଟ ନରଖୁ ପଛକେ ।"

ସୁରେଶଙ୍କ କଥାରେ ଆନ୍ତରିକତାର ସ୍ପର୍ଶ । ସୁମନ ଉତ୍ସାହିତ ହେଲ ।

ରେବତୀ କାର୍ଯ୍ୟବ୍ୟସ୍ତ ଥିବା ପରି ମନେ ହେଉଥିଲ । ସେଠାରେ ପହଞ୍ଚି କହିଲ, "ସୁମୁ, ଲିନୁର ଗ୍ଲାସ ଚମଚ ଗିନା ଗରମ ପାଣିରେ ଫୁଟେଇ ରଖିଛି । ବିଛଣା ଖଟକୁ ନେଇ ଘର ପରିଷ୍କାର କରି ଦେଇଛି ବୁଢ଼ୀ । ଅଳ୍ପ ସମୟ ପରେ ଗ୍ଲାଲ ମୁଁ ଯାଉଛି ଝିଅକୁ ତେଲ ମାଲିସ୍ କରିଦେବି ।"

ସୁମନ ଝିଅକୁ ନେଇ ଘର ଭିତରକୁ ଉଠିଗଲଣି । ସୁରେଶ ହାତ ଘଡ଼ିକୁ ଗ୍ଲହିଁଲେ । ତଥାପି ରେବତୀର କିଛି କହିବାର ଅଛି ଜାଣି ହଠାତ୍ ଉଠି ଗ୍ଲଲିଯାଇ ପାରିଲେ ନାହିଁ ସେ ।

"ତୁମକୁ ସେଦିନ ଅପେକ୍ଷା କରିଥିଲି, ସୁରଭଇନା । ଆହୁତି କହିଲ, ତୁମେ ନିଶ୍ଚୟ ଆସିବ ।"

"ତୋ କଥା ସବୁ ବୁଝି ସାରିଛି, ଏସବୁ ନିଶ୍ଚିତ ଭଲ କାର୍ଯ୍ୟ । କିନ୍ତୁ କରିବା ପୂର୍ବରୁ ଭଲଭବେ ଟିକିଏ ଚିନ୍ତା କରି ଦେଖ୍ । ପାରିବୁ ତ ?"

ରେବତୀ ଶୂନ୍ୟ ଦୃଷ୍ଟିରେ ତାଙ୍କୁ ଗ୍ଲହିଁ ରହିଲ । ଉତ୍ତର ଦେଲ ନାହିଁ ।

ରେବତୀ ? କ’ଣ ଭବୁଛୁ ?"

"ଏ ମୋର ଦୃଢ଼ ନିଷ୍ପତ୍ତି । ଏ ଆକାଶର ପରିବ୍ୟାପ୍ତି ଦେଖୁଛ ? ସେ ମୋତେ ବିଶ୍ୱପ୍ରେମର ଆହ୍ୱାନ ଦେଉଛି । ଏ ଆଶା ମୋ ମନରେ ଏକ ଅପୂର୍ବ ଅନୁଭୂତି ଆଣି ଦେଇଛି । ମୁଁ କ’ଣ ? କିଏ ? କ’ଣ କରିବାକୁ ମୋର ଜନ୍ମ ? ସତେ କ’ଣ ଚିରଦିନ ଏମିତି ସମୟର ଶୂନ୍ୟତା ମୁଁ ସହି ପାରିବି ? ଏମିତି ଶେଷ ହୋଇଯିବ ଏ ଜୀବନ ?"

Digitized by srujanika@gmail.com

ସୁରେଶଙ୍କ ଆଖି ଉଜ୍ଜଳ ହେଲା । ରେବତୀ ମନର ଦୃଢ଼ତା ଦେଖି ସେ ବାକ୍‌ଶୂନ୍ୟ ହୋଇଛନ୍ତି । କେଜାଣି ଭଗବାନଙ୍କର ବିଗ୍ଭର କାହିଁକି ଏମିତି ହେଲା ? ଏଭଳି ଏକ ପ୍ରତିଭାମୟୀ ଝିଅକୁ ଏମିତି ଭାବରେ ସେ ଦୁଃଖ ଦେଲେ କାହିଁକି ?

କଥା ମଝିରେ ଘର ଭିତରକୁ ଉଠିଯାଇଛି ରେବତୀ । କିଛି ସମୟ ପରେ ହାତରେ ଗୋଟିଏ କନାର ଥଳୀ ଧରି ସେ ପୁଣି ଫେରି ଆସିଛି ବୈଠକଘରକୁ ।

ପୂର୍ବଭାବ କଟିଯାଇ ସେ ପୁଣି ସହଜ ହୋଇଛି । ସୁରେଶ ଯିବା ପାଇଁ ଉଠି ଠିଆ ହେଲେ । ରେବତୀ କହିଲା, "ଏଥର ମୁଁ କିଛି ଧାନ ଜମି ଆଉ ଫସଲ ବିକି ଟଙ୍କା ଆଣିଛି । ଏତକ ମାତ୍ର ପଗ୍ଭଶ ହଜାର ଟଙ୍କା ।"

ସୁରେଶ ବିଚଳିତ ହେଲେ ।

"କ'ଣ ଆଉ କରିବି କୁହ ? ପାଖରେ ରଖିବା ବ୍ୟତୀତ ଉପାୟ ନାହିଁ । ବ୍ୟାଙ୍କରେ ଜମା କରିବାକୁ ଯିଏକୁ ବି କହି ପାରିଲି ନାହିଁ । କୃଷ୍ଣ କଥା ତ ଜାଣ, କେବେ ବି ସେ ମୋତେ ଜମିବାଡ଼ି, ଟଙ୍କାପଇସା କଥା ପଗ୍ଭରିବ ନାହିଁ । ପଗ୍ଭରି-ଥିଲେ ଅବଶ୍ୟ ମୁଁ ମିଛ କହି ପାରି ନଥାନ୍ତି ।"

"ଏସବୁ ଏବେ ନେଇ ମୁଁ କ'ଣ କରିବି ?" ସୁରେଶ ବ୍ୟସ୍ତ ହୋଇ କହି ପକାଇଲେ ।

"କିଛି ନ କଲେ ବି ଦୟାକରି ବ୍ୟାଙ୍କ୍‌ଟିରେ ଜମା ରଖିଦିଅ ।" ରେବତୀ ହସୁଛି ।

ସୁରେଶ ପ୍ରକୃତିସ୍ଥ ହେଲେ । ସତ କଥା ତ । ରେବତୀକୁ ସେ ସାହାଯ୍ୟ କରିବା ପାଇଁ କଥା ଦେଇ ଏବେ ନିଜକୁ ଅନ୍ୟ କେହି ଭାବିବା ନିହାତି ଅନ୍ୟାୟ ନିଶ୍ଚୟ ।

"ଆଚ୍ଛା ଦେ, ମୁଁ ଶୀଘ୍ର ଯାଏ । ପରେ ଆସି ପାଶ୍‌ବୁକ୍ ଦେଇଯିବି ।"

ରେବତୀକୁ ପୁଣି ଥରେ ଆସିବାର କଥା ଦେଇ ସୁରେଶ ତରତର ହୋଇ ଗ୍ଭଲିଗଲେ ।

ବାହାର ଫାଟକ ପାଖରେ ଠିଆ ହୋଇ ସେଇ ଫାଙ୍କା ରାସ୍ତାକୁ ଗ୍ଭହିଁ ରହିଥିଲା ରେବତୀ । ପ୍ରଭୁ ଗୋପାଳଙ୍କ ଇଚ୍ଛାରେ ସବୁ ଠିକ୍ ହେବ । ଠାକୁରେ ତା' ଡ଼ାକ ଶୁଣିବେ ।

Digitized by srujanika@gmail.com

ଏବେ ରେବତୀ ଖୁବ୍ ଖୁସି ରହୁଛି । ଲିନୁକୁ ସମ୍ଭାଳିବା, ଘର ଦାୟିତ୍ୱ ନେବା ସବୁ ତା'ର କାମ । ସୁମନ ଲିନୁକୁ ଜନ୍ମ ଦେଇଛି ସତ, କିନ୍ତୁ ରେବତୀ ଛୁଆର ଅଳି ଅଝଟ ସମ୍ଭାଳିଛି ।

ସୁମନକୁ ଲେଖାଲେଖି କରିବାର ନିଶା ଲଗିଛି ଏବେ । ଧୀରେ ଧୀରେ ସେ ଖୁବ୍ ଆଗ୍ରହୀ ହୋଇ ଉଠିଛି । ବିଶେଷକରି କୃଷ୍ଣ ଅଫିସ ଗଲେ, କିଛିଦିନ ଗସ୍ତରେ ଗଲେ ସେ ଲେଖାରେ ବସିଯାଏ ।

ସେଦିନ ଅନେକ ଘଣ୍ଟା ଡ୍ରାଇଭିଂ କରି ଫେରିଥାଏ କୃଷ୍ଣ । କ୍ଲାନ୍ତ ହୋଇ ଆସି ଦେଖେ ତ ସୁମନ ଘରେ ନାହିଁ । ଜୀବନରେ ହୁଏତ ପ୍ରଥମ ଥର ପାଇଁ ଏଭଳି ଗସ୍ତରୁ ଫେରି ଆସି ସୁମନ ଘରେ ନ ଥିବାର ଆବିଷ୍କାର କରି ବିସ୍ମିତ ହୋଇଛି କୃଷ୍ଣ ।

ଆହୁତି କହିଲା, "ଲେଡ଼ିଜ୍ କ୍ଲବରେ ଟି' ପାର୍ଟି, ପରେ ଫିଲ୍ମ ସୋ ଇତ୍ୟାଦି ।"

କୃଷ୍ଣ ଅଫିସ୍ ଘରେ ବସି କାଗଜପତ୍ର ଦେଖାଦେଖି କରିବା, ଖବରକାଗଜ ପଢିବାରେ ମନ ଦେଲା । ରେବତୀ, ଆହୁତି ଖାଇବା ପାଇଁ ଡାକିଲେ ବି ଉଠି ହେଲା ନାହିଁ ।

ଘଣ୍ଟାରେ ଘଡ଼ି ଦଶଟା ବାଜିଛି । ତଥାପି ଫେରିନାହିଁ ସୁମନ । କୃଷ୍ଣ ଘରିରେ ଚିଉରେ ବସି ଖବରକାଗଜ ସବୁ ପଢି ସାରିଛି । ସେ ଭାବିଲା ଏଥର ଖାଇଦେଇ ବରଂ ବିଶ୍ରାମ ନେବା ଭଲ ।

ଘଡ଼ି ପ୍ରାୟ ସାଢ଼େ ଦଶଟାରେ ବାହାରେ ଗାଡ଼ି ରହିବାର ଶବ୍ଦ ଶୁଣାଗଲା । ସୁମନ ଫେରିଛି ବେଶ୍ ଖୁସି ଖୁସି ଭାବ ନେଇ ।

"ଆରେ ତୁମେ ? କହିଥିଲ କାଲି ସନ୍ଧ୍ୟାରେ ଆସିବ ।"

"ଓଃ, ସେଇଥିପାଇଁ ଝିଅକୁ ଛାଡ଼ି ଏତେ ରାତିଯାଏ ବାହାରେ ବୁଲୁଛ ?"

"ମୁଁ କ'ଣ ପାଗଳ ହୋଇଛି ବାହାରେ ବୁଲିବି ?" ହସୁଛି ସୁମନ ।

"ଥାଉ– ଏତେ ରାତିରେ ହସ ନାହିଁ ।"

Digitized by srujanika@gmail.com

"ଗଗିଛ ? ସବୁ କହିବି ତୁମକୁ । ଗ୍ଲଇ ଖାଇବା ।" ନୀରବରେ ଦୁହେଁ ଖାଇବା ଟେବୁଲ ପାଖରେ ବସିଲେ । କେବଳ ହୁଁ ହାଁ ଛଡ଼ା କୃଷ ବିଶେଷ ଆଗ୍ରହୀ ହେଲନାହିଁ କିଛି ଶୁଣିବା ପାଇଁ ।

ଲୀନୁ ଖେଳଚୀକୋଳରେ ନିଶ୍ଚିନ୍ତରେ ଶୋଇଯାଇଛି । ତାକୁ ଥରେ ଗ୍ରହିଁ-ଦେଇ ଆସି ସୁମନ ଶୋଇବା ଘରକୁ ଆସିଲ । ଲୁଗା ବଦଳାଇ ବିଛଣାକୁ ଆସି ଦେଖେ ତ କୃଷ ଗମ୍ଭୀର ଭାବରେ ବିଛଣାରେ ବସିରହିଛି । କ୍ଷୀରଗ୍ଲାସ ସେମିତି ଥୁଆହୋଇଛି ।

ସୁମନ କ୍ଷୀରଗ୍ଲାସ କୃଷ ହାତକୁ ଧରେଇ ଦେଇ କହିଲ, "ବୁଝିଲ, ମୁଁ ସେ କ୍ଲବରେ ବସି ସିନେମା ଦେଖୁ ନଥିଲି । ଟି'ପାର୍ଟି ପରେ ଯାଇଥିଲି ଗୋଟିଏ ସାହିତ୍ୟ ସଭକୁ । କାର୍ଡ ପାଇଥିଲି । ଭବିଥିଲି ଯିବି ନାହିଁ । ମାତ୍ର ଖୁବ୍ ଇଚ୍ଛା ହେଲ ।"

"ରାତି ସାଢ଼େ ଦଶଟା ଯାଏ ସାହିତ୍ୟସଭ ଗ୍ଲଲିଥିଲା ?"

କୃଷ କଣ୍ଠର ବିରକ୍ତି ସୁମନକୁ ସ୍ପର୍ଶ କରିଛି । ସେ କହିଲ, "ଶୋଇଯାଅ, କ୍ଲାନ୍ତ ହୋଇଛ । କାଲି ସକାଳେ କଥାବାର୍ତ୍ତା କରିବା ।" ଏବେ କୃଷକୁ ସେ କିଛି କହିବାକୁ ଇଚ୍ଛା କଲ ନାହିଁ ।

ସାହିତ୍ୟ ସଭରେ ପରିଚୟ ହୋଇଥିବା ବିଶିଷ୍ଟ ଲେଖକ ଲେଖିକାମାନଙ୍କ ସମ୍ପର୍କରେ ଖୁବ୍ ଗପିବାକୁ ଇଚ୍ଛା ଥିଲ ତା'ର । ପତ୍ରପତ୍ରିକାର ସମ୍ପାଦକମାନେ ତାକୁ ଲେଖା ପଠାଇବାକୁ କହିଛନ୍ତି । ତା'ର ତ ଏଇ କେତେବର୍ଷ ହେବ ସେମାନଙ୍କ ସହ ଦେଖା ବି ହୋଇ ନଥିଲ ।

ସଭ ଶେଷ ପରେ ସେମାନଙ୍କ ସହ ଆଲାପ ଏବଂ କେତେଜଣଙ୍କୁ ନେଇ ଘରେ ଛାଡ଼ିବା ପାଇଁ ସେମାନେ ସୁମନକୁ ଅନୁରୋଧ କଲେ ।

"ମନା କରିଦେବା କ'ଣ ଠିକ୍ ହୋଇଥାଆନ୍ତା ?"

ତଥାପି କୃଷକୁ ଏସବୁ କହୁଥିଲ ସୁମନ । ଅଥଚ ଆରପାଖକୁ ମୁହଁ କରି ଖୁବ୍ ଶୀଘ୍ର ନିଦରେ ଶୋଇଗଲ କୃଷ ।

ସେଦିନ ରାତିରେ ସୁମନକୁ ଆଦୌ କିଛି ଭଲ ଲଗିଲା ନାହିଁ । ସେ ଭବିଥିଲ କୃଷ ଖୁସିହୋଇ କହିବ, "ଭଲ କରିଛ । କ୍ଲବ୍‌ରେ ବସି ସିନେମା ଦେଖିବାଠାରୁ ମିଟିଂକୁ ଯିବା ଭଲ"

Digitized by srujanika@gmail.com

ତା'ପରେ ହୁଏତ ଅଧିକ ଲେଖାଲେଖି ପାଇଁ ତାଙ୍କୁ ଉତ୍ସାହିତ କରିବ ସେ । ଅଥଚ ସାହିତ୍ୟ ଆସରକୁ ଯାଇ ସେ ଯେପରି ଗୋଟାଏ ବଡ଼ ଭୁଲ୍ କରିପକାଇଛି ! ସେଥିପାଇଁ ତାକୁ ଶାସ୍ତି ସହିବାକୁ ହେବ !

ନିଜର ଦୀର୍ଘଶ୍ୱାସର ସ୍ୱର ତାକୁ ବିଚଳିତ କଲା । ନା– ସେ ଲେଖିବ ନିଶ୍ଚୟ । ନଚେତ୍ ଆଦୌ ଶାନ୍ତି ନାହିଁ ଏ ଗତାନୁଗତିକ ଜୀବନଧାରାରେ ।

ସକାଳେ ସେମାନେ ବୈଠକଘରେ ଏକାଠି ବସିଥିଲେ । ଖୁବ୍ ସକାଳୁ ଉଠି-ଯାଇଛି କୃଷ୍ଣ ।

ରମୁ ସକାଳ ଚା' ଟ୍ରେ ପାଖଟେବୁଲରେ ରଖି କୃଷ୍ଣର ନିର୍ଦ୍ଦେଶରେ ସମସ୍ତଙ୍କୁ ଡାକିନେଲା ।

ହଠାତ୍ କୃଷ୍ଣ କଥା ଆରମ୍ଭ କଲା, "ନାନୀ, ତୁ ଜାଣିଛୁ ସେ ଗପ ? ଜଣେ ସନ୍ନ୍ୟାସୀ ଗଛତଳୁ ଜନ୍ମିତ ଶିଶୁଟିଏ ପାଇ କିପରି ତା'ପାଇଁ ଗାଈ କୁକୁଡ଼ା ପାଳି ଗୃହୀ ହେଲେ ଶେଷରେ ?"

"ଲିନୁର ମାୟାରେ ବାନ୍ଧିହୋଇ ଯାଇଛି ବୋଲି ତୁ ଭାବୁଛୁ ମୁଁ ମୋ ଧର୍ମ କର୍ମ ପୂଜା ପ୍ରାର୍ଥନା ବନ୍ଦ କରିଦେଇଛି । ନା– ତା' ନୁହେଁ । ଅନେକ କଥା ଭାବିଛି, ଦେଖାଯାଉ ।"

"ନାନୀ, ତୋର ସବୁବେଳେ ଏମିତି କଥା । କ'ଣ ପ୍ଲାନ କରିଛୁ କହୁନୁ ?" ଆହୁତି ଯିଦ୍ କରୁଛି ।

କୃଷ୍ଣ କହିଲା, "ରହ, ବ୍ୟସ୍ତ କାହିଁକି ?" ସୁମନ ସମସ୍ତଙ୍କୁ ଥରେ ଚାହିଁଦେଇ ନିଜ ଚା' କପ୍‌ରେ ମନ ଦେଲା ।

ରେବତୀ କହିଲା, "ସବୁ କହିବି, ଏବେ ନୁହଁ ।"

"ଠିକ୍ ଅଛି ଜାଣିବା ଦରକାର ନାହିଁ । ଆମକୁ କିଛି କହିବା ଠିକ୍ ନୁହଁ ।"

କୃଷ୍ଣ କ'ଣ ମନେପଡ଼ିବା ଭଳି ଚା' କପ୍ ଥୋଇଦେଇ କାହାକୁ ଫୋନ୍ କରି-ବାକୁ ଉଠିଗଲା । ଆହୁତି ଚାଲିଗଲା ପଢ଼ାଘରକୁ ।

ରେବତୀ, ସୁମନ କିଛି ସମୟ ବସି କଥାବାର୍ତ୍ତା କରୁଥିଲେ । ସୁମନ କହିଲା, "ଆଜି ଯିବ ? ହଠାତ୍ !"

Digitized by srujanika@gmail.com

"କ'ଣ କରିବି ତୁ କହ, ଏସବୁ ପାଇଁ କେତେ ଚିନ୍ତା ? ଲିନୁଟିକୁ ଛାଡ଼ି ତୁମ ସମସ୍ତଙ୍କୁ ଛାଡ଼ି ଯିବାକୁ ମୋ ଆତ୍ମା ଚାହୁଁନାହିଁ । ତେଣେ କର୍ତ୍ତବ୍ୟର ଡ଼ାକ ଏଡ଼ାଇ ହେଉନାହିଁ ।"

ଚିଠି ଆସିଛି । ରେବତୀ ଲେଖିଛି,

କୃଷ୍ଣ,

ମୁଁ ଯେଉଁ କାମ ଆରମ୍ଭ କରିଛି, ଏ ଅପନ୍ତରରେ କିଛିଦିନ ନ ରହିଲେ କିଛି ହୋଇ ପାରିବ ନାହିଁ । ତୋ ପାଖରେ ରହି ଏସବୁ ସମ୍ଭାଳି ହେବ ନାହିଁ । କ'ଣ କରି ପାରିବି ଏ ପରିସ୍ଥିତିରେ ? ତୁ ଭାବିଥିବୁ ନାନୀ ତୁମ ସମସ୍ତଙ୍କ ଉପରେ ଅସନ୍ତୁଷ୍ଟ । ତା' ଆଦୌ ନୁହେଁ । ସତକଥା, ମୁଁ ମୋ ଚିନ୍ତାରେ ଅଛି...... ।

କୃଷ୍ଣ ଆଗକୁ ଆଉ ପଢି ପାରିଲା ନାହିଁ । ଏତେ ବଡ଼ ଚିଠି ପଢିବାର ଧୈର୍ଯ୍ୟ ନଥିଲା ତା'ର ।

ପାଗଳାମୀ !

ରେବନାନୀ ଘର ତିଆରି କରୁଛି । କେତେ ଲୋକଙ୍କଠାରୁ ଏ ଖବର ପାଉଛି କୃଷ୍ଣ । ଏବେ ରେବତୀ ପ୍ରତି ସହାନୁଭୂତି ପରିବର୍ତ୍ତେ ବିରକ୍ତି ସୃଷ୍ଟି ହେଉଛି ତା' ମନରେ ।

"ଯାହା ଇଚ୍ଛା କରୁଛି କରୁ । ଆମର ଯିବା ଦରକାର ନାହିଁ । ସେ ଘର ଦେଖିବାକୁ ମୋ ପାଖରେ ସମୟ କାହିଁ ?

ସୁମନର ଆଗ୍ରହ ଭାଙ୍ଗିଗଲା କୃଷ୍ଣର ଉତ୍ତରରେ । ରେବତୀ ସହ ହୋଇଥିବା କଥାବାର୍ତ୍ତା ସମ୍ପର୍କରେ ସେ କିଛି କହିଲାନାହିଁ କୃଷ୍ଣକୁ ।

ଏ ଘରେ ରେବତୀ ପାଇଁ କେହି ଏବେ ମୁଣ୍ଡ ଖେଳାନ୍ତି ନାହିଁ । କେହି ବୁଝନ୍ତି ନାହିଁ ତା'ର ଘର କରିବାର ଆବଶ୍ୟକତା । ଶ୍ୱଶୁରଘର ଗାଁରେ ତା' ନାଁରେ ଥିବା

Digitized by srujanika@gmail.com

ଜମି ସବୁ ପ୍ରାୟ ବିକ୍ରୀ ହୋଇଗଲଣି । ପାଖରେ ଥିବା ସୁନାରୁପା, ଗହଣା କିଛି ମଧ୍ୟ ବିକ୍ରୀ କରିସାରିଛି ସେ ।

ଏ ନିଶା କାହିଁକି କେହି ବୁଝିପାରନ୍ତି ନାହିଁ । କାମ ଦେଖିବାକୁ ସୁରେଶ ଦିନେ ଦିନେ ଆସନ୍ତି, ଥରେ ଥରେ ତାଙ୍କୁ ରହିଯିବାକୁ ହୁଏ ।

ଏ ଛୋଟ ସହରରେ ଏହି କଥାଟି ନାନାଭାବରେ ଆଲୋଚିତ ହୁଏ ସେମାନଙ୍କ ଚିହ୍ନା ପରିଚିତଙ୍କ ପାଖରେ । କିଛିଟା ଛିଟିକି ଆସେ ବିଭୂରଞ୍ଜନଙ୍କ ପାଖକୁ । ମଙ୍ଗଳା ପାଖରେ ଗପିବା ବ୍ୟତୀତ ସେ କାହାକୁ କିଛି କହନ୍ତି ନାହିଁ । କହନ୍ତି, "ମୋର ଝିଅଟିଏ ଥିଲା ଯେ ମରିଗଲା ।" ମଙ୍ଗଳା ଉତ୍ତର ଦିଏନାହିଁ । ସେ ଜାଣିଛି ବିଭୂରଞ୍ଜନ ଯାହା କହିବେ ସେସବୁ ନୀରବରେ ଶୁଣିଯିବା ତା'ର ବଡ଼କାମ ।

ଟୁନା ବିରକ୍ତ ହୁଏ ସମସ୍ତଙ୍କ ଉପରେ । ବିଶେଷକରି ବଡ଼ଭାଇ କୃଷ୍ଣ ଉପରେ ତା'ର ସବୁଠୁ ରାଗ । ସେ ଭାବେ କୃଷ୍ଣ ମୋଟା ଅଙ୍କର ଦରମା, ଉଚ୍ଚପଦବୀରେ ରହି ନିଜ ପରିବାର ସହ ବେଶ୍ ଆରାମରେ ଅଛି । ଗାଁର ଘର, ଜମି ଏବଂ ଅନ୍ୟାନ୍ୟ ପାରି· ବାରିକ ସମସ୍ୟା ପ୍ରତି ତା'ର ଆଦୌ ଚିନ୍ତା ନାହିଁ । ଇଚ୍ଛା କରିଥିଲେ ରେବନାନୀକୁ ଅଲଗା କରି ଘର କରିବାକୁ ସେ ଛାଡ଼ିନଥାନ୍ତା । ସ୍ୱାର୍ଥପର ସମସ୍ତେ । ଆଉ ସୁରେଶ ! ସେ ଘର କରିଦେବ ନା ବିଧବା ଟଙ୍କା ଖାଇବାର ଯୋଜନା କରୁଛି ?

ଟୁନା କଥା ଶୁଣି କୃଷ୍ଣ ହସେ । କହେ, "ରେବନାନୀ ତା' ଟଙ୍କା ଖର୍ଚ୍ଚ କରି ଯଦି ଆନନ୍ଦରେ ରହିପାରିବ, ଆମର ସେଥିରେ ଭାବିବାରେ କ'ଣ ଅଛି ? ତା'ଛଡ଼ା କିଛି ନ ଜାଣି ସୁରେଶଙ୍କୁ ଏମିତି ଭାବିବା ଉଚିତ ନୁହେଁ ।"

ଭାଇନାଙ୍କ ଆଗରେ ବିଶେଷ କିଛି କହିପାରେନାହିଁ ଟୁନା । ଭଉଜ ତ ତହୁଁ ଅଧିକ । ସେ କହନ୍ତି, "ମୋ ମତରେ ରେବନାନୀଙ୍କ ନାଁରେ ଗାଁରେ ଯାହା ଜମି, ବାଡ଼ି ବଗିଚା ଅଛି, ତାଙ୍କର ଯଦି ଦରକାର ହେଉଛି ବିକ୍ରୀକରି ଟଙ୍କା ସବୁ ତାଙ୍କୁ ଶୀଘ୍ର ଦେଇଦିଅ । ଆମର ସେ ସମ୍ପତ୍ତିରେ କ'ଣ ଅଧିକାର ?"

"ଅଧିକାର ନଥିଲେ ବି ଅଧିକାର ସାବ୍ୟସ୍ତ କରିବାକୁ ହେବ ।"

ସୁମନଙ୍କୁ ଏସବୁ ଅର୍ଥସମ୍ପତ୍ତି ନେଇ ଏତେ ବେଶୀ ଆଲୋଚନା ଆଦୌ ଭଲ ଲାଗେନାହିଁ । ଯେତେବେଳେ ଦେଖିବ ଟୁନାର ଏଇକଥା ।

Digitized by srujanika@gmail.com

ମନ ଭିତରେ ବିରକ୍ତିକୁ ଚାପିରଖି ସେ କହେ, "ଯାଉନ, ଦେଖି ଆସିବ କି ଘର କରିଛନ୍ତି ସେ । ତାଙ୍କ ଖବର ବୁଝିବା କଥା । କେମିତି ଅଛନ୍ତି ସେ ଜାଗାରେ କିଏ ଜାଣେ ? ତୁମ ସମସ୍ତଙ୍କୁ ପିଲଦିନରୁ ସମ୍ଭାଳି ମଣିଷ କଲେ ଅଥଚ... !"

"ମଣିଷ ଆଉ କ'ଣ କଲ ? ବୋଉ ମଲ ବେଳକୁ ଆମେ ତ ଏମିତି ଛୁଆ ହୋଇ ନଥିଲୁ । ଜେଜେମା' ଥିଲ, ଘରେ ଚାକର, ପୂଜାରୀ ଚାକରାଣୀ । ସେ ତା' ଶାଶୁଘରୁ ଆସି ରହିଲ । ଆମ ଖବର ନବୁଝି କ'ଣ କରି ଥାଆନ୍ତା ?" ଟୁନା ବେଶ୍ ସହଜ ଭାବରେ କଥା ସବୁ କହି ଯାଉଛି । କିନ୍ତୁ କୃଷ୍ଣଠାରୁ ସୁମନ ସବୁ ଶୁଣିଛି ।

ଏବେ ଘର ବନୁହେଁ ମନଇଚ୍ଛା କଥାବାର୍ତ୍ତା ନକରି ଥରେ ହେଲେ ବୁଲି ଆସନ୍ତେ । ପ୍ରଥମରୁ ବୁଝାବୁଝି କରିଥିଲେ ହୁଏତ କିଛି ବିପର୍ଯ୍ୟୟ ଘଟି ନଥାନ୍ତା ।

ଏ ମଧ୍ୟରେ ତିନି ଚାରିବର୍ଷ ବିତି ଯାଇଛି । କୃଷ୍ଣର ବଦଳି ହୋଇ ସେ କେତେଆଡ଼ୁ ବୁଲି ଏବେ ଦିଲ୍ଲୀରେ । ପାଞ୍ଚବର୍ଷ ରହିବାକୁ ହେବ । ଲିନୁ ସ୍କୁଲ ଯାଉଛି । ପୁଅ ସୁପ୍ରୀତ୍‌ର ଜନ୍ମ ଓଡ଼ିଶାରେ ।

ସୁପ୍ରୀତର ଜନ୍ମବେଳେ ରେବତୀ ଆସିଥିଲ । ମାସଟିଏ ପିଲମାନଙ୍କ ସହ ଆନନ୍ଦରେ କଟାଇ ସେ ଫେରି ଯାଇଛି ତା'ର କାର୍ଯ୍ୟସ୍ଥଳୀକୁ ।

ଘର ତିଆରି କାମ ଶେଷ ହୋଇ ଆସିଲେ ବି ଅନେକ ଦରକାରୀ କାମ ବାକି ପଡ଼ିଛି । ଯେଉଁ ମାସଟା ରେବତୀ ଏଠି ରହିଲ ସବୁ କାମ ଏକପ୍ରକାର ବନ୍ଦ ଥିଲ ।

ଓଡ଼ିଶା ଛାଡ଼ିବା ପୂର୍ବରୁ ସୁମନ ଖୁବ୍ ଚାହୁଁଥିଲ ଥରେ ଅଳ୍ପ ସମୟ ପାଇଁ ଯାଇ ରେବନାନୀଙ୍କର ସେ ଘରଟା ଦେଖି ଆସନ୍ତା । କୃଷ୍ଣ ମଧ୍ୟ ରାଜି ହୋଇଥିଲ । ମାତ୍ର ଏ ସହର ଛାଡ଼ିବା ପୂର୍ବରୁ ଅଫିସ୍‌ର କାର୍ଯ୍ୟବ୍ୟସ୍ତତା ଶେଷ ପର୍ଯ୍ୟନ୍ତ ଲଗି ରହିବାରୁ ତାହା ସମ୍ଭବପର ହେଲନାହିଁ ।

ଏବେ ଅନେକ ଦିନ ପରେ ରେବତୀର ଚିଠି ଆସିଛି । ସେ ଲେଖିଛି,

Digitized by srujanika@gmail.com

ସୁମନ, କୃଷ୍ଣ,

ମୋର ବହୁଦିନର ସ୍ୱପ୍ନ ସାର୍ଥକ ହେବାକୁ ଯାଉଛି । ଆସନ୍ତା ପନ୍ଦର ଅଗଷ୍ଟରେ 'ଅଖିଳ ଅନାଥ ଶିଶୁଭବନ'ଟିର ଶୁଭ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହେବ । ପିଲମାନଙ୍କ ସହ ତୁମେ ଦୁହେଁ ନିଶ୍ଚୟ ଆସିବ । ଶିଶୁଭବନର ଗେଷ୍ଟହାଉସ୍‌ରେ ରହିବାର ଭଲ ସୁବିଧା ଅଛି । ଆହୁତି, ଟୁନା, ବାପା ସମସ୍ତେ ଆସିବେ । ଖବର ଦେଇଛି । ଦେଖାହେଲେ ଅନ୍ୟାନ୍ୟ ବିଷୟ କଥାବାର୍ତ୍ତା କରିବା ।

—ତୁମର ନାନୀ

କୃଷ୍ଣ ସୁମନକୁ ବିସ୍ମୟରେ ଚାହିଁ ରହିଲ । ସୁମନ ଖୁବ୍ ଖୁସି ଥିଲ । ତା' ଆଖି ଦୁଇଟି ଆନନ୍ଦରେ ଉଜ୍ଜ୍ୱଳ ଦେଖା ଯାଉଥିଲ । ସେ କିଛି କହିବା ପୂର୍ବରୁ କୃଷ୍ଣ କହିଲ,

"ମୁଁ ଜାଣିଥିଲି, ରେବନାନୀ ଏଭଳି କିଛି କାମରେ ଅଯଥାରେ ଟଙ୍କା ସାରିବ ନାହିଁ । 'ଅଖିଳ ଅନାଥ ଶିଶୁଭବନ'—ବାଃ ସୁନ୍ଦର ନାମ ଦେଇଛି ।"

କୃଷ୍ଣର ଆଖି ଓଦା ହେଲ । ସେ ଅଧିକ କିଛି କହି ପାରିଲ ନାହିଁ ।

"ବାପା, ଆମେ ଓଡ଼ିଶା ଯିବା । ଆମ ସ୍କୁଲ ଛୁଟି ଅଛି ସେଦିନ ।"

"ହଁ ରେ, ମା' ନିଶ୍ଚୟ ଯିବା ।" ଲିନୁର କଥାରେ ତାକୁ ଟିକିଏ ଗେହ୍ଲା କରି ଉତ୍ତର ଦେଲ କୃଷ୍ଣ । ତା'ପରେ ସୁମନକୁ ଚାହିଁ କହିଲ, "ମୋର ବି ଓଡ଼ିଶା ଯିବାର ଅଛି । ମୁଁ ଦେଖେ ସେତେବେଳେ କେତେଦିନ ରହିହବ । ନଚେତ୍ ଛୁଟି ନେଇ ଯିବି ।"

'ଅଖିଳ ଅନାଥ ଶିଶୁଭବନ'ର ଶୁଭ ଉଦ୍‌ଘାଟନ ଉତ୍ସବ ଦିନକ ପୂର୍ବରୁ ଆସିଛନ୍ତି କୃଷ୍ଣ, ସୁମନ, ପିଲମାନେ । ହଷ୍ଟେଲରୁ ଆସିଛି ଆହୁତି । ଅନିଚ୍ଛାସତ୍ତ୍ୱେ ଆସିଛି ଟୁନା । ନିଜେ ରେବତୀ ସୁରେଶଙ୍କ ଗାଡ଼ିରେ ଯାଇ ଜୋର୍ କରି ଡାକି ଆଣିଛି ସୁରେଶଙ୍କର ବାପା, ମା'ଙ୍କୁ ।

ଏତେ ଲେକ ରହିବାରେ କୌଣସି ଅସୁବିଧା ନାହିଁ । ରେବତୀର ଛୋଟ କ୍ୱାଟର୍ସ ଖଣ୍ଡକରେ ଏ ସମସ୍ତଙ୍କୁ ସ୍ଥାନାଭାବ ହୋଇପାରେ । ମାତ୍ର ଅନାଥଭବନର

Digitized by srujanika@gmail.com

ଅତିଥିକକ୍ଷଗୁଡ଼ିକ ଅତି ସୁନ୍ଦର ଭାବରେ ନିର୍ମିତ କରାଯାଇଛି । ପ୍ରତ୍ୟେକଟି ପରିଷ୍କାର ପରିଚ୍ଛନ୍ନ । ନିରଡ଼ମ୍ବର ବାତାବରଣ ମଧ୍ୟରେ ତଥାପି ଚଳିବାର ସମସ୍ତ ସୁବିଧା କରାଯାଇଛି ।

ରୋଷେଇ କରିବା ପାଇଁ ପୂଜାରୀ, ଅନ୍ୟାନ୍ୟ କାମ କରିବା, ଖବର ଅନ୍ତର ବୁଝିବାକୁ ଦୁଇଟି ଲୋକ ରହିଛନ୍ତି ।

ରାତିରେ ମୁଖ୍ୟମନ୍ତ୍ରୀ ଆସି ରହିବାର ଥିଲା । ସେଥିନିମନ୍ତେ ଅତିଥିଭବନର ଏକ କକ୍ଷ ବିଶେଷ ଭାବରେ ପ୍ରସ୍ତୁତ କରାଯାଇଥିଲା । ସକାଳ ସାଢ଼େଦଶଟାରେ ଉଦ୍‌ଘାଟନ ଉତ୍ସବ । ମାତ୍ର ସେହିଦିନ ତାଙ୍କର ଅନ୍ୟାନ୍ୟ ବହୁ କାର୍ଯ୍ୟକ୍ରମ । ତେଣୁ ସାମାନ୍ୟ ବିଳମ୍ବରେ ସେ ନିଶ୍ଚିତ ଆସି ପହଞ୍ଚିବାର ପ୍ରତିଶ୍ରୁତି ଦେଇଥିଲେ । ପ୍ରଧାନ ଅତିଥି ଭାବରେ ଯୋଗଦେବେ ନିଜେ ରାଜ୍ୟପାଳ ।

ଏସବୁ ସୁରେଶଙ୍କ କାର୍ଯ୍ୟ । ନଚେତ୍ ଏଭଳି ଦିନରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟାନ୍ୟ ବ୍ୟକ୍ତିବିଶେଷଙ୍କୁ ଏ ସ୍ଥାନକୁ ଅଣାଇବା ସହଜକାର୍ଯ୍ୟ ନଥିଲା ।

ସୁରେଶ ବହୁତ ପରିଶ୍ରମ କରୁଛନ୍ତି । ଏହି କେତେଦିନ ମଧ୍ୟରେ ତାଙ୍କର ଉଜ୍ଜ୍ୱଳରଙ୍ଗ ମଳିନ ଦିଶୁଛି । ଖାଇବାର ମଧ୍ୟ ଠିକ୍ ଠିକଣା ନାହିଁ । ବାପା, ମା'ଙ୍କୁ ଆଣି ଛାଡ଼ିଦେବା ପରେ ଏପର୍ଯ୍ୟନ୍ତ ଆଉ ଦେଖା ସାକ୍ଷାତ ହୋଇନାହିଁ ସେମାନଙ୍କ ସହ ।

ଅନେକ ପ୍ରସ୍ତୁତି ମଧ୍ୟରେ ତାଙ୍କ କାର୍ଯ୍ୟ ହେଉଛି ଏହି ଯୋଜନାଟି ସମ୍ପର୍କରେ ସଭାରେ ବିଶଦ୍ ଭାବରେ ବୁଝାଇ କହିବାକୁ ହେବ । ଏ ଦାୟିତ୍ୱ ରେବତୀର ହେଲେ ମଧ୍ୟ ରାତ ରାତିରେ ଅନେକ ସମୟ ପର୍ଯ୍ୟନ୍ତ ଅନିଦ୍ରା ରହି ରେବତୀକୁ ସେ ସବୁ ବୁଝାଇ କହିଥିଲେ । ସମସ୍ତ କାଗଜପତ୍ର ମଧ୍ୟ ପ୍ରସ୍ତୁତ କରାଯାଇ ରଖାଯାଇଛି ।

ସଭାମଣ୍ଡପରେ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଓ ଅନ୍ୟାନ୍ୟ ଅତିଥିମାନଙ୍କୁ ଦେବାପାଇଁ ସୁଦୃଶ୍ୟ ଫାଇଲମାନଙ୍କରେ କାଗଜପତ୍ର ସବୁ ସଜାଡ଼ି ରଖିଛନ୍ତି ସେ ।

ଯାହା କରିବେ ସୁରେଶ, ରେବତୀ ଦୁଇଜଣ । ରେବତୀ ଅତ୍ୟନ୍ତ ବୁଦ୍ଧିମତୀ ସତ, ମାତ୍ର ଶିକ୍ଷା ତ ବିଶେଷ ନାହିଁ । ତେଣୁ ସୁରେଶଙ୍କୁ ଟିକିଏ ଅଧିକ ପରିଶ୍ରମ କରିବାକୁ ହେଉଛି । ତେବେ ଏସବୁ ଅଫିସ୍ ସମ୍ବନ୍ଧୀୟ କାର୍ଯ୍ୟ, କାଗଜପତ୍ରର କାରବାର । ମାତ୍ର ଅସଲ କାର୍ଯ୍ୟ ହେଉଛି ଅନାଥ ଶିଶୁମାନଙ୍କୁ ଲାଳନପାଳନ କରି

Digitized by srujanika@gmail.com

ଉପଯୁକ୍ତ ମନୁଷ୍ୟ କରି ଗଢ଼ି ତୋଳିବାର ଦାୟିତ୍ୱ । ତା' ଯେ ଏକାନ୍ତ ଭାବେ ରେବତୀର ।

ଗତ ସନ୍ଧ୍ୟାରେ କୃଷ୍ଣ, ସୁମନ, ଆହୁତି ଘୁରିଆଡ଼େ ବୁଲାବୁଲି କରି ଦେଖୁଥିଲେ । ଦ୍ୱିତଳ ପ୍ରାସାଦଟିର ନିର୍ମାଣକାର୍ଯ୍ୟ ଏପର୍ଯ୍ୟନ୍ତ ଶେଷ ହୋଇନାହିଁ । ବର୍ତ୍ତମାନ ତଳମହଲରେ ତିରିଶଜଣ ଶିଶୁଙ୍କୁ ରଖାଯାଇଛି । ସେମାନଙ୍କ ମଧ୍ୟରେ ଅଛି ଗୋଟିଏ ସାତଦିନର ଛୁଆ । ପିଲାଟିକୁ ଅତ୍ୟନ୍ତ ନାଟକୀୟ ଭାବରେ ଆଣିଥିଲେ ସୁରେଶ ।

ସେଦିନ ଝଡ଼ବର୍ଷା ରାତି । ଏକାକିନୀ ରେବତୀ । ଅନ୍ୟଦିନ ହୋଇଥିଲେ ଏମିତି ସମୟରେ ସହରଠାରୁ ବହୁଦୂରରେ ଥିବା ଏହି ନୂତନ ଗ୍ରାମ ଆଲୋକନଗରରେ ଏପରି ଏକ ନିକାଞ୍ଚନ ସ୍ଥାନରେ ରେବତୀକୁ ଖୁବ୍ ଖରାପ ଲାଗି ଥାଆନ୍ତା । କିନ୍ତୁ ଏଇ ନିରାଶ୍ରୟ ବାଳକବାଳିକାମାନଙ୍କୁ ଦେଖିଲେ ସେ ସବୁ ଭୁଲି ଯାଉଥିଲା ।

ରାତି ପ୍ରାୟ ଆଠଟା । ସୁରେଶ ପଶି ଆସିଲେ ଭିତରକୁ । କୋଳରେ ଶିଶୁଟିକୁ ସେ ଜାକି ଧରିଛନ୍ତି ।

"ଆରେ ଯାକୁ କୋଉଠୁ ଆଣିଲ ?" ହସହସ ମୁହଁରେ ପିଲାଟିକୁ ତାଙ୍କ କୋଳରୁ ନେଇଗଲା ରେବତୀ ।

ସେମିତି ଓଦାଲୁଗା ପିନ୍ଧି ପାଖ ବେତ ଚଉକିରେ ବସିଯାଇ ସୁରେଶ କହିଲେ, "ରାସ୍ତାର ଧୂଳିମାଟିରେ ଶୋଇ ବିକଳ ସ୍ୱରରେ କାନ୍ଦୁଥିଲା ଛୁଆଟି । ଅଥଚ ଘେରିଥିବା ଲୋକମାନଙ୍କ ମଧ୍ୟରୁ କେହି ତାକୁ ଛୁଇଁବାକୁ ଚାହୁଁ ନଥିଲେ । ହଁ ରେବ, ପିଲାଟିକୁ ପାଣିଟିକେ ପିଆଇଛି କଷ୍ଟରେ । ତୁ ତା' ଖବର ବୁଝ ।"

ସୁମନ, ଆହୁତି ଗଳ୍ପ ଭଳି ଶୁଣୁଥିଲେ ଏସବୁ ଖବର । ଏ ତ ମାତ୍ର ଛଅ ସାତଦିନ ତଳର ଘଟଣା । ଏଇଭଳି ଏଠାକାର ପ୍ରତିଟି ଶିଶୁର ଜୀବନର ଅନ୍ତରାଳରେ କେତେ କାହାଣୀ ରହିଛି ।

"ସୁମନ ଖୁବ୍ ଆଶାନ୍ୱିତା । ଆହୁତି ହସୁଛି । ସେମିତି ହସିହସି କହୁଛି, "ରେବନାନୀ ଦିନେ ପାଗଳ ହୋଇ ପଡ଼ିବ ଏଠୁ । ଦେଖିବ ରୁହ ।"

"ଠିକ୍ ସେଇକଥା ମୁଁ କହିବାକୁ ଯାଉଥିଲି । ଛତର ପିଲାଗୁଡ଼ାଙ୍କୁ ଗୋଟେଇଆଣି ସୁନା ପିଞ୍ଜରାରେ ରଖିଲେ ବି ସେମାନେ ମଣିଷ ହେବେନାହିଁ ।" ଟୁନା ଆହୁତିର କଥାରେ ଯୋଗ ଦେଲା ।

Digitized by srujanika@gmail.com

ସୁମନ କହିଲା, "ଆହୁତି, ତୁମେ ଖୁବ୍ ସାନ । ଏସବୁ ବୁଝିପାରିବ ନାହିଁ ।"

ଆହୁତି ଗମ୍ଭୀର ହେଇ ଏବେ ତା'ର ମତାମତ ଦେବାକୁ ଆରମ୍ଭ କଲା । ଦୁଇ ବର୍ଷ ପରେ ସେ ଡାକ୍ତର ହେବ । ଏ ସମ୍ପର୍କରେ ସେ ଖୁବ୍ ବୁଝିଛି । ରେବନାନୀ ଯେ କ ହାକଥା ବୁଝେ ନାହିଁ ଏ ବିଷୟ ଭାବି ଅଯଥା କେହି ବ୍ୟସ୍ତ ହେବା ଠିକ୍ ନୁହେଁ ।

ସୁମନ ଭାବିଥିଲା କହିବ ଡାକ୍ତରୀ ପାଶ୍ କରି ଏହି ଆଦର୍ଶ ସଂସ୍ଥା ପାଇଁ ଆହୁତି ମଧ୍ୟ କାମ କରୁ । ସମସ୍ତଙ୍କ ସହଯୋଗ ନ ରହିଲେ ବଡ଼ କାମଟିଏ ଭଲରେ ହେବ କିପରି ?

ଆହୁତି, ଟୁନା ଅଖିଳ ଅନାଥଭବନକୁ ଏକ ପ୍ରହସନ କହି ହସରେ ଉଡ଼ାଇ-ବାଟା ସୁମନକୁ କଷ୍ଟ ଦେଉଛି ।

ରେବତୀର ଅଫିସ ଘରେ କାନ୍ଥରେ ମଦର ଟେରେସାଙ୍କର କୋଳରେ ଜାକି ଧରିଥିବା ରୁଗ୍‌ଣ ଶିଶୁ ସହ ଫଟୋଟି ଅତ୍ୟନ୍ତ ଜୀବନ୍ତ ମନେ ହେଉଥିଲା । ତାକୁ ହିଁ ନିରେଖି ଦେଖୁଥିଲା ସୁମନ । ଅନ୍ୟ ପାଖରେ ତିନିମାଙ୍କଡ଼ଙ୍କର ନିଖୁଣ ମୂର୍ତ୍ତି । ଅନ୍ୟ ଏକ ଫଟୋରେ ଗାନ୍ଧିଜୀ ସାନ ପିଲମାନଙ୍କୁ କିଛି ବୁଝାଉଛନ୍ତି ।

ଟୁନା କହିଲା, "ବୁଝିଲ ନୂଆବୋଉ, ଏ 'ଅଖିଳ ଅରଫାନେଜ୍' ଆଇଡ଼ିଆଟା ମନ୍ଦ ନୁହେଁ । ତୁମେ ଯାହା କହୁଛ ଠିକ୍ । ରେବନାନୀ ତ ଅତି ଆଦର୍ଶ ଦେଖାଇବାକୁ ଚେଷ୍ଟା କରୁଛି । ତେବେ ସୁରେଶବାବୁଙ୍କ କଥା କ'ଣ ? କାହିଁକି ଅନାଥଭବନଟିର ବାହାର କାଗଜରେ ଏତେ ବେଶୀ ପ୍ରଚାର ? ଲୋକଟିକୁ ମାନିବାକୁ ହେବ । ବେଶ୍ ପାରିବା:ର । ଚତୁର୍ଦ୍ଦିଗକୁ ଦୃଷ୍ଟି । ଅଗଷ୍ଟ ପନ୍ଦର ଭଳି ଦିନରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କାହାକୁ ସେ ବାଦ୍ ଦେଇ ନାହାନ୍ତି ।"

ସୁମନ ନୀରବରେ ସବୁ ଶୁଣିଲା । କୃଷ୍ଣ ସଙ୍ଗେ ଆଲୋଚନା କରିବାକୁ ସମୟ ନାହିଁ ।

ଅନାଥ ଭବନ ବର୍ଗଶ୍ରର ସିଜ୍‌ନାଲ ଫୁଲ ସବୁ ବେଶ୍ ସୁନ୍ଦର ଦେଖା ଯାଉଛି । ଗୋଲାପଗୁଡ଼ିକ ମଧ୍ୟ ଭଲ ହେଉଇଟିର । ସେଇ ପାଖେ ପଡ଼ିଆରେ ଲିନୁ, ପ୍ରଦୀପ୍‌ଙ୍କୁ ନେଇ ସକାଳୁ ବୁଲୁଛି ରେବତୀ ।

Digitized by srujanika@gmail.com

ତକିଆ ଉପରେ କହୁଣୀ ଭଗ ଦେଇ ଝରକା ଦେଇ ବାହାରକୁ ଗ୍ୱହିଁ ରହିଛି ସୁମନ । ହଠାତ୍ କାନ୍ଧରେ କାହାର ସ୍ପର୍ଶ ପାଇ ଚମକି ପଡ଼ି ଗ୍ୱହିଁ ଦେଖେ ତ ତା'ର ଖୁବ୍ ପାଖରେ ବସିଛି କୃଷ୍ଣ ।

"କେତେ ସମୟ ଶୋଇଛ ? ଶୀଘ୍ର ପ୍ରସ୍ତୁତ ହୁଅ । ଆମେ ଟିକେ ଶୀଘ୍ର ଯଜ୍ଞସ୍ଥାନକୁ ଗ୍ୱଲିଯିବା ।"

ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳ ଆସୁଥିବା ଖବରଟା ଆଖପାଖ କେତେଖଣ୍ଡ ଗାଁରେ ପ୍ରଗ୍ୱରିତ ହୋଇ ଯାଇଥିଲା । ଖବରକାଗଜ, ରେଡ଼ିଓରୁ ଖବର ଜାଣିଥିଲେ ସମସ୍ତେ । ଦିନ ନଅଟା ପୂର୍ବରୁ ସ୍ଥାନଟି ଲୋକାରଣ୍ୟ ହୋଇ ଉଠିଥିଲା । ପାଖ ଉଚ୍ଚ ବିଦ୍ୟାଳୟର ପିଲାମାନେ ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ଦର୍ଶକମାନଙ୍କୁ ବୁଝାଉଥିଲେ । ସାଧାରଣଲୋକଙ୍କୁ ଅନୁଷ୍ଠାନ ସମ୍ପର୍କରେ ବୁଝାଇବାକୁ କେତେଗୁଡ଼ିଏ କାଗଜ ଛପାଇଥିଲେ ସୁରେଶ । ଦିନ ନଅଟା ବାଜିବା ପରେ ବହୁସଂଖ୍ୟକ ଦର୍ଶକ ଆସିବାର ଦେଖି ସ୍ୱେଚ୍ଛାସେବୀମାନେ ସେସବୁ ବାଣ୍ଟିଦେବାକୁ ଆରମ୍ଭ କରିଥିଲେ ।

କିଏ ଜଣେ ରେବତୀ ସମ୍ପର୍କରେ ଜାଣିବାକୁ ବ୍ୟଗ୍ର ହୋଇ ଉଠିବାରୁ ପାଖରେ ବସିଥିବା ବୃଦ୍ଧ ବିଭୂରଞ୍ଜନ କହିଲେ, "ହେଇ ଦେଖ, ରେବତୀ ସେଠି ବସିଛନ୍ତି ମଞ୍ଚରେ । ସେ ମୋ ଝିଅ ।"

ଏବେ ଝିଅ ପାଇଁ ସେ ଖୁବ୍ ଗର୍ବ ଅନୁଭବ କରୁଥିଲେ ।

ଶୁଭ୍ରଶାଢ଼ୀ ପରିହିତା ଗୌର ଉଜ୍ଜଳ ବର୍ଣ୍ଣର ସୁଶ୍ରୀ ରେବତୀ ମାଇକ୍ ପାଖକୁ ଉଠି ଆସିଲେ ଅନୁଷ୍ଠାନର ପରିଗ୍ୱଳିକା ଭବେ ସେ ସମ୍ପର୍କରେ କିଛି କହିବା ପାଇଁ । ଏବେ ସେ ସେଦିନର ଦୁଃଖାଭିଭୂତା ଯୁବତୀ ରେବତୀ ନୁହଁ । ସେ ପ୍ରୌଢ଼ା, ମୁଣ୍ଡର ବାଳ ଅଳ୍ପ କେତୋଟି ଧଳା ହେବାକୁ ଆରମ୍ଭ କଲଣି । ଆଖିରେ ପତଳା ଲେନ୍ସର ଚଶମା ।

ସଭାମଣ୍ଡପରେ ଠିଆହୋଇ ଏପରି ଆନ୍ତରିକତାର ସ୍ପର୍ଶଦେଇ ରେବତୀ ବୁଝାଇ କହୁଥିଲା ଯେ ଅନ୍ୟମାନଙ୍କ କଥା ତ ଛାଡ଼ ନିଜେ ସୁରେଶ ମଧ୍ୟ ସ୍ତବ୍ଧ ହୋଇ ଯାଇଥିଲେ ।

ରେବତୀ କହୁଥିଲା, "ଏ ସଂସାରର ମହାସମୁଦ୍ରରେ ମୋର ସ୍ଥାନ ଜଳକଣିକାଠାରୁ କ୍ଷୁଦ୍ରତର । ଏ ଯେଉଁ ମହାନ ଦାୟିତ୍ୱକୁ ମୁଁ ହାତକୁ ନେଇଛି ତାକୁ ତୁଲାଇବାକୁ କେତେଦୂର ସମର୍ଥ ହେବି ତା' ମୁଁ ଜାଣିନାହିଁ । କିନ୍ତୁ ଆପଣମାନଙ୍କ

Digitized by srujanika@gmail.com

ସମ୍ମୁଖରେ ବିଭିନ୍ନ ବୟସର ଏଇ ଯେଉଁ ଶିଶୁମାନେ ବସିଛନ୍ତି ଏ ସମସ୍ତେ ମୋର ପିଲା । ଏ ପବିତ୍ର ମଞ୍ଚରେ ଠିଆ ହୋଇ ମୁଁ ଆଜି ଶପଥ ନେଉଛି ମୁଁ ଏମାନଙ୍କୁ ମଣିଷ କରିବି.........।"

ସୁରେଶ ଧନ୍ୟବାଦ ଦେବାକୁ ଯାଇ କହିଲେ, "ଆଜିର ସମସ୍ତଙ୍କର ଏ ଶୁଭେଚ୍ଛା କେବଳ ସଭାର କଥା ହୋଇ ନରହୁ । ଏ ଅନୁଷ୍ଠାନ ଅନାଥମାନଙ୍କୁ କେବଳ ଆଶ୍ରୟ ଦେଇ ତା' କାର୍ଯ୍ୟ ଶେଷ କରିବ ନାହିଁ । ସଂସାର କ୍ଷେତ୍ରରେ ସେମାନେ ଯେପରି ପ୍ରତିଷ୍ଠିତ ହେବେ ଏବଂ ନିଜକୁ ଚଳେଇବାକୁ ସକ୍ଷମ ହୋଇ ପାରିବେ ସେଥିନିମନ୍ତେ 'ଅଞ୍ଜଳି ଅନାଥ ଭବନ'ର ସଂଗ୍ରାମ ଅବ୍ୟାହତ ରହିବ । ଏଥିନେଇ ସେ ସମସ୍ତଙ୍କର ସହଯୋଗ କାମନା କରିଥିଲେ ।

ସାନପିଲାଙ୍କର ଜଞ୍ଜାଳ ବୁଝି ସେପାଖରୁ ବିଳମ୍ବରେ ଆସି ରେବତୀ ଦେଖେ ତ ବିଭୂରଞ୍ଜନ ଅସୁସ୍ଥ ହୋଇ ପଡ଼ିଛନ୍ତି ।

"କ'ଣ ହେଲା ବାପା ?"

"ନାହିଁ ମା, ସାମାନ୍ୟ ଦେହ ଖରାପରେ ତୁ ବ୍ୟସ୍ତ ହୋଇ ପଡୁଛୁ । ମୋ ଝିଅ ଘରସଂସାର କରିପାରିଲା ନାହିଁ ଭାବି ସାରାଜୀବନ ମୁଁ ଯେଉଁ ଅସ୍ଥିରତାର ନିଆଁରେ ଜଳୁଥିଲି ଏବେ ତାହା ଶାନ୍ତ ହୋଇଛି । ଝିଅ ମୋର ଚିରନ୍ତନ ସୁଖ ଖୋଜିପାଇଛି... ।

ମା'ଲୋ ଏ ବୁଢ଼ାପୁଅଟାକୁ ତୋ ପାଖରେ ରଖ । ଏତେ ପିଲାଙ୍କୁ ପାଳୁଛୁ ।"

"ବାପା ?" ରେବତୀର ଚକ୍ଷୁ ଅଶ୍ରୁସଜଳ ହେଲା ।"

ଏ ମଧ୍ୟରେ କେତେ ବର୍ଷର ପୃଷ୍ଠା ଓଲଟିଛି । ସମୟର ଏଭଳି ବେଗ ଛୁଟି-ଯାଏ, ତାହା ଏବେ ଅନୁଭବ କରୁଛି ରେବତୀ ।

Digitized by srujanika@gmail.com

ସେଦିନ ଝଡ଼ ରାତିରେ ଯେଉଁ ପିଲାଟିକୁ ସୁରେଶ ବୁଦା ପାଖରୁ ଗୋଟାଇ ଆଣିଥିଲେ ସେ ଏବେ ଚଉଦ ବର୍ଷର କିଶୋର ଆଶୀଷ । ବିଦ୍ୟାଳୟର ସର୍ବଶ୍ରେଷ୍ଠ ଛାତ୍ରରୂପେ ସେ ପୁରସ୍କୃତ ହୋଇଥିବା ରେବତୀ, ସୁରେଶଙ୍କ ପାଇଁ ଥିଲା ଗର୍ବ ଓ ଗୌରବର ବିଷୟ ।

ହରିଶଙ୍କର ଅଧ୍ୟାପକ ଚାକିରୀ ପାଇଛି ସରକାରୀ ମହାବିଦ୍ୟାଳୟରେ । ସୁନ୍ଦରୀ ଅନିନ୍ଦିତା ବି.ଏ ଶେଷବର୍ଷରେ । ସେମାନଙ୍କର ବିବାହ ହେବ, ସେମାନେ ଅନୁଷ୍ଠାନରୁ ବିଦାୟ ନେବେ ।

ଭଲ ପଢୁ ନଥିବା ଅନାଥ ବାଳକ ବାଳିକାମାନେ ବିଭିନ୍ନ ବୈଷୟିକ ଟ୍ରେନିଂ ପାଉଛନ୍ତି । ପ୍ରତିଭାବାନ ଛାତ୍ରଛାତ୍ରୀମାନଙ୍କୁ ମଣିଷ ଭଳି ସଂସାର କ୍ଷେତ୍ରରେ ପ୍ରତିଷ୍ଠିତ କରାଇବା ପାଇଁ ଆବଶ୍ୟକ ଅଜସ୍ର ଅର୍ଥ । ସେ ଚିନ୍ତା ରହିଛି, କିନ୍ତୁ ସେମାନେ ହାରି-ଯାଇ ନାହାନ୍ତି ।

କେବଳ ସ୍ନେହଶ୍ରଦ୍ଧା ନୁହେଁ ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ପୋଷାକ, ଖାଦ୍ୟ ସବୁ ପ୍ରତି ଦୃଷ୍ଟି ଦେବାକୁ ହେବ । ଷ୍ଟାଫ୍‌ମାନଙ୍କ ଦରମା ଅଛି । ସ୍ୱେଚ୍ଛାସେବୀମାନେ ଦରମା ନନେଲେ ମଧ୍ୟ ସେମାନଙ୍କର ଖର୍ଚ୍ଚ ତ ବହନ କରିବାକୁ ପଡୁଛି ।

କିଏ ଜଣେ ଖବର ଦେଲା ରେବତୀକୁ ସୁରେଶବାବୁ ବାହାରେ ବଗିଚାରେ ଅପେକ୍ଷା କରିଛନ୍ତି ।

ରେବତୀ ଆଶ୍ଚର୍ଯ୍ୟ ହେଲା, ଘର ଭିତରକୁ ନ ଆସି ସୁରେଶ ବାହାରେ ଥାଇ ଖବର ପଠାଉଛନ୍ତି କାହିଁକି ?

ପିଲା ଦୁଇଜଣ ଇଂରେଜୀ ବୁଝୁଥିଲେ ସୁରେଶଙ୍କ ପାଖରୁ । ସେମାନେ ନ ଯାଉଣୁ ଅନିନ୍ଦିତା ଦୁଇକପ୍ ଚା' ନେଇଆସି ପହଞ୍ଚିଲା । ସମସ୍ତଙ୍କୁ ବିଦାୟ ଦେଇ ସୁରେଶ କହିଲେ, "ଦେଖ୍ ରେବ, ମୁଁ ଆଉ ବିଶେଷ ଆସି ପାରିବି ନାହିଁ । ସେ ପାଖରେ ବହୁତ କାମ । ଅବଶ୍ୟ ଦୂରରେ ରହିଲେ ମଧ୍ୟ ଅନୁଷ୍ଠାନଟି ପାଇଁ କାମ କରିବାରେ ଅସୁବିଧା ହେବନାହିଁ ।"

ରେବତୀ ମୂକ ହୋଇ ବସିଛି । ପାଟିରେ କଥା ନାହିଁ ।

ସୁରେଶ ପୁଣି ହସି ହସି କହିଲେ, "ଦେଖ୍, ତୋତେ ମୋତେ ନେଇ କିଭଳି କାର୍ଟୁନ୍ କରିଛି ଏ ପତ୍ରିକା । କେଜାଣି କେଉଁ ବେକାର ଲୋକମାନେ ଏ କାମ

Digitized by srujanika@gmail.com

କରୁଛନ୍ତି । ଏ ଅନୁଷ୍ଠାନରେ ଭିତିରି ରହସ୍ୟ ଛାପି କେତେ ଯେ ସେ ବିକ୍ରୀ କରିଥିବ ତା' ପତ୍ରିକା !"

ଇସ୍ କି ବିକୃତ ! ରେବତୀକୁ ଦୁଇ ହାତରେ ଟେକି ଧରିଛନ୍ତି ସୁରେଶ । ତଳେ ହାତ ବଢ଼ାଇ ଠିଆ ହୋଇଛନ୍ତି କେତୋଟି ବାଳକ ବାଳିକା ।

ରେବତୀର ମୁହଁ ପାଖରୁ ତୀର ଚିହ୍ନ ଦିଆ ହୋଇ ଲେଖା ହୋଇଛି, "ମୁଁ ବି ଅନାଥ, ଅସହାୟ । ମୋତେ ଗ୍ରହଣ କର, ସୁରେଶ ।"

ଛିଃ । ଲଜ୍ଜାରେ ତା' ମୁହଁ ପୋଡ଼ିଯିବା ପରି ଲାଗିଲା । ତଥାପି ମନ ଦୃଢ଼ କରି ତିନିଚାରି ପୃଷ୍ଠାର 'ଅସତ୍ୟ ଗଳ୍ପ'ଟି ସେ ପଢ଼ି ବସିଲା ।

ସୁରେଶ ଉଠିଗଲେ ଅଫିସଘରେ କିଛି କାଗଜପତ୍ର ଦେଖିବାକୁ । ଯାଉଯାଉ କହିଲେ, "କାହିଁକି ସମୟ ନଷ୍ଟ କରୁଛ । ଆ, ଅନେକ ଖବର ଅଛି । ବମ୍ବେର ଜଣେ ଶେଠ୍ ଦୁଇଜଣ ପ୍ରତିଭାସମ୍ପନ୍ନ ଛାତ୍ରଛାତ୍ରୀଙ୍କର ଶିକ୍ଷାଦୀକ୍ଷା ଆଦିର ସମ୍ପୂର୍ଣ୍ଣ ଖର୍ଚ୍ଚ ବହନ କରିବାକୁ ରାଜି ହୋଇଛନ୍ତି । ଆଉ ଦୁଇଜଣ ନିଃସନ୍ତାନ ଦମ୍ପତି ଦୁଇଟି ଛୋଟ ଶିଶୁକୁ ନିଜର ପୁତ୍ରକନ୍ୟା ରୂପେ ଗ୍ରହଣ କରିବାକୁ ଲେଖିଛନ୍ତି । ଆଜି ବି ଆସି ପହଞ୍ଚିଛି ତୋ ପିଲାଙ୍କ ପାଇଁ ମୋଟା ଅର୍ଥର କିଛି ଚେକ୍ । କ'ଣ ଭାବୁଛ ?" ସୁରେଶ ତା'ର ଉତ୍ତରକୁ ଅପେକ୍ଷା ନକରି ଚାଲି ଯାଇଥିଲେ ।

ରେବତୀ ମନରେ ପଛଦିନର କେତେ ସ୍ମୃତି !

କିଶୋରୀ ରେବତୀକୁ ଫୁଲ ତୋଳି ଦେବାକୁ ଯାଇ ଏଇ ସୁରଭାଇନା ହାତ ଧରି ପକାଇଥିଲେ କେତେଥର । ହାତ ଛଡ଼ାଇ ଲଜ୍ଜାରେ ପଳାଇ ଯାଇଥିଲା ସେ । ଦୃଢ଼ ଭାବରେ ବାପାଙ୍କ ପାଖରେ ପ୍ରତ୍ୟାଖ୍ୟାନ କରିଥିଲା ତାଙ୍କ ବିବାହ ପ୍ରସ୍ତାବ । ସେଦିନ ରାତିରେ ତାକୁ ଅସହାୟ ଭାବରେ ଜଳିବାକୁ ଛାଡ଼ିଦେଇ ଚାଲି ଯାଇଥିଲା ସୂର୍ଯ୍ୟ ।

ଏ ମଣିଷ ଅଦ୍ଭୁତ । ଆଶ୍ଚର୍ଯ୍ୟ ତା ଜୀବନଲିପି । ମଣିଷର ଏ ଜୀବନ ପୃଷ୍ଠାରେ ଲେଖି ହୋଇଯାଏ ଏମିତି କେତେ ରୂପକଥାର କାହାଣୀ । ସମୟ ଯଦି ଧୀରେ ଧୀରେ ଏସବୁ ଭୁଲାଇ ନ ଦିଅନ୍ତା ତେବେ ଏ ସଂସାରରେ ସୃଷ୍ଟି ହୁଅନ୍ତେ ଅନେକ ପାଗଳ !

ରେବତୀ ଲୁଗା ସଜାଡ଼ି ଅଫିସ ଘରଆଡ଼େ ଯିବାକୁ ବାହାରିଲା ।

Digitized by srujanika@gmail.com

"ମା' ରେବ, ଏଠିକି ଆ । କିଛି ଭଲ ଲାଗୁନାହିଁ । ସବୁ ସୁଖ ଦେଖିଲି । ହେଲେ ମା' ଟୁନାଟା ମଣିଷ ହେଲନାହିଁ । ଜମିଦାରୀ ତ ଯାଇଛି । କିବା ସମ୍ପତ୍ତି ? ଜମି କେଇମାଣ ବିକି ତୋ ଅନାଥମାନଙ୍କୁ ଟଙ୍କା କିଛି ଦେଲି ବୋଲି ମୋତେ ରଖେଇ ଦେଲନି ।"

"ଥାଉ ବାପା, ଟୁନା ଆମର ଭଲରେ ଅଛି । ସେ କଥା ସବୁ କାହିଁକି ପକାଉଛନ୍ତି ? ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ । ସେ ତା' ସ୍ତ୍ରୀ, ପୁଅ, ଝିଅଙ୍କୁ ନେଇ ସୁଖରେ ଥାଉ । ଆହୁରି ଚିଠି ଦେଇଥିଲ । ତା'ର ଚଗଲା ପୁଅକୁ ମୋ ପାଖରେ ଛାଡ଼ି ବିଦେଶ ଯିବେ ସେ ଓ ସୁଜିତ । କନ୍‌ଫରେନ୍‌ସ ପରେ ମାସଟିଏ ରହି ଫେରି ଆସିବେ ସେମାନେ ।"

ରେବତୀ ବିଭୁରଞ୍ଜନଙ୍କୁ ସମସ୍ତଙ୍କ ଖବର କହୁଥିଲା । ବିଭୁରଞ୍ଜନ ଅସୁସ୍ଥ । ବାର୍ଦ୍ଧକ୍ୟର ଅସୁସ୍ଥତା । ଅଥଚ ଏହି ସ୍ଥାନଟିକୁ ସେ ଶେଷ ଜୀବନର ଆଶ୍ରୟସ୍ଥଳୀ ରୂପେ ବାଛି ନେଇଥିଲେ !

କୃଷ୍ଣର ଅବସର ଗ୍ରହଣ କରିବାକୁ ଆଉ ମାତ୍ର ଅଳ୍ପ କେତେବର୍ଷ ବାକି ଅଛି । ଯା' ମଧ୍ୟରେ ସେମାନେ ଚାଲି ଆସିଛନ୍ତି ଏ ନୂଆ ଘରକୁ । ଘରଟା ସେମାନଙ୍କର ରୁଚି ଅନୁସାରେ ତିଆରି କରେଇଛନ୍ତି କୃଷ୍ଣ, ସୁମନ ।

ଶୋଇବା ଘରକୁ ଲାଗି ସୁମନର ଷ୍ଟଡ଼ିରୁମ୍ । ଛୋଟ ଟେବୁଲ ଖଣ୍ଡେ, ପାଖରେ ବୁକ୍ ସେଲ୍‌ଫ୍‌ଟିଏ ।

ଖୋଲା ଝରକା ଦେଇ ଆକାଶର ସୌନ୍ଦର୍ଯ୍ୟକୁ ମାପିହୁଏ । ଆଖିରେ ପଡ଼େ ଖଣ୍ଡଗିରି, ଉଦୟଗିରିର ଶୁଭ୍ର ମନ୍ଦିର ?"

ଘରର ଏ ପାଖଟି ବେଶ୍ ନିରୋଳା । କୃଷ୍ଣର ନିର୍ଦ୍ଦେଶ, "ସୁମନ ଏ ଘରେ ଥିବାବେଳେ କେହି ତାକୁ ଖୋଜିଯିବ ନାହିଁ ।" ସୁମନ କହେ, "କାହିଁକି ? ଏଇ ଘରେ ବସିଲେ ତୁମର ଧାରଣା ମୁଁ ପୃଥିବୀର ଶ୍ରେଷ୍ଠ ସାହିତ୍ୟ ରଚନା କରୁଛି ।"

ମନେପଡ଼େ ଦୀର୍ଘ ପଚିଶ, ଛବିଶ ବର୍ଷ ତଳର କଥା । ସେଦିନ ଓ ଆଜି ଭିତରେ ବିଶେଷ କ'ଣ ତଫାତ୍ ? ହୋଇପାରେ ହୁଏତ ଆଦ୍ୟ ଯୌବନରେ ସେମାନେ ଦୈହିକ ପ୍ରେମ ପ୍ରତି ଅଧିକ ଆସକ୍ତ ହୋଇ ପଡ଼ିଥିଲେ । ମାତ୍ର ବର୍ତ୍ତମାନର ଏହି ଦେହାତୀତ ପ୍ରେମ ସେମାନଙ୍କୁ ଅଧିକ ଅନ୍ତରଙ୍ଗ କରିଛି ।

Digitized by srujanika@gmail.com

ଏବେ ପ୍ରାୟ ବିଳମ୍ବ ରାତ୍ରିରେ ଶୋଇବାକୁ ଆସୁଛି ସୁମନ । କୃଷ୍ଣର ନିଦ ଭାଙ୍ଗିଯାଏ । ସେ ପଚାରେ,

ଲେଖା ଶେଷ ହେଲା ?"

"କି ଲେଖା ?"

"ଏତେ ରାତିଯାଏ ଷ୍ଟଡ଼ିରୁମ୍‌ରେ କ'ଣ ଲେଖୁଥିଲ ? ପ୍ରେମ ପତ୍ର ?"

"ଲିନୁର ପୁଅକୁ ଚିଠି ଖଣ୍ଡିଏ ଲେଖୁଥିଲି । ଦିନରେ ତ ସମୟ ହେଲା ନାହିଁ ।"

ପରଦିନ ଡାକରେ ଆସିଛି ଟୁନାର ଚିଠି, ତା' ସହ ଦୁଇଟି ଅନାମଧେୟ ସାପ୍ତାହିକୀ । ନିଜେ ସେ ଦେଖାଇଛି ।

"ଅଖିଳ ଅନାଥଭବନର କୁତ୍ସାରଟନା କରାଯାଇଥିବା ଏହି ସମ୍ବାଦପତ୍ର ସବୁ କେଉଁଠୁ ସଂଗ୍ରହ କରେ ସେ ?"

କୃଷ୍ଣ ବିରକ୍ତି ପ୍ରକାଶ କରି ବନ୍ଧୁମାନଙ୍କ ସହ ତାସ୍ ଖେଳିବାକୁ ବୈଠକଘରକୁ ବାହାରିଗଲା । ସେମାନେ କେତେଜଣ ହଠାତ୍ ଆସି ତାକୁ ଅପେକ୍ଷା କରିଥିଲେ ।

ଏ ସନ୍ଧ୍ୟା ସୁମନ ମନରେ ପର ଲଗେଇ ଦେଇଥିଲା । ପାଖ ସେଲ୍‌ଫରୁ ଡ଼ାଏରୀଟି ନେଇଆସି ନିଶାଗ୍ରସ୍ତ ଭଳି ସେ ଲେଖି ଚାଲିଲା......

ଏ ସହରର କେତେଜଣ ବିଶିଷ୍ଟ ନାଗରିକ ହଠାତ୍ ସମ୍ବାଦପତ୍ରରେ ବାରମ୍ବାର ଅଭିଯୋଗ ଆରମ୍ଭ କରି ଦେଇଥିଲେ । ଅଖିଳ ଅର୍‌ଫାନେଜ୍‌ର ସମସ୍ତ କାର୍ଯ୍ୟକଳାପ ସମାଜସେବା ନାମରେ ଏକ ବିରାଟ ପ୍ରତାରଣା ।

ରେବତୀ କିନ୍ତୁ ସେମିତି ଅବିଚଳିତ । କାହାରି ପାଖରେ ସେ ମୁଣ୍ଡ ନୋଇଁବ ନାହିଁ । ଖବରକାଗଜରେ ତା'ର ବିବୃତି ପ୍ରକାଶ ପାଇଲା । ପତ୍ରପତ୍ରିକାମାନଙ୍କର ପ୍ରତିନିଧିମାନେ ତାକୁ ସାକ୍ଷାତ କରି ବିଭିନ୍ନ ପ୍ରଶ୍ନ ପଚାରି ଅଥୟ କଲେ ।

ରେବତୀ ଓଡ଼ିଶାର ବିଶିଷ୍ଟ ସାମ୍ବାଦିକମାନଙ୍କୁ ଡକାଇ ତା'ର ସମସ୍ୟା ବୁଝାଇଦେଲା । ଅର୍‌ଫାନେଜ୍‌ର ସ୍ୱଚ୍ଛତା ସମ୍ପର୍କରେ ସେ କହିଲା, "ବାହାରର ବହୁ ଦାତବ୍ୟ ଅନୁଷ୍ଠାନ ତଥା ଅନ୍ୟ କେତେକ ଧନୀ ବ୍ୟକ୍ତିଙ୍କର ସାହାଯ୍ୟ ଅର୍ଥ ମିଳୁଥିଲା ଯେଉଁ, ଏବେ ତାହା ଯଦି ନମିଳେ ଏ ଅନୁଷ୍ଠାନ ଯେ ବନ୍ଦ ହୋଇଯିବ ସେ ଆଶଙ୍କା ଆଦୌ ନାହିଁ । ଗଚ୍ଛିତ ଥିବା ବ୍ୟାଙ୍କ ବାଲାନ୍‌ସର ସୁଧରେ ଏବେ ବି ଅନାଥମାନେ ଚଳିଯାଇ ପାରିବେ । ତେବେ ଏତିକି ଅସୁବିଧା ହେବ ଅଧିକ ଅନାଥ ଶିଶୁଙ୍କୁ ଏବେ ଗ୍ରହଣ କରଯାଇ ପାରିବ ନାହିଁ ।"

ରେବତୀ ଓ ସୁରେଶଙ୍କ ସହ ଆଲୋଚନା ପରେ ଖୁବ୍ ସନ୍ତୋଷରେ ଫେରି ଯାଇଥିଲେ ଖବରକାଗଜର ପ୍ରତିନିଧିମାନେ । ଯାପରେ ଓଡ଼ିଶାର ସମସ୍ତ ସମ୍ବାଦପତ୍ର

Digitized by srujanika@gmail.com

ତଥା ବାହାର ସମ୍ବାଦପତ୍ରରେ ରେବତୀର ଫଟୋ ସହ ଅଖିଳ ଅର୍ଫାନେଜ୍ ସମ୍ପର୍କରେ ପ୍ରକୃତ ସମ୍ବାଦ ପ୍ରକାଶ ପାଇଥିଲା ।

କୌଣସି ଏକ ଦୈନିକ ସମ୍ବାଦପତ୍ର ରେବତୀକୁ ଦ୍ୱିତୀୟ ମଦର ଟେରେସା ଆଖ୍ୟା ଦେଇଥିଲା । ପୂର୍ବପରି ଛୁଟିଥିଲା ସାହାଯ୍ୟର ସ୍ରୋତ । ରେବତୀ ଥକି ଯାଇ ନଥିଲା । ଅଧିକ ଉତ୍ସାହରେ ସେ କର୍ମତତ୍ପର ହୋଇ ଉଠିଲା ।

ରେବତୀ ଦେବୀ ଆସୁଛନ୍ତି ଏ ସହରକୁ ଏକ ଉତ୍ସବରେ ବିଶେଷ ଅତିଥି ଭାବରେ । ଏ ସମ୍ବାଦ ସେଦିନର କାଗଜରେ ପ୍ରକାଶ ପାଇବାର ଦେଖି କୃଷ୍ଣ ପଚାରିଲା, "ଏ କ'ଣ ସୁମନ ? ତୁମ ଉପନ୍ୟାସ ବହି ଉଦ୍‌ଘାଟନ ପାଇଁ ପବ୍ଲିସରଙ୍କୁ ମନ୍ତ୍ରୀ କିମ୍ବା ଅନ୍ୟ କେହି ସାହିତ୍ୟିକ ମିଳିଲେ ନାହିଁ ?"

"ରେବନାନୀ ଜଣେ ବିଶିଷ୍ଟ ସମାଜସେବୀ ହୋଇଥିବାରୁ ପ୍ରକାଶକ ହୁଏତ ଚାହିଁଲେ ସେ ଆସନ୍ତୁ ।"

ସୁମନର ଏହି ଉପନ୍ୟାସର ଉଦ୍‌ଘାଟନ ଉତ୍ସବ ଉପଲକ୍ଷେ ସହରର ସଭାକକ୍ଷଟି ଲୋକାରଣ୍ୟ ହୋଇଥିଲା । ସମ୍ଭବତଃ ସେମାନେ ସମସ୍ତେ ରେବତୀ ଦେବୀଙ୍କୁ ଦେଖିବାକୁ ବ୍ୟଗ୍ରହୋଇ ଆସିଥିଲେ ।

ଅତ୍ୟନ୍ତ ବିଳମ୍ବରେ ପହଞ୍ଚିଥିବା ରେବତୀକୁ ମଞ୍ଚକୁ ପାଛୋଟି ନେଇଥିଲେ ନିଜେ ପ୍ରକାଶକ ମହାଶୟ । ସଭାସ୍ଥଳ ତାଳିରେ ପ୍ରକମ୍ପିତ ହେଲା । ସେତେବେଳେ ରେବତୀକୁ ଅପେକ୍ଷା ନକରି ଜଣେ ବିଶିଷ୍ଟ ସାହିତ୍ୟିକଙ୍କୁ ଅନୁରୋଧ କରଯାଇଥିଲା ବହିଟିର ଉଦ୍‌ଘାଟନ କରିବା ପାଇଁ ।

ସଭାପତିଙ୍କ ବିଶେଷ ଅନୁରୋଧରେ ନିଜେ ଲେଖିକା ସୁମନ ମିଶ୍ର ଏ ବହିର କିଛି ଅଂଶ ପଢି ଶୁଣାଉଥିଲେ......

"ରେବତୀର ଜୀବନର ଗତି ସ୍ୱତନ୍ତ୍ର । ଯେତେ ଦୁଃଖ, କଷ୍ଟ, ଅନ୍ତର୍ଦାହ ସହି ବଞ୍ଚିବାର ରାସ୍ତା ଫେରିପାଇଛି ସେ । ଜୀବନ ସଂଗ୍ରାମରେ ଘାତ, ପ୍ରତିଘାତକୁ ଆଡ଼େଇ ଦେଇ ବନ୍ୟାର ସ୍ରୋତ ଭଳି ସେ ଆଗେଇ ଆସିଛି । ସେ ସର୍ବଶକ୍ତିମୟୀ ନାରୀ, ସର୍ବଂସହା ଧରିତ୍ରୀ । ପ୍ରସ୍ଫୁଟିତ ପୁଷ୍ପର ହସରେ ଏ ସମାଜକୁ ମହକାଇ ଦେଇ ସେ କହିଛି, ମୁଁ ପାଇଛି । ଯାହା ପାଇଛି ଆଉ ହଜେଇ ଦେବାର ଭୟ ନାହିଁ । ତାକୁହିଁ ଗଣ୍ଠିଧନ କରି ସାଇତି ରଖିବି ଏ ଜୀବନର ଶେଷଯାଏ...... ।"

ରେବତୀର ପାଦ ସ୍ଥିର ହେଲା, ଚକ୍ଷୁଦ୍ୱୟ ଅଶ୍ରୁସଜଳ ହୋଇ ଉଠିଲା । ସୁମନ ଏ କ'ଣ ଲେଖିଛି ?

ଏବେ ସଭାପତିଙ୍କ ଅନୁରୋଧରେ କିଛି କହିବା ପାଇଁ ଯନ୍ତ୍ରଚାଳିତ ଭାବେ ମାଇକ୍ ପାଖକୁ ଉଠିଆସୁଥିଲା ରେବତୀ ।

□□□

Digitized by srujanika@gmail.com

ଶକୁନ୍ତଳା ପଣ୍ଡା (ଜନ୍ମ : ନଭେମ୍ବର, ୧୯୩୮)

ଗଳ୍ପ, ଉପନ୍ୟାସ ଲେଖିକା । ଏହାବ୍ୟତୀତ ପ୍ରବନ୍ଧ, ଆକାଶବାଣୀର ନାଟକ, ଶିଶୁସାହିତ୍ୟ ମଧ୍ୟ ରଚନା କରିଛନ୍ତି । ଗଳ୍ପ ଲେଖିକା ଭାବେ ବିଭିନ୍ନ ସାହିତ୍ୟ-ସଂସ୍ଥା ଦ୍ୱାରା ପୁରସ୍କୃତ ।

ଏକ ଅନୁବାଦ ଶିଶୁ-ଉପନ୍ୟାସ ଓଡିଶା ସରକାରଙ୍କର ଶିଶୁ ସାହିତ୍ୟ ସମିତି ଦ୍ୱାରା ପୁରସ୍କୃତ ।

ତାଙ୍କର ପ୍ରକାଶିତ ଗଳ୍ପପୁସ୍ତକ 'ସୂର୍ଯ୍ୟଶିଖା', 'ଅଂଧକାରର ରଂଗ', 'ଅନେକ ଦିନ ପରେ' । ଅନ୍ୟ ଦୁଇଟି ଗଳ୍ପ, ଏକ ଉପନ୍ୟାସ, ନାଟକ, ଫିଚର, ଶିଶୁଗଳ୍ପ ସଂକଳନ ଇତ୍ୟାଦି ପ୍ରକାଶ ପ୍ରତୀକ୍ଷାରେ ।

କେତେକ ଗଳ୍ପ ହିନ୍ଦି, ଇଂରାଜୀରେ ବିଭିନ୍ନ ପତ୍ର-ପତ୍ରିକାରେ ଅନୂଦିତ ହୋଇ ପ୍ରକାଶ ପାଇଛି ।

ଉତ୍କଳ ବିଶ୍ୱବିଦ୍ୟାଳୟରୁ ସ୍ନାତକ ଶିକ୍ଷା ପ୍ରାପ୍ତ । ତାଙ୍କ ସଂପାଦନାରେ ୧୯୭୫ ମସିହାରୁ ମାସିକ ଓଡିଆ ପତ୍ରିକା 'ସୁଚରିତା' ନିୟମିତ ପ୍ରକାଶ ପାଇ ଆସୁଛି ।

Digitized by srujanika@gmail.com